




# IWgû AZjûi

Wü. _i ^ Kcîe ùR^î







# ଓଡ଼ିଶା ଇତିହାସ

ଡ. ପ୍ରସନ୍ନ କୁମାର ଜେନା

ଆମରିସତ୍ୟ

ISBN 978-81-925120-5-1

# ଓଡ଼ିଶା ଇତିହାସ

**ଲେଖକ** : ଡ. ପ୍ରସନ୍ନ କୁମାର ଜେନା

© ସର୍ବସ୍ୱତ୍ୱ ଲେଖକଙ୍କ ଦ୍ୱାରା ସଂରକ୍ଷିତ

ପରିମାର୍ଜିତ ସଂସ୍କରଣ :

**ପ୍ରକାଶକ** : ଆମରିସତ୍ୟ, ଏମ୍ - ୧୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ : ପ୍ରାଣନାଥ କଲେଜ, ଜିଲା : ଖୋରଧା, ପିନ୍ : ୭୫୨୦୫୭

**ମୁଦ୍ରଣ** : ନିସ୍ୱାସ-ସେଡେକ୍ ପ୍ରେସ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୨୩

**ମଲାଟ ପରିକଳ୍ପନା ଓ ଅଲଙ୍କରଣ** : ରାଜୀବ ଲୋଚନ ରଥ

---

**ODISHA ITIHAS**
**Author** : Dr. Prasanna Kumar Jena
© *Copyrights reserved by author*
*Revised Edition : December 15, 2014*
**Published by :**
**AMARISATYA**
M-1/5, Mukunda Prasad Housing Board colony.
PO : P.N. College, Dt. : Khordha - 752057, Odisha
amarisatya@gmail.com/ amrisatya@rediffmail.com
Ph. : 06755 - 220980
**Printed at :**
NISWASS-CEDEC Press
3, Chandrasekharpur, Bhubaneswar-23, Dt. Khordha
**Cover Design** : Rajib Lochan Rath

---

**ଲେଖକଙ୍କ ଠିକଣା :**

ବାଇପାସ୍, ଜଟଣୀ ରୋଡ୍,

ପୋ : ପି.ଏନ୍. କଲେଜ, ଖୋରଧା - ୭୫୨୦୫୭

ଦୂରଭାଷ ନଂ - ୯୮୬୧୦୧୬୩୪୯ / ୯୪୩୯୩୬୧୫୯୯

ମୂଲ୍ୟ : ୨୦୦ ଟଙ୍କା / Price : ₹ 200.00

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| | **-: ପ୍ରଥମ ଭାଗ :-** | |
| ୨. | **ଉଡ୍ର, ଉତ୍କଳ, କଳିଙ୍ଗ, ତ୍ରିକଳିଙ୍ଗ, ତୋଷାଳି - କୋଶଳ** | ୯ |
| | (ମେଘ, ନଳ, ପର୍ବତଦ୍ୱାରକ, ଶରଭପୁରୀୟ) - **କଙ୍ଗୋଦ** (ଶୈଳୋଦ୍‌ଭବ ରାଜବଂଶ) | |
| ୩. | **ମହାଭାରତରେ ଓଡ଼ିଶା** | ୨୧ |
| ୪. | **ମହାଭାରତ ଯୁଦ୍ଧଠାରୁ କଳିଙ୍ଗଯୁଦ୍ଧ** | ୨୫ |
| ୫. | **କଳିଙ୍ଗଯୁଦ୍ଧ -** ଅଶୋକଙ୍କ ପର ଓଡ଼ିଶା | ୨୯ |
| ୬. | **କଳିଙ୍ଗ ସମ୍ରାଟ ମହାମେଘବାହନ ଐରଖାରବେଳ** | ୩୪ |
| | ଦିଗ୍‌ବିଜୟ, ଜନମଙ୍ଗଳ କାର୍ଯ୍ୟ | |
| ୭. | **ଓଡ଼ିଶା ଇତିହାସର ଅନ୍ଧକାରାଚ୍ଛନ୍ନଯୁଗ** | ୪୧ |
| | ଖାରବେଳଙ୍କପର ଓଡ଼ିଶା-**ଗୁପ୍ତଯୁଗ** ସମୟର ଓଡ଼ିଶା - **ମାଠର** ରାଜବଂଶ - **ମୁରୁଣ୍ଡ** ରାଜବଂଶ - ଗୁପ୍ତଯୁଗପର ଓଡ଼ିଶା - **ହର୍ଷବର୍ଦ୍ଧନ**ଙ୍କ ସମୟର ଓଡ଼ିଶା | |
| ୮. | **ତୋଷାଳୀର ଭୌମକର ରାଜବଂଶ** | ୪୯ |
| ୯. | **ମଣ୍ଡଳ ରାଜ୍ୟ/ଅଧିରାଜ୍ୟ** | ୫୪ |
| | ଖିଜିଙ୍ଗମଣ୍ଡଳ (ଫୁଲବାଣୀ, ବୌଦ, ସୋନପୁର) - ଖିଚିଙ୍ଗମଣ୍ଡଳ (କେନ୍ଦୁଝର, ମୟୂରଭଞ୍ଜ) - କୋଦାଳକ ମଣ୍ଡଳ (ତାଳଚେର, ଢେଙ୍କାନାଳ, ଅନୁଗୁଳ) - ଯମଗର୍ତ୍ତ ମଣ୍ଡଳ (ଢେଙ୍କାନାଳ, ଆଂଶିକ କେନ୍ଦୁଝର) - ଐରାବତ ମଣ୍ଡଳ (ଆଂଶିକ ଢେଙ୍କାନାଳ, ଆଶିଂକ କଟକ, ଆଶିଂକ ନୟାଗଡ଼) - ବଣାଇ ମଣ୍ଡଳ - ଶ୍ୱେତକ ମଣ୍ଡଳ (ସାନଖେମୁଣ୍ଡି, ବଡ଼ଖେମୁଣ୍ଡି, ଚିକିଟି) | |
| ୧୦. | **ସୋମବଂଶ/ପାଣ୍ଡୁବଂଶ** | ୬୨ |
| | ପ୍ରଥମ ଜନ୍ମେଜୟ - ପ୍ରଥମ ଯଯାତି - ଭୀମରଥ, ଧର୍ମରଥ, ନହୁଷ, ଇନ୍ଦ୍ରରଥ - ଦ୍ୱିତୀୟ ଯଯାତି - ଉଦ୍ୟୋତକେଶରୀ - ସୋମବଂଶ ଶାସନର ବୈଶିଷ୍ଟ୍ୟ | |
| ୧୧. | **ଗଙ୍ଗବଂଶ :** ଉତ୍କଳ ସମ୍ରାଟ ଅନନ୍ତବର୍ମନ ଚୋଡଗଙ୍ଗ ଦେବ | ୭୦ |
| | ତୃତୀୟ ଅନଙ୍ଗ ଭୀମଦେବ - ପ୍ରଥମ ନରସିଂହଦେବ - ପରବର୍ତ୍ତୀ ଗଙ୍ଗ ସମ୍ରାଟ - ଗଙ୍ଗ ସାମ୍ରାଜ୍ୟର ବିଶେଷତ୍ୱ | |
| ୧୨. | **ସୂର୍ଯ୍ୟବଂଶ/ଗଜପତିବଂଶ** | ୮୫ |
| | ଓଡ଼ିଶା ସମ୍ରାଟ କପିଳେନ୍ଦ୍ରଦେବ - ପୁରୁଷୋତ୍ତମଦେବ - ପ୍ରତାପରୁଦ୍ରଦେବ - ଶ୍ରୀଚୈତନ୍ୟ - ତୁକ୍‌କା - ଗଜପତି ରାଜତ୍ୱର ବିଶେଷତ୍ୱ | |
| ୧୩. | **ଭୋଇବଂଶ :-** ଗୋବିନ୍ଦ ବିଦ୍ୟାଧର - ମୁକୁନ୍ଦଦେବ - କଳାପାହାଡ | ୧୦୨ |
| | **-: ଦ୍ୱିତୀୟ ଭାଗ :-** | |
| ୧୪. | **ପରାଧିନ ଓଡ଼ିଶା - ଆଫଗାନ ଶାସନ** | ୧୦୯ |
| | ଭୋଇବଂଶ ଓ ଖୋର୍ଦ୍ଧା ରାଜ୍ୟ - ଦାଉଦ - କୁତୁଲ୍ଲୁଖାଁ ଲୋହାନୀ - ରାଜା ମାନସିଂହ - ମୋଗଲମାନଙ୍କର ଓଡ଼ିଶା ଅଧିକାର | |

୧୫. **ପରାଧିନ ଓଡ଼ିଶା - ମୋଗଲ ଶାସନ** ୧୧୩
ମୋଗଲ ଶାସିତ ଓଡ଼ିଶାର ମୁଖ୍ୟ ଘଟଣାବଳୀ - ନବାବଶାହୀ ଶାସନ
୧୬. **ପରାଧିନ ଓଡ଼ିଶା - ମରହଟ୍ଟା ଶାସନ** ୧୨୪
ମୀରହବୀବ - ଶେଓଭଟ୍ଟ ସାଠେ - ଭବାନୀ ପଣ୍ଡିତ - ଶମ୍ଭୁଜୀ ଗଣେଷ - ରାଜାରାମ ପଣ୍ଡିତ - ସଦାଶିବ ରାଓ
୧୭. **ପରାଧିନ ଓଡ଼ିଶା - ବ୍ରିଟିଶ ଶାସନ** ୧୩୧
ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକାର - ଓଡ଼ିଶାରେ ଇଂରେଜ ଶାସନ ବ୍ୟବସ୍ଥା - ନଅଙ୍କ ଦୁର୍ଭିକ୍ଷ - ଓଡ଼ିଆ ଜାତୀୟଭାବର ଉନ୍ମେଷ
୧୮. **ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ** ୧୪୬
ଓଡ଼ିଆ ଭାଷା ଆନ୍ଦୋଳନ - ଓଡ଼ିଆ ଆନ୍ଦୋଳନ - ଉତ୍କଳ ସମ୍ମିଳନୀ - ସମ୍ବଲପୁର ମିଶ୍ରଣ - ବିହାର ଓଡ଼ିଶା ପ୍ରଦେଶ ଗଠନ - ମଣ୍ଟେଗୁ ଚେମସଫୋର୍ଡ ଶାସନ ସଂସ୍କାର - ଫିଲିପିଡଫ କମିଟି - ସାଇମନ କମିଶନ - ପ୍ରଥମ ଗୋଲଟେବୁଲ ବୈଠକ - ଓଡ଼ିଶା ସୀମା କମିଟି/ଓ'ଡନେଲ କମିଟି - ଶ୍ୱେତପତ୍ର ଓ ଯୁଗ୍ମ ପାର୍ଲିଆମେଣ୍ଟ କମିଟି - ନୂତନ ପ୍ରଦେଶ
୧୯. **ବ୍ରିଟିଶ ଶାସନ ବିରୋଧି ବିଦ୍ରୋହ** ୧୬୩
ପାରଳାଖେମୁଣ୍ଡି - ଖୋର୍ଦ୍ଧା ଜୟୀରାଜଗୁରୁ - ଖୋର୍ଦ୍ଧା ପାଇକ ବିଦ୍ରୋହ ବକ୍ସି ଜଗବନ୍ଧୁ - ଘୁମୁସର-ଅନୁଗୁଳ-ସିପାହୀ ବିଦ୍ରୋହ ଓ ଓଡ଼ିଶା (ଚାଖି ଖୁଣ୍ଟିଆ - ସୁରେନ୍ଦ୍ର ସାଏ) କେନ୍ଦୁଝର (ରତନାମେଳି-ଧରଣୀମେଳି) - ମୟୂରଭଞ୍ଜ, ବାମଣ୍ଡା, ବଲାଙ୍ଗିର, କଳାହାଣ୍ଡି, ନୟାଗଡ଼, ରଣପୁର
୨୦. **ସ୍ୱାଧୀନତା ଆନ୍ଦୋଳନ -** ଅସହଯୋଗ ଆନ୍ଦୋଳନ - କନିକା ଆନ୍ଦୋଳନ ୧୭୬
- ଆଇନ ଅମାନ୍ୟ ଆନ୍ଦୋଳନ - ବ୍ୟକ୍ତିଗତ ସତ୍ୟାଗ୍ରହ - ଭାରତଛାଡ ଆନ୍ଦୋଳନ
୨୧. **ଗଡଜାତ ପ୍ରଜା ଆନ୍ଦୋଳନ** ୧୯୨
ଗଡଜାତରାଜ୍ୟ - ଶାସନ ବ୍ୟବସ୍ଥା - ପ୍ରଜାମଣ୍ଡଳ ଆନ୍ଦୋଳନ (୧୯୩୭-୩୯) - ଅଗଷ୍ଟ ବିପ୍ଳବ ଓ ପ୍ରଜାମଣ୍ଡଳ ଆନ୍ଦୋଳନ (୧୯୪୨) - ଦେଶ ବା ରାଜ୍ୟ ମିଶ୍ରଣ

## -: ତୃତୀୟ ଭାଗ :-

୨୨. **ସାଗର ସେପାରି ଓଡ଼ିଶା** ୨୦୭
ବ୍ରହ୍ମଦେଶ - କାମ୍ବୋଜ - ଚମ୍ପା - ଶ୍ୟାମ ଦେଶ - ଜାଭା, ସୁମତ୍ରା, ବାଲି, ବୋର୍ଣ୍ଣିଓ, ମାଳୟ - ସିଂହଳ - ଚୀନ୍ - ଇୟୁରୋପ ଓ ଆଫ୍ରିକା - ପଣ୍ୟ ଦ୍ରବ୍ୟ
୨୩. **ଓଡ଼ିଶାର ପୁରାତନ ବନ୍ଦର** ୨୧୫
ତାମ୍ରଲିପି - ଚେଲିତାଲୋ - ମାଣିକପାଟଣା, ଖାଲକାପାଟଣା - ଦନ୍ତପୁର ପାଲୁର - ପିଥୁଣ୍ଡ - ଇଉରୋପୀୟ ବଣିକମାନଙ୍କର ଆଗମନ - ପିପିଲି, ବାଲେଶ୍ୱର, ଧାମରା, ଫଲସ ପଏଣ୍ଟ, ପୁରୀ, ଚାନ୍ଦବାଲି, ହିଜଲି, ମନସୁରକୋଟା
୨୪. **ଓଡ଼ିଶାର ମନ୍ଦିର -** କ୍ରମବିକାଶ - ନିର୍ମାଣ ଶୈଳୀ ୨୨୧
୨୫. **ଓଡ଼ିଆ ଭାଷା ଓ ଲିପି** ୨୩୪
୨୬. **ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ** ୨୩୮
୨୭. **ଓଡ଼ିଶାର ଧର୍ମଧାରା** ୨୪୪
ଜୈନଧର୍ମ - ବୌଦ୍ଧଧର୍ମ - ଶୈବଧର୍ମ - ଶାକ୍ତଧର୍ମ - ବୈଷ୍ଣବଧର୍ମ - ଜଗନ୍ନାଥଧର୍ମ

# ପୂର୍ବାଭାସ

ଆଧୁନିକ ଓଡ଼ିଶା ପ୍ରଦେଶ ୧୭°୫୦'=୨୨°୩୪' ଅକ୍ଷାଂଶ ଓ ୮୧°୨୭'=୮୭°୩୮' ଦ୍ରାଘିମା ମଧ୍ୟରେ ଭାରତର ପୂର୍ବ ଉପକୂଳରେ ଅବସ୍ଥିତ। ୧୯୩୬ ମସିହା ଅପ୍ରେଲ ୦୧ ତାରିଖ ଦିନ ଛଅଗୋଟି ଜିଲ୍ଲାକୁ (କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁର) ନେଇ ଏହା ଗଠିତ ହୋଇଥିଲା। ୧୮୪୮ ମସିହା ଜାନୁୟାରୀ ୧ ତାରିଖ ଦିନ ମୟୂରଭଞ୍ଜ ବ୍ୟତୀତ ଅନ୍ୟ ଦେଶୀୟ କରଦରାଜ୍ୟ ଓ ୧୯୪୯ ମସିହା ଜାନୁୟାରୀ ୧ ତାରିଖ ଦିନ ମୟୂରଭଞ୍ଜ ରାଜ୍ୟର ମିଶ୍ରଣ ପରେ ୧୩ଟି ଜିଲ୍ଲା ବିଶିଷ୍ଟ ଆଧୁନିକ ଓଡ଼ିଶା ପ୍ରଦେଶ, ଏହାର ବର୍ତ୍ତମାନର ଆକାର ପ୍ରାପ୍ତ ହୋଇଥିଲା। ୧.୧.୧୯୯୩ ମସିହାରେ ପ୍ରଦେଶର ଜିଲ୍ଲା ସଂଖ୍ୟା ୩୦କୁ ବୃଦ୍ଧି ହୋଇଥିଲା। ପ୍ରାଚୀନ ଓଡ଼ିଶାର ଭୌଗୋଳିକ ପରିସୀମା ଏବେକାର ଓଡ଼ିଶା ପ୍ରଦେଶଠାରୁ ବୃହତ୍ତର ଓ ସୁବିସ୍ତୃତ ଥିଲା। ଉତ୍ତରରେ ଗଙ୍ଗା ନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଗଙ୍ଗରାଜା ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରେ ଏହା କୃଷ୍ଣା ନଦୀ ପର୍ଯ୍ୟନ୍ତ ଓ ଗଜପତି କପିଳେନ୍ଦ୍ରଦେବଙ୍କ ସମୟରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା। ବର୍ତ୍ତମାନର ଓଡ଼ିଶା ପ୍ରଦେଶ ସହିତ ପଶ୍ଚିମବଙ୍ଗର ବାଙ୍କୁରା, ମେଦିନାପୁର, ହାଓଡା ଓ ହୁଗୁଳି ଜିଲ୍ଲା; ଝାଡଖଣ୍ଡର ସିଂହଭୂମ ଜିଲ୍ଲା; ଛତିଶଗଡର ବିଳାସପୁର ଓ ରାୟପୁରର ପୂର୍ବାଞ୍ଚଳ ଏବଂ ଆନ୍ଧ୍ର ପ୍ରଦେଶର ଗୋଦାବରୀ ଓ ଭାଇଜାଗପଟ୍ଟମ୍ ଜିଲ୍ଲା ପ୍ରାଚୀନ ଓଡ଼ିଶା ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା।

ବହୁ ପୁରାତନ କାଳରୁ ଓଡ଼ିଶାରେ ସଭ୍ୟତାର ବିକାଶ ଘଟିଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରେ (କଳାହାଣ୍ଡିର ଗୁଡହାଣ୍ଡି, ସମ୍ବଲପୁରର ବିକ୍ରମଖୋଲ ଓ ଉଲାପଗଡ; ସୁନ୍ଦରଗଡର ମାଣିକମେଡା ଓ ସୁଲଭଡିହି; ମୟୂରଭଞ୍ଜର ବଇଦିପୁର ଓ ଖିଚିଙ୍ଗ; କେନ୍ଦୁଝରର ଚମ୍ପୁଆ; ପୁରୀ ଜିଲ୍ଲାର ଶିଶୁପାଳଗଡ଼, ଉଦୟଗିରି; ଗଞ୍ଜାମ ଜିଲ୍ଲାର ଜଉଗଡ; ସୋନପୁରର ଖମ୍ବେଶ୍ୱରୀ ଓ ଅନ୍ୟାନ୍ୟ ବହୁସ୍ଥାନ) ପ୍ରସ୍ତରଯୁଗୀୟ, ତାମ୍ରଯୁଗୀୟ ତଥା ଲୌହଯୁଗୀୟ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଉପକରଣ (କୁରାଢି, ବର୍ଚ୍ଛା, ଛୁରୀ, ନିହାଣ, ମାଟିପାତ୍ର ଓ ଗହଣା ଇତ୍ୟାଦି) ଆବିଷ୍କୃତ ହୋଇଅଛି। ଗୁଡହାଣ୍ଡି, ବିକ୍ରମଖୋଲ ଓ ଯୋଗୀମଠ ଠାରେ ପ୍ରସ୍ତରଯୁଗୀୟ ଶୈଳଚିତ୍ର ମାନ ଦେଖାଯାଏ। ଏସବୁ ଓଡ଼ିଶାର ପ୍ରାଚୀନ ସଭ୍ୟତାର ପ୍ରମାଣ। ଏହା ବ୍ୟତୀତ ବହୁସ୍ଥାନରେ ଥିବା ପ୍ରାଚୀନ ଯୁଗର ଐତିହାସିକ ଉପାଦାନ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରିନାହିଁ।

ଭାରତର ଜାତୀୟ ଇତିହାସକୁ ଓଡ଼ିଶାର ଅବଦାନ ବହୁତ। ଇତିହାସର ଗତି ପରିବର୍ତ୍ତନକାରୀ ଅନେକ ଘଟଣା ଓଡ଼ିଶାରେ ଘଟିଥିଲା। ଏହିଠାରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ। କଳିଙ୍ଗ ବୌଦ୍ଧଧର୍ମର ଏକ ମୁଖ୍ୟ କେନ୍ଦ୍ରଭାବରେ ଗଢ଼ିଉଠିଥିଲା। ଏହିଠାରୁ ଭାରତ ଓ ଭାରତ ବାହାରେ ଅହିଂସା ଓ ଶାନ୍ତିର ବାର୍ତ୍ତା ପ୍ରଚାର ଓ ପ୍ରସାର ହେଲା। ଅଶୋକଙ୍କ ପରି ଏଇ ମାଟିରେ ସମ୍ରାଟ ହର୍ଷବର୍ଦ୍ଧନ ମଧ୍ୟ କଙ୍ଗୋଦ ବିଜୟ ପରେ ତାଙ୍କର ଯୁଦ୍ଧନୀତି ପରିହାର କରିଥିଲେ। କଳିଙ୍ଗ ସମ୍ରାଟ ଖାରବେଳ ତାଙ୍କର ମଗଧ ଅଭିଯାନକୁ ସ୍ଥଗିତ ରଖି ମଥୁରା ନଗରୀକୁ ବିଦେଶୀ ଯବନ (ଗ୍ରୀକ୍) ମାନଙ୍କ ହାତରୁ ମୁକ୍ତ କରିଥିଲେ। ଏହା ତାଙ୍କର ଦେଶପ୍ରେମ ଓ ସର୍ବଭାରତୀୟ ଭାବର ପ୍ରମାଣ ଥିଲା। ମଧ୍ୟଯୁଗରେ ମୁସଲମାନ ଆକ୍ରମଣରେ ଯେତେବେଳ ଉତ୍ତର ଭାରତରେ ଅନେକ ରାଜ୍ୟ, ମନ୍ଦିର ଓ ଧର୍ମପୀଠ ଧ୍ୱଂସ ହେଉଥିଲା, ସେତେବେଳେ ଓଡ଼ିଶାରେ ଅନେକ ବୃହତ୍ତ ମନ୍ଦିରମାନ ନିର୍ମାଣ ହେଉଥିଲା। ସବୁଧର୍ମର ବିକାଶ ହେଉଥିଲା, ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଅଭ୍ୟୁଦୟ ହୋଇଥିଲା। ପ୍ରାୟ ୩୦୦ ବର୍ଷ ଧରି ଓଡ଼ିଶା ହିନ୍ଦୁଧର୍ମର ଆଶ୍ରୟ ଓ ବିକାଶର କ୍ଷେତ୍ର ଥିଲା। ଆଜିର ଓଡ଼ିଶା ପ୍ରଦେଶ ହେଉଛି ଭାଷାଭିତ୍ତିରେ ଗଠିତ ଭାରତର ପ୍ରଥମ ପ୍ରଦେଶ। ଏହିଠାରୁ ଦେଶରେ ଭାଷା ବିଚାରରେ ପ୍ରଦେଶ ଗଠନ ପକ୍ରିୟା ଆରମ୍ଭ ହେଲା। ସ୍ୱାଧୀନତା ପ୍ରାପ୍ତି ସମୟରେ ଛଅଶହରୁ ଅଧିକ ସ୍ୱୟଂଶାସିତ କରଦ ରାଜ୍ୟ ସ୍ୱାଧୀନ ଭାରତ ସରକାର ସହିତ ନ ମିଶି ସ୍ୱାଧୀନ ଭାବେ ରହିବାକୁ ଉଦ୍ୟମ କଲେ। କେତେକଙ୍କ ମତରେ ସେତେବେଳେ ଭାରତ ଦୁଇଭାଗରେ ନୁହେଁ ତିନିଭାଗରେ (ଭାରତ, ପାକିସ୍ତାନ ଓ ଆଦିସ୍ଥାନ) ବିଭକ୍ତ ହେବାର ସ୍ଥିତି ଉପୁଜିଥିଲା। ଏହି ମହାନ ସମସ୍ୟାର ସମାଧାନ ସୂତ୍ର ଓଡ଼ିଶାରୁ ହିଁ ମିଳିଥିଲା। ଦେଶୀୟ ରାଜ୍ୟଗୁଡ଼ିକର ପ୍ରଦେଶ ସହିତ ମିଶ୍ରଣ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହୋଇଥିଲା। ଫଳରେ ଦେଶର ଅଖଣ୍ଡତା ଓ ସଂହତି ପ୍ରତିଷ୍ଠା ସମ୍ଭବ ହୋଇଥିଲା।

ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଓଡ଼ିଶାର ମହାନ ଅବଦାନ ଥିଲା। ଭାରତରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି କୁହାଯାଉଥିବା ସିପାହୀ ବିଦ୍ରୋହ ଓଡ଼ିଶାରେ ଘଟିନଥିଲେ ମଧ୍ୟ ପୁରୀର ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଓ ଜୋରହାଟର ଜଗୁ ଦିବାନ ବା ଜଗବନ୍ଧୁ ପଟ୍ଟନାୟକଙ୍କର ବୈପ୍ଲବିକ କାର୍ଯ୍ୟକଳାପ ସିପାହୀ ବିଦ୍ରୋହକୁ ଓଡ଼ିଶାର ସ୍ମରଣୀୟ ଅବଦାନ ଥିଲା। ଏହାର ବହୁ ପୂର୍ବରୁ ଖୋର୍ଦ୍ଧାର ସ୍ୱାଧୀନତା ଓ ସ୍ୱାଭିମାନ ରକ୍ଷାପାଇଁ ୧୮୦୪ ମସିହାରେ ଜୟୀ ରାଜଗୁରୁ ଇଂରେଜ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରି ସହିଦ ହୋଇଥିଲେ। ସେ ହେଉଛନ୍ତି ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ପ୍ରଥମ ସହୀଦ। ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧାରେ ହୋଇଥିବା ପାଇକ ବିଦ୍ରୋହ ଇଂରେଜ ଶକ୍ତି ବିରୁଦ୍ଧରେ ଅନ୍ୟ ଏକ ମହାନ ଆନ୍ଦୋଳନ ଥିଲା। ଭାରତୀୟ ଜାତୀୟ କଂଗ୍ରେସ ନେତୃତ୍ୱରେ ହୋଇଥିବା ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାର ଅବଦାନ ମହତ୍ତ୍ୱପୂର୍ଣ୍ଣ ଥିଲା। ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଅପ୍ରତ୍ୟାଶିତ ସଫଳତା ପାଇଥିଲା। ଲବଣ ସତ୍ୟାଗ୍ରହରେ ଓଡ଼ିଶାର ଉଲ୍ଲେଖନୀୟ ଅବଦାନ ଥିଲା। ଇଞ୍ଚୁଡି ଲବଣ

ସତ୍ୟାଗ୍ରହ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ (ଦାଣ୍ଡି ସତ୍ୟାଗ୍ରହ ପ୍ରଥମ) ଅଧିକାର କରିଥିଲା। ଭାରତଛାଡ ଆନ୍ଦୋଳନରେ ଓଡ଼ିଶାରେ ୪୨୫୭ ଜଣ (୬୪ ମହିଳା) ବନ୍ଦୀ ହୋଇଥିଲେ, ଜଣେ (ଲକ୍ଷ୍ମଣ ନାୟକ) ଫାଶୀ ପାଇଥିଲେ, ନଅଟି ସ୍ଥାନରେ ଗୁଳିଚାଳନାରେ ୭୪ ଜଣ ମୃତ୍ୟୁବରଣ କରିଥିଲେ, ୨୨୭୫୦ ଟଙ୍କା ଜୋରିମାନା ଆଦାୟ ହୋଇଥିଲା।

ଭାରତୀୟ ସଂସ୍କୃତିର ବିକାଶ କ୍ଷେତ୍ରରେ ଓଡ଼ିଶାର ଅବଦାନ ଉଲ୍ଲେଖନୀୟ। ପ୍ରାଚୀନ ଭାରତର ୪ ଗୋଟି ସଂସ୍କୃତି (ଅବନ୍ତୀ, ପାଞ୍ଚାଳୀ, ଉଡ୍ର-ମାଗଧି ଓ ଦାକ୍ଷିଣାତ୍ୟ) ମଧ୍ୟରେ ଉଡ୍ର-ମାଗଧି ସଂସ୍କୃତି ପୂର୍ବଭାରତର ସଂସ୍କୃତି ଥିଲା। ଓଡ଼ିଶାରେ ଜୈନଧର୍ମ, ବୌଦ୍ଧଧର୍ମ, ଶୈବଧର୍ମ, ବୈଷ୍ଣବଧର୍ମ ଓ ଶାକ୍ତଧର୍ମ ବିକାଶ ଲାଭ କରିଥିଲା। ଓଡ଼ିଶା ସବୁଧର୍ମର ମିଳନ ସ୍ଥଳ ଥିଲା। ଅଶୋକଙ୍କ ସମୟରେ ବୌଦ୍ଧଧର୍ମ, ଖାରବେଳଙ୍କ ସମୟରେ ଜୈନଧର୍ମ, ସୋମବଂଶୀମାନଙ୍କ ସମୟରେ ଶୈବଧର୍ମ ଓ ଗଙ୍ଗମାନଙ୍କ ସମୟରେ ବୈଷ୍ଣବଧର୍ମ ଲୋକପ୍ରିୟ ଓ ରାଜ୍ୟଧର୍ମରେ ପରିଣତ ହୋଇଥିଲା। ସବୁଧର୍ମର ସମନ୍ୱୟରେ ଓଡ଼ିଶାରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଉତ୍ପତ୍ତି ହୋଇଥିଲା।

କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ କ୍ଷେତ୍ରରେ ସମଗ୍ର ଦେଶରେ ଓ ଦେଶ ବାହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଓ ପରିଚୟର ଅଧିକାରୀ। ଓଡ଼ିଶାର ମନ୍ଦିର ସ୍ଥାପତ୍ୟ, ଭାରତର ଚାରିଶ୍ରେଣୀର ମନ୍ଦିରଶୈଳୀ (ନାଗର, ବେସର, ଦାକ୍ଷିଣାତ୍ୟ ଓ କଳିଙ୍ଗ) ମଧ୍ୟରେ ଅନ୍ୟତମ। ମନ୍ଦିର ବ୍ୟତୀତ ବହୁସଂଖ୍ୟକ ଗୁମ୍ଫା, ସ୍ତୁପ, ଚୈତ୍ୟ, ବିହାର, ଦୁର୍ଗ ଆଦି ଓଡ଼ିଶାର ନିର୍ମାଣ କଳା ଓ ଦକ୍ଷତାର ପ୍ରମାଣ ବହନ କରେ। କଳାରେ ଉତ୍କର୍ଷତା ଲାଭ କରିଥିବାରୁ ଦେଶର ନାମ ଉତ୍କଳ। ଓଡ଼ିଶାର ନୃତ୍ୟ, ସଙ୍ଗୀତ ଏହାର ନିଜସ୍ୱ ସ୍ୱତନ୍ତ୍ର ଶୈଳୀ ପାଇଁ ବିଖ୍ୟାତ। ଖାରବେଳଙ୍କ ସମୟରେ ଖଣ୍ଡଗିରି ଓ ଉଦୟଗିରିରେ ଖୋଦିତ ନୃତ୍ୟଚିତ୍ର ଏହାର ପ୍ରାଚୀନତା ପ୍ରମାଣ କରେ। ଓଡ଼ିଶୀ ନୃତ୍ୟ ବହୁ ପୁରାତନ ଓ ଶାସ୍ତ୍ରୀୟ। ଓଡ଼ିଶୀ ନୃତ୍ୟପରି ଓଡ଼ିଶୀ ସଙ୍ଗୀତ ମଧ୍ୟ ବହୁ ପୁରାତନ ଓ ବିଶିଷ୍ଟ ପରମ୍ପରାସମ୍ପନ୍ନ। ଏହାର ରାଗ, ଛନ୍ଦ, ତାଳ, ଭାବ ଓ ସ୍ୱରରେ ଉତ୍କଳୀୟ ସ୍ୱତନ୍ତ୍ରତା ବିରାଜମାନ। ଓଡ଼ିଆ ଭାଷା ଓ ଓଡ଼ିଆ ଲିପି ଭାରତର ଅନ୍ୟତମ ପ୍ରାନ୍ତୀୟ ଓ ଆଞ୍ଚଳିକ ଭାଷା ଓ ଲିପି। ପ୍ରାଚୀନ ପାଲିଭାଷା ଓଡ଼ିଶାର ଭାଷା ଥିଲା ଓ ଏହା ଓଡିଶାରୁ ସିଂହଳକୁ ଯାଇ ବୌଦ୍ଧ ସାହିତ୍ୟର ଭାଷା ହୋଇଥିଲା ବୋଲି ଅନେକଙ୍କର ମତ। ଓଡ଼ିଆ ଭାଷା ଭାରତର ଏକ ବହୁ ପୁରାତନ ଶାସ୍ତ୍ରୀୟ ଭାଷା।

ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ଅଭିଯାନ ଓ ସାମୁଦ୍ରିକ ବାଣିଜ୍ୟ ଏକଦା ସମଗ୍ର ଦେଶରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ମହୋଦଧି ବା ପୂର୍ବସାଗର (ଆଧୁନିକ ବଙ୍ଗୋପସାଗର) କଳିଙ୍ଗୋଦଧି ଓ କଳିଙ୍ଗ ସାଗର ନାମରେ ପରିଚିତ ଥିଲା। ଏହା ଉପରେ କଳିଙ୍ଗର ଆଧିପତ୍ୟ ପ୍ରତିଷ୍ଠା ହୋଇଥିଲା। ଦୁଃସାହସୀ କଳିଙ୍ଗବାସୀ ଦକ୍ଷିଣପୂର୍ବ ଏସୀୟ ରାଜ୍ୟମାନଙ୍କ ସହିତ ବାଣିଜ୍ୟ କାରବାର କରିବା ସହିତ ସେଠାରେ ଉପନିବେଶ ପ୍ରତିଷ୍ଠା କରିଥିଲେ ଓ ଭାରତୀୟ ଧର୍ମ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଥିଲେ। ଇଉରୋପ ଓ ଆଫ୍ରିକା ସହିତ ମଧ୍ୟ କଳିଙ୍ଗର ବାଣିଜ୍ୟିକ ସମ୍ପର୍କ ଥିଲା।

ଏହିପରି ସବୁ ଯୁଗରେ ଭାରତୀୟ ସଭ୍ୟତା, ସଂସ୍କୃତି ଓ ଇତିହାସକୁ ସମୃଦ୍ଧ ଓ ବିସ୍ତାରିତେ କରିବାରେ ଓଡ଼ିଶା ମହତ୍ତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ବିଡମ୍ବନାର ବିଶୟ ହେଉଛି, ଯଶ ଓ ଗୌରବ ମଣ୍ଡିତ ଓଡ଼ିଶା ସାମ୍ରାଜ୍ୟର ପତନ (୧୫୬୮) ପରେ ଓଡ଼ିଶା ପରାଧିନ ହେଲା, ଖଣ୍ଡବିଖଣ୍ଡିତ ହେଲା ଓ ଅରାଜକ ହୋଇଗଲା । ବିଭାଜିତ ଓଡ଼ିଆ ଅଞ୍ଚଳ ଭିନ୍ନ ଭିନ୍ନ ପ୍ରଶାସନ ଅଧିନରେ ରହିଲା । ନିଜର ସ୍ୱତନ୍ତ୍ର ସ୍ଥିତି ଓ ରାଜନୈତିକ ସ୍ୱୀକୃତି ହରାଇଲା । ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନେ ଓଡ଼ିଶା ଉପରେ ଶାସନ କଲେ । ସମସ୍ତେ ବିଦେଶୀ ଥିଲେ, ଅଧିକ ରାଜସ୍ୱ ଆଦାୟ ସେମାନଙ୍କର ମୁଖ୍ୟ ଲକ୍ଷ୍ୟଥିଲା । ଅଞ୍ଚଳର ବିକାଶ ଗୌଣ ଥିଲା । ବିଭାଜିତ ଓଡ଼ିଶା ଅବହେଳା, ଅଣହେଳା, ଅତ୍ୟାଚାର ଓ ଶୋଷଣର ଶୀକାର ହେଲା । ଓଡ଼ିଆ ଜାତି ଶକ୍ତିହୀନ, ଅତୀତ ଗୌରବ ବିସ୍ମୃତ ଓ ନିର୍ବାକ ହୋଇଗଲା । ଏହା ଇତିହାସର ବିଡମ୍ବନା ଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟ ଭାବର ଉନ୍ମେଷ ହେଲା । ସବୁ ଓଡ଼ିଆ ଅଞ୍ଚଳକୁ ଏକାଠି କରି ଗୋଟିଏ ପ୍ରଶାସନ ଅଧିନ ଓ ପରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଉଦ୍ୟମ ହେଲା । ଅବଶେଷରେ ୧୯୩୬ ମସିହା ଅପ୍ରେଲ ୧ ତାରିଖ ଦିନ ଅସମ୍ପୂର୍ଣ୍ଣ ହେଲେ ମଧ୍ୟ ଆଧୁନିକ ଓଡ଼ିଶା ପ୍ରଦେଶର ଜନ୍ମ ହେଲା । ଦୀର୍ଘ ୩୬୮ ବର୍ଷପରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜନୈତିକ ପରିଚୟ ଓ ସ୍ୱୀକୃତି ମିଳିଲା ।

**ନିଜକଥା :** ସତ କହିବାକୁ ଗଲେ ଓଡ଼ିଶା ଇତିହାସ ବହିଟିଏ ଲେଖିବାକୁ କୌଣସି ପୂର୍ବ ଯୋଜନା ବା ପ୍ରସ୍ତୁତି ନଥିଲା । ଗବେଷଣାମୂଳକ, ପାଠ୍ୟକ୍ରମ ସମ୍ବନ୍ଧୀୟ ଓଡ଼ିଶା ଇତିହାସ ଉପରେ ବହୁ ଉପାଦେୟ ବହି ଅଛି । କିନ୍ତୁ ସାଧାରଣ ଓଡ଼ିଆ ପାଠକମାନଙ୍କ ପାଇଁ ଓଡ଼ିଆ ଭାଷାରେ ଲିଖିତ ବହିର ସଂଖ୍ୟା ନଗଣ୍ୟ । ସେହିମାନଙ୍କ ପାଇଁ ଏ ବହିଟି ଉଦ୍ଦିଷ୍ଟ ।

ବହିଟିକୁ ପ୍ରସ୍ତୁତ କରିବା ପଛରେ ଅନେକଙ୍କର ପ୍ରେରଣା ଓ ପ୍ରୋତ୍ସାହନ ଅଛି । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ ଓ ଆଉ ଜଣେ ହେଲେ ଶ୍ରୀଯୁକ୍ତ ସତ୍ୟବାଦୀ ବଳିୟାରସିଂହ ।

ପାଠକମାନଙ୍କୁ ଅନୁରୋଧ ବହିଟିରେ କିଛି ଭୁଲଭାଲ ଥିଲେ, ଆବଶ୍ୟକ ସଂଶୋଧନ ଓ ଉନ୍ନତିକରଣ ପାଇଁ ନିଜର ମତାମତ ପଠାଇବାକୁ ଭୁଲିବେ ନାହିଁ ।

**ବନ୍ଦେ ଉତ୍କଳ ଜନନୀ**

**ଡ. ପ୍ରସନ୍ନ କୁମାର ଜେନା**

# ଉଡ୍ର, ଉତ୍କଳ, କଳିଙ୍ଗ, କୋଶଳ, କଙ୍ଗୋଦ... ଓଡିଶା

ଅପ୍ରେଲ ୧ ତାରିଖ ୧୯୩୬ ମସିହାରେ ଗଠିତ ଓ ୧.୧.୧୯୪୯ରେ ବର୍ତ୍ତମାନର ରୁପ ପାଇଥିବା ଆଧୁନିକ ଓଡିଶା ପ୍ରଦେଶର ଆଞ୍ଚଳିକ ପରିସୀମା ଠାରୁ, ପୁରାତନ ଓ ମଧ୍ୟଯୁଗରେ ଓଡିଶାର ଆକାର ବୃହତ୍ତର ଓ ସୁବିସ୍ତୃତ ଥିଲା। ଉତ୍ତର ଦିଗରେ ଗଙ୍ଗାନଦୀଠାରୁ ଦକ୍ଷିଣ ଦିଗରେ ଗୋଦାବରୀ ନଦୀ (ବେଳେ ବେଳେ କୃଷ୍ଣା ଓ କାବେରୀ ନଦୀ ପର୍ଯ୍ୟନ୍ତ) ପଶ୍ଚିମ ଦିଗରେ ଅମର କଣ୍ଟକ ଠାରୁ ପୂର୍ବରେ ମହୋଦଧି ବା କଳିଙ୍ଗୋଦଧି (ଆଧୁନିକ ବଙ୍ଗୋପସାଗର) ପର୍ଯ୍ୟନ୍ତ ବିସ୍ତୃତ ଥିଲା। ପୁରାତନ ଓଡିଶା ଓ ଏହାର ବିଭିନ୍ନ ଅଞ୍ଚଳ ବିଭିନ୍ନ ସମୟରେ କଳିଙ୍ଗ, ଉତ୍କଳ, ଉଡ୍ରଦେଶ, ତୋଷାଳି, କଙ୍ଗୋଦ, ତ୍ରିକଳିଙ୍ଗ ଓ କୋଶଳ ନାମରେ ବିଦିତ ଥିଲା।

ପ୍ରାଚୀନ ପୁରାଣ ସାହିତ୍ୟରେ ଓଡିଆ ରାଜ୍ୟ ମାନଙ୍କର ଉତ୍ପତ୍ତି ସମ୍ବନ୍ଧରେ ଅନେକ ଉପାଖ୍ୟାନ ଦେଖିବାକୁ ମିଳିଥାଏ। ବୈବସ୍ୱତ ମନୁଙ୍କର ଦଶଜଣ ପୁତ୍ରଙ୍କ ମଧ୍ୟରୁ ସୁଦ୍ୟୁମ୍ନ କିଂ ପୁରୁଷ ଥିଲେ। ପୁରୁଷ ସୁଦ୍ୟୁମ୍ନଙ୍କର ଉତ୍କଳ, ବିନିତାଶ୍ୱ ଓ ଗୟା ନାମରେ ତିନି ପୁତ୍ର ଥିଲେ। ସୁଦ୍ୟୁମ୍ନଙ୍କର ପୁତ୍ର ଉତ୍କଳ ପୂର୍ବ ଭାରତରେ ଉତ୍କଳ ରାଜ୍ୟ ପ୍ରତିଷ୍ଠା କରିଥିଲେ। ନାରୀ ରୂପରେ (ଇଳା) ସେ ପୁରୁରବାଙ୍କର ଜନନୀ ଥିଲେ। ପୁରୁରବା ଆଲ୍ଲାହାବାଦ ଠାରେ ପୁରୁରୁବା ପ୍ରତିଷ୍ଠାନ ରାଜ୍ୟ ସ୍ଥାପନା କରିଥିଲେ। ତାଙ୍କର ଜଣେ ବଂଶଧର (ରାଜା ଅନୁ) ପୂର୍ବାଞ୍ଚଳରେ ଅଣ୍ୱରାଜ୍ୟ ଗଠନ କରିଥିଲେ। ଅଣ୍ୱ ବଂଶର ରାଜା ବଳି ନିଃସନ୍ତାନ ଥିଲେ। ସେ ଋଷି ଦୀର୍ଘତମଙ୍କୁ ନିୟୋଗ ପ୍ରଥାରେ ରାଣୀ ସୁଦେଷ୍ଣାଙ୍କୁ ମାତୃତ୍ୱ ପ୍ରଦାନ କରିବାକୁ ଅନୁରୋଧ କଲେ। ରାଣୀ ପାଞ୍ଚପୁତ୍ରଙ୍କର ଜନନୀ ହେଲେ। ଏହି ପୁତ୍ରମାନେ ହେଲେ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ। ସେମାନେ ସେମାନଙ୍କର ନାମାନୁସାରେ ପୂର୍ବଭାରତରେ ପାଞ୍ଚଗୋଟି ରାଜ୍ୟ ପ୍ରତିଷ୍ଠା କରିଥିଲେ। ଭାଗବତ ପୁରାଣ ଅନୁସାରେ ସୁଦେଷ୍ଣା ଛଅ ଜଣ ପୁତ୍ରଙ୍କୁ ଜନ୍ମ ଦେଇଥିଲେ। ଷଷ୍ଠ ପୁତ୍ରର ନାମ ଥିଲା ଉଡ୍ର ଓ ସେ ଉଡ୍ର ରାଜ୍ୟ ପ୍ରତିଷ୍ଠା କରିଥିଲେ। ଉପରୋକ୍ତ ପୌରାଣିକ ଗଳ୍ପର ସତ୍ୟତା ପ୍ରତିଷ୍ଠା କରିବା କଠିନ। ପୁରାତନ ଯୁଗରେ ଓଡିଶାରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କ ମଧ୍ୟରେ କଳିଙ୍ଗ, ଉଡ୍ର ଓ ଉତ୍କଳ ସଂପ୍ରଦାୟ ପ୍ରଧାନ ଥିଲେ। ସେମାନେ ବସବାସ କରୁଥିବା ଅଞ୍ଚଳ ସେମାନଙ୍କର ନାମାନୁସାରେ କଳିଙ୍ଗ, ଉତ୍କଳ ଓ ଉଡ୍ର ନାମରେ ନାମିତ ହୋଇଥିଲା।

## ଉଡ୍ର

ଓଡିଶାର ଏକ ପ୍ରାଚୀନ ଉପଜାତିର ନାମ ଉଡ୍ର ଥିଲା। ପ୍ଲିନିଙ୍କର ବର୍ଣ୍ଣନାରେ ମଲ୍ଲ୍ୟସ ପର୍ବତ (ପାଲଲହଡାର ମଳୟଗିରି) ନିକଟରେ ଓରେଟସ ଜାତି (ସଂସ୍କୃତରେ ଉଡ୍ର) ବସବାସ କରୁଥିଲେ। ଉଡ୍ର ରାଜ୍ୟ ସାଧାରଣତଃ ମୟୁରଭଞ୍ଜ ଓ କେନ୍ଦୁଝରର ଦକ୍ଷିଣସୀମା ଠାରୁ ମହାନଦୀର ବାମପାର୍ଶ୍ୱ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଗୁପ୍ତ ଯୁଗରେ କେନ୍ଦୁଝର ଓ ଢେଙ୍କାନାଳକୁ ନେଇ ଉଡ୍ର ଅଞ୍ଚଳ ବିନ୍ଧ୍ୟାଟବୀ ରାଜ୍ୟନାମରେ ପରିଚିତ ଥିଲା।

ସପ୍ତମ ଶତାବ୍ଦୀ ବେଳକୁ ହର୍ଷବର୍ଦ୍ଧନ ଉତ୍ତର ଓଡିଶାର ବୃହତ ଅଞ୍ଚଳ (ଦକ୍ଷିଣ ପଶ୍ଚିମବଙ୍ଗ, ବାଲେଶ୍ୱର ଓ କଟକର କେତେକ ଅଞ୍ଚଳ) ଅଧିକାର କରି ଏହାକୁ ଉଡ୍ର ବା ଓଡ୍ର ବିଷୟ ନାମରେ ନାମିତ କରିଥିଲେ। ନବମ ଶତାବ୍ଦୀ ବେଳକୁ ସୋମବଂଶୀ ରାଜା ପ୍ରଥମ ଜନ୍ମେଜୟ ବଉଦ ଫୁଲବାଣୀ ଅଞ୍ଚଳ ଅଧିକାର କରି ଏହାକୁ ଉଡ୍ର ଦେଶ ନାମରେ ନାମିତ କରିଥିଲେ। ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳ-ତୋଷାଳୀ ରାଜ୍ୟ ବିଭିନ୍ନ ଐତିହାସିକମାନଙ୍କ ଦ୍ୱାରା ଓଡ୍ରଦେଶ, ଉର୍ଡବିଷ୍ଣୁ, ଓଡବିଷ, ଓଡ୍ୟଦେଶ, ଜାଜନଗର ଉଡିଶା ଭାବରେ ବର୍ଣ୍ଣିତ ହୋଇଅଛି। ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ସମଗ୍ର ଓଡିଶା "ଓଡିଶା ରାଜ୍ୟ ବା ଓଡିଶା ରାଷ୍ଟ୍ର" ନାମରେ ନାମିତ ହୋଇଥିଲା।

ପ୍ରାଚୀନ ଓଡ୍ର, ସପ୍ତମ ଶତାବ୍ଦୀର ଓଡ୍ର ଓ ନବମ ଶତାବ୍ଦୀର ଓଡ୍ର ଅଞ୍ଚଳ ଏକ ନଥିଲା। ବିଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳ ଓଡ୍ର ନାମରେ ପରିଚିତ ଥିଲା। ବାହାରର ଆକ୍ରମଣକାରୀମାନେ ଯେଉଁ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଆକ୍ରମଣ ବା ଅଧିକାର କରୁଥିଲେ, ତାହାକୁ ଓଡ୍ର ବା ଉଡ୍ରଦେଶ ବା ଓଡ୍ରବିଷୟ ନାମରେ ନାମିତ କରୁଥିଲେ।

ଆଧୁନିକ 'ଓଡିଶା' ନାମ ଉଡ୍ର ବା ଓଡ୍ର ଶବ୍ଦରୁ ଆନୀତ।

## ଉତ୍କଳ

ପ୍ରାଚୀନ ଓଡିଶାରେ ଉତ୍କଳ ଏକ ସ୍ୱତନ୍ତ୍ର ଜନପଦ ଥିଲା। ବିନ୍ଧ୍ୟ ପୃଷ୍ଠ ନିବାସୀ କାରୁଷ, ଉତ୍ତମାର୍ଣ୍ଣ ଓ ମେକଳମାନଙ୍କ ନିକଟରେ ଉତ୍କଳ ଉପଜାତି ବାସ କରୁଥିଲେ ବୋଲି ମତ୍ସ୍ୟ ଓ ବାୟୁ ପୁରାଣରେ ବର୍ଣ୍ଣନା ଅଛି। ବୌଦ୍ଧଗ୍ରନ୍ଥ "ବିନୟ ପିଟକ"ରେ, ଉତ୍କଳ ଜନପଦର ଦୁଇଜଣ ବଣିକ ତପସୁ ଓ ଭଲ୍ଲିକ ବାଣିଜ୍ୟ ଉଦ୍ଦେଶ୍ୟରେ ମଧ୍ୟଦେଶକୁ ଯାଇଥିବାବେଳେ ଗୌତମ ବୁଦ୍ଧଙ୍କ ସଂସ୍ପର୍ଶରେ ଆସି ବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିବାର ବର୍ଣ୍ଣନା ଅଛି। ଉତ୍କଳର ବସୁ ଓ ଭଞ୍ଜ ଜାତି ସମ୍ବନ୍ଧରେ 'ମଝିକା ନିକାୟ'ରେ ଉଲ୍ଲେଖ

ଅଛି । କିନ୍ତୁ ଏହିସବୁ ବର୍ଣ୍ଣନାରେ ଉତ୍କଳର ନିର୍ଦ୍ଦିଷ୍ଟ ଅବସ୍ଥିତି ସମ୍ବନ୍ଧରେ ସୂଚନା ମିଳେ ନାହିଁ। କାଳିଦାସଙ୍କ 'ରଘୁବଂଶ'ରେ ଇକ୍ଷାକୁ ରାଜା ରଘୁ କପିଶା ନଦୀ (ମେଦିନିପୁର ଜିଲ୍ଲାର କସାଇ) ପାରହୋଇ ଉତ୍କଳରେ ପହଞ୍ଚି ସେଠାରୁ କଳିଙ୍ଗ ଯାତ୍ରା କରିଥିଲେ ବୋଲି ବର୍ଣ୍ଣନା ଅଛି। ଏଥିରୁ ଅନୁମିତ; ଉତ୍କଳ ବଙ୍ଗରାଜ୍ୟର ଦକ୍ଷିଣରେ ଅବସ୍ଥିତ ଥିଲା । ଏହା ମୟୁରଭଞ୍ଜ, ନୀଳଗିରି, କେନ୍ଦୁଝରର କେତେକାଂଶ ସହିତ ଗାଙ୍ଗପୁର ରାଜ୍ୟ (ସୁନ୍ଦରଗଡ) ପର୍ଯ୍ୟନ୍ତ ବିସ୍ତୃତ ଥିଲା। ମେଦିନିପୁର ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲାର କିଛି ଅଞ୍ଚଳ ଏହାର ଅନ୍ତର୍ଭୁକ୍ତ ଥିଲା।

ହର୍ଷବର୍ଦ୍ଧନଙ୍କ ସମୟରେ ଦଣ୍ଡଭୁକ୍ତି ମଣ୍ଡଳ (ମେଦିନିପୁର) ଓ ଉତ୍କଳ, ଉଡ୍ର ବିଷ୍ଣୁ ବା ଉଡ୍ର ବିଷୟ ନାମରେ ନାମିତ ହୋଇଥିଲା। ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଉତ୍କଳ, ଭୌମକର ଶାସିତ ଅମିତ ତୋଷଳର ଅଂଶ ଥିଲା ଓ ଉତ୍ତର ତୋଷାଳି ରୂପେ ନାମିତ ହୋଇଥିଲା। ଭୌମକରମାନଙ୍କ ପରେ ସୋମବଂଶୀମାନେ ଉତ୍ତର ତୋଷାଳିକୁ ପୁନର୍ବାର ଉତ୍କଳ ନାମରେ ନାମିତ କରିଥିଲେ। ଗଙ୍ଗରାଜା ଅନନ୍ତ ବର୍ମନ ଚୋଡଗଙ୍ଗଦେବ ସମଗ୍ର ଓଡିଶା ଅଧିକାର କରିବା ପରେ, ତାଙ୍କ ସାମ୍ରାଜ୍ୟର ନାମ **'ଉତ୍କଳ'** ରଖିଲେ। ଦ୍ୱାଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଗୌରବମୟ ଗଙ୍ଗ ସାମ୍ରାଜ୍ୟରୟର ନାମ ଉତ୍କଳ ଥିଲା। ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବ ଉତ୍କଳ ରାଜ୍ୟର ନାମ ପରିବର୍ତ୍ତନ କରି **'ଓଡିଶା'** ରଖିଥିଲେ।

## କଳିଙ୍ଗ

ପ୍ରାଚୀନ ଭାରତରେ କଳିଙ୍ଗ ଏକ ଶକ୍ତିଶାଳୀ ଓ ମହାନ୍ ରାଜ୍ୟ ଥିଲା। ଓଡିଶାରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କ ମଧ୍ୟରେ କଳିଙ୍ଗ ଜାତି ଏକ ଶ୍ରେଷ୍ଠ ଓ ମୁଖ୍ୟ ଜାତି ଥିଲା। ଏମାନେ ପୁରୀ ଜିଲ୍ଲା ଚିଲିକାହ୍ରଦ ଠାରୁ ଗଞ୍ଜାମ ଓ ଉତ୍ତର ଆନ୍ଧ୍ରପ୍ରଦେଶ ସମୁଦ୍ର ଉପକୂଳ ଅଞ୍ଚଳରେ ପୁରାତନ ଯୁଗରୁ ବାସ କରୁଥିଲେ। ଏମାନେ ଏକ ଦୁର୍ଦ୍ଧର୍ଷ ଓ ସାହସୀ ଜାତି ଥିଲେ। ସଂସ୍କୃତ ସାହିତ୍ୟରେ 'କଳିଙ୍ଗାଃ ସାହସିକାଃ' ରୂପେ ବର୍ଣ୍ଣିତ କଳିଙ୍ଗା ଜାତି ଏକ ସୁବିସ୍ତୃତ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଏହାର ରାଜଧାନୀ ଦନ୍ତକୁର ବା ଦନ୍ତପୁର (ଆଧୁନିକ ପାଲୁର) ଠାରେ ଅବସ୍ଥିତ ଥିଲା। କଳିଙ୍ଗ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ପୂର୍ବରେ ମହୋଦଧି ବା କଳିଙ୍ଗୋଦଧି ବା କଳିଙ୍ଗ ସାଗର (ଆଧୁନିକ ବଙ୍ଗୋପସାଗର) ଏହାର ପୂର୍ବ ସୀମା ଓ ଅମର କଣ୍ଟକ ପଶ୍ଚିମ ସୀମା ଥିଲା।

ଗ୍ରୀକ୍ ଐତିହାସିକମାନଙ୍କ ବର୍ଣ୍ଣନାରେ ତିନିଗୋଟି କଳିଙ୍ଗ ଯଥା - ଗଙ୍ଗରିଡାଇ କଳିଙ୍ଗ (ଗଙ୍ଗାନଦୀର ମୁହାଣ ଅଞ୍ଚଳ), ମକ୍କୋ କଳିଙ୍ଗ ଓ କଳିଙ୍ଗ (ସମୁଦ୍ର ନିକଟରେ)

ବିଷୟରେ ଉଲ୍ଲେଖ ଅଛି । ସବୁ କଳିଙ୍ଗ ରାଜ୍ୟ ଗୋଟିଏ ପରିସୀମା ମଧ୍ୟରେ ଅବସ୍ଥିତ ଥିଲେ ଓ ଏହାର ଅଧିବାସୀମାନେ କଳିଙ୍ଗ ଜାତି ରୂପେ ପରିଚିତ ଥିଲେ । ଖ୍ରୀ:ପୂ ତୃତୀୟ ଶତାବ୍ଦୀରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ ଓ ଧର୍ମାଶୋକରେ ପରିବର୍ତ୍ତିତ ହୋଇଥିଲେ । ଖ୍ରୀ:ପୂ ପ୍ରଥମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କ ସମୟରେ କଳିଙ୍ଗ ସାମ୍ରାଜ୍ୟ ରାଜନୈତିକ କ୍ଷମତାର ଚରମସୀମାରେ ପହଞ୍ଚିଥିଲା । ତାଙ୍କପରେ କଳିଙ୍ଗ ବିଖଣ୍ଡିତ ଓ ସଂକୁଚିତ ହୋଇଗଲା । ଗଙ୍ଗରିଡାଇ କଳିଙ୍ଗର କିଛି ଅଂଶ ବଙ୍ଗରାଜ୍ୟ ସହିତ ମିଶିଗଲା । ବଙ୍ଗର ଦକ୍ଷିଣକୁ ଉତ୍କଳ-ତୋଷାଳୀ ଓ ଉତ୍କଳର ଦକ୍ଷିଣରେ କଳିଙ୍ଗ (ମହାନଦୀ ଠାରୁ ଗୋଦାବରୀ) ଅବସ୍ଥିତ ଥିଲା । ଖ୍ରୀଷ୍ଟୀୟ ଷଷ୍ଠ ଶତକ ମଧ୍ୟ ଭାଗରେ ମହାନଦୀଠାରୁ ମହେନ୍ଦ୍ରଗିରି ମଧ୍ୟରେ ଶୈଳୋଦ୍‌ଭବ ରାଜବଂଶ କଙ୍ଗୋଦ ରାଜ୍ୟ ପ୍ରତିଷ୍ଠା କଲେ । ଫଳରେ କଳିଙ୍ଗ ରାଜ୍ୟ ମହେନ୍ଦ୍ରଗିରି ଠାରୁ ଗୋଦାବରୀ ନଦୀ ମଧ୍ୟରେ ସୀମିତ ହେଲା ଓ ପ୍ରାଚ୍ୟ ଗଙ୍ଗବଂଶ ସେଠାରେ ଶାସନ କରୁଥିଲେ । ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ବେଳକୁ ଉତ୍କଳ-ତୋଷଳର ଭୌମକର ରାଜବଂଶ କଙ୍ଗୋଦ ଅଧିକାର କଲେ । ଭୌମକର ଓ ପରେ ସୋମବଂଶ ଦ୍ୱାରା ଶାସିତ ତୋଷାଳି/ଉତ୍କଳ ସହିତ ଗଙ୍ଗବଂଶ ଦ୍ୱାରା ଶାସିତ କଳିଙ୍ଗ ମଧ୍ୟରେ କ୍ଷମତା ଓ ପ୍ରାଧାନ୍ୟ ନିମିତ୍ତ ସଂଗ୍ରାମ ଆରମ୍ଭ ହୋଇଥିଲା । ଦ୍ୱାଦଶ ଶତାବ୍ଦୀର ପ୍ରଥମଭାଗରେ କଳିଙ୍ଗର ଅନନ୍ତବର୍ମନ ଚୋଡଗଙ୍ଗଦେବ ଉତ୍କଳ ଅଧିକାର କରି ସମଗ୍ର ଓଡିଶାକୁ ଏକ ଶାସନାଧିନ କଲେ । କଳିଙ୍ଗ ସାମ୍ରାଜ୍ୟ ପୁନର୍ବାର ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାରିତ ହେଲା ଓ କଳିଙ୍ଗ ପରିବର୍ତ୍ତେ ଉତ୍କଳ ନାମରେ ନାମିତ ହେଲା । ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ରଦେବ ଉତ୍କଳ ରାଜ୍ୟକୁ ଓଡିଶା ରାଷ୍ଟ୍ର ନାମରେ ନାମିତ କରିଥିଲେ ।

## ତ୍ରିକଳିଙ୍ଗ

ତ୍ରିକଳିଙ୍ଗ ନାମରେ ଅନ୍ୟ ଏକ ରାଜ୍ୟ ଓଡିଶାରେ ଅବସ୍ଥିତ ଥିବାର ବର୍ଣ୍ଣନା ମିଳେ । କଳିଙ୍ଗ ଓ କୋଶଳର କେତେଜଣ ରାଜାଙ୍କର ଉପାଧି ତ୍ରିକଳିଙ୍ଗାଧିପତି ଥିଲା । ସାଧାରଣତଃ କଳାହାଣ୍ଡି, କୋରାପୁଟ ଓ ବସ୍ତର ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଉକ୍ତ ରାଜ୍ୟ ଅବସ୍ଥିତ ଥିଲା ବୋଲି ଅନେକଙ୍କର ମତ । କୋରାପୁଟ ଜିଲ୍ଲାର ପୂର୍ବାଞ୍ଚଳରେ ପ୍ରବାହିତ ଝଞ୍ଜାବତୀ ନଦୀ (ନାଗାବଳୀ ନଦୀର ଏକ ଉପଶାଖା) ଓ ବସ୍ତର ଓ କୋରାପୁଟ ମଧ୍ୟରେ ପ୍ରବାହିତ ବେଦମତି (ଇନ୍ଦ୍ରାବତୀ) ନଦୀ ମଧ୍ୟସ୍ଥ ଅଞ୍ଚଳ ତ୍ରିକଳିଙ୍ଗ ରାଜ୍ୟ ଥିଲା । ପ୍ରାଚୀନ ଯୁଗରେ ଏହା ବିଦ୍ୟାଧର ରାଜ୍ୟ ରୂପେ ଅଭିହିତ ଥିଲା । ନଳ ରାଜାମାନଙ୍କର ରାଜଧାନୀ

ପୁଷ୍କରୀ (ପୋତାଗଡ) ଏହିଠାରେ ଅବସ୍ଥିତ ଥିଲା। କଳିଙ୍ଗ, କୋଶଳ ଓ ଉତ୍କଳର ମଧ୍ୟ ସ୍ଥଳରେ ଅବସ୍ଥିତ ଥିବାରୁ ଏହାର ରାଜନୈତିକ ଓ ସାମରିକ ଗୁରୁତ୍ୱ ଯଥେଷ୍ଟ ଥିଲା।

## ତୋଷାଳି/ତୋଷଳ

କଳିଙ୍ଗ ବିଜୟ ପରେ ସମ୍ରାଟ ଅଶୋକ କଳିଙ୍ଗକୁ ତୋଷାଳି ଓ ସମପା ନାମରେ ଦୁଇଟି ପ୍ରଶାସନିକ ଅଞ୍ଚଳରେ ବିଭକ୍ତ କରିଥିଲେ। ଧଉଳିଗିରି ଓ ଏହାର ଚତୁପାର୍ଶ୍ୱସ୍ଥ ଏକ ବୃହତ୍ତ ଅଞ୍ଚଳକୁ (ପୁରୀ, କଟକ ଓ ଗଞ୍ଜାମ ଜିଲ୍ଲାର କିଛି ଅଞ୍ଚଳ) ନେଇ ତୋଷାଳୀ ଗଠିତ ହୋଇଥିଲା (ଖ୍ରୀ:ପୂ ତୃତୀୟ ଶତାବ୍ଦୀ)। ଉତ୍କଳର ଦକ୍ଷିଣସୀମା ଓ କଳିଙ୍ଗର ଉତ୍ତରସୀମା ମଧ୍ୟରେ ତୋଷାଳି ଅବସ୍ଥିତ ଥିଲା।

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ତୋଷାଳିରେ ଭୌମକର ରାଜବଂଶ ପ୍ରତିଷ୍ଠା ହେଲା ଓ ତୋଷାଳି ଓଡିଶା ଇତିହାସରେ ଏକ ପ୍ରମୁଖ ଭୂମିକା ଗ୍ରହଣ କଲା। ଏହାର ଆଞ୍ଚଳିକ ପରିସୀମା ଗଙ୍ଗାଠାରୁ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ଓ ଏହା ଅମିତ ତୋଷାଳୀ ନାମରେ ବିଦିତ ଥିଲା। ମହାନଦୀର ଉତ୍ତରସ୍ଥ ଅଞ୍ଚଳକୁ (ଉତ୍କଳ) ଉତ୍ତର ତୋଷାଳୀ ଓ ମହାନଦୀର ଦକ୍ଷିଣାଞ୍ଚଳକୁ ଦକ୍ଷିଣ ତୋଷାଳି କୁହାଯାଉଥିଲା।

ଅଷ୍ଟମ ଶତାବ୍ଦୀ ଠାରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଉଭୟ ତୋଷାଳି ଭୌମକରମାନଙ୍କର ଶାସନାଧୀନ ଥିଲା। ଭୌମକରମାନଙ୍କ ପରେ ସୋମବଂଶୀମାନେ ଉତ୍ତର ତୋଷାଳିକୁ ଉତ୍କଳ ଓ ଦକ୍ଷିଣ ତୋଷାଳିକୁ କଙ୍ଗୋଦ ନାମରେ ନାମିତ କଲେ।



# କୋଶଳ

ପ୍ରାଚୀନ ଯୁଗରେ ବର୍ତ୍ତମାନର ପଶ୍ଚିମ ଓଡ଼ିଶା (ସମ୍ବଲପୁର, ବଲାଙ୍ଗିର, ସୁନ୍ଦରଗଡ଼, କଳାହାଣ୍ଡି ଓ କୋରାପୁଟର କିଛି ଅଞ୍ଚଳ) କୋଶଳ ରାଜ୍ୟର ଅଂଶ ଥିଲା । ରାମାୟଣ ବର୍ଣ୍ଣିତ ଅଯୋଧ୍ୟା ରାଜ୍ୟ ଶ୍ରୀରାମଚନ୍ଦ୍ରଙ୍କ ମୃତ୍ୟୁପରେ ଦୁଇଭାଇ ଲବ ଓ କୁଶଙ୍କ ମଧ୍ୟରେ ଭାଗ ହୋଇଥିଲା । ଲବ ଉତ୍ତର କୋଶଳରେ (ରାଜଧାନୀ ଶ୍ରୀବସ୍ତୀ ନଗର) ଓ କୁଶ ଦକ୍ଷିଣକୋଶଳରେ (ରାଜଧାନୀ କୁଶାବତୀ ବା କୁଶସ୍ଥଳିପୁର-ବିଳାସପୁର ଜିଲ୍ଲାର ମହ୍ଲାର ମହ୍ଲାରପତନ ନିକଟ) ଶାସନ କରିଥିଲେ। ପଶ୍ଚିମ ଓଡ଼ିଶା, ରାୟପୁର ଓ ବିଳାସପୁର ଅଞ୍ଚଳକୁ ନେଇ ଦକ୍ଷିଣ କୋଶଳ ଗଠିତ ହୋଇଥିଲା। ପରବର୍ତ୍ତୀ କାଳରେ ଦୁଇ ରାଜ୍ୟ ମଧ୍ୟରେ କାଶୀ ରାଜ୍ୟର ଅଭ୍ୟୁଦୟ ହେଲା। ଫଳରେ ଉତ୍ତର କୋଶଳ ଓ ଦକ୍ଷିଣ କୋଶଳ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଗଲେ। କାଳକ୍ରମେ ଉତ୍ତର କୋଶଳ ଦୁର୍ବଳ ହୋଇପଡ଼ିଲା ଓ ଏହାର ସ୍ଥିତି ଲୋପହେଲା । ମହାଭାରତ ଯୁଗରେ ଦକ୍ଷିଣ କୋଶଳ ହିଁ କୋଶଳ ରାଜ୍ୟ ନାମରେ ପରିଚିତ ଥିଲା । ମହାଭାରତ ଯୁଦ୍ଧରେ କୋଶଳର ରାଜା କୌରବଙ୍କ ପକ୍ଷରେ ଯୁଦ୍ଧ କରି ଅଭିମନ୍ୟୁଙ୍କ ଦ୍ୱାରା ନିହତ ହୋଇଥିଲେ। ତାଙ୍କପରେ ଇକ୍ଷ୍ୟାକୁ ବଂଶର ୩୦ ଜଣ ରାଜା କୋଶଳରେ ଶାସନ କରିଥିଲେ। ଏହି ବଂଶର ଶେଷରାଜା ସୁମିତ୍ରଙ୍କୁ ପରାଜିତ କରି ମହାପଦ୍ମନନ୍ଦ କୋଶଳକୁ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ।

କଳିଙ୍ଗ ବିଜୟ ପରେ ସମ୍ରାଟ ଅଶୋକ ଯୁଦ୍ଧନୀତି ପରିହାର କରିଥିଲେ । ପଶ୍ଚିମ ଓଡ଼ିଶା ଅଞ୍ଚଳ (ଆଟବିକ ରାଜ୍ୟ) ଆକ୍ରମଣ କରିନଥିଲେ। ଉକ୍ତ ଅବିଜିତ ଅଞ୍ଚଳର ଲୋକମାନଙ୍କ ପ୍ରତି ସ୍ନେହ, ଆନନ୍ଦ ଓ କ୍ଷମାନୀତି ଅନୁସରଣ କରିଥିଲେ। ଅଶୋକଙ୍କ ପରଠାରୁ ଖାରବେଳଙ୍କ ପର୍ଯ୍ୟନ୍ତ ପ୍ରାୟ ୨୦୦ ବର୍ଷର ଇତିହାସ ଅନ୍ଧକାରାବୃତ୍ତ । ଜୈନ ହରିବଂଶ ପୁରାଣର ବର୍ଣ୍ଣନାନୁସାରେ ପ୍ରାଚୀନ ଚେଦି ବଂଶର ଏକ ଶାଖା ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ କୋଶଳର ବିସ୍ତୃତ ଅଞ୍ଚଳକୁ ନେଇ ବିନ୍ଧ୍ୟପୃଷ୍ଠରେ ଏକ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଏହି ରାଜ୍ୟର ରାଜଧାନୀ ଶୁକ୍ତିମତୀ ନଦୀ (ଶୁକତେଲ) କୂଳରେ ଅବସ୍ଥିତ ଥିଲା । ଏହି ବଂଶରେ ବସୁ ନାମକ ଜଣେ ଧାର୍ମିକ ରାଜା ଥିଲେ । ତାଙ୍କ ପରେ ମହାମେଘବାହନ ରାଜା ହୋଇଥିଲେ । କଳିଙ୍ଗ ସମ୍ରାଟ ଖାରବେଳ, ମହର୍ଷି ବସୁଙ୍କ କୁଳରେ ଜନ୍ମ ହୋଇଥିଲେ ଓ ମହାମେଘବାହନ ତାଙ୍କର ପିତାମହ ଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖରେ ବର୍ଣ୍ଣନା ଅଛି । ହରିବଂଶ ପୁରାଣ ବର୍ଣ୍ଣିତ ଧାର୍ମିକ ବସୁ ଓ ମହାମେଘବାହନ; ହାତୀଗୁମ୍ଫା ଶିଳାଲେଖର ମହର୍ଷି ବସୁ ଓ ମହାମେଘବାହନ ସମାନ ବ୍ୟକ୍ତି ହୋଇପାରନ୍ତି । ଚେଦି ରାଜା

ମହାମେଘବାହନ କଳିଙ୍ଗ ଅଧିକାର କରି ସେଠାରେ ଚେଦିବଂଶର ରାଜତ୍ୱ ଓ ରାଜଧାନୀ କଳିଙ୍ଗ ନଗର ପ୍ରତିଷ୍ଠା କରିଥିବା ଅନୁମାନ କରାଯାଇପାରେ । ମହାମେଘବାହନ କଳିଙ୍ଗ ଚେଦିବଂଶର ପ୍ରତିଷ୍ଠାତା । ତାଙ୍କ ନାମାନୁସାରେ ଏହି ବଂଶକୁ ମହାମେଘବାହନ ବଂଶ କୁହାଯାଏ । ତାଙ୍କପରେ ଚେତରାଜ ବା ଚୈତ୍ୟରାଜ ଓ ଚେତରାଜଙ୍କ ପରେ ଖାରବେଳ କଳିଙ୍ଗର ସିଂହାସନ ଆରୋହଣ କରିଥିଲେ । ପଶ୍ଚିମ ଓଡ଼ିଶା (କୋଶଳ) ଖାରବେଳଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ।

ଖାରବେଳଙ୍କ ପରେ ମହାମେଘବାହନ ବଂଶର ବରଦତ୍ତଶିରି ନାମକ ଜଣେ ରାଜା କୋଶଳରେ ଶାସନ କରୁଥିଲେ । ସାତବାହନ ରାଜା ଗୌତମୀପୁତ୍ର ସାତକର୍ଣ୍ଣୀ କୋଶଳ ଅଧିକାର କରି ନିଜ ସାମ୍ରାଜ୍ୟଭୁକ୍ତ କରିଥିଲେ । ସାତବାହନ ଶକ୍ତିର ପତନ ପରେ (ଦ୍ୱିତୀୟ ଶତାବ୍ଦୀ) ଓଡ଼ିଶାରେ ରାଜନୈତିକ ବିଶୃଙ୍ଖଳା ସୃଷ୍ଟି ହେଲା । ଏହି ସମୟରେ କୋଶଳରେ ମେଘ ନାମକ ଏକ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ପୌରାଣିକ ବର୍ଣ୍ଣନାନୁସାରେ ସେଠାରେ ନଅ ଜଣ ମେଘରାଜା ଶାସନ କରିଥିଲେ । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ବେଳକୁ (ଗୁପ୍ତ ଯୁଗ) ପଶ୍ଚିମ ଓଡ଼ିଶାରେ ୩ ଗୋଟି ରାଜ୍ୟ ଅବସ୍ଥିତ ଥିଲା । ସେମାନେ ହେଲେ କୋଶଳ (ସମ୍ବଲପୁର, ରାୟପୁର, ବିଳାସପୁର), କାନ୍ତାର (ବଲାଙ୍ଗିର, କଳାହାଣ୍ଡି, ଫୁଲବାଣୀ) ଓ କୋରାଳ (ବିନିକା ବା ବିନୀତପୁର ନିକଟସ୍ଥ ସାନ କର୍ଲା ବଡ଼ କର୍ଲା)। ସମୁଦ୍ରଗୁପ୍ତ ତାଙ୍କର ଦକ୍ଷିଣ ଅଭିଯାନ ସମୟରେ ଉକ୍ତ ରାଜ୍ୟଗୁଡ଼ିକୁ ଜୟ କରିଥିଲେ । ସମୁଦ୍ରଗୁପ୍ତଙ୍କ ଅଭିଯାନପରେ ଉକ୍ତ ଅଞ୍ଚଳରେ ନୂତନ ରାଜନୈତିକ ଶକ୍ତିବିନ୍ୟାସ ହୋଇଥିଲା। ପଶ୍ଚିମ ଓଡ଼ିଶାରେ କୋଶଳ ରାଜ୍ୟର କିଛି ଅଂଶ ସହିତ କାନ୍ତାର ଅଞ୍ଚଳରେ ନଳ ବଂଶ ନାମରେ ଏକ ନୂତନ ରାଜବଂଶର ଅଭ୍ୟୁଦୟ ହୋଇଥିଲା ।

**ନଳ ରାଜବଂଶ :** ସମୁଦ୍ରଗୁପ୍ତଙ୍କ ଅଭିଯାନ ପରେ ପରେ କାନ୍ତାର ରାଜ୍ୟ ଅଞ୍ଚଳରେ ନଳରାଜବଂଶର ଶାସନ ପ୍ରତିଷ୍ଠା ହୋଇଥିଲା । ସେମାନେ ବଲାଙ୍ଗିର, କଳାହାଣ୍ଡି, କୋରାପୁଟ, ବସ୍ତର ଓ ଫୁଲବାଣୀର କେତେକ ଅଞ୍ଚଳ ଉପରେ ଶାସନ କରିଥିଲେ । ଏହି ରାଜ୍ୟର ରାଜଧାନୀ ପୁଷ୍କରୀ (କୋରାପୁଟର ପୋଡ଼ାଗଡ଼) ଠାରେ ଅବସ୍ଥିତ ଥିଲା । ନଳବଂଶର ବୃଷଭରାଜ ବା ବୃଷଭଧ୍ୱଜ, ବରାହରାଜ, ଭବଦତ୍ତ ବର୍ମନ, ଅର୍ଥପତି ରାଜ ଓ ସ୍କନ୍ଦ ବର୍ମନ କ୍ରମାନ୍ୱୟରେ ଶାସନ କରିଥିଲେ । ଏହି ବଂଶର ସର୍ବଶ୍ରେଷ୍ଠ ଶାସକ ଥିଲେ ଭଗଦତ୍ତ ବର୍ମନ । ତାଙ୍କ ସମୟରେ ନଳ ଓ ବାକାତକ ମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ସେ ବାକାତକ ରାଜା ନରେନ୍ଦ୍ର ସେନଙ୍କୁ ପରାଜିତ କରି ବାକାତକ ରାଜଧାନୀ

ନନ୍ଦିବର୍ଦ୍ଧନ ଅଧିକାର କରିନେଇଥିଲେ । ନରେନ୍ଦ୍ର ସେନଙ୍କ ପୁତ୍ର ପୃଥ୍ୱୀସେନ (୪୭୦-୪୯୦) ନଳମାନଙ୍କୁ ପରାଜିତ କରି ନିଜ ଦେଶରୁ ବହିଷ୍କାର କରିବା ସହିତ ନଳରାଜ୍ୟ ଆକ୍ରମଣ କରି ରାଜଧାନୀ ପୁଷ୍କରୀକୁ ଜାଳିପୋଡ଼ି ଧ୍ୱଂସ କରିଦେଲେ । ନଳବଂଶର ଶେଷ ରାଜା ସ୍କନ୍ଦ ବର୍ମନ ବାକାତକମାନଙ୍କୁ ବହିଷ୍କାର କରି ରାଜଧାନୀର ପୁନଃ ନିର୍ମାଣ କରିଥିଲେ । କିନ୍ତୁ ସମୟ ତାଙ୍କ ପ୍ରତି ଅନୁକୂଳ ନଥିଲା । ପଞ୍ଚମ ଶତାବ୍ଦୀର ଶେଷ ଆଡ଼କୁ ବାକାତକ ରାଜା ପରାକ୍ରମଶାଳୀ ହରିସେନ ନଳବଂଶର ଧ୍ୱଂସସାଧନ କରିଥିଲେ ।

**ପର୍ବତ ଦ୍ୱାରକ ରାଜବଂଶ :** ନଳବଂଶ ସହିତ ବାକାତକମାନଙ୍କର ସଂଘର୍ଷ ଚାଲିଥିବାବେଳେ କଳାହାଣ୍ଡି-ବଲାଙ୍ଗିର ଅଞ୍ଚଳରେ ପର୍ବତଦ୍ୱାରକ ନାମକ ଏକ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ସେମାନଙ୍କର ରାଜଧାନୀର ନାମଥିଲା ପର୍ବତଦ୍ୱାରକ । ରାଜଧାନୀର ନାମାନୁସାରେ ଉକ୍ତବଂଶକୁ ପର୍ବତଦ୍ୱାରକ ରାଜବଂଶ କୁହାଯାଏ । ଏହି ସ୍ଥାନକୁ ନର୍ଲା ନିକଟସ୍ଥ ଅସୁରଗଡ଼ ସହିତ ଚିହ୍ନିତ କରାଯାଏ । ପରେ ରାଜଧାନୀ ତରଭ୍ରମରକ (ଆଧୁନିକ ତଳଭ୍ରମର ଗ୍ରାମନିକଟ ରାଜପଦର) ନାମକ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା । ଷଷ୍ଠ ଶତାବ୍ଦୀରୁ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଏହି ରାଜବଂଶ ତିଷ୍ଠି ରହିଥିଲା । ସୋମବଂଶର ଅଭ୍ୟୁଦୟ ଫଳରେ ଉକ୍ତ ରାଜବଂଶର ପତନ ହୋଇଥିଲା ।

**ଶରଭପୁରୀୟ ରାଜବଂଶ :** ନଳବଂଶର ପତନ ପରେ କୋଶଳ ଅଞ୍ଚଳରେ (ପଶ୍ଚିମ ଓଡ଼ିଶା) ଦୁଇଟି ରାଜବଂଶର ଅଭ୍ୟୁଥାନ ହୋଇଥିଲା । କୋରାପୁଟ-ବସ୍ତର ଅଞ୍ଚଳରେ ପ୍ରାଚ୍ୟ ଗଙ୍ଗବଂଶ ଓ ସମ୍ବଲପୁର-ବଲାଙ୍ଗିର-କଳାହାଣ୍ଡି ଅଞ୍ଚଳରେ ଶରଭପୁରୀୟ ରାଜବଂଶ ଶାସନ ପ୍ରତିଷ୍ଠା ହେଲା । ଶରଭପୁରୀୟ ରାଜବଂଶ ବା ଅମରାର୍ଯ୍ୟ କୁଳ ରାଜବଂଶ ମହାରାଜ ଶରଭରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । କେତେକଙ୍କ ମତରେ ସେ ବାକାତକ ମହାରାଜ ହରିସେନଙ୍କର ଜଣେ ସେନାପତି ଥିଲେ ଓ ହରିସେନଙ୍କ ମୃତ୍ୟୁପରେ କୋଶଳରେ ଏକ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଅନ୍ୟ ମତରେ ସେ ଗୁପ୍ତ ସମ୍ରାଟ ବୁଧଗୁପ୍ତଙ୍କର ସେନାପତି ଥିଲେ । ରାଜ୍ୟର ରାଜଧାନୀର ନାମ ଥିଲା ଶରଭପୁର । ଏହି ନଗରୀର ଅବସ୍ଥିତି ସମ୍ବନ୍ଧରେ ମତଦ୍ୱୈଧ ଅଛି । ସମ୍ବଲପୁର, ସୁନ୍ଦରଗଡ଼ ନିକଟସ୍ଥ ସର୍ପଗଡ଼, କଳାହାଣ୍ଡି ଜିଲ୍ଲାର ଖରିଆଳ ନିକଟସ୍ଥ ମାରାଗୁଡ଼ା ପାର୍ବତ୍ୟାଞ୍ଚଳର ଜୁମାଲଗଡ଼, ଆନ୍ଧ୍ରର ଶରଭର ଗ୍ରାମ ଓ ମଧ୍ୟପ୍ରଦେଶର ଶ୍ରୀପୁର ପ୍ରାଚୀନ ଶରଭପୁର ହୋଇପାରେ ବୋଲି ଭିନ୍ନ ଭିନ୍ନ ମତ ଦେଖାଯାଏ । ରାଜଧାନୀର ନାମ ଓ ପ୍ରତିଷ୍ଠାତାଙ୍କର ନାମ ଅନୁସାରେ ଉକ୍ତ ବଂଶକୁ ଶରଭପୁରୀୟ ରାଜବଂଶ କୁହାଯାଏ ।

ଏହି ବଂଶର ପ୍ରତିଷ୍ଠାତା ଶରଭରାଜଙ୍କ (୫୦୦-୫୨୫) ପରେ ମହାରାଜା ନରେନ୍ଦ୍ର (୫୨୫-୫୫୦), ମହେନ୍ଦ୍ରାଦିତ୍ୟ (୫୫୦-୫୮୦), ପ୍ରସନମାତ୍ର (୫୮୦-୬୦୫) ଜୟରାଜ (୬୦୫-୬୩୦) ପ୍ରଥମ ସୁଦେବରାଜ (୬୩୦-୫୫) ଦୁର୍ଗରାଜ ଓ ଦ୍ୱିତୀୟ ସୁଦେବରାଜ କ୍ରମାନ୍ୱୟରେ କୋଶଳରେ ଶାସନ କରିଥିଲେ । ପ୍ରଥମ ସୁଦେବରାଜଙ୍କ ସମୟରେ ଭାଇ ପ୍ରବରରାଜ ବିଦ୍ରୋହ କରି ଶ୍ରୀପୁରଠାରେ ଏକ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କରି ଶାସନ କଲେ । ରାଜ୍ୟ ଦୁଇଭାଗରେ ବିଭକ୍ତ ହେଲା । ଏହି ଭାତୃବିବାଦ ଓ ବିଭାଜନ ହେତୁ ରାଜ୍ୟ ଦୁର୍ବଳ ହୋଇପଡ଼ିଲା ।

କୋଶଳର ପଡ଼ୋଶୀ ରାଜ୍ୟ ମେକଳର (ଶ୍ରୀପୁର ଅଞ୍ଚଳ) ପାଣ୍ଡୁବଂଶୀ (ସୋମବଂଶୀ) ଶାସକମାନଙ୍କ ସହିତ ଶରଭପୁରୀୟମାନଙ୍କର ସୁସମ୍ପର୍କ ଥିଲା । ବୈବାହିକ ସମ୍ବନ୍ଧ ଥିଲା । ପାଣ୍ଡୁବଂଶୀ ଇନ୍ଦ୍ରବଳଙ୍କ ସହାୟତାରେ ଦ୍ୱିତୀୟ ସୁଦେବରାଜ ଶ୍ରୀପୁର ଜୟକରି ଇନ୍ଦ୍ରବଳଙ୍କୁ ଶ୍ରୀପୁରର ପ୍ରଶାସକ ନିଯୁକ୍ତ କରିଥିଲେ । ଇନ୍ଦ୍ରବଳଙ୍କ ପରେ ନନ୍ନରାଜ ଓ ନନ୍ନରାଜଙ୍କ ପରେ ତୀବରଦେବ ଶ୍ରୀପୁରର (ମେକଳ) ଶାସକ ହୋଇଥିଲେ । ଦ୍ୱିତୀୟ ସୁଦେବରାଜ ଅପୁତ୍ରିକ ଥିଲେ । ତାଙ୍କର ମୃତ୍ୟୁପରେ ତୀବରଦେବ ଶରଭପୁର ରାଜ୍ୟକୁ ନିଜ ରାଜ୍ୟ ସହିତ ମିଶାଇଦେଲେ । ଶରଭପୁର ରାଜବଂଶର ପତନ ହେଲା । ପାଣ୍ଡୁବଂଶୀ (ସୋମବଂଶୀ) ଶାସନ ପ୍ରତିଷ୍ଠା ହେଲା । **ତୀବରଦେବ** କୋଶଳରେ ପାଣ୍ଡୁବଂଶର ପ୍ରତିଷ୍ଠା କଲେ । ପରେ ସୋମବଂଶୀ ବା ପାଣ୍ଡୁବଂଶୀମାନେ ଉପକୂଳ ଓଡ଼ିଶା ଅଧିକାର କରି ଓଡ଼ିଶାରେ ସୋମବଂଶୀ ଶାସନ ପ୍ରତିଷ୍ଠା କରିଥିଲେ ।





## କଙ୍ଗୋଦ

### (କଙ୍ଗୋଦ ମଣ୍ଡଳ - ଶୈଳୋଦ୍‌ଭବ ରାଜବଂଶ)

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଶେଷଆଡ଼କୁ ବାକାଟକ ରାଜା ହରିସେନ କଳିଙ୍ଗର ମାଠର ରାଜବଂଶ, କୋଶଳର ନଳ ରାଜବଂଶ ଓ ଉତ୍କଳର ମୁରୁଣ୍ଡ ରାଜବଂଶର ଧ୍ୱଂସ ସାଧନ କରିବା ପରେ ଓଡ଼ିଶାରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିଲା। ନୂଆ ନୂଆ ସ୍ଥାନୀୟ ରାଜବଂଶ : ଦୁର୍ଜୟ, ପ୍ରାଚ୍ୟଗଙ୍ଗ, ବିଗ୍ରହ, ମୁଦଗଳ ରାଜବଂଶମାନଙ୍କର ଉତ୍‌ଥାନ ହୋଇଥିଲା। ସେମାନଙ୍କ ମଧ୍ୟରେ କ୍ଷମତା ବିସ୍ତାର ପାଇଁ ସଂଘର୍ଷ ଚାଲିଲା। ଏହି ପରିସ୍ଥିତିରେ ଉତ୍କଳ / ତୋଷାଳି ଓ କଳିଙ୍ଗ ରାଜ୍ୟର ମଧ୍ୟସ୍ଥଳରେ (ପୁରୀ ଓ ଗଞ୍ଜାମ ଅଞ୍ଚଳ) ଚିଲିକାଠାରୁ ମହେନ୍ଦ୍ରଗିରି ମଧ୍ୟରେ କଙ୍ଗୋଦ ମଣ୍ଡଳ ନାମରେ ଏକ ଅଧିରାଜ୍ୟର ଅଭ୍ୟୁଦୟ ହୋଇଥିଲା। କ୍ରମଶଃ ଏହା ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ ହୋଇଥିଲା ଓ ଏକ ସମୟରେ ମହେନ୍ଦ୍ରଗିରି ଠାରୁ ମହାନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା। ଏହି ରାଜ୍ୟର ରାଜଧାନୀ କଙ୍ଗୋଦ (ଆଧୁନିକ ବଙ୍କାଡ଼) ଶାଳିମା ନଦୀ (ଶାଳିଆନଦୀ) କୂଳରେ ଅବସ୍ଥିତ ଥିଲା। କଳିଙ୍ଗ ଓ ଉଡ୍ର ରାଜ୍ୟ ମଧ୍ୟରେ ଅବସ୍ଥିତ ଥିବାରୁ ରାଜ୍ୟର ନାମ କଙ୍ଗୋଦ ହୋଇଥିଲା । ଅନ୍ୟ ମତରେ ଏଠାରେ ପ୍ରଚୁର ପରିମାଣରେ କଙ୍ଗୁର ବା ମହୁ (ତାମିଲ ଭାଷାରେ କଙ୍ଗୁର ଶବ୍ଦର ଅର୍ଥ ମହୁ) ମିଳୁଥିବାରୁ ଏହା କଙ୍ଗୋଦ ନାମରେ ପରିଚିତ ଥିଲା।

ପ୍ରଚଳିତ ଏକ କିମ୍ବଦନ୍ତୀ ଅନୁସାରେ ଶୈଳୋଦ୍‌ଭବ ନାମକ ଜଣେ ଦିବ୍ୟ ପୁରୁଷ କଙ୍ଗୋଦ ରାଜ୍ୟ ପ୍ରତିଷ୍ଠା କରିଥିଲେ। ତାଙ୍କ ନାମ ଅନୁସାରେ ରାଜବଂଶକୁ ଶୈଳୋଦ୍‌ଭବ ରାଜବଂଶ କୁହାଯାଏ। ପୁଳିନ୍ଦସେନ ନାମକ ଜଣେ ରାଜା ବା ଦଳପତି ତତ୍‌କାଳୀନ ରାଜନୈତିକ ଅସ୍ଥିରତାରୁ କଳିଙ୍ଗକୁ ଉଦ୍ଧାର କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଶିବଙ୍କ ଆଦେଶରେ ଏକ ବୃହତ୍ ଶୀଳା ଦୁଇଭାଗ ହୋଇଗଲା ଓ ତା ମଧ୍ୟରୁ ଜଣେ ଦିପ୍ତିମନ୍ତ ପୁରୁଷ ଆବିର୍ଭୁତ ହେଲେ। ଶୀଳା ମଧ୍ୟରୁ ଜନ୍ମହୋଇଥିବାରୁ ତାଙ୍କୁ ଶୈଳୋଦ୍‌ଭବ ଓ ତାଙ୍କ ବଂଶକୁ ଶୈଳୋଦ୍‌ଭବ ବଂଶ ବୋଲି ଅଭିହିତ କରାଯାଏ। ଅନ୍ୟମତରେ ପୁଳିନ୍ଦ ଓ ଶୈଳଜ ନାମକ ଦୁଇଟି ଆଦିବାସୀ ସଂପ୍ରଦାୟ ପାଖାପାଖି ଅଞ୍ଚଳରେ ବାସ କରୁଥିଲେ । ପୁଳିନ୍ଦମାନଙ୍କର ଦଳପତି ପୁଳିନ୍ଦସେନ, ଶୈଳଜମାନଙ୍କର ଦଳପତି ଶୈଳୋଦ୍‌ଭବଙ୍କୁ ରାଜା ବୋଲି ସ୍ୱୀକାର କଲେ। ଶୈଳୋଦ୍‌ଭବ ପୁଳିନ୍ଦସେନଙ୍କ ସାହାଯ୍ୟରେ ମହେନ୍ଦ୍ରଗିରି ନିକଟରେ ଏକ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କଲେ (ଆ. ୫୫୦ ଖ୍ରୀ.)।

କିମ୍ବଦନ୍ତୀ ଅନୁସାରେ ଶୈଳୋଦ୍‌ଭବ ବଂଶର ପ୍ରତିଷ୍ଠାତା ହେଉଛନ୍ତି ଶୈଳୋଦ୍‌ଭବ। ଅଭିଲେଖ ଅନୁସାରେ ଏହି ବଂଶର ପ୍ରଥମ ରାଜା ହେଉଛନ୍ତି ପ୍ରଥମ ଧର୍ମରାଜ ରଣଭୀତ (୫୫୦-୫୭୫) । ତାଙ୍କପରେ ପ୍ରଥମ ମାଧବରାଜ ସୈନ୍ୟଭୀତ (୫୭୫-୬୦୦), ଛରମ୍ପରାଜ ଅଯଶୋଭୀତ (୬୦୦-୬୧୫), ଦ୍ୱିତୀୟ ମାଧବରାଜ ସୈନ୍ୟଭୀତ (୬୧୫-୬୬୫), ପ୍ରଥମ ମଧ୍ୟମରାଜ ଅଯଶୋଭୀତ (୬୬୫-୬୯୫), ଦ୍ୱିତୀୟ ଧର୍ମରାଜ ମାନଭୀତ (୬୯୫-୭୨୫) ଓ ଦ୍ୱିତୀୟ ମଧ୍ୟମରାଜ କଙ୍ଗୋଦରେ ଶାସନ କରିଥିଲେ ।

କଙ୍ଗୋଦ ପ୍ରାୟତଃ ଏକ ସାମନ୍ତରାଜ୍ୟ ଥିଲା । ମଝିରେ ମଝିରେ ସ୍ୱାଧୀନ ରାଜ୍ୟର ମାନ୍ୟତା ହାସଲ କରିଥିଲା । ପ୍ରଥମେ ଶୈଳୋଦ୍‌ଭବମାନେ କଳିଙ୍ଗର ବିଗ୍ରହମାନଙ୍କର ସାମନ୍ତ ଥିଲେ । ତୋଷାଳୀର ମୁଦଗଳମାନଙ୍କ ସହିତ ବିଗ୍ରହମାନଙ୍କର ସଂଘର୍ଷ ବେଳେ ଛରମ୍ପରାଜ ଅଯଶୋଭୀତ (୬୦୦-୬୧୫) କଙ୍ଗୋଦକୁ ସ୍ୱାଧୀନ ଘୋଷଣା କଲେ । କର୍ଣ୍ଣସୁବର୍ଣ୍ଣର ଶାସକ ଶଶାଙ୍କଦେବ ତୋଷାଳୀ ଅଧିକାର କରିବା ପରେ କଙ୍ଗୋଦ ଶଶାଙ୍କଙ୍କର ସାର୍ବଭୌମତ୍ୱ ଗ୍ରହଣ କରିଥିଲା । ରାଜା ଦ୍ୱିତୀୟ ମାଧବରାଜ (୬୧୫-୬୬୫) ଶଶାଙ୍କଙ୍କର ମହାସାମନ୍ତ ଥିଲେ । ଶଶାଙ୍କର ମୃତ୍ୟୁପରେ ସେ ନିଜକୁ ସ୍ୱାଧୀନ ଘୋଷଣା କଲେ ଓ କଳିଙ୍ଗ ଅଧିକାର କରି "ସକଳ କଳିଙ୍ଗାଧିପତି" ଉପାଧି ଗ୍ରହଣ କରିଥିଲେ । କଳିଙ୍ଗର ପରାଜିତ ଗଙ୍ଗରାଜା, ଚାଲୁକ୍ୟ ରାଜ୍ୟରେ ଆଶ୍ରୟ ନେଇଥିଲେ ଓ ଅଳ୍ପକାଳ ପରେ ଚାଲୁକ୍ୟମାନଙ୍କର ସାହାଯ୍ୟରେ ପୁର୍ନବାର କଳିଙ୍ଗ ଅଧିକାର କରିଥିଲେ ।

ହର୍ଷବର୍ଦ୍ଧନ, ଦଣ୍ଡଭୁକ୍ତି (ମେଦିନିପୁର) ଓ ତୋଷାଳୀ-ଉତ୍କଳ ଜୟ କରିବା ପରେ ତାଙ୍କ ରାଜ୍ୟର ସୀମା କଙ୍ଗୋଦ ସୀମାକୁ ସ୍ପର୍ଶ କଲା । ଦକ୍ଷିଣରେ ଚାଲୁକ୍ୟରାଜା ଦ୍ୱିତୀୟ ପୁଲକେଶୀ ବେଙ୍ଗୀ (ଆନ୍ଧ୍ର) ଜୟ କରି ବଂଶଧାରା ନଦୀ ପର୍ଯ୍ୟନ୍ତ ନିଜର ପ୍ରଭାବ ବିସ୍ତାର କରିଥିଲେ । ଦୁଇ ଶକ୍ତିଶାଳୀ ରାଜ୍ୟ ମଧ୍ୟରେ କଙ୍ଗୋଦ ଅବସ୍ଥିତ ଥିଲା । ପ୍ରତ୍ୟେକ କଙ୍ଗୋଦ ଅଧିକାର କରିବାକୁ ଚାହୁଁଥିଲେ । ଦ୍ୱିତୀୟ ମାଧବରାଜ (ମାଧବବର୍ମନ) ଜଣଙ୍କ ବିରୁଦ୍ଧରେ ଅନ୍ୟ ଜଣଙ୍କର ସାହାଯ୍ୟ ନେଇ ନିଜର ସ୍ଥିତି ସୁରକ୍ଷିତ ରଖିବାରେ ସଫଳ ହୋଇଥିଲେ । ପୁଲକେଶୀଙ୍କ ମୃତ୍ୟୁପରେ (୬୪୨) ହର୍ଷ କଙ୍ଗୋଦ ଆକ୍ରମଣ କଲେ । ମାଧବରାଜ ପରାଜିତ ହୋଇ ହର୍ଷଙ୍କର ସାର୍ବଭୌମତ୍ୱ ଗ୍ରହଣ କଲେ । ଉଲ୍ଲେଖନୀୟ, କଙ୍ଗୋଦ ହର୍ଷବର୍ଦ୍ଧନଙ୍କର ହୃଦୟ ପରିବର୍ତ୍ତନ କରିଥିଲା । ଏହାପରେ ସେ ଦିଗ୍‌ବିଜୟରେ ମନ ନ ଦେଇ ଧର୍ମ ବିଜୟରେ ମନନିବେଶ କରିଥିଲେ । ଦ୍ୱିତୀୟ ମାଧବ ବର୍ମନଙ୍କ ସମୟରେ ହୁଏନସାଂ କଙ୍ଗୋଦ ପରିଭ୍ରମଣରେ ଆସିଥିଲେ ।

ଦ୍ୱିତୀୟ ଧର୍ମରାଜ ମାନଭୀତଙ୍କ ସମୟରେ (୬୯୫-୭୨୫) କଙ୍ଗୋଦ ଓ କୋଶଳ ମଧ୍ୟରେ ସଂଘର୍ଷ ହୋଇଥିଲା । ସିଂହାସନ ପାଇଁ ଧର୍ମରାଜ ଓ ମାଧବରାଜଙ୍କ ମଧ୍ୟରେ

ଗୃହଯୁଦ୍ଧ ହୋଇଥିଲା । କୋଶଳର ରାଜା, ବିଦ୍ରୋହୀ ଭ୍ରାତା ମାଧବରାଜଙ୍କୁ ସମର୍ଥନ କରି କଙ୍ଗୋଦ ଆକ୍ରମଣ କଲେ ଓ ପରାଜିତ ହେଲେ । ମାଧବରାଜ ଦେଶଛାଡ଼ି କୋଶଳରେ ଆଶ୍ରୟ ନେଲେ । କୋଶଳ ସହିତ ଯୁଦ୍ଧ ଓ ଗୃହଯୁଦ୍ଧ କଙ୍ଗୋଦକୁ ଦୁର୍ବଳ କରିଦେଲା । ଦ୍ୱିତୀୟ ଧର୍ମରାଜଙ୍କ ଉତ୍ତରାଧିକାରୀ ଦ୍ୱିତୀୟ ମଧ୍ୟମରାଜ ତୋଷାଳୀର ଭୌମକରମାନଙ୍କ ଦ୍ୱାରା ପରାଜିତ ହୋଇ କଳିଙ୍ଗ ରାଜ୍ୟରେ ଆଶ୍ରୟ ନେଲେ । ସେଠାରେ ଟିକାଲି ନିକଟ ନସୁନ୍ଦ ପର୍ବତ (ନନ୍ଦଗିରି) ଠାରେ ଗଙ୍ଗମାନଙ୍କର ସାମନ୍ତରୂପେ ଅବସ୍ଥାନ କରିଥିଲେ । କଙ୍ଗୋଦ ଭୌମକର ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ଶୈଳୋଦ୍‌ଭବ ବଂଶର ପତନ ହେଲା। ଭୌମକର ଶାସନ ପରେ ସୋମବଂଶୀମାନେ ଦକ୍ଷିଣ ତୋଷାଳୀକୁ କଙ୍ଗୋଦ ନାମରେ ପୁନଃ ନାମିତ କରିଥିଲେ। ଚୋଡ଼ଗଙ୍ଗଦେବ ତାଙ୍କ ରାଜ୍ୟର ନାମ ଉତ୍କଳ ରଖିବା ପରଠାରୁ କଙ୍ଗୋଦ ନାମର ବ୍ୟବହାର ଶେଷ ହେଲା।

ଶୈଳୋଦ୍‌ଭବ ରାଜତ୍ୱ, ଓଡ଼ିଶା ଇତିହାସରେ ଗୌରବମୟ ଯୁଗର ଶୁଭାରମ୍ଭ କରିଥିଲା। ଏହି ସମୟରେ କଳା, ସାହିତ୍ୟ, ଭାଷା, ଧର୍ମ, ସଂସ୍କୃତି କ୍ଷେତ୍ରରେ ବିକାଶ ଘଟିଥିଲା । ଶୈଳୋଦ୍‌ଭବ ରାଜାମାନେ ବ୍ରାହ୍ମଣ୍ୟଧର୍ମ ଓ ହିନ୍ଦୁ ସଂସ୍କୃତିର ପୃଷ୍ଠପୋଷକ ଥିଲେ । କଙ୍ଗୋଦରେ ହିନ୍ଦୁଧର୍ମର ଅଭ୍ୟୁଥାନ ହୋଇଥିଲା । ଶାସକମାନେ ଶିବ ଉପାସକ ଥିଲେ । ଏହି ସମୟରେ ଜୈନଧର୍ମ ଓ ବୌଦ୍ଧଧର୍ମର ପ୍ରଭାବ ହ୍ରାସ ହୋଇଥିଲା । କିନ୍ତୁ ସମ୍ପୂର୍ଣ୍ଣ ପ୍ରଭାବହୀନ ନଥିଲା । ଶୈଳୋଦ୍‌ଭବ ଶାସକମାନେ ଧର୍ମକ୍ଷେତ୍ରରେ ସହନଶୀଳ ଓ ସହାବସ୍ଥାନ ନୀତି ଅବଲମ୍ବନ କରିଥିଲେ । ଶୈଳୋଦ୍‌ଭବମାନଙ୍କ ସମୟରେ ଓଡ଼ିଶାର ମନ୍ଦିର ସ୍ଥାପତ୍ୟର ପ୍ରାଥମିକ ବିକାଶ ହୋଇଥିଲା । ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର, ପର୍ଶୁରାମେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିରମାନ ଏହି ସମୟରେ ନିର୍ମିତ ହୋଇଥିଲା । ଏହା ବ୍ୟତୀତ ଅନେକ ମନ୍ଦିର ଥିଲା, ଯାହାର ଅବଶେଷ ମିଳେନାହିଁ । ହୁଏନ୍‌ସାଂ କଙ୍ଗୋଦରେ ୧୦୦ ଦେବାୟତନ ଥିବା କଥା ତାଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି । ଏହି ସମୟରେ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିଲା । ଶୈଳୋଦ୍‌ଭବ ରାଜବଂଶର ଏକ ଶାଖା ଜାଭାରେ ଶକ୍ତିଶାଳୀ ଶୈଳେନ୍ଦ୍ର ରାଜବଂଶର ପ୍ରତିଷ୍ଠା କରିଥିଲେ ବୋଲି ଅନୁମାନ କରାଯାଏ ।

କଙ୍ଗୋଦ ଏକ କ୍ଷୁଦ୍ରରାଜ୍ୟ ଥିଲା । ଅଧିକାଂଶ ସମୟ କାହାର ନା କାହାର ସାମନ୍ତରାଜ୍ୟ ଥିଲା । ଏହା ସତ୍ତ୍ୱେ ଶୈଳୋଦ୍‌ଭବମାନଙ୍କର ଶାସନ ସମୟ ଓଡ଼ିଶାର ମଧ୍ୟଯୁଗୀୟ ଗୌରବମୟ ଯୁଗର ଉଷାକାଳ ଥିଲା ।

●●●

# ମହାଭାରତରେ ଓଡିଶା

ମହାକାବ୍ୟ ମହାଭାରତରେ କଳିଙ୍ଗ, ଉତ୍କଳ, ଉଡ୍ର ଓ କୋଶଳ ରାଜ୍ୟମାନଙ୍କ ସଂପର୍କରେ ଅନେକ ବର୍ଣ୍ଣନା ଦେଖିବାକୁ ମିଳେ। ତତ୍କାଳୀନ ଭାରତୀୟ ରାଜନୈତିକ ଚିତ୍ରପଟରେ ଓଡିଆ ରାଜ୍ୟମାନଙ୍କର ସ୍ଥାନ, ବୀରତ୍ୱ ଓ ଅବଦାନ ସମ୍ବନ୍ଧରେ ଅନେକ ସୂଚନା ଓ ବିବରଣୀ ମହାଭାରତରେ ଅଛି।

ମହାଭାରତର ବନ ପର୍ବରେ ଲୋମଶ ଋଷି ଗଙ୍ଗା ନଦୀ କୂଳରେ ଠିଆ ହୋଇ ଯୁଧିଷ୍ଠିରଙ୍କୁ କହିଥିଲେ, "ଏତେ କଳିଙ୍ଗାଃ କୌନ୍ତେୟ, ଯତ୍ର ବୈତରଣୀ ନଦୀ" (ଏହା ହେଉଛି କଳିଙ୍ଗ ମାନଙ୍କର ଦେଶ, ଯେଉଁଠାରେ ବୈତରଣୀ ନଦୀ ପ୍ରବାହିତ ହେଉଅଛି)। ମହାଭାରତ ଯୁଗରେ ଗଙ୍ଗା ନଦୀ କଳିଙ୍ଗର ଉତ୍ତର ସୀମା ଥିଲା ବୋଲି ଏହା ପ୍ରମାଣିତ କରେ।

କଳିଙ୍ଗର ରାଜନୈତିକ ପ୍ରତିଷ୍ଠା ଓ ମହତ୍ତ୍ୱ ଥିଲା। ତତ୍କାଳୀନ ଭାରତର ଷୋହଳ ଗୋଟି 'ଏକରାଜ' ରାଜ୍ୟମାନଙ୍କ ମଧ୍ୟରେ କଳିଙ୍ଗ ଅନ୍ୟତମ ଥିଲା। କଳିଙ୍ଗ ରାଜବଂଶର ପୁରୁ ରାଜବଂଶ ଏବଂ କୁରୁ ରାଜବଂଶ ସହିତ ବୈବାହିକ ସମ୍ବନ୍ଧ ଥିଲା। କଳିଙ୍ଗ ରାଜକୁମାରୀ କରମ୍ଭା ପୌରବରାଜ ଅକ୍ରୋଧନଙ୍କର ପତ୍ନୀ ଥିଲେ (ଆଦିପର୍ବ)। ପୌରବ ରାଜା ତଂସୁଙ୍କର ପତ୍ନୀ  ଥିଲେ ଜଣେ କଳିଙ୍ଗ ରାଜକୁମାରୀ । ସେ ପ୍ରସିଦ୍ଧ ରାଜା ଭରତ (ଯାହାଙ୍କ ନାମାନୁସାରେ ଦେଶର ନାମ ଭାରତ ହୋଇଛି) ଙ୍କର ପ୍ରମାତାମହୀ ଥିଲେ। କଳିଙ୍ଗରାଜ ଚିତ୍ରାଙ୍ଗଦଙ୍କର କନ୍ୟାର ସ୍ୱୟମ୍ବର ଉତ୍ସବରେ କଳିଙ୍ଗ ରାଜକୁମାରୀ ଦୁର୍ଯ୍ୟୋଧନଙ୍କୁ ବରଣ ନ କରି ଆଗକୁ ଅଗ୍ରସର ହେବାରୁ ଉପସ୍ଥିତ ନରପତିମାନଙ୍କର ପ୍ରତିବାଦ ଓ ପ୍ରତିରୋଧ ସତ୍ତ୍ୱେ, କର୍ଣ୍ଣଙ୍କ ସହାୟତାରେ ଦୁର୍ଯ୍ୟୋଧନ ରାଜକୁମାରୀଙ୍କୁ ବଳପୂର୍ବକ ଅପହରଣ କରିନେଇ ବିବାହ କରିଥିଲେ (ଶାନ୍ତି ପର୍ବ)। ପରେ କୌରବ ଓ କଳିଙ୍ଗ ମଧ୍ୟରେ ସଂପର୍କ ବୃଦ୍ଧି ହୋଇଥିଲା। ଦ୍ରୌପଦୀଙ୍କ ସ୍ୱୟମ୍ବର ଉତ୍ସବରେ ଦୁର୍ଯୋଧନଙ୍କ ସହିତ କଳିଙ୍ଗରାଜ ଶ୍ରୁତାୟୁ ଉପସ୍ଥିତ ଥିଲେ।

ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥ ପ୍ରତିଷ୍ଠା କରିବା ପରେ ନିଜର ରାଜନୈତିକ କ୍ଷମତା ଓ ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ବିଭିନ୍ନ ଦିଗରେ ଦିଗ୍‌ବିଜୟ ଅଭିଯାନ ଆରମ୍ଭ କରିଥିଲେ। ମହାବୀର ଭୀମସେନ ଦକ୍ଷିଣ କୋଶଳ (ପଶ୍ଚିମ ଓଡିଶା), ସହଦେବ ଉତ୍କଳ ଓ ଉଡ୍ର ଅଧିକାର କରିଥିଲେ । ସେତେବେଳେ କଳିଙ୍ଗ ଏକ ଶକ୍ତିଶାଳୀ ରାଜ୍ୟ ଥିଲା । ସହଦେବ କଳିଙ୍ଗ ଆକ୍ରମଣ ନକରି କଳିଙ୍ଗରାଜ ଶ୍ରୁତାୟୁଙ୍କୁ ପଶାଖେଳ ନିମିତ୍ତ ନିମନ୍ତ୍ରଣ କଲେ । ଦ୍ୟୁତକ୍ରୀଡାରେ ହାରି କଳିଙ୍ଗରାଜ ପାଣ୍ଡବମାନଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞରେ କଳିଙ୍ଗରାଜ ଶ୍ରୁତାୟୁ ଓ କୋଶଳ ରାଜା କ୍ଷମାଦର୍ଶନ ଯୋଗଦେଇଥିଲେ । ପିତୃପୁରୁଷଙ୍କୁ ପିଣ୍ଡଦାନ ଦେବାପାଇଁ ପାଣ୍ଡବମାନେ ବୈତରଣୀ ତୀର୍ଥକୁ ଆସିଥିବା ସମୟରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଓ ଆତିଥେୟତା ପ୍ରଦାନ କରାଯାଇଥିଲା। ବୈତରଣୀ କ୍ଷେତ୍ରରୁ ମହେନ୍ଦ୍ରଗିରି ଯିବା ପଥରେ ସମୁଦ୍ର କୂଳରେ ଅବସ୍ଥିତ ଏକ ଉଚ୍ଚ ପର୍ବତବେଦୀ / ମହାବେଦୀର ବର୍ଣ୍ଣନା ଅଛି। ପୁରୁଷ ମଣ୍ଡପ ନାମରେ ପରିଚିତ ଏହି ପବିତ୍ର ପୀଠକୁ ପୁରୀ ସହିତ ଚିହ୍ନିତ କରାଯାଏ।

ରାଜନୈତିକ ଘଟଣା ପ୍ରବାହରେ ପାଣ୍ଡବଙ୍କ ଅଧିନରେ ଥିବା କଳିଙ୍ଗ ଓ କୋଶଳ କୌରବ ପକ୍ଷଭୁକ୍ତ ହୋଇଥିଲେ । ଅଙ୍ଗରାଜ କର୍ଣ୍ଣ ବଙ୍ଗ ଅଧିକାର କରି ତାହାକୁ ଅଙ୍ଗରାଜ୍ୟର କରଦ ରାଜ୍ୟରେ ପରିଣତ କରିଥିଲେ । ପରେ ସେ ବିନା ପ୍ରତିରୋଧରେ କଳିଙ୍ଗ ଅଧିକାର କରିଥିଲେ । କଳିଙ୍ଗରାଜା ପାଣ୍ଡବମାନଙ୍କର ଅଧୀନତା ସ୍ୱୀକାର କରିଥିବାରୁ କର୍ଣ୍ଣଙ୍କ ସାମରିକ ଅଭିଯାନର ପ୍ରତିରୋଧ କରିନଥିଲେ । ପାଣ୍ଡବମାନେ ମହାଭାରତ ଯୁଦ୍ଧ ପୂର୍ବରୁ କର୍ଣ୍ଣଙ୍କ ସହିତ ଏକ ଯୁଦ୍ଧ ଚାହୁଁନଥିଲେ । ଫଳସ୍ୱରୂପ ବିନା ଯୁଦ୍ଧରେ, କୌଣସି କ୍ଷୟ କ୍ଷତି ବିନା କର୍ଣ୍ଣ କଳିଙ୍ଗ ଅଧିକାର କରିଥିଲେ । କିନ୍ତୁ ବଙ୍ଗରାଜ୍ୟ ପରି କଳିଙ୍ଗକୁ ଅଙ୍ଗରାଜ୍ୟ ସହିତ ମିଶାଇନଥିଲେ କିମ୍ବା କଳିଙ୍ଗକୁ ଏକ କରଦ ରାଜ୍ୟରେ ପରିଣତ କରିନଥିଲେ । କଳିଙ୍ଗ ଏକ ସ୍ୱତନ୍ତ୍ର ରାଜ୍ୟ ହିସାବରେ କୌରବଙ୍କ ପକ୍ଷରେ ମହାଭାରତ ଯୁଦ୍ଧରେ ଯୋଗଦେଇଥିଲା। କଳିଙ୍ଗରାଜାଙ୍କର ଦୁରଦର୍ଶୀତା ଓ କୁଟନୈତିକ ବିଚକ୍ଷଣତା ହିଁ କଳିଙ୍ଗକୁ କ୍ଷୟ କ୍ଷତିରୁ ବଞ୍ଚାଇବା ସହିତ ନିଜର ସ୍ୱାତନ୍ତ୍ର୍ୟ ଓ ପ୍ରାଧାନ୍ୟ ବଜାୟ ରଖିବାରେ ସଫଳ ହୋଇଥିଲା।

କଳିଙ୍ଗରାଜ ଶ୍ରୁତାୟୁ, ଦୁଇଭାଇ ଅଚ୍ୟୁତାୟୁ ଓ ଦୀର୍ଘାୟୁ, ପୁତ୍ର ଭାନୁମାନଙ୍କ ସହିତ ଏକ ବିରାଟ ସୈନ୍ୟ ବାହିନୀ (ଷାଠିଏ ହଜାର ରଥ + ଦଶହଜାର ହସ୍ତୀ) ନେଇ କୌରବଙ୍କ ପକ୍ଷରେ ମହାଭାରତ ଯୁଦ୍ଧରେ ଯୋଗ ଦେଇଥିଲେ । କୋଶଳ ରାଜ କ୍ଷମାଦର୍ଶନ

ମଧ୍ୟ କୌରବଙ୍କ ପକ୍ଷରେ ଥିଲେ । ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଓ ଯୁଦ୍ଧ ସମୟରେ ରଣକ୍ଷେତ୍ରରେ କଳିଙ୍ଗରାଜା ଓ କଳିଙ୍ଗ ସେନା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

ତତ୍‌କାଳୀନ ଯୁଦ୍ଧ ପରମ୍ପରା ଅନୁସାରେ ଯୁଦ୍ଧ ଆରମ୍ଭ ପୂର୍ବରୁ ପ୍ରତିପକ୍ଷକୁ ନିମନ୍ତ୍ରଣ କରାଯିବାର ପ୍ରଥା ଥିଲା । ଏହି କାର୍ଯ୍ୟ ସାଧାରଣତଃ ରାଜାଙ୍କର କନିଷ୍ଠ ଭ୍ରାତା କିମ୍ବା ସେନାପତି ନିର୍ବାହ କରିବା କଥା । ଯଦି ଏହା ସମ୍ଭବ ନହୁଏ ତେବେ ଉଭୟ ପକ୍ଷର ପରିଚିତ ଜଣେ ସମ୍ମାନସ୍ପଦ, କୂଟନୀତି ପ୍ରବୀଣ ରାଜାଙ୍କୁ ଏ ଦାୟିତ୍ୱ ପ୍ରଦାନ କରାଯାଇଥାଏ । କଳିଙ୍ଗରାଜ ଶ୍ରୁତାୟୁଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଓ ସେ ଯୁଦ୍ଧ ନିମନ୍ତ୍ରଣ ଦେବାକୁ ପାଣ୍ଡବ ଶିବିରକୁ ଯାଇଥିଲେ । ଏହା କମ୍ ଗୌରବର କଥା ନୁହେଁ ।

ଯୁଦ୍ଧ କ୍ଷେତ୍ରରେ କଳିଙ୍ଗ ବାହିନୀର ବୀରତ୍ୱ ପ୍ରଦର୍ଶିତ ଓ ସ୍ୱୀକୃତ ହୋଇଥିଲା । କଳିଙ୍ଗ ବାହିନୀ କୌରବ ସେନାପତି ପିତାମହ ଭୀଷ୍ମ ଓ ତାଙ୍କ ପରେ ଆଚାର୍ଯ୍ୟ ଦ୍ରୋଣଙ୍କର ସୁରକ୍ଷା ଦାୟିତ୍ୱ ବହନ କରିଥିଲେ । ଏହା କଳିଙ୍ଗ ସେନାର ବିଶ୍ୱସନୀୟତା, କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱ ବୋଧ ଓ ଶକ୍ତିର ବଳିଷ୍ଠ ପ୍ରମାଣ ଥିଲା । ଯୁଦ୍ଧର ପ୍ରଥମ ଦିନରେ କଳିଙ୍ଗରାଜ ଶ୍ରୁତାୟୁ ପାଣ୍ଡବ ପକ୍ଷର ଯୋଦ୍ଧା ଇରାବାଣଙ୍କୁ ପରାଜିତ ଓ ନିହତ କରିଥିଲେ । ଏହି ବିଜୟ ପାଇଁ ତାଙ୍କୁ ଆକ୍ଷୌହିଣୀ ସେନା (୨୧୮୭୦ ଗଜ, ୨୧୮୭୦ ଅଶ୍ୱ ଓ ୧୦୯୩୫୦ ପଦାତିକ ସୈନ୍ୟ) ବାହିନୀର ସେନାମୁଖ୍ୟ ପଦବୀକୁ ଉନ୍ନୀତ କରାଯାଇଥିଲା । ପିତାମହ ଭୀଷ୍ମଙ୍କ ରଚିତ କ୍ରୌଞ୍ଚ ବ୍ୟୁହର ମଧ୍ୟ ଭାଗରେ କଳିଙ୍ଗ ସେନାକୁ ଅବସ୍ଥାପିତ କରାଯାଇଥିଲା । ଭୀଷ୍ମ ଓ ଅର୍ଜୁନଙ୍କ ମଧ୍ୟରେ ଯୁଦ୍ଧ ସମୟରେ କଳିଙ୍ଗରାଜ ଶ୍ରୁତାୟୁ ଅର୍ଜୁନଙ୍କ ସହିତ ଯୁଦ୍ଧ କରି ନିହତ ହୋଇଥିଲେ । ତାଙ୍କପରେ ତାଙ୍କର ଭ୍ରାତାଦ୍ୱୟ କଳିଙ୍ଗ ବାହିନୀର ନେତୃତ୍ୱ ନେଲେ । ପିତାମହ ଭୀଷ୍ମଙ୍କ ଶରଶଯ୍ୟାପରେ ଆଚାର୍ଯ୍ୟ ଦ୍ରୋଣ କୌରବ ସେନାର ସେନାପତି ହେଲେ ଓ ତାଙ୍କର ବ୍ୟକ୍ତିଗତ ସୁରକ୍ଷା ଦାୟିତ୍ୱ ମଧ୍ୟ କଳିଙ୍ଗ ବାହିନୀ ବହନ କରିଥିଲା । କଳିଙ୍ଗ ବାହିନୀର ବୀରତ୍ୱ ଓ ସାହସ ପ୍ରମାଣିତ ହୋଇସାରିଥିଲା । ଆଚାର୍ଯ୍ୟ ଦ୍ରୋଣ କଳିଙ୍ଗ ବାହିନୀକୁ ତାଙ୍କ ଦ୍ୱାରା ରଚିତ ଗରୁଡବ୍ୟୁହର ସମ୍ବେଦନଶୀଳ ଗ୍ରୀବା ଦେଶରେ ଅବସ୍ଥାପିତ କରିଥିଲେ ।

ଅର୍ଜୁନ ପୁତ୍ର ବୀର ଅଭିମନ୍ୟୁ ଚକ୍ରବ୍ୟୁହ ଭେଦ କରିବା ସମୟରେ, ଦକ୍ଷିଣ କୋଶଳର ରାଜା ଧନୁର୍ଦ୍ଧାରୀ କ୍ଷମାଦର୍ଶନ ତାଙ୍କୁ ପ୍ରତିରୋଧ କରିଥିଲେ ଓ ଅଭିମନ୍ୟୁଙ୍କ ଦ୍ୱାରା ନିହତ ହୋଇଥିଲେ । ଅନ୍ୟାୟ ଯୁଦ୍ଧରେ ସପ୍ତରଥୀ ମିଳିତ ହୋଇ ଅଭିମନ୍ୟୁଙ୍କୁ ହତ୍ୟା କଲେ । ପୁତ୍ରହନ୍ତା ଜୟଦ୍ରଥଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ହତ୍ୟା କରିବାକୁ ଅର୍ଜୁନ ଶପଥ ନେଲେ । ଅର୍ଜୁନଙ୍କ

କୋପରୁ ଜୟଦ୍ରଥଙ୍କୁ ସୁରକ୍ଷା ପ୍ରଦାନ କାର୍ଯ୍ୟରେ କଳିଙ୍ଗ ବାହିନୀକୁ ନିୟୋଜିତ କରାଯାଇଥିଲା। ଅର୍ଜୁନଙ୍କ ସହିତ ଅସୀମ ବୀରତ୍ୱର ସହିତ ଯୁଦ୍ଧ କରି କଳିଙ୍ଗ ରାଜଭ୍ରାତା ଅଚ୍ୟୁତାୟୁ ଓ ଦୀର୍ଘାୟୁ ବୀରଗତି ପ୍ରାପ୍ତ ହୋଇଥିଲେ । ସେମାନଙ୍କ ପରେ କଳିଙ୍ଗ ସେନାର ନେତୃତ୍ୱ ନେଲେ କଳିଙ୍ଗ ଯୁବରାଜ ଭାନୁମାନ । ସେ ଗଦା ଯୁଦ୍ଧରେ ପ୍ରବୀଣ ଥିଲେ । ମହାଭାରତରେ ଯୋଗ ଦେଇଥିବା ସମସ୍ତ ଯୋଦ୍ଧା, ରଥୀ, ମହାରଥୀମାନଙ୍କ ମଧ୍ୟରେ ସେ ଥିଲେ ସର୍ବ କନିଷ୍ଠ ଯୋଦ୍ଧା । ପିତାମହ ଭୀଷ୍ମ ଥିଲେ ସର୍ବଜ୍ୟେଷ୍ଠ । ସେନାପତି ଭାନୁମାନ ମହାବୀର ଭୀମଙ୍କ ସହିତ ଦୀର୍ଘ ୪ ଘଣ୍ଟା ଯୁଦ୍ଧ କରି ଯୁଦ୍ଧ କ୍ଷେତ୍ରରେ ପ୍ରାଣ ହରାଇଥିଲେ । ତାଙ୍କର ସାହସ, ବୀରତ୍ୱ ଓ ଯୁଦ୍ଧ କୌଶଳ ଭୀମସେନଙ୍କୁ ମୁଗ୍ଧ କରିଥିଲା ଓ ସେ ଭାନୁମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ।

ଏପରି ଭାବରେ କଳିଙ୍ଗ, ମହାଭାରତ ଯୁଦ୍ଧରେ ଉଲ୍ଲେଖନୀୟ ଅଂଶ ଗ୍ରହଣ କରି ରାଜା, ରାଜଭ୍ରାତା, ଯୁବରାଜ ଓ ବହୁ ସଂଖ୍ୟକ ବୀର ଯୋଦ୍ଧାମାନଙ୍କୁ ହରାଇଥିଲା। କିନ୍ତୁ ସେମାନଙ୍କର ପ୍ରଦର୍ଶିତ ବୀରତ୍ୱ ଓ ବଳିଦାନ, ତତ୍କାଳୀନ ଭାରତରେ କଳିଙ୍ଗର ଶ୍ରେଷ୍ଠତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରମାଣିତ କରିଥିଲା। ସେମାନଙ୍କର ତ୍ୟାଗ ଓ ବଳିଦାନ ଜନ୍ମ ଭୂମିକୁ ଗୌରବାନ୍ୱିତ ଓ ଯଶ ବିମଣ୍ଡିତ କରିଥିଲା।

*ମହାଭାରତ ଯୁଗର ସମୟ ନିରୂପଣ କ୍ଷେତ୍ରରେ ବିଭିନ୍ନ ମତ ଦେଖାଯାଏ। ଗୋଟିଏ ଗୋଷ୍ଠୀର ମତରେ ଖ୍ରୀଷ୍ଟପୂର୍ବ ୫୫୬୧ ମସିହା ଅକ୍ଟୋବର ୧୬ ତାରିଖ ରବିବାର ଦିନ ମହାଭାରତ ଯୁଦ୍ଧ ହୋଇଥିଲା (ପି. ଭି. ଭାରତୋକ୍ ଓ ବୀର ହନୁମାନ ଶାସ୍ତ୍ରୀ)। ଇ. ବେଦବ୍ୟାସଙ୍କ ମତରେ ଏହା ଖ୍ରୀଷ୍ଟପୂର୍ବ ୩୧୩୯ - ୩୮ ମସିହାରେ ହୋଇଥିଲା। ଖ୍ରୀଷ୍ଟପୂର୍ବ ୧୫୦୦ ମସିହାରେ ଏହି ଯୁଦ୍ଧ ହୋଇଥିବାର କେତେ ଜଣ ଅନୁମାନ କରନ୍ତି। ଅନ୍ୟ ଏକ ମତ ଅନୁସାରେ ଏହା ଖ୍ରୀଷ୍ଟପୂର୍ବ ୯୦୦ ମସିହାରେ ହୋଇଥିଲା। ଇରୋପୀୟ ଲେଖକମାନଙ୍କ ଅନୁକରଣରେ ଏହା ଖ୍ରୀଷ୍ଟପୂର୍ବ ୯୦୦ କିମ୍ବା ୧୫୦୦ ମସିହାରେ ହୋଇଥିଲା ବୋଲି ପ୍ରାୟତଃ ଧରିନିଆ ଯାଏ। କିନ୍ତୁ ଏହା ବହୁ ପୂର୍ବରୁ ଘଟିଥିବା ମଧ୍ୟ ସମ୍ଭବ।*

# ମହାଭାରତଯୁଦ୍ଧ ଠାରୁ କଳିଙ୍ଗ ଯୁଦ୍ଧ

ମହାଭାରତ ଯୁଦ୍ଧ (ଆନୁମାନିକ ଖ୍ରୀ.ପୂ.୯୦୦) ପରଠାରୁ କଳିଙ୍ଗଯୁଦ୍ଧ (ଖ୍ରୀ.ପୂ. ୨୬୧) ପର୍ଯ୍ୟନ୍ତ ଓଡିଶାର ଧାରାବାହିକ ଇତିହାସ ସମ୍ବନ୍ଧରେ ପ୍ରାମାଣିକ ଐତିହାସିକ ଉପାଦାନ ମିଳେନାହିଁ। କିନ୍ତୁ ବିଭିନ୍ନ ପୁରାଣ, ବୌଦ୍ଧ ଓ ଜୈନ ସାହିତ୍ୟରେ ବର୍ଣ୍ଣିତ ଅନେକ ଗଳ୍ପ, ଉପାଖ୍ୟାନ ଓ ଘଟଣା ମାନଙ୍କରୁ ଓଡିଶା ସମ୍ବନ୍ଧରେ କେତେକ ବିକ୍ଷିପ୍ତ ବିବରଣୀ ମିଳିଥାଏ।

## କଳିଙ୍ଗ

ପୌରାଣିକ ବର୍ଣ୍ଣନାନୁସାରେ ମହାଭାରତ ଯୁଦ୍ଧ ପରଠାରୁ ମଗଧରେ ନନ୍ଦବଂଶର ପ୍ରତିଷ୍ଠାତା ମହାପଦ୍ମନନ୍ଦଙ୍କ ଦ୍ୱାରା ଅଧିକୃତ ହେବା ମଧ୍ୟରେ (ଖ୍ରୀ.ପୂ,ଚତୁର୍ଥ ଶତାବ୍ଦୀ), କଳିଙ୍ଗରେ ୩୨ଜଣ କ୍ଷତ୍ରୀୟ ରାଜା ଶାସନ କରିଥିଲେ। ସମସ୍ତଙ୍କ ବିଷୟରେ ବର୍ଣ୍ଣନା ମିଳେ ନାହିଁ। ଯେଉଁ କେତେଜଣ ରାଜାଙ୍କ ବିଷୟରେ ସୂଚନା ମିଳେ, ସେମାନଙ୍କ ମଧ୍ୟରେ **ସତଭୁ** ନାମରେ ଜଣେ ଦକ୍ଷ ଓ ଶକ୍ତିଶାଳୀ ଶାସକ ଥିଲେ। ସେ ଆନୁମାନିକ ଖ୍ରୀ.ପୂ.ଅଷ୍ଟମ ଶତାବ୍ଦୀରେ ରାଜତ୍ୱ କରିଥିଲେ। ମହାଭାରତ ଯୁଦ୍ଧରେ କଳିଙ୍ଗର ଅଶେଷ କ୍ଷତି ହୋଇଥିଲା। ଦେଶରେ ଅରାଜକତା ଦେଖାଦେଇଥିଲା। ରାଜା ସତଭୁ; ଧ୍ୱସ୍ତ ବିଧ୍ୱସ୍ତ, ଶକ୍ତିହୀନ କଳିଙ୍ଗର ପୁନରୁଦ୍ଧାର ଓ ପୁନର୍ଗଠନ କରି କଳିଙ୍ଗର ପୂର୍ବ ଗୌରବ ପୁନଃସ୍ଥାପନ କରିଥିଲେ। ସେ ଜଣେ ମହାନ୍ ଶାସକ ଥିଲେ।

ରାଜା ସତଭୁଙ୍କ ପରେ ଯେଉଁରାଜାଙ୍କର ସୂଚନା ମିଳେ, ସେ ହେଲେ ରାଜା **ନାଳକୀର**। ସେ ଜଣେ ଅହଂକାରୀ, ଗର୍ବୀ ଓ ଅତ୍ୟାଚାରୀ ଶାସକ ଥିଲେ। ସାଧୁ ସନ୍ୟାସୀମାନଙ୍କୁ ଅପମାନିତ ଓ ଲାଞ୍ଛିତ କରୁଥିଲେ। ବୌଦ୍ଧଜାତକ ଓ ବୌଦ୍ଧଗ୍ରନ୍ଥ ମଝିମ ନିକାୟର ବର୍ଣ୍ଣନାନୁସାରେ ପାଞ୍ଚଶହ ଶିଷ୍ୟ ପରିବେଷ୍ଟିତ ଜଣେ ସାଧୁଙ୍କୁ ରାଜପ୍ରସାଦକୁ ନିମନ୍ତ୍ରଣ କରି ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ପୂର୍ବକ ଅଖାଦ୍ୟ ଅର୍ପଣ କରିଥିଲେ। ସନ୍ୟାସୀ ଅଭିଶାପ ଦେଲେ। ନାଳକୀରଙ୍କର ଅପମୃତ୍ୟୁ ହେଲା। ତାଙ୍କର ଅତ୍ୟାଚାର ଓ

କୁଶାସନ ଫଳରେ ରାଜା ସତଭୁଙ୍କ ଦ୍ୱାରା ପୁନଃ ପ୍ରତିଷ୍ଠିତ ହୋଇଥିବା କଳିଙ୍ଗ ରାଜ୍ୟ ପୁନର୍ବାର ଶ୍ରୀହୀନ ଓ ଧ୍ୱଂସ ହୋଇଥିଲା।

ନାଳକୀରଙ୍କ ପରବର୍ତ୍ତୀ କାଳରେ କରକନ୍ଦୁ ବା **କରକଣ୍ଡୁ** ନାମକ ଜଣେ ମହାନ ଶାସକଙ୍କର ସୂଚନା ଜୈନ ସାହିତ୍ୟରୁ (ଉତ୍ତରାଧ୍ୟୟନ ସୁତ୍ର ଓ କରକଣ୍ଡୁ ଚରିୟା) ମିଳେ। ସେ ଆନୁମାନିକ ଖ୍ରୀ.ପୂ.ସପ୍ତମ ଶତାବ୍ଦୀର ପ୍ରଥମ ଭାଗରେ କଳିଙ୍ଗର ରାଜାଥିଲେ। ତାଙ୍କ ସମ୍ବନ୍ଧରେ 'କରକଣ୍ଡୁ ଚରିୟା' ରେ ବର୍ଣ୍ଣିତ ଏକ ଗଳ୍ପ ଅନୁସାରେ ସେ ଚମ୍ପାର(ଚମ୍ପକ ନଗର) ଶାସକ ଦଧିବାହନ ଓ ରାଣୀ ପଦ୍ମାବତୀଙ୍କର ପୁତ୍ର ଥିଲେ। ସନ୍ତାନ ସମ୍ଭବା ରାଣୀ ଓ ରାଜା ହସ୍ତୀ ପୃଷ୍ଠରେ ବନ ଭ୍ରମଣରେ ଯାଉଥିବାବେଳେ ହାତୀପାଗଳ ହୋଇ ନିୟନ୍ତ୍ରଣ ବାହାରକୁ ଚାଲିଗଲା। ରାଜା ଗୋଟିଏ ଗଛର ଶାଖାଧରି ରହିଗଲେ। ହାତୀ ରାଣୀଙ୍କ ସହିତ ବହୁବାଟ ଅତିକ୍ରମ କଲାପରେ କଳିଙ୍ଗ ରାଜ୍ୟର ରାଜଧାନୀ କାଞ୍ଚନପୁର ନିକଟସ୍ଥ ଏକ ପୁଷ୍କରିଣୀରେ ପ୍ରବେଶ କଲା। ରାଣୀ ପହଁରି ପହଁରି କୂଳକୁ ଆସିଲେ। ଜଣେ ଜୈନ ସନ୍ୟାସିନୀ ତାଙ୍କୁ ଆଶ୍ରୟ ଦେଲେ ଓ ରାଣୀ ଜୈନ ଧର୍ମରେ ଦୀକ୍ଷିତହେଲେ। କିଛିଦିନ ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା ଓ ତାଙ୍କର ନାମ ରଖାଗଲା କରକଣ୍ଡୁ ବା କରକନ୍ଦୁ। କିଛିବର୍ଷ ପରେ କଳିଙ୍ଗର ରାଜା ମୃତ୍ୟୁ ବରଣ କଲେ। ସେ ଅପୁତ୍ରିକ ଥିଲେ। କରକଣ୍ଡୁଙ୍କଠାରେ ରାଜକୀୟ ଲକ୍ଷଣ ଦେଖି ମନ୍ତ୍ରୀ ଓ ରାଜପରିଷଦ ତାଙ୍କୁ କଳିଙ୍ଗର ସିଂହାସନରେ ଅବସ୍ଥାପିତ କଲେ। କରକଣ୍ଡୁ କଳିଙ୍ଗ ରାଜ୍ୟକୁ ସୁସଂଗଠିତ କରି ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କଲେ। ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ ସେ ଚମ୍ପା ରାଜ୍ୟ ଆକ୍ରମଣ କଲେ। ଯୁଦ୍ଧର ଅବ୍ୟବହିତ ପୂର୍ବରୁ ପିତା ଓ ପୁତ୍ରଙ୍କର ପରିଚୟ ହେଲା। ରାଜା ଦଧିବାହନ କରକଣ୍ଡୁଙ୍କୁ ଚମ୍ପା ରାଜ୍ୟ ଅର୍ପଣ କରି ସନ୍ୟାସ ନେଲେ। କରକଣ୍ଡୁ ଉଭୟ କଳିଙ୍ଗ ଓ ଚମ୍ପା ରାଜ୍ୟର ଅଧିପତି ହେଲେ।

ରାଜା କରକଣ୍ଡୁ ଜଣେ ଦିଗ୍‌ବିଜୟୀ, ପରାକ୍ରମଶାଳୀ, ଧାର୍ମିକ, ପ୍ରଜାବତ୍ସଳ ସୁଶାସକ ଥିଲେ। ସେ ଜଣେ ରାଜର୍ଷି ଥିଲେ। ତାଙ୍କର ରାଜତ୍ୱ ଗୌରବମୟ ଥିଲା। ତାଙ୍କ ସମୟରେ ଜୈନ ତୀର୍ଥଙ୍କର ପାର୍ଶ୍ୱନାଥ ଓଡ଼ିଶା ଆସିଥିଲେ। ସେ ଜୈନଧର୍ମର ପୃଷ୍ଠ ପୋଷକ ଥିଲେ। ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ସମ୍ମାନ ଓ ସାହାଯ୍ୟ ପ୍ରଦାନ କରୁଥିଲେ। ବୌଦ୍ଧ ସନ୍ୟାସୀ ମାନେ ତାଙ୍କୁ ଭକ୍ତି କରିବା ସହିତ ତାଙ୍କୁ ପ୍ରତ୍ୟେକ ବୁଦ୍ଧ (ବୁଦ୍ଧଙ୍କର ପୂର୍ବଜନ୍ମ ମାନଙ୍କର ରୂପ) ରୂପେ ଆଖ୍ୟାୟିତ କରିଥିଲେ। ରାଜତ୍ୱର ଶେଷ ଆଡକୁ କରକଣ୍ଡୁ ସିଂହାସନ ପରିତ୍ୟାଗ କରି ସନ୍ୟାସୀର ଜୀବନ ଆଦରି ନେଇଥିଲେ।

ରାଜା କରକଣ୍ଡୁଙ୍କ ପରେ କଳିଙ୍ଗର ଶକ୍ତି ହ୍ରାସ ହେଲା। କିଛିବର୍ଷ ପରେ ଏହା ଦାକ୍ଷିଣାତ୍ୟର ଦଣ୍ଡକ ରାଜବଂଶର ଅଧିନ ହୋଇଥିଲା। ରାଜା **କଳିଙ୍ଗ (ପ୍ରଥମ କଳିଙ୍ଗ)** ରାଜା ଦଣ୍ଡକୀଙ୍କର ଜଣେ ସାମନ୍ତ ରାଜାଥିଲେ। ଦଣ୍ଡକୀଙ୍କର ମୃତ୍ୟୁ ପରେ(ଆନୁମାନିକ ଖ୍ରୀ.ପୂ. ସପ୍ତମ ଶତାବ୍ଦୀର ମଧ୍ୟଭାଗ) କଳିଙ୍ଗ ନିଜର ସ୍ୱତନ୍ତ୍ରତା ଓ ସ୍ୱାଧିନତା ହାସଲ କଲା। ରାଜା ପ୍ରଥମ କଳିଙ୍ଗ ସିଂହାସନ ତ୍ୟାଗକରି ସନ୍ୟାସ ଗ୍ରହଣ କଲେ। ତାଙ୍କପରେ ଜ୍ୟେଷ୍ଠପୁତ୍ର **ମହାକଳିଙ୍ଗ** ରାଜାହେଲେ। ମହାକଳିଙ୍ଗ ଧାର୍ମିକ ଓ ସୁଶାସକ ଥିଲେ।ସେ ଅପୁତ୍ରିକ ଥିବାରୁ ତାଙ୍କ ମୃତ୍ୟୁ ପରେ ତାଙ୍କର ପୁତୁରା (ଭାଇ ଚୁଲ୍ଲ କଳିଙ୍ଗଙ୍କ ପୁତ୍ର) **ଦ୍ୱିତୀୟ କଳିଙ୍ଗ** ନାମରେ, କଳିଙ୍ଗର ସିଂହାସନ ଆରୋହଣ କରିଥିଲେ।

ଜାତକ ଗଳ୍ପ ଅନୁସାରେ ଭ୍ରାତା ଚୁଲ୍ଲ କଳିଙ୍ଗଙ୍କ ପୁତ୍ର ଜଣେ ଚକ୍ରବର୍ତ୍ତୀ ହେବାର ଭବିଷ୍ୟବାଣୀ; ରାଜା ମହାକଳିଙ୍ଗଙ୍କୁ ବିବ୍ରତ କରିଦେଲା। ରାଜ୍ୟରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗରେ ଚୁଲ୍ଲକଳିଙ୍ଗଙ୍କୁ ବନ୍ଦୀ କରିବାକୁ ସେ ଆଦେଶ ଦେଲେ। ଚୁଲ୍ଲକଳିଙ୍ଗ ସନ୍ୟାସୀ ବେଶରେ ହିମାଳୟ ଚାଲିଗଲେ। ଅନୁରୁପ ଭାବେ ମଦ୍ରରାଜକୁମାରୀଙ୍କର ସନ୍ତାନ ଚକ୍ରବର୍ତ୍ତୀ ହେବାର ଭବିଷ୍ୟବାଣୀ ହୋଇଥିଲା। ଅନେକ ରାଜା ରାଜକୁମାରୀଙ୍କୁ ବଳପୂର୍ବକ ବିବାହକରିବାକୁ ଉଦ୍ୟମ କରିବାରୁ,ମଦ୍ରରାଜା ରାଜକୁମାରୀଙ୍କୁ ନେଇ ହିମାଳୟରେ ଅଜ୍ଞାତ ବାସ କରୁଥିଲେ। ସେଠାରେ ଚୁଲ୍ଲ କଳିଙ୍ଗ ଓ ମଦ୍ରରାଜକୁମାରୀ, ପରସ୍ପର ପ୍ରତି ଆକର୍ଷିତ ହେଲେ ଓ ମଦ୍ରରାଜାଙ୍କର ଅନୁମତି ଓ ଆଶିର୍ବାଦ ନେଇ ବିବାହ କଲେ । ତାଙ୍କର ଏକ ପୁତ୍ର ସନ୍ତାନ ଜାତହେଲା। ଅପୁତ୍ରିକ ମହାକଳିଙ୍ଗଙ୍କ ମୃତ୍ୟୁ ପରେ, ଚୁଲ୍ଲ କଳିଙ୍ଗଙ୍କ ପୁତ୍ର; ମନ୍ତ୍ରୀ ଓ କର୍ମଚାରୀ ମାନଙ୍କର ଅନୁମୋଦନରେ ଦ୍ୱିତୀୟ କଳିଙ୍ଗ ନାମରେ କଳିଙ୍ଗ ସିଂହାସନ ଆରୋହଣ କଲେ।

**ଦ୍ୱିତୀୟ କଳିଙ୍ଗ** ଜଣେ ମହାପରାକ୍ରମୀ ଶାସକ ଥିଲେ। ଚୁଲ୍ଲ କଳିଙ୍ଗ ଜାତକର ବର୍ଣ୍ଣନା ଅନୁସାରେ ତାଙ୍କର ଚାରିଜଣ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ଥିଲେ। ରାଜା ଘୋଷଣା କଲେ ଯେଉଁ ରାଜା ତାଙ୍କୁ ଯୁଦ୍ଧରେ ପରାଜିତ କରିବେ,ସେ ରାଜକୁମାରୀମାନଙ୍କୁ ବିବାହ କରିବେ। ସୈନ୍ୟବାହିନୀ ସହିତ ରାଜକୁମାରୀମାନେ ବିଭିନ୍ନ ଦେଶ ଭ୍ରମଣ କଲେ। କୌଣସି ରାଜା ସେମାନଙ୍କର ପ୍ରତିରୋଧ କରିବାକୁ ସାହାସ କରିନଥିଲେ। କିନ୍ତୁ ଅସସ୍କ (ମହାରାଷ୍ଟ୍ରର ପୈଥାନ ଅଞ୍ଚଳ) ଦେଶର ରାଜା ଅରୁଣ, ରାଜକୁମାରୀମାନଙ୍କୁ ବନ୍ଦୀ କଲେ। କଳିଙ୍ଗ ଓ ଅସସ୍କ ମଧ୍ୟରେ ଯୁଦ୍ଧ ହେଲା। କଳିଙ୍ଗର ବିଜୟ ସୁନିଶ୍ଚିତ ଥିଲା। କିନ୍ତୁ ରାଜା ଅରୁଣଙ୍କ ମନ୍ତ୍ରୀ ନନ୍ଦିସେନଙ୍କ ଚତୁରତା, ଯୁଦ୍ଧର ଗତି ପରିବର୍ତ୍ତନ କରିଦେଲା ଓ କଳିଙ୍ଗ ପରାଜିତ ହେଲା। ଅସସ୍କ ରାଜା ଅରୁଣ କଳିଙ୍ଗ ରାଜକୁମାରୀମାନଙ୍କୁ ବିବାହ କଲେ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତର ରାଜନୈତିକ ପଟ୍ଟଚିତ୍ରରେ ଷୋଡଶ ଜନପଦର ଅଭ୍ୟୁଦୟ ହୋଇଥିଲା। ସେମାନଙ୍କ ମଧ୍ୟରେ କଳିଙ୍ଗର ନାମ ନାହିଁ। କିନ୍ତୁ ସେହି ସମୟରେ ଉତ୍କଳ ଓ କଳିଙ୍ଗର ଅବସ୍ଥିତି ଥିଲା । ବୌଦ୍ଧନିକାୟ ଗ୍ରନ୍ଥ ଓ ଜାତକ ଗଳ୍ପରେ ବର୍ଣ୍ଣନା ଅଛି ଯେ ଗୌତମବୁଦ୍ଧ ବୁଦ୍ଧତ୍ୱ ପ୍ରାପ୍ତି ପରେ ଉରୁବିଲ୍ୱଠାରେ ରାଜାୟତନ ନାମକ ତରୁମୂଳେ ନିରାହାରରେ ବସିଥିଲେ। ମଧ୍ୟ ଦେଶକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଉଥିବା ତପସୁ ଓ ଭଲୁକ ନାମକ ଦୁଇଜଣ ଉତ୍କଳୀୟ ବଣିକ ତାଙ୍କୁ ଭେଟି ମହୁ ଓ ପିଠା ଖାଇବାକୁ ଦେଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ବୁଦ୍ଧଙ୍କର ମହାପରିନିର୍ବାଣ ପରେ କ୍ଷମଥର ନାମକ ବୌଦ୍ଧ ସନ୍ୟାସୀ ବୁଦ୍ଧଙ୍କର ଦନ୍ତ କୁଶିନାରାରୁ କଳିଙ୍ଗର ରାଜଧାନୀ ସିଂହପୁରକୁ ଆଣିଥିଲେ। ରାଜା ବ୍ରହ୍ମଦତ୍ତ ସସମ୍ମାନେ ଦନ୍ତଧାତୁକୁ ରାଜଧାନୀଠାରେ ସ୍ଥାପନ କରିଥିଲେ। ପରେ କଳିଙ୍ଗ ରାଜଧାନୀ ଦନ୍ତପୁର ନାମରେ ପରିଚିତ ହୋଇଥିଲା। ସେହି ସମୟରେ କଳିଙ୍ଗ ରାଜକନ୍ୟା ସୁଷମାଙ୍କର ପୌତ୍ର ରାଜକୁମାର ବିଜୟସିଂହ ତାମ୍ରପର୍ଣ୍ଣୀରେ (ସିଂହଳ) ଏକ ନୂତନ ରାଜ୍ୟ ପ୍ରତିଷ୍ଠା କରି ତାହାର ନାମ ସିଂହଳ ରଖିଥିଲେ (ଦାଠାବଂଶ)। ବ୍ରହ୍ମଦତ୍ତଙ୍କ ପରେ କାଶୀରାଜ ଓ ତାଙ୍କପରେ ସୁନନ୍ଦ କଳିଙ୍ଗର ରାଜା ହୋଇଥିଲେ। ମଗଧର ରାଜା ମହାପଦ୍ମନନ୍ଦ ରାଜା ସୁନନ୍ଦଙ୍କୁ ପରାଜିତ କରି କଳିଙ୍ଗ ଅଧିକାର କରିଥିଲେ (ଖ୍ରୀ.ପୂ.ଚତୁର୍ଥ ଶତାବ୍ଦୀ ମଧ୍ୟଭାଗରେ)।

## କୋଶଳ

ପୌରାଣିକ ବର୍ଣ୍ଣନାନୁସାରେ ମହାଭାରତ ଯୁଦ୍ଧ ପରଠାରୁ ମହାପଦ୍ମନନ୍ଦଙ୍କ ଦ୍ୱାରା ଅଧିକୃତ ହେବାପର୍ଯ୍ୟନ୍ତ ଦକ୍ଷିଣକୋଶଳରେ (ପଶ୍ଚିମ ଓଡିଶା ଓ ଛତିଶଗଡ) ଐକ୍ଷ୍ୟାକୁ ବଂଶର ୩୦ ଜଣ ରାଜା ଶାସନ କରିଥିଲେ। ଏହି ବଂଶର ଶେଷ ରାଜା ସୁମିତ୍ରଙ୍କୁ ପରାଜିତ କରି ନନ୍ଦରାଜା ମହାପଦ୍ମନନ୍ଦ କୋଶଳ ଅଧିକାର କରିଥିଲେ।

ମହାପଦ୍ମନନ୍ଦ କଳିଙ୍ଗ ଓ କୋଶଳ ଅଧିକାର କରି ବିଜୟର ସଂକେତ ରୂପେ କଳିଙ୍ଗରୁ ଜୀନମୂର୍ତ୍ତୀ ନେଇଯାଇଥିଲେ। ସେ କଳିଙ୍ଗରେ ଏକ କେନାଲ ଖୋଳାଇଥିଲେ। ତାଙ୍କପରେ ଶାସନରେ ଅସ୍ଥିରତା ଓ ଦୁର୍ବଳତାର ସୁଯୋଗ ନେଇ କଳିଙ୍ଗର ବୃହତ ଅଞ୍ଚଳ ମଗଧ ଶାସନରୁ ମୁକ୍ତ ଓ ସ୍ୱାଧିନ ହୋଇଯାଇଥିଲା। ଚନ୍ଦ୍ରଗୁପ୍ତ ମୋର୍ଯ୍ୟ ନନ୍ଦବଂଶର ଶେଷ ରାଜା ଧନନନ୍ଦଙ୍କୁ ପରାଜିତ କରି ମଗଧରେ ମୌର୍ଯ୍ୟ ଶାସନ ପ୍ରତିଷ୍ଠା କରିବା (ଖ୍ରୀ.ପୁ.୩୨୨) ବେଳକୁ ସମଗ୍ର ଓଡିଶା ମଗଧ ପ୍ରଭାବରୁ ମୁକ୍ତ ହୋଇଯାଇଥିଲା।

●●●

# କଳିଙ୍ଗ ଯୁଦ୍ଧ

ପୃଥିବୀ ଇତିହାସରେ କଳିଙ୍ଗଯୁଦ୍ଧ ଏକ ଅନନ୍ୟ, ଅଦ୍ୱିତୀୟ, ଯୁଗାନ୍ତକାରୀ ମହାନ ଐତିହାସିକ ଘଟଣା। ଏହା ହେଉଛି ଏକ ମାତ୍ର ଯୁଦ୍ଧ ଯାହା ଯୁଦ୍ଧବିଜେତାଙ୍କର ହୃଦୟ ପରିବର୍ତ୍ତନ କରିଦେଇଥିଲା। ଇତିହାସର ଗତିପଥକୁ ବଦଳାଇ ଦେଇଥିଲା। ଏପରି ଏକ ଯୁଦ୍ଧର ଉଦାହରଣ ପୃଥିବୀରେ ଘଟି ଯାଇଥିବା ଅସଂଖ୍ୟ ଯୁଦ୍ଧ ମଧ୍ୟରେ ଦେଖିବାକୁ ମିଳେ ନାହିଁ।

ମଗଧ ସମ୍ରାଟ ଅଶୋକ ଖ୍ରୀ.ପୂ. ୨୬୧ ମସିହାରେ କଳିଙ୍ଗ ଆକ୍ରମଣ କରିଥିଲେ। ଉକ୍ତ ଆକ୍ରମଣ ମଗଧ ସାମ୍ରାଜ୍ୟର ସାମ୍ରାଜ୍ୟବାଦ ଓ ରାଜ୍ୟ ବିସ୍ତାର ନୀତିର ଏକ ଅଂଶ ଥିଲା। ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଉତ୍ତର ପୂର୍ବରେ ହିନ୍ଦୁକୁଶ ପାର୍ବତ୍ୟ ଶ୍ରେଣୀ ଠାରୁ ଦକ୍ଷିଣରେ ମହିଶୂର ପର୍ଯ୍ୟନ୍ତ ବ୍ୟାପ୍ତ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ। ସେ କଳିଙ୍ଗ ଆକ୍ରମଣ କରିନଥିଲେ। ଚନ୍ଦ୍ରଗୁପ୍ତଙ୍କ ପରେ ସମ୍ରାଟ ବିନ୍ଦୁସାର ବିସ୍ତୃତ ଓ ବିଶାଳ ସାମ୍ରାଜ୍ୟର ସଂଗଠନ ଓ ଦୃଢିକରଣ ଦିଗରେ ବ୍ୟସ୍ତ ରହିଲେ। ସେ କଳିଙ୍ଗ ଆକ୍ରମଣ ଚିନ୍ତା କରିନଥିଲେ। ତାଙ୍କ ପରେ ଅଶୋକ ମଗଧ ସିଂହାସନ ଆରୋହଣ କଲେ। ସେ ହିଂସ୍ର, ନିର୍ଦ୍ଦୟ ଓ ନିଷ୍ଠୁର ଥିଲେ। ଲୋକମୁଖରେ ସେ ଚଣ୍ଡାଶୋକ ବୋଲି ପରିଚିତ ଥିଲେ। ସେ ସାମ୍ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ କଳିଙ୍ଗ ଆକ୍ରମଣ କଲେ।

ମଗଧ ସାମ୍ରାଜ୍ୟର ପୂର୍ବ ଦିଗରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଶକ୍ତିଶାଳୀ ଓ ବିତ୍ତଶାଳୀ କଳିଙ୍ଗର ଉପସ୍ଥିତି, ମଗଧ ସାମ୍ରାଜ୍ୟ ପ୍ରତି ସମ୍ଭାବ୍ୟ ବିପଦର ଆଭାସ ଥିଲା। କଳିଙ୍ଗର ନୌବାଣିଜ୍ୟ ଓ ନୌଶକ୍ତି ସୁଦୃଢ ଥିଲା। କଳିଙ୍ଗ ଅଧିକାର କରି ମଗଧକୁ ଏକ ସାମୁଦ୍ରିକ ଶକ୍ତିରେ ପରିଣତ କରିବା, କଳିଙ୍ଗର ଐଶ୍ୱର୍ଯ୍ୟ ଓ ସମ୍ପଦ ଅଧିକାର କରିବା ଅଶୋକଙ୍କ କଳିଙ୍ଗ ଆକ୍ରମଣର ଉଦ୍ଦେଶ୍ୟ ଥିଲା।

ସିଂହଳ ରାଜା ଅଶୋକଙ୍କ ଉଦ୍ଦେଶ୍ୟରେ କେତେକ ମୂଲ୍ୟବାନ ଉପହାର ସାମଗ୍ରୀ ପଠାଇଥିଲେ। ଜଳଦସ୍ୟୁମାନେ ସମୁଦ୍ର ମଝିରେ ଏହାକୁ ଲୁଣ୍ଠନ କଲେ। ଅଶୋକ ଭାବିଲେ

ଏହା କଳିଙ୍ଗର ଜଳଦସ୍ୟୁ ମାନଙ୍କର କାମ। ସେମାନଙ୍କୁ ଦଣ୍ଡିତ କରିବାକୁ ଓ କ୍ଷତି ପୂରଣ ପ୍ରଦାନ କରିବାକୁ ସେ କଳିଙ୍ଗ ରାଜାଙ୍କୁ କହିଲେ। କଳିଙ୍ଗ ରାଜା, ଜଳଦସ୍ୟୁମାନେ ତାଙ୍କର ପ୍ରଜା ନୁହଁନ୍ତି ବୋଲି କହି ଅଶୋକଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କଲେ। ଏହାର ଫଳସ୍ୱରୂପ ଅଶୋକ କଳିଙ୍ଗ ଆକ୍ରମଣ କଲେ। ଏହା ଯୁଦ୍ଧର ଆଶୁ କାରଣ ଥିଲା।

ଏହା ବ୍ୟତୀତ ଓଡ଼ିଶାର ଉପକୂଳବର୍ତ୍ତୀ କୈବର୍ତ୍ତ ସମାଜରେ ପ୍ରଚଳିତ ଏକ କାହାଣୀ ଅନୁସାରେ କାରୁବାକୀ ନାମକ ଏକ ପରମାସୁନ୍ଦରୀ କୈବର୍ତ୍ତ କନ୍ୟାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ। ଅଶୋକଙ୍କ ଦ୍ୱିତୀୟ ରାଣୀଙ୍କର ନାମ ଥିଲା କାରୁବାକୀ। ପ୍ରକୃତରେ ଯୁଦ୍ଧର ମୁଖ୍ୟ କାରଣ ଥିଲା ରାଜ୍ୟ ବିସ୍ତାର ଓ ମଗଧ ସାମ୍ରାଜ୍ୟବାଦ।

ମଗଧ ସାମ୍ରାଜ୍ୟର ବିଶାଳ ସୈନ୍ୟବାହିନୀ ସହିତ ଅଶୋକ କଳିଙ୍ଗ ଆକ୍ରମଣ କଲେ। କଳିଙ୍ଗର ସୈନ୍ୟବାହିନୀ ବିଭିନ୍ନ ସ୍ଥାନରେ ମଗଧ ସୈନ୍ୟବାହିନୀର ପ୍ରତିରୋଧ କଲେ। କିନ୍ତୁ ଏହାର ଗତିରୋଧ କରିପାରିଲେ ନାହିଁ। ଭୁବନେଶ୍ୱର ନିକଟସ୍ଥ ଧଉଳି ପାହାଡ଼ ଓ ଶିଶୁପାଳ ଗଡ଼ ନିକଟ ଦୟାନଦୀ କୂଳରେ ଅନ୍ତିମ ଓ ଶେଷ ଯୁଦ୍ଧ ହେଲା। ଆଉଗୋଟିଏ ମତାନୁସାରେ କଳିଙ୍ଗ ଓ ଉତ୍କଳ ପୃଥକ ରାଜ୍ୟଥିଲେ ଦୟାନଦୀ ଉଭୟ ରାଜ୍ୟର ସୀମା ଥିଲା। ଉତ୍କଳୀୟମାନେ ସାମ୍ୟ ଓ ମୈତ୍ରୀ ଧର୍ମୀ ଥିବାରୁ



ମଗଧ ସେନାକୁ ପ୍ରତିରୋଧ କରିନଥିଲେ। କଳିଙ୍ଗ ସୀମାରେ ଧଉଳିଠାରେ ମଗଧ ଓ କଳିଙ୍ଗ ସେନା ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା। କଳିଙ୍ଗ ପରାଜୟ ବରଣ କଲା। ଯୁଦ୍ଧରେ ଏକଲକ୍ଷ ସୈନ୍ୟ ନିହତ ଓ ଏକ ଲକ୍ଷ ପଚିଶ ହଜାର ସୈନ୍ୟ ବନ୍ଦୀ ହୋଇଥିଲେ। ଆହତଙ୍କ ସଂଖ୍ୟା ବହୁତ ବେଶୀ ଥିଲା। ଏହା ଥିଲା ଓଡ଼ିଆମାନଙ୍କର ଏକ ଜାତୀୟ ଯୁଦ୍ଧ। ଯୁଦ୍ଧପରେ ଓଡ଼ିଶାର ଆର୍ଥିକ ଓ ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳିତ ଓ ଧ୍ୱସ୍ତବିଧ୍ୱସ୍ତ ହୋଇ ପଡ଼ିଥିଲା। ସବୁ ଆଡ଼େ ଧ୍ୱଂସର ତାଣ୍ଡବ, ଦୈନ୍ୟ, ଦୁଃଖ, ହାହାକାରର କରୁଣ ଚିତ୍ର ପରିଦୃଶ୍ୟ ହେଉଥିଲା।

କଳିଙ୍ଗ ଯୁଦ୍ଧର ବିଭୀଷିକା ସମ୍ରାଟ ଅଶୋକଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ତାଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଆସିଲା। ସେ ଅନୁଭବ କଲେ ଯେ ସେ କଳିଙ୍ଗ ଜୟ କରିଛନ୍ତି ସତ, କିନ୍ତୁ କଳିଙ୍ଗବାସୀଙ୍କୁ ଜୟ କରିପାରି ନାହାନ୍ତି।

ତାଙ୍କର ହୃଦ୍‌ବୋଧ ହେଲା; ତରବାରୀର ଜୟ, ପ୍ରକୃତ ବିଜୟ ନୁହେଁ, ଅଧିବାସୀମାନଙ୍କର ହୃଦୟ ଜୟ କରିବା ହିଁ ପ୍ରକୃତ ବିଜୟ। ଯୁଦ୍ଧର କ୍ଷୟ କ୍ଷତି ନିମିତ୍ତ ସେ ନିଜକୁ ଦାୟୀ କରି ଗଭୀର ଦୁଃଖ ଓ ଅନୁତାପ କରୁଛନ୍ତି ବୋଲି ଘୋଷଣା କରିଥିଲେ। ମାନସିକ ସ୍ତରରେ ଗଭୀର ଭାବେ ଆହତ ଓ ବ୍ୟଥିତ ସମ୍ରାଟ ଅଶୋକ, ବୌଦ୍ଧ ସନ୍ୟାସୀ ଉପଗୁପ୍ତଙ୍କ ଦ୍ୱାରା ପ୍ରଭାବିତ ହୋଇ ଅହିଂସା, ଶାନ୍ତି ଓ ମୈତ୍ରୀ ନୀତିକୁ ଶାସନର ମୂଳମନ୍ତ୍ର ରୁପେ ଗ୍ରହଣ କଲେ। ପ୍ରଜାମଙ୍ଗଳ ଓ ପ୍ରଜାହିତ ତାଙ୍କ ଶାସନର ମୁଖ୍ୟ ଉଦ୍ଦେଶ୍ୟ ହେଲା।

କଳିଙ୍ଗବାସୀଙ୍କ ହୃଦୟ ଜୟ କରିବା ନିମିତ୍ତ ସେ କଳିଙ୍ଗକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୁପେ ଗଠନ କରି ଜଣେ ଉଚ୍ଚ ପଦାଧିକାରୀ ରାଜପ୍ରତିନିଧି କୁମାରଅମାତ୍ୟଙ୍କ (ରାଜପୁତ୍ର) ଅଧିନରେ ରଖିଲେ। ତୋଷାଳୀ (ଶିଶୁପାଳ) ଏହାର ମୁଖ୍ୟ ପ୍ରଶାସନିକ କେନ୍ଦ୍ର ଓ ଗଞ୍ଜାମ ଜିଲ୍ଲାର ଜଉଗଡ ନିକଟସ୍ଥ ସମପା ଅନ୍ୟଏକ ପ୍ରଶାସନିକ କେନ୍ଦ୍ର ଥିଲା। ଅଶୋକ କଳିଙ୍ଗର ପଶ୍ଚିମାଞ୍ଚଳ ଆକ୍ରମଣ କରିନଥିଲେ। ଏହି ଅବିଜିତ ଅଞ୍ଚଳର ଅଧିବାସୀ ମାନଙ୍କ ପ୍ରତି ଅଶୋକ କ୍ଷମା ଓ ସହୃଦୟତା ନୀତି ପ୍ରଦର୍ଶନ କରିଥିଲେ। ଧର୍ମ ଅନୁସରଣ କରିବାକୁ, କ୍ଷମା ଦେବାକୁ ଆଶ୍ୱାସନା ପ୍ରଦାନ କରିଥିଲେ। ପ୍ରଜାମାନଙ୍କୁ ସୁଶାସନ ଦେବାପାଇଁ ରାଜକର୍ମଚାରୀ ମାନଙ୍କୁ ଇର୍ଷା, କ୍ରୋଧ, ନିଷ୍ଠୁରତା ତଥା ଆଳସ୍ୟ ପରି ଦୁର୍ଗୁଣକୁ ବର୍ଜନକରି ନିରପେକ୍ଷ ଓ ନ୍ୟାୟୋଚିତ ଶାସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଘୋଷଣା କରିଥିଲେ, "ସବୁ ପ୍ରଜାମାନେ ମୋର ସନ୍ତାନ। ମୋର ନିଜ ସନ୍ତାନ ମାନଙ୍କ ପରି ମୋର ପ୍ରଜାମାନେ ଇହକାଳ ତଥା ପରକାଳରେ ସୁଖ ଶାନ୍ତି ଲାଭ କରନ୍ତୁ ଏହାହିଁ ମୋର କାମ୍ୟ"। କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକଙ୍କର ଚିନ୍ତା ଓ ଚେତନା, ନୀତି ଓ ଶାସନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ କରିଥିଲା। ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେଲେ। ଦିଗ୍ ବିଜୟ ଧର୍ମ ବିଜୟରେ, ରଣଭେରୀ ଧର୍ମଭେରୀରେ, ରଣ ଘୋଷ ଧର୍ମ ଘୋଷରେ, ବିଜୟ ଯାତ୍ରା ଧର୍ମ ଯାତ୍ରାରେ ପରିବର୍ତ୍ତିତ ହେଲା।

ଅଶୋକଙ୍କର କଳିଙ୍ଗ ବିଜୟ ଓ ତତ୍‌ପରବର୍ତ୍ତୀ ପ୍ରଜାହିତୈଷୀ ଶାସନର ସୁଦୂର ପ୍ରସାରୀ ପ୍ରଭାବ ଥିଲା। କଳିଙ୍ଗବାସୀଙ୍କ ଉନ୍ନତି, ଯୁଦ୍ଧଜନିତ କ୍ଷୟକ୍ଷତିର ଉପଶମ ଓ ଅଧିବାସୀମାନଙ୍କର ଆର୍ଥିକ,ସାମାଜିକ ଓ ନୈତିକ ଉନ୍ନତି ଉଦ୍ଦେଶ୍ୟରେ ଅଶୋକ ଶାସନକଳକୁ ସୁସଂଗଠିତ କରିଥିଲେ। ତାଙ୍କ ରାଜତ୍ୱରେ ଓଡ଼ିଶାରେ ବୌଦ୍ଧଧର୍ମର ବ୍ୟାପକ ପ୍ରସାର ହୋଇଥିଲା। ଓଡ଼ିଶାରେ ମୌର୍ଯ୍ୟଯୁଗୀୟ କଳା ସ୍ଥାପତ୍ୟର ବିକାଶ ହୋଇଥିଲା। ଧଉଳି ଶିଳାଲେଖ ଉପରେ ଖୋଦିତ ହସ୍ତୀ, ଭୁବନେଶ୍ୱର ନିକଟରୁ ମିଳିଥିବା ଅଶୋକସ୍ତମ୍ଭର




ଧ୍ୱଂସାବଶେଷ, ଅସୁରଗଡ଼ (କଳାହାଣ୍ଡି) ଠାରୁ ମିଳିଥିବା ଅଶୋକସ୍ତମ୍ଭ ସଦୃଶ ବାଲୁକା ପ୍ରସ୍ତର ଇତ୍ୟାଦି ମୌର୍ଯ୍ୟ କଳା ଓ ସ୍ଥାପତ୍ୟର ଉଦାହରଣ। କେବଳ ଓଡ଼ିଶା ନୁହେଁ, ଭାରତ ଓ ଭାରତ ବାହାରେ ଅଶୋକଙ୍କ ସୁଶାସନର ସୁଫଳ ମିଳିଥିଲା। ଧର୍ମ ଓ ସଂସ୍କୃତିର ପ୍ରସାର ପାଇଁ ଅଶୋକ; ପୁତ୍ର ମହେନ୍ଦ୍ର, କନ୍ୟା ସଂଘମିତ୍ରା ଓ ଆଠଗୋଟି ବୌଦ୍ଧ ପରିବାରକୁ ସିଂହଳ ପଠାଇଥିଲେ। ସେମାନେ ସେଠାରେ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର କରିଥିଲେ। ଅଶୋକଙ୍କ ଦ୍ୱାରା ପ୍ରେରିତ ଉତ୍ତର ଥେର ଓ ଶୋଣ ଥେର ସୁବର୍ଣ୍ଣଭୂମୀ ବ୍ରହ୍ମଦେଶରେ ବୌଦ୍ଧ ଧର୍ମର ପ୍ରଚାର କରିଥିଲେ। ଅନ୍ୟାନ୍ୟ ଭାରତ ଉପସାଗର କୂଳସ୍ଥ ଦେଶମାନଙ୍କୁ ମଧ୍ୟ ବୌଦ୍ଧ ସନ୍ୟାସୀ ମାନଙ୍କୁ ପ୍ରେରଣ କରାଯାଇଥିଲା। ଭାରତ ବାହାରେ ଭାରତୀୟ ଧର୍ମ ଓ ସଂସ୍କୃତିର ଆଲୋକ ବହୁଦେଶକୁ ଆଲୋକିତ ଓ ପ୍ରଭାବିତ କରିଥିଲା।




କଳିଙ୍ଗଯୁଦ୍ଧହିଁ ଅଶୋକଙ୍କ ଜୀବନରେ ଏକ ଗତିପରିବର୍ତ୍ତନ କାରୀ ମହାନ ଘଟଣା ଥିଲା। ଏହା ଅଶୋକଙ୍କର ପ୍ରଥମ ଓ ଶେଷ ଯୁଦ୍ଧ ଥିଲା। ଦସ୍ୟୁ ରତ୍ନାକର ବାଲ୍ମିକୀ ହେବା ପରି, କଠୋର ହୃଦୟ ଅଶୋକ ଜଣେ ଦରଦୀ ପ୍ରଜାବତ୍ସଳ ଶାସକରେ ପରିଣତ ହୋଇଥିଲେ। "ଦେବାନାଂ ପ୍ରିୟ ପ୍ରିୟଦର୍ଶୀନଂ ଅଶୋକ" ରୁପେ ପରିଚିତ ହେଲେ। ପୃଥିବୀର ମହାନ ସମ୍ରାଟମାନଙ୍କ ମଧ୍ୟରେ ପ୍ରଥମସ୍ଥାନର ଅଧିକାରୀ ହେବାର ଗୌରବ ଲାଭ କଲେ।

# ଅଶୋକଙ୍କପର ଓଡ଼ିଶା

ଅଶୋକଙ୍କ ପରଠାରୁ ଖାରବେଳଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ପ୍ରାୟତଃ ଅସ୍ପଷ୍ଟ। କଳିଙ୍ଗ ଯୁଦ୍ଧ ଓଡ଼ିଶାର ସାମରିକ ଶକ୍ତିକୁ ଧ୍ୱଂସ କରିଦେଇଥିଲା । ଓଡ଼ିଶା ମୌର୍ଯ୍ୟ ସାମ୍ରାଜ୍ୟର ଏକ ପ୍ରଶାସନିକ ଅଞ୍ଚଳ ଥିଲା । ଏଠାରେ ବୌଦ୍ଧଧର୍ମର ବ୍ୟାପକ ପ୍ରସାର ହୋଇଥିଲା । ଓଡ଼ିଶା ବୌଦ୍ଧଧର୍ମର ଏକ ପ୍ରଧାନ କେନ୍ଦ୍ରରେ ପରିଣତ ହୋଇଥିଲା । ପ୍ରଜାମାନେ ଶାନ୍ତି, ଅହିଂସା ନୀତିରେ ଅନୁପ୍ରାଣୀତ ହୋଇଥିଲେ । ପୁଷ୍ୟମିତ୍ର ସୁଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ପତନ ଘଟାଇ (ଖ୍ରୀ.ପୂ. ୧୮୫) ମଗଧରେ ସୁଙ୍ଗ ବଂଶର ଶାସନ ପ୍ରତିଷ୍ଠା କଲେ । ତାଙ୍କ ପରେ ମଗଧ ସାମ୍ରାଜ୍ୟ ଦୁର୍ବଳ ଓ ବିଭାଜିତ ହେଲା । ଆଞ୍ଚଳିକ ଶକ୍ତିମାନଙ୍କର ଅଭ୍ୟୁଦୟ ହେଲା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ କଳିଙ୍ଗରେ ଚେଦିବଂଶର ଶାସନ ପ୍ରତିଷ୍ଠା ହୋଇଥିଲା । ମହାମେଘବାହନ ଐର ଖାରବେଳ ଏହି ବଂଶର ତୃତୀୟ ଶାସକ ଥିଲେ ।


ପଶ୍ଚିମ ଓଡ଼ିଶା ଉପରେ (ଅଶୋକଙ୍କ ବର୍ଣ୍ଣିତ ଆଟବିକ ରାଜ୍ୟ) ମଗଧର ନିୟନ୍ତ୍ରଣ ଦୁର୍ବଳ ଥିଲା । ଜୈନ ହରିବଂଶ ପୁରାଣର ଏକ ବର୍ଣ୍ଣନାନୁସାରେ ଏହି ସମୟରେ ବିନ୍ଧ୍ୟପୃଷ୍ଠରେ ଚେଦିବଂଶର ଏକ ରାଜ୍ୟ ଅବସ୍ଥିତ ଥିଲା । ଏହାର ରାଜଧାନୀ ଶକ୍ତିମତୀ ନଗରୀ, ଶକ୍ତିମତୀ (ସୁକତେଲ) ନଦୀକୂଳରେ ଅବସ୍ଥିତ ଥିଲା । ଉଲ୍ଲେଖନୀୟ ଖ୍ରୀ.ପୂ. ଷଷ୍ଠ ଶତକରେ ଉତ୍ତର ଭାରତରେ ଅବସ୍ଥିତ ଷୋଡ଼ଶ ଜନପଦ ମଧ୍ୟରେ ଚେଦି (ଉତ୍ତର ବୁନ୍ଦେଲାଖଣ୍ଡ) ଏକ ପ୍ରମୁଖ ରାଜ୍ୟ ଥିଲା । ଏହାର ଏକ ଶାଖା ପଶ୍ଚିମ ଓଡ଼ିଶାରେ (ବିନ୍ଧ୍ୟପୃଷ୍ଠରେ) ନୂତନ ରାଜ୍ୟ ପ୍ରତିଷ୍ଠା କରିଥାଇପାରନ୍ତି। ବର୍ଣ୍ଣନାନୁସାରେ ଏହି ବଂଶର ରାଜାଥିଲେ ଶୁଭଚନ୍ଦ୍ର । ତାଙ୍କର ପୁତ୍ର ବସୁ ଜଣେ ଧର୍ମପରାୟଣ ଶାସକ ଥିଲେ । ବସୁଙ୍କ ପରେ ଚେଦି ବଂଶର ଶକ୍ତିଶାଳୀ ଶାସକ ଥିଲେ ମହାମେଘ ବାହନ । ହାତୀଗୁମ୍ଫା ଶିଳାଲେଖରେ ଖାରବେଳ ରାଜର୍ଷି ବସୁଙ୍କ କୁଳରେ ଜନ୍ମହୋଇଥିଲେ ଓ ମହାମେଘବାହନ ତାଙ୍କର ପିତାମହ ଥିଲେ ବୋଲି ବର୍ଣ୍ଣନା ଅଛି । ହରିବଂଶ ପୁରାଣରେ ବର୍ଣ୍ଣିତ ମହର୍ଷି ବସୁ ଓ ମହାମେଘବାହନ ହାତୀଗୁମ୍ଫା ଅଭିଲେଖର ରାଜର୍ଷିବସୁ ଓ ମହାମେଘବାହନ ସମାନ ବ୍ୟକ୍ତି ହୋଇପାରନ୍ତି ବୋଲି କେତେକ ମତ ଦିଅନ୍ତି । ବିନ୍ଧ୍ୟପୃଷ୍ଠସ୍ଥ ଚେଦିବଂଶର ମହାମେଘବାହନ, ଖାରବେଳଙ୍କର ପିତାମହ ହୋଇପାରନ୍ତି ଓ ସେ କଳିଙ୍ଗ ଅଧିକାର କରି ସେଠାରେ ଚେଦି ବଂଶ ପ୍ରତିଷ୍ଠା କରିଥିଲେ ବୋଲି କୁହାଯାଇପାରେ । ତାଙ୍କପରେ ଚେତରାଜ ବା ଚୈତ୍ୟରାଜ କଳିଙ୍ଗର ଦ୍ୱିତୀୟ ଓ ମହାମେଘବାହନ ଐର ଖାରବେଳ କଳିଙ୍ଗର ତୃତୀୟ ଚେଦି ଶାସକ ଥିଲେ ।

●●●

# କଳିଙ୍ଗ ସମ୍ରାଟ
# ମହାମେଘବାହନ ଐର ଖାରବେଳ

ମଗଧ ସମ୍ରାଟ ଅଶୋକଙ୍କ ତିରୋଧାନ (ଖ୍ରୀଷ୍ଟପୂର୍ବ ୨୩୨) ପରେ ସୁବିଶାଳ ମୌର୍ଯ୍ୟ ସାମ୍ରାଜ୍ୟ କ୍ରମଶଃ ଦୁର୍ବଳ ଓ ପର୍ଯ୍ୟାୟ କ୍ରମେ ଖଣ୍ଡବିଖଣ୍ଡିତ ହୋଇଗଲା। ମଗଧ ସାମ୍ରାଜ୍ୟର ଦୁର୍ବଳତା ଓ ଅସ୍ଥିରତାର ସୁଯୋଗରେ ମହାରାଷ୍ଟ୍ର-ଆନ୍ଧ୍ର ଅଞ୍ଚଳରେ ସାତବାହାନ ରାଜବଂଶ ଓ କଳିଙ୍ଗରେ ଚେଦି ରାଜବଂଶର ଅଭ୍ୟୁଥାନ ହୋଇଥିଲା।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ ଚେଦି ରାଜା ମହାମେଘବାହନ କଳିଙ୍ଗରେ ଚେଦି ରାଜ ବଂଶ ଓ ରାଜତ୍ୱ ପ୍ରତିଷ୍ଠା କରିଥିଲେ ଏବଂ ରାଜଧାନୀ କଳିଙ୍ଗ ନଗରୀ ନିର୍ମାଣ କରିଥିଲେ। ତାଙ୍କ ନାମ ଅନୁସାରେ ରାଜବଂଶକୁ ମହାମେଘବାହାନ ରାଜବଂଶ କୁହାଯାଏ। ସେ ଖାରବେଳଙ୍କର ପିତାମହ ଥିଲେ । ତାଙ୍କନାମକୁ ଖାରବେଳ ରାଜକୀୟ ଉପାଧି ରୁପେ ଗ୍ରହଣ କରିଥିଲେ । କଳିଙ୍ଗ ଚେଦିବଂଶର ଦ୍ୱିତୀୟ ରାଜା ଚେତରାଜ ବା ଚୈତ୍ୟ ରାଜଙ୍କ ସମ୍ବନ୍ଧରେ ସୂଚନା ମିଳେ ନାହିଁ । ମହାମେଘବାହନ ଐର ଖାରବେଳ ହେଉଛନ୍ତି ଚେଦି ରାଜବଂଶର ତୃତୀୟ ଶାସକ । ସେ ଜଣେ ମହାପରାକ୍ରମୀ ଦିଗବିଜୟୀ, ସୁଶାସକ ଥିଲେ। ତାଙ୍କ ନେତୃତ୍ୱରେ କଳିଙ୍ଗ ସାମ୍ରାଜ୍ୟ ଭାରତରେ ଏକ ମହାନ ରାଜନୈତିକ ଶକ୍ତି ରୁପେ ଆବିର୍ଭୁତ ହୋଇଥିଲା।




ଖାରବେଳଙ୍କ ଶାସନର କ୍ରମିକ ବିବରଣୀ ଭୁବନେଶ୍ୱର ନିକଟସ୍ଥ କୁମାରୀ ଗିରି ବା କୌମାର ଗିରି, ଲୋକମୁଖରେ ଉଦୟଗିରି ଉପରେ ଅବସ୍ଥିତ ହାତିଗୁମ୍ଫା ଶୀଳାଲେଖରେ ବର୍ଣ୍ଣିତ ଅଛି। ଖାରବେଳ ୧୫ବର୍ଷ ବେଳକୁ ଲେଖ (ସାହିତ୍ୟ), ରୁପ (ମୁଦ୍ରାବିଜ୍ଞାନ), ଗଣନା (ଗଣିତ), ବ୍ୟବହାର (ଆଇନଶାସ୍ତ୍ର),

ବିଧି (ପ୍ରଶାସନ) ଓ ସାମରିକ ବିଦ୍ୟାରେ ଶିକ୍ଷା ଓ ତାଲିମ ଗ୍ରହଣ କରିଥିଲେ। ୧୫ ବର୍ଷରୁ ୨୫ବର୍ଷ ମଧ୍ୟରେ ଯୁବରାଜ ପଦବୀରେ ଥାଇ ରାଜକାର୍ଯ୍ୟ ପରିଚାଳନାରେ ପ୍ରତ୍ୟକ୍ଷ ତାଲିମ ଓ ଅଭିଜ୍ଞତା ହାସଲ କରିଥିଲେ। ୨୫ ବର୍ଷ ବୟସରେ ତାଙ୍କର ରାଜ୍ୟାଭିଷେକ ହୋଇଥିଲା।

**ଦିଗ୍‌ବିଜୟ**- କଳିଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠା :- ମହାମେଘବାହନ ଐର ଖାରବେଳ ଜଣେ ପ୍ରବଳ ପରାକ୍ରମୀ, ଅଦ୍ୱିତୀୟ ଦିଗବିଜୟୀ, ସାମ୍ରାଜ୍ୟ ବିସ୍ତାରକାରୀ ସମ୍ରାଟ ଥିଲେ। ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ପଶ୍ଚିମ ଓ ମଧ୍ୟ ଭାରତରେ (ଉତ୍ତର ମହାରାଷ୍ଟ୍ର, ପଶ୍ଚିମ ମଧ୍ୟପ୍ରଦେଶ ଓ ଆନ୍ଧ୍ର) ସାତବାହନ ରାଜବଂଶ ଓ କଳିଙ୍ଗରେ ଚେଦି ରାଜ ବଂଶର ଅଭ୍ୟୁଦୟ ହୋଇଥିଲା। ମଗଧରେ (ମଗଧ ଓ ଅଙ୍ଗ) ମିତ୍ର ରାଜ ବଂଶ ଶାସନକରୁଥିଲେ। ସାତବାହନ ରାଜ୍ୟର ପ୍ରଥମ ସାତକର୍ଣ୍ଣି, ମିତ୍ର ରାଜବଂଶର ବୃହସ୍ପତିମିତ୍ର ଓ ଚେଦି ରାଜବଂଶର ଖାରବେଳଙ୍କ ମଧ୍ୟରେ ରାଜନୈତିକ କ୍ଷମତା ଓ ପ୍ରଭୁତ୍ୱ ବିସ୍ତାର ନିମିତ୍ତ ସଙ୍ଘର୍ଷ ହୋଇଥିଲା। ପ୍ରତ୍ୟେକ ଶକ୍ତିଶାଳୀ ଥିଲେ ଓ ସେମାନଙ୍କ ମଧ୍ୟରେ ସଙ୍ଘର୍ଷ, ସାମ୍ରାଜ୍ୟବାଦ ନୀତି ଦୃଷ୍ଟିରୁ ସ୍ୱାଭାବିକ ଥିଲା। ଏହି ସଙ୍ଘର୍ଷରେ ଖାରବେଳ ସଫଳ ହୋଇଥିଲେ ଓ ଭାରତରେ ଅପ୍ରତିଦ୍ୱନ୍ଦୀ ସମ୍ରାଟ ହେବାର ଗୌରବ ଅର୍ଜନ କରିଥିଲେ।

ଖାରବେଳଙ୍କ ସୈନ୍ୟବାହିନୀ ଶକ୍ତିଶାଳୀ, ଅପ୍ରତିଦ୍ୱନ୍ଦୀ ଓ ଅଜେୟ ଥିଲା। ସୈନ୍ୟ ବାହିନୀରେ ଗଜାରୋହୀ, ଅଶ୍ୱାରୋହୀ, ରଥାରୋହୀ ଓ ପଦାତିକ ସୈନ୍ୟ ଥିଲେ। ତାଙ୍କର ଏକ ଶକ୍ତିଶାଳୀ ଓ ସୁଦୃଢ଼ ନୌବାହିନୀ ଥିଲା। ଏହି ବିଶାଳ ସୈନ୍ୟବାହିନୀ ନେଇ ଖାରବେଳ ରାଜତ୍ୱର ବିଭିନ୍ନ ବର୍ଷରେ ପର୍ଯ୍ୟାୟକ୍ରମେ ଦକ୍ଷିଣଭାରତ ଓ ଉତ୍ତର ଭାରତରେ ସାମରିକ ଅଭିଯାନ କରି କଳିଙ୍ଗ ସାମ୍ରାଜ୍ୟର ବିସ୍ତାର କରିଥିଲେ। ରାଜତ୍ୱର ଦ୍ୱିତୀୟ ବର୍ଷରେ ଖାରବେଳ ଶକ୍ତିଶାଳୀ ସାତବାହନ ସମ୍ରାଟ ପ୍ରଥମ ସାତକର୍ଣ୍ଣୀଙ୍କ ବିରୁଦ୍ଧରେ ସାମରିକ ଅଭିଯାନ ଆରମ୍ଭ କଲେ। ଦୁର୍ଦ୍ଦଶ କଳିଙ୍ଗସେନା କୃଷ୍ଣାନଦୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଆସିକିନଗରୀ ଉପରେ ଆକ୍ରମଣ କରିଥିଲେ। ରାଜତ୍ୱର ଚତୁର୍ଥ ବର୍ଷରେ ପୁଣି ଥରେ ଦାକ୍ଷିଣାତ୍ୟ ଅଭିଯାନ ଆରମ୍ଭ ହେଲା। ସେତେବେଳେ ରାଣୀ ନୟନିକା (ପ୍ରଥମ ସାତକର୍ଣ୍ଣୀଙ୍କ ମୃତ୍ୟୁପରେ), ନାବାଳକ ରାଜପୁତ୍ର ଦେବଶ୍ରୀ ଓ ଶକ୍ତିଶ୍ରୀଙ୍କର ଅଭିଭାବକ ରୁପେ ରାଜ୍ୟ ଶାସନ କରୁଥିଲେ। ରାଷ୍ଟ୍ରିକ ଓ ଭୋଜକ ରାଜ୍ୟର ସାମନ୍ତ ରାଜାଙ୍କ ନେତୃତ୍ୱରେ ସାତବାହନ ସୈନ୍ୟବାହିନୀ ଖାରବେଳଙ୍କ ସହିତ ଯୁଦ୍ଧକରି ପରାଜିତ ହେଲେ। ସାତବାହନ ଶକ୍ତିର ପ୍ରତିପତ୍ତି ଓ ପ୍ରଭାବ ଧ୍ୱଂସ ହେଲା। **ପୂର୍ବ ସାଗର (କଳିଙ୍ଗ**

**ସାଗର) ଠାରୁ ପଶ୍ଚିମ ସାଗର (ଆରବ ସାଗର) ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ଉପରେ ଖାରବେଳଙ୍କର ରାଜନୈତିକ ପ୍ରଭାବ ପ୍ରତିଷ୍ଠିତ ହେଲା । ପ୍ରଥମ ଓ ଶେଷଥର ପାଇଁ କଳିଙ୍ଗର ପ୍ରଭାବ ପଶ୍ଚିମ ସାଗର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ।** ରାଜତ୍ୱର ଏକାଦଶ ବର୍ଷରେ ଖାରବେଳ ପୁନର୍ବାର ଦାକ୍ଷିଣାତ୍ୟ ଅଭିଯାନରେ ଯାଇଥିଲେ । ଉକ୍ତ ଅଭିଯାନର ଲକ୍ଷ୍ୟ ଥିଲା ତାମିଲ ମେଣ୍ଟ । ଦାକ୍ଷିଣାତ୍ୟର ରାଜ୍ୟ ଗୁଡ଼ିକ (ଚୋଳ, ପାଣ୍ଡ୍ୟ, ସତ୍ୟପୁତ୍ର, କେରଳ ପୁତ୍ର ଓ ତାମ୍ରପର୍ଣ୍ଣୀ ବା ସିଂହଳ) ମଧ୍ୟରେ ଏକ ଶକ୍ତିଶାଳୀ ମେଣ୍ଟ ଗଠିତ ହୋଇଥିଲା । ଖାରବେଳଙ୍କ ପୂର୍ବରୁ ଉତ୍ତର ଭାରତର କୌଣସି ରାଜା (ମହାପଦ୍ମ ନନ୍ଦ, ଚନ୍ଦ୍ରଗୁପ୍ତ କିମ୍ବା ଅଶୋକ) ଉକ୍ତ ସଂଘକୁ ପରାଜିତ କରି ନଥିଲେ । ଖାରବେଳଙ୍କ ଅଭିଯାନ ପ୍ରଥମ ଥିଲା । ଉଭୟ ସ୍ଥଳଭାଗ ଓ ଜଳଭାଗରେ ଯୁଦ୍ଧ ହୋଇଥିଲା । ଉଭୟ ପକ୍ଷରୁ ଅନେକ କ୍ଷୟକ୍ଷତି ହୋଇଥିଲା । ଶେଷରେ ଖାରବେଳ ହିଁ ବିଜୟୀ ହେଲେ । ତାମିଲସଘଂର ମୁଖ୍ୟ ପାଣ୍ଡ୍ୟଶାସକ ବହୁ ଧନରତ୍ନ ପ୍ରଦାନ କରି ଖାରବେଳଙ୍କର ପ୍ରଭୃତ୍ୱ ସ୍ୱୀକାର କଲେ । ଶହ ଶହ ବର୍ଷଧରି ଅଜେୟ ଓ ଅଭେଦ୍ୟ ବୋଲି ବିବେଚିତ ତାମିଲ ସଂଘର ଧ୍ୱଂସ ସାଧନ ହେଲା । କଳିଙ୍ଗର ପ୍ରାଧାନ୍ୟ ଓ ପ୍ରଭୁତ୍ୱ ଦାକ୍ଷିଣଭାରତରେ ଓ କଳିଙ୍ଗ ସାଗରରେ ପ୍ରତିଷ୍ଠିତ ହେଲା । କଳିଙ୍ଗ ସାଗରରେ ଉତ୍କଳୀୟ ନୌବାଣିଜ୍ୟ ସୁରକ୍ଷିତ ହେଲା ।

ରାଜତ୍ୱର ଅଷ୍ଟମ ବର୍ଷରେ ଖାରବେଳଙ୍କର ଉତ୍ତର ଭାରତ ଅଭିଯାନ ଆରମ୍ଭ ହେଲା । କଳିଙ୍ଗ ସେନା ଗୟାଜିଲ୍ଲାରେ ଅବସ୍ଥିତ ଗୋରଥଗିରି ଆକ୍ରମଣ କଲେ । ମଗଧ ରାଜଧାନୀ ରାଜଗୃହ ବହୁଦୁର ନଥିଲା । ମାତ୍ର, ସେହି ସମୟରେ ଜଣେ ଯବନରାଜା ଦିମିତ ବା ଦିମେଟ୍ରିଅସ ଜୈନ ଧର୍ମପୀଠ ମଥୁରା ଅଧିକାର କରି ପାଟଳିପୁତ୍ର ଆଡ଼କୁ ଅଗ୍ରସର ହେଉଥିଲେ । ଏହି ଖବରପାଇ ଖାରବେଳ  ମଗଧ ଅଭିଯାନକୁ ସ୍ଥଗିତ ରଖି ବୈଦେଶିକମାନଙ୍କ ହସ୍ତରୁ ଦେଶକୁ ମୁକ୍ତ କରିବା ଉଦ୍ଦେଶ୍ୟରେ ମଥୁରା ଆଡ଼କୁ ସୈନ୍ୟ ଚାଳନା କଲେ । ଯବନମାନଙ୍କୁ ପରାଜିତ କରି ମଥୁରାରୁ ବିତାଡ଼ିତ କଲେ । ଏହା ତାଙ୍କର ଏକ ମହାନ କାର୍ଯ୍ୟଥିଲା । ବୈଦେଶିକ ମାନଙ୍କ କବଳରୁ ମଥୁରାକୁ ମୁକ୍ତ କରିବାକୁ ପ୍ରାଥମିକତା ଦେବା ତାଙ୍କ ଦେଶପ୍ରେମର ନମୁନା ଥିଲା । ଏହି ଘଟଣାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଖାରବେଳ ରାଜଧାନୀରେ 'ମହାବିଜୟ ପ୍ରାସାଦ' ନିର୍ମାଣ କରିଥିଲେ । ମଥୁରାରୁ ପବିତ୍ର କଳ୍ପବୃକ୍ଷର ଏକ ଶାଖା ନିଜ ରାଜଧାନୀକୁ ଆଣିଥିଲେ । ରାଜତ୍ୱର ଦଶମ ବର୍ଷରେ ଦ୍ୱିତୀୟବାର ଉତ୍ତର ଭାରତ ଅଭିଯାନରେ ଯାଇ ଅନେକ ରାଜାଙ୍କୁ ପରାଜିତ କଲେ ଓ ଏକାଦଶ ବର୍ଷ ପ୍ରାରମ୍ଭରେ ଅନେକ ଧନରତ୍ନ ସହିତ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ

କଲେ । ରାଜତ୍ୱର ଦ୍ୱାଦଶ ବର୍ଷରେ ପୁନର୍ବାର ତୃତୀୟଥର ପାଇଁ ଉତ୍ତର ଭାରତ ଅଭିଯାନରେ ଯାଇ ପୂର୍ବପରି ବହୁ ରାଜାଙ୍କୁ ପରାଜିତ କଲେ। ଫେରିବା ପଥରେ ମଗଧ ଆକ୍ରମଣ କଲେ। ଅଙ୍ଗ ଓ ମଗଧର ରାଜା ବୃହସ୍ପତିମିତ୍ର ପରାଜିତ ହେଲେ ଓ ବହୁ ଧନରତ୍ନ ପ୍ରଦାନ କରି ଖାରବେଳଙ୍କ ବଶତା ସ୍ୱୀକାର କଲେ। ଖାରବେଳ ମଗଧରୁ ମହାପଦ୍ମନନ୍ଦ ନେଇ ଯାଇଥିବା କଳିଙ୍ଗ ଜୀନମୂର୍ତ୍ତୀକୁ ନେଇ ଆସିଲେ। ଏହା ସ୍ୱାଭିମାନର ପ୍ରଶ୍ନଥିଲା। ଖାରବେଳଙ୍କ ମଗଧ ବିଜୟ, ମଗଧ ସମ୍ରାଟ ମହାପଦ୍ମନନ୍ଦ ଓ ଅଶୋକଙ୍କର କଳିଙ୍ଗ ବିଜୟର ଯଥାର୍ଥ ପ୍ରତିଶୋଧ ଥିଲା। କଳିଙ୍ଗର ଯଶ, ସମ୍ମାନ ଓ ଗୌରବ ବୃଦ୍ଧି ହେଲା। ଉକ୍ତ ବିଜୟ ପରେ ମଧ୍ୟଭାରତର ନାଗରାଜା ଅନେକ ଧନରତ୍ନ, ହସ୍ତୀ, ଅଶ୍ୱ ଓ ହରିଣ ଉପହାର ଦେଇ ଖାରବେଳଙ୍କର ପ୍ରଭୁତ୍ୱ ସ୍ୱୀକାର କରିଥିଲେ।




ଏହିପରି ଭାବରେ ଖାରବେଳ ଉତ୍ତର ଭାରତ, ଦକ୍ଷିଣ ଭାରତ ଓ ମଧ୍ୟଭାରତରେ ରାଜନୈତିକ ପ୍ରଭାବ ପ୍ରତିଷ୍ଠାକରି କଳିଙ୍ଗ ସାମ୍ରାଜ୍ୟକୁ ମହିମାନ୍ୱିତ କରିଥିଲେ। କଳିଙ୍ଗର ଇତିହାସକୁ ଗୌରବ ମଣ୍ଡିତ କରିଥିଲେ। ପ୍ରଥମଥର ପାଇଁ ହିମାଳୟ ଠାରୁ କୁମାରିକା, କଳିଙ୍ଗସାଗର ଠାରୁ ଆରବସାଗର ପର୍ଯ୍ୟନ୍ତ କଳିଙ୍ଗର ବିଜୟ ପତାକା ଉଡ଼ିଥିଲା। ସାରା ଭାରତରେ କଳିଙ୍ଗର ଶକ୍ତି ଓ ଉପସ୍ଥିତି ଅନୁଭୂତ ହୋଇଥିଲା।

**ପ୍ରଜାମଙ୍ଗଳ ଶାସନ** :- ମହାମେଘବାହାନ ଐର ଖାରବେଳ ଜଣେ ଜନହିତୈଷୀ ସୁଶାସକ ଥିଲେ। ପ୍ରଜାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମିତ୍ତ ଅନେକ ଲୋକହିତକର କାର୍ଯ୍ୟ କରିଥିଲେ। ତାଙ୍କ ରାଜତ୍ୱର ପ୍ରଥମ ବର୍ଷରେ ବାତ୍ୟା ବିଧ୍ୱସ୍ତ ରାଜଧାନୀ କଳିଙ୍ଗ ନଗରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ରାଜଧାନୀରେ ଅନେକ ତୋରଣ ଓ ଅଟ୍ଟାଳିକାର ଜୀର୍ଣ୍ଣ ସଂସ୍କାର; ମନୋରମ ଉଦ୍ୟାନ ନିର୍ମାଣ, କୃତ୍ରିମ ତଡ଼ାଗ ଖନନ, ସରୋବର ମାନଙ୍କର ପାହାଚ ଓ ପ୍ରାଚୀର ନିର୍ମାଣ ଇତ୍ୟାଦି ଅନେକ କାମ ହୋଇଥିଲା। ରାଜକୋଷରୁ ୩୫ ଲକ୍ଷ ମୁଦ୍ରା ବ୍ୟୟ ହୋଇଥିଲା। ରାଜଧାନୀ

ସୁନ୍ଦର ଓ ଆକର୍ଷଣୀୟ ହେବା ସହିତ ପ୍ରଜାମାନଙ୍କୁ କର୍ମ ସଂସ୍ଥାନ ମିଳିଲା। ସେମାନଙ୍କର ଆୟ ଓ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ହୋଇଥିଲା।


ରାଜତ୍ୱର ପଞ୍ଚମ ବର୍ଷରେ ଖାରବେଳ ନନ୍ଦରାଜାଙ୍କ ଦ୍ୱାରା ଖୋଦିତ କେନାଲର ପୁନରୁଦ୍ଧାର କରି ରାଜଧାନୀ କଳିଙ୍ଗନଗର ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଏହା ଦ୍ୱାରା କୃଷିର ଉନ୍ନତି ହେଲା; ଜନସାଧାରଣଙ୍କର ସ୍ନାନ,ସନ୍ତରଣ ଓ ପାନୀୟ ଜଳର ଆବଶ୍ୟକତା ପୁରଣ ହେଲା। ଖାରବେଳ ବହୁ ରାଜ୍ୟ ଜୟ କରିବା ସହିତ ଅମାପ ସମ୍ପତ୍ତି ଆଣି ରାଜକୋଷକୁ ସମୃଦ୍ଧ କରିଥିଲେ। ପ୍ରଜାମାନଙ୍କୁ ଏହାର ସୁଫଳ ପ୍ରଦାନ ଉଦ୍ଦେଶ୍ୟରେ (ରାଜତ୍ୱର ଷଷ୍ଠ ବର୍ଷରେ) ଅନେକ କର ଟିକସ ଉଠାଇ ଦେଇଥିଲେ। ଏହା ତାଙ୍କର ପ୍ରଜାବତ୍ସଳତା, ମହାନୁଭବତା ଓ ଆର୍ଥିକ ସମୃଦ୍ଧିର ପ୍ରମାଣ ଥିଲା। ରାଜତ୍ୱର ନବମ ବର୍ଷରେ ମଥୁରା ବିଜୟର ସ୍ମାରକୀ ରୁପେ ୩୮ଲକ୍ଷ ମୁଦ୍ରା ବ୍ୟୟକରି 'ମହାବିଜୟ ପ୍ରାସାଦ' ନିର୍ମାଣ କରିଥିଲେ। ରାଜକର୍ମଚାରୀ, ବ୍ରାହ୍ମଣ, ଜୈନମୁନି ଓ ବୌଦ୍ଧ ଶ୍ରମଣମାନଙ୍କୁ ଖାଦ୍ୟପେୟରେ ଆପ୍ୟାୟିତ କରିଥିଲେ। ରାଜତ୍ୱର ଏକାଦଶ ବର୍ଷରେ ଏକଦା ପ୍ରସିଦ୍ଧ ପରିତ୍ୟକ୍ତ ଜୈନତୀର୍ଥ ପିଥୁଣ୍ଡ ନଗରୀର ପୁନରୁଦ୍ଧାର କରିଥିଲେ। ତ୍ରୟୋଦଶ ବର୍ଷରେ ଭୂବନେଶ୍ୱର ନିକଟସ୍ଥ କୁମାରୀ ପର୍ବତ (ଲୋକ ମୁଖରେ ଉଦୟଗିରି) ପାହାଡ଼ ଗାତ୍ରରେ ଶ୍ୱେତାମ୍ବର ଜୈନ ଉପାସକ ଓ ଦିଗାମ୍ବର ଅହର୍ତ୍ତ ମାନଙ୍କ ନିମିତ୍ତ ଅନେକ ଗୁମ୍ଫା ଖୋଦନ କରିଥିଲେ। ଏହି ସମୟରେ ଖାରବେଳଙ୍କ ମହାରାଣୀ, ରାଜପୁତ୍ର ଓ ବିଶିଷ୍ଟ ରାଜକର୍ମଚାରୀ ମାନଙ୍କ ଦ୍ୱାରା ଅନେକ ଗୁମ୍ଫା ଖୋଦିତ ହୋଇଥିଲା। ଖାରବେଳଙ୍କ ଶାସନର ବିବରଣୀ ବହନ କରିଥିବା ହାତୀଗୁମ୍ଫା ଶୀଳାଲେଖ ଏହି ପର୍ବତରେ ଅବସ୍ଥିତ। ଓଡ଼ିଶା ବାହାରେ ଗିରିଗୃହଠାରେ ହିନ୍ଦୁ ସନ୍ୟାସୀ, ଋଷି, ବୌଦ୍ଧ ଶ୍ରମଣ ଓ ଜୈନମୁନୀମାନଙ୍କର ଅବସ୍ଥାନ ନିମିତ୍ତ ସମ୍ରାଟ ଖାରବେଳ, ଏକଲକ୍ଷ ପାଞ୍ଚ ହଜାର ମୁଦ୍ରା ବ୍ୟୟରେ ଏକ ବିଶାଳ ବିଶ୍ରାମାଗାର ନିର୍ମାଣ କରିଥିଲେ। ଏହା ତାଙ୍କର ସବୁଧର୍ମପ୍ରତିଥିବା ମହାନୁଭବତାର ଆଲେଖ୍ୟ ବହନ କରେ। ସମ୍ରାଟ ଖାରବେଳଙ୍କର ଉପରୋକ୍ତ ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ, ନୂତନ ନିର୍ମାଣ ଯୋଜନାମାନ ଜନସାଧାରଣଙ୍କୁ କର୍ମସଂସ୍ଥାନ ଯୋଗାଇଥିଲା ଓ ସେମାନଙ୍କର ଆୟବୃଦ୍ଧିରେ ସହାୟକ ହୋଇଥିଲା। ପ୍ରଜାମାନଙ୍କର ଜୀବନ ସୁଖମୟ ହୋଇଥିଲା।

ଖାରବେଳ କ୍ରୀଡ଼ା, ସଙ୍ଗୀତ, ସାମାଜିକ ଓ ସାଂସ୍କୃତିକ ଉତ୍ସବରେ ଆଗ୍ରହୀ ଓ ଅନୁରାଗୀ ଥିଲେ। ଦିଗବିଜୟରୁ ଫେରିବା ପରେ ପ୍ରତିଥର ରାଜଧାନୀରେ ନୃତ୍ୟ, ଗୀତ, ବାଦ୍ୟ, କ୍ରୀଡ଼ା କୌତୁକ, ଉତ୍ସବମାନ ଆୟୋଜନ କରୁଥିଲେ। ଏହାଦ୍ୱାରା ପ୍ରଜାମାନଙ୍କର

ମନୋରଞ୍ଜନ ହେଉଥିଲା, ଯୁଦ୍ଧ କ୍ଲାନ୍ତ ସୈନ୍ୟମାନଙ୍କୁ ବିଶ୍ରାମ ଓ ଆନନ୍ଦ ମିଳୁଥିଲା। ଅଶୋକଙ୍କ ସମୟରୁ ଅବହେଳିତ ଚଉଷଠି କଳା ସମ୍ପନ୍ନ ଗୀତ, ନାଚ, ବାଦ୍ୟ (ତୂର୍ଯ୍ୟତ୍ର) ଖାରବେଳଙ୍କ ସମୟରେ ପୁନଃଉଦ୍ଧୃତ ହୋଇଥିଲା। କଳାକାର ମାନଙ୍କର ବିଶେଷ ଉନ୍ନତି ହୋଇଥିଲା।




**ଧର୍ମ** - ଦିଗବିଜୟୀ, ପ୍ରଜାହିତୈଷୀ ସମ୍ରାଟ ଖାରବେଳ ଜଣେ ଧାର୍ମିକ, ଧର୍ମ ନିରପେକ୍ଷ, ସତ୍‌ଶାସକ ଥିଲେ। ଜୈନଧର୍ମ ଖାରବେଳଙ୍କର ଧର୍ମଥିଲା ଓ ସେ ଜୈନଧର୍ମର ପୃଷ୍ଟପୋଷକତା କରିଥିଲେ। ତାଙ୍କ ରାଜତ୍ୱକାଳ ଜୈନଧର୍ମର ସୁବର୍ଣ୍ଣ ଯୁଗଥିଲା। ସେ ଜୈନଧର୍ମର ଉଭୟ ଗୋଷ୍ଠୀକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ହାତିଗୁମ୍ଫା ଶିଳାଲେଖରେ ସେ ଅହର୍ତ୍ତ (ଦିଗାମ୍ବର) ଓ ସିଦ୍ଧ (ଶ୍ୱେତାମ୍ବର) ଉଭୟଙ୍କୁ ପ୍ରଣାମ ଜଣାଇଥିଲେ (ନମୋ ଅରଂହତାନଂ, ନମୋ ସବ ସିଦ୍ଧନାମ୍)। ଶିଳାଲେଖରେ ଜୈନଧର୍ମର ଶୁଭ ସଂକେତ ସ୍ୱସ୍ତିକ, ନନ୍ଦିପଦ, ବୃକ୍ଷ, ଚୈତ ଖୋଦିତ ହୋଇଅଛି। କୁମାରୀ ପର୍ବତ (ଉଦୟଗିରି) ଠାରେ ଭଗବାନ ମହାବୀର ଧର୍ମଚକ୍ର ବା ବିଜୟଚକ୍ର ପ୍ରବର୍ତ୍ତନ କରିଥିଲେ। ସେଠାରେ ଖାରବେଳ ଜୈନ ମୁନିମାନଙ୍କର ବସବାସ ନିମିତ୍ତ ଅନେକ ଗୁମ୍ଫା ଖୋଦନ କରାଇଥିଲେ ଓ ସେମାନଙ୍କୁ ରାଜକୀୟ ପୃଷ୍ଟପୋଷକତା ପ୍ରଦାନ କରିଥିଲେ। ତାଙ୍କର ପାଟମହିଷୀ ସ୍ୱର୍ଗପୁରୀ ଗୁମ୍ଫା ଖୋଦନ କରାଇଥିଲେ।




ଖାରବେଳ ଜୈନମାନଙ୍କର ତୀର୍ଥ ଭୂମି ମଥୁରାକୁ ବିଦେଶୀ ଯବନ (ଗ୍ରୀକ) ମାନଙ୍କର କବଳରୁ ମୁକ୍ତ କରିଥିଲେ। ସେଠାରୁ ଜୈନଗୁରୁ ଋଷଭନାଥଙ୍କର ପ୍ରତୀକ କଳ୍ପବୃକ୍ଷର ଏକ ପଲ୍ଲବ ଶୋଭିତ ଶାଖା କଳିଙ୍ଗକୁ ଆଣିଥିଲେ। ପରିତ୍ୟକ୍ତ ଓ ଧ୍ୱଂସପ୍ରାପ୍ତ ଜୈନତୀର୍ଥ ପିଥୁଣ୍ଡ ନଗରୀର (କଳିଙ୍ଗ ପତ୍ତନମ- ମୁଖଲିଙ୍ଗମ୍) ପୁନରୁଦ୍ଧାର କରି ସେଠାରେ

ଜନବସତି ସ୍ଥାପନ କରିଥିଲେ। ମଗଧ ବିଜୟକରି ମହାପଦ୍ମନନ୍ଦ କଳିଙ୍ଗରୁ ନେଇଯାଇଥିବା ଜୀନମୂର୍ତ୍ତୀ କଳିଙ୍ଗକୁ ଫେରାଇ ଆଣି ପୁନଃସ୍ଥାପନ କରିଥିଲେ। ସମ୍ରାଟଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ରାଣୀ, ରାଜକୁମାର, ରାଜକର୍ମଚାରୀମାନେ ଜୈନଧର୍ମର ବିକାଶ କାର୍ଯ୍ୟରେ ସହଯୋଗ କରିଥିଲେ। ଖାରବେଳଙ୍କ ରାଜତ୍ୱ କାଳ ଜୈନଧର୍ମର ସୁବର୍ଣ୍ଣ ଯୁଗ ଥିଲା।

ଖାରବେଳ ଜୈନଧର୍ମର ପୃଷ୍ଠପୋଷକ ଥିଲେ। କିନ୍ତୁ ଅନ୍ୟ ଧର୍ମମାନଙ୍କ ପ୍ରତି ଉଦାରଭାବ ପ୍ରଦର୍ଶନ କରିଥିଲେ। ସେ ନିଜକୁ ସବୁଧର୍ମର ମୂର୍ତ୍ତୀ ପୂଜକ ଓ ସବୁ ଦେବାୟତନର ସଂସ୍କାରକାରକ ବୋଲି ଅଭିହିତ କରିଥିଲେ। ଅହର୍ତ୍ତ ମାନଙ୍କର ପବିତ୍ର ଧର୍ମ ସାଧନା ପୀଠ ଗିରିଗୃହ ଠାରେ, ସେଠାକୁ ଆସୁଥିବା ବିଭିନ୍ନ ଧର୍ମର ଋଷି, ସନ୍ୟାସୀ, ଶ୍ରମଣ, ଯତି ମାନଙ୍କର ରହିବା ପାଇଁ ଏକ ବିଶାଳ ବିଶ୍ରାମାଗାର ନିର୍ମାଣ କରିଥିଲେ। ଏହି ଅନୁଷ୍ଠାନ ସର୍ବଧର୍ମ ସମନ୍ୱୟଭାବ ପ୍ରଚାର କରୁଥିଲା । ଖାରବେଳଙ୍କ ଉଦାର ଧର୍ମନୀତି, ସବୁଧର୍ମକୁ ସାହାଯ୍ୟ ଓ ପ୍ରୋତ୍ସାହନ ପ୍ରଦାନ, ତାଙ୍କର ବିଚକ୍ଷଣ ରାଜନୈତିକ ଚିନ୍ତାଧାରା ଓ ଦୁରଦୃଷ୍ଟିର ଉଦାହରଣ ଥିଲା। ତାଙ୍କ ଯୁଗ ଓଡ଼ିଶାର ଧର୍ମ ଇତିହାସରେ ଏକ ଉଲ୍ଲେଖନୀୟ ଅଧ୍ୟାୟ ଥିଲା।

ମହାମେଘବାହନ ଐର ଖାରବେଳ ଏକାଧାରାରେ ଜଣେ ମହାନ ସମ୍ରାଟ, ସମର ବିଶାରଦ, ଦିଗ୍‌ବିଜୟୀ ବୀର, ସୁଦକ୍ଷଶାସକ, ଦେଶପ୍ରେମୀ, କଳାପ୍ରେମୀ, ପ୍ରଜାହିତୈଷୀ, ଉଦାର, ମହାନୁଭବ ଧର୍ମପରାୟଣ ଶାସକଥିଲେ। ହାତୀଗୁମ୍ଫା ଶିଳାଲେଖରେ ତାଙ୍କୁ "ଆନନ୍ଦ ସମୃଦ୍ଧିର ରାଜା", "ଭିକ୍ଷୁରାଜା", "ଧର୍ମରାଜ", "ବିଶିଷ୍ଟ ଗୁଣବାନ ଅପ୍ରତିହତ ଚକ୍ର-ବାହନ-ବଳ", "ଚକ୍ରଧର" ଓ "ମହାବିଜୟୀ ରାଜା" ବୋଲି ବର୍ଣ୍ଣନା କରାଯାଇଛି। ପ୍ରକୃତରେ ସେ ମହାନ ଥିଲେ। ସେ ବୃହତ୍ତ କଳିଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ସମଗ୍ର ଭାରତ ବର୍ଷରେ ନିଜର ପ୍ରଭାବ ବିସ୍ତାର କରିଥିଲେ। ତାଙ୍କ ସାମ୍ରାଜ୍ୟରେ ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ଥିଲା। ବୈଦେଶିକ ଯଶ ଥିଲା। ବୈଭବ ଓ ସମୃଦ୍ଧି ଥିଲା, ସୁଖ ସ୍ୱାଛନ୍ଦ୍ୟ ବିରାଜମାନ କରୁଥିଲା। ଖାରବେଳ ଜଣେ ମହାନ ଆଦର୍ଶ ଶାସକ ଥିଲେ। ଓଡ଼ିଶାର ଗର୍ବ ଓ ଗୌରବ ଥିଲେ। ଉତ୍କଳୀୟ ତଥା ଭାରତୀୟ ସ୍ୱାଭିମାନର ପ୍ରତୀକ ଥିଲେ।

# ଓଡିଶା ଇତିହାସର ଅନ୍ଧକାରାଚ୍ଛନ୍ନ ଯୁଗ

ଓଡ଼ିଶା ଇତିହାସ ଲେଖା କଳିଙ୍ଗଯୁଦ୍ଧ ପରଠାରୁ ଆରମ୍ଭ ହୋଇଥିଲା। ତାପୂର୍ବରୁ କାବ୍ୟ ପୁରାଣ, ଧର୍ମ ସାହିତ୍ୟରେ ବର୍ଣ୍ଣିତ ଗଳ୍ପ ଓ ଉପାଖ୍ୟାନ ଉପରେ ଆଧାର କରି ଓଡ଼ିଶା ଇତିହାସ ସମ୍ବନ୍ଧରେ ଅବତାରଣା କରାଯାଏ। କଳିଙ୍ଗଯୁଦ୍ଧ ପରଠାରୁ, ଓଡ଼ିଶାର କ୍ରମିକ ଇତିହାସ ରଚନା କ୍ଷେତ୍ରରେ ଐତିହାସିକ ଉପାଦାନର ସ୍ୱଳ୍ପତା ହେତୁ, ବହୁ ବର୍ଷର ଇତିହାସ ସଠିକ୍‌ଭାବେ ପ୍ରଣୟନ କରାଯାଇ ପାରିନାହିଁ। ଅଶୋକଙ୍କ ପରଠାରୁ ଖାରବେଳଙ୍କ ପର୍ଯ୍ୟନ୍ତ ପ୍ରାୟ ୨୦୦ ବର୍ଷର ଇତିହାସ ଅସମ୍ପୂର୍ଣ୍ଣ ଓ ପ୍ରାୟତଃ ଅଜ୍ଞାତ। ଖାରବେଳଙ୍କ ପରେ ଗୁପ୍ତଯୁଗ ପର୍ଯ୍ୟନ୍ତ ଓ ଗୁପ୍ତଯୁଗ ପରଠାରୁ ଷଷ୍ଠ-ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ସମ୍ବନ୍ଧୀୟ ଉପାଦାନ ଓ ତଥ୍ୟ; ସ୍ୱଳ୍ପ ଓ ବିକ୍ଷିପ୍ତ ହୋଇଥିବାରୁ ଓଡ଼ିଶାର କ୍ରମିକ ଓ ସମ୍ପୂର୍ଣ୍ଣ ଇତିହାସ ରଚନା ସମ୍ଭବ ହୋଇ ପାରିନାହିଁ। ଏହି ସମୟର ଓଡ଼ିଶା ଇତିହାସ ଅସ୍ପଷ୍ଟ ଓ ଅନ୍ଧକାରାଚ୍ଛନ୍ନ।

## ଖାରବେଳଙ୍କ ପର ଓଡିଶା

ମହାନ କଳିଙ୍ଗ ସମ୍ରାଟ ଖାରବେଳଙ୍କ ପରେ ଓଡ଼ିଶା ଇତିହାସର ଅନ୍ଧକାରାଚ୍ଛନ୍ନ ଯୁଗ ଆରମ୍ଭ ହୋଇଥିଲା। ମହା ମେଘବାହନ ରାଜବଂଶର କ୍ରମିକ ଇତିହାସ ରଚନା ପାଇଁ ଯଥେଷ୍ଟ ଉପାଦାନ ମିଳି ନଥିଲେ ହେଁ, ଉକ୍ତ ରାଜବଂଶ ଅଧିନରେ କଳିଙ୍ଗ ବହୁ ବର୍ଷ ପର୍ଯ୍ୟନ୍ତ ଏକ ଶକ୍ତିଶାଳୀ ରାଜ୍ୟ ଭାବେ ତିଷ୍ଠି ରହିଥିଲା। ଖାରବେଳଙ୍କ ପରେ ପୁତ୍ର କୁଦେପଶିରି ଓ ତାଙ୍କ ପରେ ତାଙ୍କପୁତ୍ର କୁମାର ବଡୁଖ କଳିଙ୍ଗ ଶାସନ କରିଥିଲେ। ମନସଦ ବା ସଦ ନାମକ ଖାରବେଳଙ୍କର ଜଣେ ସମ୍ପର୍କୀୟ (ବଂଶଧର) କଳିଙ୍ଗ ଓ ମହିଷକ ରାଜ୍ୟର (ଏକଦା ସାତବାହନ ରାଜ୍ୟର ଅଂଶ ଥିବା ନର୍ମଦା ଦକ୍ଷିଣସ୍ଥ ଅଞ୍ଚଳ) ଅଧିପତି ଥିଲେ। ଏହା ବିସ୍ତୃତ ଶକ୍ତିଶାଳୀ କଳିଙ୍ଗ ରାଜ୍ୟର ଅବସ୍ଥିତିର ସୂଚନା ଦିଏ। ଖ୍ରୀଷ୍ଟୀୟ ପ୍ରଥମ ଶତକର ଶେଷ ଭାଗରେ ମହାମେଘବାହନ ରାଜବଂଶରେ ଅନ୍ତର୍ଦ୍ୱନ୍ଦ ଆରମ୍ଭ ହୋଇଥିଲା ଓ କଳିଙ୍ଗ ରାଜ୍ୟ ଦୁଇ ଭାଗରେ ବିଭାଜିତ ହୋଇ ଦୁଇ ଭାଇଙ୍କ ଦ୍ୱାରା ଶାସିତ ହେଲା। ରାଜା ବସୁ ରାଜଧାନୀ

ସିଂହପୁର ଠାରେ ଓ ରାଜା କୁମାର ରାଜଧାନୀ କପିଳଠାରେ ଶାସନ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦୀତା ଓ ସଂଘର୍ଷ ଲାଗି ରହିଥିଲା। ଓଡ଼ିଶାର ପଶ୍ଚିମାଞ୍ଚଳରେ (ଦକ୍ଷିଣ କୋଶଳ) ବରଦତ୍ତଶିରୀ ନାମକ ମହାମେଘବାହନ ବଂଶୀୟ ଜଣେ ରାଜା ଶାସନ କରୁଥିଲେ। ଏହି ସମୟରେ ଖାରବେଳଙ୍କ ଦ୍ୱାରା ପରାଜିତ ସାତବାହାନ ସାମ୍ରାଜ୍ୟର (ଆନ୍ଧ୍ର ଓ ମହାରାଷ୍ଟ୍ର) ପୁନରୁଥାନ ହେଲା। ଗୌତମୀ ପୁତ୍ର ସାତକର୍ଣ୍ଣୀ (ଖ୍ରୀ. ୧୦୬-୧୩୦) କଳିଙ୍ଗର ଅନ୍ତଃ ବିବାଦର ସୁଯୋଗ ନେଇ ସମଗ୍ର କଳିଙ୍ଗ ଅଧିକାର କରିନେଲେ। ଖାରବେଳଙ୍କ ମହାମେଘବାହାନ ବଂଶର ପତନ ହେଲା।

ଓଡ଼ିଶା ସାତବାହାନ ସାମ୍ରାଜ୍ୟର ଅଧୀନ ହେଲା। ଦ୍ୱିତୀୟ ଶତାବ୍ଦୀର ଶେଷ ଆଡ଼କୁ ସାତବାହାନ ସାମ୍ରାଜ୍ୟର ପତନ ଫଳରେ ଓଡ଼ିଶାରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହେଲା। ଏହି ଅସ୍ଥିରତା ମଧ୍ୟରେ ଉପକୂଳ ଓଡ଼ିଶାରେ ମୁରୁଣ୍ଡ ରାଜବଂଶ ଓ ପଶ୍ଚିମ ଓଡ଼ିଶାରେ ମହାମେଘବାହନ ବଂଶୀୟ ମେଘରାଜବଂଶର ଶାସନ ପ୍ରତିଷ୍ଠା ହେଲା। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ବେଳକୁ ଓଡ଼ିଶା ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ସ୍ଥାନୀୟ ରାଜବଂଶ ମାନଙ୍କ ଦ୍ୱାରା ଶାସିତ ହେଉଥିଲା। ଏହି ସମୟରେ ଧର୍ମ, ସଂସ୍କୃତି ଓ ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିଲା। ବୌଦ୍ଧ ଧର୍ମର ପୁର୍ନରୁଥାନ ହେବା ସହିତ ଉତ୍କଳୀୟ ନୌବାଣିଜ୍ୟ ସମୃଦ୍ଧ ହୋଇଥିଲା।

## ଗୁପ୍ତଯୁଗ ସମୟର ଓଡିଶା

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ପ୍ରଥମ ଚନ୍ଦ୍ରଗୁପ୍ତ ମଗଧରେ ଗୁପ୍ତ ରାଜବଂଶ ପ୍ରତିଷ୍ଠା କଲେ। ଏହି ବଂଶର ଦ୍ୱିତୀୟ ରାଜା ସମୁଦ୍ରଗୁପ୍ତ ଉତ୍ତର ଭାରତ ଅଧିକାର କରିବା ପରେ ଦାକ୍ଷିଣାତ୍ୟ ଅଭିଯାନରେ ଯାଇ ୧୨ଜଣ ରାଜାଙ୍କୁ ପରାଜିତ କରିଥିଲେ। ସେମାନଙ୍କ ମଧ୍ୟରେ ୭ଜଣ ଓଡ଼ିଶାର ଥିଲେ। ସେମାନେ ହେଲେ କୋଶଳର (ସମ୍ବଲପୁର, ବିଳାସପୁର, ରାୟପୁର) ମହେନ୍ଦ୍ର ବାଘ, କାନ୍ତାରର (ବଲାଙ୍ଗିର, କଳାହାଣ୍ଡି, ଫୁଲବାଣୀର କିଛି ଅଂଶ) ବ୍ୟାଘ୍ରରାଜ, କୋରଳର (ଘୁମୁସୁର ନିକଟସ୍ଥ କୁଲାଡ଼ / ବିନିକା ନିକଟସ୍ଥ ସାନ କରଲା ବଡ଼ କରଲା) ମଣ୍ଟରାଜ, ପିଷ୍ଟପୁରର (ଗୋଦାବରୀ ଜିଲ୍ଲାର ପିଠାପୁରମ) ମହେନ୍ଦ୍ର ଗିରି, କୋଡ୍ଡୁରର (ମହେନ୍ଦ୍ରଗିରି ଦକ୍ଷିଣସ୍ଥ କୋଠୁର) ସ୍ୱାମୀଦତ୍ତ, ଏରଣ୍ଡ ପଲ୍ଲୀର (ଶ୍ରୀକାକୁଲମ ଜିଲ୍ଲାର ଏରଣ୍ଡପଲ୍ଲି) ଦମନ ଓ ଦେବରାଷ୍ଟ୍ରର (ବିଶାଖାପାଟଣା ଜିଲ୍ଲାର ୟେଲମଞ୍ଚଲି) କୁବେର। ଉକ୍ତ ସାତଜଣଙ୍କୁ ପରାଜିତ କରିବା ପରେ ଅନ୍ୟ ପାଞ୍ଚଜଣ (ବେଙ୍ଗୀର ହସ୍ତୀବର୍ଣ୍ଣନ, କାଞ୍ଚିର ବିଷ୍ଣୁଗୋପ, ଅବମୁକ୍ତର ନୀଳରାଜ, ପଲକ୍କର ଉଗ୍ରସେନ ଓ କୁସ୍ଥଳପୁରର

ଧନଞ୍ଜୟ) ରାଜାଙ୍କୁ ପରାଜିତ କରିଥିଲେ। ପରାଜିତ ରାଜ୍ୟଗୁଡ଼ିକ ମଗଧର ଅଧିନତା ସ୍ୱୀକାର କଲେ । କିନ୍ତୁ ସେମାନଙ୍କ ଉପରେ ଗୁପ୍ତ ସମ୍ରାଟମାନଙ୍କର ନିୟନ୍ତ୍ରଣ ସୁଦୃଢ ନଥିଲା ।

ସମୁଦ୍ର ଗୁପ୍ତଙ୍କ ସାମରିକ ଅଭିଯାନ ଓଡ଼ିଶାର ରାଜନୈତିକ ଚିତ୍ରପଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। କ୍ଷୁଦ୍ର କ୍ଷୁଦ୍ର ରାଜ୍ୟଗୁଡ଼ିକ ଦୁର୍ବଳ ଓ ଶକ୍ତିହୀନ ହୋଇ ପଡ଼ିଲେ। ସେମାନଙ୍କ ସ୍ଥାନରେ ନୂତନ ଶକ୍ତିଶାଳୀ ରାଜବଂଶର ଅଭ୍ୟୁଦୟ ହେଲା। ମହାନଦୀଠାରୁ କୃଷ୍ଣାନଦୀ ମଧ୍ୟସ୍ଥ କଳିଙ୍ଗରେ(ଦକ୍ଷିଣ ଓଡ଼ିଶା) ମାଠର ରାଜବଂଶ ଓ ମହାନଦୀ ଠାରୁ ମେଦିନିପୁରର କସାଇ ନଦୀ ମଧ୍ୟସ୍ଥ ଅଞ୍ଚଳ ତୋଷାଳୀ ବା ଉତ୍କଳରେ (ଉତ୍ତର ଓଡ଼ିଶା) ମଗଧରୁ ଗୁପ୍ତ ମାନଙ୍କ ଦ୍ୱାରା ବିତାଡ଼ିତ ମୁରୁଣ୍ଡ ମାନେ ଶାସନ କରୁଥିଲେ।

**ମାଠର ରାଜବଂଶ :** ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ଅଭିଯାନ ପରେ ଓଡ଼ିଶାରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିଲା । ଏହି ସମୟରେ କଳିଙ୍ଗରେ ମାଠର ନାମକ ଏକ ନୂତନ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ଏହି ବଂଶର ପ୍ରତିଷ୍ଠାତା ବିଶାଖା ବର୍ମନ (ବର୍ମା) ଆନୁମାନିକ ୩୫୦ ଖ୍ରୀଷ୍ଟାବ୍ଦରେ ଶ୍ରୀପୁର (ପାରଳାଖେମୁଣ୍ଡି ନିକଟ ବଟିଆ ଶ୍ରୀପୁର)ଠାରେ ଏକ କ୍ଷୁଦ୍ରରାଜ୍ୟ ପ୍ରତିଷ୍ଠା କରିଥିଲେ । ତାଙ୍କ ପରେ ଉମା ବର୍ମନ ଶ୍ୱେତକ ମଣ୍ଡଳ (ଚିକିଟି ଅଞ୍ଚଳ) ଅଧିକାର କରି ଶାସନର ସୁବିଧା ପାଇଁ ସୁନଗର (ବଂଶଧାରା କୂଳସ୍ଥ ମୁଖଲିଙ୍ଗମ୍) ଠାରେ ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେ ପ୍ରଥମଥର "କଳିଙ୍ଗାଧିପତି" ଉପାଧି ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ମାଠର ରାଜଧାନୀ ବର୍ଦ୍ଧମାନପୁରକୁ ଓ ସେଠାରୁ ସିଂହପୁରକୁ ସ୍ଥାନାନ୍ତରିତ ହୋଇଥିଲା । ତାଙ୍କପରେ ଶଙ୍କର ବର୍ମନ ଓ ଶକ୍ତି ବର୍ମନ ସିଂହାସନ ଆରୋହଣ କରିଥିଲେ **। ଶକ୍ତି ବର୍ମନ ଜଣେ ଦିଗ୍‌ବିଜୟୀ ବୀର ଥିଲେ । ଦକ୍ଷିଣରେ କୃଷ୍ଣାନଦୀ ଠାରୁ ଉତ୍ତରରେ ମହାନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ ।** ସେ ମାଠର ବଂଶର ସର୍ବଶ୍ରେଷ୍ଠ ରାଜା ଥିଲେ । ଶକ୍ତି ବର୍ମନଙ୍କ ପରେ ଅନନ୍ତ ଶକ୍ତି ବର୍ମନ, ଚନ୍ଦ୍ର (ଚଣ୍ଡ) ବର୍ମନ, ପ୍ରଭଞ୍ଜନ ବର୍ମନ, ନନ୍ଦ ପ୍ରଭଞ୍ଜନ ବର୍ମନ କ୍ରମାନ୍ୱୟରେ ଶାସନ କରିଥିଲେ । ରାଜବଂଶରେ ଗୃହବିବାଦ, ବିଷ୍ଣୁକୁଣ୍ଡିମାନଙ୍କର ଅଭ୍ୟୁଦୟ ଓ ବାରମ୍ବାର କଳିଙ୍ଗ ଆକ୍ରମଣ ମାଠରବଂଶକୁ ଦୁର୍ବଳ କରିଦେଲା । ତ୍ରୀକଳିଙ୍ଗରେ ପ୍ରାଚ୍ୟ ଗଙ୍ଗବଂଶର ଅଭ୍ୟୁତ୍‌ଥାନ ଦୁର୍ବଳ ମାଠର ବଂଶର ପତନ ଘଟାଇଥିଲା ।

**ମୁରୁଣ୍ଡ ରାଜବଂଶ :** ଖାରବେଳଙ୍କପରେ ଚେଦିବଂଶ ଦୁର୍ବଳ ହୋଇପଡ଼ିଲା। ଗୌତମୀପୁତ୍ର ସାତକର୍ଣ୍ଣୀ କଳିଙ୍ଗ ଓ କୋଶଳ ଅଧିକାର କଲେ। ତାଙ୍କପରେ ଓଡ଼ିଶା ଉପରେ

ସାତବାହନମାନଙ୍କର ନିୟନ୍ତ୍ରଣ ଦୁର୍ବଳ ହୋଇପଡ଼ିଲା । ଏହି ସମୟରେ (ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକ) କଳିଙ୍ଗରେ ମୁରୁଣ୍ଡ ରାଜବଂଶ ଶାସନ ପ୍ରତିଷ୍ଠା ହେଲା । ମୁରୁଣ୍ଡମାନେ କୁଶାଣମାନଙ୍କ ସହିତ ଆସିଥିଲେ । କୁଶାଣମାନଙ୍କର ସାମନ୍ତ ଥିଲେ । କୁଶାଣମାନଙ୍କର ପତନ ପରେ ଓଡ୍ର (ବିନ୍ଧ୍ୟାଟବୀ ରାଜ୍ୟ – କେଉଁଝର ଅଞ୍ଚଳ) ଓ ଉତ୍କଳ (ଉତ୍ତର ତୋଷାଳୀ) ସହିତ ପୂର୍ବ ଭାରତରେ ରାଜତ୍ୱ କରିଥିଲେ । ଗୁପ୍ତବଂଶର ଅଭ୍ୟୁଦୟ ସମୟରେ ପାଟଳୀପୁତ୍ର ଓ ଓଡ୍ର ଅଞ୍ଚଳରେ ସେମାନଙ୍କର ପ୍ରଭୁତ୍ୱ ଲୋପ ହୋଇଥିଲା । ଉତ୍କଳରେ ବହୁବର୍ଷ ପର୍ଯ୍ୟନ୍ତ ସେମାନଙ୍କର ଶାସନ ପ୍ରତିଷ୍ଠିତ ଥିଲା । ମୁରୁଣ୍ଡମାନଙ୍କର ଶାସନ ସମୟରେ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଉନ୍ନତି ସାଧିତ ହୋଇଥିଲା । ଫୁନାନ (କାମ୍ବୋଡ଼ିଆ) ସହିତ ବାଣିଜ୍ୟିକ ସମ୍ପର୍କ ଥିଲା ।

ବିନ୍ଧ୍ୟାଟବୀ ରାଜ୍ୟ ବା ପ୍ରାଚୀନ ଉଡ୍ର (କେନ୍ଦୁଝର ଓ ଢେଙ୍କାନାଳ) ଠାରେ ନାଗବଂଶ ଓ କଳାହାଣ୍ଡି-ବଲାଙ୍ଗିର ଅଞ୍ଚଳରେ ପର୍ବତ ଦ୍ୱାରକ ରାଜବଂଶର ଅଭ୍ୟୁଦୟ ହୋଇଥିଲା । କୋଶଳ ଓ କାନ୍ତାର ଅଞ୍ଚଳରେ (ପଶ୍ଚିମ ଓଡ଼ିଶା) ନଳ ରାଜବଂଶ ପ୍ରତିଷ୍ଠା ହୋଇଥିଲା ।

ପଞ୍ଚମ ଶତାବ୍ଦୀର ଶେଷ ଆଡକୁ ବିଦର୍ଭର ବାକାତକ **ରାଜା ହରିସେନ** ଓଡିଶା ଅଭିଯାନରେ ଆସି କଳିଙ୍ଗର ମାଠର ବଂଶ, କୋଶଳର ନଳ ବଂଶ ଓ ଉତ୍କଳର ମୁରୁଣ୍ଡ ବଂଶର ଧ୍ୱଂସ ସାଧନ କରିଥିଲେ । ସେମାନଙ୍କ ସ୍ଥାନରେ ନୂଆ ରାଜ ବଂଶ – ବିଷ୍ଣୁକୁଣ୍ଡି, ବାସିଷ୍ଠ, ପୃଥ୍ୱୀ ମୂଳ , ବିଗ୍ରହ, ଶରଭ ପୁରୀୟ ଓ ପ୍ରାଚ୍ୟ ଗଙ୍ଗ ବଂଶର ଅଭ୍ୟୁଦୟ ହୋଇଥିଲା । ହରିସେନଙ୍କ ସେନାପତି ଇନ୍ଦ୍ରବର୍ମା ତ୍ରୀକଳିଙ୍ଗ ରାଜ୍ୟ ଗଠନ କରି ସେଠାରେ ଗଙ୍ଗ ବଂଶ (ପ୍ରାଚ୍ୟ ଗଙ୍ଗ) ପ୍ରତିଷ୍ଠା କରିଥିଲେ । ପଶ୍ଚିମ ଓଡିଶାରେ ଶରଭରାଜ ଶରଭପୁରୀୟ ରାଜବଂଶ ପ୍ରତିଷ୍ଠା କରିଥିଲେ । ସେ ହରିସେନଙ୍କର ସେନାପତି ହୋଇଥାଇ ପାରନ୍ତି ବୋଲି ଅନୁମାନ କରାଯାଏ ।

## ଗୁପ୍ତଯୁଗପର ଓଡିଶା

ଗୁପ୍ତସାମ୍ରାଜ୍ୟର ପତନବେଳକୁ (ଖ୍ରୀ. ୫୫୦) ଓଡିଶାରେ ନୂତନ ରାଜନୈତିକ ସମୀକରଣ ହୋଇ ଅନେକ ନୂଆ ରାଜ୍ୟ ଓ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ଦକ୍ଷିଣ କଳିଙ୍ଗ, ମଧ୍ୟକଳିଙ୍ଗ ଓ ଉତ୍ତରକଳିଙ୍ଗ, ଏହିପରି ତିନି ଭାଗରେ କଳିଙ୍ଗ ରାଜ୍ୟ ବିଭକ୍ତ ଥିଲା । ଦକ୍ଷିଣ କଳିଙ୍ଗରେ **ଦୁର୍ଜୟ ରାଜବଂଶ** ରାଜଧାନୀ ପିଷ୍ଟପୁର ଠାରେ, ମଧ କଳିଙ୍ଗରେ **ଗଙ୍ଗ ରାଜବଂଶ** ରାଜଧାନୀ ଦନ୍ତପୁର ଠାରେ ଓ ଉତ୍ତର କଳିଙ୍ଗରେ (କଳିଙ୍ଗ ରାଷ୍ଟ୍ର) **ବିଗ୍ରହ ରାଜବଂଶ** ରାଜଧାନୀ କଳିଙ୍ଗ ନଗର ଠାରେ ଶାସନ କରୁଥିଲେ । ଉତ୍ତର ଓଡ଼ିଶା

(ପୁରୀ, କଟକ, ବାଲେଶ୍ୱର) ସେତେବେଳେ ତୋଷାଳି ନାମରେ ପରିଚିତ ଥିଲା । ତୋଷାଳିରେ **ମୁଦ୍‌ଗଳ ରାଜବଂଶ** ଶାସନ କରୁଥିଲେ । ପଶ୍ଚିମ ଓଡ଼ିଶା **ଶରଭପୁରୀୟ ରାଜବଂଶ** ଦ୍ୱାରା ଶାସିତ ହେଉଥିଲା । ଏହି ସବୁ ରାଜବଂଶ ନିଜ ନିଜର ଆଞ୍ଚଳିକ ବିସ୍ତାର ଓ ପ୍ରଭାବ ବୃଦ୍ଧି ପାଇଁ ପରସ୍ପର ସହିତ ପ୍ରତିଦ୍ୱନ୍ଦିତା କରୁଥିଲେ । ଓଡ଼ିଶାରେ ରାଜନୈତିକ ସ୍ଥିରତା ନଥିଲା ।

ଗୁପ୍ତପର ଯୁଗରେ ବିଗ୍ରହ ଓ ମୁଦ୍‌ଗଳ ମାନଙ୍କ ମଧ୍ୟରେ ତୋଷାଳିରେ ପ୍ରଭାବ ପ୍ରତିଷ୍ଠା ନିମିତ୍ତ ଦୀର୍ଘ ସଂଘର୍ଷ (ପ୍ରାୟ୫୦ବର୍ଷ) ହୋଇଥିଲା । ଶେଷରେ ବିଗ୍ରହ ରାଜା ହସ୍ତୀବର୍ମନ, ମୁଦ୍‌ଗଳ ରାଜା ଶମ୍ଭୁଯଶଙ୍କ ଦ୍ୱାରା ପରାଜିତ ହେଲେ । ବିଗ୍ରହ ରାଜବଂଶର ପତନ ହେଲା । ବିଗ୍ରହ ରାଜବଂଶର ପତନ ଘଟାଇଥିବା ମୁଦ୍‌ଗଳ ରାଜବଂଶ ମଧ୍ୟ ବେଶୀଦିନ ତିଷ୍ଠି ପାରିଲା ନାହିଁ । ଦକ୍ଷିଣ କଳିଙ୍ଗର ଦୁର୍ଜୟ ରାଜବଂଶର ଶାସକ **ପୃଥ୍ୱୀ ମହାରାଜ** (ପୃଥ୍ୱୀ ମହାସେନ ବା ପୃଥ୍ୱୀମୁଳ)କଳିଙ୍ଗ ଓ ତୋଷାଳୀ ଆକ୍ରମଣ କରି ମୁଦ୍‌ଗଳ ରାଜା ଶମ୍ଭୁଯଶଙ୍କୁ ପରାଜିତ କଲେ ଓ ବୈତରଣୀ ନଦୀ ପର୍ଯ୍ୟନ୍ତ ଅଞ୍ଚଳ ଅଧିକାର କରିନେଲେ । ମୁଦ୍‌ଗଳ ରାଜବଂଶର ପତନ ହେଲା । ଦୁର୍ଜୟରାଜା ପୃଥୀ ମହାରାଜଙ୍କର କ୍ଷମତା ମଧ୍ୟ କ୍ଷଣସ୍ଥାୟୀ ଥିଲା ।

ଏହି ସମୟରେ ଓଡ଼ିଶାର ଉତ୍ତରରେ ଗୌଡ଼ରାଜ୍ୟରେ ଶକ୍ତିଶାଳୀ ଶଶାଙ୍କଦେବ ଓ ଦକ୍ଷିଣରେ ଚାଲୁକ୍ୟରାଜ ଦ୍ୱିତୀୟ ପୁଲକେଶୀଙ୍କର ଅଭ୍ୟୁଦୟ ହୋଇଥିଲା । ଓଡ଼ିଶାର ଅସ୍ଥିର ରାଜନୈତିକ ସ୍ଥିତିର ସୁଯୋଗ ନେଇ ଶଶାଙ୍କଦେବ ତୋଷାଳୀ ଆକ୍ରମଣ କରି ପୃଥ୍ୱୀରାଜଙ୍କୁ ତୋଷାଳୀରୁ ବହିଷ୍କାର କଲେ । ମହାନଦୀ ପର୍ଯ୍ୟନ୍ତ ଅଞ୍ଚଳ ଅଧିକାର କରି ଉତ୍କଳନାମରେ ନିଜରାଜ୍ୟରେ ସାମିଲ କଲେ । ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀ ଦକ୍ଷିଣ କଳିଙ୍ଗ ଆକ୍ରମଣ କରି ରାଜଧାନୀ ପିଷ୍ଟପୁରକୁ ଧ୍ୱଂସ କରିଦେଲେ । ପୃଥ୍ୱୀ ମହାରାଜା ଓ ଦୁର୍ଜୟ ରାଜବଂଶର ପତନ ହେଲା । ଏହିପରି ଭାବରେ ବିଗ୍ରହ, ମୁଦଗଳ ଓ ଦୁର୍ଜୟ ବଂଶର ପତନ ହେଲା ।

ଉପରୋକ୍ତ ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ, ମଧ୍ୟ କଳିଙ୍ଗର ଗଙ୍ଗରାଜ ହସ୍ତୀବର୍ମା କଳିଙ୍ଗ ଅଧିକାର କରି ନିଜକୁ ସକଳ କଳିଙ୍ଗାଧିପତି ବୋଲି ଘୋଷଣା କଲେ । ତାଙ୍କ ସମୟରୁ କଳିଙ୍ଗନଗର ଗଙ୍ଗମାନଙ୍କର ରାଜଧାନୀ ହେଲା । ଏକଦା ବିଗ୍ରହ ରାଜାମାନଙ୍କର ସାମନ୍ତ ଥିବା ଶୈଳୋଦ୍‌ଭବ ରାଜବଂଶ, ଅସ୍ଥିର ରାଜନୈତିକ ସ୍ଥିତିର ସୁଯୋଗ ନେଇ ଚିଲିକା (ପରେ ମହାନଦୀ) ଠାରୁ ମହେନ୍ଦ୍ରଗିରି ମଧ୍ୟରେ କଙ୍ଗୋଦ ନାମରେ

ଏକ ନୂତନ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କଲେ। ଏହି ରାଜବଂଶ ଓଡ଼ିଶା ଇତିହାସରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା।

ହର୍ଷବର୍ଦ୍ଧନଙ୍କ ପୂର୍ବରୁ ଓଡ଼ିଶାର ରାଜନୈତିକ ସ୍ଥିତି ଏହିପରି ଥିଲା। ଉତ୍ତରରେ ତୋଷାଳୀ ରାଜ୍ୟ, ଉତ୍କଳ ନାମରେ ଗୌଡ଼ରାଜ୍ୟରେ ସାମିଲ ହୋଇଥିଲା। ଦକ୍ଷିଣ କଳିଙ୍ଗ ଚାଲୁକ୍ୟ ସାମ୍ରାଜ୍ୟର ଅଧିନ ଥିଲା । ମଧ୍ୟ କଳିଙ୍ଗ ଗଙ୍ଗବଂଶ ଅଧିନରେ ଓ କଙ୍ଗୋଦ ଶୈଳୋଦ୍‌ଭବ ରାଜବଂଶ ଅଧିନରେ ଥିଲା।

## ହର୍ଷବର୍ଦ୍ଧନଙ୍କ ସମୟରେ ଓଡିଶା

କନୌଜ ଅଧିପତି ହର୍ଷବର୍ଦ୍ଧନ (୬୦୬-୬୪୭) ଉତ୍ତର ଭାରତରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଗୌଡ଼ର ଶକ୍ତିଶାଳୀ ଶଶାଙ୍କ ଦେବଙ୍କ ମୃତ୍ୟୁପରେ ହର୍ଷବର୍ଦ୍ଧନ ପୂର୍ବଭାରତ ଆକ୍ରମଣ କରି ମହାନଦୀ ପର୍ଯ୍ୟନ୍ତ ଅଞ୍ଚଳ ଅଧିକାର କରିନେଲେ। ଦଣ୍ଡଭୁକ୍ତି ମଣ୍ଡଳ (ମେଦିନିପୁର) ଓ ଉତ୍କଳକୁ "ଉଡ୍ର ବିଷୟ" ନାମରେ ନାମିତ କରି ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ। ତାଙ୍କ ସାମ୍ରାଜ୍ୟ କଙ୍ଗୋଦର ସୀମା ସ୍ପର୍ଶକଲା।

ଏହି ସମୟରେ ଦକ୍ଷିଣରେ  ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀଙ୍କ ପ୍ରଭାବ ବଂଶଧାରା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଦୁଇ ଶକ୍ତିଶାଳୀ ସାମ୍ରାଜ୍ୟ ମଧ୍ୟରେ ଅବସ୍ଥିତ କଙ୍ଗୋଦକୁ ଅଧିକାର ପାଇଁ ହର୍ଷ ଓ ପୁଲକେଶୀ ଉଭୟ ଆଗ୍ରହୀ ଥିଲେ। ପୁଲକେଶୀଙ୍କ ମୃତ୍ୟୁପରେ (୬୪୨) ହର୍ଷ କଙ୍ଗୋଦ ଆକ୍ରମଣ କଲେ। କଙ୍ଗୋଦ ପରାଜିତ ହେଲା ଓ ହର୍ଷଙ୍କର ବଶତା ସ୍ୱୀକାର କଲା। ରାଜା ମାଧବବର୍ମନ, ହର୍ଷଙ୍କ ପ୍ରଭୁତ୍ୱ ଗ୍ରହଣ କରି ଜଣେ ସାମନ୍ତ ରୁପେ କଙ୍ଗୋଦ ଶାସନ କଲେ। **ଏଠାରେ ଉଲ୍ଲେଖନୀୟ, କଙ୍ଗୋଦ ବିଜୟ ପରେ ହର୍ଷଙ୍କ ନୀତିରେ ପରିବର୍ତ୍ତନ ହୋଇଥିଲା। ସେ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇ ଯୁଦ୍ଧନୀତି ପରିହାର କରିଥିଲେ। କଙ୍ଗୋଦ ବିଜୟ ପରେ ସେ କଳିଙ୍ଗ ଆକ୍ରମଣ କରି ନଥିଲେ। କଳିଙ୍ଗଯୁଦ୍ଧ ଅଶୋକଙ୍କୁ ପରିବର୍ତ୍ତିତ କରିଦେଇଥିଲା। ସେହିଭଳି କଙ୍ଗୋଦ ଯୁଦ୍ଧ ହର୍ଷବର୍ଦ୍ଧନଙ୍କ ନୀତିରେ ପରିବର୍ତ୍ତନ ଆଣିଥିଲା।**

ହର୍ଷବର୍ଦ୍ଧନଙ୍କ ପରେ କଙ୍ଗୋଦ ପୁନର୍ବାର ସ୍ୱାଧୀନ ହୋଇ ଓଡ଼ିଶା ଇତିହାସରେ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲା।

ଏହିପରି ଭାବରେ ଖାରବେଳଙ୍କ ପରଠାରୁ ଓଡ଼ିଶାରେ ରାଜନୈତିକ ଅସ୍ଥିରତା, କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ଉତ୍ଥାନ ଓ ପତନ, ଅପେକ୍ଷାକୃତ ଶକ୍ତିଶାଳୀ ରାଜ୍ୟ ମାନଙ୍କର ଅଭ୍ୟୁଦୟ,

ସେମାନଙ୍କ ମଧ୍ୟରେ କନ୍ଦଳ, ପ୍ରତିଯୋଗୀତା ଓ ସଘଂର୍ଷ, ବାହ୍ୟ ଆକ୍ରମଣ (ପ୍ରଥମ ଶତକରେ ଗୌତମୀ ପୁତ୍ର ସାତକର୍ଣ୍ଣୀ, ଚତୁର୍ଥ ଶତାବ୍ଦୀରେ ସମୁଦ୍ରଗୁପ୍ତ, ପଞ୍ଚମ ଶତାବ୍ଦୀରେ ବାକାତକ ରାଜା ହରିସେନ, ଷଷ୍ଠ ଶତାବ୍ଦୀରେ ଶଶାଙ୍କ ଦେବ ଓ ପୁଲକେଶୀ, ସପ୍ତମ ଶତାବ୍ଦୀରେ ହର୍ଷବର୍ଦ୍ଧନ ଓ ଅଷ୍ଟମ / ନବମ ଶତାବ୍ଦୀରେ ରାଷ୍ଟ୍ରକୁଟ ରାଜା ତୃତୀୟ ଗୋବିନ୍ଦ) ଓଡ଼ିଶା ଇତିହାସର ମୁଖ୍ୟ ଚରିତ୍ର ଥିଲା।

ହୁଏନସାଂଙ୍କ ଓଡ଼ିଶା ପରିଭ୍ରମଣ ସମୟରେ (୬୩୯) ଓଡ଼ିଶାରେ ୪ଗୋଟି ମୁଖ୍ୟ ରାଜ୍ୟ ଅବସ୍ଥିତ ଥିଲେ। ସେମାନେ ହେଲେ ଉଡ୍ର (କପିଶା ନଦୀ ଠାରୁ ଚିଲିକା), କଙ୍ଗୋଦ (ଚିଲିକାଠାରୁ ମହେନ୍ଦ୍ରଗିରି) କଳିଙ୍ଗ (ମହେନ୍ଦ୍ରଗିରି ଠାରୁ ଗୋଦାବରୀ) ଓ କୋଶଳ (ପଶ୍ଚିମ ଓଡ଼ିଶା)। ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଏହାହିଁ ଥିଲା ଓଡ଼ିଶାର ରାଜନୈତିକ ସ୍ଥିତି।

ଚୀନ୍ ପରିବ୍ରାଜକ ହୁଏନସାଂଙ୍କ ବିବରଣୀରୁ ତତ୍କାଳୀନ (ସପ୍ତମ ଶତାବ୍ଦୀ) ଓଡ଼ିଶାର ରାଜନୈତିକ, ଧାର୍ମିକ ଓ ଆର୍ଥିକ ସ୍ଥିତିର କେତେକ ସୂଚନା ମିଳେ। ହୁଏନସାଂ ଗୌଡ଼ଦେଶରୁ ଆସି ଉଡ୍ରଦେଶରେ ପହଞ୍ଚି ସେଠାରେ ଏକଶହ ବୌଦ୍ଧବିହାର ଓ ଦଶହଜାର ବୌଦ୍ଧଭିକ୍ଷୁ (ମୁଖ୍ୟତଃ ହୀନଯାନ) ବାସ କରୁଥିବାର ଦେଖିଥିଲେ। ଉକ୍ତ ରାଜ୍ୟରେ ଚେଳିତାଲୋ ବନ୍ଦର ଓ ପୁଷ୍ପଗିରି ବୌଦ୍ଧବିହାର ଅବସ୍ଥିତ ଥିଲା। ଉଡ୍ରଦେଶରୁ ସେ କଙ୍ଗୋଦ ଗଲେ। କଙ୍ଗୋଦ ଏକ ଶକ୍ତିଶାଳୀ ରାଜ୍ୟ ଥିଲା। ସେଠାରୁ ବିଦେଶକୁ ବୃହତକାୟ ହସ୍ତୀ ରପ୍ତାନୀ ହେଉଥିଲା। ଦେଶରେ କଉଡ଼ିର ପ୍ରଚଳନ ଥିଲା। କଙ୍ଗୋଦରେ ଏକଶହରୁ ଅଧିକ ହିନ୍ଦୁ ମନ୍ଦିର ଥିଲା। ଅନ୍ୟ ଧର୍ମାବଲମ୍ବୀଙ୍କ ସଂଖ୍ୟା ପ୍ରାୟ ଦଶହଜାର ଥିଲା। କଙ୍ଗୋଦରୁ ହୁଏନସାଂ କଳିଙ୍ଗ ଗଲେ ଓ ସେଠାରେ ୫୦ ପାଖାପାଖି ବୌଦ୍ଧବିହାର ଓ ପାଞ୍ଚଶହ ଭିକ୍ଷୁଥିବାର ଦେଖିଥିଲେ। କଙ୍ଗୋଦ ପରି କଳିଙ୍ଗରେ ହିନ୍ଦୁଧର୍ମର ଅଧିକ ପ୍ରଭାବ ଥିଲା ଓ ସେଠାରେ ଏକଶହ ଦେବମନ୍ଦିର ଥିଲା। ଏଠାରୁ କୃଷ୍ଣବର୍ଣ୍ଣର ହସ୍ତୀ ରପ୍ତାନୀ ହେଉଥିଲେ। ତାପରେ ସେ କୋଶଳ ଗଲେ। କୋଶଳରେ ଶତାଧିକ ବୌଦ୍ଧବିହାର ଓ ପ୍ରାୟ ଦଶହଜାର ବୌଦ୍ଧଭିକ୍ଷୁ ବାସ କରୁଥିଲେ। ପରିମଳଗିରି (ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ) ବୌଦ୍ଧବିହାର ଏହି ରାଜ୍ୟରେ ଅବସ୍ଥିତ ଥିଲା। କୋଶଳରୁ ହୁଏନସାଂ ଆନ୍ଧ୍ର ପରିଭ୍ରମଣରେ ଯାଇଥିଲେ।

●●●

# ଓଡ଼ିଶା ଇତିହାସର ଗୌରବମୟ ଯୁଗ

**ଖ୍ରୀ**ଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୮୦୦ ବର୍ଷ ଓଡ଼ିଶା ଇତିହାସର ଗୌରବମୟ ଯୁଗ ଥିଲା । ଏହି ସମୟରେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସାହିତ୍ୟ, ଧର୍ମ, ସଂସ୍କୃତି ପ୍ରଭୃତି ସବୁକ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ଓ ଉନ୍ନତି ସାଧିତ ହୋଇଥିଲା । ଓଡ଼ିଶାର ଯଶ ଓ ଗୌରବ ଶୀର୍ଷସୀମାରେ ପହଞ୍ଚିଥିଲା ।

ଅଷ୍ଟମ ଶତାବ୍ଦୀରୁ ଦଶମ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ତିନିଗୋଟି ରାଜବଂଶ ଶାସନ କରୁଥିଲେ । ତୋଷାଳୀରେ (ଗଙ୍ଗାଠାରୁ ମହେନ୍ଦ୍ର ଗିରି) ଭୌମକର ରାଜବଂଶ, କଳିଙ୍ଗରେ (ମହେନ୍ଦ୍ରଗିରି ଠାରୁ ଗୋଦାବରୀ) ଗଙ୍ଗ ରାଜବଂଶ ଓ କୋଶଳରେ (ପଶ୍ଚିମ ଓଡ଼ିଶା, ବିଳାସପୁର, ରାୟପୁର) ସୋମବଂଶ ବା ପାଣ୍ଡୁବଂଶ ଶାସନ କରୁଥିଲେ । ଦଶମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ (ଆ:୯୬୦) ସୋମବଂଶୀ ମାନେ ତୋଷାଳି ଅଧିକାର କଲେ । ଭୌମକର ବଂଶର ପତନ ହେଲା । ଏହାପରେ ଓଡିଶା ଦୁଇଟି ରାଜବଂଶ (କଳିଙ୍ଗର ଗଙ୍ଗ ରାଜବଂଶ ଏବଂ ତୋଷାଳୀ ଓ ପଶ୍ଚିମ ଓଡିଶାର ସୋମ ବଂଶ) ଅଧିନରେ ରହିଲା । ଦ୍ୱାଦଶ ଶତାବ୍ଦୀର ଆରମ୍ଭରେ (୧୧୧୧) ସୋମବଂଶର ପତନ ଘଟାଇ, କଳିଙ୍ଗର ଗଙ୍ଗ ରାଜବଂଶ ସମଗ୍ର ଓଡିଶା (ଗଙ୍ଗାଠାରୁ ଗୋଦାବରୀ) ଉପରେ ନିଜର ଶାସନ ପ୍ରତିଷ୍ଠା କଲେ । ରାଜ୍ୟକୁ ଉତ୍କଳ ନାମରେ ନାମିତ କଲେ । ଖାରବେଳଙ୍କ ପରେ ପୁନର୍ବାର ଓଡ଼ିଶା ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇ ଏକ ଶାସନାଧୀନ ହେଲା । ପଞ୍ଚଦଶ ଶତାବ୍ଦୀର ପ୍ରଥମ ଭାଗରେ (୧୪୩୫) ଗଙ୍ଗବଂଶର ପତନ ହେଲା ଓ ସୂର୍ଯ୍ୟବଂଶର ପ୍ରତିଷ୍ଠାହେଲା । ଉତ୍କଳ ସାମ୍ରାଜ୍ୟ ଓଡ଼ିଶା ସାମ୍ରାଜ୍ୟ ନାମରେ ନାମିତ ହେଲା । ସୂର୍ଯ୍ୟବଂଶର ପତନ ପରେ ଓଡ଼ିଶା ସାମ୍ରାଜ୍ୟର ପତନ ପକ୍ରିୟା ଆରମ୍ଭ ହେଲା । ଓଡ଼ିଶାର ଶେଷ ହିନ୍ଦୁରାଜା ମୁକୁନ୍ଦେବଙ୍କ ପରାଜୟ ଓ ମୃତ୍ୟୁପରେ (୧୫୬୮) ଓଡ଼ିଶାର ଗୌରବରବି ସବୁଦିନ ପାଇଁ ଅସ୍ତମିତ ହେଲେ । ଓଡିଶାର ଯଶ ଓ ଗୌରବମୟ ଯୁଗର ଅନ୍ତ ହେଲା ।

# ତୋଷାଳିର ଭୌମକର ରାଜବଂଶ

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ଏକ ନୂତନ ରାଜ୍ୟ ଓ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ରାଜ୍ୟର ନାମ ତୋଷାଳି ଓ ରାଜବଂଶର ନାମ ଥିଲା ଭୌମକର ରାଜବଂଶ। ବୈତରଣୀ ନଦୀ କୂଳରେ ଗୁହଦେବ ପାଟକ ବା ଗୁହେଶ୍ୱର ପାଟକ (ଯାଯପୁର ନିକଟରେ) ଏହାର ରାଜଧାନୀ ଥିଲା। ତୋଷାଳି (ତୋଷଳ) ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ବିସ୍ତୃତ ଥିଲା। ମହାନଦୀର ଉତ୍ତରସ୍ଥ ଅଞ୍ଚଳ ଉତ୍ତର ତୋଷାଳି ଓ ଦକ୍ଷିଣସ୍ଥ ଅଞ୍ଚଳ ଦକ୍ଷିଣ ତୋଷାଳି ଏବଂ ଉଭୟ ମିଶି ଅମୀତ ତୋଷାଳି ବା ତୋଷଳ ନାମରେ ଅଭିହିତ ଥିଲା। ରାଷ୍ଟ୍ରକୁଟ ଶାସକ ମାନେ ଉକ୍ତ ରାଜ୍ୟକୁ ଉଡ୍ରକ ଓ ସୋମବଂଶୀ ମାନେ ଏହାକୁ ଉଡ୍ର ନାମରେ ଉଲ୍ଲେଖ କରିଥିଲେ। ଏହି ରାଜବଂଶର ପ୍ରଥମ କେତେଜଣ ରାଜା ନିଜକୁ ଭୌମାନ୍ୱୟ ଓ ପରବର୍ତ୍ତୀ ରାଜାମାନେ ନିଜକୁ କରବଂଶ ସମ୍ଭୁତ ବୋଲି ଅଭିହିତ କରିଥିବାରୁ ସେମାନଙ୍କୁ ଭୌମକର ବୋଲି କୁହାଯାଏ। ବିଷ୍ଣୁପୁରାଣ ଅନୁସାରେ ଭୌମଗୁହ ନାମକ ଜଣେ ରାଜା କଳିଙ୍ଗ, ମହେନ୍ଦ୍ର ଅଞ୍ଚଳ ଓ ମାହିଷ୍ୟ (ମେଦିନିପୁର) ଅଞ୍ଚଳରେ ଶାସନ କରୁଥିଲେ। ତାଙ୍କରି ନାମାନୁସାରେ ରାଜବଂଶ 'ଭୌମବଂଶ' ଓ ରାଜଧାନୀ 'ଗୁହଦେବପାଟକ' ନାମରେ ନାମିତ ହୋଇଥିଲା। ଉକ୍ତ ରାଜବଂଶ ୭୩୬ ମସିହାରେ ପ୍ରତିଷ୍ଠା ହୋଇଥିଲା ଓ ସେହି ବର୍ଷଠାରୁ ଭୌମ ସମ୍ୱତ (ସମ୍ୱତ୍ସର) ଆରମ୍ଭ ହୋଇଥିଲା। ଭୌମକର ବଂଶର ଶାସକମାନେ ଶିବକର ଦେବ, ଶୁଭକର ଦେବ, ଶାନ୍ତିକର ଦେବ ନାମରେ ସିଂହାସନରେ ଅଭିଷିକ୍ତ ହେଉଥିଲେ।

ଭୌମକର ରାଜବଂଶର ପ୍ରତିଷ୍ଠାତା **ପ୍ରଥମ ଶିବକର ଦେବ** ଉନ୍ମଟ/ଉନ୍ମତ୍ତ କେଶରୀ (୭୩୬-୭୯୦) ଜଣେ ଶକ୍ତିଶାଳୀ ଶାସକଥିଲେ। ସେ କଙ୍ଗୋଦ ଅଧିକାର କରିଥିଲେ। କଙ୍ଗୋଦ ରାଜା କଳିଙ୍ଗରେ ରାଜନୈତିକ ଆଶ୍ରୟ ନେଲେ। ଫଳରେ କଳିଙ୍ଗର ଗଙ୍ଗମାନଙ୍କ ସହିତ ତାଙ୍କର ସଂଘର୍ଷ ହୋଇଥିଲା। ଗଙ୍ଗମାନେ ପରାଜିତ ହେଲେ । ଶ୍ୱେତକ ମଣ୍ଡଳରେ (ଖେମୁଣ୍ଡି ଓ ଚିକିଟି ଅଞ୍ଚଳ) ଶାସନ କରୁଥିବା ଶାଖା ଗଙ୍ଗବଂଶର ଶାସକ,

ଶିବକରଦେବଙ୍କର ଆନୁଗତ୍ୟ ସ୍ୱୀକାର କରି ନିଜକୁ ସକଳ କଳିଙ୍ଗର ଅଧିକାରୀ ବୋଲି ଦାବି କଲେ। ଶିବକର ଦେବ ରାଢ (ଦକ୍ଷିଣ-ପଶ୍ଚିମ ବଙ୍ଗ) ଆକ୍ରମଣ କରି ଦଣ୍ଡଭୁକ୍ତି ମଣ୍ଡଳ (ମେଦିନିପୁର) ଅଧିକାର କଲେ। ସେ ରାଢ ରାଜକନ୍ୟା ଜୟବଲ୍ଲରୀ ଦେବୀଙ୍କୁ ବିବାହ କରିଥିଲେ। ରାଜ୍ୟବିସ୍ତାର ସହିତ ଏକ ଦୃଢ ଓ ଶୃଖଂଳିତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିଥିଲେ।

ଭୌମବଂଶର ଦ୍ୱିତୀୟ ରାଜା **ପ୍ରଥମ ଶୁଭକର ଦେବ**ଙ୍କ (୭୯୦-୮୦୦) ସମୟରେ ଦାକ୍ଷିଣାତ୍ୟର ରାଷ୍ଟ୍ରକୁଟ ଶାସକ ତୃତୀୟ ଗୋବିନ୍ଦ (ମାଦଳାପାଞ୍ଜିର ରକ୍ତବାହୁ) ଓଡ଼ିଶା ଆକ୍ରମଣ କରିଥିଲେ। ତାଙ୍କ ଭୟରେ ଶୁଭକର ଦେବ (ମାଦଳା ପାଞ୍ଜିର ଶୋଭନ ଦେବ) ମନ୍ଦିରରୁ ବିଗ୍ରହମାନଙ୍କୁ ନେଇ ସୋନପୁର ନିକଟସ୍ଥ ଗୋପାଳୀ ଠାରେ ଗୁପ୍ତକରି ରଖିଥିଲେ। ୧୪୬ ବର୍ଷପରେ ସୋମବଂଶର ପ୍ରଥମ ଯଯାତି ବିଗ୍ରହମାନଙ୍କୁ ଉଦ୍ଧାର କରି ମନ୍ଦିରରେ ପୁନଃ ସ୍ଥାପନ କରିଥିଲେ।

ପ୍ରଥମ ଶୁଭକରଙ୍କ ଉତ୍ତରାଧିକାରୀ **ଦ୍ୱିତୀୟ ଶିବକର ଦେବ** (୮୦୦-୮୨୦), ବଙ୍ଗର ପାଳରାଜା ଦେବପାଳଙ୍କ ଦ୍ୱାରା ପରାଜିତ ଓ ଗାଦିଚ୍ୟୁତ ହୋଇଥିଲେ। ତାଙ୍କର ଭାଇ ଦେବପାଳଙ୍କ ଆନୁଗତ୍ୟ ସ୍ୱୀକାର କରି **ପ୍ରଥମ ଶାନ୍ତିକରଦେବ** (୮୨୦-୮୩୫) ଭାବେ ଅଭିଷିକ୍ତ ହେଲେ ଓ ଦେବପାଳଙ୍କ ସାମନ୍ତଭାବେ ଶାସନ କଲେ। ଏହିଠାରୁ ଶିବକର ଓ ଶାନ୍ତିକରଙ୍କ ଉତ୍ତରାଧିକାରୀ ମାନଙ୍କ ମଧ୍ୟରେ ସିଂହାସନ ପାଇଁ ପାରିବାରିକ କଳହ ଆରମ୍ଭ ହେଲା। ଶାନ୍ତିକର ଦେବ ଗଙ୍ଗ ରାଜକନ୍ୟା ଗୋସ୍ୱାମିନୀ ଦେବୀଙ୍କୁ ବିବାହ କରିଥିଲେ, ଯେ ପରେ ପ୍ରଥମ ତ୍ରିଭୁବନ ମହାଦେବୀ ନାମରେ ଭୌମକର ସିଂହାସନ ଆରୋହଣ କରିଥିଲେ। ଶାନ୍ତିକରଙ୍କ ପରେ ଶିବକରଙ୍କ ପୁତ୍ର ଦ୍ୱିତୀୟ ଶୁଭକରଦେବ (୮୩୫) ରାଜାହେଲେ। ଶାନ୍ତିକର ଦେବଙ୍କ ପୁତ୍ର ତୃତୀୟ ଶୁଭକରଦେବ (୮୩୫-୮୪୫) ତାଙ୍କୁ ଗାଦିଚ୍ୟୁତକରି ସିଂହାସନ ଅଧିକାର କଲେ।

ତୃତୀୟ ଶୁଭକରଙ୍କ ମୃତ୍ୟୁପରେ ତାଙ୍କର ମାତା ଗୋସ୍ୱାମିନୀ ଦେବୀ **ପ୍ରଥମ ତ୍ରିଭୁବନ ମହାଦେବୀ** (୮୪୫-୮୫୦) ନାମରେ ତୋଷାଳୀର ସିଂହାସନ ଆରୋହଣ କଲେ। ସେ ଭୌମକର ସିଂହାସନ ଆରୋହଣ କରିଥିବା ପ୍ରଥମ ମହିଳା। ଏକ ସଂକଟ ସମୟରେ ସେ ସିଂହାସନ ଆରୋହଣ କରିଥିଲେ। ସିଂହାସନ ପାଇଁ ପରିବାର ମଧ୍ୟରେ କଳହ ଚାଲିଥିଲା। ବୈଦେଶିକ ଆକ୍ରମଣର ଆଶଙ୍କାଥିଲା। ବିରୋଧି ମାନଙ୍କୁ ଦମନ କରିବା ସହିତ ରାଜ୍ୟରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା କରିବାରେ ସେ ସଫଳ ହୋଇଥିଲେ। ଆରବୀୟ

ଓ ପାର୍ଶୀ ଭୁଗୋଳବିତ୍‌ମାନଙ୍କ ଲେଖାରେ ତାଙ୍କ ସମ୍ବନ୍ଧରେ ଅନେକ ପ୍ରଶଂସା ଦେଖିବାକୁ ମିଳେ। ପ୍ରଥମ ତ୍ରିଭୁବନ ମହାଦେବୀଙ୍କ ପରେ ଦ୍ୱିତୀୟ ଶାନ୍ତିକରଦେବ (୮୫୦-୮୬୫) ରାଜା ହେଲେ। ତାଙ୍କ ପରେ ପୁତ୍ରମାନେ ନାବାଳକ ଥିବାରୁ ରାଣୀ ହୀରାମହାଦେବୀ କିଛିକାଳ ଶାସନ କରି ପୁତ୍ର ଚତୁର୍ଥ ଶୁଭକର ଦେବଙ୍କୁ ସିଂହାସନ ଅର୍ପଣ କରିଥିଲେ।

**ଚତୁର୍ଥ ଶୁଭକର ଦେବ**ଙ୍କ (୮୬୫-୮୮୫) ସମୟରେ କୋଶଳର ସୋମବଂଶୀ ରାଜା ପ୍ରଥମ ଜନ୍ମେଜୟ ଖିଞ୍ଜାଳି ମଣ୍ଡଳ (ବୌଦ, ପୁଲବାଣୀ, ଆଠମଲିକ) ଅଧିକାର କରିଥିଲେ। ଖିଞ୍ଜାଳି ମଣ୍ଡଳ (ଜନ୍ମେଜୟଙ୍କ ବର୍ଣ୍ଣନାରେ ଓଡ୍ରଦେଶ) ଭୌମକର ମାନଙ୍କର ସାମନ୍ତ ରାଜ୍ୟ ଥିଲା। ଫଳରେ ସୋମବଂଶୀ ଓ ଭୌମକର ମାନଙ୍କ ମଧ୍ୟରେ ଯୁଦ୍ଧର ସମ୍ଭାବନା ଦେଖାଦେଲା। କିନ୍ତୁ ଜନ୍ମେଜୟ ନିଜର କନ୍ୟା ପୃଥ୍ୱୀ ମହାଦେବୀଙ୍କୁ ଶୁଭକର ଦେବଙ୍କ ସହିତ ବିବାହ ଦେଇ ବନ୍ଧୁତ୍ୱ ପ୍ରତିଷ୍ଠା କଲେ। ଏହି ବିବାହ ଏକ ରାଜନୈତିକ ବିବାହ ଥିଲା ଓ ଭୌମକରମାନଙ୍କ ପାଇଁ ମଙ୍ଗଳକାରୀ ନଥିଲା।

ଚତୁର୍ଥ ଶୁଭକରଙ୍କ ମୃତ୍ୟୁପରେ ତାଙ୍କର ଭାଇ ଲଳିତହାର ତୃତୀୟ ଶିବକର ଦେବ ରାଜା ହେଲେ। ତାଙ୍କର ଅକାଳ ମୃତ୍ୟୁ ହେବାରୁ (କୁହାଯାଏ ପ୍ରଥମ ଯଯାତି ଷଡଯନ୍ତ୍ର କରି ତାଙ୍କୁ ହତ୍ୟା କରିଥିଲେ) ପୃଥ୍ୱୀମହାଦେବୀ, **ଦ୍ୱିତୀୟ ତ୍ରୀଭୁବନ ମହାଦେବୀ** (୮୯୦-୮୯୬) ନାମରେ ଭୌମକର ସିଂହାସନରେ ଅଧିଷ୍ଠିତ ହେଲେ। ସେ ସୋମବଂଶୀ ରାଜକନ୍ୟା ଥିଲେ ଓ ସୋମବଂଶ ପ୍ରତି ଅଧିକ ଅନୁରକ୍ତ ଥିଲେ। ତାଙ୍କ ସମୟରେ ତୋଷାଳିରେ ସୋମବଂଶୀ ମାନଙ୍କର ରାଜନୈତିକ ପ୍ରଭାବ ବୃଦ୍ଧି ହେଲା। ତାଙ୍କର ଭ୍ରାତା ମହାଶିବଗୁପ୍ତ ପ୍ରଥମ ଯଯାତି ଦକ୍ଷିଣ ତୋଷାଳିରେ ଏକ ଗ୍ରାମଦାନ କରିଥିଲେ।

ସୋମବଂଶୀ ପ୍ରଭାବରୁ ମୁକ୍ତହେବା ପାଇଁ ତୋଷାଳିର ସାମନ୍ତ ଓ କର୍ମଚାରୀମାନେ ଷଡ଼ଯନ୍ତ୍ର କଲେ । ପ୍ରଥମ ଯଯାତି, ପଶ୍ଚିମ କୋଶଳରେ କାଳଚୁରୀମାନଙ୍କ ସହିତ ଯୁଦ୍ଧରେ ବ୍ୟସ୍ତଥିବା ବେଳେ ପୃଥ୍ୱୀ ମହାଦେବୀଙ୍କୁ ଗାଦିଚ୍ୟୁତ କରି ତୃତୀୟ ଶିବକରଦେବଙ୍କର ଅନ୍ୟ ଜଣେ ରାଣୀଙ୍କୁ **ତୃତୀୟ ତ୍ରୀଭୁବନ ମହାଦେବୀ** (୮୯୬-୯୦୫) ନାମରେ ସିଂହାସନରେ ଅବସ୍ଥାପିତ କଲେ। ତାଙ୍କପରେ ତାଙ୍କର ଦୁଇପୁତ୍ର ତୃତୀୟ ଶାନ୍ତିକର ଦେବ ଓ ପଞ୍ଚମ ଶୁଭକର ଦେବ ଅଳ୍ପକାଳ ଶାସନ କରିଥିଲେ। ପଞ୍ଚମ ଶୁଭକର ଦେବଙ୍କ ପରେ ତୋଷାଳିରେ ୪ ଜଣ ରାଣୀ- **ଗୌରୀ ମହାଦେବୀ, ଦଣ୍ଡିମହାଦେବୀ, ବକୁଳ ମହାଦେବୀ ଓ ଧର୍ମ ମହାଦେବୀ** ଶାସନ କରିଥିଲେ। ଶେଷ ଦୁଇରାଣୀ ଭଞ୍ଜ ବଂଶୀୟ ଥିବାରୁ ତୋଷାଳିରେ ଭଞ୍ଜମାନଙ୍କର ପ୍ରଭାବ ଅନୁଭୁତ ହୋଇଥିଲା। ଧର୍ମ ମହାଦେବୀ

ଭୌମକରବଂଶର ଶେଷ ଶାସକ ଥିଲେ। ତୋଷାଳିର ଦୁର୍ବଳତା ଓ ପାରିବାରିକ କଳହର ସୁଯୋଗ ନେଇ ସୋମବଂଶୀ ରାଜା ଭୀମରଥ ଦଶମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ପ୍ରଥମ ଦଶକରେ (ଆ.୯୬୦ଖ୍ରୀ) ତୋଷାଳି ଅଧିକାର କରିନେଲେ ଓ ଭୌମକର ବଂଶର ପତନ ହେଲା।

**ଭୌମକର ଶାସନର ବିଶେଷତ୍ୱ** : – ଭୌମକର ରାଜବଂଶର ଅଭ୍ୟୁଦୟ ଓ ରାଜତ୍ୱ ଓଡ଼ିଶା ଇତିହାସର ଏକ ଉଲ୍ଲେଖନୀୟ ଅଧ୍ୟାୟ। ଓଡ଼ିଶାର ଏକ ଘଡ଼ିସନ୍ଧି ଓ ରାଜନୈତିକ ଅସ୍ଥିରତା ସମୟରେ ଭୌମ ବଂଶ ପ୍ରତିଷ୍ଠା ହୋଇଥିଲା। ବୈଦେଶିକ ଆକ୍ରମଣ, ପଡ଼ୋଶୀମାନଙ୍କ ସହିତ ସଙ୍ଘର୍ଷ, ଯୁଦ୍ଧଭୟ, ପରାଜୟ, ପାରିବାରିକ କନ୍ଦଳ ଓ ଅସ୍ଥିରତା ସତ୍ତ୍ୱେ ଏହି ସମୟରେ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ଓ ଅଗ୍ରଗତି ହୋଇଥିଲା।

ଭୌମକରମାନେ ତୋଷାଳୀରେ ଏକ ସ୍ୱାଧୀନ, ସାର୍ବଭୌମ, ସୁସଂଗଠିତ ସ୍ଥିର ଶାସନ ପ୍ରତିଷ୍ଠା କରିଥିଲେ। ଶାସକମାନେ ପରମ ଭଟ୍ଟାରକ, ମହାରାଜାଧିରାଜ, ପରମେଶ୍ୱର, ପରମ ମାହେଶ୍ୱର, ପରମ ବୈଷ୍ଣବ ପ୍ରଭୃତି ଉପାଧିରେ ଭୁଷିତ ଥିଲେ। ଶାସନ ସୁସଂଗଠିତ ଥିଲା। ରାଜକର୍ମଚାରୀମାନେ ବିଶ୍ୱସ୍ତ ଓ ଅନୁଗତ ଥିଲେ। ରାଜ ପରିବାରରେ କଳହ, ବାହ୍ୟ ପ୍ରଭାବ ଓ ଯୁଦ୍ଧ ସତ୍ତ୍ୱେ ରାଜ୍ୟରେ ସ୍ଥିର ସୁଶାସନ ଥିଲା।

ଭୌମକର ରାଜତ୍ୱର ଏକ ଉଲ୍ଲେଖନୀୟ ଓ ସ୍ୱତନ୍ତ୍ର ବିଷୟ ହେଉଛି ମହିଳାମାନଙ୍କର ସିଂହାସନ ଆରୋହଣ। ଉକ୍ତ ରାଜବଂଶର ୧୯ଜଣ ଶାସକ ମାନଙ୍କ ମଧ୍ୟରେ ଆଠ ଜଣ ରାଣୀ ଥିଲେ। ସେମାନଙ୍କ ମଧ୍ୟରେ ସାତଜଣ ବିଧବା ରାଣୀ ଓ ଜଣେ (ଦଣ୍ଡି ମହାଦେବୀ) ଅବିବାହିତା ରାଜକନ୍ୟା ଥିଲେ। ଭୌମଯୁଗରେ ରାଣୀମାନେ ସାର୍ବଭୌମ କ୍ଷମତାର ଅଧିକାରୀ ଥିଲେ ଓ ଶାସନ କରିଥିଲେ। ଏହା ଦ୍ୱାରା ସିଂହାସନ ଉପରେ ମହିଳା ଓ ପୁରୁଷ, ସମସ୍ତଙ୍କର ସମାନ ଅଧିକାର ଥିବା କଥା କାର୍ଯ୍ୟରେ ପ୍ରମାଣିତ ହୋଇଥିଲା ଓ ଏକ ନୂତନ ପରମ୍ପରା ସୃଷ୍ଟି ହୋଇଥିଲା।

ଭୌମକର ରାଜାମାନେ ଉଦାର, ବଦାନ୍ୟ ଓ ଧର୍ମପରାୟଣ ଥିଲେ। ପ୍ରଥମ ୩ ଜଣ ରାଜା ବୌଦ୍ଧ ଥିଲେ। ପରବର୍ତ୍ତୀ ଶାସକମାନେ ଶୈବଧର୍ମ, ବୈଷ୍ଣବ ଧର୍ମ, ଶାକ୍ତଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ। ପ୍ରଥମ ଶୁଭକରଙ୍କ ପତ୍ନୀ ମାଧବୀ ଦେବୀ, ୪ର୍ଥ ଶୁଭକର ଦେବ, ଏବଂ ଦଣ୍ଡୀ ମହାଦେବୀ ଶିବ ଉପାସନା କରୁଥିଲେ। ପ୍ରଥମ ତ୍ରିଭୁବନ ମହାଦେବୀ, ପୃଥ୍ୱୀ ମହାଦେବୀ, ଦ୍ୱିତୀୟ ଶାନ୍ତିକର ଦେବ ବିଷ୍ଣୁ ଭକ୍ତ ଥିଲେ। ସମସ୍ତେ ସବୁଧର୍ମପ୍ରତି ଉଦାର ଓ


ସହନଶୀଳ ଥିଲେ। ଉତ୍ତରଭାରତରୁ ବ୍ରାହ୍ମଣ ମାନଙ୍କୁ ଆଣି ଭୂମିଦାନ କରି ଏଠାରେ ଅବସ୍ଥାପିତ କରିଥିଲେ। ପ୍ରଥମ ଶୁଭକରଦେବ (ଅନ୍ୟମତରେ ପ୍ରଥମ ଶିବକର ଦେବ) ବୌଦ୍ଧ ସନ୍ନ୍ୟାସୀ ପ୍ରଜ୍ଞାଙ୍କ ହାତରେ ବୌଦ୍ଧଗ୍ରନ୍ଥ ଗଣ୍ଡବ୍ୟୁହ (ସଂସ୍କୃତ) ଉପହାର ରୁପେ ଚୀନ ସମ୍ରାଟ ତେ-ସଙ୍ଗଙ୍କ ନିକଟକୁ ପଠାଇଥିଲେ। ଭୌମକର ରାଜାମାନେ ତତ୍‌କାଳୀନ ମୁଖ୍ୟ ବୌଦ୍ଧ ପୀଠ (ଲଳିତଗିରି, ଉଦୟ ଗିରି, ପୁଷ୍ପଗିରି, ରତ୍ନଗିରି, ଖଡ଼ିପଦା, କୁପାରୀ, ଚଉରାଶୀ, ଅଯୋଧ୍ୟା ଇତ୍ୟାଦି) ମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ। ଫଳରେ ବହୁ ଜ୍ଞାନୀ ଗୁଣୀ ସାଧକ ଓ ସନ୍ନ୍ୟାସୀ  ଶିକ୍ଷା ଓ ସାଧନା ପାଇଁ ଏଠାକୁ ଆସୁଥିଲେ। ଭୌମକର ସମୟରେ ଶକ୍ତି ପୂଜାର ବିକାଶ ହୋଇଥିଲା। ଏହି ସମୟ ସର୍ବଧର୍ମ ସମନ୍ୱୟର ଏକ ବଳିଷ୍ଠ ଯୁଗ ଥିଲା।

ଭୌମକର ରାଜତ୍ୱ ସମୟରେ ଓଡ଼ିଶାରେ ମନ୍ଦିର ନିର୍ମାଣ ଯୁଗର ଅୟମାରମ୍ଭ ହୋଇଥିଲା। ମନ୍ଦିର ସ୍ଥାପତ୍ୟର ଉନ୍ନତି ଓ ବିକାଶ ହୋଇଥିଲା। ଭୁବନେଶ୍ୱରର ଶିଶିରେଶ୍ୱର, ଉତ୍ତରେଶ୍ୱର, ମାର୍କଣ୍ଡେଶ୍ୱର, ତାଳେଶ୍ୱର, ବୈତାଳ ଓ ମୋହିନୀ ମନ୍ଦିର (ଦ୍ୱିତୀୟ ଶିବକରଦେବଙ୍କ ରାଣୀ ମୋହିନୀଦେବୀ ନିର୍ମାଣ କରିଥିଲେ) ଏହି ସମୟରେ ନିର୍ମାଣ କରାଯାଇଥିଲା। ପ୍ରଥମ ଶୁଭକର ଦେବଙ୍କ ରାଣୀ ମାଧବ ଦେବୀ ଯାଯପୁର ଠାରେ ମାଧବେଶ୍ୱର ମନ୍ଦିର ନିର୍ମାଣ କରିଥିଲେ। ତୃତୀୟ ଶିବକର ଦେବଙ୍କ ସାମନ୍ତରାଜା ପୁଳିନ୍ଦେଶ୍ୱର ଯବଅଙ୍ଗୁଳି ପାଟିକା (ଆଧୁନିକ ଅନୁଗୁଳ) ଠାରେ ପୁଳିନ୍ଦେଶ୍ୱର ଶିବ ମନ୍ଦିର ନିର୍ମାଣ କରିଥିଲେ। ଭୌମଯୁଗର ଅନ୍ୟାନ୍ୟ ବହୁ ମନ୍ଦିର ମାନଙ୍କ ମଧ୍ୟରେ ଖିଚିଙ୍ଗ ମନ୍ଦିର, ରାଧାନାଥ ମନ୍ଦିର (ବଉଦ), ବହିରଙ୍ଗେଶ୍ୱର ମନ୍ଦିର (ଧଉଳି), ସିଂହନାଥ ମନ୍ଦିର (ଗୋପିନାଥ ପୁର) ସିଦ୍ଧେଶ୍ୱର ମନ୍ଦିର ଓ ନୀଳମାଧବ ମନ୍ଦିର (ଗନ୍ଧରାଡ଼ି), ବିରଞ୍ଚିନାରାୟଣ ମନ୍ଦିର (ପାଳିଆ, ବାଲେଶ୍ୱର) ଭୌମ୍ୟଯୁଗୀୟ ମନ୍ଦିର ସ୍ଥାପତ୍ୟର ଗୋଟିଏ ଗୋଟିଏ ମହାର୍ଘ ଉଦାହରଣ। ଭୌମକରମାନଙ୍କ ସମୟରେ ଦକ୍ଷିଣପୂର୍ବ ଏସିଆର ରାଜ୍ୟ ମାନଙ୍କ ସହିତ ଓଡିଶାର ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ପ୍ରତିଷ୍ଠିତ ଥିଲା।  ଭୌମକରମାନେ ଓଡିଶା ଇତିହାସର ଗୌରବମୟ ଯୁଗର ଭିତ୍ତି ପ୍ରତିଷ୍ଠା କରିଥିଲେ।

ବୈତାଳ ମନ୍ଦିର



ବିରଞ୍ଚିନାରାୟଣ



●●●

# ମଣ୍ଡଳ ରାଜ୍ୟ ବା ଅଧିରାଜ୍ୟ

ଅଷ୍ଟମ-ନବମ ଶତାବ୍ଦୀରେ ଭୌମକର ରାଜତ୍ୱ ସମୟରେ ଓଡିଶାରେ ଏକ ଭିନ୍ନ ଧରଣର ରାଜ୍ୟ ବା ଅଧିରାଜ୍ୟର ସୃଷ୍ଟି ହୋଇଥିଲା। ଏହି ରାଜ୍ୟଗୁଡ଼ିକ ମଣ୍ଡଳ ନାମରେ ପରିଚିତ ଥିଲେ। ସେମାନେ ଭୌମକରମାନଙ୍କର ସାର୍ବଭୌମତ୍ୱ ଗ୍ରହଣ କରିଥିଲେ। ଭୌମକରମାନଙ୍କର ସାମନ୍ତ ଥିଲେ। କିନ୍ତୁ ବସ୍ତୁତଃ ସ୍ୱାଧୀନ ଥିଲେ। ଆଭ୍ୟନ୍ତରୀଣ ଶାସନ କ୍ଷେତ୍ରରେ ପୂର୍ଣ୍ଣ ସ୍ୱାଧୀନ ଥିଲେ। ନିଜର କର୍ମଚାରୀ ନିଯୁକ୍ତ କରୁଥିଲେ। ସେମାନଙ୍କର ନିଜର ସୈନ୍ୟ ବାହିନୀ ଥିଲା ଓ ସେମାନେ ନିଜ ନାମରେ ଦାନପତ୍ର ମଧ୍ୟ ପ୍ରଦାନ କରୁଥିଲେ। ମଣ୍ଡଳର ଶାସକମାନଙ୍କୁ ମଣ୍ଡଳପତି, ମହାମଣ୍ଡଳପତି, ମାଣ୍ଡଳିକ, ମହାମାଣ୍ଡଳିକ କୁହାଯାଉଥିଲା। କେତେଜଣ ଶକ୍ତିଶାଳୀ ମଣ୍ଡଳ ଅଧିପତି ନିଜକୁ ମହାରାଜ, ମହାରାଜାଧିରାଜ, ପରମେଶ୍ୱର, ପରମ ମାହେଶ୍ୱର, ପରମ ଭଟ୍ଟାରକ ଭଳି ସ୍ୱାଧୀନ ସାର୍ବଭୌମ ଉପାଧିରେ ଭୂଷିତ କରିଥିଲେ।

ମଣ୍ଡଳ ଅଧିରାଜ୍ୟଗୁଡ଼ିକ ଭୌମ ଶାସିତ ତୋଷାଳି (ଉପକୂଳ ଓଡ଼ିଶା) ଓ ସୋମବଂଶ ଶାସିତ ଦକ୍ଷିଣ କୋଶଳ (ପଶ୍ଚିମ ଓଡ଼ିଶା) ମଧ୍ୟବର୍ତ୍ତୀ ବଣଜଙ୍ଗଲ, ପାହାଡ଼ ପର୍ବତ ଭରା ଅଞ୍ଚଳରେ ଅବସ୍ଥିତ ଥିଲେ। ଗମନାଗମନର ଅସୁବିଧା ପାଇଁ ସେମାନଙ୍କ ଉପରେ ପ୍ରତ୍ୟକ୍ଷ ନିୟନ୍ତ୍ରଣ କଠିନ ଥିଲା। ତେଣୁ ସେମାନେ ସ୍ୱତନ୍ତ୍ର ଅଧିକାର ଓ ଅଭ୍ୟନ୍ତରୀଣ ସ୍ୱାଧୀନତା ଉପଭୋଗ କରୁଥିଲେ। ଉଲ୍ଲେଖନୀୟ, ଭୌମକରମାନଙ୍କ ପୂର୍ବରୁ ତୋଷାଳିରେ ମୁଦ୍‌ଗଳ ଓ ବିଗ୍ରହ ରାଜବଂଶ ଶାସନ କରୁଥିବା ସମୟରେ ସେମାନଙ୍କ ଅଧିନରେ ଅଷ୍ଟାଦଶ-ଅଟବୀ ରାଜ୍ୟ ଅବସ୍ଥିତ ଥିଲା। ପରେ ଏମାନେ ଅଠର ଗଡଜାତ ନାମରେ ପରିଚିତ ହୋଇଥିଲେ। ଭୌମକର ରାଜତ୍ୱ ସମୟରେ ଅବସ୍ଥିତ ମୁଖ୍ୟ ମଣ୍ଡଳ ଅଧିରାଜ୍ୟ ଗୁଡିକ ହେଲେ ଖିଞ୍ଜାଲି ମଣ୍ଡଳ, ଖିଜିଙ୍ଗ (ଖିଚିଙ୍ଗ) ମଣ୍ଡଳ, କୋଦାଳକ ମଣ୍ଡଳ, ଯମଗର୍ତ୍ତ ମଣ୍ଡଳ, ଐରାବତ ମଣ୍ଡଳ, ବଣାଇ ମଣ୍ଡଳ ଓ ଶ୍ୱେତକ ମଣ୍ଡଳ।

# ଖିଞ୍ଜାଲି ମଣ୍ଡଳ

ଫୁଲବାଣୀ, ବୌଦ ଓ ସୋନପୁର ଅଞ୍ଚଳକୁ ନେଇ ଖିଞ୍ଜାଲି ମଣ୍ଡଳ ଗଠିତ ହୋଇଥିଲା। ଧୃତିପୁର (ଆଧୁନିକ ବଉଦ) ଏହାର ରାଜଧାନୀ ଥିଲା। ଏଠାରେ ଭଞ୍ଜବଂଶ ଶାସନ କରୁଥିଲେ। ଏହି ବଂଶ **ଧୃତିପୁର ଭଞ୍ଜ ବଂଶ** ବୋଲି ମଧ୍ୟ ପରିଚିତ। କିମ୍ବଦନ୍ତୀ କୁହେ ଭଞ୍ଜବଂଶର ପ୍ରଥମ ପୁରୁଷ ମୟୂରୀ ଅଣ୍ଡାରୁ ଜନ୍ମ ହୋଇଥିଲେ। ଭଞ୍ଜ ଓ ଭୂୟାଁ ନାମ ମଧ୍ୟରେ ଥିବା ସାମଞ୍ଜସ୍ୟ ଆଧାରରେ ସେମାନେ ଆଦିବାସୀ ଭୂୟାଁ ସମ୍ପ୍ରଦାୟର ଥିଲେ ବୋଲି କୁହାଯାଏ। ପରେ ସେମାନେ ଆର୍ଯ୍ୟ ଧର୍ମ ଗ୍ରହଣ କରିଥିଲେ। ରାଜାମାନେ ବିଷ୍ଣୁ ଓ ଶିବଙ୍କର ଉପାସକ ଥିଲେ। ବ୍ରାହ୍ମଣମାନଙ୍କୁ ଆଣି ରାଜ୍ୟରେ ବସବାସ କରାଇଥିଲେ। ଆର୍ଯ୍ୟଧର୍ମର ପ୍ରସାର କରିଥିଲେ।

ଧୃତିପୁର ଭଞ୍ଜମାନେ ଭୌମକରମାନଙ୍କର ସାମନ୍ତ ଥିଲେ। କିନ୍ତୁ ସେମାନଙ୍କର କୌଣସି ଦାନପତ୍ରରେ ଭୌମକର ରାଜାଙ୍କର ନାମ ବା ଭୌମ ସମ୍ବତ୍‌ର ଉଲ୍ଲେଖ ନାହିଁ। ସେମାନେ ପରମ ବୈଷ୍ଣବ, ପରମ ମାହେଶ୍ୱର, ସ୍ତମ୍ଭେଶ୍ୱର ଲବ୍ଧର ପ୍ରସାଦ ଭଳି ଉପାଧି ଧାରଣ କରିଥିଲେ। ଚାରିଜଣ ଭଞ୍ଜ ରାଜା-ଶିଳାଭଞ୍ଜ ଦେବ, ପ୍ରଥମ ଶତ୍ରୁଭଞ୍ଜ ଦେବ, ରଣଭଞ୍ଜଦେବ ଓ ଦ୍ୱିତୀୟ ଶତ୍ରୁଭଞ୍ଜ ଦେବ ଖିଞ୍ଜାଲିମଣ୍ଡଳରେ ଶାସନ କରିଥିଲେ। ସୋମ ବଂଶୀ ରାଜା ପ୍ରଥମ ଜନ୍ମେଜୟ ଦ୍ୱିତୀୟ ଶତ୍ରୁଭଞ୍ଜଙ୍କୁ ପରାଜିତ ଓ ହତ୍ୟାକରି ଖିଞ୍ଜାଲି ମଣ୍ଡଳକୁ ଉତ୍ତରଦେଶ ନାମରେ ନିଜ ରାଜ୍ୟ ସହିତ ମିଶାଇ ଦେଇଥିଲେ।

ଖିଞ୍ଜାଲି ମଣ୍ଡଳ ଜନ୍ମେଜୟଙ୍କ ଦ୍ୱାରା ଅଧିକୃତ ହେବାପରେ ଭଞ୍ଜମାନେ ଯାଇ ଘୁମୁସର ଓ ନୟାଗଡ ଅଞ୍ଚଳରେ ଏକ ନୂତନ ଅଧିରାଜ୍ୟ ସ୍ଥାପନ କଲେ। ଏହି ମଣ୍ଡଳର ରାଜଧାନୀ ବଞ୍ଜୁଲକ ଠାରେ ଅବସ୍ଥିତ ଥିଲା। ଏଠାରେ ଶାସନ କରୁଥିବା ବଂଶ **ବଞ୍ଜୁଲକ ଭଞ୍ଜବଂଶ** ନାମରେ ପରିଚିତ ଥିଲା। ଏମାନଙ୍କର ତ୍ରିଭୁବନ କଳସ, ମଙ୍ଗଳ କଳସ, କଲ୍ୟାଣ କଳସ, ପୃଥ୍ୱୀ କଳସ ପ୍ରଭୃତି ଅଭିଷେକ ପଦବୀ ଥିଲା। ଏହିବଂଶର ପ୍ରଥମ ରାଜା ନେତ୍ର(ଟ୍ଟ)ଭଞ୍ଜ କଲ୍ୟାଣ କଳସଙ୍କ ପରେ ଶିଳାଭଞ୍ଜ ତ୍ରିଭୁବନ କଳସ, ବିଦ୍ୟାଧର ଭଞ୍ଜ ଅମୋଘ କଳସ, ଦ୍ୱିତୀୟ ନେତ୍ର ଭଞ୍ଜ କଲ୍ୟାଣ କଳସ, ଶତ୍ରୁଭଞ୍ଜ ତ୍ରିଭୁବନ କଳସ, ତୃତୀୟ ନେତ୍ର ଭଞ୍ଜ ତ୍ରିଭୁବନ କଳସ ଶାସନ କରିଥିଲେ। ବିଦ୍ୟାଧର ଭଞ୍ଜ ସୋମବଂଶୀ ରାଜକନ୍ୟା ତ୍ରିକଳିଙ୍ଗ ମହାଦେବୀଙ୍କୁ ବିବାହ କରିଥିଲେ। ସେ ଶକ୍ତିଶାଳୀ ଥିଲେ ଓ ସୋମବଂଶ ସହିତ ତାଙ୍କର ସୁସମ୍ପର୍କ ଥିଲା। ବଞ୍ଜୁଲକ ଭଞ୍ଜମାନେ ଶିବ ଉପାସକ ଥିଲେ ଓ ପରମ ମାହେଶ୍ୱର ପଦବୀ ଧାରଣ କରିଥିଲେ। ଦ୍ୱିତୀୟ ନେତ୍ରଭଞ୍ଜ ବୈଷ୍ଣବଧର୍ମ ଗ୍ରହଣ କରି ପରମ ବୈଷ୍ଣବ ଉପାଧି ଗ୍ରହଣ କରିଥିଲେ।

ବଞ୍ଜୁବଲକ ଭୌମକରମାନଙ୍କର ସାମନ୍ତ ରାଜ୍ୟ ଥିଲା। ଭୌମକରମାନଙ୍କର ପତନପରେ ଏହି ମଣ୍ଡଳର ପତନ ହୋଇଥିଲା। ଶାସକ ବଞ୍ଜୁବଲକ ଭଞ୍ଜମାନେ ଭାଗ ଭାଗ ହୋଇ ଛୋଟ ଛୋଟ ଅଞ୍ଚଳରେ ସୋମବଂଶୀ ମାନଙ୍କର ସାର୍ବଭୌମତ୍ୱ ଅଧୀନରେ ଶାସନ କରିଥିଲେ।

ଗଙ୍ଗମାନଙ୍କର ରାଜତ୍ୱ ସମୟରେ ଭଞ୍ଜବଂଶର ଏକ ଶାଖା ବଉଦ-ସୋନପୁର ଅଞ୍ଚଳରେ ଏକ ନୂତନ ମଣ୍ଡଳ ବା ଅଧିରାଜ୍ୟ ପ୍ରତିଷ୍ଠା କରିଥିଲେ। ରାଜା କନକ ଭଞ୍ଜ ଏହି ବଂଶର ପ୍ରତିଷ୍ଠାତା ଥିଲେ। ଏହି ମଣ୍ଡଳର ରାଜଧାନୀ ଥିଲା ସୂବର୍ଣ୍ଣପୁର(ସୋନପୁର)। ଏମାନେ ଗଙ୍ଗମାନଙ୍କର ସାମନ୍ତ ଥିଲେ।

## ଖିଜିଙ୍ଗ ବା ଖିଚିଙ୍ଗ ମଣ୍ଡଳ

କେନ୍ଦୁଝର ଓ ମୟୁରଭଞ୍ଜ ଅଞ୍ଚଳରେ ଖିଜିଙ୍ଗ ବା ଖିଚିଙ୍ଗ ମଣ୍ଡଳ ଗଠିତ ହୋଇଥିଲା। ସୋମବଂଶୀ ରାଜା ପ୍ରଥମ ଜନ୍ମେଜୟଙ୍କ ଦ୍ୱାରା ବିତାଡ଼ିତ ହେବାପରେ ଧୃତିପୁର (ବଉଦ)

କିଚକେଶ୍ୱରୀ



ଭଞ୍ଜବଂଶର ଏକ ଶାଖା ଏହି ମଣ୍ଡଳ ପ୍ରତିଷ୍ଠା କରିଥିଲେ। ଏହି ବଂଶର ପ୍ରତିଷ୍ଠାତା ମୟୂରୀ ଅଣ୍ଡାରୁ ଜନ୍ମ ହୋଇଥିଲେ ଓ ବଶିଷ୍ଠ ଋଷିଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିଲେ ବୋଲି ଖିଜିଙ୍ଗର ଭଞ୍ଜମାନେ ବିଶ୍ୱାସ କରନ୍ତି। ଖିଜିଙ୍ଗ କୋଟା ଏହି ମଣ୍ଡଳର ରାଜଧାନୀ ଥିଲା । ଖିଜିଙ୍ଗ ମଣ୍ଡଳର ପ୍ରଥମ ରାଜା ଥିଲେ କୋଟ୍ଟଭଞ୍ଜ। ତାଙ୍କପରେ ଦିଗ୍‌ଭଞ୍ଜ, ନରେନ୍ଦ୍ରଭଞ୍ଜ, ରଣଭଞ୍ଜ,ପୃଥ୍ୱୀଭଞ୍ଜ, ରାଜଭଞ୍ଜ,ଦୁର୍ଜୟ ଭଞ୍ଜ, ଦ୍ୱିତୀୟ ରଣଭଞ୍ଜ, ଶତ୍ରୁଭଞ୍ଜ ଶାସନ କରିଥିଲେ। ଏହି ମଣ୍ଡଳର ଅଧିପତିମାନେ ଭୌମକରମାନଙ୍କର ସାମନ୍ତ ଥିଲେ ଓ ପରେ ସୋମବଂଶୀ ମାନଙ୍କର ସର୍ବଭୌମତ୍ୱ ଗ୍ରହଣ କରିଥିଲେ। ଭୌମକର ରାଜବଂଶ ସହିତ ଏମାନଙ୍କର ବୈବାହିକ ସମ୍ପର୍କ ଥିଲା। ଭୌମରାଣୀ ବକୁଳ ମହାଦେବୀ ଓ ଧର୍ମ ମହାଦେବୀ ଭଞ୍ଜ ରାଜକନ୍ୟା ଥିଲେ।

ଏହି ବଂଶର ଶେଷ ଦୁଇରାଜା ଦ୍ୱିତୀୟ ରଣଭଞ୍ଜ ଓ ଶତ୍ରୁଭଞ୍ଜ ଶକ୍ତିଶାଳୀ ଥିଲେ। ସେମାନେ ମହାମଣ୍ଡଳାଧିପତି, ମହାରାଜାଧିରାଜ, ପରମେଶ୍ୱର ଅଷ୍ଟାଶୀତି, ସହସ୍ରାଧିପତି ଭଳି ସାର୍ବଭୌମ ଉପାଧିରେ ଭୁଷିତ ଥିଲେ।

ଏକ କିମ୍ବଦନ୍ତୀ ଅନୁସାରେ ଜଣେ ଭଞ୍ଜ ରାଜା ବଣାଇ ମଣ୍ଡଳର ମୟୂର ବଂଶୀୟ ରାଜା ମୟୂରଧ୍ୱଜଙ୍କୁ ପରାଜିତ ଓ ହତ୍ୟା କରିଥିଲେ। ମୃତ୍ୟୁ ସମୟରେ ରାଜା ମୟୂରଧ୍ୱଜ ତାଙ୍କର ରାଜକୀୟ ସଂକେତ ମୟୂର ଚିତ୍ରକୁ ଭଞ୍ଜରାଜ୍ୟର ସଂକେତରୁପେ ଗ୍ରହଣ କରିବାକୁ ବିଜୟୀ ଭଞ୍ଜରାଜାଙ୍କୁ ଅନୁରୋଧ କରିଥିଲେ। ସେହିଠାରୁ ମୟୂର ଚିତ୍ର ଭଞ୍ଜମାନଙ୍କର ରାଜକୀୟ ସଂକେତ ହେଲା। ପୂର୍ବରୁ ବୃଷଭ ଚିତ୍ର ଭଞ୍ଜମାନଙ୍କର ରାଜକୀୟ ସଂକେତ ଥିଲା। ମୟୂର ଓ ଭଞ୍ଜ ଶବ୍ଦର ସମ୍ମିଶ୍ରଣରେ ରାଜ୍ୟର ନାମ ମୟୂରଭଞ୍ଜ ହେଲା।

ଓଡ଼ିଶା ଇତିହାସର ରାଜନୈତିକ ଘଟଣା ପ୍ରବାହରେ ଉକ୍ତ ମଣ୍ଡଳ ଉଲ୍ଲେଖନୀୟ ସ୍ଥାନ ଗ୍ରହଣ କରିଥିଲା। କାଳଚୁରୀ ଓ ଗଙ୍ଗଗଙ୍ଗ ଦେବଙ୍କ ମଧ୍ୟରେ ସଙ୍ଘର୍ଷବେଳେ କାଳଚୁରୀ ରାଜା ରତ୍ନଦେବ ଖିଜିଙ୍ଗ କୋଟାକୁ ଧ୍ୱଂସ କରିଦେଇଥିଲେ। ଫିରୋଜଶାହାଙ୍କ ଓଡ଼ିଶା ଆକ୍ରମଣ ବେଳେ ଖିଜିଙ୍ଗକୋଟା ପୁନର୍ବାର ଧ୍ୱଂସପ୍ରାପ୍ତ ହୋଇଥିଲା। ଏହାପରେ ରାଜା ହରିହର ଭଞ୍ଜ ହରିହରପୁର ନାମକ ଏକ ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ। ମରହଟ୍ଟାମାନେ ଏହାକୁ ଧ୍ୱଂସ କରି ଦେଇଥିଲେ। ପରବର୍ତ୍ତୀ କାଳରେ ଦାମୋଦର ଭଞ୍ଜଙ୍କ ରାଣୀ ସୁମିତ୍ରାଦେବୀ ୧୮୦୩ ମସିହାରେ ବାରିପଦାଠାରେ ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ।

## କୋଦାଳକ ମଣ୍ଡଳ

ତାଳଚେର, ଢେଙ୍କାନାଳ ଓ ଅନଗୁଳ ଅଞ୍ଚଳକୁ ନେଇ କୋଦାଳକ ମଣ୍ଡଳ ଗଠିତ ହୋଇଥିଲା। ଏହି ରାଜ୍ୟର ରାଜଧାନୀ କୋଦାଳକ ନଗର, ଶଙ୍ଖଜ୍ୟୋତି ନଦୀ (ବ୍ରାହ୍ମଣୀ) ତଟରେ ଅବସ୍ଥିତ ଥିଲା। ଏହି ନଗରକୁ ତାଳଚେର ନିକଟସ୍ଥ କୁଆଳୋ/କୁଆଲୋ ଗ୍ରାମ ସହିତ ଚିହ୍ନିତ କରାଯାଏ। ଏହି ମଣ୍ଡଳକୁ ଶୁଲ୍‌କି ରାଜା କନକସ୍ତମ୍ଭ ପ୍ରତିଷ୍ଠା କରିଥିଲେ। ଶୁଲ୍‌କି ରାଜବଂଶର ଉତ୍ପତ୍ତି ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ଦେଖାଯାଏ। ଗୋଟିଏ ମତରେ ସେମାନେ ଶକ, କୁଶାଣମାନଙ୍କ ପରି ମଧ୍ୟଏସିଆରୁ ଆସିଥିଲେ। କେତେକ କୁହନ୍ତି ସେମାନେ ଚାଲୁକ୍ୟ ବଂଶର ଏକ ଶାଖା ଥିଲେ। ଅନ୍ୟ ଏକ ମତରେ ଓଡ଼ିଶାର ଶୁଲ୍‌କିମାନେ ବରାହ ସଂହିତାରେ ବର୍ଣ୍ଣିତ ବିଦର୍ଭରାଜ୍ୟ ନିକଟରେ ବସବାସ କରୁଥିବା ଶୁଳିକ ବା ଶୈଳିକ ଜାତିର ବଂଶଧର ଥିଲେ।



କୋଦାଳକ ମଣ୍ଡଳର ଶୁଲ୍‌କି  ରାଜାମାନଙ୍କର ସଂଜ୍ଞା ଥିଲା 'ସ୍ତମ୍ଭ'। କନକ ସ୍ତମ୍ଭ ବା କାଞ୍ଚନ ସ୍ତମ୍ଭ ଏହି ବଂଶର ପ୍ରଥମ ରାଜା ଥିଲେ। ସେ ରାଜଧାନୀ କୋଦାଳକ ନଗର ଓ କନକେଶ୍ୱର ମହାଦେବ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିର ନିକଟରେ କନକଦୁର୍ଗା ନାମରେ ପରିଚିତ ମହିଷାମର୍ଦ୍ଦନୀ ଦୁର୍ଗା ମୂର୍ତ୍ତି ଓ ମଣ୍ଡପ ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା। କନକସ୍ତମ୍ଭଙ୍କ ପରେ କଳହସ୍ତମ୍ଭ, ରଣସ୍ତମ୍ଭ, ଜୟସ୍ତମ୍ଭ ଓ କୁଳସ୍ତମ୍ଭ କୋଦାଳକ ମଣ୍ଡଳରେ ଶାସନ  କରିଥିଲେ।

କଳହସ୍ତମ୍ଭ ଢେକଟା ନାମକ ଜଣେ ଶବର ରାଜାଙ୍କୁ ପରାଜିତ କରି ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ। ସ୍ଥାନୀୟ ଏକ କିମ୍ବଦନ୍ତୀ ଅନୁସାରେ ଢେଙ୍କା ନାମକ ଜଣେ ଶବର ରାଜାଙ୍କ ନାମାନୁସାରେ ରାଜ୍ୟର ନାମ ଢେଙ୍କାନାଳ ହୋଇଅଛି। କିମ୍ବଦନ୍ତୀର ଶବର ରାଜା ଢେଙ୍କା ଓ କଳହସ୍ତମ୍ଭଙ୍କ ଦ୍ୱାରା ପରାଜିତ ଶବର ରାଜା ଏକ ବ୍ୟକ୍ତିଥିଲେ ବୋଲି କେତେକ କୁହନ୍ତି। ରଣସ୍ତମ୍ଭ ଜଣେ ଶକ୍ତିଶାଳୀ ବୀରପୁରୁଷଥିଲେ। ସେ ମହାସାମନ୍ତାଧିପତି, ସମଧିଗତ, ପଞ୍ଚମହାଶବ୍ଦ ଭଳି ସାମନ୍ତ ପଦବୀ ସହିତ ମହାରାଜାଧିରାଜ, ପରମଭଟ୍ଟାରକ ଭଳି ସାର୍ବଭୌମ ଉପାଧିରେ ଭୂଷିତ ହୋଇଥିଲେ। ଶୁଲ୍‌କିମାନେ ଜୈନଧର୍ମର ଉପାସକ ଥିଲେ। ପରେ ଶକ୍ତିଉପାସନା କରିଥିଲେ। ସ୍ତମ୍ଭେଶ୍ୱରୀ ବା ଖମ୍ଭେଶ୍ୱରୀ ଏମାନଙ୍କର କୁଳଦେବୀ ଥିଲେ। ସ୍ଥାନୀୟ ଦେବୀ ଭଗବତୀ ସ୍ତମ୍ଭେଶ୍ୱରୀ ଭଟ୍ଟାରିକା ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ।


ଭଟ୍ଟାରିକା

ଖିଞ୍ଜଳି ମଣ୍ଡଳର (ଧୃତିପୁର/ବଉଦ) ଭଞ୍ଜ ଓ କୋଦାଳକ ମଣ୍ଡଳର ଶୁଲ୍‌କି ମାନଙ୍କ ମଧ୍ୟରେ ସୁସମ୍ପର୍କ ଥିଲା। ସେମାନେ ସାର୍ବଭୌମ ଅଧିକାର ପାଇଁ ଉଦ୍ୟମ କରୁଥିଲେ । ସେମାନଙ୍କର ଅଭ୍ୟୁଥାନକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ସୋମବଂଶୀ ରାଜା ପ୍ରଥମ ଜନ୍ମେଜୟ ଖିଞ୍ଜିଳି ମଣ୍ଡଳ ଅଧିକାର କଲେ ଓ ଭୌମକର ରାଜା ଚତୁର୍ଥ ଶୁଭକରଦେବ କୋଦାଳକ ମଣ୍ଡଳ ଅଧିକାର କରିନେଲେ। ଶୁଲ୍‌କି ରାଜବଂଶ ଓ କୋଦାଳକ ମଣ୍ଡଳର ପତନ ହେଲା ଏବଂ ସେଠାରେ ଯମଗର୍ତ୍ତ ମଣ୍ଡଳ ଓ ଐରାବତ ମଣ୍ଡଳ ନାମରେ ଦୁଇଟି ନୂତନ ମଣ୍ଡଳ  ପ୍ରତିଷ୍ଠା ହେଲା।

## ଯମଗର୍ତ୍ତ ମଣ୍ଡଳ

କୋଦାଳକ ମଣ୍ଡଳର ପତନପରେ ଢେଙ୍କାନାଳ ଜିଲ୍ଲାର ଉତ୍ତରାଂଶ ଓ କେନ୍ଦୁଝର ଜିଲ୍ଲାର କେତେକ ଅଞ୍ଚଳକୁ ନେଇ ଯମଗର୍ତ୍ତ ମଣ୍ଡଳ ଗଠିତ ହୋଇଥିଲା। ମନ୍ଦାକିନୀ ନଦୀ (ଆଧୁନିକ ମଙ୍କରା ନଦୀ) କୂଳରେ ଅବସ୍ଥିତ ଯମଗର୍ତ୍ତ (ଆଧୁନିକ ଜାମରା ବା ଜାମରା ଡିହ) ଏହାର ରାଜଧାନୀ ଥିଲା। ଏଠାରେ ତୁଙ୍ଗ ରାଜବଂଶ ଶାସନ କରୁଥିଲେ। ତୁଙ୍ଗବଂଶର ପ୍ରତିଷ୍ଠାତା ଜଗତତୁଙ୍ଗ ବା ଜୟସିଂହ ବିହାରର ରୋହତାସଗଡ଼ରୁ ଆସିଥିଲେ। ଜଗତତୁଙ୍ଗଙ୍କ ପରେ ଖଡ଼ଗ୍ ତୁଙ୍ଗ, ବିନିତ ତୁଙ୍ଗ, ସଲନ ବା ଶାଳଣ ତୁଙ୍ଗ ଓ ଗୟାଡ ବା ଗାୟତ ତୁଙ୍ଗ ଯମଗର୍ତ୍ତ ମଣ୍ଡଳରେ ଶାସନ କରିଥିଲେ। ତୁଙ୍ଗ ରାଜାମାନେ ଶକ୍ତି ଉପାସକ ଥିଲେ। ବୌଦ୍ଧ ଧର୍ମର ପୃଷ୍ଠପୋଷକତା କରିଥିଲେ ଓ ବ୍ରାହ୍ମଣ ମାନଙ୍କୁ ଆଣି ରାଜ୍ୟରେ ବସବାସ କରାଇଥିଲେ। ସେମାନେ ଭୌମକରମାନଙ୍କର ସାମନ୍ତ ଥିଲେ ଓ ଭୌମକରମାନଙ୍କର ପତନ ପରେ ସେମାନଙ୍କର ପତନ ହୋଇଥିଲା।

ଯମଗର୍ତ୍ତ ମଣ୍ଡଳରେ ତୁଙ୍ଗ ଶାସନ ପତନ ହେବାର ବହୁବର୍ଷ ପରେ ଏକାଦଶ ଶତାବ୍ଦୀର ଶେଷ ଆଡ଼କୁ ସୋମବଂଶର ଦୁର୍ବଳତାର ସୁଯୋଗନେଇ ଶାନ୍ତିକର ଦେବ ନାମକ ଜଣେ ରାଜା ଯମଗର୍ତ୍ତ ମଣ୍ଡଳରେ ଏକ ସ୍ୱାଧୀନରାଜ୍ୟ ସ୍ଥାପନ କରିଥିଲେ। ସେ ମହାରାଜାଧିରାଜ, ପରମେଶ୍ୱର, ଅଷ୍ଟାଦଶ ଗଣ୍ଡମ ଅଧିପତି ଉପାଧି ଧାରଣ କରିଥିଲେ। ତାଙ୍କ ପରେ ଯମଗର୍ତ୍ତ ମଣ୍ଡଳ ସମ୍ବନ୍ଧରେ କୌଣସି ବିବରଣୀ ମିଳେ ନାହିଁ।

## ଐରାବତ ମଣ୍ଡଳ

କୋଦାଳକ ମଣ୍ଡଳର ପତନ ପରେ ଢେଙ୍କାନାଳ ଜିଲ୍ଲାର ଦକ୍ଷିଣାଞ୍ଚଳ, କଟକର ପଶ୍ଚିମାଞ୍ଚଳ ଓ ନୟାଗଡର କିଛି ଅଞ୍ଚଳକୁ ନେଇ ଐରାବତ ମଣ୍ଡଳ ଗଠନ ହୋଇଥିଲା। ଏହା ଯମଗର୍ତ୍ତ ମଣ୍ଡଳର ସମସାମୟିକ ଥିଲା। ଏହି ମଣ୍ଡଳର ରାଜଧାନୀ ଥିଲା, ଜୟପୁର (ଢେଙ୍କାନାଳ ଜିଲ୍ଲାର ଜୟପୁର ଗ୍ରାମ)। ଏଠାରେ ନନ୍ଦବଂଶ ଶାସନ କରୁଥିଲେ। ଏହି ରାଜବଂଶ ଓ ମଣ୍ଡଳର ପ୍ରତିଷ୍ଠାତା ଥିଲେ ଜୟନନ୍ଦ। ତାଙ୍କପରେ ପରମାନନ୍ଦ, ଶିବାନନ୍ଦ, ପ୍ରଥମ ଦେବାନନ୍ଦ, ଦ୍ୱିତୀୟ ଦେବାନନ୍ଦ (ବିଳାସତୁଙ୍ଗ) ଓ ଧ୍ରୁବାନନ୍ଦ ଶାସନ କରିଥିଲେ। ଦ୍ୱିତୀୟ ଦେବାନନ୍ଦଙ୍କର ଅଭିଷେକ ପୂର୍ବରୁ ନାମଥିଲା ବିଳାସ ତୁଙ୍ଗ। ତାଙ୍କର ମାତା ଯମଗର୍ତ୍ତ ମଣ୍ଡଳର ତୁଙ୍ଗ ରାଜକନ୍ୟା ଥିଲେ। ଦୁଇ ରାଜବଂଶ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା। ଦ୍ୱିତୀୟ ଦେବାନନ୍ଦଙ୍କର ପରମ ଭଟ୍ଟାରକ ଓ ମହାମଣ୍ଡଳାଧିପତି ଉପାଧି ଥିଲା।

ଐରାବତ ମଣ୍ଡଳ ଭୌମକରମାନଙ୍କର ସାମନ୍ତ ରାଜ୍ୟଥିଲା । ଭୌମକରମାନଙ୍କ ପତନ ପରେ ଏହା ସୋମବଂଶୀମାନଙ୍କର ଅଧିନ ହେଲା ଓ ଉତ୍ତରାଜ୍ୟର ଅନ୍ତର୍ଭୁକ୍ତ ହେଲା । ନନ୍ଦ ବଂଶ  ଓ ମଣ୍ଡଳର ବିଲୋପ ହେଲା ।

## ବଣାଇ ମଣ୍ଡଳ

ସୁନ୍ଦରଗଡ ଜିଲ୍ଲାରେ ବଣାଇ ମଣ୍ଡଳ ଅବସ୍ଥିତ ଥିଲା । ସେଠାରେ ମୟୂର ରାଜବଂଶ ଶାସନ କରୁଥିଲେ । ମୟୂର ପକ୍ଷୀର ଚିତ୍ର ସେମାନଙ୍କର ରାଜକୀୟ ସଂକେତ ଥିଲା । ରାଜାମାନଙ୍କର ସଞ୍ଜ୍ଞା ଥିଲା 'ବରାହ' । ତେଣୁ ଉକ୍ତ ବଂଶକୁ 'ବରାହ ବଂଶ' କୁହାଯାଏ । ଉକ୍ତ ବଂଶର ପ୍ରତିଷ୍ଠାତା ଉଦିତ ବରାହ ଚିତ୍ରକୁଟ ଅଞ୍ଚଳରୁ ଆସି ବଣାଇଠାରେ ରାଜ୍ୟସ୍ଥାପନ କରିଥିଲେ । ମିଳିଥିବା ଏକମାତ୍ର ଦାନପତ୍ର ଅନୁସାରେ ତାଙ୍କପରେ ତେଜ ବରାହ ଓ ଉଦୟ ବରାହ ଶାସନ କରିଥିଲେ । ମୟୂର-ବରାହ ରାଜବଂଶର ରାଜାମାନେ ବୌଦ୍ଧଥିଲେ । ଧର୍ମକ୍ଷେତ୍ରରେ ସେମାନେ ଉଦାର ଥିଲେ ଓ ବ୍ରାହ୍ମଣଧର୍ମର ପୃଷ୍ଠପୋଷକତା କରିଥିଲେ । ସେମାନେ ଭୌମକରମାନଙ୍କର ସାମନ୍ତ ଥିଲେ । ରାଜା ଉଦୟ ବରାହ ରାଣକ ପଦବୀ ସହିତ ସମାଧିଗତ, ପଞ୍ଚ ମହାଶବ୍ଦ ଓ ମହାରାଜା ଉପାଧି ଗ୍ରହଣ କରିଥିଲେ ।

ମୟୁର ବଂଶ ଶାସିତ ବଣାଇ ମଣ୍ଡଳ ଓ ଭଞ୍ଜବଂଶ ଶାସିତ ଖିଜିଙ୍ଗ (ଖିଚିଙ୍ଗ) ମଣ୍ଡଳ ପଡୋଶୀ ଥିଲେ । ସେମାନଙ୍କ ମଧ୍ୟରେ ବନ୍ଧୁତା ଥିଲା । ଉଭୟ ମୟୂର ଅଣ୍ଡାରୁ ଉତ୍ପନ୍ନ ହୋଇଥିଲେ ବୋଲି ବିଶ୍ୱାସ କରୁଥିଲେ । ମୟୂର ଓ ଭଞ୍ଜ ନାମର ସମିଶ୍ରଣରେ ଖିଜିଙ୍ଗ ମଣ୍ଡଳର ନାମ ମୟୂରଭଞ୍ଜ ହୋଇଥିଲା ବୋଲି କିମ୍ବଦନ୍ତୀ କୁହେ ।

## ଶ୍ୱେତକ ମଣ୍ଡଳ

ସାନଖେମୁଣ୍ଡି, ବଡ଼ଖେମୁଣ୍ଡି ଓ ଚିକିଟି ଅଞ୍ଚଳକୁ ନେଇ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ଶ୍ୱେତକ ମଣ୍ଡଳ ନାମରେ ଏକ ଅଧିରାଜ୍ୟ ଗଠିତ ହୋଇଥିଲା । ଏହାର ରାଜଧାନୀର ନାମ ଥିଲା ଶ୍ୱେତକ ବା ବିଜୟ ଶ୍ୱେତକପୁର (ଆଧୁନିକ ଚିକିଟି) । କଳିଙ୍ଗ ଗଙ୍ଗବଂଶର  ଏକ ଶାଖା (ଶ୍ୱେତକ ଗଙ୍ଗ ବଂଶ )ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା । ଏହି ବଂଶର ପ୍ରଥମ ଶାସକ ଥିଲେ ଜୟ ବର୍ମାଦେବ ବା ଜୟ ବର୍ମନ । ତାଙ୍କ ପରେ ସାତଜଣ ଶାସକ (ଅନନ୍ତ ବର୍ମା, ଭୂପେନ୍ଦ୍ର ବର୍ମା, ପୃଥ୍ୱୀ ବର୍ମା, ପ୍ରଥମ ଇନ୍ଦ୍ର ବର୍ମା, ଦାନାର୍ଣ୍ଣବ, ଦ୍ୱିତୀୟ ଇନ୍ଦ୍ର ବର୍ମା ଓ ସାମନ୍ତ ବର୍ମା) ଶ୍ୱେତକ ମଣ୍ଡଳରେ ଶାସନ କରିଥିଲେ । ତୋଷାଳିର ଭୌମକର ଓ କଳିଙ୍ଗର ଗଙ୍ଗ ବଂଶ ମଧ୍ୟରେ ହୋଇଥିବା ସଙ୍ଘର୍ଷରେ ଶ୍ୱେତକ ଗଙ୍ଗମାନେ

ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଭୌମକର ରାଜା କଙ୍ଗୋଦ ଅଧିକାର କରିବାପରେ ଶୈଳୋଦ୍‌ଭବମାନେ କଳିଙ୍ଗରେ ଆଶ୍ରୟ ନେଲେ ଓ ଗଙ୍ଗରାଜା ସେମାନଙ୍କୁ ଟିକାଲିଠାରେ ସାମନ୍ତରୂପେ ଅବସ୍ଥାପିତ କଲେ। ଭୌମକରମାନଙ୍କ ଅଭିଲେଖରେ ଶ୍ୱେତକ ମଣ୍ଡଳ, "ଶ୍ୱେତକ - ମଞ୍ଜଳ - କଳିଙ୍ଗ - ଅଧିରାଜ୍ୟ" ନାମରେ ଅଭିହିତ ଥିଲା। ଭୌମକରମାନଙ୍କ ସହାୟତାରେ ଶ୍ୱେତକ ଗଙ୍ଗରାଜା କଳିଙ୍ଗ ଅଧିକାର କରିବାକୁ ଉଦ୍ୟମ କରି କେତେକାଂଶରେ ସଫଳ ହୋଇଥିଲେ। ଶ୍ୱେତକ ବଂଶର ଶେଷ ରାଜା 'ସକଳ କଳିଙ୍ଗାଧିପତି' ଉପାଧି ଗ୍ରହଣ କରିଥିଲେ। ଭୌମକରମାନଙ୍କର ପତନ ପରେ ଶ୍ୱେତକ ମଣ୍ଡଳ ସୋମବଂଶୀ ମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା ଓ ଶ୍ୱେତକ ଗଙ୍ଗବଂଶର ପତନ ହୋଇଥିଲା।

**ଉପସଂହାର :** ମଣ୍ଡଳ ରାଜ୍ୟଗୁଡିକର ଉତ୍ପତ୍ତି, ସ୍ଥିତି, କ୍ରମବିକାଶ ଓଡ଼ିଶା ଇତିହାସର ଏକ ପ୍ରଧାନ ଅଂଶ ବିଶେଷ ଥିଲା। ଭୌମକରମାନଙ୍କ ପରେ ମଣ୍ଡଳ ରାଜ୍ୟଗୁଡିକ ସୋମବଂଶୀ, ଗଙ୍ଗବଂଶୀ, ସୂର୍ଯ୍ୟବଂଶୀ, ମୋଗଲ ଓ ଇଂରେଜ ମାନଙ୍କ ସର୍ବଭୌମତ୍ୱ ଗ୍ରହଣ କରିଥିଲେ। ବିଭିନ୍ନ ସମୟରେ ସେମାନଙ୍କର ଆଞ୍ଚଳିକ ପରିସର ଓ ସଂଖ୍ୟାରେ ହ୍ରାସ ବୃଦ୍ଧି ଘଟିଥିଲା। ମୋଗଲମାନଙ୍କ ସମୟରେ ସେମାନେ ଗଡଜାତ ରାଜ୍ୟ ଓ ଇଂରେଜ ମାନଙ୍କ ସମୟରେ କରଦ ରାଜ୍ୟ ରୁପେ ପରିଚିତ ଥିଲେ। ୧୯୩୭ ମସିହାରେ ସେମାନେ ସ୍ୱୟଂ ଶାସିତ ରାଜ୍ୟ ରୂପେ ପରିଗଣିତ ହେଲେ ଓ ଶାସକମାନଙ୍କର ରାଜା, ମହାରାଜା ପଦବୀ ସ୍ୱୀକୃତ ହୋଇଥିଲା।

ଓଡିଶାର ରାଜନୈତିକ, ସମାଜିକ, ସାଂସ୍କୃତିକ ବିକାଶ ଓ ବିସ୍ତାର କ୍ଷେତ୍ରରେ ମଣ୍ଡଳ ବା ଅଧିରାଜ୍ୟ ରାଜ୍ୟଗୁଡିକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ମଣ୍ଡଳ ରାଜ୍ୟର ପ୍ରତିଷ୍ଠାତା ଓ ଅଧିପତିମାନେ ନିଜ ନିଜ ରାଜ୍ୟରେ ବୈଦିକ ବ୍ରାହ୍ମଣ ଧର୍ମର ପ୍ରତିଷ୍ଠା ଓ ପ୍ରସାର କରିଥିଲେ। ବୈଦିକ ଧର୍ମର ନୀତି ନିୟମ ଓ ବର୍ଣ୍ଣାଶ୍ରମ ବ୍ୟବସ୍ଥା ପ୍ରଚଳନ କରିଥିଲେ। କଳା, ସ୍ଥାପତ୍ୟର (ମନ୍ଦିର ନିର୍ମାଣ) ବିକାଶ କରିଥିଲେ।

# ସୋମବଂଶ

## (ଆ : ୮୫୦-୧୧୧୦)

ଅଷ୍ଟମ ଶତାବ୍ଦୀରୁ ଦଶମ ଶତାବ୍ଦୀ ମଧ୍ୟରେ ଓଡିଶାରେ ତିନିଗୋଟି ରାଜବଂଶ:- ଭୌମକର ରାଜବଂଶ, ଗଙ୍ଗ ବଂଶ ଓ ସୋମବଂଶ ଶାସନ କରୁଥିଲେ। ଦଶମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କୋଶଳର ସୋମବଂଶୀମାନେ ଭୌମକର ବଂଶର ପତନ ଘଟାଇ ତୋଷାଳୀ-ଉତ୍କଳ ଅଧିକାର କଲେ। କୋଶଳ ଓ ଉତ୍କଳ (ପଶ୍ଚିମ ଓଡିଶା ଓ ଉପକୂଳ ଓଡିଶା) ଏକ ଶାସନ ଅଧିନ ହେଲା। ସୋମବଂଶୀମାନଙ୍କ ଅଧିନରେ ଓଡିଶାରେ ବିକାଶ ଓ ପ୍ରଗତିର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା।

ସୋମବଂଶୀ ବା ପାଣ୍ଡୁବଂଶୀମାନେ କୋଶଳ ସନ୍ନିକଟ ମେକଳ ରାଜ୍ୟରେ ଶାସନ କରୁଥିଲେ। କୋଶଳର ଶରଭପୁରୀୟ ରାଜବଂଶ ସହିତ ସେମାନଙ୍କର ବୈବାହିକ ଓ ରାଜନୈତିକ ସୁସମ୍ପର୍କ ଥିଲା। ସପ୍ତମ ଶତାବ୍ଦୀର ଶେଷ ଭାଗରେ କୋଶଳର ରାଜା ଦ୍ୱିତୀୟ ସୁଦେବରାଜଙ୍କର ମୃତ୍ୟୁ ହୋଇଥିଲା। ସେ ଅପୁତ୍ରିକ ଥିଲେ। ମେକଳର ସୋମବଂଶୀ ରାଜା ତେବରଦେବ କୋଶଳ ସିଂହାସନରେ ଅଧିଷ୍ଠିତ ହେଲେ (୬୯୫)। **କୋଶଳରେ ସୋମବଂଶ ପ୍ରତିଷ୍ଠା ହେଲା।** ରାୟପୁର ଜିଲ୍ଲାର ଶ୍ରୀପୁର ଠାରେ କୋଶଳର ରାଜଧାନୀ ଅବସ୍ଥିତ ଥିଲା।

ନବମ ଶତାବ୍ଦୀର ପ୍ରାରମ୍ଭରେ ରାଷ୍ଟ୍ରକୁଟ ରାଜା ତୃତୀୟ ଗୋବିନ୍ଦ ଉତ୍କଳ, ଉଡ୍ର, କଳିଙ୍ଗ, ବଙ୍ଗ ସହିତ କୋଶଳର ରାଜା ବାଳାର୍ଜୁନଙ୍କୁ ପରାଜିତ କରିଥିଲେ। କିନ୍ତୁ ଏହି ବିଜୟ କ୍ଷଣସ୍ଥାୟୀ ଥିଲା। ତୃତୀୟ ଗୋବିନ୍ଦଙ୍କ ମୃତ୍ୟୁପରେ (୮୧୪) କୋଶଳ ପୁନର୍ବାର ଏକ ସ୍ୱାଧୀନ ଓ ସାର୍ବଭୌମ ରାଜ୍ୟ ରୁପେ ପ୍ରତିଷ୍ଠିତ ହୋଇଥିଲା। ଏହି ସମୟରେ ମଧ୍ୟ ପ୍ରଦେଶର ତ୍ରୀପୁରୀ ଅଞ୍ଚଳରେ କାଳଚୁରୀମାନଙ୍କର ଅଭ୍ୟୁଦୟ ହୋଇଥିଲା। ସେମାନେ ବାରମ୍ବାର କୋଶଳ ଆକ୍ରମଣ କଲେ। ଫଳରେ ସୋମବଂଶୀମାନେ ପୂର୍ବ ଦିଗକୁ, ଉପକୂଳ ଓଡ଼ିଶା - ଭୌମ ଶାସିତ ତୋଷାଳୀ ଆଡ଼କୁ ଅଗ୍ରସର ହେବାକୁ ପ୍ରାୟତଃ ବାଧ୍ୟ ହୋଇଥିଲେ। e ÚR] Ô úgâ_êe ^ èû_©û_Ædÿ Kûk Pêúaö\ Kûe Yeô **ମହାଭବଗୁପ୍ତ ରାଜରାଜ**

ଦେବ (୮୦୦-୮୩୦ ଖ୍ରୀ.) କିଶର କେଲା (ବଲାଙ୍ଗୀର ଠାରୁ ୬ କି.ମି. ଦୂର କେଶରକେଲା) ଠାରେ ଏକ ନୂତନ ରାଜଧାନୀ ପ୍ରତିଷ୍ଠା କଲେ। କଳିଙ୍ଗର ପ୍ରାଚ୍ୟ ଗଙ୍ଗବଂଶ ଅଧିନସ୍ଥ ତ୍ରୀକଳିଙ୍ଗ (ଆଧୁନିକ କୋରାପୁଟ ଓ କଳାହାଣ୍ଡିର ସୀମାନ୍ତ ଅଞ୍ଚଳ) ଅଧିକାର କରି 'ତ୍ରିକଳିଙ୍ଗାଧିପତି' ଉପାଧି ଗ୍ରହଣ କରିଥିଲେ।

## ମହାଭବଗୁପ୍ତ ପ୍ରଥମ ଜନ୍ମେଜୟ (୮୮୨-୯୨୨)

ନବମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହାଭବଗୁପ୍ତ ପ୍ରଥମ ଜନ୍ମେଜୟ ସୋମ ସିଂହାସନ ଆରୋହଣ କଲେ। ସେତେବେଳକୁ ଦକ୍ଷିଣ କୋଶଳର ପଶ୍ଚିମାଂଶ (ଡ଼ାହାଳ ବା ଚେଦି ଅଞ୍ଚଳ) କାଲଚୁରୀ ମାନଙ୍କର ଅଧିକାରଭୁକ୍ତ ହୋଇସାରିଥିଲା। ସୋମବଂଶୀମାନଙ୍କ ଅଧିନରେ ଦକ୍ଷିଣ କୋଶଳର ପୂର୍ବାଞ୍ଚଳ (ସମ୍ବଲପୁର, ବଲାଙ୍ଗିର, କଳାହାଣ୍ଡି ଓ କୋରାପୁଟର କିଛି ଅଂଶ) ରହିଥିଲା। ପଶ୍ଚିମଦିଗରେ କାଲଚୁରୀମାନଙ୍କ ସହିତ ସଂଗ୍ରାମରେ ବ୍ୟସ୍ତଥିବା ସତ୍ତ୍ୱେ ପ୍ରଥମ ଜନ୍ମେଜୟ ନିଜ ସାମ୍ରାଜ୍ୟର ପରିସର ପୂର୍ବଦିଗରେ ବୃଦ୍ଧିକରିଥିଲେ। ସୁବର୍ଣ୍ଣପୁର (ସୋନପୁର) ଅଧିକାର କରି ସେଠାରେ ଏକ ସାମରିକ ଘାଟି (ବିଜୟ ସ୍କନ୍ଦବାର) ପ୍ରତିଷ୍ଠା କରିଥିଲେ। ସୋନପୁର ତାଙ୍କର ଦ୍ୱିତୀୟ ରାଜଧାନୀ ବା ପ୍ରଶାସନିକ କେନ୍ଦ୍ର ଥିଲା (ପ୍ରଥମ ପ୍ରଶାସନିକ କେନ୍ଦ୍ର ବା ରାଜଧାନୀ ଥିଲା ମୁରସୀମା)। ମହାନଦୀ ଓ ତେଲନଦୀ ମଧ୍ୟସ୍ଥ ଅଞ୍ଚଳରେ ନିଜର କ୍ଷମତା ଦୃଢ଼ କରିସାରିବା ପରେ ସେ ମହାନଦୀ ଅପର ପାର୍ଶ୍ୱରେ ଥିବା ଖିଞ୍ଜାଳି ମଣ୍ଡଳ (ବୌଦ୍ଧ-ଫୁଲବାଣୀ) ଆକ୍ରମଣ କଲେ । ଭଞ୍ଜରାଜା ଦ୍ୱିତୀୟ ଶତ୍ରୁଭଞ୍ଜଙ୍କୁ ପରାଜିତ ଓ ହତ୍ୟାକରି ଉକ୍ତ ଅଞ୍ଚଳ ଅଧିକାର କଲେ। ବଉଦ ଅଞ୍ଚଳକୁ 'ଓଡ୍ର ଦେଶ' ନାମରେ ନାମିତ କରି ନିଜ ସାମ୍ରାଜ୍ୟରେ ମିଶାଇ ଦେଲେ। ଏହାପରେ ଜନ୍ମେଜୟ ଆରାମ କଟକ ବା ଆଧୁନିକ ରାମପୁର ଠାରେ ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ। ପ୍ରଥମ ଜନ୍ମେଜୟ ନିଜର କନ୍ୟା ପୃଥ୍ୱୀମହାଦେବୀଙ୍କୁ ଭୌମରାଜା ଚତୁର୍ଥ ଶୁଭକରଦେବଙ୍କ ସହିତ ବିବାହ ଦେଲେ। ଏହା ରାଜନୈତିକ ବିବାହ ଥିଲା ଓ ଏହାଦ୍ୱାରା ଭୌମକର ଶାସନରେ ସୋମବଂଶୀମାନଙ୍କର ପ୍ରଭାବ ପ୍ରତିଷ୍ଠା ହୋଇଥିଲା। ଚତୁର୍ଥ ଶୁଭକରଦେବଙ୍କ ମୃତ୍ୟୁ ପରେ ସିଂହାସନପାଇଁ ତାଙ୍କର ଭ୍ରାତା ତୃତୀୟ ଶିବକରଦେବ ଓ ରାଣୀ ପୃଥ୍ୱୀ ମହାଦେବୀଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ବେଳେ ଜନ୍ମେଜୟ ଷଡଯନ୍ତ୍ର କରି ଶିବକର ଦେବଙ୍କୁ ହତ୍ୟାକରି ଥିଲେ। ପୃଥ୍ୱୀମହାଦେବୀ, ଦ୍ୱିତୀୟ ତ୍ରୀଭୁବନ ମହାଦେବୀ ନାମରେ ଭୌମ ସିଂହାସନ ଅଧିରୁଢା ହୋଇଥିଲେ।

ପ୍ରଥମ ଜନ୍ମେଜୟ 'ସ୍ୱଭାବ ତୁଙ୍ଗ' ଓ 'ଧର୍ମ କନ୍ଦର୍ପ' ନାମରେ ଅଭିହିତ ଥିଲେ। ସେ ଜଣେ ଶକ୍ତିଶାଳୀ ରାଜାଥିଲେ। କୁଟନୀତି ଓ ରାଜନୈତିକ ବିଜ୍ଞତା ବଳରେ ସେ କାଳଚୁରୀ ମାନଙ୍କୁ ପରାଜିତ କରିଥିଲେ। ଭୌମକର ଶାସନରେ ସୋମବଂଶୀ ମାନଙ୍କର ପ୍ରଭାବ ପ୍ରତିଷ୍ଠା କରିଥିଲେ, ଖିଞ୍ଜାଳିମଣ୍ଡଳ (ଉତ୍ତରଦେଶ) ଅଧିକାର କରି ସୋମବଂଶୀ ରାଜ୍ୟ ବିସ୍ତାର କରିଥିଲେ। **ପ୍ରଥମ ଜନ୍ମେଜୟ ଓଡ଼ିଶାରେ ସୋମବଂଶ ଶାସନର ପ୍ରତିଷ୍ଠାତା ଥିଲେ।**

## ମହାଶିବଗୁପ୍ତ ପ୍ରଥମ ଯଯାତି (୯୨୨-୯୫୫)

ପ୍ରଥମ ଜନ୍ମେଜୟଙ୍କ ପରେ ମହାଶିବଗୁପ୍ତ ପ୍ରଥମ ଯଯାତି ସୋମ ସିଂହାସନ ଆରୋହଣ କଲେ। ତାଙ୍କର ସାମ୍ରାଜ୍ୟ କୋଶଳଦେଶ ଓ ଉତ୍ତରଦେଶ ନାମରେ ଦୁଇ ଭାଗରେ ବିଭକ୍ତ ଥିଲା। ସେ ବିନିତ ପୁର (ଆଧୁନିକ ବିନିକା) ଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ। ପରେ ମହାନଦୀକୂଳରେ ନିଜ ନାମାନୁସାରେ **ଯଯାତି ନଗର** ନାମରେ ଏକ ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ। ସେହିଠାରୁ ଯଯାତିନଗର ସୋମବଂଶୀ ମାନଙ୍କର ରାଜଧାନୀ ହେଲା। ଯଯାତି ନଗରକୁ କିଏ ବୈତରଣୀ କୂଳସ୍ଥ ଯାଯପୁର ସହିତ, କିଏ କଟକ ସହିତ, କିଏ ସୋନପୁର ନିକଟସ୍ଥ ଜଗତି ସହିତ ଓ କେହି କେହି ଚୌଦ୍ୱାର କଟକ ସହିତ ଚିହ୍ନିତ କରନ୍ତି।

ମାଦଳା ପାଞ୍ଜି ଅନୁସାରେ ପ୍ରଥମ ଯଯାତି ପୁରୀରେ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରିଥିଲେ ଓ ରକ୍ତବାହୁଙ୍କ (ରାଷ୍ଟ୍ରକୁଟ ରାଜା ତୃତୀୟ ଗୋବିନ୍ଦ) ଆକ୍ରମଣ ବେଳେ ପୁରୀରୁ ଯାଇ ସୋନପୁର ନିକଟ ଗୋପାଳୀ ଠାରେ ଗୁପ୍ତରେ ଥିବା ତିନିମୂର୍ତ୍ତୀଙ୍କୁ ଉଦ୍ଧାର କରି ପୁନଃ ପ୍ରତିଷ୍ଠା କରିଥିଲେ। ତାଙ୍କଦ୍ୱାରା ମୁକ୍ତେଶ୍ୱର ମନ୍ଦିର ନିର୍ମିତ ହୋଇଥିଲା।

## ଭୀମରଥ, ଧର୍ମରଥ, ନହୁଷ ଓ ଇନ୍ଦ୍ରରଥ

ପ୍ରଥମ ଯଯାତିଙ୍କ ପରବର୍ତ୍ତୀ ଶାସକ ମହାଭବଗୁପ୍ତ **ଭୀମରଥ** (୯୫୫-୯୮୦) ତୋଷାଳୀରେ ଭୌମମାନଙ୍କର ପାରିବାରିକ କନ୍ଦଳ ଓ ଦୁର୍ବଳତାର ସୁଯୋଗ ନେଇ ରାଜଧାନୀ ଗୁହଦେବ ପାଟକ ବା ଗୁହେଶ୍ୱର ପାଟକ (ଯାଯପୁର ନିକଟ) ଅଧିକାର କରିନେଲେ। ଭୌମକର ଶାସନର ଅନ୍ତହେଲା ଓ ସୋମବଂଶୀମାନେ କୋଶଳ ଓ ଉତ୍କଳର (ତୋଷାଳୀ) ଅଧୀଶ୍ୱର ହେଲେ (ଦଶମ ଶତାବ୍ଦୀର ମଧ୍ୟଭାଗରେ-ଆନୁମାନିକ୯୬୦ଖ୍ରୀ.)। କୋଶଳ ଓ ଉତ୍କଳ ଗୋଟିଏ ଶାସନ ଅଧିନ ହେଲା । ଭୀମରଥଙ୍କ ସମୟରେ କାଳଚୁରୀ ରାଜା ଲକ୍ଷ୍ମଣରାଜ କୋଶଳ ଆକ୍ରମଣ କରି ମଣିମାଣିକ୍ୟ ଖଚିତ ଏକ କାଳୀୟନାଗ ମୂର୍ତ୍ତୀ

ନେଇଯାଇଥିଲେ । ତାଙ୍କ ପରେ ରାଜମଲ୍ଲ ଓ ଦ୍ୱିତୀୟ ପର୍ଶୁରାମ ରୁପେ ଅଭିହିତ ଦିଗ୍‌ବିଜୟୀ ମହାଶିବଗୁପ୍ତ **ଧର୍ମରଥ** (୯୮୦-୧୦୦୫) କଙ୍ଗୋଦ ଓ କଳିଙ୍ଗର ଅନେକ ଅଞ୍ଚଳ ଜୟ କରିବା ସହିତ ଆନ୍ଧ୍ର (ଚାଲୁକ୍ୟ ଶାସିତ) ଓ ରାଢ (ଦକ୍ଷିଣ୍ଣ ବଙ୍ଗ) ଆକ୍ରମଣ କରିଥିଲେ । ସେ ଜଣେ ଦିଗ୍‌ବିଜୟୀ ବୀର ଥିଲେ । ତାଙ୍କୁ 'ମନୋରଥ ଫଳ', 'ସୋମବଂଶର ଗୌରବ', 'ଶାଣିତ ଖଡ଼୍‌ଗର ଏକ ମାତ୍ର ସଖା' ତଥା ସକଳ ନରପତିଙ୍କର ମଉଡମଣି' ବୋଲି ବର୍ଣ୍ଣନା କରାଯାଇଅଛି ।

ଧର୍ମରଥଙ୍କ ପରେ ତାଙ୍କର ଭ୍ରାତା **ନହୁଷ** (୧୦୦୫-୧୦୨୧) ରାଜା ହେଲେ । କିନ୍ତୁ ସିଂହାସନ ପାଇଁ ଦକ୍ଷିଣାଞ୍ଚଳର ପ୍ରଶାସକ ବିମାତା ପୁତ୍ର ଇନ୍ଦ୍ରରଥ ବିଦ୍ରୋହ କରି ଯଯାତି ନଗର ଆକ୍ରମଣ କଲେ । ଗୃହ ଯୁଦ୍ଧରେ ନହୁଷ ଓ ତାଙ୍କର କକା (ଧର୍ମରଥଙ୍କ ଭ୍ରାତା) ଅଭିମନ୍ୟୁ ନିହତ ହେଲେ । ଅଭିମନ୍ୟୁଙ୍କ ପୁତ୍ର ଚଣ୍ଡିହାର ଯଯାତି ରାଜ୍ୟ ଛାଡ଼ି ପଳାଇଲେ । ଯୁଦ୍ଧ ଓ ରକ୍ତପାତ ମଧ୍ୟରେ ସିଂହାସନ ଅଧିକାର କରିଥିବା **ଇନ୍ଦ୍ରରଥ** ଭୁବନେଶ୍ୱରରେ ଇନ୍ଦ୍ରଲିଙ୍ଗେଶ୍ୱର (ରାଜାରାଣୀ) ମନ୍ଦିର ଓ ରାଣୀପୁର ଝରିଆଲର ଗୋପାଳ



ରାଜାରାଣୀ ମନ୍ଦିର



ଇନ୍ଦ୍ରଲାଥ / ଗୋପାଳ ମନ୍ଦିର

ମନ୍ଦିର (ଇନ୍ଦ୍ରଲାଥ) ନିର୍ମାଣ କରିଥିଲେ । ତାଙ୍କ ସମୟରେ ପାରମାର ବଂଶୀୟ ରାଜା ଭୋଜ, କାଳଚୁରୀ ଓ ରାଜେନ୍ଦ୍ର ଚୋଳ ଓଡ଼ିଶା ଆକ୍ରମଣ କରିଥିଲେ । କାଳଚୁରୀ ମାନେ ରାୟପୁର ଓ ବିଳାସପୁର ଅଧିକାର କରିନେଲେ ଓ ସେଠାରେ ସବୁଦିନ ପାଇଁ ସୋମ ଆଧିପତ୍ୟ ଲୋପ ହେଲା । ରାଜେନ୍ଦ୍ର ଚୋଳ ରାଜଧାନୀ ଯଯାତି ନଗର ଓ ଓଡ଼ିଶାର ଅଶେଷ କ୍ଷତି ସାଧନ କରିଥିଲେ । ଇନ୍ଦ୍ରରଥ ବନ୍ଦୀ ହେଲେ ଓ ବନ୍ଦୀ ଶାଳାରେ ମୃତ୍ୟୁ ବରଣ କରିଥିଲେ ।

## ମହାଶିବଗୁପ୍ତ ଦ୍ୱିତୀୟ ଯଯାତି (୧୦୨୫-୧୦୪୦)

ଚୋଳ ଆକ୍ରମଣ ଫଳରେ ରାଜ୍ୟରେ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି ହୋଇଥିଲା। ବହୁତ କ୍ଷୟକ୍ଷତି ହୋଇଥିଲା, ରାଜଧାନୀ ଯଯାତିନଗର ଧ୍ୱଂସ ହୋଇଥିଲା। ରାଜା ଇନ୍ଦ୍ରରଥ ବନ୍ଦୀ ହୋଇଥିଲେ। ଏହି ସଂକଟପୂର୍ଣ୍ଣ ପରିସ୍ଥିତିରେ ସାମନ୍ତମାନେ ଗୃହଯୁଦ୍ଧବେଳେ ରାଜ୍ୟ ପରିତ୍ୟାଗ କରିଥିବା ଚଣ୍ଡିହାର ଯଯାତିଙ୍କୁ ଫେରାଇ ଆଣି ମହାଶିବଗୁପ୍ତ ଦ୍ୱିତୀୟ ଯଯାତି ନାମରେ ସିଂହାସନାରୁଢ଼ କରିଥିଲେ। ଦ୍ୱିତୀୟ ଯଯାତି ସୁବର୍ଣ୍ଣପୁର (ସୋନପୁର) ଠାରେ ଏକ ଅସ୍ଥାୟୀ ରାଜଧାନୀ ସ୍ଥାପନ କଲେ। ପରେ ବୈତରଣୀ କୂଳରେ ନିଜର ନାମାନୁସାରେ **ଯଯାତିପୁର** (ବିରଜାକ୍ଷେତ୍ର ଯାଜପୁର) ଠାରେ ନୂତନ ରାଜଧାନୀ ପ୍ରତିଷ୍ଠା କଲେ। କିମ୍ବଦନ୍ତୀ ଅନୁସାରେ ସେ କାନ୍ୟକୁବଜରୁ ଦଶ ସହସ୍ର ବ୍ରାହ୍ମଣ ଆଣି ଯାଜପୁର ଠାରେ ଦଶାଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରାଇଥିଲେ ଓ ଦଶାଶ୍ୱମେଧ ଘାଟ ନିର୍ମାଣ କରିଥିଲେ। ତାଙ୍କର ଅମର କୀର୍ତ୍ତି ହେଉଛି, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର। ମାଦଳା ପାଞ୍ଜି ଅନୁସାରେ ସେ ଲିଙ୍ଗରାଜ ମନ୍ଦିରର ନିର୍ମାଣକାର୍ଯ୍ୟ ଆରମ୍ଭ କରିଥିଲେ ଓ ତାଙ୍କ ପୁତ୍ର ଉଦ୍ୟୋତ କେଶରୀଙ୍କ ସମୟରେ ଏହା ସମ୍ପୂର୍ଣ୍ଣ ହୋଇଥିଲା।



ଲିଙ୍ଗରାଜ ମନ୍ଦିର

ଦ୍ୱିତୀୟ ଯଯାତିଙ୍କ ରାଜତ୍ୱ ଆରମ୍ଭ ସମୟରେ କଳିଙ୍ଗ, କଙ୍ଗୋଦ, ଉତ୍କଳ, ଉଡ୍ର ଓ କୋଶଳ ସୋମବଂଶୀ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। ରାଜ୍ୟର ଉତ୍ତର ପୂର୍ବରେ ଗୌଡ଼ର ପାଳରାଜା, ଦକ୍ଷିଣରେ ଚୋଳରାଜା ଓ ପଶ୍ଚିମରେ କାଳଚୁରୀ ମାନଙ୍କର ଉପସ୍ଥିତି ସାମ୍ରାଜ୍ୟ ପ୍ରତି ବିପଦର କାରଣ ଥିଲା। କଳିଙ୍ଗର ଗଙ୍ଗବଂଶ ପୁନଃ ଶକ୍ତିଶାଳୀ ହୋଇ ହୃତ କଳିଙ୍ଗ ଅଞ୍ଚଳ ଅଧିକାର ପାଇଁ ଉଦ୍ୟମ କଲେ। ଜୟ ପରାଜୟ ମଧ୍ୟରେ ସଙ୍ଘର୍ଷ ଚାଲିଲା। ଗଙ୍ଗରାଜ ଅନନ୍ତବର୍ମା ବଜ୍ରହସ୍ତଦେବ କଳିଙ୍ଗ ଓ କଙ୍ଗୋଦ ଅଧିକାର କରି ନିଜକୁ "ସକଳ କଳିଙ୍ଗାଧିପତି" ଓ "ତ୍ରୀକଳିଙ୍ଗାଧିପତି" ଉପାଧିରେ ଅଭିହିତ କଲେ। ଏହି ସମୟରୁ ସୋମବଂଶୀ ଶାସନର ପତନ ପ୍ରକିୟା ଆରମ୍ଭ ହେଲା। ଦ୍ୱିତୀୟ ଯଯାତିଙ୍କ ରାଜତ୍ୱର ଶେଷବେଳକୁ କେବଳ ଉଡ୍ର, ଉତ୍କଳ ଓ କୋଶଳ ସୋମବଂଶୀମାନଙ୍କର ଅଧିନରେ ଥିଲା। ରାଜନୈତିକ ଅସ୍ଥିରତା, ଯୁଦ୍ଧ, ରାଜ୍ୟହ୍ରାସ ସତ୍ତ୍ୱେ ଦ୍ୱିତୀୟ ଯଯାତି ତାଙ୍କର ଅମର କୀର୍ତ୍ତି ଲିଙ୍ଗରାଜ ମନ୍ଦିର ପାଇଁ ଓଡ଼ିଶା ଇତିହାସରେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ ।

## ମହାଭବଗୁପ୍ତ ଉଦ୍ୟୋତ କେଶରୀ (୧୦୪୦-୧୦୬୫)

ଦ୍ୱିତୀୟ ଯଯାତିଙ୍କ ପରେ ମହାଭବଗୁପ୍ତ ଉଦ୍ୟୋତକେଶରୀ ସିଂହାସନ ଆରୋହଣ କଲେ। ତାଙ୍କ ସମୟରେ ପଶ୍ଚିମ ସୀମାନ୍ତରେ କାଳଚୁରୀ ମାନଙ୍କ ସହିତ ଦୀର୍ଘ ସଂଘର୍ଷ ଲାଗିରହିଥିଲା ଓ ପଶ୍ଚିମ କୋଶଳରେ ସୋମବଂଶୀ ମାନଙ୍କର ନିୟନ୍ତ୍ରଣ ହ୍ରାସ ପାଇଥିଲା। ଉଲ୍ଲେଖନୀୟ, ଏହି ସମୟରେ କୋଶଳ, ପଶ୍ଚିମ ଲଙ୍କା ନାମରେ ଅଭିହିତ ଥିଲା। ସାମରିକ ବିପର୍ଯ୍ୟୟ ସତ୍ତ୍ୱେ ଉଦ୍ୟୋତକେଶରୀଙ୍କ ରାଜତ୍ୱ ଧର୍ମ, କଳା, ସ୍ଥାପତ୍ୟ କ୍ଷେତ୍ରରେ ଗୌରବମୟ ଥିଲା। ସେ ଲିଙ୍ଗରାଜ ମନ୍ଦିର ନିର୍ମାଣ ଶେଷ କରିଥିଲେ, ଜଗମୋହନ ନିର୍ମାଣ କରିଥିଲେ, ଖଣ୍ଡଗିରି ଓ ଉଦୟଗିରିଠାରେ ଅନେକ ପୁଷ୍କରିଣୀ ଓ ମନ୍ଦିରର ପୁନରୁଦ୍ଧାର କରିଥିଲେ, ଚବିଶ ତୀର୍ଥଙ୍କର ମୂର୍ତ୍ତୀସ୍ଥାପନା କରିଥିଲେ। ତାଙ୍କ ପୃଷ୍ଠପୋଷକତାରେ ଜୈନମୁନି ଶୁଭଚନ୍ଦ୍ର ନବମୁନି ଗୁମ୍ଫା ନିର୍ମାଣ କରାଇଥିଲେ। ତାଙ୍କର ବିଧବା ମାତା କୋଳାବତୀ ଦେବୀ ଭୁବନେଶ୍ୱରରେ **ବ୍ରହ୍ମେଶ୍ୱର ମନ୍ଦିର** ନିର୍ମାଣ କରିଥିଲେ।


ବ୍ରହ୍ମେଶ୍ୱର ମନ୍ଦିର

ଉଦ୍ୟୋତକେଶରୀଙ୍କ ଉତ୍ତରାଧିକାରୀ ମହାଭବଗୁପ୍ତ **ଦ୍ୱିତୀୟ ଜନ୍ମେଜୟ**ଙ୍କ (୧୦୬୫-୧୦୮୫) ସମୟରେ ସୋମବଂଶର ପତନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ବସ୍ତରର ନାଗରାଜା ସୋମେଶ୍ୱର ଦେବଙ୍କ ସେନାପତି ଓ ସାମନ୍ତ ତେଲଗୁ ଚୋଡ଼ ବଂଶୀୟ ଯଶୋରାଜଦେବ ପୂର୍ବ କୋଶଳ ଅଧିକାର କରି ସୋନପୁର ଠାରେ ନିଜକୁ ରାଜାରୁପେ ଘୋଷଣା କଲେ। ଆଗରୁ ପଶ୍ଚିମ କୋଶଳ କାଳଚୁରୀ ମାନଙ୍କଦ୍ୱାରା ଅଧିକୃତ ହୋଇଥିଲା। ସୋମବଂଶୀମାନେ ସେମାନଙ୍କର ମୂଳରାଜ୍ୟ କୋଶଳ ହରାଇଲେ। ଉତ୍ତର ଦିଗରେ ବଙ୍ଗର ପାଳରାଜା ରାମପାଳ ଦଣ୍ଡଭୁକ୍ତି ଅଞ୍ଚଳ (ମେଦିନିପୁର) ଅଧିକାର କରିନେଲେ। ଦକ୍ଷିଣରେ ଦ୍ୱିତୀୟ ଜନ୍ମେଜୟ ଗଙ୍ଗ ସେନାପତିଙ୍କ ଦ୍ୱାରା ପରାଜିତ ହୋଇଥିଲେ। କୋଶଳ ହରାଇବାପରେ  କେବଳ ଉତ୍କଳ ଓ ଉଡ୍ର ସୋମବଂଶୀମାନଙ୍କ ଅଧିନରେ ରହିଲା।

ଦ୍ୱିତୀୟ ଜନ୍ମେଜୟଙ୍କ ପରେ ମହାଭବଗୁପ୍ତ **ପୁରଞ୍ଜୟ** (୧୦୮୫-୧୧୦୦) ରାଜା ହେଲେ। ତାଙ୍କ  ରାଜତ୍ୱକାଳ ବଙ୍ଗ, କଳିଙ୍ଗ ଓ କାଳଚୁରୀମାନଙ୍କ ସହିତ ଯୁଦ୍ଧରେ ବ୍ୟୟ ହୋଇଥିଲା। ତାଙ୍କପରେ ମହାଶିବଗୁପ୍ତ **କର୍ଣ୍ଣଦେବ** (୧୧୦୦-୧୧୧୧) ରାଜାହେଲେ। ଉତ୍ତର ଦିଗରୁ ବଙ୍ଗର ପାଳରାଜା ରାମପାଳ ଓ ଦକ୍ଷିଣଦିଗରୁ କଳିଙ୍ଗର ଗଙ୍ଗରାଜା ଚୋଡ଼ଗଙ୍ଗଦେବ ଉତ୍କଳ ଆକ୍ରମଣ କଲେ। କର୍ଣ୍ଣ ଦେବ ପାଳରାଜାଙ୍କ ସାହାଯ୍ୟ ନେଇ ଗଙ୍ଗମାନଙ୍କୁ ପ୍ରତିହତ କଲେ। କିନ୍ତୁ ଶେଷରେ ଅନନ୍ତବର୍ମନ ଚୋଡ଼ଗଙ୍ଗଦେବ କର୍ଣ୍ଣଦେବଙ୍କୁ ପରାଜିତ କରି (୧୧୧୧) ସାମନ୍ତ ଭାବେ ଶାସନ କରିବାର ଅଧିକାର ଦେଲେ। କର୍ଣ୍ଣଦେବଙ୍କ ମୃତ୍ୟୁପରେ (୧୧୧୮) ସୋମବଂଶୀ ରାଜ୍ୟ ଗଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା। ସୋମବଂଶର ବିଲୋପ ହେଲା।

**ସୋମବଂଶ ଶାସନର ବୈଶିଷ୍ଟ୍ୟ :** ସୋମବଂଶ ରାଜତ୍ୱ ଓଡ଼ିଶା ଇତିହାସର ଏକ ଗୌରବୋଜ୍ୱଳ ଅଧ୍ୟାୟ ଥିଲା। ବହୁବର୍ଷ ପରେ ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶା (ପୂର୍ବ ଓଡ଼ିଶା) ଏକତ୍ରୀତ ହୋଇ ଏକ ଶାସନାଧିନ ହୋଇଥିଲା। ବର୍ତ୍ତମାନର ଓଡ଼ିଶା ପ୍ରଦେଶର ପ୍ରାୟ ସମସ୍ତ ଅଞ୍ଚଳ ସୋମ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। ପଡ଼ୋଶୀ ରାଜ୍ୟମାନଙ୍କ ସହିତ ଦୀର୍ଘ ସଂଘର୍ଷ, ସାମ୍ରାଜ୍ୟର  ଅଞ୍ଚଳ ହ୍ରାସ ସତ୍ତ୍ୱେ ଏହି ସମୟରେ କଳା, ସ୍ଥାପତ୍ୟ, ଭାଷା, ସାହିତ୍ୟ, ଧର୍ମ, ଆର୍ଥିକ ସମୃଦ୍ଧି ପ୍ରଭୃତି ସବୁକ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଥିଲା।

ସୋମବଂଶୀ ରାଜତ୍ୱ ସମୟରେ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ଉତ୍କର୍ଷତାର ଶୀର୍ଷ ସୀମା ସ୍ପର୍ଶ କରିଥିଲା। ଶୈଳୋଦ୍ଭବ (କଙ୍ଗୋଦ) ମାନଙ୍କ ସମୟରେ ଓଡ଼ିଶାରେ ମନ୍ଦିର ସ୍ଥାପତ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଭୌମକର ମାନଙ୍କ ସମୟରେ ଏଥିରେ ଅନେକ

ଉନ୍ନତି ସାଧିତ ହୋଇଥିଲା। ସୋମବଂଶୀ ଶାସନ ସମୟରେ ଏହା ସମ୍ପୂର୍ଣ୍ଣ ବିକଶିତ ହୋଇଥିଲା। ସୋମବଂଶୀମାନଙ୍କ ଦ୍ୱାରା ନିର୍ମିତ ବହୁ ମନ୍ଦିରମାନଙ୍କ ମଧ୍ୟରେ ଭୁବନେଶ୍ୱରର ଲିଙ୍ଗରାଜ, ରାଜରାଣୀ, ମୁକ୍ତେଶ୍ୱର ମନ୍ଦିର ଗୋଟିଏ ଗୋଟିଏ ମହାନ ଶ୍ରେଷ୍ଠ ଶିଳ୍ପକୃତି। ପ୍ରଥମ ଯଯାତିଙ୍କ ଦ୍ୱାରା ନିର୍ମିତ ମୁକ୍ତେଶ୍ୱର ମନ୍ଦିରକୁ "ଉତ୍କଳୀୟ ସ୍ଥାପତ୍ୟର ମୁକ୍ତା" ଓ "ବାଲୁକାପ୍ରସ୍ତରରେ ରୁପାନ୍ତରିତ ସ୍ୱପ୍ନ" ବୋଲି କୁହାଯାଏ। ଇନ୍ଦ୍ରରଥଙ୍କ ଦ୍ୱାରା ନିର୍ମିତ ରାଜରାଣୀ ବା ଇନ୍ଦ୍ରଲିଙ୍ଗେଶ୍ୱର ମନ୍ଦିର ଏହାର ଅନୁପମ ସୁନ୍ଦର କାରୁକାର୍ଯ୍ୟ ପାଇଁ ଖ୍ୟାତ। ସୋମବଂଶୀମାନଙ୍କର ସର୍ବ ବୃହତ୍ତ ଓ ସର୍ବଶ୍ରେଷ୍ଠ ମନ୍ଦିର ହେଲା ଲିଙ୍ଗରାଜ ମନ୍ଦିର। ଏହା ଦ୍ୱିତୀୟ ଯଯାତି କେଶରୀ ଆରମ୍ଭ କରିଥିଲେ ଓ ଉଦ୍ୟୋତ କେଶରୀ ବା ଲଲାଟେନ୍ଦୁ କେଶରୀ ସମ୍ପୂର୍ଣ୍ଣ କରିଥିଲେ। ଉଦ୍ୟୋତ କେଶରୀଙ୍କ ମାତା କୋଲାବତୀ ଦେବୀ ଭୁବନେଶ୍ୱର ଠାରେ ବ୍ରହ୍ମେଶ୍ୱର ମନ୍ଦିର,ଇନ୍ଦ୍ରରଥ ରାଣୀପୁର ଝରିଆଲ ଠାରେ ଗୋପାଳ ମନ୍ଦିର (ଇନ୍ଦ୍ରଲାଥ ମନ୍ଦିର) ଓ ପ୍ରଥମ ଜନ୍ମେଜୟଙ୍କ ସାହାଯ୍ୟରେ ଶିବଉପାସକ ଗଗନଶିବ ସୋମେଶ୍ୱର ମନ୍ଦିର ନିର୍ମାଣ କରିଥିଲେ। ଉଦ୍ୟୋତ କେଶରୀ ଜୈନମୁନି ମାନଙ୍କ ମାନଙ୍କ ପାଇଁ ଖଣ୍ଡଗିରୀଠାରେ ନବମୁନି ଓ ବାରଭୁଜା ଗୁମ୍ଫା ଖୋଦନ କରିଥିଲେ।



ମୁକ୍ତେଶ୍ୱର

ଏହି ସମୟରେ ଓଡ଼ିଶାରେ ସଂସ୍କୃତ ଭାଷା ଓ ସାହିତ୍ୟର ବିକାଶ ହୋଇଥିଲା। ରାଜ ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ଲାଭକରି ପୁରୁଷୋତ୍ତମ ଭଟ୍ଟ, ଭାବଦେବ, ନାରାୟଣ ସାତକର୍ଣ୍ଣୀ, ଆଚାର୍ଯ୍ୟ ଶୁଭଦେବ ପ୍ରଭୃତି ବହୁ ବିଜ୍ଞ ସଂସ୍କୃତ ପଣ୍ଡିତ ମାନେ ଓଡ଼ିଶାରେ ବସବାସ କରୁଥିଲେ। ପ୍ରଥମ ଜନ୍ମେଜୟଙ୍କର ମୁଖ୍ୟମନ୍ତ୍ରୀ ସାଧାରଣ ବହୁଶାସ୍ତ୍ରରେ ନିପୁଣ ଥିଲେ। ସଂସ୍କୃତ ଭାଷାର ବିକାଶ ହୋଇଥିଲା। ଉତ୍ତର ଭାରତରୁ ବ୍ରାହ୍ମଣ ମାନଙ୍କୁ ଆଣି ଅବସ୍ଥାପିତ କରାଯାଇଥିଲ। ଫଳରେ ବ୍ରାହ୍ମଣଧର୍ମର ପ୍ରସାର ଓ ବିସ୍ତାର ହୋଇଥିଲା। ଓଡିଆଭାଷା ଅସ୍ପଷ୍ଟ ହେଲେ ମଧ୍ୟ ବିକଶିତ ହେଉଥିଲା। ସୋମବଂଶୀ ଶିଳାଲିପିମାନଙ୍କରେ 'ମାଛ' 'ଖମ୍ବ' ପ୍ରଭୃତି ଦେଶଜ ଶବ୍ଦର ବ୍ୟବହାର ହୋଇଥିଲା। ସୋମବଂଶୀ ଶାସନ କଳା, ସ୍ଥାପତ୍ୟ, ଭାଷା, ସାହିତ୍ୟ, ବିଜ୍ଞାନ, ଧର୍ମ କ୍ଷେତ୍ରରେ ବିକାଶ ଓ ଉନ୍ନତି ସାଧନ କରିଥିଲା। ଓଡିଶା ଇତିହାସରେ ଏକ ଗୌରବୋଜ୍ୱଳ ଅଧ୍ୟାୟ ସୃଷ୍ଟିକରିଥିଲା।

# ଗଙ୍ଗବଂଶ

ଅଷ୍ଟମ ଶତାବ୍ଦୀରୁ ଦଶମ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ଶାସନ କରୁଥିବା ତିନିଗୋଟି ଶ୍ରେଷ୍ଠ ରାଜବଂଶ ମଧ୍ୟରୁ ଦଶମ ଶତାବ୍ଦୀରେ ଭୌମକର ବଂଶର ପତନ ହୋଇଥିଲା। ତୋଷାଳୀ ଓ କୋଶଳ ଉପରେ ସୋମବଂଶ ଶାସନ ପ୍ରତିଷ୍ଠା ହେଲା। ଦ୍ୱାଦଶ ଶତାବ୍ଦୀରେ ସୋମବଂଶର ପତନ ଘଟାଇ କଳିଙ୍ଗର ଗଙ୍ଗବଂଶ (ପ୍ରାଚ୍ୟ ଗଙ୍ଗବଂଶ) ଉତ୍କଳ ଅଧିକାର କଲେ। ସମଗ୍ର ଓଡ଼ିଶା (ଗଙ୍ଗାଠାରୁ ଗୋଦାବରି) ଏକ ଶାସନାଧିନ ହେଲା। ଗଙ୍ଗ ରାଜତ୍ୱ ସମୟରେ କଳା, ସ୍ଥାପତ୍ୟ, ଧର୍ମ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ସାଧିତ ହୋଇଥିଲା।

ପ୍ରାଚ୍ୟ ଗଙ୍ଗବଂଶ : ଉତ୍କଳ ଅଧିକାର ପୂର୍ବରୁ ଗଙ୍ଗ ମାନେ (ପ୍ରାଚ୍ୟ ଗଙ୍ଗ) କଳିଙ୍ଗରେ (ମହେନ୍ଦ୍ରଗିରି ଠାରୁ ଗୋଦାବରୀ ନଦୀ) ପ୍ରାୟ ୬୦୦ ବର୍ଷ ଧରି ଶାସନ କରିଥିଲେ। ବାକାତକ ରାଜା ହରିସେନ ପଞ୍ଚମ ଶତାବ୍ଦୀ ଶେଷ ଆଡକୁ ଓଡିଶା ଆକ୍ରମଣ କରି କୋଶଳର ନଳ ରାଜବଂଶ ଓ କଳିଙ୍ଗର ମାଠର ରାଜବଂଶର ଧ୍ୱଂସ ସାଧନ କରିଥିଲେ। ରାଜା ହରିସେନ ତାଙ୍କର ଜଣେ ସେନାପତି ଇନ୍ଦ୍ରବର୍ମାଙ୍କୁ ତ୍ରିକଳିଙ୍ଗର ସାମନ୍ତ ଭାବେ ଅବସ୍ଥାପିତ Kepûf ö j eùi ^u cÆ _ùe **ଇନ୍ଦ୍ରବର୍ମା** ନିଜକୁ ସ୍ୱାଧୀନ ଘୋଷଣା କରି ଏକ ନୂତନ ରାଜ ବଂଶ (ଗଙ୍ଗବଂଶ) ପ୍ରତିଷ୍ଠା କଲେ ଓ ଏକ ନୂତନ ଅବ୍ଦ (ଗଙ୍ଗାବ୍ଦ) ପ୍ରଚଳନ କଲେ (୪୯୮ ଖ୍ରୀ)। ଇନ୍ଦ୍ରବର୍ମା ମହିଶୂର ଗଙ୍ଗ ବଂଶୀୟ ଥିଲେ । ମହିଶୂର ଗଙ୍ଗବଂଶକୁ ପଶ୍ଚିମା ଗଙ୍ଗବଂଶ ଓ ପୂର୍ବ ଭାରତରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗଙ୍ଗବଂଶକୁ ପ୍ରାଚ୍ୟ ଗଙ୍ଗବଂଶ ବୋଲି ଅଭିହିତ କରାଯାଏ।

ପ୍ରାଚ୍ୟ ଗଙ୍ଗବଂଶର ପ୍ରତିଷ୍ଠାତା ଇନ୍ଦ୍ରବର୍ମା ଉତ୍ତର କଳିଙ୍ଗ ଅଧିକାର କରି ଦନ୍ତପୁରୀ (ଶ୍ରୀ କାକୁଲମ୍ ନିକଟ ଦନ୍ତବକ୍ର) ଠାରେ ରାଜଧାନୀ ପ୍ରତିଷ୍ଠା

କରିଥିଲେ (୫୩୬ ଖ୍ରୀ.)। ଷଷ୍ଠ ଶତାବ୍ଦୀର ଶେଷଆଡକୁ ଗଙ୍ଗରାଜା **ହସ୍ତୀବର୍ମା** ଦକ୍ଷିଣ କଳିଙ୍ଗ ଅଧିକାର କରି ନିଜକୁ 'ସକଳ କଳିଙ୍ଗାଧିପତି' ଉପାଧିରେ ଭୂଷିତ କରିଥିଲେ। ସେ କଳିଙ୍ଗନଗରୀ (ମୁଖ ଲିଙ୍ଗମ୍) ଠାରେ ନୂତନ ରାଜଧାନୀ ସ୍ଥାପନ କଲେ। ସେହି ଦିନଠାରୁ କଳିଙ୍ଗନଗରୀ ଗଙ୍ଗ ଶାସିତ କଳିଙ୍ଗ ରାଜ୍ୟର ରାଜଧାନୀ ହେଲା। ଏହାପରେ ଗଙ୍ଗ ଶାସକମାନେ ଅନେକ ରାଜନୈତିକ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ବାସିଷ୍ଠ, ମୁଦ୍‌ଗଳ, ବିଗ୍ରହ, ବିଷ୍ଣୁକୁଣ୍ଡି, ଶୈଳୋଦ୍‌ଭବ, ଓ ଭୌମକରମାନଙ୍କର ଅଭ୍ୟୁଦୟ ଓ ସେମାନଙ୍କ ମଧ୍ୟରେ କ୍ଷମତା ପାଇଁ ସଙ୍ଘର୍ଷ ଓଡିଶାରେ ଅସ୍ଥିରତା ସୃଷ୍ଟି କରିଥିଲା। ସେମାନଙ୍କ ସହିତ ସଙ୍ଘର୍ଷରେ ଗଙ୍ଗମାନେ ଦୁର୍ବଳ ହୋଇପଡିଥିଲେ।

ଏକାଦଶ ଶତାବ୍ଦୀର ପ୍ରଥମ ଭାଗରେ ଗଙ୍ଗମାନଙ୍କର ଶକ୍ତିବୃଦ୍ଧି ହେଲା। ପଞ୍ଚମ **ବଜ୍ରହସ୍ତଦେବ** (୧୦୩୮-୧୦୭୦) ସମଗ୍ର କଳିଙ୍ଗ ଅଧିକାର କରି ଗଙ୍ଗବଂଶ ଓ କଳିଙ୍ଗ ରାଜ୍ୟର ପୁନରୁଦ୍ଧାର କରିଥିଲେ । ତାଙ୍କ ରାଜତ୍ୱର ପ୍ରଥମ ବର୍ଷରୁ ଗଙ୍ଗମାନଙ୍କର ଅନୁଶାସନରେ ଗଙ୍ଗାବ୍ଦ ପରିବର୍ତ୍ତେ ଶକାବ୍ଦ ବ୍ୟବହାର ହେଲା । ତାଙ୍କ ପରେ ଦେବେନ୍ଦ୍ର ବର୍ମନ **ରାଜରାଜ ଦେବ** କଳିଙ୍ଗର ରାଜା ହେଲେ (୧୦୭୦-୧୦୭୭) । ସେ ଖିମିଡି, କୋଶଳ ଓ ଉତ୍କଳର ଶାସକ ମାନଙ୍କୁ ପରାଜିତ କରିଥିଲେ । ଦକ୍ଷିଣରେ ବେଙ୍ଗୀ (ଆନ୍ଧ୍ର) ଅଧିକାର ପାଇଁ ଚୋଳରାଜା କୁଳତୁଙ୍ଗ ରାଜେନ୍ଦ୍ରଚୋଳଙ୍କ ସହିତ ତାଙ୍କର ଭୀଷଣ ସଂଗ୍ରାମ ହୋଇଥିଲା । ଶେଷରେ ଯୁଦ୍ଧକ୍ଳାନ୍ତ ଉଭୟଙ୍କ ମଧ୍ୟରେ ଏକ ବୁଝାମଣା ହେଲା। ବୁଝାମଣା ଅନୁସାରେ ରାଜରାଜଦେବ ଚୋଳ ରାଜକୁମାରୀ ରାଜସୁନ୍ଦରୀଙ୍କୁ ବିବାହ କଲେ ଓ ବେଙ୍ଗୀ ଉପରେ ଚୋଳ ଆଧିପତ୍ୟକୁ ସ୍ୱୀକାର କଲେ ।

ରାଜରାଜ ଦେବ ଓ ରାଜସୁନ୍ଦରୀଙ୍କ ପୁତ୍ର ଉଭୟ ବଂଶର ନାମ ଅନୁସାରେ ଚୋଳଗଙ୍ଗ ଦେବ (ଚୋଡଗଙ୍ଗଦେବ) ନାମରେ ନାମିତ ହୋଇଥିଲେ। ରାଜରାଜଦେବଙ୍କର ଅକାଳ ମୃତ୍ୟୁ ହେବାରୁ ମାତ୍ର ଦୁଇ ବର୍ଷ ବୟସରେ ଚୋଡଗଙ୍ଗଦେବ ଗଙ୍ଗ ସିଂହାସନ ଆରୋହଣ କରିଥିଲେ (୧୦୭୭)।

## ଉତ୍କଳ ସମ୍ରାଟ- ଅନନ୍ତ ବର୍ମନ ଚୋଡଗଙ୍ଗ ଦେବ

(୧୦୭୭-୧୧୪୭)

ଅନନ୍ତ ବର୍ମନ ଚୋଡଗଙ୍ଗଦେବ ଓଡିଶାର ଜଣେ ମହାନ ଶାସକ ଥିଲେ। ସେ ଜଣେ କୁଶଳୀ ସେନା ସଙ୍ଗଠକ, ଦକ୍ଷ ସେନାନାୟକ, ସାମ୍ରାଜ୍ୟ ନିର୍ମାତା ଓ ସୁଶାସକ ଥିଲେ। କ୍ଷୁଦ୍ର କଳିଙ୍ଗ ରାଜ୍ୟର ବିସ୍ତାରକରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ। ସମ୍ରାଟ ଖାରବେଳଙ୍କ ପରେ, ଓଡିଶା ପୁନର୍ବାର ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହେଲା। **ଚୋଡଗଙ୍ଗଦେବ ତାଙ୍କ ସାମ୍ରାଜ୍ୟକୁ କଳିଙ୍ଗ ପରିବର୍ତ୍ତେ 'ଉତ୍କଳ' ସାମ୍ରାଜ୍ୟ ଓ ନିଜକୁ ଉତ୍କଳ ଅଧିପତି ବୋଲି ଘୋଷଣା କରିଥିଲେ। ସେ ହେଉଛନ୍ତି ସମଗ୍ର ଓଡିଶାରେ ଗଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠାତା ଓ ପ୍ରଥମ ଉତ୍କଳ ସମ୍ରାଟ।**

**ରାଜ୍ୟ ବିସ୍ତାର** : ବେଙ୍ଗୀ (ଆନ୍ଧ୍ର ଅଞ୍ଚଳ) ଉପରେ ଅଧିକାର ପ୍ରତିଷ୍ଠା ପାଇଁ ଗଙ୍ଗ ଓ ଚୋଳ ମାନଙ୍କ ମଧ୍ୟରେ ସଂଘର୍ଷ ବହୁ ପୁରୁଣା। ଚୋଡଗଙ୍ଗଦେବଙ୍କର ମାତା ଓ ଜଣେ ମନ୍ତ୍ରୀ ଚୋଳବଂଶୀୟ ଥିଲେ। ଏହା ସତ୍ତ୍ୱେ ୧୦୯୩ ମସିହାରେ ରାଜେନ୍ଦ୍ର ଚୋଳ ଓଡିଶା ଆକ୍ରମଣକରି ଦକ୍ଷିଣ କଳିଙ୍ଗର କିଛି ଅଞ୍ଚଳ ଅଧିକାର କରିନେଲେ। ଚୋଡଗଙ୍ଗଦେବ ହରାଇଥିବା ଅଞ୍ଚଳ ଫେରିପାଇବା ନିମିତ୍ତ ଉଦ୍ୟମ କରିବାରୁ ୧୧୦୦ ମସିହାରେ ରାଜେନ୍ଦ୍ର ଚୋଳ ପୁନର୍ବାର କଳିଙ୍ଗ ଆକ୍ରମଣ କଲେ। ଭୟଙ୍କର ଯୁଦ୍ଧ ହେଲା । ଚୋଡଗଙ୍ଗଦେବ ବିଜୟୀ ହେଲେ ଓ ହୃତ ଅଞ୍ଚଳ ଅଧିକାର କଲେ। ୧୧୧୮ ମସିହାରେ ରାଜେନ୍ଦ୍ର ଚୋଳଙ୍କ ମୃତ୍ୟୁ ପରେ ଚୋଡଗଙ୍ଗଦେବ ବେଙ୍ଗୀ (ଆନ୍ଧ୍ର) ଅଧିକାର କରିଥିଲେ। କିନ୍ତୁ ଦକ୍ଷିଣ ଦିଗରେ ଅଧିକ ଆଞ୍ଚଳିକ ବିସ୍ତାର କରିପାରିନଥିଲେ। ଗୋଦାବରୀ ନଦୀ ତାଙ୍କ ସାମ୍ରାଜ୍ୟର ଦକ୍ଷିଣ ସୀମା ଥିଲା ।

ଦକ୍ଷିଣରେ ଚୋଳ ମାନଙ୍କ ସହିତ ସଙ୍ଘର୍ଷରେ ବ୍ୟସ୍ତ ଥିବା ସମୟରେ ଚୋଡ଼ଗଙ୍ଗଦେବ ଉତ୍ତର ଦିଗରେ ସୋମବଂଶ ଶାସିତ ଉତ୍କଳ-ତୋଷାଳୀ ଅଧିକାର ପାଇଁ ଉଦ୍ୟମ କରିଥିଲେ। ଦୁର୍ବଳ ହୋଇପଡିଥିବା ସୋମ ରାଜ୍ୟକୁ ଅଧିକାର ପାଇଁ ଦକ୍ଷିଣଦିଗରୁ ଚୋଡଗଙ୍ଗଦେବ ଓ ଉତ୍ତର ଦିଗରୁ ବଙ୍ଗର ଶାସକ ରାମପାଳ ଆଗ୍ରହୀ ଥିଲେ। ସୋମ ରାଜା କର୍ଣ୍ଣଦେବ ନିଜର ସୁରକ୍ଷା ପାଇଁ ଗଙ୍ଗ ଆକ୍ରମଣ ବେଳେ ରାମପାଳଙ୍କର ଓ ପାଳ ଆକ୍ରମଣ ବେଳେ ଚୋଡଗଙ୍ଗଦେବଙ୍କର ସାହାଯ୍ୟ ନେଉଥିଲେ। ଅବଶେଷରେ କର୍ଣ୍ଣକେଶରୀ (କର୍ଣ୍ଣ ଦେବ) ଚୋଡଗଙ୍ଗଦେବଙ୍କ ଦ୍ୱାରା ପରାଜିତ ହେଲେ (୧୧୧୧)

ଓ ଜଣେ ସାମନ୍ତ ରାଜା ଭାବେ ଉତ୍କଳ ଶାସନ କଲେ। କର୍ଣ୍ଣଦେବଙ୍କର ମୃତ୍ୟୁପରେ (୧୧୧୮) ଚୋଡଗଙ୍ଗଦେବ ଉତ୍କଳ ରାଜ୍ୟକୁ ଗଙ୍ଗ ରାଜ୍ୟ ସହିତ ମିଶାଇ ଦେଲେ।

୧୧୧୮ ମସିହାରେ ଉଭୟ ବେଙ୍ଗୀ ଓ ଉତ୍କଳ ଗଙ୍ଗ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା। ଏହି ସାମ୍ରାଜ୍ୟକୁ କଳିଙ୍ଗ ପରିବର୍ତ୍ତେ ଉତ୍କଳନାମରେ ନାମିତ କରି ଚୋଡଗଙ୍ଗଦେବ ନିଜକୁ **CKbe @) ôZòùaú òùNûn YûKùf l i ûcR¥e cSûcSòi Ô କଟକଠାରେ ନୂତନ ରାଜଧାନୀ ପ୍ରତିଷ୍ଠା କଲେ।**

ଉତ୍କଳ ଅଧିକାର ପରେ ଚୋଡଗଙ୍ଗଦେବ ଉତ୍ତରଦିଗରେ ରାଜ୍ୟ ବିସ୍ତାର କରିବା ଯୋଜନା ଆରମ୍ଭ କଲେ। ଗଙ୍ଗ ଆକ୍ରମଣବେଳେ ସୋମବଂଶୀମାନଙ୍କୁ ବଙ୍ଗରାଜା ରାମପାଳ ସାହାଯ୍ୟ କରିଥିଲେ। ପ୍ରତିଶୋଧ ଓ ରାଜ୍ୟ ବିସ୍ତାର ପାଇଁ ରାମପାଳଙ୍କ ମୃତ୍ୟୁ ପରେ (୧୧୨୦) ବଙ୍ଗ ଆକ୍ରମଣ କରି ଦଣ୍ଡଭୁକ୍ତି ମଣ୍ଡଳ (ମେଦିନିପୁର) ଅଧିକାର କରିନେଲେ। ପରେ ପରେ ମନ୍ଦାର ବା ମନ୍ଦାରନ ଦୁର୍ଗ (ହୁଗୁଳି ଜିଲ୍ଲାର ଆରାମବାଗ) ଦଖଲ କରି ସେଠାରେ ସାମନ୍ତସେନଙ୍କୁ (ପରେ ବଙ୍ଗରେ ସେନ ବଂଶର ପ୍ରତିଷ୍ଠାତା) ସାମନ୍ତରାଜା ଭାବେ ନିଯୁକ୍ତ କଲେ। ଓଡିଶାର ଉତ୍ତର ସୀମା ଗଙ୍ଗାନଦୀକୁ ସ୍ପର୍ଶ କଲା। ବହୁ ଶତାବ୍ଦୀ ପରେ ଓଡିଶା ପୁର୍ନବାର ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହେଲା।

ଉତ୍ତର ଓ ଦକ୍ଷିଣ ଦିଗରେ ରାଜ୍ୟବିସ୍ତାର କରିବା ସହିତ ପଶ୍ଚିମ ଦିଗରେ ଆଞ୍ଚଳିକ ବିସ୍ତାର ପାଇଁ ଚୋଡଗଙ୍ଗଦେବ ଉଦ୍ୟମ କରିଥିଲେ। କୋଶଳ (ସମ୍ବଲପୁର, ବଲାଙ୍ଗିର, ସୋନପୁର, ବିଳାସପୁର, ରାୟପୁର) ଏକଦା ସୋମବଂଶୀ ମାନଙ୍କ ଅଧୀନରେ ଥିଲା। କାଳଚୁରୀମାନେ ସୋମବଂଶୀମାନଙ୍କୁ ଉପକୂଳ ଓଡିଶା ଆଡକୁ ବିତାଡିତ କରି ଏହାକୁ ଅଧିକାର କରିଥିଲେ। ଚୋଡଗଙ୍ଗଦେବ ଉତ୍କଳ ଅଧିକାର କରିବାପରେ ନିଜକୁ ସୋମ ରାଜ୍ୟର ପକୃତ ଉତ୍ତରାଧିକାରୀ ମନେକରି ଉପରୋକ୍ତ ଅଞ୍ଚଳ ହାସଲ କରିବାକୁ ଉଦ୍ୟମ କରିଥିଲେ। କାଳଚୁରୀ ରାଜା ଦ୍ୱିତୀୟ ରତ୍ନଦେବଙ୍କ (୧୧୨୦-୧୧୩୫) ସହିତ ତାଙ୍କର ଦୀର୍ଘ ସଂଘର୍ଷ ସତ୍ତ୍ୱେ ସେ ଦିଗରେ ରାଜ୍ୟ ବିସ୍ତାର କ୍ଷେତ୍ରରେ ତାଙ୍କୁ ସଫଳତା ମିଳିନଥିଲା।

ଏହିପରିଭାବେ ଚୋଡଗଙ୍ଗଦେବ ବେଙ୍ଗୀ, ଉତ୍କଳ ଓ ଦକ୍ଷିଣ ବଙ୍ଗ ଅଧିକାର କରି କ୍ଷୁଦ୍ର କଳିଙ୍ଗରାଜ୍ୟକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର କରି ଏକ ବିଶାଳ ଉତ୍କଳ ସାମ୍ରାଜ୍ୟ ଗଠନ କରିଥିଲେ। ଖାରବେଳଙ୍କ ପରେ ଏହା ଥିଲା ଦ୍ୱିତୀୟ ବୃହତ ଓଡିଶା ସାମ୍ରାଜ୍ୟ।

ଏକ ବିଶାଳ ସାମ୍ରାଜ୍ୟ ଗଠନ କରିବା ସହିତ ଚୋଡଗଙ୍ଗଦେବ ରାଜ୍ୟର ସୁରକ୍ଷା, ସଂଗଠନ, ସୁଶାସନ ଓ ବିକାଶ ନିମିତ୍ତ ବ୍ୟବସ୍ଥା କରିଥିଲେ। ରାଜ୍ୟର ରାଜଧାନୀ ମୁଖଲିଙ୍ଗମଠାରୁ ସାମ୍ରାଜ୍ୟର କେନ୍ଦ୍ରସ୍ଥଳ କଟକକୁ ସ୍ଥାନାନ୍ତର କରିଥିଲେ। ନୂତନ ରାଜଧାନୀର ସୁରକ୍ଷାପାଇଁ ଯାଜପୁର, ଅମରାବତୀ (ଛତିଆ) ଚୌଦ୍ୱାର, ସାରଙ୍ଗଗଡ (ବାରଙ୍ଗ) ଠାରେ ସାମରିକ ଦୁର୍ଗମାନ ନିର୍ମାଣ କରିଥିଲେ। ଦୁର୍ଗ ଗୁଡିକ ସାମରିକ ତାଲିମ ଓ ସୈନ୍ୟଛାଉଣୀରୂପେ ବ୍ୟବହୃତ ହେଉଥିଲା। ବିଜିତ ଅଞ୍ଚଳରୁ ପାଇଥିବା ଅମାପ ଧନ ସମ୍ପତ୍ତି ଓ କର ଟିକସ ଦ୍ୱାରା ରାଜ୍ୟର ଆର୍ଥିକ ଉନ୍ନତି ହୋଇଥିଲା । ଚୋଡଗଙ୍ଗଦେବ ରାଜାଧିରାଜ, ତ୍ରିକଳିଙ୍ଗାଧୀପତି, ଶ୍ରୀଗଙ୍ଗଚୁଡାମଣି, ପରମ ଭଟ୍ଟାରକ, ରାଜ ପରମେଶ୍ୱର ଇତ୍ୟାଦି ରାଜକୀୟ ପଦବୀରେ ଭୁଷିତ ହୋଇଥିଲେ।

ଚୋଡଗଙ୍ଗଦେବ ଜଣେ ଜ୍ଞାନୀ ଓ ବିଜ୍ଞ ପୁରୁଷ ଥିଲେ। ବେଦ, ପୁରାଣ, କାବ୍ୟ, ଧର୍ମ ଓ ଶିଳ୍ପ ଶାସ୍ତ୍ରରେ ତାଙ୍କର ଅଗାଧ ଜ୍ଞାନ ଥିଲା। ସେ କଳା, ସ୍ଥାପତ୍ୟ, ଧର୍ମ ସଂସ୍କୃତିର ପୃଷ୍ଠପୋଷକ ଥିଲେ। ବ୍ରାହ୍ମଣ୍ୟ ଓ ବୈଷ୍ଣବ ଧର୍ମକୁ ସାହାଯ୍ୟ ଓ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ନିଜକୁ ପରମ ମାହେଶ୍ୱର, ପରମ ବୈଷ୍ଣବ, ପରମ ବ୍ରାହ୍ମଣ୍ୟ ବୋଲି ଅଭିହିତ କରିଥିଲେ। ଉତ୍କଳୀୟ ପରମ୍ପରା, ବୈଷ୍ଣବ ଧର୍ମ ଓ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ସମ୍ମାନ ଓ ଭକ୍ତି କରୁଥିଲେ। ଅନେକ ବିଷ୍ଣୁମନ୍ଦିର ମାନ ନିର୍ମାଣ କରି ବୈଷ୍ଣବ ଧର୍ମକୁ ଲୋକଧର୍ମରେ ପରିଣତ କରିଥିଲେ। ତାଙ୍କ ସମୟରେ ଧର୍ମ ଓ ସଂସ୍କୃତିର ବିକାଶ ତ୍ୱରାନ୍ୱିତ ହୋଇଥିଲା ଓ ଓଡିଶାରେ ବୈଷ୍ଣବ ଧର୍ମର ମହିମାମୟ ଯୁଗ ଆରମ୍ଭ ହୋଇଥିଲା। ଧର୍ମ କ୍ଷେତ୍ରରେ ଚୋଡଗଙ୍ଗଦେବଙ୍କର ସଫଳତା ତାଙ୍କର ସାମରିକ ସଫଳତାଠାରୁ ଅଧିକ ଥିଲା ଓ ତାଙ୍କୁ ଅଧିକ ମହାନ କରିଥିଲା।


ଶ୍ରୀ ଜଗନ୍ନାଥ ମନ୍ଦିର

କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଚୋଡଗଙ୍ଗଦେବଙ୍କର ଅବଦାନ ମହାନ। ତାଙ୍କର ଦ୍ୱାରା ନିର୍ମିତ ଅକ୍ଷୟ ଓ ଅମର ସ୍ଥାପତ୍ୟକୀର୍ତ୍ତି ହେଉଛି ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର। ଏହା ସହିତ ମୁଖଲିଙ୍ଗମ, ସୀମାଞ୍ଚଳ, ଶ୍ରୀ କୁର୍ମମ ଠାରେ ସେ ଅନେକ ବିଷ୍ଣୁମନ୍ଦିର ନିର୍ମାଣ କରିଥିଲେ। ଏତଦ୍‌ବ୍ୟତୀତ ଧଉଳି

ନିକଟରେ କୌଶଲ୍ୟାଗଙ୍ଗ ନାମକ କୃତ୍ରିମ ହ୍ରଦ ଖନନ କରାଇଥିଲେ। ଗଙ୍ଗେଶ୍ୱର ଗ୍ରାମ ଓ ପୁରୀର ଚୁଡଙ୍ଗ ସାହି ସ୍ଥାପନ କରିଥିଲେ। କଟକ ଠାରେ ନୂତନ ରାଜଧାନୀ ସ୍ଥାପନ ଏବଂ ଯାଜପୁର, ଛତିଆ, ଚୌଦ୍ୱାର ଓ ବାରଙ୍ଗଠାରେ ଦୁର୍ଗ ନିର୍ମାଣ କରି ଚୋଡଗଙ୍ଗଦେବ ଜଣେ ମହାନ ନିର୍ମାଣକାରୀର ମର୍ଯ୍ୟାଦା ପ୍ରାପ୍ତ ହୋଇଛନ୍ତି।

ତାଙ୍କର ବହୁମୁଖୀ କୃତିତ୍ୱ ଓଡିଶାର ଯଶ ଓ ଗୌରବ ବୃଦ୍ଧି କରିଥିଲା। ଜଣେ ମହାନ ଶାସକ ହିସାବରେ ସେ ଓଡିଶା ଇତିହାସରେ ଏକ ସମ୍ମାନୀୟ ଓ ସ୍ମରଣୀୟ ସ୍ଥାନର ଅଧିକାରୀ।

ଚୋଡଗଙ୍ଗ ଦେବଙ୍କପରେ ଓ ତୃତୀୟ ଅନଙ୍ଗଭୀମଦେବଙ୍କ ପୂର୍ବରୁ ୬୪ ବର୍ଷ (୧୧୪୭-୧୨୧୧) ମଧ୍ୟରେ ପାଞ୍ଚଜଣ ଗଙ୍ଗରାଜା- କାମାର୍ଣ୍ଣବ ଦେବ, ରାଘବ, ଦ୍ୱିତୀୟ ରାଜରାଜ ଦେବ, ଦ୍ୱିତୀୟ ଅନଙ୍ଗଭୀମ ଦେବ ଓ ତୃତୀୟ ରାଜରାଜ ଦେବ ଉତ୍କଳରେ ଶାସନ କରିଥିଲେ। ଏହି ସମୟରେ ଦେଶରେ ଶାନ୍ତି ଓ ସ୍ଥିରତା ଥିଲା। କଳା ଓ ସ୍ଥାପତ୍ୟର ବିକାଶ ହୋଇଥିଲା। ଦ୍ୱିତୀୟ ରାଜରାଜ ଦେବଙ୍କ ସମୟରେ ତାଙ୍କ ଶାଳକ ସ୍ୱପ୍ନେଶ୍ୱର ଦେବ ଭୁବନେଶ୍ୱରରେ **ମେଘେଶ୍ୱର ମନ୍ଦିର** ନିର୍ମାଣ କରିଥିଲେ। ଦ୍ୱିତୀୟ ଅନଙ୍ଗଭୀମଦେବ ନିଆଳିର **ଶୋଭନେଶ୍ୱର ମନ୍ଦିର** ନିର୍ମାଣ କରିଥିଲେ। ତୃତୀୟ ରାଜରାଜ ଦେବଙ୍କ ସମୟରେ ଓଡିଶା ବିରୁଦ୍ଧରେ ପ୍ରଥମ ମୁସଲମାନ ଅଭିଯାନ ହୋଇଥିଲା। ଇକ୍ତିଆର ଉଦ୍ଦିନ୍ ୧୧୯୮ ମସିହାରେ ବଙ୍ଗ ଅଧିକାର କରିଥିଲେ । ୧୨୦୫ ମସିହାରେ ମହମଦ୍ ଶେରାନ୍ ଓ ଅହମଦ୍ ଶେରାନ୍ଙ୍କୁ ଓଡିଶା ଅଭିଯାନରେ ପଠାଇଲେ। ସେମାନେ ଗଙ୍ଗ ସେନା ଦ୍ୱାରା ଶୋଚନୀୟ ଭାବେ ପରାଜିତ ହୋଇ ଫେରିଯାଇଥିଲେ।


ମେଘେଶ୍ୱର ମନ୍ଦିର


ଶୋଭନେଶ୍ୱର ମନ୍ଦିର

## ତୃତୀୟ ଅନଙ୍ଗ ଭୀମଦେବ (୧୨୧୧-୧୨୩୮)

ଗଙ୍ଗବଂଶର ଦ୍ୱିତୀୟ ମହାନ ଯଶସ୍ୱୀ ଶାସକ ତୃତୀୟ ଅନଙ୍ଗଭୀମଦେବ ୧୨୧୧ ମସିହାରେ ଗଙ୍ଗ ସିଂହାସନ ଆରୋହଣ କଲେ। ସେ ଚୋଡଗଙ୍ଗ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ସାମ୍ରାଜ୍ୟର ବିସ୍ତାର କରିଥିଲେ, ସୁରକ୍ଷା ଓ ସୁଶାସନ ପ୍ରଦାନ କରିଥିଲେ। ପଶ୍ଚିମ ଓଡିଶା ଅଧିକାର ପାଇଁ ଚୋଡଗଙ୍ଗ ଦେବଙ୍କ ସମୟରୁ କାଳଚୁରୀ ମାନଙ୍କ ସହିତ ସଙ୍ଘର୍ଷ ଚାଲିଥିଲା। ଅନଙ୍ଗଭୀମଦେବ କାଳଚୁରୀ ରାଜା ପ୍ରତାପ ମଲ୍ଲଙ୍କୁ ପରାଜିତ କରି ପଶ୍ଚିମ ଓଡିଶା(ସୋନପୁର, ବଲାଙ୍ଗିର, ସମ୍ବଲପୁର) ଅଧିକାର କଲେ। କାଳଚୁରୀ ରାଜପୁତ୍ର ପରମାର୍ଦିଦେବଙ୍କ ସହିତ ନିଜର କନ୍ୟା ଚନ୍ଦ୍ରିକାଦେବୀଙ୍କୁ ବିବାହ ଦେଇ ପରମାର୍ଦିଙ୍କୁ ଗଙ୍ଗ ସେନାବାହିନୀର ଜଣେ ସେନାପତି ରୁପେ ନିଯୁକ୍ତ କରିଥିଲେ। ଗଙ୍ଗ-କାଳଚୁରୀ ସଙ୍ଘର୍ଷର ଅନ୍ତ ହୋଇଥିଲା। ପରମାର୍ଦିଦେବ ଗଙ୍ଗବାହିନୀର ଜଣେ ସୁଦକ୍ଷ ସେନାପତି ଥିଲେ। ଚନ୍ଦ୍ରିକାଦେବୀ ଭୂବନେଶ୍ୱରର **ଅନନ୍ତ ବାସୁଦେବ ମନ୍ଦିର** ନିର୍ମାଣ କରିଥିଲେ।




ଦକ୍ଷିଣରେ ଚୋଳରାଜ୍ୟ ଆକ୍ରମଣ କରି ଅନଙ୍ଗଭୀମଦେବ ଗୋଦାବରୀ ଓ କୃଷ୍ଣା ନଦୀର ମଧ୍ୟସ୍ଥ ଅଞ୍ଚଳ ଅଧିକାର କରିନେଲେ। କାଞ୍ଚିପୁରମ୍ ଅଧିକାର କରି ସେଠାକାର ଅଲ୍ଲାନାଥ ମନ୍ଦିରକୁ ବହୁ ଧନରତ୍ନ ଦାନ କରିଥିଲେ। **ଚୋଡଗଙ୍ଗ ଦେବଙ୍କ ସମୟରେ ଗୋଦାବରୀ ନଦୀ ଓଡିଶାର ଦକ୍ଷିଣ ସୀମାଥିଲା। ତୃତୀୟ ଅନଙ୍ଗଭୀମଦେବ ଏହାକୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତାରିତ କରିଥିଲେ।**

ତୃତୀୟ ଅନଙ୍ଗ ଭୀମଦେବ ସିଂହାସନ ଆରୋହଣ ବେଳକୁ ବଙ୍ଗରେ ମୁସଲମାନ ଶାସନ ପ୍ରତିଷ୍ଠିତ ହୋଇ ସାରିଥିଲା। ତାଙ୍କ ପିତାଙ୍କ ସମୟରେ ଓଡିଶା ବିରୁଦ୍ଧରେ ହୋଇଥିବା ପ୍ରଥମ ମୁସଲମାନ ଅଭିଯାନ ବିଫଳ ହୋଇଥିଲା। ତାଙ୍କ ସମୟରେ ବଙ୍ଗର ଶାସକ ଗିୟାସୁଦିନ ଇୱାଜ ଓଡିଶା ଅକ୍ରମଣ କରିଥିଲେ। ଭୀଷଣ ଯୁଦ୍ଧ ହୋଇଥିଲା। ଗଙ୍ଗସେନାପତି ବିଷ୍ଣୁଙ୍କଦ୍ୱାରା ବଙ୍ଗ ବାହିନୀ ଶୋଚନୀୟଭାବେ ପରାଜିତ ହୋଇଥିଲା। ଏହିପରି ଭାବରେ ତୃତୀୟ ଅନଙ୍ଗ ଭୀମଦେବ ପଶ୍ଚିମ ଓଡିଶା ଓ ଦକ୍ଷିଣରେ ଗୋଦାବରୀ-କୃଷ୍ଣା ଅଞ୍ଚଳ ଅଧିକାର

କରି ସାମ୍ରାଜ୍ୟର ପରିସର ବୃଦ୍ଧି କରିଥିଲେ। ଉତ୍ତର ଦିଗରେ ବଙ୍ଗ ବାହିନୀକୁ ପରାଜିତ କରି ନିଜର ଶକ୍ତି ଓ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ।

ସାମରିକ କୃତିତ୍ୱ ସହିତ ଧର୍ମ, ସଂସ୍କୃତି, ପ୍ରଶାସନ ସବୁ କ୍ଷେତ୍ରରେ ତାଙ୍କର ଅବଦାନ ମହାନ ଥିଲା। ସେ କଟକଠାରେ ନୂତନ ରାଜଧାନୀ- ଅଭିନବ ବାରଣାସୀ କଟକ ପ୍ରତିଷ୍ଠା କରିଥିଲେ। ବାରବାଟି ଦୁର୍ଗ ନିର୍ମାଣ କରିଥିଲେ, ସେଠାରେ ପୁରୁଷୋତ୍ତମ ମନ୍ଦିର ଓ ମହାନଦୀ କୂଳରେ ଦୁଇଟି ଶିବ ମନ୍ଦିର(ଚିତ୍ରେଶ୍ୱର ଓ ବିଶ୍ୱେଶ୍ୱର) ନିର୍ମାଣ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିରର ବେଢା ମଧ୍ୟରେ କେତେକ ନିର୍ମାଣ କାର୍ଯ୍ୟ କରିଥିଲେ। ସେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ବୋଲି ମାଦଳା ପାଞ୍ଜିରେ କୁହାଯାଇଛି। ପ୍ରକୃତରେ ଚୋଡଗଙ୍ଗଦେବ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ଓ ତୃତୀୟ ଅନଙ୍ଗଭୀମ ଦେବ ବାରଣାସୀ କଟକଠାରେ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରିଥିଲେ।

ତୃତୀୟ ଅନଙ୍ଗଭୀମଦେବ ଧର୍ମପରାୟଣ ଓ ଉଦାରଥିଲେ। ନିଜେ ବୈଷ୍ଣବ ଧର୍ମାବଲମ୍ବୀ ହୋଇଥିଲେ ମଧ ଶୈବ, ଶାକ୍ତ ଓ ଅନ୍ୟାନ୍ୟ ଧର୍ମ ସମ୍ପ୍ରଦାୟକୁ ସମ୍ମାନ ଓ ସାହାଯ୍ୟ ପ୍ରଦାନ କରିଥିଲେ। **ନିଜକୁ ପୁରୁଷୋତ୍ତମ, ରୁଦ୍ର ଓ ଦୁର୍ଗାଙ୍କର ପୁତ୍ରବୋଲି ବର୍ଣ୍ଣନା କରିଥିଲେ। ପରେ ନିଜକୁ ପୁରୁଷୋତ୍ତମ ଜଗନ୍ନାଥଙ୍କର ପୁତ୍ର ଓ ରାଉତ (ପ୍ରତିନିଧି) ବୋଲି ଘୋଷଣା କରିଥିଲେ। ଉତ୍କଳ ସାମ୍ରାଜ୍ୟକୁ ପୁରୁଷୋତ୍ତମ ଜଗନ୍ନାଥଙ୍କର ସାମ୍ରାଜ୍ୟ ଓ ନିଜକୁ ତାଙ୍କର ରାଉତ ବା ପ୍ରତିନିଧି ବୋଲି ଅଭିହିତ କରିଥିଲେ। ଫଳରେ ଜଗନ୍ନାଥ, ରାଜଶକ୍ତିର ଉପରେ ସ୍ଥାନିତ ହେଲେ ଓ ରାଷ୍ଟ୍ରଦେବତାର ମର୍ଯ୍ୟାଦା ପ୍ରାପ୍ତ ହେଲେ। ତାଙ୍କ ନାମରେ ଶାସନ ପରିଚାଳିତ ହେଲା। ରାଜା ତାଙ୍କର ପ୍ରଥମ ସେବକର ସ୍ଥାନ ପାଇଲେ।** ରାଜାଙ୍କୁ ସେବାୟତ, ସେନା, ସାମନ୍ତ, ଜନ ସାଧାରଣ ସମସ୍ତଙ୍କର ସମ୍ମାନ, ସହଯୋଗ ଓ ଆନୁଗତ୍ୟ ସହଜରେ ମିଳିଲା। ପରବର୍ତ୍ତୀ କାଳରେ ଏହି ପରମ୍ପରା ସୂର୍ଯ୍ୟବଂଶ, ଭୋଇବଂଶ ରାଜାମାନେ ଅନୁସରଣ କଲେ । ଆଜିପର୍ଯ୍ୟନ୍ତ ଏହି ପ୍ରଥା ଚଳି ଆସୁଅଛି।

ତୃତୀୟ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ ଓଡିଶା ଇତିହାସରେ ଏକ ଗୌରବମୟ ସମୟଥିଲା। ପଶ୍ଚିମ ଓଡିଶା ଉତ୍କଳ ରାଜ୍ୟ ସହିତ ସମ୍ମିଳିତ ହୋଇଥିଲା। ସ୍ଥାପତ୍ୟ କଳାର ଉନ୍ନତି ହୋଇଥିଲା। ଜଗନ୍ନାଥ ରାଷ୍ଟ୍ରଦେବତାର ମାନ୍ୟତା ପାଇଲେ। ଧର୍ମ ସଂସ୍କୃତିର ବିକାଶ ହୋଇଥିଲା। ଦେଶର ପ୍ରଗତି ସାଧିତ ହୋଇଥିଲା।

## ପ୍ରଥମ ନରସିଂହ ଦେବ (୧୨୩୮-୧୨୬୪)

ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିରର ନିର୍ମାତା ଗଙ୍ଗରାଜା ପ୍ରଥମ ନରସିଂହ ଦେବ ଲୋକକଥା ଓ କାହାଣୀରେ ଲାଙ୍ଗୁଳା ନରସିଂହ ଦେବ ନାମରେ ଓଡିଶାର କୋଣ ଅନୁକୋଣରେ ପରିଚିତ। ଚୋଡଗଙ୍ଗ ଦେବ ଓ ତୃତୀୟ ଅନଙ୍ଗଭୀମ ଦେବଙ୍କ ପରେ ସେ ହେଉଛନ୍ତି ଗୌରବମୟ ଗଙ୍ଗବଂଶର ତୃତୀୟ ଶ୍ରେଷ୍ଠ ଶାସକ।

ପ୍ରଥମ ନରସିଂହ ଦେବ ୧୨୩୮ ମସିହାରେ ଗଙ୍ଗ ସିଂହାସନ ଆରୋହଣ କରିଥିଲେ। ସେତେବେଳକୁ ଉତ୍ତର ଭାରତ ଓ ବଙ୍ଗରେ ମୁସଲମାନ ଶାସନ ପ୍ରତିଷ୍ଠା ହୋଇ ସାରିଥିଲା। ତାଙ୍କ ପୂର୍ବରୁ ବଙ୍ଗଆଡୁ ଓଡିଶା ବିପକ୍ଷରେ ଦୁଇ ଥର ଅସଫଳ ସାମରିକ ଅଭିଯାନ ହୋଇଥିଲା। ପ୍ରଥମ ନରସିଂହଦେବ ବଙ୍ଗ ବିରୁଦ୍ଧରେ ଏକ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରିଥିଲେ। ବଙ୍ଗର ମୁସଲମାନ ଶାସକଙ୍କୁ ଆକ୍ରମଣ କରିବାର ସୁଯୋଗ ନ ଦେଇ ସେ ବଙ୍ଗ ଆକ୍ରମଣ କଲେ (୧୨୪୩)। ମେଦିନିପୁର ଜିଲ୍ଲାସ୍ଥିତ କଟାସିନ ଦୁର୍ଗ ଠାରେ ପ୍ରବଳ ସଂଘର୍ଷ ହେଲା। ବଙ୍ଗର ଶାସକ ତୁଘ୍ରିଲ ତୁଘନ ଖାଁ ପରାଜିତ ହୋଇ ପଳାୟନ କଲେ। ରାଢର (ଦକ୍ଷିଣ ବଙ୍ଗ) ପ୍ରଶାସନିକ ରାଜଧାନୀ ଲଖନୁର ଓଡିଶା ସୈନ୍ୟବାହିନୀ ଅଧିକାର କଲେ। ସମଗ୍ର ରାଢ (ଗଙ୍ଗା ନଦୀର ଦକ୍ଷିଣ ପାର୍ଶ୍ୱ-ଦକ୍ଷିଣ ବଙ୍ଗ) ଓଡିଶାର ଅଧିନ ହେଲା (୧୨୪୪) । ତା ପରବର୍ଷ (୧୨୪୫) ଓଡିଶା ସୈନ୍ୟବାହିନୀ ଗଙ୍ଗାନଦୀ ପାରହୋଇ ବରେନ୍ଦ୍ର (ଉତ୍ତର ବଙ୍ଗ, ପ୍ରଶାସନିକ ରାଜଧାନୀ - ଦେବ କୋଟ) ଆକ୍ରମଣ କଲେ ଓ ସମଗ୍ର ବଙ୍ଗର ରାଜଧାନୀ ଲଖନାଉତିକୁ ଅବରୁଦ୍ଧ କଲେ। ବଙ୍ଗ ସାହାର୍ଯ୍ୟାର୍ଥେ ଅଯୋଧ୍ୟାରୁ ସୈନ୍ୟ ବାହିନୀ ଆସିବା ଖବର ଓ ବର୍ଷା ଆସିଯିବାରୁ ଓଡ଼ିଆ ସେନା ରାଢକୁ ଫେରି ଆସିଲେ।

ନରସିଂହ ଦେବଙ୍କ ଆକ୍ରମଣରେ ବଙ୍ଗବାହିନୀର ବହୁ ସୈନ୍ୟ ମୃତାହତ ହୋଇଥିଲେ। ଅମାପ ଧନସଂପତ୍ତି ଲୁଣ୍ଠିତ ହୋଇଥିଲା। ବଙ୍ଗରେ ଆତଙ୍କ ଖେଳି ଯାଇଥିଲା। କେନ୍ଦୁପାଟଣା ତାମ୍ର ଶାସନର ବର୍ଣ୍ଣନାନୁସାରେ ରାଢ ଓ ବରେନ୍ଦ୍ରର ଯବନୀ ମାନଙ୍କର କ୍ରନ୍ଦନରେ ଚକ୍ଷୁର କଜ୍ଜଳ ଧୋଇଯାଇ ଗଙ୍ଗାନଦୀର ସ୍ୱଚ୍ଛ ନିର୍ମଳ ଜଳକୁ, ଯମୁନା ନଦୀର ଜଳ ପରି କୃଷ୍ଣବର୍ଣ୍ଣରେ ପରିଣତ କରିଥିଲା। ରାଜକବି ବିଦ୍ୟାଧରଙ୍କ ଏକାବଳୀ କାବ୍ୟରେ ନରସିଂହ ଦେବଙ୍କୁ 'ଯବନାବନୀ ବଲ୍ଲଭ' (ଯବନ ରାଜ୍ୟର ସ୍ୱାମୀ) ବୋଲି ଅଭିହିତ କରାଯାଇଅଛି। ଉକ୍ତ ବର୍ଣ୍ଣନା ଅତିରଞ୍ଜିତ ହୋଇପାରେ, କିନ୍ତୁ ନରସିଂହ ଦେବଙ୍କ ବଙ୍ଗ

ଆକ୍ରମଣ ସେଠାରେ ବିପର୍ଯ୍ୟୟ ଓ ଆତଙ୍କ ସୃଷ୍ଟି କରିଥିଲା। ବଙ୍ଗରୁ ଆଣିଥିବା ଅମାପ ଧନରତ୍ନରେ କୋଣାର୍କ ମନ୍ଦିର ନିର୍ମାଣ ହୋଇଥିଲା। ଯେତେବେଳେ ଉତ୍ତର ଭାରତରେ ହିନ୍ଦୁ ରାଜାମାନେ ମୁସଲମାନ ଆକ୍ରମଣର ସମ୍ମୁଖୀନ ହୋଇ ସ୍ୱାଧିନତା ହରାଉଥିଲେ, ସେତେବେଳେ ନରସିଂହଦେବ ଭାରତର ପ୍ରଥମ ହିନ୍ଦୁରାଜା, ଯିଏ ମୁସଲମାନ ଶାସିତ ରାଜ୍ୟକୁ ଆକ୍ରମଣକରି ବିଜୟ ଲାଭ କରିଥିଲେ।

ପରବର୍ତ୍ତୀ ସମୟରେ ବଙ୍ଗର ଶାସକ ଇକ୍ତିଆର ଉଦ୍ଦିନ ୟୁଜବେକ ଓଡିଶା ଅଧିନରୁ ରାଢକୁ (ଦକ୍ଷିଣ ବଙ୍ଗ) ମୁକ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ୧୨୪୭ ମସିହାରୁ ୧୨୫୩ ମସିହା ମଧ୍ୟରେ ୩ଥର ଯୁଦ୍ଧ ହୋଇଥିଲା। ଓଡ଼ିଶା ସେନାବାହିନୀର ସେନାପତି ପରମାର୍ଦ୍ଦିଦେବଙ୍କ ହାତରେ ୟୁଜ୍‌ବେକ୍ ଶୋଚନୀୟ ଭାବେ ପରାଜିତ ହୋଇଥିଲେ। ନରସିଂହଦେବ ୟୁଜ୍‌ବେକ୍‌ଙ୍କର ଏକ ଧଳାହାତୀ ସହିତ ବହୁତ ଧନ ସଂପଦ ହାସଲ କରିଥିଲେ।

ବାରମ୍ବାର ପରାଜୟ ସତ୍ତ୍ୱେ ରାଢକୁ ଓଡିଶା କର୍ତ୍ତୃତ୍ୱରୁ ମୁକ୍ତ କରିବାକୁ ୟୁଜବେକ ଉଦ୍ୟମରୁ ବିରତ ହୋଇନଥିଲେ। ଦିଲ୍ଲୀ ସୁଲତାନଙ୍କଠାରୁ ସୈନ୍ୟ ସାହାଯ୍ୟ ଆଣି ପୁନର୍ବାର ଓଡିଶା ଆକ୍ରମଣ କଲେ। ବଙ୍ଗ ଓ ଦିଲ୍ଲୀର ମିଳିତ ବାହିନୀ ସହିତ ଯୁଦ୍ଧରେ ଓଡିଆ ସେନାପତି ପରମାର୍ଦ୍ଦିଦେବ ପରାଜିତ ଓ ନିହତ ହେଲେ। ଉତ୍ତରରେ ଓଡିଶାର ମୁଖ୍ୟ ସାମରିକ କେନ୍ଦ୍ର ଉମର୍ଦ୍ଦନ ଦୁର୍ଗର(ମୟୁରଭଞ୍ଜ ଜିଲ୍ଲାର ଅମର୍ଦ୍ଦା)ପତନ ହେଲା (୧୨୫୫)। ଦୀର୍ଘ ୧୨ ବର୍ଷପରେ (୧୨୪୩-୧୨୫୫) ଦିଲ୍ଲୀ ସୁଲତାନଙ୍କ ସାମରିକ ସାହାଯ୍ୟ ବଳରେ ଓଡିଶା କର୍ତ୍ତୃତ୍ୱରେ ଥିବା ରାଢ (ଦକ୍ଷିଣବଙ୍ଗ) ବଙ୍ଗଦ୍ୱାରା ପୁନଃ ଅଧିକୃତ ହୋଇଥିଲା। ନରସିଂହ ଦେବଙ୍କ ବଙ୍ଗଅଭିଯାନ ବଙ୍ଗର ଶାସକଙ୍କୁ ଭୟଭୀତ ଓ ଆତଙ୍କିତ କରିଥିଲା। ତାଙ୍କ ପରେ ପ୍ରାୟ ୧୦୦ ବର୍ଷ ପର୍ଯ୍ୟନ୍ତ ବଙ୍ଗଆଡୁ ଓଡିଶା ଉପରେ କୌଣସି ଉଲ୍ଲେଖନୀୟ ଆକ୍ରମଣ ହୋଇ ନଥିଲା। ରାଜ୍ୟ ନିରାପଦ ଥିଲା।

ଦକ୍ଷିଣ ଓଡିଶାର କିଛି ଅଞ୍ଚଳ (ପୂର୍ବଗୋଦାବରୀ ଜିଲ୍ଲା) କାକତୀୟ ରାଜା ଗଣପତି ଦଖଲ କରିନେଇଥିଲେ। ନରସିଂହଦେବ ଉକ୍ତ ଅଞ୍ଚଳକୁ ଉଦ୍ଧାର କରିଥିଲେ। ଚୋଡଗଙ୍ଗଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ତୃତୀୟ ଅନଙ୍ଗଭୀମଙ୍କ ଦ୍ୱାରା ବିସ୍ତାରିତ ବିଶାଳ ଗଙ୍ଗ ସାମ୍ରାଜ୍ୟକୁ ପ୍ରଥମ ନରସିଂହ ଦେବ ସୁଦୃଢ ଓ ସୁରକ୍ଷିତ କରିଥିଲେ।

ଯୁଦ୍ଧାଭିଯାନ ଓ ରାଜ୍ୟ ଶାସନରେ ସଂପୂର୍ଣ୍ଣ ବ୍ୟସ୍ତ ରହିବା ସତ୍ତ୍ୱେ ପ୍ରଥମ ନରସିଂହଦେବ କଳା, ସ୍ଥାପତ୍ୟ, ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଗୌରବମୟ କୀର୍ତ୍ତି ମାନ



ସୂର୍ଯ୍ୟ ମନ୍ଦିର, କୋଣାର୍କ

ସ୍ଥାପନ କରିଯାଇଛନ୍ତି । ଜଗନ୍ନାଥଙ୍କ ପ୍ରତି ଭକ୍ତି ଓ ଆନୁଗତ୍ୟ ପ୍ରକାଶକରି ସେ ନିଜକୁ ଜଗନ୍ନାଥଙ୍କର ପ୍ରତିନିଧି ବୋଲି ଘୋଷଣା କରିଥିଲେ । ତାଙ୍କର କାଳଜୟୀ ଅମର ସ୍ଥାପତ୍ୟକୀର୍ତ୍ତି ହେଉଛି ସୂକ୍ଷ୍ମ କାରୁକାର୍ଯ୍ୟ ବିମଣ୍ଡିତ କୋଣାର୍କର ସୂର୍ଯ୍ୟ ମନ୍ଦିର । ଏହା ମଧ୍ୟଯୁଗୀୟ ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନିତ ଓ 'ବ୍ଲାକ ପାଗୋଡା' ନାମରେ ବିଶ୍ୱ ବିଖ୍ୟାତ । ବାଲେଶ୍ୱରର ରେମୁଣାଠାରେ ଅବସ୍ଥିତ ଗୋପୀନାଥ ମନ୍ଦିର ତାଙ୍କଦ୍ୱାରା ନିର୍ମିତ । ନରସିଂହ ଦେବ ଜ୍ଞାନୀ, ଗୁଣୀ ପଣ୍ଡିତମାନଙ୍କୁ ରାଜ ପ୍ରୋତ୍ସାହନ ପ୍ରଦାନ କରିଥିଲେ । ତାଙ୍କର ରାଜକବି ବିଦ୍ୟାଧର ଏକାବଳୀ କାବ୍ୟ ଓ ବଙ୍ଗ ସଂହାର (ବଙ୍ଗ ସହିତ ତାଙ୍କର ଯୁଦ୍ଧ ବର୍ଣ୍ଣନା) ରଚନା କରିଥିଲେ ।

ଚୋଡଗଙ୍ଗଦେବଙ୍କ ପରେ ସେ 'ଗଜପତି' ଉପାଧି ଧାରଣ କରିଥିଲେ । ଓଡିଶା ଇତିହାସକୁ ମହାନ ଅବଦାନ ଦେଇଥିବା ଶାସକ ମାନଙ୍କ ମଧ୍ୟରେ ସେ ଅନ୍ୟତମ । ତାଙ୍କ ପାଇଁ ଓଡିଶା ଆଜି ବିଶ୍ୱ ଦରବାରରେ କଳା ସ୍ଥାପତ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରୀ ।



ଗୋପିନାଥ ମନ୍ଦିର, ରେମୁଣା

## ପ୍ରଥମ ନରସିଂହଦେବଙ୍କ ପରବର୍ତ୍ତୀ ଗଙ୍ଗ ସମ୍ରାଟ

ଗଙ୍ଗ ସମ୍ରାଟ ପ୍ରଥମ ନରସିଂହ ଦେବଙ୍କ ପରେ ପ୍ରଥମ ଭାନୁଦେବ (୧୨୬୪-୧୨୭୮), ଦ୍ୱିତୀୟ ନରସିଂହ ଦେବ (୧୨୭୮-୧୩୦୬), ଦ୍ୱିତୀୟ ଭାନୁଦେବ (୧୩୦୬-୧୩୨୮), ତୃତୀୟ ନରସିଂହ ଦେବ (୧୩୨୮-୧୩୫୨) ତୃତୀୟ ଭାନୁଦେବ (୧୩୫୨-୭୮), ଚତୁର୍ଥ ନରସିଂହ ଦେବ (୧୩୭୮-୧୪୧୪) ଚତୁର୍ଥ ଭାନୁଦେବ (୧୪୧୪-୧୪୩୫) ରାଜା ହୋଇଥିଲେ । ଗଙ୍ଗ ସାମ୍ରାଜ୍ୟ ସୁବିସ୍ତୃତ ଥିଲା ସୁସଂଗଠିତ ଥିଲା ଓ ସ୍ୱଚ୍ଛଳ ଥିଲା । ଆଭ୍ୟନ୍ତରୀଣ ଶାନ୍ତି ଥିଲା, ବୈଦେଶିକ ଆକ୍ରମଣ ଭୟ ନଥିଲା । କିନ୍ତୁ ସମୟକ୍ରମେ ଏହା ଦୁର୍ବଳ ହୋଇପଡ଼ିଲା ଓ ଧ୍ୱଂସ ହେଲା ।

**ପ୍ରଥମ ଭାନୁଦେବ**ଙ୍କ ସମୟରେ ଧାର୍ମିକଗୁରୁ ବୈଷ୍ଣବ ସାଧୁ **ନରହରି ତୀର୍ଥ,** (ଦ୍ୱୈତବାଦର ପ୍ରତିଷ୍ଠାତା ଆନନ୍ଦତୀର୍ଥଙ୍କ ଶିଷ୍ୟ) ଓଡ଼ିଶା ଆସି କୋଡ଼ିଏ ବର୍ଷ (୧୨୬୪-୧୨୯୩) ଅବସ୍ଥାନ କରିଥିଲେ । ଭାନୁଦେବ ତାଙ୍କ ଧାର୍ମିକ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ ଓ ତାଙ୍କୁ କଳିଙ୍ଗ ମଣ୍ଡଳର ମାଙ୍ଗଳିକ ରୂପେ ନିଯୁକ୍ତ କରିଥିଲେ । ରାଜନୀତି ଓ ପ୍ରଶାସନରେ ନରହରି ତୀର୍ଥ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିଲେ । ଭାନୁଦେବଙ୍କ ମୃତ୍ୟୁପରେ ନାବାଳକ ଦ୍ୱିତୀୟ ନରସିଂହଦେବଙ୍କର ଅଭିଭାବକ ରୂପେ ଦୀର୍ଘ ୧୨ ବର୍ଷ ଶାସନ କାର୍ଯ୍ୟ ପରିଚାଳନା କରିଥିଲେ । ତାଙ୍କ ଅଭିଭାବକତ୍ୱରେ ଶ୍ରୀକୁର୍ମନଠାରେ ଏକ ମନ୍ଦିର ନିର୍ମାଣ ହୋଇ ଶ୍ରୀରାମନାଥ, ସୀତା ପରମେଶ୍ୱରୀ ଓ ଲକ୍ଷ୍ମଣଦେବଙ୍କର ମୂର୍ତ୍ତୀ ପ୍ରତିଷ୍ଠା ହୋଇଥିଲା । ନରହରି ତୀର୍ଥଙ୍କ ପ୍ରଭାବରେ ଓଡ଼ିଶାରେ ମାଧବ ସମ୍ପ୍ରଦାୟ ବୈଷ୍ଣବଧର୍ମର ବିକାଶ ହୋଇଥିଲା ।

ପରବର୍ତ୍ତୀ ଗଙ୍ଗ ସମ୍ରାଟମାନଙ୍କ ରାଜତ୍ୱ କାଳରେ ଓଡ଼ିଶା ବିରୁଦ୍ଧରେ ମୁସଲମାନ ଅଭିଯାନ ଓ ପଡ଼ୋଶୀ ରାଜ୍ୟମାନଙ୍କର ଆକ୍ରମଣ ମୁଖ୍ୟ ଘଟଣା ଥିଲା । ଏହି ସବୁ ସାମରିକ ଅଭିଯାନ ଓ ଲୁଣ୍ଠନ ମୁଖ୍ୟତଃ ହାତୀ ନେବା ଉଦ୍ଦେଶ୍ୟରେ ହୋଇଥିଲା । ଓଡ଼ିଶା ଅଧିକାର ପାଇଁ ହୋଇନଥିଲା । **ଦ୍ୱିତୀୟ ଭାନୁଦେବ**ଙ୍କ ସମୟରେ ଦିଲ୍ଲୀ ସୁଲତାନ ଗିୟାସୁଦ୍ଦିନ୍ ତୋଗଲକଙ୍କ ପୁତ୍ର ମହମ୍ମଦ ଜୁନାଖାଁ / ଉଲୁ ଖାଁ (ପରେ ସୁଲତାନ ମହମ୍ମଦ ବିନ୍ ତୋଗଲକ) ଓଡ଼ିଶା ଆକ୍ରମଣ କରିଥିଲେ । ସେ ଦାକ୍ଷିଣାତ୍ୟ ଅଭିଯାନରେ ଆସି ୱାରାଙ୍ଗଲ୍ ଓ ତେଲିଙ୍ଗାନା ଅଧିକାର କରିବା ପରେ ଓଡ଼ିଶା ଅଭିମୁଖେ ଅଗ୍ରସର ହେଲେ । କୁହାଯାଏ ଭାନୁଦେବ ୱାରାଙ୍ଗଲ୍ର ରାଜା ପ୍ରତାପଦେବଙ୍କୁ ସାହାଯ୍ୟ କରିଥିବାରୁ ଉଲୁଖାଁ ଓଡ଼ିଶା ଅଭିଯାନରେ ଆସିଥିଲେ (୧୩୨୪)। ରାଜମହେନ୍ଦ୍ରୀଠାରେ ପହଞ୍ଚି ସେଠାରେ ଏକ

ମସ୍‌ଜିଦ୍ ନିର୍ମାଣ କରିଥିଲେ । ସେଠାରୁ ଆଗକୁ ଅଗ୍ରସର ହେବା ବାଟରେ ସେନାପତି ଶ୍ରୀରାମଙ୍କ ନେତୃତ୍ୱରେ ଓଡ଼ିଶା ସେନା ତାଙ୍କର ପ୍ରତିରୋଧ କଲେ ଓ ଆକ୍ରମଣକାରୀମାନେ ଫେରିଯିବାକୁ ବାଧ୍ୟ ହୋଇଥିଲେ । ଉଲ୍ଲୁଖାଁ ୪୦ଟି ହାତୀ ନେଇଯାଇଥିଲେ । ଓଡ଼ିଶା ଆକ୍ରମଣ କରିବା ଉଲ୍ଲୁଖାଁଙ୍କର ଯୋଜନା ନଥିଲା । ଏହା ଘଟଣାକ୍ରମେ ଘଟିଯାଇଥିଲା । ଓଡ଼ିଶା ରାଜନୀତିରେ ଏହା ଏକ ପ୍ରଭାବହୀନ ଘଟଣା ଥିଲା ।

ଏହାପରେ ୩୦ ବର୍ଷ ପର୍ଯ୍ୟନ୍ତ ଗଙ୍ଗ ସାମ୍ରାଜ୍ୟ ବିରୁଦ୍ଧରେ କୌଣସି ସାମରିକ ଅଭିଯାନ ହୋଇନଥିଲା । କିନ୍ତୁ ଭିତରେ ଭିତରେ ସାମ୍ରାଜ୍ୟ ଦୁର୍ବଳ ହେବାକୁ ଆରମ୍ଭ କରିଥିଲା । ଗଙ୍ଗ ସମ୍ରାଟମାନେ ବିଳାସପୂର୍ଣ୍ଣ ଜୀବନ ଯାପନ କଲେ । କୌଣସି ସାମରିକ ଅଭିଯାନ କରିନଥିଲେ । ବଙ୍ଗ ଓ ବିହାରରେ ମୁସଲମାନ ଶାସନ ଦୃଢ଼ ହେଉଥିଲା । ଦକ୍ଷିଣରେ ମଧ୍ୟ ସ୍ଥାନୀୟ ଶାସକମାନେ ଶକ୍ତିଶାଳୀ ହୋଇଉଠୁଥିଲେ । ଫଳରେ ଓଡ଼ିଶା ଉପରେ ବାହାରୁ ଆକ୍ରମଣ ଆରମ୍ଭ ହେଲା ।

**ତୃତୀୟ ଭାନୁଦେବ**ଙ୍କ ସମୟରେ (୧୩୫୨-୭୮) ବଙ୍ଗର ନବାବ ସାମସୁଦ୍ଦିନ ଇଲିଆସ୍ ଶାହା ଓଡ଼ିଶା ଅଭିଯାନରେ (୧୩୫୩) ଆସି ଯାଜପୁର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ବହୁ ଧନରତ୍ନ ଓ ୪୪ଟି ହାତୀ ନେଇ ଫେରିଯାଇଥିଲେ । ଲୁଣ୍ଠନ କରିବା ଉଦ୍ଦେଶ୍ୟନେଇ ସେ ଆସିଥିଲେ । କିନ୍ତୁ ଓଡ଼ିଶାର ପ୍ରତିରକ୍ଷା ବ୍ୟବସ୍ଥା ଦୁର୍ବଳବୋଲି ପ୍ରମାଣିତ କରିଦେଇଗଲେ । ଏହା ପରେ ପରେ ବିଜୟ ନଗର ରାଜ୍ୟର ରାଜକୁମାର ସଙ୍ଗମ ଦକ୍ଷିଣ ଓଡ଼ିଶା ଆକ୍ରମଣ କରି ଭାନୁଦେବଙ୍କୁ ପରାଜିତ କରିଥିଲେ । ଦକ୍ଷିଣ ଓଡ଼ିଶା ଉପରେ ଗଙ୍ଗମାନଙ୍କର ନିୟନ୍ତ୍ରଣ ଓ କର୍ତ୍ତୃତ୍ୱ ହ୍ରାସ ହୋଇଥିଲା ।

ଗଙ୍ଗ ସାମ୍ରାଜ୍ୟର ଦୁର୍ବଳତାର ସୁଯୋଗ ନେଇ ୧୩୬୧ ମସିହାରେ ସୁଲତାନ ଫିରୋଜଶାହା ତୋଗଲକ ଅତର୍କିତ ଓଡ଼ିଶା ଆକ୍ରମଣ କଲେ । ବଙ୍ଗ ଜୟକରି ଫେରିବାବେଳେ କୌଣସି ପୂର୍ବ ସୂଚନା ନଥାଇ ବିହାରରୁ ମୟୁରଭଞ୍ଜ-କେନ୍ଦୁଝର ମଧ୍ୟ ଦେଇ ଆସି କଟକ ଅଧିକାର କରିନେଲେ । ସବୁଠାରେ ମନ୍ଦିର, ଘରଦ୍ୱାର ଧ୍ୱଂସ କରିଥିଲେ । ଲୁଣ୍ଠନ ତ ସାଧାରଣ କଥା ଥିଲା । ଦୁର୍ବଳ ଭାନୁଦେବ ରାଜଧାନୀ ଛାଡ଼ି ଧବଳେଶ୍ୱର ଦ୍ୱୀପକୁ ପଳାଇଲେ । ସେଠାରୁ ସୁଲତାନଙ୍କୁ ୨୦ଟି ହାତୀ ଓ ପ୍ରତିବର୍ଷ କର ପ୍ରଦାନ କରିବାକୁ ପ୍ରସ୍ତାବ ଦେଲେ । ଫିରୋଜ ଶାହା ଏଥିରେ ସମ୍ମତ ହୋଇ ଫେରିଗଲେ । ଓଡ଼ିଶା ଅଧିକାର ତାଙ୍କର ଯୋଜନା ନଥିଲା । ଫିରୋଜ ଶାହାଙ୍କ ଅଭିଯାନ ଓଡ଼ିଶାର ପ୍ରଭୁତ କ୍ଷତି ସାଧନ କରିଥିଲା । ସେ ଧ୍ୱଂସର ଲୀଳା ସୃଷ୍ଟି କରିଥିଲେ । ଅନେକ

ପ୍ରାସାଦ ଓ ମନ୍ଦିର ଧ୍ୱଂସ କରିଥିଲେ । ଦୁର୍ବଳ ହୋଇପଡୁଥିବା ଗଙ୍ଗ ସାମ୍ରାଜ୍ୟକୁ ଅଧିକ ଶକ୍ତିହୀନ କରି ଦେଇଥିଲେ । ଏହାପରେ **ଚତୁର୍ଥ ନରସିଂହ ଦେବ**ଙ୍କ ସମୟରେ ବିହାରର ଜୌନପୁରର ଖ୍ୱାଜା-ଇ-ଜହାଁ ଲୁଣ୍ଠନ ଉଦ୍ଦେଶ୍ୟରେ ଓଡ଼ିଶା ଅଭିଯାନରେ ଆସି କେତୋଟି ହାତୀ ଓ ଧନରତ୍ନ ସହିତ ଫେରିଯାଇଥିଲେ । ପରେ ପରେ ରାଜମହେନ୍ଦ୍ରୀର ରେଡି ରାଜବଂଶ ଦୁଇଥର ଓଡ଼ିଶା ଆକ୍ରମଣକରି ସୀମାଚଳମ୍ ପର୍ଯ୍ୟନ୍ତ ଅଞ୍ଚଳ ଅଧିକାର କରିନେଲେ । ରାଜଧାନୀ କଟକ ଲୁଣ୍ଠିତ ହୋଇଥିଲା । ସେନାପତି କଟୟବେମ୍ "କଟକ-ଚୁରକାର" ପଦବୀରେ ଭୂଷିତ ହୋଇଥିଲେ । ଏହାପରେ ରେଡିମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ସୁଯୋଗରେ ୪ର୍ଥ ନରସିଂହଦେବ ଓଡ଼ିଶାର ହୃତ ଦକ୍ଷିଣାଞ୍ଚଳ ପୁନଃ ଉଦ୍ଧାର କରିବାରେ ସଫଳ ହୋଇଥିଲେ ।

ଗଙ୍ଗବଂଶର ଶେଷରାଜା **ଚତୁର୍ଥ ଭାନୁଦେବ**ଙ୍କ (୧୪୧୪-୩୫) ସମୟରେ ମାଳବର ହୁସାଙ୍ଗ ଶାହା ଅଶ୍ୱବେପାରୀ ଛଦ୍ମବେଶରେ ଓଡ଼ିଶାରେ ପ୍ରବେଶ କରି ଭାନୁଦେବଙ୍କୁ ବନ୍ଦୀ କରିନେଲେ । କେତେକ ଯୁଦ୍ଧହସ୍ତୀ ଓ ଧନରତ୍ନ ପ୍ରତିବଦଳରେ ରାଜାଙ୍କୁ ମୁକ୍ତ କରି ଫେରିଗଲେ । ସେ ଲୁଣ୍ଠନ ଉଦ୍ଦେଶ୍ୟରେ ଆସିଥିଲେ ଓ ସଫଳ ହୋଇ ଫେରିଯାଇଥିଲେ । ଏହି ସମୟରେ ଦକ୍ଷିଣରେ ରେଡି ରାଜ୍ୟରେ ଗୃହଯୁଦ୍ଧ ଚାଲିଥିଲା । ଏହାର ସୁଯୋଗ ନେଇ ଭାନୁଦେବ ରାଜମହେନ୍ଦ୍ରୀ ଅଭିଯାନରେ ଗଲେ । ବିଜୟ ନଗରର ରାଜା ରେଡିମାନଙ୍କୁ ସାହାଯ୍ୟ ପାଇଁ ସେନା ପଠାଇଲେ । ଭାନୁଦେବଙ୍କୁ ଉଭୟ ସେନା ସହିତ ଅନେକଥର ଯୁଦ୍ଧ କରିବାକୁ ପଡ଼ିଥିଲା । ସେ ଦକ୍ଷିଣ ଅଭିଯାନରେ ବ୍ୟସ୍ତଥିବା ସମୟରେ, ତାଙ୍କର ଜଣେ ମନ୍ତ୍ରୀ ତଥା ସେନାପତି କପିଳେଶ୍ୱର ରାଉତରାୟ ବିଦ୍ରୋହ କରି ନିଜକୁ ରାଜା ବୋଲି ଘୋଷଣା କଲେ । ଖବର ପାଇ ଫେରିବା ବାଟରେ ଭାନୁଦେବ କପିଳେନ୍ଦ୍ରଦେବଙ୍କ ଦ୍ୱାରା ପରାଜିତ ହେଲେ । ମୃତ୍ୟୁ ପର୍ଯ୍ୟନ୍ତ ଗୁଡ଼ାରୀ କଟକ (ପାରଳାଖେମୁଣ୍ଡି ନିକଟ) ଠାରେ ଅବସ୍ଥାନ କରିଥିଲେ । ଗଙ୍ଗବଂଶର ପତନ ହେଲା ।

**ଗଙ୍ଗ ରାଜତ୍ୱର ବିଶେଷତ୍ୱ :** ଓଡ଼ିଶା ଇତିହାସରେ ଗଙ୍ଗ ରାଜତ୍ୱ ଏକ ଗୌରବମୟ ଅଧ୍ୟାୟ ଥିଲା । ବହୁ ଶତାବ୍ଦୀ ପରେ (ଖାରବେଳଙ୍କ ପରେ) ଓଡ଼ିଶା ସାମ୍ରାଜ୍ୟ ପୁନର୍ବାର ଗଙ୍ଗାନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଚୋଡ଼ଗଙ୍ଗଦେବ ଉତ୍କଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ତୃତୀୟ ଅନଙ୍ଗ ଭୀମଦେବ ଏହାକୁ ବିସ୍ତାର କରିଥିଲେ । ପ୍ରଥମ ନରସିଂହଦେବ ସାମ୍ରାଜ୍ୟକୁ ସୁଦୃଢ଼, ଶକ୍ତିଶାଳୀ ଓ ସୁରକ୍ଷିତ କରିଥିଲେ । ଦେଶରେ ଶାନ୍ତିଥିଲା, ଶୃଙ୍ଖଳା ଥିଲା, ବୈଦେଶିକ ବିପଦ ପ୍ରତିହତ ହୋଇଥିଲା । ଦେଶରେ ସବୁ କ୍ଷେତ୍ରରେ ଉନ୍ନତି ସାଧିତ ହୋଇଥିଲା ।

ଗଙ୍ଗରାଜତ୍ୱ କାଳରେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟର ପ୍ରଭୂତ ବିକାଶ ସାଧିତ ହୋଇଥିଲା । ପୁରୀର ଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ପରି ବିଶାଳକାୟ କାରୁକାର୍ଯ୍ୟ ବିମଣ୍ଡିତ କାଳଜୟୀ ଅମ୍ଳାନ ସ୍ଥାପତ୍ୟ କୀର୍ତ୍ତି ଗଙ୍ଗମାନଙ୍କର ଅବଦାନ ଥିଲା । ଏହା ବ୍ୟତୀତ ରେମୁଣାର ଗୋପୀନାଥ ମନ୍ଦିର, କଟକର ପୁରୁଷୋତ୍ତମ ମନ୍ଦିର, ମହାନଦୀ କୂଳରେ ଚିତ୍ରେଶ୍ୱର ଓ ବିଶେଶ୍ୱର ମନ୍ଦିର, ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର, ମୁଖଲିଙ୍ଗମ୍ ଓ ସୀମାଚଳଠାରେ ବିଷ୍ଣୁମନ୍ଦିର ଓ ଅନ୍ୟ ଅନେକ ମନ୍ଦିର ଗଙ୍ଗଯୁଗରେ ନିର୍ମିତ ହୋଇଥିଲା ।

ଗଙ୍ଗ ରାଜତ୍ୱରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଦ୍ରୁତ ପ୍ରସାର ଓ ବିସ୍ତାର ହୋଇଥିଲା । ଜଗନ୍ନାଥ ରାଷ୍ଟ୍ରଦେବତା ରୂପେ ଅବସ୍ଥାପିତ ହୋଇଥିଲେ । ଜଗନ୍ନାଥ ମନ୍ଦିର ନିର୍ମାଣ ଓ ତାକୁ କେନ୍ଦ୍ର କରି ଓଡ଼ିଶାର ଏକ ସ୍ୱତନ୍ତ୍ର ସାଂସ୍କୃତିକ ସତ୍ତା, ଆଞ୍ଚଳିକ ଭାବଗତ ଏକତାର ସୃଷ୍ଟି ଓ ବିକାଶ ହୋଇଥିଲା । ଗଙ୍ଗରାଜତ୍ୱ ବୈଷ୍ଣବ ଧର୍ମର ସୁବର୍ଣ୍ଣଯୁଗ ଥିଲା । ପୁରୀ ବୈଷ୍ଣବଧର୍ମର ଏକ ପ୍ରଧାନ କ୍ଷେତ୍ରଥିଲା । ବୈଷ୍ଣବଧର୍ମ ବ୍ୟତୀତ ଶିବ, ଶକ୍ତି, ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା । ସବୁଧର୍ମର ଉନ୍ନତି ହୋଇଥିଲା । ଏହି ସମୟରୁ ଲିଙ୍ଗରାଜ ମନ୍ଦିରରେ ହରିହର (ବିଷ୍ଣୁ+ଶିବ) ପୂଜା ପରମ୍ପରା ଆରମ୍ଭ ହୋଇଥିଲା । ଚୋଡ଼ଗଙ୍ଗଦେବ ପରମ ମହେଶ୍ୱର ଓ ପରମ ବୈଷ୍ଣବ ଉପାଧି ଧାରଣ କରିଥିଲେ ।

ଏହି ସମୟରେ ସଂସ୍କୃତ ଓ ଓଡ଼ିଆ ଭାଷାର ଉଲ୍ଲେଖନୀୟ ବିକାଶ ହୋଇଥିଲା । ଓଡ଼ିଆଭାଷାର ପୂର୍ଣ୍ଣ ବିକାଶ ହୋଇଥିଲା ଓ ଓଡ଼ିଆ ଲିପି ନିର୍ଦ୍ଦିଷ୍ଟ ଆକାର ପାଇଥିଲା । ସଂସ୍କୃତ ସାହିତ୍ୟକୁ ଗଙ୍ଗଯୁଗର ଅବଦାନ ମହାନ ଥିଲା । ବିଦ୍ୟାଧରଙ୍କ "ଏକାବଳୀ" କାବ୍ୟ, ଜୟଦେବଙ୍କର "ଗୀତଗୋବିନ୍ଦ" ଶ୍ରୀଧର ଆଚାର୍ଯ୍ୟ ଓ ନୀଳାମ୍ବର ଆଚାର୍ଯ୍ୟଙ୍କ ସ୍ମୃତି ଶାସ୍ତ୍ର, ବିଶ୍ୱନାଥ କବିରାଜଙ୍କର ସାହିତ୍ୟ ଦର୍ପଣ, ସତ୍ୟାନନ୍ଦଙ୍କର ସୂର୍ଯ୍ୟସିଦ୍ଧାନ୍ତ ସଂସ୍କୃତ ଭାଷାରେ ରଚିତ ଗୋଟିଏ ଗୋଟିଏ ଅନବଦ୍ୟ କୃତି ଥିଲା । ଏହି ସମୟରେ ନୃତ୍ୟ ଓ ସଙ୍ଗୀତର ଉନ୍ନତି ହୋଇଥିଲା । ମନ୍ଦିରମାନଙ୍କରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ ପାଇଁ ଦେବଦାସୀ ନିଯୁକ୍ତ ହୋଇଥିଲେ । ଜଗନ୍ନାଥ ମନ୍ଦିରରେ ଗୀତଗୋବିନ୍ଦ ଗାନ କରାଯିବା ପରମ୍ପରା ଆରମ୍ଭ ହୋଇଥିଲା । ଗଙ୍ଗରାଜତ୍ୱ ସମୟରେ ମନ୍ଦିରମାନଙ୍କରେ ନାଟମଣ୍ଡପ (ଜଗନ୍ନାଥ, କୋଣାର୍କ...) ନିର୍ମିତ ହୋଇଥିଲା । ତୃତୀୟ ଅନଙ୍ଗ ଭୀମଦେବ ଲିଙ୍ଗରାଜ ମନ୍ଦିରରେ ନାଟମଣ୍ଡପ ନିର୍ମାଣ କରିଥିଲେ । ଓଡ଼ିଶାର ଇତିହାସ, ସଂସ୍କୃତି, ଯଶ, ଗୌରବକୁ ଗଙ୍ଗ ସାମ୍ରାଜ୍ୟର ମହାନ ଅବଦାନ ଥିଲା ।

●●●

# ସୂର୍ଯ୍ୟବଂଶ

ଗଜପତି କପିଳେନ୍ଦ୍ରଦେବ ବା କପିଳେଶ୍ୱରଦେବ ଗଙ୍ଗବଂଶର ପତନ ଘଟାଇ ଓଡିଶାରେ ସୂର୍ଯ୍ୟବଂଶ ନାମରେ ଏକ ନୂତନ ରାଜବଂଶ ପ୍ରତିଷ୍ଠା କରିଥିଲେ (୧୪୩୫ଖ୍ରୀ.)। ଏହି ବଂଶର ଶାସକଗଣ ନିଜକୁ ପୌରାଣିକ ପୁରୁଷ ସୂର୍ଯ୍ୟବଂଶୀ ରାମଚନ୍ଦ୍ରଙ୍କର ବଂଶଧର ବୋଲି ଦାବି କରୁଥିଲେ। ସେମାନେ 'ଗଜପତି'ରାଜକୀୟ ଉପାଧି ଧାରଣ କରିଥିବାରୁ ଉକ୍ତବଂଶକୁ ଗଜପତି ବଂଶ ବୋଲି ମଧ୍ୟ ଅଭିହିତ କରାଯାଏ। ଉଭୟ ବଂଶ ନାମକୁ ମିଶାଇ ଏହି ବଂଶକୁ 'ସୂର୍ଯ୍ୟବଂଶୀ ଗଜପତି' ବଂଶ ବୋଲି କୁହାଯାଏ।

ଉଲ୍ଲେଖନୀୟ, କେବଳ ଓଡିଶାର ରାଜାମାନଙ୍କର ଗଜପତି ଉପାଧି ଥିଲା। ଓଡିଶା ସେନାବାହିନୀ, ଏହାର ଗଜ ବା ହସ୍ତୀବାହିନୀ ପାଇଁ ପ୍ରସିଦ୍ଧ ଥିଲା । ପୂର୍ବରୁ ଚୋଡଗଙ୍ଗଦେବ ଓ ପ୍ରଥମ ନରସିଂହଦେବ ଗଜପତି ଉପାଧି ଧାରଣ କରିଥିଲେ । କିନ୍ତୁ ସୂର୍ଯ୍ୟବଂଶୀ ରାଜା ମାନଙ୍କ ସମୟରେ 'ଗଜପତି' ପଦବୀ ବା ଉପାଧି, ରାଜନୈତିକ, ସାମାଜିକ ତଥା ଧାର୍ମିକ ସ୍ୱୀକୃତି ଲାଭ କରିଥିଲା। ଗଜପତି ରାଜା, ଜଗନ୍ନାଥଙ୍କର ପ୍ରତିନିଧି, ପ୍ରଥମ ସେବକ, ଚଳନ୍ତି ପ୍ରତିମା ଭାବେ ସ୍ୱୀକୃତି ପାଇବା ସହିତ ସମଗ୍ର ଓଡିଶାର ରାଜା ଓ ଜଗନ୍ନାଥ ସଂସ୍କୃତି ବା ଓଡିଆ ସଂସ୍କୃତିର ମୁଖ୍ୟଭାବେ ଗ୍ରହଣୀୟ ଓ ସମ୍ମାନିତ ହେଲେ। ଏହି ପରମ୍ପରା ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଅଛି । ରାଜାଙ୍କର, ପ୍ରଶାସନିକ ଓ ଆଞ୍ଚଳିକ ଅଧିକାର ନଥିଲେ ମଧ୍ୟ ସେ ଓଡ଼ିଆମାନଙ୍କର ଭକ୍ତି ଓ ସମ୍ମାନର ଅପ୍ରତିଦ୍ୱନ୍ଦୀ ଅଧିକାରୀ ।

କପିଳେନ୍ଦ୍ରଦେବ ନିଜ ରାଜ୍ୟକୁ 'ଓଡ଼ିଶା' ରାଜ୍ୟ ନାମରେ ନାମିତ କରିଥିଲେ । ଖାରବେଳଙ୍କ ସାମ୍ରାଜ୍ୟ 'କଳିଙ୍ଗ' ସାମ୍ରାଜ୍ୟ ନାମରେ ଖ୍ୟାତଥିଲା । ଚୋଡଗଙ୍ଗଦେବ ତାଙ୍କ ସାମ୍ରାଜ୍ୟର ନାମ 'ଉତ୍କଳ' ରଖିଥିଲେ । କପିଳେନ୍ଦ୍ରଦେବଙ୍କ ସମୟରୁ ରାଜ୍ୟର ନାମ ଓଡ଼ିଶା ଓ ରାଜାଙ୍କ ଉପାଧି 'ଗଜପତି' ହେଲା । ଓଡ଼ିଶା ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା।

## ଓଡିଶାସମ୍ରାଟ-ଗଜପତି କପିଳେନ୍ଦ୍ରଦେବ (୧୪୩୫-୧୪୬୮)

ସୂର୍ଯ୍ୟବଂଶୀ ଗଜପତି ରାଜତ୍ୱର ପ୍ରତିଷ୍ଠାତା କପିଳେନ୍ଦ୍ରଦେବଙ୍କ ବାଲ୍ୟଜୀବନ ସମ୍ବନ୍ଧରେ ଅନେକ ରୋଚକ କାହାଣୀର ବର୍ଣ୍ଣନା ଅଛି। ମାଦଳା ପାଞ୍ଜିର ବର୍ଣ୍ଣନାନୁସାରେ କପିଳ (କପିଳ ରାଉତ) ଦରିଦ୍ର ଥିଲେ ଓ ବ୍ରାହ୍ମଣ ଘରେ ଗାଈ ଚରାଉଥିଲେ। ଥରେ ସେ ଖରାରେ ଶୋଇଥିବାବେଳେ ଏକ ନାଗସାପ ଫଣାରେ ତାଙ୍କ ମୁହଁକୁ ଛାଇ କରୁଥିଲା। ତାଙ୍କର ସାଙ୍ଗ କାଶିଆ (କାଶୀଦାସ) ଏହା ଦେଖି କପିଳ ରାଜଚକ୍ରବର୍ତ୍ତୀ ହେବ ବୋଲି କହିଥିଲା। କପିଳ ରାଜା ହେବାପରେ କାଶୀଦାସ ତାଙ୍କର ପୁରୋହିତ ବା ମନ୍ତ୍ରୀପଦରେ ନିଯୁକ୍ତ ହୋଇଥିଲେ। ପୁଣି କୁହାଯାଏ ଯେ କପିଳା ଓ କାଶିଆ ମିଶି ଚୋରୀ କରୁଥିଲେ। ଅନ୍ୟ ଏକ କାହାଣୀ ଅନୁସାରେ କପିଳ ଜଗନ୍ନାଥ ମନ୍ଦିର ନିକଟରେ ଭିକ ମାଗୁଥିଲେ। ଜଗନ୍ନାଥଙ୍କ ସ୍ୱପ୍ନାଦେଶ ପାଇ ରାଜା ଚତୁର୍ଥ ଭାନୁଦେବ ତାଙ୍କୁ ପୋଷ୍ୟପୁତ୍ର ରୁପେ ଗ୍ରହଣ କରିଥିଲେ। ପରେ ସେ ବିଶ୍ୱାସଘାତକତା କରି ସିଂହାସନ ଅଧିକାର କଲେ। ମାଦଳା ପାଞ୍ଜିରେ ବର୍ଣ୍ଣିତ ଏହି ଗଳ୍ପ ଗୁଡିକରେ ଐତିହାସିକ ସତ୍ୟତା ନାହିଁ।

କପିଳେନ୍ଦ୍ରଦେବଙ୍କର ପୂର୍ବପୁରୁଷ ଦକ୍ଷିଣରୁ ଆସିଥିଲେ ଓ ଗଙ୍ଗରାଜା ମାନଙ୍କ ଅଧିନରେ କାର୍ଯ୍ୟ କରୁଥିଲେ। ତାଙ୍କର ପିତାଙ୍କ ନାମ ଜାଗେଶ୍ୱର ନାୟକ ଓ ମାତାଙ୍କ ନାମ ବେଲ୍ଲମା ଥିଲା। କପିଳ ଓଡିଶା ସେନା ଓ ପ୍ରଶାସନରେ ଯୋଗ ଦେଇଥିଲେ। ନିଜର କାର୍ଯ୍ୟଦକ୍ଷତା ବଳରେ ତଳ ସ୍ତରରୁ ମନ୍ତ୍ରୀ ଓ ସେନାପତି ସ୍ତରକୁ ଉଠିପାରିଥିଲେ। ସେ ରାଉତ, ନାୟକ, ମହାପାତ୍ର ଓ ଭ୍ରମରବର ରାୟ ପଦବୀ ପାଇଥିଲେ। ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ମଧ୍ୟ ହାସଲ କରିଥିଲେ।

ଶେଷ ଗଙ୍ଗ ରାଜାମାନଙ୍କର ବିଳାସ, ଦୁର୍ବଳ ଶାସନ, ପଡୋଶୀ ରାଜ୍ୟମାନଙ୍କର ଆକ୍ରମଣ, ସାମନ୍ତମାନଙ୍କର ବିଦ୍ରୋହ ହେତୁ ଦେଶରେ ବିଶୃଙ୍ଖଳା ଓ ଅସ୍ଥିରତା ସୃଷ୍ଟି ହୋଇଥିଲା। ଏହି ସଂକଟରୁ ରାଜ୍ୟକୁ ରକ୍ଷାକରିବା ଉଦ୍ଦେଶ୍ୟରେ କପିଳେନ୍ଦ୍ରଦେବ ବିଦ୍ରୋହ କଲେ। ଗଙ୍ଗରାଜା ଚତୁର୍ଥ ଭାନୁଦେବ ଦକ୍ଷିଣରେ ଉପସ୍ଥିତ ଥିବାବେଳେ କପିଳେଶ୍ୱରଦେବ ନିଜକୁ ସମ୍ରାଟ ବୋଲି ଘୋଷଣା କଲେ। ତାଙ୍କ ପକ୍ଷରେ ଅନେକ ସାମନ୍ତ ଓ କର୍ମଚାରୀଙ୍କର ସମର୍ଥନ ଥିଲା। ଭାନୁଦେବ ରାଜଧାନୀକୁ ଫେରିବା ବାଟରେ କପିଳେନ୍ଦ୍ରଦେବଙ୍କ ଦ୍ୱାରା ପରାଜିତ ହେଲେ। ତାଙ୍କର ଶେଷ ଜୀବନ ଗୁଡାରୀ କଟକ (ପାରଳାଖେମୁଣ୍ଡି ନିକଟ) ଠାରେ କଟିଥିଲା।

**କପିଳେନ୍ଦ୍ରଦେବଙ୍କର ରାଜ୍ୟାଭିଷେକ ଉତ୍ସବ କୃତିବାସ କଟକ (ଭୁବନେଶ୍ୱର) ଠାରେ ଅନୁଷ୍ଠିତ ହୋଇଥିଲା (୧୪୩୫)। ସେହି ବର୍ଷଠାରୁ ଏକ ନୂତନ ଅବ୍ଦ- କପିଳାବ୍ଦ ପ୍ରଚଳନ ଆରମ୍ଭହେଲା। କପିଳେନ୍ଦ୍ରଦେବ ତାଙ୍କ ରାଜ୍ୟକୁ ଉତ୍କଳ ପରିବର୍ତ୍ତେ ଓଡ଼ିଶା ନାମରେ ନାମିତ କଲେ। ସେ ହେଉଛନ୍ତି ପ୍ରଥମ ଓଡ଼ିଶା ସମ୍ରାଟ।**

ସିଂହାସନ ଆରୋହଣ ପରେ ଦେଶକୁ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଓ ବୈଦେଶିକ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ କପିଳେନ୍ଦ୍ରଦେବ ଦୃଢ଼ ପଦକ୍ଷେପ ଗ୍ରହଣ କଲେ। ବିରୋଧୀ ସାମନ୍ତମାନଙ୍କୁ ପଦବୀରୁ ବହିଷ୍କୃତକରି ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଚେତାବନୀ ଦେଲେ। ଖିମଣ୍ଡି, ନନ୍ଦପୁର, ପଞ୍ଚଧାରା (ଭାଇଜାଗ) ଶାସକମାନଙ୍କର ବିଦ୍ରୋହକୁ ଦମନକରି ଦେଶ ଭିତରେ ନିଜର ସ୍ଥିତି ସୁଦୃଢ଼କଲେ।

ବଙ୍ଗର ମୁସଲମାନ ଶାସକ, ବିଜୟ ନଗର (କର୍ଣ୍ଣାଟ) ରାଜା, ରାଜମହେନ୍ଦ୍ରୀର ରେଡ୍ଡିବଂଶ, ବାହମନୀ ରାଜ୍ୟର ସୁଲତାନ ଓଡ଼ିଶା ପ୍ରତି ବିପଦଥିଲେ। ବଙ୍ଗଆଡୁ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏକ ବିଶାଳ ସୈନ୍ୟବାହିନୀ ବଙ୍ଗ ଅଭିଯାନରେ ପଠାଗଲା। ଏହାର ସେନାପତି ଥିଲେ ମନ୍ତ୍ରୀ ଗୋପୀନାଥ ମହାପାତ୍ର। ଓଡ଼ିଶା ବାହିନୀ ଦକ୍ଷିଣ ବଙ୍ଗର ବିସ୍ତୃତ ଅଞ୍ଚଳ ଅଧିକାର କଲେ। ମନ୍ଦାରନ ଦୁର୍ଗଠାରେ ଓଡ଼ିଶାର ଏକ ସାମରିକ ଘାଟି ପ୍ରତିଷ୍ଠିତ ହେଲା। ପୁନର୍ବାର ଗଙ୍ଗାନଦୀ ଓଡ଼ିଶା ସାମ୍ରାଜ୍ୟର ଉତ୍ତରସୀମା ହେଲା। କପିଳେନ୍ଦ୍ରଦେବ 'ଗୌଡ଼େଶ୍ୱର' ଉପାଧିରେ ଭୂଷିତ ହେଲେ।

ଗଙ୍ଗାଠାରୁ ଭାଇଜାଗ ପର୍ଯ୍ୟନ୍ତ ଅଞ୍ଚଳ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା କରିବା ପରେ କପିଳେନ୍ଦ୍ରଦେବ ରାଜମହେନ୍ଦ୍ରୀ ଆକ୍ରମଣ କଲେ। ରାଜମହେନ୍ଦ୍ରୀ ବିଜୟନଗର ସାମ୍ରାଜ୍ୟର ସାମନ୍ତରାଜ୍ୟ ଥିଲା ଓ ଏହାକୁ ସାହାଯ୍ୟ କରିବା ପାଇଁ ବିଜୟନଗରର ଏକ ସୈନ୍ୟ ବାହିନୀ ଆସିଲା। ମିଳିତ ସୈନ୍ୟବାହିନୀ ବିରୁଦ୍ଧରେ ଯୁଦ୍ଧ ଚାଲିଥିବାବେଳେ ଜୌନପୁରର (ବିହାର) ସୁଲତାନ ମାସୁଦ ଶାହ ଓଡ଼ିଶା ଆକ୍ରମଣ କଲେ। କପିଳେନ୍ଦ୍ରଦେବ ଫେରି ଆସିବାକୁ ବାଧହେଲେ (୧୪୪୪)। ମାସୁଦଙ୍କୁ ଦେଶରୁ ବହିଷ୍କାର କରିବା ପରେ ଦକ୍ଷ ଓ ଶକ୍ତିଶାଳୀ ଜ୍ୟେଷ୍ଠପୁତ୍ର ହମ୍ୱିରଦେବଙ୍କୁ ଦକ୍ଷିଣ ଅଭିଯାନର ଦାୟିତ୍ୱରେ ଅବସ୍ଥାପିତ କରାଗଲା। ହମ୍ୱିରଦେବ ରେଡ୍ଡି ମାନଙ୍କୁ ପରାଜିତ କରି ୧୪୪୮ ମସିହାରେ ରାଜମହେନ୍ଦ୍ରୀ ଅଧିକାର କଲେ। ରାଜମହେନ୍ଦ୍ରୀ ଅଧିକାରପରେ ବାରମ୍ବାର ବିଜୟନଗର ରାଜ୍ୟ (କର୍ଣ୍ଣାଟ- ରାଜଧାନୀ ହମ୍ପି) ଆକ୍ରମଣ କରି ୧୪୫୪ ମସିହାରେ କୋଣ୍ଡାଭିଡୁ ଓ ୧୪୬୦ ମସିହାରେ ଉଦୟଗିରି ରାଜ୍ୟ ଅଧିକାର କରିବାରେ ସଫଳ ହେଲେ। ତାଞ୍ଜୋର ଓ ଦକ୍ଷିଣ ଆର୍କଟ

ଜିଲ୍ଲା ମଧ୍ୟ ଓଡ଼ିଶାର ଅଧିନ ହୋଇଥିଲା। ଉଦୟଗିରି ଦୁର୍ଗରେ ଓଡ଼ିଶାର ସାମରିକ ଘାଟି ପ୍ରତିଷ୍ଠା ହେଲା। ୧୪୬୪ ମସିହା ବେଳକୁ ଚନ୍ଦ୍ରଗିରି ରାଜ୍ୟ ଅଧିକୃତ ହେଲା ଓ ଓଡ଼ିଶାର ସୀମା କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା। କପିଳେନ୍ଦ୍ର ଦେବଙ୍କ ରାଜ ପଦବୀରେ 'କର୍ଣ୍ଣାଟ' ଉପାଧି ଯୋଗ ହେଲା।

ଓଡିଶା ରାଜ୍ୟର ଦକ୍ଷିଣ ପଶ୍ଚିମ ଓ ବାହମନୀ ରାଜ୍ୟର ଦକ୍ଷିଣ ପୂର୍ବରେ ଅବସ୍ଥିତ ତେଲେଙ୍ଗାନା ରାଜ୍ୟ ବାହମନୀ ରାଜ୍ୟର ସାମନ୍ତରାଜ୍ୟ ଥିଲା। ତେଲେଙ୍ଗାନାର ହିନ୍ଦୁ ରାଜା (ରାଜା ଲିଙ୍ଗ) ସୁଲତାନଙ୍କ ବିରୁଦ୍ଧରେ ବିଦ୍ରୋହୀ ମାନଙ୍କୁ ସାହାଯ୍ୟ କରିଥିବା ଅଭିଯୋଗରେ ବାହମନୀ ସୈନ୍ୟବାହିନୀ ତେଲେଙ୍ଗାନା ଆକ୍ରମଣ କଲେ। ରାଜାଲିଙ୍ଗ ମୁକୁନ୍ଦ ଦେବଙ୍କର ସାହାଯ୍ୟ ଭିକ୍ଷାକଲେ। ହମ୍ଭିରଦେବଙ୍କ ଅଧିନରେ ଓଡିଶା ସୈନ୍ୟବାହିନୀ ଦେବରକୋଣ୍ଡା ଯୁଦ୍ଧରେ (୧୪୫୯) ବାହମନୀ ବାହିନୀକୁ ପରାଜିତ କଲେ। ତେଲେଙ୍ଗାନା ଓଡ଼ିଶାର ପ୍ରଭୁତ୍ୱ ସ୍ୱୀକାର କଲା। ୧୪୬୧ ମସିହାରେ ଓଡ଼ିଶା ଓ ତେଲେଙ୍ଗାନାର ମିଳିତ ସୈନ୍ୟବାହିନୀ ବାହମନୀ ରାଜ୍ୟ ଆକ୍ରମଣ କରି ରାଜଧାନୀ ଗୁଲବର୍ଗର ନିକଟତର ହୋଇଥିଲେ। କିନ୍ତୁ ଜୌନପୁରର ସାର୍କୀ ସୁଲତାନ ଓଡ଼ିଶା ଆକ୍ରମଣ କରିବାରୁ ଅଭିଯାନ ସ୍ଥଗିତ ରହିଲା। ସାର୍କୀ ମାନଙ୍କୁ ବିତାଡ଼ିତ କରିବାପରେ ମିଳିତ ବାହିନୀ ପୁନର୍ବାର ବାହମନୀ ରାଜ୍ୟ ଆକ୍ରମଣ କରି ବିଦାର, ମହୁର ଅଞ୍ଚଳ ଲୁଣ୍ଠନ କଲେ ଓ ବହୁ ଧନରତ୍ନ ଧରି ଫେରିଲେ। ବାହମନୀ ରାଜ୍ୟ ସହିତ ସଂଘର୍ଷରେ ସଫଳ ହୋଇ କପିଳେନ୍ଦ୍ରଦେବ 'କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ।

ଦକ୍ଷିଣରେ କ୍ଷମତା ପ୍ରତିଷ୍ଠା ପାଇଁ ବିଜୟ ନଗର, ବାହମନୀ ଓ ଓଡ଼ିଶା ମଧ୍ୟରେ ହୋଇଥିବା ପ୍ରତିଦ୍ୱନ୍ଦୀତାରେ କପିଳେନ୍ଦ୍ରଦେବ ହିଁ ବିଜୟୀ ହୋଇଥିଲେ। ଓଡ଼ିଶାର ଦକ୍ଷିଣ ସୀମା କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା। କପିଳେନ୍ଦ୍ରଦେବ **ବୀରଶ୍ରୀ ଗଜପତି ଗୌଡ଼େଶ୍ୱର** (ବଙ୍ଗର ଅଧିପତି) **ନବକୋଟି** (ନଅକୋଟି ପ୍ରଜାଙ୍କର/ନଅଗୋଟି ଦୁର୍ଗର ପ୍ରଭୁ) **କର୍ଣ୍ଣାଟ** (ବିଜୟ ନଗର ରାଜ୍ୟ) **କଳବର୍ଗେଶ୍ୱର** (ବାହମନୀରାଜ୍ୟର ରାଜଧାନୀ ଗୁଲବର୍ଗର ଅଧିପତି)**, ଉପାଧି ଗ୍ରହଣ କରିଥିଲେ।**

କପିଳେନ୍ଦ୍ରଦେବ ଓଡ଼ିଶାର ଏକ ସଂକଟପୂର୍ଣ୍ଣ ଘଡ଼ିସନ୍ଧି ସମୟରେ ଆବିର୍ଭାବ ହୋଇଥିଲେ। କ୍ରମକ୍ଷୟମାନ ଦୁର୍ବଳ ଗଙ୍ଗରାଜତ୍ୱ, ବୈଦେଶିକ ଆକ୍ରମଣ, ସମ୍ଭାବ୍ୟ ବିଭାଜନ ଓ ପତନରୁ ଓଡ଼ିଶା ରାଜ୍ୟକୁ ଉଦ୍ଧାର କରିଥିଲେ। ଓଡ଼ିଶା ରାଜ୍ୟକୁ ନୂତନ ଶକ୍ତି, କ୍ଷମତା ଓ ଯଶ ପ୍ରଦାନ କରିଥିଲେ। ଯୁଦ୍ଧ ଓ ଦିଗବିଜୟ ଦ୍ୱାରା ଏକ ବୃହତ ସାମ୍ରାଜ୍ୟ




ପ୍ରତିଷ୍ଠା କରିଥିଲେ। **ତାଙ୍କଦ୍ୱାରା ପ୍ରତିଷ୍ଠିତ ସାମ୍ରାଜ୍ୟ ଓଡ଼ିଶା ଇତିହାସରେ ସର୍ବବୃହତ ସାମ୍ରାଜ୍ୟ (ଗଙ୍ଗାଠାରୁ କାବେରୀ) ଥିଲା।**

କପିଳେନ୍ଦ୍ରଦେବ ଗୁଣଗ୍ରାହୀ, ଜ୍ଞାନୀ, କଳା ସଂସ୍କୃତି ପ୍ରେମୀ ସୁଶାସକ ଥିଲେ। ସେ ସଂସ୍କୃତ ଭାଷାରେ 'ପର୍ଶୁରାମ ବିଜୟ' ନାଟକ ରଚନା କରିଥିଲେ। ସେ ଜଣେ ଖାଣ୍ଟି ଓଡ଼ିଆ ଓ ଓଡ଼ିଶାପ୍ରେମୀ ଥିଲେ। ତାଙ୍କର ସବୁ ଅଭିଲେଖ ଓଡ଼ିଆ ଭାଷାରେ ଲେଖା ଯାଇଥିଲା। ତାଙ୍କ ରାଜତ୍ୱ ସମୟରେ ଓଡ଼ିଆ ସାହିତ୍ୟରେ ନବ ଜାଗରଣ ଆସିଥିଲା। ଶାରଳା ଦାସଙ୍କ ମହାଭାରତ ଏହି ସମୟରେ ରଚିତ ହୋଇଥିଲା। ଧର୍ମ ସଂସ୍କୃତିର ପୃଷ୍ଠ ପୋଷକତା କରିବା ସହିତ ସେ ନିଜକୁ ଜଗନ୍ନାଥଙ୍କର ସେବକ ବୋଲି ଅଭିହିତ କରିଥିଲେ ଓ ମନ୍ଦିର ପାଇଁ ବହୁ ଜମିଜମା ଖଞ୍ଜିଦେଇଥିଲେ। ଶ୍ରୀମନ୍ଦିରର ବାହାର ବେଢ଼ା ପ୍ରାଚୀର ନିର୍ମାଣ କରିଥିଲେ। ସେବକ ଓ ବ୍ରାହ୍ମଣ ମାନଙ୍କୁ ସାହାଯ୍ୟ ପ୍ରଦାନ କରୁଥିଲେ। କପିଳେଶ୍ୱରପୁର ଶାସନ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସେ କପିଳେଶ୍ୱର ମନ୍ଦିର ନିର୍ମାଣ କରିଥିଲେ।

କପିଳେନ୍ଦ୍ରଦେବଙ୍କ ରାଜତ୍ୱ ଓଡ଼ିଶା ଇତିହାସରେ ଏକ ଗୌରବୋଜ୍ଜ୍ୱଳ ସମୟ ଥିଲା। କଳିଙ୍ଗ ସମ୍ରାଟ ଖାରବେଳ, ଉତ୍କଳ ସମ୍ରାଟ ଚୋଡଗଙ୍ଗଦେବଙ୍କ ପରେ ଓଡ଼ିଶା ସମ୍ରାଟ କପିଳେନ୍ଦ୍ରଦେବଙ୍କ ରାଜତ୍ୱ କାଳ ଓଡିଶା ଇତିହାସର ଏକ ମହାନ ଅଧ୍ୟାୟ ଅଟେ।

## ଗଜପତି ପୁରୁଷୋତ୍ତମ ଦେବ (୧୪୬୮-୧୪୯୭)

ସୂର୍ଯ୍ୟବଂଶର ଦ୍ୱିତୀୟ ସମ୍ରାଟ ହେଉଛନ୍ତି ଗଜପତି ପୁରୁଷୋତ୍ତମ ଦେବ। ଓଡ଼ିଶା ସାମ୍ରାଜ୍ୟର ନିର୍ମାତା କପିଳେନ୍ଦ୍ର ଦେବଙ୍କର ୧୮ ଜଣ ପୁତ୍ରଙ୍କ ମଧ୍ୟରେ ସେ କନିଷ୍ଠ ଥିଲେ। ତାଙ୍କର ପିଲାବେଳର ନାମ ଥିଲା ମଙ୍ଗଳ ରାୟ। ତାଙ୍କର ମାତା ପାର୍ବତୀଦେବୀ କପିଳେନ୍ଦ୍ର ଦେବଙ୍କର ଫୁଲ ବିବାହୀ ପତ୍ନୀ ଥିଲେ। ପୁରୁଷୋତ୍ତମ ଦେବଙ୍କୁ "ଭୋଗିନୀ ନନ୍ଦନ" ଓ "ଦାସୀ ପୁତ୍ର" ବୋଲି ଉଲ୍ଲେଖ ଦେଖିବାକୁ ମିଳେ।

ପୁରୁଷୋତ୍ତମ ଦେବଙ୍କର ସିଂହାସନ ଆରୋହଣ ନିର୍ବିବାଦୀୟ ନଥିଲା। କପିଳେନ୍ଦ୍ର ଦେବଙ୍କର ସବୁ ପୁତ୍ରମାନଙ୍କ ମଧ୍ୟରେ ଜ୍ୟେଷ୍ଠ ପୁତ୍ର ହମ୍ୱୀର ଦେବ ସୁଯୋଗ୍ୟ, ଅଭିଜ୍ଞ ଓ ଦକ୍ଷ ଥିଲେ। କପିଳେନ୍ଦ୍ର ଦେବଙ୍କ ସମୟରେ ଦକ୍ଷିଣ ଅଭିଯାନର ଦାୟୀତ୍ୱ ବହନ କରିଥିଲେ। ଦକ୍ଷିଣରେ ଓଡ଼ିଶାର ସାମରିକ ସଫଳତା ଓ ରାଜ୍ୟ ବିସ୍ତାରର ମୁଖ୍ୟ କର୍ଣ୍ଣଧାର ଥିଲେ। ତାଙ୍କୁ ତାଙ୍କର ନ୍ୟାଯ୍ୟଦାବୀରୁ ବଞ୍ଚିତ କରି ପୁରୁଷୋତ୍ତମଦେବଙ୍କୁ ଉତ୍ତରାଧିକାରୀ ମନୋନୀତ କରାଯିବାରୁ ପରିବାରରେ ମନୋମାଳିନ୍ୟ ଦେଖା ଦେଇଥିଲା। ଏହାକୁ ପ୍ରଭୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ବୋଲି କହି, କପିଳେନ୍ଦ୍ର ଦେବ ପୁରୁଷୋତ୍ତମ ଦେବଙ୍କୁ ସାଥିରେ ନେଇ ଦକ୍ଷିଣକୁ ଗଲେ ଓ ଦୁଇ ଭାଇଙ୍କ ମଧ୍ୟରେ ବୁଝାମଣା କରାଇଲେ। ହମ୍ୱୀର ଦେବଙ୍କୁ ସାମ୍ରାଜ୍ୟର ଦକ୍ଷିଣାଞ୍ଚଳ ଦାୟୀତ୍ୱରେ ଅବସ୍ଥାପିତ କଲେ ଓ କୃଷ୍ଣାନଦୀ କୂଳରେ ପୁରୁଷୋତ୍ତମଦେବଙ୍କର ରାଜ୍ୟାଭିଷେକ ଅନୁଷ୍ଠିତ କରାଇଲେ (୧୪୬୮)। ସମସ୍ୟାର ସାମୟିକ ସମାଧାନ ହେଲା।

**ଗୃହଯୁଦ୍ଧ:** କପିଳେନ୍ଦ୍ର ଦେବ ଜୀବିତାବସ୍ଥାରେ ଦୁଇଭାଇଙ୍କ ମଧ୍ୟରେ ବୁଝାମଣା କରାଇଥିଲେ। କିନ୍ତୁ ତାହା ବେଶିଦିନ ତିଷ୍ଠି ନଥିଲା। ହମ୍ୱୀରଦେବ ପୂର୍ବପରି ପୁରୁଷୋତ୍ତମ ଦେବଙ୍କଠାରୁ ସୈନ୍ୟ ଓ ଅର୍ଥ ସାହାଯ୍ୟ ପାଇଲେନାହିଁ। ପୁରୁଷୋତ୍ତମ ଦେବ ହମ୍ୱୀର ଦେବଙ୍କର କ୍ଷମତା ବୃଦ୍ଧିହେବା ଚାହୁଁନଥିଲେ । ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ଅସନ୍ତୁଷ୍ଟ ହମ୍ୱୀର ଦେବ ପୁରୁଷୋତ୍ତମ ଦେବଙ୍କୁ ସନ୍ଦେହ କରି ବିଦ୍ରୋହ କରିବାକୁ ଯୋଜନା କଲେ। ବାହମନୀ ସୁଲତାନଙ୍କ ସହିତ ବୁଝାମଣା କରି ତାଙ୍କୁ ରାଜମହେନ୍ଦ୍ରୀ ଓ କୋଣ୍ଡାଭିଡୁ ଦୁର୍ଗ ପ୍ରଦାନକଲେ। ତାଙ୍କଠାରୁ ସୈନ୍ୟ ସାହାଯ୍ୟ ନେଇ ରାଜଧାନୀ ଅଭିମୁଖେ ଅଗ୍ରସର ହେଲେ। ଗୃହଯୁଦ୍ଧ ଆରମ୍ଭ ହେଲା। ଜୟ ପରାଜୟ ମଧ୍ୟରେ ୫ବର୍ଷ (୧୪୭୧-୧୪୭୬) ପର୍ଯ୍ୟନ୍ତ ସଂଘର୍ଷ ଚାଲିଲା। ଅବଶେଷରେ ହମ୍ୱୀର ଦେବ ପରାଜିତ ହେଲେ ଓ ଖିମିଡ଼ି (ପାରଳା ଖେମୁଣ୍ଡି) ଠାରେ ଜଣେ କରଦ ରାଜା ଭାବେ ଅବସ୍ଥାପିତ ହେଲେ।

**ଦକ୍ଷିଣ ଅଭିଯାନ:** ଗୃହଯୁଦ୍ଧ ସମୟରେ ଓଡ଼ିଶାରେ ରାଜନୈତିକ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏହାର ସୁଯୋଗ ନେଇ ବିଜୟନଗର ରାଜ୍ୟର(କର୍ଣ୍ଣାଟ) ସେନାପତି, କାଞ୍ଚିର ପ୍ରଶାସକ ଓ ରାଜ ପ୍ରତିନିଧି ଶାଲ୍ୱ ନରସିଂହ ମୁସଲିପଟ୍ଟମ ପର୍ଯ୍ୟନ୍ତ ଓଡ଼ିଶା ଅଞ୍ଚଳ ଅଧିକାର କରିନେଲେ। ପୂର୍ବରୁ ରାଜମହେନ୍ଦ୍ରୀ ଓ କୋଣ୍ଡାଭିଡ୍ଡୁ ଦୁର୍ଗ ବାହମନୀ ସୁଲତାନଙ୍କ ଅଧୀନକୁ ଚାଲିଯାଇଥିଲା। ଗୃହଯୁଦ୍ଧରେ ବିଜୟୀ ହେବାପରେ ପୁରୁଷୋତ୍ତମ ଦେବ, ଦକ୍ଷିଣରେ ହରାଇଥିବା ଅଞ୍ଚଳ ପୁନଃ ଅଧିକାର ପାଇଁ ଉଦ୍ୟମ କଲେ। ଓଡ଼ିଶା,ବିଜୟନଗର ଓ ବାହମନୀ ରାଜ୍ୟ ମଧ୍ୟରେ ତ୍ରିମୁଖୀ ସଙ୍ଘର୍ଷର ପୁନରାବୃତ୍ତି ହେଲା। ୧୪୭୬ ମସିହାରେ ପୁରୁଷୋତ୍ତମ ଦେବ ଦକ୍ଷିଣ ଅଭିଯାନରେ ଯାଇ **ରାଜମହେନ୍ଦ୍ରୀ ଓ କୋଣ୍ଡାଭିଡ୍ଡୁ** ଦଖଲ କଲେ। କୁହାଯାଏ, ଏହି ସମୟରେ ସେ ବିଜୟନଗର ସାମ୍ରାଜ୍ୟ ଅନ୍ତର୍ଗତ ଚନ୍ଦ୍ରଗିରି ରାଜ୍ୟର ପ୍ରଶାସନିକ କେନ୍ଦ୍ର କାଞ୍ଚି ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଚନ୍ଦ୍ରଗିରି ରାଜ୍ୟର ପ୍ରଶାସକ ଶାଲ୍ୱ ନରସିଂହ ତାଙ୍କୁ ଅନୁଧାବନକରି ରାଜମହେନ୍ଦ୍ରୀ ଆଡ଼କୁ ଅଗ୍ରସର ହେଲେ ଓ ଗୋଦାବରୀ ନଦୀକୂଳରେ ଶିବିର ପକାଇଲେ। ଏହି ଅଭିଯାନ ସମୟରେ ପୁରୁଷୋତ୍ତମ ଦେବ ରାଜମହେନ୍ଦ୍ରୀରୁ (ବିଦ୍ୟାନଗର) ସତ୍ୟବାଦୀରେ ସ୍ଥାପିତ ସାକ୍ଷୀଗୋପାଳ ମୂର୍ତ୍ତୀ ଓ ଶ୍ରୀମନ୍ଦିରରେ ସ୍ଥାପିତ ମାଣିକ୍ୟ ସିଂହାସନ (ରତ୍ନ ସିଂହାସନ) ଏବଂ କାଞ୍ଚିରୁ ଶ୍ରୀମନ୍ଦିରରେ ସ୍ଥାପିତ ଗଣେଶ ମୂର୍ତ୍ତୀ (କାଞ୍ଚିଗଣେଶ) ନେଇ ଆସିଥିଲେ।

ବାହମନୀ ସୁଲତାନ ପୁରୁଷୋତ୍ତମ ଦେବଙ୍କ ବିରୁଦ୍ଧରେ ଏକ ବିରାଟ ସୈନ୍ୟବାହିନୀ ପ୍ରେରଣ କଲେ। ସୁଲତାନଙ୍କ ସହିତ ଯୁଦ୍ଧରେ ପୁରୁଷୋତ୍ତମ ଦେବ ପରାଜିତ ହୋଇ ରାଜମହେନ୍ଦ୍ରୀ ଓ କୋଣ୍ଡାଭିଡ୍ଡୁ ପରିତ୍ୟାଗ କଲେ। ଶାଲ୍ୱ ନରସିଂହ ଗୋଦାବରୀ କୂଳରୁ ଫେରିଗଲେ। ପୁରୁଷୋତ୍ତମ ଦେବଙ୍କ ଦକ୍ଷିଣ ଅଭିଯାନର ପ୍ରାଥମିକ ସଫଳତା ସ୍ଥାୟୀ ହୋଇନଥିଲା। ଅଭିଯାନ ବିଫଳ ହୋଇଥିଲା।

ଘଟଣାକ୍ରମେ ବାହମନୀ ଓ ବିଜୟନଗର ରାଜ୍ୟ ମଧ୍ୟରେ ସଙ୍ଘର୍ଷ ଆରମ୍ଭ ହେଲା। ଓଡ଼ିଶା ସୈନ୍ୟବାହିନୀ ସହିତ ସଫଳ ମୁକାବିଲାପରେ ବାହମନୀ ସୁଲତାନ କାଞ୍ଚି ଆକ୍ରମଣ କରି ସହରକୁ ଲୁଣ୍ଠନ କଲେ। ଫେରିବା ବାଟରେ ବିଜୟନଗରର ସୈନ୍ୟବାହିନୀ ସୁଲତାନଙ୍କୁ କାଣ୍ଡୁକୁରୁଠାରେ ଅପ୍ରତ୍ୟାଶିତ ଆକ୍ରମଣ କରି ଶୋଚନୀୟଭାବେ ପରାଜିତ କଲେ (୧୪୮୧)। ତାପରେ ବାହମନୀରାଜ୍ୟ ଦୁର୍ବଳ ଓ ବିଭାଜିତ ହେବାକୁ ଆରମ୍ଭ କଲା। ଏହାର ସୁଯୋଗନେଇ ପୁରୁଷୋତ୍ତମଦେବ ପୁନର୍ବାର ଦକ୍ଷିଣ ଅଭିଯାନରେ ଯାଇ **ରାଜମହେନ୍ଦ୍ରୀ ଓ କୋଣ୍ଡାଭିଡ୍ଡୁ** ପୁନଃ ଦଖଲ କଲେ(୧୪୮୪)। ଏହାପରେ ବିଜୟନଗର ରାଜାଙ୍କ ଅଧୀନରୁ ଉଦୟଗିରି ରାଜ୍ୟକୁ ପୁନଃ ଦଖଲପାଇଁ ୧୪୮୯ ମସିହାରେ ଯୁଦ୍ଧ

ଅଭିଯାନ ଆରମ୍ଭ କଲେ। ପୁରୁଷୋତ୍ତମ ଦେବଙ୍କ ପ୍ରଥମ ଦକ୍ଷିଣ ଅଭିଯାନ ସମୟରେ (୧୪୭୬) ଚନ୍ଦ୍ରଗିରି ରାଜ୍ୟର ପ୍ରଶାସକ ଭାବେ କାଞ୍ଚିରେ ଅବସ୍ଥାପିତ ଶାଲ୍ୱ ନରସିଂହଦେବ ସେତେବେଳେ ବିଜୟନଗର ରାଜ୍ୟର ସମ୍ରାଟ ଥିଲେ। ଯୁଦ୍ଧରେ ଶାଲ୍ୱ ନରସିଂହ ପରାଜିତ ଓ ବନ୍ଦୀହେଲେ। ପୁରୁଷୋତ୍ତମଦେବଙ୍କୁ ଉଦୟନଗର ରାଜ୍ୟ ପ୍ରଦାନକରି ମୁକ୍ତହେଲେ। ଏହି ସାମରିକ ଅଭିଯାନ ଓ ବିଜୟ ପୁରୁଷୋତ୍ତମଦେବଙ୍କର ଶେଷ ସାମରିକ କୃତିତ୍ୱ ଥିଲା। ରାଜତ୍ୱର ଅବଶିଷ୍ଟ କାଳ ଶାନ୍ତିରେ ଅତିବାହିତ କରି ୧୪୯୭ ମସିହାରେ ସେ ମୃତ୍ୟୁବରଣ କରିଥିଲେ।

**ପଦ୍ମାବତୀ ଉପାଖ୍ୟାନ:** ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଓ କାଞ୍ଚି ରାଜକନ୍ୟା ପଦ୍ମାବତୀଙ୍କ ସହିତ ତାଙ୍କର ବିବାହକୁ କେନ୍ଦ୍ରକରି ଏକ ଉପାଖ୍ୟାନ ମାଦଳା ପାଞ୍ଜି, କାଞ୍ଚିକାବେରୀ ନାଟକ, କଟକ ରାଜବଂଶାବଳୀ ଓ ବେଢା ପରିକ୍ରମା ଗ୍ରନ୍ଥ ମାନଙ୍କରେ ବର୍ଣ୍ଣିତ ଅଛି। ଗଳ୍ପଟି ହେଲା, କାଞ୍ଚି ରାଜଜେମାଙ୍କୁ ବିବାହ କରିବାକୁ ଗଜପତି ପୁରୁଷୋତ୍ତମଦେବଙ୍କ ପ୍ରସ୍ତାବକୁ କାଞ୍ଚିରାଜା ଗ୍ରହଣ କରିନଥିଲେ। ପ୍ରତ୍ୟାଖାନର କାରଣ ହେଲା, ଗଜପତି ରଥଯାତ୍ରା ସମୟରେ ରଥ ଓଳାଇବା ବା ଛେରା ପହଁରା କରନ୍ତି। ଏହା ଚଣ୍ଡାଳର କାର୍ଯ୍ୟ। ଜଣେ ଚଣ୍ଡାଳରାଜା ହାତରେ ନିଜ କନ୍ୟାଙ୍କୁ ଅର୍ପଣ କରିବା ଅସମ୍ମାନଜନକ। ପୁରୁଷୋତ୍ତମଦେବ ଏହି ଅପମାନର ପ୍ରତିଶୋଧ ନେବା ପାଇଁ କାଞ୍ଚି ଆକ୍ରମଣ କଲେ ଓ ପରାଜିତ ହେଲେ। ପରେ ପ୍ରଭୁ ଜଗନ୍ନାଥଙ୍କ ଆର୍ଶୀବାଦ ଲାଭକରି ଦ୍ୱିତୀୟବାର କାଞ୍ଚି ଅଭିଯାନରେ ଗଲେ। ଏହି ଅଭିଯାନରେ ସାହାଯ୍ୟ କରିବାକୁ ଜଗନ୍ନାଥ ଓ ବଳଭଦ୍ର ଧଳାଘୋଡ଼ା ଓ କଳାଘୋଡ଼ାରେ ବସି ଆଗେ ଆଗେ ଯାଇଥିଲେ। ଏହା ସହିତ ବାଟରେ ମାଣିକ ଗଉଡୁଣୀ ଠାରୁ ଦହିଖାଇ ରତ୍ନମୁଦି ଦେବା ଉପାଖ୍ୟାନ ସଂଯୁକ୍ତ। ଏହି ଯୁଦ୍ଧରେ ପୁରୁଷୋତ୍ତମଦେବ ବିଜୟୀ ହୋଇ ରାଜଜେମା ପଦ୍ମାବତୀଙ୍କୁ ବନ୍ଦୀକରି ଆଣିଲେ। ଚଣ୍ଡାଳ ବୋଲି ପାଇଥିବା ଅପମାନର ପ୍ରତ୍ୟୁତ୍ତରରେ ପଦ୍ମାବତୀଙ୍କୁ ଜଣେ ଚଣ୍ଡାଳ ସହିତ ବିବାହ ଦେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ। ଚତୁର ମନ୍ତ୍ରୀ ଆସନ୍ତା ରଥଯାତ୍ରା ପର୍ଯ୍ୟନ୍ତ ଅପେକ୍ଷା କଲେ ଓ ପୁରୁଷୋତ୍ତମଦେବ ରଥରେ ଛେରା ପହଁରା କରୁଥିବା ସମୟରେ, ତାଙ୍କୁ ସବିନୟେ ଶ୍ରେଷ୍ଠ ଚଣ୍ଡାଳ ବୋଲି ଅଭିହିତ କରି ପଦ୍ମାବତୀଙ୍କୁ ପତ୍ନୀରୁପେ ଗ୍ରହଣ କରିବାକୁ ଅନୁରୋଧ କଲେ। ପୁରୁଷୋତ୍ତମଦେବ ପଦ୍ମାବତୀଙ୍କୁ ବିବାହ କଲେ।

ପୁରୁଷୋତ୍ତମଦେବଙ୍କ କାଞ୍ଚି ଅଭିଯାନ ଓ ପଦ୍ମାବତୀ ଉପାଖ୍ୟାନକୁ କପୋଳକଳ୍ପିତ ଓ ଏକ ଐତିହାସିକ ଘଟଣା ନୁହେଁ ବୋଲି କେତେକ ମତ ଦିଅନ୍ତି। ସେମାନଙ୍କ ମତରେ

ପୁରୁଷୋତ୍ତମ ଦେବଙ୍କର ପଦ୍ମାବତୀ ନାମରେ କୌଣସି ରାଣୀ ନଥିଲେ; ଶାଲ୍ୱ ନରସିଂହଙ୍କୁ କାଞ୍ଚିର ରାଜା ବୋଲି ବର୍ଣ୍ଣନା ଭ୍ରମାତ୍ମକ ଓ ବିଜୟନଗର ସାମ୍ରାଜ୍ୟର ଇତିହାସରେ ଏହି ଘଟଣାର ଉଲ୍ଲେଖ ନାହିଁ। ଅନ୍ୟମତରେ ଏହି ଘଟଣା ଐତିହାସିକ ସତ୍ୟ ଉପରେ ଆଧାରିତ। ପୁରୁଷୋତ୍ତମ ଦେବଙ୍କର ପାଟରାଣୀଙ୍କ ନାମଥିଲା ରୁପାମ୍ବିକା। ସେ ଶାଲ୍ୱ ନରସିଂହଙ୍କ କନ୍ୟାଥିଲେ। ତାଙ୍କର ପିତୃଦତ୍ତ କିମ୍ବା ପୁରୁଷୋତ୍ତମଦେବଙ୍କ ପ୍ରଦତ୍ତ ନାମ ପଦ୍ମାବତୀ ଥିଲା। ଶାଲ୍ୱ ନରସିଂହ ପୁରୁଷୋତ୍ତମଦେବଙ୍କ ଦକ୍ଷିଣ ଅଭିଯାନ (୧୪୭୬) ସମୟରେ ଚନ୍ଦ୍ରଗିରି ରାଜ୍ୟର ପ୍ରଶାସକ ଓ ରାଜ ପ୍ରତିନିଧି ଥିଲେ। କାଞ୍ଚି ତାଙ୍କର ପ୍ରଶାସନିକ ମୁଖ୍ୟ ଦପ୍ତର ଥିଲା। ପୁରୁଷୋତ୍ତମଦେବ ରାଜମହେନ୍ଦ୍ରୀ ଦଖଲପରେ ଅତର୍କିତ ଭାବେ କାଞ୍ଚି ଆକ୍ରମଣ କରି ପଦ୍ମାବତୀଙ୍କୁ ବନ୍ଦୀକରି ଆଣିଥିଲେ। ଶାଲ୍ୱ ନରସିଂହ ତାଙ୍କୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ଅନୁଧାବନ କରିଥିଲେ। ଗୋଦାବରୀ ନଦୀର ଅପର ପାର୍ଶ୍ୱରେ ପୁରୁଷୋତ୍ତମଦେବ ବାହମନୀ ସୁଲତାନଙ୍କ ଦ୍ୱାରା ପରାଜିତ ହେବା ଖବର ପାଇ ସେ ଫେରି ଯାଇଥିଲେ। ପରେ ଶାଲ୍ୱ ନରସିଂହ ବିଜୟନଗର ରାଜ୍ୟର ସମ୍ରାଟ ହୋଇଥିଲେ। ୧୪୮୯ ମସିହାରେ ପୁରୁଷୋତ୍ତମଦେବ ବିଜୟନଗର ରାଜ୍ୟ ଆକ୍ରମଣ କରି ଶାଲ୍ୱ ନରସିଂହଙ୍କୁ ପରାସ୍ତ ଓ ବନ୍ଦୀ କରିଥିଲେ। ଏକଦା କାଞ୍ଚିର ପ୍ରଶାସକ ଓ ପରେ ବିଜୟ ନଗରର ସମ୍ରାଟ ଶାଲ୍ୱ ନରସିଂହ ଏକ ଓ ଅଭିନ୍ନ ବ୍ୟକ୍ତିଥିଲେ। ତାଙ୍କୁ କାଞ୍ଚିରାଜା ବୋଲି ବର୍ଣ୍ଣନା କାରଣରୁ ଘଟଣାଟିକୁ ଅସତ୍ୟ କୁହାଯାଇନପାରେ। ଉକ୍ତ ଘଟନା ବିଜୟନଗର ରାଜ୍ୟର ଇତିହାସରେ ଉଲ୍ଲେଖ ନାହିଁ ବୋଲି ଘଟନାଟିକୁ କପୋଳକଳ୍ପିତ କହିବା ମଧ୍ୟ ଉଚିତ ହେବନାହିଁ। କାରଣ ଉକ୍ତ ଘଟନା ବିଜୟନଗର ପାଇଁ ଅସମ୍ମାନଜନକ ହୋଇଥିବାରୁ ରାଜ୍ୟ ଇତିହାସରେ ଉଲ୍ଲେଖ ନହେବା ସାଧାରଣ କଥା। ମିଳୁଥିବା ସୂଚନା ଓ ବର୍ଣ୍ଣନା ଗୁଡ଼ିକର ଅନୁଧ୍ୟାନ ଓ ସଂଯୋଜନା କଲେ, ଏହି ଉପାଖ୍ୟାନ (କାଞ୍ଚି-ପଦ୍ମାବତୀ) ସତ୍ୟ ଘଟଣା ବୋଲି ପ୍ରତୀତ ହୁଏ।

ଗଜପତି ପୁରୁଷୋତ୍ତମଦେବ ଜଣେ ଦକ୍ଷ ଓ ସଫଳ ଶାସକଥିଲେ। ଓଡ଼ିଶା ହରାଇଥିବା ଅଞ୍ଚଳ ପୁନଃ ଅଧିକାର କରିଥିଲେ। ସେ ବିଦ୍ୱାନ, ଉଦାର ଓ ଧାର୍ମିକଥିଲେ। ସଂସ୍କୃତ ଭାଷାରେ "ଅଭିନବ ଗୀତ ଗୋବିନ୍ଦ", "ନାମମାଳିକା", "ହାରାବଳୀ" ଓ "ତ୍ରୀକାଣ୍ଡ ଶେଷମ୍" ରଚନା କରିଥିଲେ। କବି ଓ ଲେଖକମାନଙ୍କୁ ସମ୍ମାନ ଓ ସାହାଯ୍ୟ ପ୍ରଦାନ କରୁଥିଲେ। ସାହିତ୍ୟ ଦର୍ପଣର ରଚୟିତା ବିଶ୍ୱନାଥ ମହାପାତ୍ରଙ୍କ ସହିତ ଅନେକ ପଣ୍ଡିତ ଓ ଜ୍ଞାନୀଗୁଣୀ ତାଙ୍କ ଦରବାରର ଶୋଭାବର୍ଦ୍ଧନ କରିଥିଲେ। ସେ ଗଞ୍ଜାମର ପୁରୁଷୋତ୍ତମପୁରଠାରେ ସୁନ୍ଦର ମାଧବ ମନ୍ଦିର ନିର୍ମାଣ କରିଥିଲେ। ତାଙ୍କର ରାଜତ୍ୱ ଓଡ଼ିଶା ଇତିହାସରେ ଏକ ସଫଳ ଓ ଗୌରବମୟ ଅଧ୍ୟାୟ ଥିଲା।

## ଗଜପତି ପ୍ରତାପରୁଦ୍ର ଦେବ (୧୪୯୭-୧୫୩୮)

ଗଜପତି ପୁରୁଷୋତ୍ତମ ଦେବଙ୍କ ପରେ ପ୍ରତାପରୁଦ୍ର ଦେବ ୧୪୯୭ ମସିହାରେ ଗଜପତି ସିଂହାସନ ଆରୋହଣ କଲେ। ସେ ସମୟରେ ଦେଶରେ ଶାନ୍ତି ଓ ଶୃଙ୍ଖଳାଥିଲା। ବୈଦେଶିକ ବିପଦ ନଥିଲା। ତାଙ୍କ ରାଜତ୍ୱର ପ୍ରଥମ ପନ୍ଦରବର୍ଷ ସୁରୁଖୁରୁରେ ବିତିଥିଲା। ତାପରେ ପରିସ୍ଥିତିରେ ପରିବର୍ତ୍ତନ ହେଲା। କୃଷ୍ଣଦେବ ରାୟଙ୍କ ନେତୃତ୍ୱରେ ବିଜୟନଗର ରାଜ୍ୟର ଶକ୍ତିବୃଦ୍ଧି, କୁଲ୍ଲି କୁତବଶାହାଙ୍କ ଅଧିନରେ ସ୍ୱତନ୍ତ୍ର ଗୋଲକୋଣ୍ଡା ରାଜ୍ୟର ଅଭ୍ୟୁଦୟ ଓ ବଙ୍ଗର ଆଲ୍ଲାଉଦ୍ଦିନ ହୁସେନଶାହାଙ୍କ ଲୁଣ୍ଠନ ଅଭିଯାନ, ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିଥିଲା। ସେତିକିବେଳକୁ ଦେଶ ଭିତରେ ପ୍ରଶାସନରେ ସ୍ୱାର୍ଥପରତା ଓ ବିଶ୍ୱାସହୀନତା ଦେଖାଦେଇଥିଲା। ୧୫୦୬-୦୭ ମସିହାର ଦାରୁଣ ଦୁର୍ଭିକ୍ଷ ସାମ୍ରାଜ୍ୟର ଲୋକବଳ ଓ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଥିଲା। ଓଡ଼ିଶା ଆକାଶରେ ସବୁଦିଗରୁ ବିପଦର କଳାମେଘ ଘୋଟି ଆସିଲା। ପ୍ରତାପରୁଦ୍ର ଦେବ ଦକ୍ଷତାର ସହିତ ସଂକଟର ଦୃଢ଼ ମୁକାବିଲା କରିଥିଲେ, ମାତ୍ର ପରିସ୍ଥିତି ତାଙ୍କ ପ୍ରତି ଅନୁକୂଳ ନଥିଲା।

ପ୍ରାକୃତିକ ଦୁର୍ଭିକ୍ଷର ବିପର୍ଯ୍ୟୟରୁ ମୁକୁଳିବା ପରେ ୧୫୦୯ ମସିହାରେ ପ୍ରତାପରୁଦ୍ର ଦେବ ଦକ୍ଷିଣ ଅଭିଯାନରେ  ଗଲେ। ଦକ୍ଷିଣରେ ଯୁଦ୍ଧ କରୁଥିବା ବେଳେ ବଙ୍ଗର ଶାସକ ଆଲ୍ଲାଉଦ୍ଦିନ ହୁସେନ୍ ଶାହା ଓଡ଼ିଶା ଅଭିଯାନରେ ଆସି କଟକ ନିକଟରେ ପହଞ୍ଚିଗଲେ। ଏହା ରାଜାଙ୍କ ଅବର୍ତ୍ତମାନରେ ଦେଶର ଆଭ୍ୟନ୍ତରୀଣ ଦୁର୍ବଳତାର ପ୍ରମାଣ ଥିଲା। ଦକ୍ଷିଣ ଅଭିଯାନ ସ୍ଥଗିତ ରଖି ପ୍ରତାପରୁଦ୍ର ଦେବ ବାଧହୋଇ ଫେରି ଆସିଲେ। ହୁସେନ ଶାହାଙ୍କୁ ଓଡ଼ିଶା ଅଞ୍ଚଳରୁ ବିତାଡ଼ିତ କରି ମନ୍ଦାରନ ଦୁର୍ଗରେ ଅବରୁଦ୍ଧ କଲେ।

ଏହି ସମୟରେ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର (ପରେ ଭୋଇବଂଶର ପ୍ରତିଷ୍ଠାତା) ବିଶ୍ୱାସଘାତକତା କରି ଶତ୍ରୁ ସହିତ ଯୋଗାଯୋଗ କରିବାରୁ ପ୍ରତାପରୁଦ୍ର ଦେବ ଅବରୋଧ ଅପସାରଣ କରି ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ। ଗୋବିନ୍ଦ ବିଦ୍ୟାଧର ବହିଷ୍କୃତ ହେଲେ। ପରେ କ୍ଷମା ପ୍ରାର୍ଥନା କରି ପୁନଃ ଅବସ୍ଥାପିତ ହୋଇଥିଲେ। ଏହିଠାରେ ବିଶ୍ୱାସଘାତକତାର ଯେଉଁ ମଞ୍ଜି ପୋତାହୋଇଥିଲା, ଭବିଷ୍ୟତରେ ତାହା ମହାଦ୍ରୁମରେ ପରିଣତ ହୋଇ ଓଡ଼ିଶା ସାମ୍ରାଜ୍ୟର ଶକ୍ତିକ୍ଷୟ ଓ ପତନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।

ବଙ୍ଗଳାର ହୁସେନ ଶାହା ଓ ଜୌନପୁରର (ବିହାର) ହୁସାଙ୍ଗ ଶାହା ଓଡ଼ିଶା ଆକ୍ରମଣ ଓ ଲୁଣ୍ଠନ ପାଇଁ ଉଦ୍ୟତ ଥିଲେ। କିନ୍ତୁ ଦିଲ୍ଲୀ ସୁଲତାନଙ୍କ ସହିତ ସେମାନଙ୍କର ସଙ୍ଘର୍ଷ ହେତୁ ଓଡ଼ିଶା ସେ ଦିଗରୁ ନିରାପଦ ହୋଇଥିଲା। ସୁଲତାନଙ୍କ ଦ୍ୱାରା ପରାଜିତ ହେବାପରେ

ସେମାନଙ୍କୁ ପ୍ରତାପରୁଦ୍ର ଦେବ ସାହାଯ୍ୟ ଓ ଆଶ୍ରୟ ଦେଇଥିଲେ। ଏଥିପାଇଁ ସେ "ଯମୁନାପୁରାଧିଶ୍ୱର ଗଜପତି ହୁସେନ ଶାହା ସୁରତନ୍ତ୍ର ଶରଣ ରକ୍ଷଣ" ପଦବୀରେ ଭୁଷିତ ହୋଇଥିଲେ।

ଦକ୍ଷିଣରେ କୃଷ୍ଣଦେବ ରାୟଙ୍କ ନେତୃତ୍ୱରେ ବିଜୟ ନଗର ରାଜ୍ୟ, ଏକ ଶକ୍ତିଶାଳୀ ରାଜ୍ୟ ଭାବରେ ଉତ୍ଥିତ ହେବା, ଓଡ଼ିଶା ଓ ପ୍ରତାପରୁଦ୍ରଦେବଙ୍କ ପାଇଁ ମହା ବିପତ୍ତି ଥିଲା। କପିଳେନ୍ଦ୍ରଦେବ ବିଜୟନଗର ସାମ୍ରାଜ୍ୟର ଉଦୟଗିରି ଓ କୋଣ୍ଡାଭିଡୁ ରାଜ୍ୟ ଅଧିକାରକରି ଓଡ଼ିଶା ସହିତ ମିଶାଇ ଦେଇଥିଲେ। ଉକ୍ତ ଅଞ୍ଚଳର ପୁନରୁଦ୍ଧାର ପାଇଁ ବିଜୟନଗର ସାମ୍ରାଜ୍ୟର ନିରବଚ୍ଛିନ୍ନ ଉଦ୍ୟମ, ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘ ସଘଂର୍ଷର ସୁତ୍ରପାତ କରିଥିଲା। କୃଷ୍ଣଦେବରାୟ ରାଜା ହେବାପରେ (୧୫୦୯) ହୃତ ଅଞ୍ଚଳ ଫେରି ପାଇବା ପାଇଁ ବାରମ୍ବାର ଓଡ଼ିଶା ଅଞ୍ଚଳ ଆକ୍ରମଣ କଲେ। ୧୫୧୨ ମସିହାରେ ଉଦୟଗିରି ଆକ୍ରମଣ କରି ଦୀର୍ଘ ୧୮ ମାସର ସଘଂର୍ଷପରେ ଏହାକୁ ଅଧିକାର କରିନେଲେ। ୧୫୧୫ ମସିହାରେ କୋଣ୍ଡାଭିଡୁ ଦୁର୍ଗର ପତନ ହେଲା। ଗଜପତିଙ୍କ ପୁତ୍ର ବୀରଭଦ୍ରଙ୍କ ସହିତ ଅନେକ ସେନାପତି ବନ୍ଦୀହେଲେ। କୃଷ୍ଣାନଦୀର ଦକ୍ଷିଣସ୍ଥ ଓଡ଼ିଶା ଶାସନାଧିନ ଅଞ୍ଚଳ ବିଜୟନଗର ସାମ୍ରାଜ୍ୟ ଦ୍ୱାରା ଅଧିକୃତ ହେଲା। କୃଷ୍ଣଦେବ ରାୟଙ୍କୁ ପ୍ରତିରୋଧ କରିବା ପାଇଁ ପ୍ରତାପରୁଦ୍ରଦେବ କୋଣ୍ଡାପାଲ୍ଲି ଦୁର୍ଗରେ ସୈନ୍ୟବାହିନୀ ସହିତ ନିଜେ ଉପସ୍ଥିତ ରହିଲେ। ୧୫୧୬ ମସିହାରେ କୃଷ୍ଣଦେବ ରାୟ କୋଣ୍ଡାପାଲ୍ଲି ଦୁର୍ଗ ଆକ୍ରମଣ କଲେ ଓ ପ୍ରତାପରୁଦ୍ର ଦେବଙ୍କୁ ଶୋଚନୀୟ ଭାବେ ପରାଜିତ କଲେ। ଜଣେ ରାଣୀଙ୍କ ସହିତ କେତେଜଣ ସେନାପତି ବନ୍ଦୀ ହେଲେ। କୋଣ୍ଡାପାଲ୍ଲିର ପତନ ପରେ ଦକ୍ଷିଣରେ ଓଡ଼ିଶାର ପ୍ରଭୁତ୍ୱ ଲୋପ ହେଲା।

ପ୍ରତାପରୁଦ୍ର ଦେବ ରାଜଧାନୀକୁ ଫେରିବାବେଳେ କୃଷ୍ଣଦେବ ରାୟ ତାଙ୍କୁ ସିଂହାଚଳମ ପର୍ଯ୍ୟନ୍ତ ଅନୁଧାବନ କରିଥିଲେ। ସିଂହାଚଳମ ଠାରେ ପ୍ରତାପରୁଦ୍ର ଦେବଙ୍କ ସ୍ଥିତି ଦୃଢ଼ଥିଲା। କିନ୍ତୁ କେତେଜଣ ସାମନ୍ତ ଓ ସେନାପତି କୃଷ୍ଣଦେବ ରାୟଙ୍କ ସହିତ ମିଶି ଷଡ଼ଯନ୍ତ୍ର କରୁଥିବାର ସୂଚନା ପାଇ ସେ ବିନାଯୁଦ୍ଧରେ ସିଂହାଚଳମ୍ ପରିତ୍ୟାଗ କଲେ।। ଓଡ଼ିଶା ରାଜନୀତିରେ ଅବିଶ୍ୱାସୀ କୁଚକ୍ରୀମାନଙ୍କର ସଂଖ୍ୟା ବୃଦ୍ଧି ହେଉଥିବାର ଏହା ଏକ ଉଦାହରଣ ଥିଲା। କୃଷ୍ଣଦେବରାୟ ସେଠାରେ କିଛିଦିନ ଅବସ୍ଥାନକରି, ମନ୍ଦିରକୁ ଦାନ ପ୍ରଦାନ କରିଥିଲେ। କୁହାଯାଏ, ପ୍ରତାପରୁଦ୍ର ଦେବଙ୍କୁ ସେ ଏକ ସମ୍ମୁଖ ସମର ପାଇଁ ଆହ୍ୱାନ ଦେଇଥିଲେ। କିନ୍ତୁ କୌଣସି ପ୍ରତ୍ୟୁତ୍ତର ନପାଇ ସେହିଠାରୁ ଫେରିଗଲେ।

କୋଣ୍ଡାଭିଡୁ ଦୁର୍ଗର ପତନ ବେଳେ (୧୫୧୫) ପ୍ରତାପରୁଦ୍ର ଦେବଙ୍କ ପୁତ୍ର ବୀରଭଦ୍ର ବନ୍ଦୀ ହୋଇଥିଲେ। ସେ ଜଣେ କୁଶଳୀ ଓ ସୁଦକ୍ଷ ତରବାରୀ ଚାଳକ ଥିଲେ। କୃଷ୍ଣଦେବ ରାୟ ତାଙ୍କର ତରବାରୀ ଚାଳନା କୌଶଳ ଦେଖିବା ପାଇଁ ତାଙ୍କୁ ଜଣେ ସାଧାରଣ ସୈନିକ ସହିତ ପ୍ରତିଦ୍ୱନ୍ଦୀତା କରିବାକୁ ବ୍ୟବସ୍ଥା କଲେ। ସୈନିକ ଜଣକ ରାଜବଂଶୀୟ ନଥିଲେ। ତାଙ୍କ ସହିତ ପ୍ରତିଦ୍ୱନ୍ଦୀତା କରିବାକୁ ଅପମାନ ଜନକ ମନେକରି ବୀରଭଦ୍ର ଆତ୍ମହତ୍ୟା କଲେ। ଏହି ଦୁଃଖଦ ଘଟଣାରେ ମର୍ମାହତ ପ୍ରତାପରୁଦ୍ରଦେବ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଏକ ସୈନ୍ୟବାହିନୀ ବିଜୟ ନଗର ଅଭିମୁଖେ ପଠାଇଲେ। କୃଷ୍ଣଦେବ ରାୟ ଏହି ସୈନ୍ୟବାହିନୀକୁ ପରାଜିତ କରି ଓଡ଼ିଶା ଅଭିମୁଖେ ଅଗ୍ରସର ହେଲେ। ପୂର୍ବଥର ସୀମାଚଳମ ଠାରୁ ଫେରିଥିଲେ। କିନ୍ତୁ ଏଥରକ ପୁରୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। (ପରବର୍ତ୍ତୀ କାଳର କେତେକ ଲେଖାରେ କୃଷ୍ଣଦେବ ରାୟ କଟକ ଆକ୍ରମଣ କରି ନଗରୀକୁ ଧ୍ୱଂସ କରିଥିଲେ ଓ ପ୍ରତାପରୁଦ୍ରଦେବ ପଳାୟନ କରିଥିଲେ ବୋଲି ଉଲ୍ଲେଖ ଅଛି।) ପ୍ରତାପରୁଦ୍ର ଦେବ ଶାନ୍ତି ପ୍ରସ୍ତାବ ଦେଲେ। ସେମାନଙ୍କ ମଧ୍ୟରେ ଏକ ସନ୍ଧି ହେଲା (୧୫୧୯)। ସନ୍ଧିର ସର୍ତ୍ତାନୁସାରେ କୃଷ୍ଣାନଦୀର ଦକ୍ଷିଣସ୍ଥ ଅଞ୍ଚଳ (କପିଳେନ୍ଦ୍ରଦେବଙ୍କ ଦ୍ୱାରା ଅଧିକୃତ) ବିଜୟ ନଗରରାଜ୍ୟ ଅଧିନକୁ ଗଲା। **କୃଷ୍ଣାନଦୀ ଓଡ଼ିଶାର ଦକ୍ଷିଣସୀମା ରହିଲା।** କୋଣ୍ଡାପାଲ୍ଲି ଦୁର୍ଗ ଦଖଲ ସମୟରେ ବନ୍ଦୀ ହୋଇଥିବା ରାଣୀ ଓ ଅନ୍ୟମାନେ ମୁକ୍ତହେଲେ। ପ୍ରତାପରୁଦ୍ରଦେବଙ୍କ କନ୍ୟା ଜଗତମୋହିନୀଙ୍କୁ କୃଷ୍ଣଦେବ ରାୟ ବିବାହ କଲେ। ସେ ତୁକ୍କା ବା ଭଦ୍ରା ନାମରେ ନାମିତ ହୋଇଥିଲେ। ଏହି ବିବାହ, ପୁରୁଷୋତ୍ତମଦେବ ଓ ପଦ୍ମାବତୀଙ୍କ (ରୁପାମ୍ବିକା) ବିବାହର ରାଜନୈତିକ ପ୍ରତିଶୋଧନେବା ଉଦ୍ଦେଶ୍ୟରେ ହୋଇଥିବା ମନେହୁଏ।

ଓଡ଼ିଶା ଓ ବିଜୟନଗର ମଧ୍ୟରେ ଚୁକ୍ତି ହେବାର ଦଶବର୍ଷ ପରେ ୧୫୨୯ ମସିହାରେ କୃଷ୍ଣଦେବ ରାୟଙ୍କର ମୃତ୍ୟୁ ହେଲା। ପୂର୍ବ ପରାଜୟର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ପ୍ରତାପରୁଦ୍ର ଦେବ ବିଜୟନଗର ଆକ୍ରମଣ କଲେ। ବିଜୟନଗରର ନୂତନ ରାଜା ଅଚ୍ୟୁତଦେବ ରାୟ ତାଙ୍କୁ ପରାଜିତ କଲେ ଓ ନିଜକୁ "ଓଡ଼ିଶା ଶକ୍ତିର ବିଜେତା" ବୋଲି ଘୋଷଣା କରିଥିଲେ। ବିଜୟନଗର ରାଜ୍ୟ ସହିତ ଦୀର୍ଘ ସଙ୍ଘର୍ଷ; ଦକ୍ଷିଣରେ ଓଡ଼ିଶାର ଆଧିପତ୍ୟ, ରାଜନୈତିକ କ୍ଷମତା ଓ ସାମରିକ ଶକ୍ତିକୁ ଦୁର୍ବଳ କରିଦେଲା।

କୁଲ୍ଲିକୁତବ ଶାହଙ୍କ ନେତୃତ୍ୱରେ ସ୍ୱାଧିନ ଗୋଲକୁଣ୍ଡା ରାଜ୍ୟର ଅଭ୍ୟୁଦୟ (୧୫୧୨) ଦକ୍ଷିଣରେ ଓଡ଼ିଶାପ୍ରତି ଅନ୍ୟ ଏକ ବିପଦ ଥିଲା। ପ୍ରତାରୁଦ୍ର ଦେବ ଓ କୃଷ୍ଣଦେବ

ରାୟଙ୍କ ମଧ୍ୟରେ ସଙ୍ଘର୍ଷ (୧୫୧୨-୧୫୧୯) ଚାଲିଥିବା ସମୟରେ କୁତବଶାହା ନିଜର ସ୍ଥିତି ଦୃଢ଼ କରିଥିଲେ। ଓଡ଼ିଶା ଓ ବିଜୟନଗର ମଧ୍ୟରେ ସଙ୍ଘର୍ଷର ଶେଷ ହେବାପରେ, ଓଡ଼ିଶାକୁ ଯୁଦ୍ଧକ୍ଲାନ୍ତ ଭାବି କୁତବଶାହ ଓଡ଼ିଶା ଆକ୍ରମଣ କଲେ ଓ ତେଲେଙ୍ଗାନାର ଅନେକ ଅଞ୍ଚଳ ଅଧିକାର କରିନେଲେ। ପ୍ରତାପରୁଦ୍ରଦେବ ପ୍ରତିଆକ୍ରମଣ କଲେ। କୁତବଶାହ ପରାଜିତ ହୋଇ ଫେରିଗଲେ। ଓଡ଼ିଶା ଦିଗରେ ତାଙ୍କର ସଂପ୍ରସାରଣନୀତି ପ୍ରତିହତ ହେଲା। ଏହି ସମୟରେ କୃଷ୍ଣା ନଦୀ କୂଳରେ ମଙ୍ଗଳଗିରି ଠାରେ ପ୍ରତାପରୁଦ୍ର ଦେବ ଏକ ମନ୍ଦିର ନିର୍ମାଣ କରିଥିଲେ। ୧୫୩୧ ମସିହାରେ କୁତବଶାହ ପୁନର୍ବାର ଓଡ଼ିଶା ଆକ୍ରମଣ କଲେ ଓ କୋଣ୍ଡାପାଲ୍ଲି ଦୁର୍ଗ ଅଧିକାର କରିନେଲେ। କୋଣ୍ଡାପାଲ୍ଲି ଦକ୍ଷିଣରେ ଓଡ଼ିଶାର ସାମରିକ ଓ ପ୍ରଶାସନିକ କେନ୍ଦ୍ରଥିଲା। ଏହାର ପତନ ପରେ ଦକ୍ଷିଣରେ ଓଡ଼ିଶାର ରାଜନୈତିକ ପ୍ରଭାବ ହ୍ରାସହେଲା। କୁତବଶାହ ଆଉ ଅଧିକ ଆଗକୁ ଅଗ୍ରସର ହୋଇ ନଥିଲେ। କାରଣ ବିଜୟନଗର ରାଜ୍ୟ ଓ ବିଜାପୁର ରାଜ୍ୟ ସହିତ ତାଙ୍କର ବିବାଦ ଓ ସଙ୍ଘର୍ଷ ହେଲା। ସେ ତାଙ୍କର ଓଡ଼ିଶା ଯୋଜନାରୁ ବିରତ ରହିବାକୁ ବାଧହେଲେ। ସେପଟେ ଉତ୍ତର ଦିଗରେ ବଙ୍ଗ ଓ ଜୌନପୁରର ଶାସକ ଏବଂ ଦିଲ୍ଲୀ ସୁଲତାନଙ୍କ ମଧ୍ୟରେ ସଙ୍ଘର୍ଷ ଫଳରେ ସେ ଦିଗରୁ ଓଡ଼ିଶା ବିପଦମୁକ୍ତଥିଲା। ପରିସ୍ଥିତି ଓଡ଼ିଶା ପ୍ରତି ଅନୁକୂଳ ହୋଇଥିଲା। ଅଧିକ ଆଞ୍ଚଳିକ କ୍ଷୟ ଓ ଧ୍ୱଂସମୁଖରୁ ଓଡ଼ିଶା ରକ୍ଷା ପାଇଗଲା।

ଅନେକ ସାମରିକ ବିପର୍ଯ୍ୟୟ ଓ କେତେକ ଅଞ୍ଚଳ ହ୍ରାସ ସତ୍ତ୍ୱେ ପ୍ରତାପରୁଦ୍ରଦେବ ଜଣେ ବିଶିଷ୍ଟ ଶାସକ ଥିଲେ ଓ ଅଖଣ୍ଡ ଓଡ଼ିଶାର ଅଧିକାରୀ ଥିଲେ। ସାମ୍ରାଜ୍ୟ ଗଙ୍ଗାଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେ ଦୁର୍ବଳ ବା ଅସମର୍ଥ ନଥିଲେ। ସଂକଟର ମୁକାବିଲା କରିଥିଲେ। ତାଙ୍କ ରାଜତ୍ୱରେ ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ଘଟିଥିଲା। ସେ ନିଜେ ଜଣେ ବିଦ୍ୱାନଥିଲେ। 'ସରସ୍ୱତୀ ବିଳାସମ'ର ରଚୟିତା ଥିଲେ। ତାଙ୍କ


ଧବଳେଶ୍ୱର ମନ୍ଦିର, କଟକ

ସମୟରେ ଶ୍ରୀଚୈତନ୍ୟ ଓଡ଼ିଶା ଆସି ଅବସ୍ଥାନ କରିଥିଲେ ଓ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ। ଓଡ଼ିଶାର ପଞ୍ଚସଖାଙ୍କ ଦ୍ୱାରା ରଚିତ ଧର୍ମ ଗ୍ରନ୍ଥମାନ ଓଡ଼ିଶାରେ ଅଭୁତପୂର୍ବ ଭକ୍ତିଭାବର ପ୍ରସାର କରିଥିଲା। ପଞ୍ଚସଖାଙ୍କ ମଧ୍ୟରୁ ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ତାଙ୍କର ସମକାଳୀନ ଥିଲେ। ପ୍ରଥମ ଦୁଇଜଣ ରାଜକୃପା ଓ ସାହାଯ୍ୟ ଲାଭ କରିଥିଲେ। କବି ଡ଼ିଣ୍ଡିମ ରାଜଗୁରୁ ଜୀବଦେବାଚାର୍ଯ୍ୟଙ୍କ ଭକ୍ତି ଭାଗବତ; ରାୟ ରାମାନନ୍ଦଙ୍କର ଜଗନ୍ନାଥ ବଲ୍ଲଭ ନାଟକମ୍, ଗୋଦାବରୀ ମିଶ୍ରଙ୍କର ଯୋଗଚିନ୍ତାମଣି ଭଳି ଅମୂଲ୍ୟ କୃତି ଏହି ସମୟରେ ରଚିତ ହୋଇଥିଲା । ତାଙ୍କ ସମୟରେ ଏକ ସାମାଜିକ ଓ ଧାର୍ମିକ ସଂସ୍କାର ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ଦୃଷ୍ଟିରୁ ତାଙ୍କ ରାଜତ୍ୱ ଏକ ଉଲ୍ଲେଖନୀୟ ଯୁଗଥିଲା। ସେ ଧବଳେଶ୍ୱର ମନ୍ଦିର ନିର୍ମାଣ କରିଥିଲେ।

**ଶ୍ରୀ ଚୈତନ୍ୟ ଓ ତାଙ୍କର ପ୍ରଭାବ** : ଗଜପତି ପ୍ରତାପରୁଦ୍ରଙ୍କ ସମୟରେ ନବ ବୈଷ୍ଣବ ଧର୍ମର ପ୍ରଚାରକ ଶ୍ରୀଚୈତନ୍ୟ ଓଡ଼ିଶା ଆସି ଏଠାରେ ୧୮ ବର୍ଷକାଳ (୧୫୧୦-୧୫୨୮) ଅବସ୍ଥାନ କରିଥିଲେ ଓ ଧର୍ମ ପ୍ରଚାର କରିଥିଲେ। ତାଙ୍କ ଦ୍ୱାରା ପ୍ରଚାରିତ ଭକ୍ତି ଓ ଆଦର୍ଶ ପ୍ରେମଭାବ, ଜାତିଧର୍ମ ନିର୍ବିଶେଷରେ ଶିଷ୍ୟଗ୍ରହଣ, ସମାଜ ଉପରେ ଗଭୀର ପ୍ରଭାବ ପକାଇଥିଲା। ଉଲ୍ଲେଖନୀୟ, ସେ ଆସିବା ପୁର୍ବରୁ ଜୟଦେବଙ୍କ ପ୍ରଚାରିତ ସହଜିଆ ବୈଷ୍ଣବଧର୍ମ (ରାଧାକୃଷ୍ଣ ଉପାସନା) ଓଡ଼ିଶାରେ ଲୋକପ୍ରିୟ ହୋଇସାରିଥିଲା। ଭକ୍ତି ମାର୍ଗର ପ୍ରବକ୍ତା ପଞ୍ଚସଖା (ଜଗନ୍ନାଥଦାସ, ବଳରାମଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ) ଶ୍ରୀ ଜଗନ୍ନାଥ ଓ ଶ୍ରୀ କୃଷ୍ଣଙ୍କୁ ଏକ ଓ ଅଭିନ୍ନ ରୁପେ ବର୍ଣ୍ଣନା କରି ଭକ୍ତିର ବାତାବରଣ ସୃଷ୍ଟି କରିଥିଲେ। ଶ୍ରୀଚୈତନ୍ୟଙ୍କ ଆଗମନ, ଉପସ୍ଥିତି ଓ ନବ ବୈଷ୍ଣବ ଧର୍ମର ପ୍ରଚାର ଓଡ଼ିଶାରେ ଧର୍ମ ଆନ୍ଦୋଳନର ସ୍ରୋତସ୍ୱତୀ ପ୍ରବାହିତ କରିଥିଲା।

ଗଜପତି ପ୍ରତାପରୁଦ୍ରଦେବ, ଚୈତନ୍ୟଙ୍କ ବ୍ୟକ୍ତିତ୍ୱ ଓ ଧର୍ମଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ। ଅନେକ ରାଜ କର୍ମଚାରୀ ଚୈତନ୍ୟଙ୍କର ଶିଷତ୍ୱ ଗ୍ରହଣ କରିଥିଲେ। ଦକ୍ଷିଣରେ ରାଜମହେନ୍ଦ୍ରୀର ଦକ୍ଷ ପ୍ରଶାସକ ରାମାନନ୍ଦ ରାୟ(ଜଗନ୍ନାଥ ବଲ୍ଲଭ ନାଟକର ଲେଖକ) ଉତ୍ତରରେ ମେଦିନିପୁର ମଳଜ୍ୟାଠା ଦଣ୍ଡପାଟର ପ୍ରଶାସକ ଗୋପୀନାଥ ବଡ଼ଜେନା ଓ ଅନେକ କର୍ମଚାରୀ ଚୈତନ୍ୟଙ୍କର ଅନୁଗାମୀ ଓ ଶିଷ୍ୟ ଥିଲେ।

କୁହାଯାଏ ଶ୍ରୀଚୈତନ୍ୟଙ୍କ ପ୍ରଭାବହେତୁ ଓଡ଼ିଶାର ସାମରିକ ଓ ରାଜନୈତିକ ଶକ୍ତି ହ୍ରାସ ହୋଇଥିଲା। ଅଧିକାଂଶ ରାଜକର୍ମଚାରୀ କରବାଳ ଛାଡ଼ି କରତାଳ ଧାରଣ କଲେ।

ବୀରଭାବର ହ୍ରାସ ଓ ଭକ୍ତି ଭାବର ବୃଦ୍ଧି ଓଡ଼ିଶାର ସାମରିକ ଦୁର୍ବଳତାର କାରଣ ଥିଲା। ଫଳରେ ଓଡ଼ିଶାର ଶକ୍ତି, ସାମରିକ ମନୋବଳ ଓ ସମ୍ରାଜ୍ୟ ଭାଙ୍ଗି ପଡ଼ିଲା। ଉପରୋକ୍ତ ମତ ସତ୍ୟବୋଲି ପ୍ରତୀତ ହୁଏ ନାହିଁ। ପ୍ରତାପରୁଦ୍ର ଦେବ ଧାର୍ମିକ ଥିଲେ ଓ ଜଗନ୍ନାଥଙ୍କର ପରମ ଅନୁଗତ ଥିଲେ। ଚୈତନ୍ୟଙ୍କୁ ଭେଟିବାପରେ ତାଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ, କିନ୍ତୁ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିନଥିଲେ। କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟ ତାଙ୍କର ଧର୍ମଗୁରୁ ଥିଲେ। ଚୈତନ୍ୟଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ ମଧ୍ୟ ସେ ରାଜକୀୟ କର୍ତ୍ତବ୍ୟରେ ଅବହେଳା କରି ନଥିଲେ। ଶ୍ରୀଚୈତନ୍ୟଙ୍କ ସମ୍ପର୍କରେ ଆସିବାପରେ ସେ ବିଜୟ ନଗର ଓ ବାହମନୀ ରାଜ୍ୟ ସହିତ ଯୁଦ୍ଧ କରିଥିଲେ। ତାଙ୍କ ପରେ ଗୋବିନ୍ଦ ବିଦ୍ୟାଧର ଓ ମୁକୁନ୍ଦଦେବଙ୍କ ସମୟରେ ଓଡ଼ିଶାର ସେନା ଅନେକ ଯୁଦ୍ଧରେ ବୀରତ୍ୱ ଓ ସାମରିକ ଦକ୍ଷତା ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଶ୍ରୀଚୈତନ୍ୟ ରାଜ୍ୟ ପ୍ରଶାସନରେ ହସ୍ତକ୍ଷେପ କରିନଥିଲେ। ପ୍ରଥମେ ତ ସେ ରାଜାଙ୍କୁ ସାକ୍ଷାତ କରିବାକୁ ଅନାଗ୍ରହୀ ଥିଲେ। ତାଙ୍କର ଶିଷ୍ୟ ଗୋପୀନାଥଙ୍କୁ (ରାମାନନ୍ଦଙ୍କ ଭ୍ରାତା) ରାଜଦଣ୍ଡରୁ ରକ୍ଷା କରିବା ପାଇଁ ହସ୍ତକ୍ଷେପ କରିବାକୁ ସିଧା ମନା କରିଦେଇଥିଲେ। ରାଜା ତାଙ୍କ ସ୍ଥାନରେ ଠିକ୍ ଥିଲେ ଓ ଚୈତନ୍ୟ ତାଙ୍କ କ୍ଷେତ୍ରରେ ଠିକ ଥିଲେ। ପରବର୍ତ୍ତୀ କାଳରେ ରଚିତ 'ଚୈତନ୍ୟ ଚରିତାମୃତ', 'ଚୈତନ୍ୟ ଭାଗବତ', 'ଚୈତନ୍ୟ ମଙ୍ଗଳ' ପ୍ରଭୃତି ଗ୍ରନ୍ଥରେ ପ୍ରତାପରୁଦ୍ରଙ୍କ ଉପରେ ଚୈତନ୍ୟଙ୍କ ପ୍ରଭାବକୁ ଅତିରଂଜିତ ଭାବେ ବର୍ଣ୍ଣନା କରାଯାଇଛି। ଏହା ଉପରେ ନିର୍ଭରକରି ଓଡ଼ିଶାର ପତନ ପାଇଁ ଶ୍ରୀଚୈତନ୍ୟ ଓ ତାଙ୍କର ଧର୍ମ ଆନ୍ଦୋଳନକୁ ଦାୟୀ କରିବା ଅସମୀଚୀନ ହେବ।

**ତୁକ୍କା** : ପ୍ରତାପରୁଦ୍ରଦେବ ଓ କୃଷ୍ଣଦେବରାୟଙ୍କ ମଧ୍ୟରେ ହୋଇଥିବା ଚୁକ୍ତି (୧୫୧୯) ଅନୁସାରେ ପ୍ରତାପରୁଦ୍ରଦେବଙ୍କ କନ୍ୟା ଭଦ୍ରା ବା ଜଗନ୍ମୋହିନୀ (ଜଗନମୋହିନୀ) କୃଷ୍ଣଦେବରାୟଙ୍କୁ ବିବାହ କଲେ। ବିବାହ ପରେ ସେ ତୁକ୍କା ନାମରେ ନାମିତ ହୋଇଥିଲେ। ଏହି ବିବାହ ଏକ ରାଜନୈତିକ ବିବାହ ଥିଲା। ଜଗନମୋହିନୀ କୃଷ୍ଣଦେବରାୟଙ୍କ ଠାରୁ ବୟସରେ ବହୁତ ସାନ ଥିଲେ। କୃଷ୍ଣଦେବରାୟ ପ୍ରତାପରୁଦ୍ରଦେବଙ୍କର ପ୍ରାୟ ସମବୟସ୍କ କିମ୍ବା ଅଧିକ ବୟସ୍କ ଥିଲେ। କାରଣ ପ୍ରତାପ ରୁଦ୍ରଦେବଙ୍କ ମୃତ୍ୟୁର ୧୦ ବର୍ଷ ଆଗରୁ ତାଙ୍କର ମୃତ୍ୟୁ ହୋଇଥିଲା। ଗଜପତି ପୁରୁଷୋତ୍ତମଦେବ ଓ ପଦ୍ମାବତୀଙ୍କ ବିବାହର ରାଜନୈତିକ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା।

ଏହି ବିବାହ ତୁକ୍କାଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣାପୂର୍ଣ୍ଣ ଥିଲା। ପାରିବାରିକ ସୁଖ ନଥିଲା। କୃଷ୍ଣଦେବରାୟ ତାଙ୍କୁ ଅବହେଳା କରିଥିଲେ। ତାଙ୍କର ଅନେକ ରାଣୀଙ୍କ ମଧ୍ୟରେ ସେ

ଜଣେ ଥିଲେ। ଜଣେ ପରାଜିତ ରାଜାଙ୍କର କନ୍ୟାଥିଲେ। କୃଷ୍ଣଦେବରାୟ ତାଙ୍କୁ ସନ୍ଦେହ କରୁଥିଲେ। କିମ୍ବଦନ୍ତୀ କୁହେ ଜଗନମୋହିନୀ (ତୁକ୍‌କା) ନିଜ ଭାଇ ବୀରଭଦ୍ରଙ୍କର ଆତ୍ମହତ୍ୟା ଓ ପିତାଙ୍କର ପରାଜୟର ପ୍ରତିଶୋଧ ନେବା ପାଇଁ କୃଷ୍ଣଦେବରାୟଙ୍କୁ ବିଷଦେଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ସେଥିପାଇଁ କୃଷ୍ଣଦେବରାୟ ତାଙ୍କୁ ଅବହେଳା କରିଥିଲେ ।

ଅବହେଳିତ ତୁକ୍‌କା କୁର୍ଣ୍ଣୁଲ ଜିଲ୍ଲାର କୁମ୍ଭମଠାରେ ଏକାକୀ ଅବସ୍ଥାନ କରିଥିଲେ । ସେ ଶିକ୍ଷିତା ଥିଲେ, ବିଦୁଷୀ ଥିଲେ । ସଂସ୍କୃତ ଭାଷାରେ "ତୁକ୍‌କା ପଞ୍ଚକମ୍" ନାମରେ ଏକ କାବ୍ୟଗ୍ରନ୍ଥ ରଚନା କରିଥିଲେ। ଏଥିରେ ତାଙ୍କ ପ୍ରତି ସ୍ୱାମୀଙ୍କର ଅବହେଳା ଓ ତାଙ୍କର ଦୁଃଖପୂର୍ଣ୍ଣ ଜୀବନ ସମ୍ପର୍କରେ ବର୍ଣ୍ଣନା ଅଛି । ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରି ଜୀବନ ବିତାଇଥିଲେ । କୁମ୍ଭମଠାରେ ପିତାଙ୍କ ସାହାଯ୍ୟ ଓ ନିଜର ଅଳଙ୍କାର ବିକ୍ରିଲବ୍ଧ ଧନରେ ଏକ ବୃହତ ପୁଷ୍କରିଣୀ ଖନନ କରାଇଥିଲେ । ରାଜନୈତିକ ପ୍ରତିଶୋଧ ପରାୟଣତା ଓ ରାଜକୀୟ ଅହଂକାରର ଯୁପକାଠରେ ସେ ବଳି ପଡ଼ିଥିଲେ ।

**ଗଜପତି ରାଜତ୍ୱର ବିଶେଷତ୍ୱ :** ସୂର୍ଯ୍ୟବଂଶ ଗଜପତିମାନଙ୍କର ରାଜତ୍ୱ ଓଡ଼ିଶାର ଗୌରବମୟ ଯୁଗର ଅନ୍ତିମ ପର୍ଯ୍ୟାୟ ଥିଲା । ଏହି ସମୟରେ ଓଡ଼ିଶାର ଯଶ ଓ ଗୌରବ ଶୀର୍ଷସୀମାରେ ପହଞ୍ଚିଥିଲା । ଓଡ଼ିଶା ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ବଙ୍ଗ, ବିହାର (ଜୌନପୁର) ମାଳବ, ବିଜୟନଗର ଓ ବାହମନୀ ରାଜ୍ୟ ବିରୁଦ୍ଧରେ କପିଳେନ୍ଦ୍ରଦେବଙ୍କ ସାମରିକ ସଫଳତା ଓଡ଼ିଶାର ଶକ୍ତି ଓ ସାମର୍ଥ୍ୟର ପରିଚୟ ପ୍ରଦାନ କରିଥିଲା । ଓଡ଼ିଶାର ରାଜା ଗୌଡ଼େଶ୍ୱର, ନବକୋଟି, କର୍ଣ୍ଣାଟ, କଳବର୍ଗେଶ୍ୱର ରାଜଉପାଧିରେ ଭୂଷିତ ହୋଇଥିଲେ ।

ଗଜପତି ରାଜତ୍ୱ ସମୟରେ ଭାଷା, ସାହିତ୍ୟ, ଧର୍ମ, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ସାଧିତ ହୋଇଥିଲା । ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ଅଭୂତପୂର୍ବ ଉନ୍ନତି ଘଟିଥିଲା । ଗଜପତି ଶାସକମାନେ ବିଦ୍ୱାନ ଥିଲେ, ପଣ୍ଡିତ ଥିଲେ । କପିଳେନ୍ଦ୍ରଦେବ "ପର୍ଶୁରାମ ବିଜୟ", ପୁରୁଷୋତ୍ତମ ଦେବ "ଅଭିନବ ଗୀତଗୋବିନ୍ଦ", "ନାମମାଳିକା" "ଭୁବନେଶ୍ୱରୀ ସ୍ତୋତ୍ରମ୍" ଓ "ମୁକ୍ତି ଚିନ୍ତାମଣି"; ପ୍ରତାପରୁଦ୍ରଦେବ "ସରସ୍ୱତୀ ବିଳାସମ୍" "କୌତୁକ ଚିନ୍ତାମଣି", "ନିର୍ଣ୍ଣୟ ସଂଗ୍ରହ", "ପ୍ରୌଢ଼ ପ୍ରତାପ ମାର୍ତ୍ତଣ୍ଡ" ପ୍ରଭୃତି ଗ୍ରନ୍ଥମାନ ରଚନା କରିଥିଲେ । ଏହି ଯୁଗରେ "ଭକ୍ତି ଭାଗବତ"ର ଲେଖକ କବି ଡିଣ୍ଡିମ ରାଜଗୁରୁ ଜୀବଦେବାଚାର୍ଯ୍ୟ, "ଜଗନ୍ନାଥ ବଲ୍ଲଭମ୍" ନାଟକର ରଚୟିତା ରାୟ ରାମାନନ୍ଦ; "ଅଦ୍ୱୈତ ମାର୍ତ୍ତଣ୍ଡ"ର ଲେଖକ ବାସୁଦେବ ସାର୍ବଭୌମ

"ସାହିତ୍ୟ ଦର୍ପଣ"ର ଲେଖକ ବିଶ୍ୱନାଥ ମହାପାତ୍ର ଓ ଅନ୍ୟ ଅନେକ କବି ଓ ଲେଖକ ସେମାନଙ୍କର ଅମୂଲ୍ୟ କୃତି ଦ୍ୱାରା ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଗଜପତି ରାଜତ୍ୱ ଏକ ମହାନ ସମୟ ଥିଲା । ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସ, ରାମାୟଣର ଲେଖକ ବଳରାମ ଦାସ, କେଶବ କୋଇଲିର ଲେଖକ ମାର୍କଣ୍ଡ ଦାସ, ଓଡ଼ିଆ ମହାଭାରତର ଲେଖକ ସାରଳା ଦାସ ଓ ଅନ୍ୟମାନଙ୍କର ଅବଦାନ, ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହିତ ଓଡ଼ିଶାର ସାମାଜିକ ଜନଜୀବନକୁ ଭକ୍ତିଭାବରେ ପ୍ରଭାବିତ କରିଥିଲା । ଶ୍ରୀ ଚୈତନ୍ୟଙ୍କର ବୈଷ୍ଣବ ଭକ୍ତିବାଦ ଓଡ଼ିଶାର ଧାର୍ମିକ ଓ ସାମାଜିକ ଚିନ୍ତାଧାରାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ପଞ୍ଚସଖା (ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ)ଙ୍କ ସହିତ ବତ୍ସାଦାସ, ଦାମୋଦର ଦାସ ଓ ଅନ୍ୟମାନେ ଓଡ଼ିଆ ସାହିତ୍ୟରେ ନବଜାଗରଣ ସୃଷ୍ଟି କରିଥିଲେ । ସାଧାରଣ ଲୋକ ବୁଝିବା ଭଳି ସରଳ ଭାଷାରେ ଅନେକ ଗ୍ରନ୍ଥ ରଚିତ ହୋଇଥିଲା ।

ଏହି ସମୟରେ ଧର୍ମ ଓ ସମାଜରେ ସଂସ୍କାର ପାଇଁ ଉଦ୍ୟମ ହୋଇଥିଲା । ଜାତିଭେଦ ଓ ଅସ୍ପୃଶ୍ୟତା ନିବାରଣ ଦିଗରେ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀପୁରାଣର ଶ୍ରୀୟା ଚଣ୍ଡାଲୁଣୀ ଉପାଖ୍ୟାନ ଏକ ଅନବଦ୍ୟ ଅବଦାନ ଥିଲା । ଉଲ୍ଲେଖନୀୟ ସାରଳା ଦାସ (ଶୁଦ୍ରମୁନି) ଅଚ୍ୟୁତାନନ୍ଦ ଦାସ (ଖୁଣ୍ଟିଆ) ବଳରାମ ଦାସ (ମହାପାତ୍ର) ଯଶୋବନ୍ତ ଦାସ (ମଲ୍ଲିକ) ଓ ଅନନ୍ତ ଦାସ (ମହାନ୍ତି) ବ୍ରାହ୍ମଣ ନଥିଲେ ମଧ୍ୟ ସମାଜର ସବୁଶ୍ରେଣୀର ଭକ୍ତି ଓ ସମ୍ମାନ ପାଇଥିଲେ । ଏହି ସମୟରେ ବୈଷ୍ଣବ ଧର୍ମ ବ୍ୟାପକ ଜନପ୍ରିୟ ଗଣଧର୍ମରେ ପରିଣତ ହୋଇଥିଲା ।

କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ କ୍ଷେତ୍ରରେ ଗଜପତି ଶାସକମାନେ ସୋମବଂଶୀ ଓ ଗଙ୍ଗବଂଶୀମାନଙ୍କର ସମକକ୍ଷ ନଥିଲେ ମଧ୍ୟ ସେମାନଙ୍କର ଅବଦାନ ଗୌଣ ନଥିଲା । କପିଳେନ୍ଦ୍ରଦେବ ଭୁବନେଶ୍ୱରରେ କପିଳେଶ୍ୱର ମନ୍ଦିର ଓ ଜଗନ୍ନାଥ ମନ୍ଦିରର ବାହାର ବେଢ଼ା ନିର୍ମାଣ କରିଥିଲେ । ପୁରୁଷୋତ୍ତମଦେବ ପୁରୁଷୋତ୍ତମପୁର (ଗଞ୍ଜାମ ଜିଲ୍ଲା)ଠାରେ ସୁନ୍ଦର ମାଧବ ମନ୍ଦିର ଓ ପ୍ରତାପରୁଦ୍ରଦେବ କଟକ ନିକଟସ୍ଥ ଧବଳେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ସମସ୍ତେ ବୈଷ୍ଣବଧର୍ମ ଅନୁଗାମୀ ଥିଲେ । ଜଗନ୍ନାଥଙ୍କୁ ରାଷ୍ଟ୍ରର ମୁଖ୍ୟ ଓ ନିଜକୁ ମହାପ୍ରଭୁଙ୍କର ସେବକ ପ୍ରତିନିଧି ବୋଲି ମାନିନେଇଥିଲେ । ମାତ୍ର ୧୦୦ ବର୍ଷ ଶାସନ କରିଥିଲେ ମଧ୍ୟ ଓଡ଼ିଶା ଇତିହାସକୁ ସେମାନଙ୍କର ମହାନ ଅବଦାନ ଥିଲା ।

# ଭୋଇବଂଶ

## (ବିଶ୍ୱାସଘାତକତା, ବିଦ୍ରୋହ ଓ ରକ୍ତପାତର ଯୁଗ)

ଭୋଇବଂଶର ପ୍ରତିଷ୍ଠାତା **ଗୋବିନ୍ଦ ବିଦ୍ୟାଧର** (୧୫୪୦-୧୫୪୯) - ଗଜପତି ପ୍ରତାପରୁଦ୍ରଦେବଙ୍କ ପରେ ଓଡ଼ିଶା ଇତିହାସରେ ବିଶ୍ୱାସଘାତକତା, ବିଦ୍ରୋହ, ଗୃହଯୁଦ୍ଧ, ହତ୍ୟା ଓ ରକ୍ତପାତଭରା ଏକ କଳଙ୍କିତ ଅଧ୍ୟାୟ ଆରମ୍ଭ ହୋଇଥିଲା। ତାଙ୍କ ମୃତ୍ୟୁପରେ ତାଙ୍କର ନାବାଳକ ପୁତ୍ରମାନଙ୍କର ଅଭିଭାବକ ଓ ରାଜପ୍ରତିନିଧି ଭାବରେ ସେନାପତି ସୁବର୍ଣ୍ଣ କେଶରୀ ଗୋବିନ୍ଦ ବିଦ୍ୟାଧର ଶାସନ କଲେ। ସେ ଦକ୍ଷ, କ୍ଷମତାଲୋଭୀ, ଉଚ୍ଚାଭିଳାଷୀ ଥିଲେ। ପୂର୍ବରୁ ପ୍ରତାପରୁଦ୍ରଦେବଙ୍କ ବଙ୍ଗ ଆକ୍ରମଣ ବେଳେ (୧୫୦୯) ଶତ୍ରୁ ସହିତ ମିଶି ଷଡ଼ଯନ୍ତ୍ର କରିବା ଅଭିଯୋଗରେ ବହିଷ୍କୃତ ହୋଇଥିଲେ। ପରେ କ୍ଷମାପ୍ରାର୍ଥନା କରିଥିଲେ ଓ ତାଙ୍କର ଦକ୍ଷତାକୁ ବିଚାରକରି ପ୍ରତାପରୁଦ୍ରଦେବ ତାଙ୍କୁ ପୁନଃ ନିଯୁକ୍ତି ଦେଇଥିଲେ। ତାଙ୍କର ଅଭିଭାବକତ୍ୱରେ ପ୍ରତାପରୁଦ୍ରଦେବଙ୍କର ଦୁଇପୁତ୍ର ରାମଚନ୍ଦ୍ର ଦେବ (ମାଦଳା ପାଞ୍ଜିର କାଳୁଆ ଦେବ) ଓ ପୁରୁଷୋତ୍ତମଦେବ (କଖାରୁଆ ଦେବ) ମାତ୍ର ୨୦ ମାସ ଶାସନ କରିଥିଲେ। ଗୋବିନ୍ଦ ବିଦ୍ୟାଧର ସେମାନଙ୍କୁ ହତ୍ୟାକରି ସିଂହାସନ ଅଧିକାର କଲେ। ମାଦଳା ପାଞ୍ଜି ଅନୁସାରେ ସେ ପ୍ରତାପରୁଦ୍ରଦେବଙ୍କର ୧୬ଜଣ ପୁତ୍ରଙ୍କୁ ହତ୍ୟା କରିଥିଲେ। ଓଡ଼ିଶା ଇତିହାସରେ କ୍ଷମତା ପାଇଁ ବିଶ୍ୱାସଘାତକତା ସହିତ ହତ୍ୟା ଓ ରକ୍ତପାତର ଘୃଣ୍ୟ କଳଙ୍କିତ ପରମ୍ପରା ତାଙ୍କଠାରୁ ଆରମ୍ଭ ହୋଇଥିଲା। ଏହି ପରମ୍ପରା ତାଙ୍କପରେ ଅନ୍ୟମାନେ ଅନୁସରଣ କରିଥିଲେ ଓ ଫଳ ସ୍ୱରୁପ ମାତ୍ର ୩୦ ବର୍ଷ ମଧ୍ୟରେ ଓଡ଼ିଶା ସାମ୍ରାଜ୍ୟର ପତନ ହୋଇଥିଲା।

ଗୋବିନ୍ଦ ବିଦ୍ୟାଧର ସୂର୍ଯ୍ୟବଂଶର ପତନ ଘଟାଇ ଏକ ନୂତନ ରାଜବଂଶ-ଭୋଇବଂଶ ପ୍ରତିଷ୍ଠା କଲେ। ତାଙ୍କର ସିଂହାସନ ଦଖଲ ଅନେକଙ୍କ ଦ୍ୱାରା ସହଜରେ ଗ୍ରହଣୀୟ ହୋଇନଥିଲା। ସେ ପ୍ରକୃତ ଉତ୍ତରାଧିକାରୀମାନଙ୍କୁ ହତ୍ୟା କରିଥିଲେ। ସେ କ୍ଷତ୍ରୀୟ ନଥିଲେ। ପ୍ରତିବାଦର ସ୍ୱରକୁ ଦମନ କରିବା ଉଦ୍ଦେଶ୍ୟରେ, ତାଙ୍କର ସିଂହାସନ

ଆରୋହଣ ଜଗନ୍ନାଥଙ୍କ ଇଚ୍ଛାରେ ହୋଇଛି ଓ ତାଙ୍କୁ ଅବମାନନା କରିବା ଅର୍ଥ ଜଗନ୍ନାଥଙ୍କର ଅବମାନନା ବୋଲି ଘୋଷଣା କରାଗଲା। ପ୍ରତିବାଦର ସ୍ୱର ଅବଦମିତ ହୋଇଥିଲା, କିନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇ ନଥିଲା।

ସିଂହାସନ ଅଧିକାର ପରେ ପରେ ଗୋବିନ୍ଦ ବିଦ୍ୟାଧର ପଡ଼ୋଶୀ ରାଜ୍ୟ ଦ୍ୱାରା ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଗୋଲକୁଣ୍ଡାର ସୁଲତାନ କୁଲ୍ଲିକୁତବଶାହା ରାଜମହେନ୍ଦ୍ରୀ ଆକ୍ରମଣ କଲେ। ସେନାପତି ମୁକୁନ୍ଦ ହରିଚନ୍ଦନଙ୍କୁ (ଭବିଷ୍ୟତର ମୁକୁନ୍ଦଦେବ) ବାରବାଟୀ ଦୁର୍ଗ ଦାୟିତ୍ୱରେ ଅବସ୍ଥାପିତ କରି ଗୋବିନ୍ଦ ବିଦ୍ୟାଧର ଦକ୍ଷିଣ ଅଭିଯାନରେ ଗଲେ। ତାଙ୍କର ଅନୁପସ୍ଥିତିରେ ରଘୁଭଞ୍ଜ ଛୋଟରାୟ ଓ ବାଲିକୀ ଶ୍ରୀଚନ୍ଦନ ବିଦ୍ରୋହ କଲେ। ରଘୁଭଞ୍ଜ ଛୋଟରାୟ ପ୍ରତାପରୁଦ୍ରଦେବଙ୍କର ଭଣଜା ଥିଲେ। ପ୍ରତାପରୁଦ୍ରଦେବଙ୍କର କୌଣସି ପୁତ୍ର ଜୀବିତ ନଥିବାରୁ ନିଜକୁ ତାଙ୍କର ଉତ୍ତରାଧିକାରୀ ବୋଲି ଦାବି କରୁଥିଲେ। ସେ କଟକରୁ ମୁକୁନ୍ଦ ହରିଚନ୍ଦନଙ୍କୁ ବହିଷ୍କାର କରି ବାରବଟୀ ଦୁର୍ଗ ଅଧିକାର କଲେ। ଖବର ପାଇ ଗୋବିନ୍ଦ ବିଦ୍ୟାଧର ଗୋଲକୁଣ୍ଡା ଶାସକଙ୍କ ସହିତ ସନ୍ଧି କରି ତାଙ୍କୁ ଓଡ଼ିଶା ଅଧିନରେ ଥିବା କୃଷ୍ଣା ଓ ଗୋଦାବରୀ ନଦୀ ମଧ୍ୟସ୍ଥ ଅଞ୍ଚଳ ଛାଡ଼ିଦେଲେ। **ଗୋଦାବରୀ ନଦୀ ଓଡ଼ିଶାର ଦକ୍ଷିଣ ସୀମା ହେଲା।** ବିଶ୍ୱସ୍ତ ସେନାପତି ଜନାର୍ଦ୍ଦନ ବିଦ୍ୟାଧରଙ୍କୁ (ଦନେଇ ବିଦ୍ୟାଧର) ଦକ୍ଷିଣ ଓଡ଼ିଶା ଦାୟୀତ୍ୱରେ ଅବସ୍ଥାପିତ କରି, ରାଜଧାନୀକୁ ଫେରି ବିଦ୍ରୋହ ଦମନ କଲେ। ରଘୁଭଞ୍ଜ ଛୋଟରାୟ ପରାଜିତ ହୋଇ ବଙ୍ଗରେ ଆଶ୍ରୟ ନେଲେ। ସୂର୍ଯ୍ୟବଂଶୀ ଶାସନର ପୁନରୁଦ୍ଧାର ପାଇଁ ତାଙ୍କର ଉଦ୍ୟମ ବିଫଳ ହେଲା। ଏହାପରେ ରାଜ୍ୟରେ ଆଉ କୌଣସି ବିଶୃଙ୍ଖଳା ହୋଇ ନଥିଲା।

**ଗୋବିନ୍ଦ ବିଦ୍ୟାଧରଙ୍କ ଉତ୍ତରାଧିକାରୀ** – ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କର ପୁତ୍ର **ଚକ୍ର ପ୍ରତାପଦେବ ବା ଚକ୍ରେଶ ଦେବ** (୧୫୪୯-୧୫୫୭) ରାଜା ହେଲେ। ସେ ଅତ୍ୟାଚାରୀ ଥିଲେ। ସେ ବ୍ରାହ୍ମଣମାନଙ୍କ ଦ୍ୱାରା ଘାସ କଟାଉଥିଲେ। ତାଙ୍କ ଶାସନରେ ଅନେକ ଅସନ୍ତୁଷ୍ଟ ଥିଲେ। ସେ ଅପ୍ରିୟ ଥିଲେ। ତାଙ୍କର ପ୍ରଧାନମନ୍ତ୍ରୀ, ଦକ୍ଷିଣ ଦାୟିତ୍ୱରେ ଅବସ୍ଥାପିତ ଦକ୍ଷ ଓ ବିଶ୍ୱସ୍ତ ସେନାପତି ଦନେଇ ବିଦ୍ୟାଧରଙ୍କ ସମର୍ଥନବଳରେ ହିଁ ସେ ତିଷ୍ଠି ରହିଥିଲେ। ତାଙ୍କର ଅକାଳମୃତ୍ୟୁ ହୋଇଥିଲା। କୁହାଯାଏ, ପୁତ୍ର ନରସିଂହ ଜେନା ତାଙ୍କୁ ବିଷଦେଇ ହତ୍ୟାକରି **ନରସିଂହ ଦେବ** (୧୫୫୭-୧୫୫୮) ନାମରେ ସିଂହାସନ ଆରୋହଣ କଲେ। ରାଜଧାନୀରେ ପରିସ୍ଥିତି ଭଲ ନଥିବାରୁ ଦନେଇ ବିଦ୍ୟାଧରଙ୍କୁ ରାଜଧାନୀକୁ ଆସିବାକୁ ଖବର ଦିଆଗଲା। କିନ୍ତୁ ସେ ଆସିବା ପୂର୍ବରୁ ନରସିଂହଦେବ ଷଡ଼ଯନ୍ତ୍ରର ଶିକାର

ହେଲେ। କଟକର ପ୍ରଶାସକ ମୁକୁନ୍ଦ ହରିଚନ୍ଦନ ତିନିଭାଇଙ୍କ ସହ ମହିଳା ବେଶରେ ପାଲିଙ୍କିରେ ବସି ରାଜପ୍ରାସାଦରେ ପ୍ରବେଶକଲେ ଓ ନରସିଂହଦେବଙ୍କୁ ହତ୍ୟାକଲେ। ତାପରେ ନରସିଂହଦେବଙ୍କର ଜଣେ ଭାଇ ରଘୁରାମ ଜେନା / ଛୋଟରାୟଙ୍କୁ (୧୫୫୮-୧୫୫୯) ସିଂହାସନରେ ବସାଇ ତାଙ୍କ ନାମରେ ନିଜେ ପ୍ରକୃତ ଶାସନ କଲେ।

ରାଜଧାନୀରେ ଘଟୁଥିବା ବିଶୃଙ୍ଖଳା ଓ ବଦ୍ରୋହର ସୂଚନା ପାଇ ଦନେଇ ବିଦ୍ୟାଧର ଦକ୍ଷିଣରୁ ଆସି ପୁରୀ ନିକଟସ୍ଥ ମଙ୍ଗଳାଯୋଡ଼ିଠାରେ ପହଞ୍ଚିଲେ। ମୁକୁନ୍ଦ ହରିଚନ୍ଦନ ତାଙ୍କୁ ଆକ୍ରମଣ କଲେ ଓ ବନ୍ଦୀକଲେ। ବନ୍ଦୀଶାଳାରେ ତାଙ୍କର ମୃତ୍ୟୁ ହେଲା। ଜନାର୍ଦ୍ଦନ ବିଦ୍ୟାଧର ବା ଦନେଇ ବିଦ୍ୟାଧର ୨୫ ବର୍ଷକାଳ ସେନାପତି ଭାବରେ କାର୍ଯ୍ୟ କରିଥିଲେ। ସେ ଦକ୍ଷ, ବିଶ୍ୱସ୍ତ ଓ ରାଜାନୁଗତ ଥିଲେ। ବିଶ୍ୱାସଘାତକତା, ବିଦ୍ରୋହ ଓ ଷଡ଼ଯନ୍ତ୍ର ଯୁଗରେ ଏକ ବ୍ୟତିକ୍ରମ ଥିଲେ। ସେ ଦନେଇ ବିଦ୍ୟାଧରପୁର ଶାସନ ପ୍ରତିଷ୍ଠା କରିଥିଲେ।

ଦନାଇ ବିଦ୍ୟାଧରଙ୍କ ପରେ ମୁକୁନ୍ଦ ହରିଚନ୍ଦନଙ୍କ ରାସ୍ତାରେ ଆଉଜଣେ ପ୍ରତିବନ୍ଧକ ଥିଲେ ରଘୁଭଞ୍ଜ ଛୋଟରାୟ। ସେ ନିଜକୁ ସୂର୍ଯ୍ୟବଂଶର ଉତ୍ତରାଧିକାରୀ ବୋଲି ଦାବି କରୁଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ସମୟରେ ବିଦ୍ରୋହ କରି ମୁକୁନ୍ଦ ହରିଚନ୍ଦନଙ୍କୁ କଟକରୁ ବିତାଡ଼ିତ କରି ବାରବାଟୀ ଦୁର୍ଗ ଦଖଲ କରିଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା ପରାଜିତ ହୋଇ ବଙ୍ଗରେ ଆଶ୍ରୟ ନେଇଥିଲେ। ଓଡ଼ିଶାରେ ଘଟୁଥିବା ବିଦ୍ରୋହ ଓ ବିଶୃଙ୍ଖଳାର ସୁଯୋଗ ନେଇ ବଙ୍ଗର ମୁସଲମାନ ଶାସକଙ୍କ ସାହାଯ୍ୟରେ ସେ ଓଡ଼ିଶା ଆକ୍ରମଣ କଲେ। ମୁକୁନ୍ଦ ହରିଚନ୍ଦନ ତାଙ୍କୁ ପରାଜିତ କରି ହତ୍ୟାକଲେ। ସୂର୍ଯ୍ୟବଂଶର ପୁନରୁଦ୍ଧାର ପାଇଁ ଉଦ୍ୟମର ଅନ୍ତହେଲା।

ଦନାର୍ଦ୍ଦନ ବିଦ୍ୟାଧରଙ୍କ ପରେ କୌଣସି ପ୍ରତିବାଦୀ ଓ ରଘୁଭଞ୍ଜ ଛୋଟରାୟଙ୍କପରେ କୌଣସି ପ୍ରତିଦ୍ୱନ୍ଦୀ ମୁକୁନ୍ଦ ହରିଚନ୍ଦନଙ୍କର ନଥିଲେ। ସବୁଆଡ଼ୁ ନିଷ୍କଣ୍ଟକ ହେବାପରେ ସେ ରାଜା ରଘୁରାମ ଜେନାଙ୍କୁ ହତ୍ୟାକରି ମୁକୁନ୍ଦ ଦେବ ନାମରେ ସିଂହାସନ ଆରୋହଣ କଲେ (୧୫୫୯)। ଉଲ୍ଲେଖନୀୟ, ଗୋବିନ୍ଦ ବିଦ୍ୟାଧରଙ୍କ ମୃତ୍ୟୁ ଓ ମୁକୁନ୍ଦଦେବଙ୍କ ସିଂହାସନ ଆରୋହଣ ମଧ୍ୟରେ ମାତ୍ର ଦଶବର୍ଷ ପାଇଁ ଶାସନ କରିଥିବା ୩ଜଣ ଯାକ ରାଜା ଷଡ଼ଯନ୍ତ୍ର ଓ ହତ୍ୟାର ଶିକାର ହୋଇଥିଲେ। (ସେମାନଙ୍କ ମଧ୍ୟରୁ କେବଳ ଚକ୍ରପ୍ରତାପ ଦେବ ୮ ବର୍ଷ ଶାସନ କରିଥିଲେ)।

**ମୁକୁନ୍ଦଦେବ** (୧୫୫୯-୬୮) - ଗଜପତି ମୁକୁନ୍ଦ ଦେବ ହେଉଛନ୍ତି ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁରାଜା। ଗଜପତି ମୁକୁନ୍ଦଦେବଙ୍କୁ ତେଲେଙ୍ଗା ମୁକୁନ୍ଦଦେବ ବୋଲି କୁହାଯାଏ। ତାଙ୍କର ପିତାଙ୍କ ନାମ ସରବରାଜୁ (ସର୍ବରାଜ ମହାପାତ୍ର) ଓ ମାତାଙ୍କ ନାମ ସର୍ବାଦେବୀ ଥିଲା। ତାଙ୍କର ପିତାମହ ଥିଲେ ଶିଙ୍ଗରାଜ (ଶ୍ରୀ ରଙ୍ଗରାଜ)। ସେମାନେ ବିଶାଖାପାଟଣା ଜିଲ୍ଲାର ସର୍ବସିଧି ତାଲୁକାର ବାସିନ୍ଦା ଥିଲେ। ମୁକୁନ୍ଦଦେବଙ୍କର ପୂର୍ବପୁରୁଷମାନେ ଚାଲୁକ୍ୟ ବଂଶଜ ଥିଲେ, ଗଙ୍ଗମାନଙ୍କ ଅଧିନରେ କାମ କରିଥିଲେ। ମୁକୁନ୍ଦ ହରିଚନ୍ଦନ ଗଜପତି ପ୍ରତାପରୁଦ୍ରଦେବଙ୍କର ସୈନିକ ଥିଲେ। ଦକ୍ଷିଣରେ ଯୁଦ୍ଧକରି ନିଜର ଦକ୍ଷତା ବଳରେ ସେ ଉଚ୍ଚପଦବୀକୁ ଉନ୍ନୀତ ହୋଇ ଗୋବିନ୍ଦ ବିଦ୍ୟାଧରଙ୍କ ସମୟରେ ରାଜଧାନୀ କଟକର ପ୍ରଶାସକ ଭାବରେ ନିଯୁକ୍ତ ହୋଇଥିଲେ। ରାଜା ଚକ୍ରପ୍ରତାପଙ୍କୁ ପୁତ୍ର ନରସିଂହ ଜେନା ହତ୍ୟାକରିବାପରେ, ସେ ବିଦ୍ରୋହକରି ନରସିଂହ ଜେନାଙ୍କୁ ହତ୍ୟା କଲେ ଓ ରଘୁରାମ ଜେନାଙ୍କୁ ହାତକଣ୍ଢେଇ କରି ପ୍ରକୃତ ଶାସକ ହେଲେ। ତାପରେ ଜନାର୍ଦ୍ଦନ ବିଦ୍ୟାଧର, ରଘୁଭଞ୍ଜ ଛୋଟରାୟ ଓ ରଘୁରାମ ଜେନାଙ୍କୁ ହତ୍ୟାକରି ମୁକୁନ୍ଦଦେବ ନାମରେ ସିଂହାସନ ଦଖଲ କଲେ। କ୍ଷମତା ହାସଲ ପାଇଁ ଗୋବିନ୍ଦ ବିଦ୍ୟାଧରଙ୍କର ଦ୍ୱାରା ଆରମ୍ଭ ହୋଇଥିବା ହତ୍ୟା, ରକ୍ତପାତ ଓ ବିଶ୍ୱାସଘାତକତା ପନ୍ଥା ହିଁ ସେ ଅନୁସରଣ କରିଥିଲେ।

ଓଡ଼ିଶାରେ ଘଟୁଥିବା ରାଜନୈତିକ ବିଶୃଙ୍ଖଳାର ସୁଯୋଗ ନେଇ ମୁକୁନ୍ଦଦେବଙ୍କ ରାଜତ୍ୱର ପ୍ରଥମ ବର୍ଷରେ ବଙ୍ଗର ସୁଲତାନ ଗିୟାସୁଦ୍ଦିନ ଜଲ୍ଲାଲ ଶାହା ଓଡ଼ିଶା ଆକ୍ରମଣ କରି ଯାଜପୁର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ। ମୁକୁନ୍ଦଦେବ ପ୍ରତିଆକ୍ରମଣକରି ତାଙ୍କୁ ଗଙ୍ଗାନଦୀ ପର୍ଯ୍ୟନ୍ତ ଘଉଡ଼ାଇ ନେଲେ। ଜଲ୍ଲାଲ ଶାହା ଗଙ୍ଗାନଦୀର ଅପର ପାର୍ଶ୍ୱକୁ ପଳାଇଗଲେ। ମୁକୁନ୍ଦଦେବ ଗଙ୍ଗାନଦୀ କୂଳରେ ଏକ ଘାଟ ନିର୍ମାଣ କରିଥିଲେ। ଉକ୍ତ ଘାଟ "ତ୍ରିବେଣୀଘାଟ" ବା "ମୁକୁନ୍ଦ ଘାଟ" ନାମରେ ପରିଚିତ।

ବଙ୍ଗର ଆଫଗାନ ଶାସକଙ୍କୁ ପରାଜିତ କରିବା ପରେ ଘଟଣାକ୍ରମେ ମୁକୁନ୍ଦଦେବ ଭାରତୀୟ ରାଜନୀତିରେ ଜଡ଼ିତ ହୋଇଗଲେ। ମୋଗଲ ସମ୍ରାଟ ଆକବର ଓ ଆଫଗାନ ଶକ୍ତି ମଧ୍ୟରେ ସଂଘର୍ଷ ଚାଲିଥିଲା। ଶେରଶାହଙ୍କ ବଂଶଧର ଇବ୍ରାହିମ ଖାଁ ସୁର ଆକବରଙ୍କ ଦ୍ୱାରା ପରାଜିତ ହୋଇ ଆଫଗାନଶାସିତ ବଙ୍ଗ ପ୍ରଦେଶରେ ପ୍ରବେଶକଲେ। ବଙ୍ଗର ଶାସକ ସୁଲେମାନ କରାନୀ ଇବ୍ରାହିମଙ୍କୁ ତାଙ୍କର ପ୍ରତିଦ୍ୱନ୍ଦୀ ବୋଲି ବିଚାରକରି ତାଙ୍କୁ ଆଶ୍ରୟ ଦେଲେ ନାହିଁ। ଇବ୍ରାହିମ ଓଡ଼ିଶା ଆସିଲେ ଓ ମୁକୁନ୍ଦଦେବ ତାଙ୍କୁ ଆଶ୍ରୟ ଦେଲେ।

ପଡ଼ୋଶୀ ରାଜ୍ୟ ତାଙ୍କୁ ଆଶ୍ରୟ ଦେବାରୁ ସୁଲେମାନ କରାନୀ ମୁକୁନ୍ଦଦେବଙ୍କ ଉପରେ ଅସନ୍ତୁଷ୍ଟ ହେଲେ। ତାପରେ ଅନ୍ୟଏକ ଘଟଣା ଘଟିଲା। ଆକବରଙ୍କ ଦ୍ୱାରା ବହିଷ୍କୃତ ବିଦ୍ରୋହୀ ସେନାପତି ଆଲ୍ଲି କୁଲ୍ଲି ଖାଁ ବଙ୍ଗକୁ ଆସି ସୁଲେମାନ କରାନୀଙ୍କ ସହିତ ମିଶି ଆକବରଙ୍କ ବିରୁଦ୍ଧରେ ଅଭିଯାନ କରିବାର ଯୋଜନା କଲେ। ଏହି ଉଦ୍ୟମକୁ ପଣ୍ଡକରିବା ଉଦ୍ଦେଶ୍ୟରେ ଆକବର ଗଜପତି ମୁକୁନ୍ଦଦେବଙ୍କ ସହିତ କୁଟନୈତିକ ସମ୍ପର୍କ ସ୍ଥାପନ ପାଇଁ ତାଙ୍କର ଦୂତ ହାସାନ ଖାଁ ଓ ତାଙ୍କ ଦରବାରର ଭଟ୍ଟ ମହାପାତ୍ର ନାମକ ଜଣେ ଓଡ଼ିଆ ସଙ୍ଗୀତଜ୍ଞଙ୍କୁ ଓଡ଼ିଶା ପଠାଇଲେ। ସେମାନଙ୍କ ମାଧ୍ୟମରେ ଆକବର ଓ ମୁକୁନ୍ଦଦେବଙ୍କ ମଧ୍ୟରେ ଏକ ବୁଝାମଣା ହେଲା। ବୁଝାମଣା ଅନୁସାରେ ଯଦି ସୁଲେମାନ କରାନୀ ଆଲ୍ଲିକୁଲ୍ଲି ଖାଁଙ୍କୁ ଆଶ୍ରୟ ଦିଅନ୍ତି, ତେବେ ଆକବର ବଙ୍ଗ ଆକ୍ରମଣ କରିବେ ଓ ମୁକୁନ୍ଦଦେବ ତାଙ୍କ ସହିତ ଯୋଗ ଦେବେ। ମୁକୁନ୍ଦଦେବ ତାଙ୍କର ଦୂତ ପରମାନନ୍ଦ ରାୟଙ୍କ ହାତରେ ନିଜର ସହମତି ଓ କେତେକ ଉପହାର ଆକବରଙ୍କ ନିକଟକୁ ପଠାଇଥିଲେ। ଏହି ବୁଝାମଣା ହେତୁ ସୁଲେମାନ କରାନୀ ଭୟଭୀତ ହୋଇ ବହିଷ୍କୃତ ମୋଗଲ ସେନାପତିଙ୍କୁ ଆଶ୍ରୟ ଦେଲେ ନାହିଁ। ମୁକୁନ୍ଦଦେବଙ୍କ ହେତୁ ତାଙ୍କର ଯୋଜନା ବିଫଳ ହେବାରୁ ତାଙ୍କ ଉପରେ ପ୍ରତିଶୋଧ ନେବାପାଇଁ ସୁଲେମାନ କରାନୀ ଏକ ସୁଯୋଗ ଅପେକ୍ଷାରେ ରହିଲେ।ଏହିପରି ଭାବରେ ମୋଗଲ- ଆଫଗାନ ବିବାଦରେ ଜଡ଼ିତ ହେବା, ଭବିଷ୍ୟତରେ ମୁକୁନ୍ଦଦେବଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥିଲା।

୧୫୬୭ ମସିହାରେ ଆକବର ଚିତୋରଦୁର୍ଗ ଆକ୍ରମଣ କଲେ। ସୁଲେମାନ କରାନୀଙ୍କୁ ସୁଯୋଗ ମିଳିଗଲା। ଆକବର ଚିତୋରଦୁର୍ଗ ଅବରୋଧରେ ବ୍ୟସ୍ତଥିବା ବେଳେ ସେ ଓଡ଼ିଶା ଆକ୍ରମଣ କଲେ। ମୁକୁନ୍ଦଦେବ ମୋଗଲ ଶାସକଙ୍କଠାରୁ କୌଣସି ସାହାଯ୍ୟ ପାଇଲେନାହିଁ। ଏକାକୀ ବଙ୍ଗ ଆକ୍ରମଣର ମୁକାବିଲା କଲେ। ବଙ୍ଗର ଦୁଇଟି ସୈନ୍ୟବାହିନୀ ଦୁଇଦିଗରୁ ଓଡିଶା ଆକ୍ରମଣ କଲେ। ସୁଲେମାନ କରାନୀଙ୍କ ନେତୃତ୍ୱରେ ଗୋଟିଏ ସୈନ୍ୟବାହିନୀ ମୁକୁନ୍ଦଦେବଙ୍କୁ କୋଟସୀମା ଦୁର୍ଗରେ ଅବରୁଦ୍ଧ କରି ରଖିଲେ। କରାନୀଙ୍କ ପୁତ୍ର ବାଜାୟିଦଙ୍କ ନେତୃତ୍ୱରେ ଅନ୍ୟ ଏକ ସେନାବାହିନୀ (ଯେଉଁ ବାହିନୀରେ କଳାପାହାଡ଼ ଜଣେ ସେନାନାୟକ ଥିଲେ) କଟକ ଆକ୍ରମଣ କରି ବାରବାଟି ଦୁର୍ଗ ଅଧିକାର କଲେ।

ଓଡ଼ିଶାର ଏହି ସଙ୍କଟ ବେଳେ ବାରଙ୍ଗ ନିକଟସ୍ଥ ସାରଙ୍ଗଗଡ଼ର ସାମନ୍ତ ରାମଚନ୍ଦ୍ର ଭଞ୍ଜ ବିଦ୍ରୋହକରି ନିଜକୁ ଗଜପତି ରାମଚନ୍ଦ୍ରଦେବ ବୋଲି ଘୋଷଣା କଲେ । ମୁକୁନ୍ଦଦେବ ସୁଲେମାନ କରାନୀଙ୍କ ସହିତ ସନ୍ଧିକରି ରାମଚନ୍ଦ୍ର ଭଞ୍ଜଙ୍କ ବିରୁଦ୍ଧରେ ଅଗ୍ରସର ହେଲେ।

ଯାଜପୁର ନିକଟସ୍ଥ ଗୋହିରାଟିକିରିଠାରେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା। କଟକରୁ ବଙ୍ଗ ବାହିନୀ ଯାଜପୁର ଆଡ଼କୁ ଅଗ୍ରସର ହେଲେ। କିମ୍ବଦନ୍ତୀ ଅନୁସାରେ ଶିଖି ମନାଇ ନାମକ ଦୁଇଜଣ ଦେଶଦ୍ରୋହୀ ବିଶ୍ୱାସଘାତକ ଆଫଗାନ ସେନାର ସେନାନାୟକ କଳାପାହାଡ଼ଙ୍କୁ ଓଡ଼ିଶାସେନାର ପଛପଟୁ ଆକ୍ରମଣ କରିବାକୁ ଏକ ଗୁପ୍ତ ଅରଣ୍ୟ ପଥ ଦେଖାଇ ଦେଇଥିଲେ। ରାମଚନ୍ଦ୍ର ଭଞ୍ଜଙ୍କ ସହିତ ଯୁଦ୍ଧରେ ମୁକୁନ୍ଦ ଦେବ ନିହତ ହେଲେ। ସେହି ଦିନ ଆଫଗାନ ସେନା ରାମଚନ୍ଦ୍ର ଭଞ୍ଜଙ୍କୁ ପରାଜିତ କରି ହତ୍ୟାକଲେ। ଏହି ଘଟଣା ଓଡ଼ିଶା ଇତିହାସରେ କ୍ଷମତା ହାସଲ ପାଇଁ ବିଶ୍ୱାସଘାତକତା, ବିଦ୍ରୋହ, ଷଡ଼ଯନ୍ତ୍ର, ରକ୍ତପାତ ପରମ୍ପରାର ଅନ୍ୟ ଏକ କଳଙ୍କିତ ଉଦାହରଣ ଥିଲା ।

ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ଓଡ଼ିଶା ଅରାଜକ ହୋଇଗଲା। ଆଫଗାନ ବାହିନୀର ପ୍ରତିରୋଧ କରିବାକୁ କେହି ନେତା ନଥିଲେ। କଳାପାହାଡ଼ଙ୍କ ନେତୃତ୍ୱରେ ନିର୍ବିରୋଧ ଲୁଣ୍ଠନ, ଅତ୍ୟାଚାର, ମନ୍ଦିରଭଙ୍ଗା ଧ୍ୱଂସଲୀଳା ଆରମ୍ଭ ହେଲା। ଓଡ଼ିଶା ବଙ୍ଗର ଅଧିନ ହେଲା। ଓଡ଼ିଶା ସାମ୍ରାଜ୍ୟର ପତନ ହେଲା। ସ୍ୱାଧୀନତା ଲୋପ ପାଇଲା। ଓଡ଼ିଶାର ଗୌରବ ରବି ସବୁଦିନ ପାଇଁ ଅସ୍ତମିତ ହେଲେ।

**କଳାପାହାଡ଼** – ଓଡ଼ିଶା ଇତିହାସରେ ଧ୍ୱଂସ ଓ ମନ୍ଦିର ଭଙ୍ଗାର ପ୍ରତୀକ, ଭୟ ଓ ଆତଙ୍କ ସୃଷ୍ଟିକାରୀ ଏକ କିମ୍ବଦନ୍ତୀ ଚରିତ୍ର ହେଉଛି,କଳାପାହାଡ଼। ସେ ୧୫୬୮ ମସିହାରେ କଟକ ଅଧିକାର କରିଥିବା ବଙ୍ଗ ସେନାବାହିନୀର ଜଣେ ସେନାନାୟକ ଥିଲେ। ମୁକୁନ୍ଦଦେବଙ୍କ ମୃତ୍ୟୁପରେ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ଲୁଣ୍ଠନ, ଅତ୍ୟାଚାର ମନ୍ଦିର ଭଙ୍ଗାର ଧ୍ୱଂସଲୀଳା ଆରମ୍ଭ ହୋଇଥିଲା। ତାଙ୍କ ଭୟରେ ସେବକମାନେ ପୁରୀ ଶ୍ରୀମନ୍ଦିରରୁ ବିଗ୍ରହମାନଙ୍କୁ ନେଇ ଚିଲିକା ମଧ୍ୟରେ ଲୁଚାଇ ରଖିଥିଲେ। କଳାପାହାଡ଼ ସେଠାରୁ ବିଗ୍ରହ ମାନଙ୍କୁ ନେଇ ଗଙ୍ଗାକୂଳରେ ପୋଡ଼ିଦେଲେ। ବିଶର ମହାନ୍ତି ନାମକ ଜଣେ ଭକ୍ତ ତାଙ୍କୁ ଅନୁସରଣ କରିଯାଇଥିଲେ ଓ ଅଧାପୋଡ଼ା ବିଗ୍ରହ ମଧ୍ୟରୁ ବ୍ରହ୍ମଙ୍କୁ ଉଦ୍ଧାର କରି ଖୋଳ ବା ମୃଦଙ୍ଗ ଭିତରେ ଲୁଚାଇ ଓଡ଼ିଶା ଆଣିଥିଲେ।

କିମ୍ବଦନ୍ତୀ କୁହେ କଳାପାହାଡ଼ ହିନ୍ଦୁ ଥିଲେ। ବଙ୍ଗ ସୁଲତାନଙ୍କ କନ୍ୟାଙ୍କୁ ବିବାହକରି ମୁସଲମାନ ହୋଇଥିଲେ। ପରେ ହିନ୍ଦୁଧର୍ମକୁ ଫେରିବାକୁ ପୁରୀ ଆସି ଉଦ୍ୟମ କରିଥିଲେ। କିନ୍ତୁ ହିନ୍ଦୁ ଧର୍ମରେ ପୁନଃ ପ୍ରବେଶ ସମ୍ଭବ ନୁହେଁ ଜାଣିବାପରେ ସେ ହିନ୍ଦୁ ବିଦ୍ୱେଷୀ ହୋଇଗଲେ। ପ୍ରତିଶୋଧ ପରାୟଣ ହୋଇ ହିନ୍ଦୁ ଧର୍ମପୀଠ ମନ୍ଦିରମାନ ଧ୍ୱଂସ କଲେ। ମୁସଲମାନ ବିବରଣୀ ଅନୁଯାୟୀ କୁହାଯାଏ, ସେ ଜଣେ ଆଫଗାନ ଥିଲେ। ତାଙ୍କର

ନାମଥିଲା କାଲାଚାନ୍ଦ। ତତ୍‌କାଳୀନ ଯୁଦ୍ଧ ଅଭିଯାନ ସମୟରେ ବିଜିତ ରାଜ୍ୟ ଲୁଣ୍ଠନ ଏକ ସାଧାରଣ କଥା ଥିଲା। ମନ୍ଦିରଗୁଡ଼ିକରେ ଅନେକ ଧନସମ୍ପତ୍ତି ଗଚ୍ଛିତ ଥିବା ହେତୁ ସେ ମନ୍ଦିର ଆକ୍ରମଣ କରିଥିଲେ। କିନ୍ତୁ ତାଙ୍କର ଅତ୍ୟାଚାର ଓ ଲୁଣ୍ଠନ ମାତ୍ରାଧିକ ଥିଲା। ମନ୍ଦିର ଭାଙ୍ଗି ଓ ଲୁଣ୍ଠନ କରି ସେ ଓଡ଼ିଶାର ଅପୂରଣୀୟ କ୍ଷତିସାଧନ କରିଥିଲେ। ଓଡ଼ିଶାର ଲୋକକଥା ଓ କିମ୍ବଦନ୍ତୀରେ ତାଙ୍କ ବିଷୟରେ ଅନେକ କଥା ଶୁଣିବାକୁ ମିଳେ। ଯଥା– "ଆଇଲା କଳା ପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ ମୁକୁନ୍ଦଦେବଙ୍କ ରାଣୀ"। "ଭଲା ରାମଚଣ୍ଡି ଭଲାରେ, କଳା ପାହାଡ଼କୁ ଦୁଆରେ ବସାଇ ଭଲା ପାଣି ଆଣି ଗଲାରେ।" କେତେକଙ୍କ ମତରେ କଳାପାହାଡ଼ ଏକ ଐତିହାସିକ ଚରିତ୍ର ନୁହେଁ। ଓଡ଼ିଶାରେ ଧ୍ୱଂସ, ଲୁଣ୍ଠନ ଓ ଆତଙ୍କ ସୃଷ୍ଟି କରିଥିବା ବଙ୍ଗବାହିନୀର ସେନାନାୟକ କାଲାଚାନ୍ଦ ଓଡ଼ିଶାର ଜନମାନସରେ ଏକ ଭୟଙ୍କର, ହିଂସ୍ର କାଳିମାମୟ ଚରିତ୍ରର ପ୍ରତୀକ ହୋଇ ଯାଇଥିଲେ ଓ କଳାପାହାଡ଼ ନାମରେ କୁଖ୍ୟାତ ଥିଲେ।

ସୁବିସ୍ତୃତ, ଶକ୍ତିଶାଳୀ ଗୌରବମୟ ଓଡ଼ିଶା ସାମ୍ରାଜ୍ୟର ପତନର କାରଣମାନଙ୍କ ମଧ୍ୟରେ ଦୁର୍ବଳ ଉତ୍ତରାଧିକାରୀ, ସିଂହାସନ ପାଇଁ ଗୃହଯୁଦ୍ଧ ଓ ବିଦ୍ରୋହ ଏବଂ ମନ୍ତ୍ରୀ, ସେନାପତି, ସାମନ୍ତମାନଙ୍କର ସ୍ୱାର୍ଥପରତା ଓ ବିଶ୍ୱାସଘାତକତା ସହିତ ପଡ଼ୋଶୀ ରାଜ୍ୟମାନଙ୍କର ଆକ୍ରମଣ ପ୍ରଧାନ ଥିଲା। ଗଜପତି ରାଜାମାନଙ୍କର ଦାକ୍ଷିଣାତ୍ୟ ନୀତି, ଦୀର୍ଘ ଯୁଦ୍ଧ ଓଡ଼ିଶାକୁ ଦୁର୍ବଳ କରିବା ସହିତ ରାଜକୋଷକୁ ହ୍ରାସ କରିଥିଲା। କୁହାଯାଏ ଦାକ୍ଷିଣାତ୍ୟ କ୍ଷତ (ଡେକାନ ଅଲସର୍) ଓଡ଼ିଶାର ପତନର ଏକ ମୁଖ୍ୟ କାରଣ ଥିଲା। କେତେକଙ୍କ ମତରେ ଚୈତନ୍ୟଙ୍କ ଧର୍ମପ୍ରଚାର ହେତୁ ଓଡ଼ିଶାରେ ବୀରଭାବର ହ୍ରାସ ଓ ଭକ୍ତିଭାବର ବୃଦ୍ଧି ହୋଇଥିଲା। ବୀର ଓଡ଼ିଆ କରବାଳ ଛାଡ଼ି କରତାଳ ଧାରଣ କଲା। ପ୍ରତାପ ରୁଦ୍ରଦେବଙ୍କ ପରେ ଓ ମୁକୁନ୍ଦଦେବଙ୍କ ମୃତ୍ୟୁପର୍ଯ୍ୟନ୍ତ ସମୟ ଓଡ଼ିଶା ଇତିହାସରେ ବିଶ୍ୱାସଘାତକତା ଓ ରକ୍ତପାତର ଯୁଗଥିଲା। ରାଜଭକ୍ତି ନଥିଲା, ଦେଶପ୍ରେମ ନଥିଲା। ରାଜା ଶତ୍ରୁ ସହିତ ଯୁଦ୍ଧ କରୁଥିବାବେଳେ ରାଜ୍ୟରେ ଷଡ଼ଯନ୍ତ୍ର ଓ ବିଦ୍ରୋହ ହେତୁ ଦୁର୍ବଳ ରାଜଶକ୍ତି ବିଦେଶୀ ଆକ୍ରମଣର ପ୍ରତିରୋଧ କରିପାରିଲା ନାହିଁ। ସାମ୍ରାଜ୍ୟର ପତନ ହେଲା।

●●●

## ପରାଧିନ ଓଡ଼ିଶା

# ଆଫଗାନ ଶାସନ

ଗଜପତି ମୁକୁନ୍ଦଦେବଙ୍କ ମୃତ୍ୟୁପରେ (୧୫୬୮) ଓଡିଶା ସାମ୍ରାଜ୍ୟର ପତନ ହେଲା। ଓଡିଶା ଇତିହାସରେ ଅଧପତନ, ଅବକ୍ଷୟ, ଆଞ୍ଚଳିକ ବିଭାଜନ ଓ ପରାଧିନତାର ଯୁଗ ଆରମ୍ଭ ହେଲା। ଓଡିଶା ବଙ୍ଗର ଆଫଗାନ ଶାସନ ଅଧିନ ହେଲା। ସାମ୍ରାଜ୍ୟ ଭିତରେ ଭିତରେ ଏତେ ଦୁର୍ବଳ ହୋଇପଡିଥିଲା ଯେ ତାସଘରପରି ଭୁସୁଡିପଡିଲା। ଖଣ୍ଡବିଖଣ୍ଡିତ ହୋଇଗଲା। ସାମନ୍ତ ରାଜାମାନେ ବଙ୍ଗ ନବାବଙ୍କର ବଶ୍ୟତା ସ୍ୱୀକାର କରି ପ୍ରାୟତଃ ସ୍ୱାଧୀନଭାବେ ଶାସନ କଲେ। ଦକ୍ଷିଣ ଓଡିଶାରେ ଆଫଗାନ ମାନଙ୍କର ନିୟନ୍ତ୍ରଣ ଦୁର୍ବଳ ଥିଲା। ସାମନ୍ତ ରାଜାମାନେ ଶକ୍ତିଶାଳୀ ନ ଥିଲେ। ଏହି ସୁଯୋଗରେ ଗୋଲକୁଣ୍ଡାର ଶାସକ ଇବ୍ରାହିମ କୁତବ ଶାହା ଦକ୍ଷିଣ ଓଡିଶା ଅଧିକାର କରିନେଲେ (୧୫୭୧)। ଆଫଗାନ ଶାସିତ ବଙ୍ଗ ଅଧିନରେ କେବଳ ଉତ୍ତର ଓ ମଧ୍ୟ ଓଡିଶା ରହିଲା।

**ଭୋଇ ବଂଶ ଓ ଖୋର୍ଦ୍ଧା ରାଜ୍ୟ :** ମୁକୁନ୍ଦଦେବଙ୍କ ପରେ ଓଡିଶାରେ ରାଜା ନ ଥିଲେ। ଜଗନ୍ନାଥ ମନ୍ଦିରରେ ବିଗ୍ରହ ନଥିଲେ। ଆଫଗାନ ମାନଙ୍କର ଅତ୍ୟାଚାର ଓ ଲୁଣ୍ଠନର ପ୍ରତିରୋଧ କରିବାକୁ କେହି ନ ଥିଲେ। ଓଡିଶା ଅରାଜକ ହୋଇଥିଲା। ଏହି ସଙ୍କଟ ସମୟରେ ଦନାର୍ଦନ ବିଦ୍ୟାଧରଙ୍କ (ଦନେଇ ବିଦ୍ୟାଧର) ପୁତ୍ର ରାମଚନ୍ଦ୍ର ରାଉତରା (ରମେଇ ରାଉତରା) ଦକ୍ଷିଣରୁ ଆସି ଖୋର୍ଦ୍ଧାଠାରେ ଭୋଇବଂଶ ଓ ରାଜଧାନୀ ପ୍ରତିଷ୍ଠା କରି ରାମଚନ୍ଦ୍ର ଦେବ ନାମରେ ଅଭିଷିକ୍ତ ହେଲେ (୧୫୭୨)। ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା ପ୍ରତିଷ୍ଠିତ ଭୋଇ ବଂଶର ସେ ଥିଲେ ପଞ୍ଚମ ଶାସକ (ଗୋବିନ୍ଦ ଦେବ, ଚକ୍ରପ୍ରତାପ ଦେବ, ନରସିଂହ ଦେବ ଓ ରଘୁରାମ ଛୋଟରାୟଙ୍କ ପରବର୍ତ୍ତୀ ରାଜା) ଭୋଇ ବଂଶର ଦକ୍ଷ ଓ ବିଶ୍ୱସ୍ତ ସେନାପତି ଦନାଇ ବିଦ୍ୟାଧର, ମୁକୁନ୍ଦ ଦେବଙ୍କ ଦ୍ୱାରା ପରାଜିତ ଓ ବନ୍ଦୀ ହେବା ସମୟରେ (୧୫୫୯) ଦକ୍ଷିଣ ଓଡ଼ିଶାର ରାଜମହେନ୍ଦ୍ରୀ ଠାରେ ଥିବା ତାଙ୍କର ପୁତ୍ର ରାମଚନ୍ଦ୍ର ରାଉତରା ମଧ୍ୟ ସେଠାରେ ବନ୍ଦୀ ହୋଇଥିଲେ ମୁକୁନ୍ଦଦେବଙ୍କ ପତନ ପରେ (୧୫୬୮) ସେ ମୁକ୍ତ ହୋଇ ଦକ୍ଷିଣର କେତେକ ସାମନ୍ତ ରାଜାଙ୍କ ଦ୍ୱାରା 'ଓଡ଼ିଶା ରାଜା' ରୁପେ ସ୍ୱୀକୃତ ହୋଇ ଗୋଟମାଗଡ଼ ବା ତୋଟମୀଗଡ଼ (ବିଶାଖା ପାଟଣା ଜିଲ୍ଲାର ବୀରଗୋଟମ) ଠାରେ ଅବସ୍ଥାନ କରିଥିଲେ। ଗୋଲକୁଣ୍ଡାର ଶାସକ ଇବ୍ରାହିମ କୁତବ ଶାହ ଚିଲିକା ଆଡକୁ ଅଗ୍ରସର ହେବା ସମୟରେ (୧୫୭୧) କେତେଜଣ ସ୍ଥାନୀୟ ବିଦ୍ରୋହୀ ଖଣ୍ଡାୟତ ନେତା ରାମଚନ୍ଦ୍ରଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଖବର ପାଇ ସେ ଓଡ଼ିଶା ଆଡକୁ ଚାଲି ଆସିଥିଲେ।

ଚିଲିକା ଉପକୂ ବର୍ତ୍ତୀ କୋକଲଗଡ଼ର ବାଘୁପାତ୍ର, ଘୋରଡ଼ିଆ (ଘୋଡ଼ା ଡିଆଁ)ର ଝାଡୁ ପରିଡା, ମଳିପଡା (ମଲ୍ଲିପଡା)ର ଶରଣୀ ପାତ୍ର ଓ ଦକ୍ଷିଣ ଓଡ଼ିଶାର କେତେଜଣ ସାମନ୍ତଙ୍କ ସାହାଯ୍ୟ ଓ ସମର୍ଥନରେ ପୁରୀ ଓ କଟକର ମଝାମଝି, ଖୋର୍ଦ୍ଧାଠାରେ ଏକ ନୂତନ ରାଜ୍ୟ (ଖୋର୍ଦ୍ଧା) ଓ ନୂତନ ରାଜଧାନୀ (ଜଗନ୍ନାଥ ପୁର କଟକ) ପ୍ରତିଷ୍ଠା କଲେ। ଏହି ବଂଶର ରାଜାମାନେ "ଗଜପତି" ପଦବୀ ଧାରଣ କଲେ ଓ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାନ କଲେ।

ବସ୍ତୁତଃ ଖୋର୍ଦ୍ଧାରାଜ୍ୟ ଆଫଗାନ ଶାସନ (ପରେ ମୋଗଲ ଓ ମରହଟ୍ଟା ଶାସନ) ଅଧିନରେ ଥିଲେବି ଏକ ସ୍ୱାଧନ ଓ ସ୍ୱତନ୍ତ୍ର ରାଜ୍ୟ ଭାବେ ପ୍ରତିଭାତ ହେଉଥିଲା। ଖୋର୍ଦ୍ଧାର ରାଜା ଓଡିଶାର ଧାର୍ମିକ ଓ ସାମାଜିକ ମୁଖ୍ୟ ଭାବେ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଥିଲେ। ତାଙ୍କର ଆଞ୍ଚଳିକ ଅଧିକାର ନଥିଲେ ମଧ ସେ ସମଗ୍ର ଓଡିଶା ଓ ଓଡିଆ ମାନଙ୍କର ରାଜା ଏବଂ ଶ୍ରୀ ଜଗନ୍ନାଥଙ୍କର ପ୍ରଥମ ସେବକ ଭାବେ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନର ଅଧିକାରୀ ଥିଲେ। ତାଙ୍କର ରାଜନୈତିକ କ୍ଷମତା ନଥିଲା, କିନ୍ତୁ ପ୍ରଭାବ ଥିଲା। ଜଗନ୍ନାଥ ମନ୍ଦିରର ସୁରକ୍ଷା ଓ ପରିଚାଳନା ପାଇଁ ଏହି ବଂଶର ରାଜାମାନେ ବହୁବାର ଆଫଗାନ ଓ ମୋଗଲ ମାନଙ୍କର ଆକ୍ରମଣ ଓ ଲୁଣ୍ଠନର ଶୀକାର ହୋଇଥିଲେ।

ଓଡିଶା ଆଫଗାନ ଶାସନ ଅଧିନରେ ମାତ୍ର ୨୪ବର୍ଷ (୧୫୬୮-୧୫୯୨) ଥିଲା। ମୋଗଲ (ଆକବର) ମାନଙ୍କ ସହିତ ସଙ୍ଘର୍ଷ ହେତୁ ଏହା ସ୍ଥିର, ନିରବଚ୍ଛିନ୍ନ କିମ୍ବା ପୂର୍ଣ୍ଣ ସ୍ୱାଧୀନ ନଥିଲା। ୨୪ବର୍ଷ ମଧ୍ୟରୁ ପ୍ରାୟ ୭ବର୍ଷ (୧୫୭୬-୮୩) ଓଡ଼ିଶା ପ୍ରତ୍ୟକ୍ଷଭାବେ ମୋଗଲ କର୍ତ୍ତୃତ୍ୱାଧିନ ଥିଲା। ୧୫୮୨ ମସିହାରେ ତୋଡରମଲ୍ଲଙ୍କ ଜମିଜମା ବନ୍ଦୋବସ୍ତ ଓଡିଶାରେ କାର୍ଯ୍ୟକାରୀ ହୋଇଥିଲା। ଆଫଗାନ ଶାସିତ ଓଡିଶାର ଇତିହାସ; ମୋଗଲ-ଆଫଗାନ ସଙ୍ଘର୍ଷ, ଯୁଦ୍ଧ, ବିଦ୍ରୋହ, ଅତ୍ୟାଚାର, ଲୁଣ୍ଠନ ଭରା ଏକ ବିଶୃଙ୍ଖଳିତ ଅଧ୍ୟାୟ ଥିଲା।

ବଙ୍ଗର ନବାବ ସୁଲେମାନ କରାନୀ ଓଡିଶା ଅଧିକାର ପରେ ମୋଗଲ ଆକ୍ରୋଶରୁ ବଞ୍ଚିବାପାଇଁ ଔପଚାରିକ ଭାବେ ମୋଗଲ ପ୍ରଭୁତ୍ୱ ସ୍ୱୀକାର କରିଥିଲେ। ତାଙ୍କପରେ ଅଳ୍ପ କାଳ ପାଇଁ ବାଜାୟିଦ (କଟକ ବିଜେତା) ଓ ବାଜାୟିଦ୍‌ଙ୍କ ପରେ **ଦାଉଦ** ବଙ୍ଗର ନବାବ ହେଲେ (୧୫୭୩)। ଦାଉଦ ମୋଗଲ ପ୍ରଭୁତ୍ୱକୁ ଅସ୍ୱୀକାରକରି ନିଜକୁ ସ୍ୱାଧୀନ ଘୋଷଣା କଲେ। ତାଙ୍କୁ ଦମନ କରିବା ପାଇଁ ଆକବର ମୋଗଲ ସେନାପତି ମୁନିମ ଖାଁ ଓ ମନ୍ତ୍ରୀ ତୋଡରମଲ୍ଲଙ୍କୁ ବଙ୍ଗ ଅଭିଯାନରେ ପଠାଇଲେ। ଦାଉଦ ଜଳେଶ୍ୱର ନିକଟସ୍ଥ ମୋଗଲମାରି ଯୁଦ୍ଧ କ୍ଷେତ୍ରରେ ଶୋଚନୀୟ ଭାବେ ପରାଜିତ ହୋଇ ଓଡିଶାକୁ ପଳାଇଆସି ବାରବାଟୀ ଦୁର୍ଗରେ ଆଶ୍ରୟ ନେଲେ। ବଙ୍ଗ ଓ ବିହାର ମୋଗଲ ମାନଙ୍କ ଦ୍ୱାରା ଅଧିକୃତ ହେଲା (୧୫୭୪)। ମୁନିମ ଖାଁ ବଙ୍ଗ-ବିହାରର ମୋଗଲ ସୁବେଦାର ଭାବେ ନିଯୁକ୍ତ ହେଲେ।

ବଙ୍ଗ ଓ ବିହାର ପରେ ବାକିରହିଲା ଓଡିଶା। ଦାଉଦଙ୍କୁ ଅନୁଧାବନ କରି ମୁନିମ ଖାଁ କଟକରେ ପହଞ୍ଚିଲେ। ଦୁର୍ବଳ ଓ ଉପାୟହୀନ ଦାଉଦ ବିନାଯୁଦ୍ଧରେ, ବିନା ସର୍ତ୍ତରେ ଆତ୍ମସମର୍ପଣ କଲେ। ମୁନିମ ଖାଁଙ୍କୁ ଅନେକ ଧନରତ୍ନ ଓ ହାତୀ ଉପହାର ଦେଲେ। ମୁନିମ ଖାଁ ଦାଉଦଙ୍କୁ ଓଡିଶାର ଶାସକ ଭାବେ ସ୍ୱୀକୃତି ଦେଲେ। ସଦ୍ୟ ଅଧିକୃତ ବଙ୍ଗ ଓ ବିହାରରେ ବିଦ୍ରୋହୀ ଆଫଗାନ ନେତାମାନଙ୍କୁ ଦମନ କରି ମୋଗଲ ନିୟନ୍ତ୍ରଣକୁ ସୁଦୃଢ଼ କରିବା ପ୍ରଥମ ଆବଶ୍ୟକତା ଥିଲା। ତେଣୁ ଦାଉଦଙ୍କୁ ଓଡିଶାର ଶାସକ ରୂପେ ସ୍ୱୀକାର କରାଯାଇଥିଲା।

ମୁନିମ ଖାଁଙ୍କ ମୃତ୍ୟୁ ପରେ ଦାଉଦ ପୁନର୍ବାର ବିଦ୍ରୋହ କଲେ ଓ ବଙ୍ଗଅଧିକାର ପାଇଁ ଉଦ୍ୟମ କଲେ। ରାଜମହଲ (ବଙ୍ଗ)ଠାରେ ମୋଗଲ ସେନା ତାଙ୍କୁ ପରାଜିତ ଓ ବନ୍ଦୀକଲେ । ପରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ଯୁଦ୍ଧରେ କ୍ଷତ ବିକ୍ଷତ ହୋଇ କଳାପାହାଡ଼ ଯୁଦ୍ଧକ୍ଷେତ୍ରରୁ ପଳାଇଥିଲେ। ଓଡିଶା ମୋଗଲ ଶାସନ ଅଧିନ ହେଲା। ଓଡିଶାକୁ ବଙ୍ଗ ସୁବା ଅଧିନରେ ରଖାଗଲା (୧୫୭୬)। କିୟାଖାଁ ଓଡିଶାରେ ମୋଗଲ ପ୍ରତିନିଧି ଭାବରେ ନିଯୁକ୍ତ ହେଲେ।

ଦାଉଦଙ୍କ ପରେ ଆଫଗାନ ମାନଙ୍କ ମଧ୍ୟରେ ନେତୃତ୍ୱ ସଂଙ୍କଟ ଦେଖାଯାଇଥିଲା । ବଙ୍ଗ ଓ ଓଡିଶାର ବିଭାଜିତ ଓ ବିକ୍ଷିପ୍ତ ଆଫଗାନ ବିଦ୍ରୋହୀ ମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଓଡିଶାରେ ଦାଉଦଙ୍କର ଜଣେ ବିଶ୍ୱସ୍ତ କର୍ମଚାରୀ **କୁତୁଲ ଖାଁ ଲୋହାନୀ** ବିଦ୍ରୋହ କରି ମୋଗଲ ପ୍ରତିନିଧି କିୟା ଖାଁଙ୍କୁ ହତ୍ୟା କଲେ। ଖୋର୍ଦ୍ଧାର ରାଜାଙ୍କୁ ପରାଜିତ କରି ପୁରୀ ଦଖଲ କଲେ। ଆକବର କିୟା ଖାଁଙ୍କ ସ୍ଥାନରେ ମାସୁମ ଖାଁ ନାମକ ଜଣେ ଆଫଗାନଙ୍କୁ ଓଡିଶାରେ ମୋଗଲ ପ୍ରତିନିଧି ଭାବରେ ନିଯୁକ୍ତି ଦେଲେ। କୁତୁଲ ଖାଁ ଓଡିଶାରେ ନିଜକୁ ପ୍ରତିଷ୍ଠିତ କରି ବଙ୍ଗରୁ ମୋଗଲ ମାନଙ୍କୁ ବିତାଡିତ କରିବା ପାଇଁ ଯୋଜନା କଲେ। ମୋଗଲ ପ୍ରତିନିଧି ମାସୁମ ଖାଁ ଓ ବଙ୍ଗର ବହୁ ଆଫଗାନ ନେତା ତାଙ୍କ ସହିତ ଯୋଗ ଦେଲେ। ଓଡିଶା ଆଫଗାନ ମାନଙ୍କର ଆଶ୍ରୟ ସ୍ଥଳ ଓ କୁତୁଲ ଖାଁ ସେମାନଙ୍କର ନେତା ପାଲଟିଗଲେ । ଆଫଗାନ ବିଦ୍ରୋହୀ ମାନଙ୍କୁ ବଙ୍ଗର ମୋଗଲ ସୁବାଦାର ଶାହାବାଜ ଖାଁ ପରାଜିତ କଲେ (୧୫୮୩)। କୁତୁଲ ଖାଁ ମୋଗଲ ସୁବାଦାରଙ୍କ ସହିତ ବୁଝାମଣା କରି ତାଙ୍କୁ ୬୦ଟି ହାତୀ ପ୍ରଦାନ କଲେ ଓ ଭବିଷ୍ୟତରେ ବଙ୍ଗ ଆକ୍ରମଣ କରିବେନାହିଁ ବୋଲି ପ୍ରତିଶୃତି ଦେଲେ। ପ୍ରତିବଦଳରେ କୁତୁଲ ଖାଁ ଲୋହାନୀଙ୍କୁ ଓଡିଶାର ଶାସକ ଭାବେ ମୋଗଲ ସ୍ୱୀକୃତି ମିଳିଲା। ପୁଣିଥରେ ଓଡିଶା ଆଫଗାନ ଶାସନ ଅଧିନ ହେଲା ।

କୁତୁଲ ଖାଁ ଲୋହାନୀ ଓଡିଶାରେ ନିଜର ଶକ୍ତି ବୃଦ୍ଧି କରିବା ସହିତ ବଙ୍ଗର ଆଫଗାନ ବିଦ୍ରୋହୀଙ୍କୁ ସାହାଯ୍ୟ କରୁଥିଲେ। ଭାରତରେ ଓଡିଶା ଥିଲା ଏକମାତ୍ର ଆଫଗାନ ଶାସିତ

ରାଜ୍ୟ ଓ ବିଦ୍ରୋହୀ ଆଫଗାନ ମାନଙ୍କର କେନ୍ଦ୍ରସ୍ଥଳୀ । ଆଫଗାନ ଶକ୍ତିର ସମ୍ପୂର୍ଣ୍ଣ ବିଲୋପ ପାଇଁ ୧୫୯୦ ମସିହାରେ ରାଜା ମାନସିଂହ ଓଡିଶା ଅଭିଯାନରେ ଆସିଲେ । ସେତେବେଳକୁ କୁତୁଲ ଖାଁଙ୍କର ମୃତ୍ୟୁ ହୋଇଥିଲା । ଆଫଗାନ ମାନଙ୍କର କେହି ଦକ୍ଷନେତା ନଥିଲେ । ନାବାଳକ ପୁତ୍ର ନାସିର ଖାଁ ଦୁର୍ବଳ ଥିଲେ । ଆଫଗାନ ସର୍ଦ୍ଦାର ଖ୍ୱାଜା ଇସା କଟକର ପ୍ରକୃତ ଶାସକ ଥିଲେ । ଖ୍ୱାଜା ଇସାଙ୍କ ମାଧ୍ୟମରେ  ନାସିର ଖାଁ ଓ ରାଜା ମାନସିଂହଙ୍କ ମଧ୍ୟରେ ଏକ ଚୁକ୍ତି ହେଲା । ଚୁକ୍ତି ଅନୁସାରେ ସମ୍ରାଟଙ୍କ ନାମରେ ମସଜିଦ୍‌ରେ ଖୁତ୍‌ବା ପଢିବାକୁ ଓ ମୁଦ୍ରାରେ ସମ୍ରାଟଙ୍କ ନାମ ମୁଦ୍ରିତ କରିବାକୁ ନାସିର ଖାଁ ପ୍ରତିଶୃତି ଦେଲେ । ଜଗନ୍ନାଥ ମନ୍ଦିର ଓ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମୋଗଲମାନଙ୍କୁ ହସ୍ତାନ୍ତର କଲେ । ମାନସିଂହ ସେଠାରେ ଜଣେ ତତ୍ତ୍ୱାବଧାରକ ନିଯୁକ୍ତ କଲେ ।ଏହି ଚୁକ୍ତି ଅଳ୍ପଦିନ ପାଇଁ କାର୍ଯ୍ୟକାରୀ ହୋଇଥିଲା । ଆଫଗାନମାନେ ପୁଣି ବିଦ୍ରୋହ କଲେ । ପୁରୀର ମୋଗଲ ତତ୍ତ୍ୱାବଧାରକଙ୍କୁ ବହିଷ୍କାର କଲେ ଓ ମନ୍ଦିର ଲୁଣ୍ଠନ କଲେ । ବିଦ୍ରୋହ ଦମନ କରିବାକୁ ରାଜା ମାନସିଂହ ପୁନର୍ବାର ଓଡିଶା ଆସିଲେ (୧୫୯୨) । ସୁବର୍ଣ୍ଣରେଖା ନଦୀକୂଳରେ ଏକ ସଙ୍ଘର୍ଷପୂର୍ଣ୍ଣ ଯୁଦ୍ଧରେ ଆଫଗାନମାନଙ୍କୁ ପରାଜିତ କରିବା ପରେ କଟକ ଅଧିକାର କଲେ । ଓଡିଶାରେ ଆଫଗାନ ଶାସନର ଅନ୍ତହେଲା ଓ ମୋଗଲ ଶାସନ ପ୍ରତିଷ୍ଠା ହେଲା । ଓଡିଶା ବଙ୍ଗ ସୁବାର ଅନ୍ତର୍ଭୁକ୍ତ ହେଲା ।

ଖୋର୍ଦ୍ଧାର ରାଜା ଗଜପତି ରାମଚନ୍ଦ୍ରଦେବ ଜଗନ୍ନାଥ ମନ୍ଦିରର ପରିଚାଳନା ଅଧିକାର ପାଇବା ପାଇଁ ରାଜା ମାନସିଂହଙ୍କ ନିକଟରେ ଦାବି ଉପସ୍ଥାପନ କଲେ । ମାତ୍ର ଆଗରୁ ଆଫଗାନମାନଙ୍କୁ ସାହାଯ୍ୟ ଓ ସହଯୋଗ କରିଥିବାରୁ ସେ ମାନସିଂହଙ୍କ ଶୁଭଦୃଷ୍ଟିରେ ନଥିଲେ । ମାନସିଂହ ମୁକୁନ୍ଦଦେବଙ୍କ ପୁତ୍ର ତେଲେଙ୍ଗା ରାମଚନ୍ଦ୍ରଦେବଙ୍କୁ ସମର୍ଥନ କରୁଥିଲେ । ତେଣୁ ଭୋଇରାଜା ରାମଚନ୍ଦ୍ରଦେବ ଆକବରଙ୍କ ନିକଟରେ ନିଜର ଦାବୀ ଉପସ୍ଥାପନା କଲେ । ଆକବରଙ୍କ ସମ୍ମତି ମିଳିବା ପରେ ରାମଚନ୍ଦ୍ରଦେବ ଓ ମାନସିଂହଙ୍କ ମଧ୍ୟରେ ଏକ ଚୁକ୍ତି ସମ୍ପାଦିତ ହେଲା । ଚୁକ୍ତି ଅନୁସାରେ ରାମଚନ୍ଦ୍ରଦେବଙ୍କୁ ଖୋର୍ଦ୍ଧାର ରାଜା ବୋଲି ସ୍ୱୀକାର କରାଗଲା । ସେ "ଗଜପତି" ଓ "ମହାରାଜା" ପଦବୀ ସହିତ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ହେଲେ । ରାମଚନ୍ଦ୍ର ଦେବ ଆକବରଙ୍କ ଅଧିନତା ସ୍ୱୀକାରକଲେ ଓ ବାର୍ଷିକ କର ପ୍ରଦାନ କରିବାକୁ ରାଜିହେଲେ । ତାଙ୍କୁ ୩ ହଜାର ପଦାତିକ ଓ ୫ଶହ ଅଶ୍ୱାରୋହୀ ବାହିନୀର ମାନସବଦାର (ସେନାନାୟକ) ପଦ ପ୍ରଦାନ କରାଗଲା । ରାଜାମାନସିଂହ ତେଲେଙ୍ଗା ରାମଚନ୍ଦ୍ରଦେବଙ୍କୁ ଆଳିର ରାଜାଭାବେ ଅବସ୍ଥାପିତ କରିଥିଲେ ।

ଆଫଗାନ ଶାସନ ସମୟରେ ଓଡିଶାରେ ସ୍ଥିରତା ନ ଥିଲା, ଶୃଙ୍ଖଳା ନ ଥିଲା । ଶାସନ ଅବ୍ୟବସ୍ଥିତ ଥିଲା । ଶାସନ କ୍ଷେତ୍ରରେ କୌଣସି ନୂତନ ପରିବର୍ତ୍ତନ ହୋଇ ନଥିଲା । ମୋଗଲ ମାନଙ୍କ ସହିତ ଆଫଗାନ ମାନଙ୍କର ସଙ୍ଘର୍ଷ ହିଁ ମୁଖ୍ୟ ରାଜନୈତିକ ଘଟଣା ଥିଲା ।

●●●

## ପରାଧିନ ଓଡ଼ିଶା

# ମୋଗଲ ଶାସନ

୧୫୯୨ ମସିହାରେ ଓଡିଶାରେ ଆଫଗାନ ଶାସନର ବିଲୋପ ହେଲା ଓ ମୋଗଲ ଶାସନ ପ୍ରତିଷ୍ଠା ହେଲା । ମୋଗଲମାନେ ଓଡିଶାରେ ୧୬୦ବର୍ଷ (୧୫୯୨-୧୭୫୧) ଶାସନ କରିଥିଲେ। ଏହା ମଧ୍ୟରୁ ଶେଷ ୩୮ବର୍ଷ (୧୭୧୩-୧୭୫୧) ଓଡ଼ିଶାରେ ନାମକୁ ମାତ୍ର ମୋଗଲ ଶାସନ ଥିଲା। ବଙ୍ଗର ନବାବ ପ୍ରକୃତ ଶାସକ ଥିଲେ। ମୋଗଲ ଅଧିନ ହେବାପରେ ଓଡିଶାକୁ ବଙ୍ଗସୁବା ସହିତ ମିଶାଇ ଦିଆଯାଇ ୫ଟି ଜିଲ୍ଲା ବା ସରକାରରେ ବିଭକ୍ତ କରାଯାଇ ଥିଲା। ଫଳରେ ଓଡିଶାର ସ୍ୱତନ୍ତ୍ର ରାଜନୈତିକ ସ୍ଥିତି ଲୋପ ହୋଇଥିଲା । ଦୀର୍ଘ ମୋଗଲ ଶାସନ କାଳ ମଧ୍ୟରେ ମାତ୍ର ୩୫ ବର୍ଷ (୧୬୦୭-୧୬୪୨) ଓଡିଶା ଏକ ସ୍ୱତନ୍ତ୍ର ସୁବାର ମାନ୍ୟତା ପାଇଥିଲା।

ଆଫଗାନ ଶାସନ ଅଧିନରେ ଥିବା ସମୟରେ ଓଡିଶାରେ ଅସ୍ଥିରତା, ବିଶୃଙ୍ଖଳା, ବିଦ୍ରୋହ ଓ ସଙ୍ଘର୍ଷ ଲାଗିରହିଥିଲା। ନିଜର ସ୍ଥିତି ରକ୍ଷାପାଇଁ ମୋଗଲ ଶକ୍ତି ବିରୁଦ୍ଧରେ ସଙ୍ଘର୍ଷରତ ଆଫଗାନ ଶକ୍ତି ଓଡିଶାରେ କିଛି କରିବା ସ୍ଥିତିରେ ନଥିଲେ । ମୋଗଲ ଅଧିନ ହେବା ପରେ ଓଡିଶାରେ କେତେକ ନୂତନ ପ୍ରଶାସନିକ ବ୍ୟବସ୍ଥା କରାଯାଇଥିଲା । ଶାସନର ସୁବିଧା ଦୃଷ୍ଟିରୁ ଓଡିଶାକୁ **ମୋଗଲ ବନ୍ଦୀ** ଓ **ଗଡଜାତ** ନାମରେ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ସାଧାରଣତଃ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ମୋଗଲବନ୍ଦୀ ନାମରେ ପରିଚିତ ଥିଲା। ଉକ୍ତ ଅଞ୍ଚଳ ମୋଗଲ ଅଧିକାରୀ ମାନଙ୍କର ପ୍ରତ୍ୟକ୍ଷ ଶାସନ ଅଧିନରେ ଥିଲା । ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାର ପାହାଡିଆ ଅଞ୍ଚଳକୁ ଗଡଜାତ ଅଞ୍ଚଳ କୁହାଯାଥିଲା। ଉକ୍ତ ଅଞ୍ଚଳରେ ଅବସ୍ଥିତ ରାଜ୍ୟଗୁଡିକର ଶାସକ ବା ରାଜାମାନେ ମୋଗଲମାନଙ୍କର ବଶ୍ୟତା ସ୍ୱୀକାର କରିବା ସହିତ ବାର୍ଷିକ କର ପ୍ରଦାନ କରି ସ୍ୱାଧୀନ ଭାବେ ଶାସନ କରୁଥିଲେ।

ମୋଗଲବନ୍ଦୀ ଅଞ୍ଚଳକୁ ପାଞ୍ଚଗୋଟି ସରକାର ବା ଜିଲ୍ଲାରେ ବିଭକ୍ତ କରାଯାଇଥିଲା। ଜଳେଶ୍ୱର (ରୁପନାରାୟଣ ଠାରୁ ବୁଢାବଳଙ୍ଗ), ଭଦ୍ରକ (ବୁଢାବଳଙ୍ଗ ଠାରୁ ବ୍ରାହ୍ମଣୀ), କଟକ (ବ୍ରାହ୍ମଣୀ ଠାରୁ ଚିଲିକା), କଳିଙ୍ଗ ଦଣ୍ଡପାଟ (ଗଞ୍ଜାମ-ଭାଇଜାଗ), ରାଜମହେନ୍ଦ୍ରୀ।

ଶେଷ ଦୁଇଟି ସରକାର ଉତ୍ତର ସରକାର ନାମରେ ପରିଚିତ ଥିଲେ ଓ ସେମାନଙ୍କ ଉପରେ ମୋଗଲ ମାନଙ୍କର ନିରବଛିନ୍ନ ସଂପୂର୍ଣ୍ଣ କର୍ତ୍ତୃତ୍ୱ ନଥିଲା। ଓଡିଶା ସାମ୍ରାଜ୍ୟ ପତନପରେ ଗୋଲକୁଣ୍ଡାର ସୁଲତାନ ଏହାକୁ ଅଧିକାର କରି ନେଇଥିଲେ। ପରେ ମୋଗଲ ସୁବାଦାରଙ୍କୁ ବାର୍ଷିକ ୨୦ ହଜାର ଟଙ୍କା କର ପ୍ରଦାନ କଲେ। ସମ୍ରାଟ ଶାହାଜାହାନଙ୍କ ସମୟରେ କରଦେବା ମଧ୍ୟ ବନ୍ଦ କରି ଦେଲେ। ବସ୍ତୁତଃ କେବଳ ଜଳେଶ୍ୱର,ଭଦ୍ରକ ଓ କଟକ ସରକାର ମୋଗଲ ଅଧିନରେ ଥିଲା। ମୋଗଲମାନଙ୍କର ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ କଟକ ଠାରେ ଅବସ୍ଥିତ ଥିଲା। ମୋଗଲବନ୍ଦୀ ଅଞ୍ଚଳରୁ ରାଜସ୍ୱ ଓ ଗଡଜାତ ଅଞ୍ଚଳରୁ କର ଆଦାୟ କରି ତହବିଲରେ ଜମା କରିବା ମୋଗଲ ଅଧିକାରୀମାନଙ୍କର ମୁଖ୍ୟ କାମ ଥିଲା।

ମୋଗଲଶାସନ କାଳରେ ଖୋର୍ଦ୍ଧାରାଜା ଓ ମୋଗଲ ଅଧିକାରୀମାନଙ୍କ ମଧ୍ୟରେ ବହୁବାର ସଙ୍ଘର୍ଷ ହୋଇଥିଲା। ରାଜନୈତିକ ଦୃଷ୍ଟିକୋଣରୁ ଖୋର୍ଦ୍ଧାରାଜା ମୋଗଲ ପ୍ରଭୁତ୍ୱ ଅଧିନରେ ଜଣେ ସାମନ୍ତ ରାଜା ଥିଲେ। କିନ୍ତୁ ଅନ୍ୟ କରଦ ରାଜାମାନଙ୍କଠାରୁ ତାଙ୍କର ସ୍ଥିତି ଭିନ୍ନ ଥିଲା। ଆକବରଙ୍କ ଦ୍ୱାରା ସେ ମହାରାଜା ପଦବୀ ସହିତ ଖୋର୍ଦ୍ଧାର ରାଜା, ଗଜପତି ଓ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ରୂପେ ସ୍ୱୀକୃତି ପାଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା ଅଧିକାର ଖୋରଧା ରାଜାଙ୍କର ଧାର୍ମିକ ଓ ସାମାଜିକ ପ୍ରତିଷ୍ଠାର ମୂଳ ଉତ୍ସ ଥିଲା। ସେ ସମଗ୍ର ଓଡିଶାର ଧାର୍ମିକ ଓ  ସାମାଜିକ ମୁଖ୍ୟ ଥିଲେ। ସାମାଜିକ ଓ ଧାର୍ମିକ ପ୍ରତିଷ୍ଠା ସହିତ ତାଙ୍କର ଯଥେଷ୍ଟ ରାଜନୈତିକ ପ୍ରଭାବ ଥିଲା। ମୋଗଲମାନଙ୍କ ଅଧିନରେ ଥିଲେ ମଧ୍ୟ ସେ ସେମାନଙ୍କର ଜଣେ ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବରେ ପ୍ରତିଭାତ ହୋଇଥିଲେ। ତାଙ୍କର ସାମାଜିକ ଓ ଧାର୍ମିକ ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିବା ଓ ଅର୍ଥ ଆଦାୟ କରିବା ପାଇଁ ମୋଗଲ ଅଧିକାରୀମାନେ ବାରମ୍ବାର ଖୋର୍ଦ୍ଧା ଓ ଜଗନ୍ନାଥ ମନ୍ଦିର ଆକ୍ରମଣ ଓ ଲୁଣ୍ଠନ କରୁଥିଲେ। ପୁରୀ ଓ ମନ୍ଦିର ଉପରେ  ଆକ୍ରମଣ ଆଶଙ୍କାରେ ଅନେକବାର ବିଗ୍ରହମାନଙ୍କୁ ସ୍ଥାନାନ୍ତର କରି ଗୋପନରେ  ରଖାଯାଉଥିଲା । ଏହାହିଁ ତତ୍‌କାଳୀନ ଓଡିଶାର ମୁଖ୍ୟ ରାଜନୈତିକ ଘଟଣା ଥିଲା।

**ମୋଗଲ ଶାସିତ ଓଡିଶାର ମୁଖ୍ୟ ଘଟଣାବଳୀ** – ଓଡିଶା ଅଧିକାର ପରେ ରାଜା ମାନସିଂହ ଆକବରଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବଙ୍ଗର ସୁବାଦାର ଥିଲେ । ଓଡିଶାରେ ଆପାତତଃ ଶାନ୍ତିଥିଲା । **ସମ୍ରାଟ ଜାହାଙ୍ଗୀର**ଙ୍କ ସମୟରେ (୧୬୦୫-୧୬୨୭) ଓଡିଶା ଏକ ସ୍ୱତନ୍ତ୍ର ସୁବା ବା ପ୍ରଦେଶ ଭାବେ ଗଠିତ ହେଲା। ଏହାର ପ୍ରଥମ ମୋଗଲ ସୁବାଦାର ହେଲେ **ହାସୀମ ଖାଁ** (୧୬୦୭-୧୧)।  ଜାହାଙ୍ଗୀର ସମ୍ରାଟ ଆକବରଙ୍କ ଧର୍ମ ନିରପେକ୍ଷ ନୀତି

ଅନୁସରଣ କରିନଥିଲେ। ତାଙ୍କ ରାଜତ୍ୱ କାଳରେ ଅନେକବାର ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ମନ୍ଦିର ଆକ୍ରମଣ କରି ଲୋକଙ୍କର ଧର୍ମ ବିଶ୍ୱାସ ଓ ରାଜାଙ୍କର ପ୍ରତିଷ୍ଠା ହାନି କରିବା ସହିତ ଧନ ଲୁଣ୍ଠନ କରିବା ଆକ୍ରମଣକାରୀ ମାନଙ୍କର ଉଦ୍ଦେଶ୍ୟ ଥିଲା। ହାସିମ ଖାଁ ମନ୍ଦିର ଆକ୍ରମଣ କରିବା ପୂର୍ବରୁ ସେବକମାନେ ବିଗ୍ରହମାନଙ୍କୁ ନେଇ ଖୋର୍ଦ୍ଧାର ଗୋପଳ ମନ୍ଦିରରେ ରଖିଥିଲେ। ତା ପରବର୍ଷ ଖୋର୍ଦ୍ଧାରୁ ଆଣି ମନ୍ଦିରରେ ସ୍ଥାପନା କରିଥିଲେ। ହାସିମ ଖାଁଙ୍କ ସମୟରେ ତାଙ୍କର ଜଣେ ପ୍ରଧାନ ଅଧିକାରୀ ମରହଟ୍ଟା ଜାଗିରଦାର କେଶୋଦାସ (କେଶୋଦାସ ମାରୁ) ରଥଯାତ୍ରା ସମୟରେ ପୁରୀ ଆକ୍ରମଣ କରି ୩ରଥକୁ ପୋଡିଦେଲେ ଓ ଶ୍ରୀମନ୍ଦିରରେ ପଶି ଲୁଣ୍ଠନ କଲେ (୧୬୧୦)। **ଗଜପତି ପୁରୁଷୋତ୍ତମ ଦେବ** (୧୬୦୫-୧୬୨୧) ତାଙ୍କୁ ପ୍ରତିରୋଧ କଲେ। କଟକରୁ ଅଧିକ ସୈନ୍ୟ ଆସିବାରୁ ପରାଜିତ ହୋଇ ଏକ ଅପମାନଜନକ ସନ୍ଧି ଗ୍ରହଣ କରିବାକୁ ବାଧ ହୋଇଥିଲେ। ସର୍ତ୍ତ ଥିଲା ସେ ନିଜର କନ୍ୟା ଓ ୩ଲକ୍ଷ ଟଙ୍କା ମୋଗଲ ସମ୍ରାଟଙ୍କୁ ପ୍ରଦାନ କରିବେ ଏବଂ ନିଜର ଭଉଣୀଙ୍କୁ କେଶୋ ଦାସଙ୍କ ସହିତ ବିବାହ ଦେଇ ୧ଲକ୍ଷ ଟଙ୍କା ଉପହାର ଦେବେ। କେଶୋ ଦାସ ଗଜପତିଙ୍କ ଭଉଣୀଙ୍କୁ ବିବାହ କରିଥିଲେ, ୧ଲକ୍ଷ ଟଙ୍କା ସହିତ ୬ଗୋଟି ହାତୀ ନେଇ ଯାଇଥିଲେ। ଅନ୍ୟ ଏକ ମତ ଅନୁସାରେ ଗଜପତି ନିଜର କନ୍ୟା ଓ ଭଉଣୀଙ୍କ ସ୍ଥାନରେ ଅନ୍ୟ ଦୁଇଜଣ କନ୍ୟାକୁ ପ୍ରଦାନ କରିଥିଲେ। ନିଜର କନ୍ୟାଙ୍କୁ ସମ୍ବଲପୁର ରାଜା ବଳଭଦ୍ର ସାଏ ଓ ଭଉଣୀଙ୍କୁ ନରସିଂହପୁର ରାଜା ହରିହର ସିଂହଙ୍କ ସହିତ ବିବାହ ଦେଇଥିଲେ।

ହାସିମ ଖାଁଙ୍କ ପରେ ଆକବରଙ୍କ ରାଜସ୍ୱ ମନ୍ତ୍ରୀ ତୋଡରମଲ୍ଲଙ୍କ ପୁତ୍ର **କଲ୍ୟାଣ ମଲ୍ଲ** ଓଡିଶାର ସୁବାଦାର ହେଲେ (୧୬୧୧-୧୬)। ପୂର୍ବ ସନ୍ଧିର ସର୍ତ୍ତାନୁସାରେ ରାଜା ପେସକସ ପ୍ରଦାନ କରି ନଥିବାରୁ ସେ ଖୋର୍ଦ୍ଧା ଆକ୍ରମଣ କଲେ। ରାଜା ସନ୍ଧି ପାଇଁ ପ୍ରସ୍ତାବ ଦେଲେ। ସେନାପତି ଦାସ ବିଦ୍ୟାଧର କଲ୍ୟାଣମଲ୍ଲଙ୍କୁ ଘଣ୍ଟଶିଳା ଘାଟିଠାରେ ସାକ୍ଷାତ କଲେ। ବିଶ୍ୱାସଘାତକତା କରି ତାଙ୍କୁ ବନ୍ଦୀ ଓ ହତ୍ୟା କରାଗଲା। ତାଙ୍କ ସହିତ ଖୋର୍ଦ୍ଧାର ୧୬ ଜଣ ସେନାନାୟକଙ୍କୁ କଲ୍ୟାଣମଲ୍ଲ ହତ୍ୟା କରିଥିଲେ। ଶେଷରେ ରାଜା ୧ଲକ୍ଷ ଟଙ୍କା ଓ ତାଙ୍କର ପ୍ରିୟ ହାତୀ "ଶେଷନାଗ"କୁ ପ୍ରଦାନ କରିଥିଲେ। ମୋଗଲ ଆକ୍ରମଣ ଭୟରେ ସେବକମାନେ ମନ୍ଦିରରୁ ବିଗ୍ରହମାନଙ୍କୁ ନେଇ ଚିଲିକା ମଧ୍ୟରେ (ମହିସାନାସୀ) ଲୁଚାଇ ରଖିଥିଲେ।

କଲ୍ୟାଣ ମଲ୍ଲଙ୍କ ପର ସୁବାଦାର **ମୁକରାମ ଖାଁ** (୧୬୧୭-୧୯) ହିନ୍ଦୁ ବିଦ୍ୱେଷୀ ଥିଲେ । ତାଙ୍କର ମାତ୍ରାଧିକ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ରାଜା ପୁରୁଷୋତ୍ତମଦେବ

ବିଦ୍ରୋହ କରିଥିଲେ। ମୁକରାମ ଖାଁ ଖୋର୍ଦ୍ଧା ଆକ୍ରମଣ କଲେ। ରାଜା ରାଜ୍ୟଛାଡି ରାଜମହେନ୍ଦ୍ରୀ ପଳାୟନକଲେ। ମୁକରାମ ଖାଁ ଖୋର୍ଦ୍ଧା ଦଖଲକଲେ। ତାଙ୍କ ଭୟରେ ସେବକମାନେ ବିଗ୍ରହମାନଙ୍କୁ ନେଇ ବାଣପୁର ସୀମା ଗଡପଦରଠାରେ ରଖିଥିଲେ। ରାଜା ରାଜମହେନ୍ଦ୍ରୀରୁ ଆସି ସେମାନଙ୍କ ସହିତ ଯୋଗ ଦେଲେ ଓ ଗଡମାଣତ୍ରୀଠାରେ ଅବସ୍ଥାନ କରି ରାଜକାର୍ଯ୍ୟ ପରିଚାଳନା କଲେ।

ମୁକରାମ ଖାଁଙ୍କପରେ ଅଳ୍ପକାଳ ପାଇଁ ହୁସେନ ଅଲ୍ଲି ଖାଁ ଓ ତାଙ୍କ ପରେ ନୁରଜାହାନଙ୍କ _ÆêÛ**ଅହମଦ ବେଗ** ଓଡିଶାର ସୁବାଦାର ହେଲେ (୧୬୨୧-୨୮)। ଏହି ସମୟରେ ପୁରଷୋତ୍ତମଦେବ ରଣପୁର, ବାଣପୁର ଓ ରାଜମହେନ୍ଦ୍ରୀର ରାଜା ମାନଙ୍କୁ ଏକଜୁଟ କରିବା ପାଇଁ ଉଦ୍ୟମ କରିଥିଲେ। ଅହମ୍ମଦ ବେଗ ତାଙ୍କର ଉଦ୍ୟମକୁ ପଣ୍ଡକରିବାକୁ ଖୋର୍ଦ୍ଧା ଆକ୍ରମଣ କରି ବାଣପୁର ପର୍ଯ୍ୟନ୍ତ ମାଡିଗଲେ। ରାଜା ରାଜ୍ୟ ଛାଡି ବାଣପୁର ନିକଟ ଖଣତା ଗ୍ରାମରେ (ଅନ୍ୟମତରେ ଗଡମାଣତ୍ରୀଠାରେ) ଅବସ୍ଥାନ କଲେ ଓ ସେଠାରେ ପ୍ରାଣ ତ୍ୟାଗ କଲେ (୧୬୨୧)। ଗଜପତି ପୁରୁଷୋତ୍ତମଦେବ ବାରମ୍ବାର ମୋଗଲ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ବିଦ୍ରୋହ କରିଥିଲେ। ନିଜର ସ୍ଥିତି ଦୃଢ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସଫଳ ହୋଇ ନଥିଲେ। ତାଙ୍କ ଜୀବନକାଳ ମଧ୍ୟରେ ବିଗ୍ରହ ମାନଙ୍କୁ ଶ୍ରୀ ମନ୍ଦିରରେ ପୁନଃ ପ୍ରତିଷ୍ଠା କରିପାରିନଥିଲେ। ସେ ଶ୍ରୀପୁରୁଷୋତ୍ତମପୁର, ବୀର ପୁରୁଷୋତ୍ତମପୁର ଓ ପ୍ରତାପ ପୁରୁଷୋତ୍ତମ ପୁର ଶାସନମାନ ପ୍ରତିଷ୍ଠା କରିଥିଲେ।

ପୁରୁଷୋତ୍ତମ ଦେବଙ୍କ ପରେ **ନରସିଂହଦେବ** (୧୬୨୧-୪୮) ଖୋର୍ଦ୍ଧାର ରାଜାହେଲେ। ସୁବାଦାର ଅହମ୍ମଦ ବେଗ ଖୋର୍ଦ୍ଧାରେ ବିଦ୍ରୋହ କରିବାକୁ ସୁଯୋଗ ନଦେବାପାଇଁ ଗଜପତି ନରସିଂହଦେବଙ୍କୁ କଟକରେ ଅବସ୍ଥାନ କରିବାକୁ ନିର୍ଦ୍ଦେଶ ଦେଲେ। ରାଜା ଏହି ନିର୍ଦ୍ଦେଶକୁ ଅବମାନନା କରିବାରୁ ସେ ଖୋର୍ଦ୍ଧା ଅକ୍ରମଣ କଲେ। ନରସିଂହଦେବ ଆକ୍ରମଣର ଦୃଢ ମୁକାବିଲା କଲେ। ଯୁଦ୍ଧ ଚାଲିଥିବା ସମୟରେ ସମ୍ରାଟ ଜାହାଙ୍ଗିରଙ୍କ ପୁତ୍ର ଖୁରମ (ପରେ ଶାହାଜାହାନ) ବିଦ୍ରୋହ କରି ଦାକ୍ଷିଣାତ୍ୟରୁ ଓଡିଶା ମଧ୍ୟଦେଇ ଉତ୍ତର ଦିଗକୁ ଅଗ୍ରସର ହେଲେ। ତାଙ୍କ ଭୟରେ ଅହମଦ ବେଗ ବଙ୍ଗକୁ ପଳାୟନ କଲେ। ନରସିଂହଦେବ ଖୁରମଙ୍କ ଆନୁଗତ୍ୟ ସ୍ୱୀକାର କଲେ ଓ ତାଙ୍କର ଅନୁମତି ନେଇ ଶ୍ରୀମନ୍ଦିରରେ ବିଗ୍ରହ ମାନଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କଲେ। ଖୁରମ ଫେରିଯିବା ପରେ ଅହମଦ ବେଗ ଫେରି ଆସି ସୁବାଦାର ଦାୟୀତ୍ୱ ନେଲେ।

ମୋଗଲ ସମ୍ରାଟ **ଶାହାଜାହାନ**ଙ୍କ ସମୟରେ (୧୬୨୭-୫୮) ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇ ନଥିଲା। ଖୋର୍ଦ୍ଧା ରାଜ୍ୟରେ ପରିସ୍ଥିତି ଶାନ୍ତଥିଲା। କିନ୍ତୁ ଓଡିଶାରେ ଶାନ୍ତି ନ ଥିଲା। ସୁବାଦାର **ଅହମ୍ମଦ ବକରଖାଁ** (୧୬୨୮-୩୨) ଅର୍ଥ ଆଦାୟ ପାଇଁ ଜମିଦାର ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ। ଅନେକ ଜମିଦାରଙ୍କୁ ବନ୍ଦୀ କରିଥିଲେ। ସେ ନିଷ୍ଠୁର ଓ ନିର୍ଦ୍ଦୟ ଥିଲେ। ତାଙ୍କ ଆଦେଶରେ ୭୦୦ ଜଣ ବନ୍ଦୀଙ୍କୁ ହତ୍ୟା କରାଯାଇଥିଲା। ତାଙ୍କ ଅତ୍ୟାଚାରରେ ସମସ୍ତେ ଅତିଷ୍ଠ ହୋଇପଡିଥିଲେ। ଖୁରମଙ୍କ ବିଦ୍ରୋହ ସମୟରେ ଗୋଲକୁଣ୍ଡାର ଶାସକ, ଚିକାକୋଲ ଓ ରାଜ ମହେନ୍ଦ୍ରୀ ସରକାରର (ଦକ୍ଷିଣ ଓଡିଶା) ବାର୍ଷିକ କରଦେବା ବନ୍ଦକରି ଦେଇଥିଲେ। ବକର ଖାଁ ଗୋଲକୁଣ୍ଡା ଆକ୍ରମଣ କରି ସୁଲତାନଙ୍କୁ କର ପ୍ରଦାନ କରିବାକୁ ବାଧ୍ୟ କରିଥିଲେ। ତାଙ୍କୁ ଫେରାଇ ନେଇ **ମୁତାକ୍ୱାବ ଖାଁଙ୍କୁ** (୧୬୩୨-୪୧) ଓଡିଶାର ସୁବାଦାର କରାଗଲା । ତାଙ୍କ ସମୟରେ ଓଡିଶା ପରିସ୍ଥିତି ଶାନ୍ତ ଥିଲା। ସେ ଥିଲେ ଓଡିଶାର ଶେଷ ସୁବାଦାର। ୧୬୪୨ ମସିହାରେ ଓଡିଶାକୁ ପୁନର୍ବାର ବଙ୍ଗସୁବା ସହିତ ମିଶାଇ ଦିଆଗଲା। ଶାହା ସୁଜା (ଶାହାଜାନଙ୍କ ପୁତ୍ର) ବଙ୍ଗର ସୁବାଦାର ହେଲେ ଓ ତାଙ୍କର ଜଣେ ପ୍ରତିନିଧି ଓଡିଶା ଦାୟିତ୍ୱରେ ରହିଲେ।

**ଆଉରଙ୍ଗଜେବ** (୧୬୫୮-୧୭୦୭) ଶାହାଜାହାନଙ୍କୁ ବନ୍ଦୀ କରି, ଗୃହ ଯୁଦ୍ଧରେ (୧୬୫୬-୫୮) ବିଜୟୀ ହୋଇ ମୋଗଲ ସିଂହାସନ ଆରୋହଣ କଲେ। ଗୃହଯୁଦ୍ଧ ସମୟରେ ବଙ୍ଗର ସୁବେଦାର ଶାହାସୁଜା ଓଡିଶାରୁ ସୈନ୍ୟ ପ୍ରତ୍ୟାହାର କରିଥିଲେ। ଏହି ସୁଯୋଗରେ ଖୋର୍ଦ୍ଧାର ରାଜା (ମୁକୁନ୍ଦ ଦେବ); ରଣପୁର, ମଳିପଡା, ସାରଙ୍ଗ ଗଡ, ଡମପଡା, ହିଜଳି ଓ ଖଲ୍ଲିକୋଟର ଜମିଦାର ମାନେ ବିଦ୍ରୋହକରି କରଦେବା ବନ୍ଦକରିଦେଲେ। ଅନେକ ସ୍ଥାନରେ ମୋଗଲମାନଙ୍କୁ ବିତାଡିତ କରି ନିଜର ଅଧିକାର ପ୍ରତିଷ୍ଠା କଲେ। ମୟୁରଭଞ୍ଜ ରାଜା ଭଦ୍ରକ ପର୍ଯ୍ୟନ୍ତ ଅଞ୍ଚଳ ଅଧିକାର କରିନେଲେ। କେନ୍ଦୁଝର ରାଜା ମୋଗଲ ମାନଙ୍କ ହାତରୁ ପଞ୍ଚୀରାଗଡ (ଅନୁଗୁଳ ନିକଟ) ଦଖଲ କଲେ। ପରିସ୍ଥିତି ଜଟିଳ ହୋଇ ପଡିଲା। ଆଉରଙ୍ଗଜେବ **ଖାଁ–ଇ-ଦୌରାନ**ଙ୍କୁ (୧୬୬୦-୬୭) ଓଡିଶା ପଠାଇଲେ। ସେ ଅତି ନୃଶଂସ ଓ ନିର୍ଦ୍ଦୟ ଭାବେ ବିଦ୍ରୋହ ଦମନ କଲେ। ମୟୁରଭଞ୍ଜ (ହରିହରପୁର) ରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ହତ୍ୟା କରିଥିଲେ। କେନ୍ଦୁଝର ରାଜା ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କୁ ପରାଜିତ କରି ପଞ୍ଚୀରାଦୁର୍ଗ ପୁନଃ ଦଖଲକଲେ। ତାପରେ ଖୋର୍ଦ୍ଧା ଅଭିଯାନ ଆରମ୍ଭ ହେଲା। ରାଜା ପଳାୟନ କଲେ। ଖୋର୍ଦ୍ଧା ଲୁଣ୍ଠିତ ହେଲା। କିଛି ମାସ ପାଇଁ ରାଜାଙ୍କ ସାନଭାଇ ଭ୍ରମରବର ରାୟ ରାଜା ହୋଇଥିଲେ। ପରେ ମୁକୁନ୍ଦଦେବ ଆତ୍ମସମର୍ପଣ


କଲେ ଓ ରାଜ୍ୟ ଫେରି ପାଇଲେ। ପୁରୀ ମୋଗଲ ଆକ୍ରମଣରୁ ରକ୍ଷା ପାଇଗଲା। ଖାଁ-ଇ-ଦୌରାନ ଆଉରଙ୍ଗଜେବଙ୍କ ପରି ଧର୍ମାନ୍ଧ ଥିଲେ। ଅନେକ ନୂଆ ମନ୍ଦିର ଭାଙ୍ଗି ସେଠାରେ ମସ୍‌ଜିଦ୍ ନିର୍ମାଣ କରିଥିଲେ। ସେ କେନ୍ଦ୍ରାପଡାର ବଳଦେବ ଜିଉ ମନ୍ଦିର ଲୁଣ୍ଠନ କରିଥିଲେ।

୧୬୬୯ ମସିହାରେ ଆଉରଙ୍ଗଜେବ ପୁରୁଣା ମନ୍ଦିର ମରାମତି ଓ ନୂଆ ମନ୍ଦିର ନିର୍ମାଣ ନ କରିବାକୁ ଏବଂ ନୂଆ ମନ୍ଦିରକୁ ଭାଙ୍ଗିଦେବାପାଇଁ ନିର୍ଦ୍ଦେଶ ଜାରିକରିଥିଲେ। ସୁବାଦାର **ସାୟସ୍ତ ଖାଁ** (୧୬୮୦-୮୮) ଝଙ୍କଡର ଶାରଳା ମନ୍ଦିର ଓ ଯାଯପୁର ଅଞ୍ଚଳରେ ଅନେକ ମନ୍ଦିର ଲୁଣ୍ଠନ କରିଥିଲେ। ତାଙ୍କପରେ ଓଡିଶାର ଉପସୁବାଦାର **ଆବୁନାସେର** (ସାୟସ୍ତ ଖାଁଙ୍କ ପୁତ୍ର) ଜଗନ୍ନାଥ ମନ୍ଦିର ଆକ୍ରମଣ ପାଇଁ ଆସିଲେ। କିନ୍ତୁ ପ୍ରବଳ ଝଡ ବର୍ଷା ଯୋଗୁ ପିପିଲିଠାରୁ ଫେରି ଯାଇଥିଲେ। ଅନ୍ୟ ମତରେ ଖୋର୍ଦ୍ଧା ରାଜା ଜଗନ୍ନାଥ ମନ୍ଦିରର ପବିତ୍ରତା ରକ୍ଷା କରିବାପାଇଁ ତାଙ୍କୁ ଉପହାର ଦେଇ ବାଟରୁ ବିଦା କରିଦେଇଥିଲେ।

୧୬୯୨ ମସିହାରେ ପୁରୀ ମନ୍ଦିରକୁ ଧ୍ୱଂସ କରିଦେବାକୁ ଆଉରଙ୍ଗଜେବ ନିର୍ଦ୍ଦେଶ ଦେଲେ। ଓଡିଶାର ମୋଗଲ ଅଧିକାରୀ **ଏକରାମ ଖାଁ** ଆକ୍ରମଣ ପାଇଁ ପ୍ରସ୍ତୁତ ହେଲେ। ଆକ୍ରମଣ ପୂର୍ବରୁ ସେବକମାନେ ପ୍ରଭୁଙ୍କୁ ନେଇ କୋକଲଗଡ ବା ଗଡକୋକଲଠାରେ ରଖିଥିଲେ। ରାଜା ନିଜ ଆଡୁ ମନ୍ଦିର ଭାଙ୍ଗି ଦେବା ପାଇଁ ପ୍ରସ୍ତାବ ଦେଲେ। ସିଂହଦ୍ୱାର ଉପରେ ଥିବା ରାକ୍ଷସ ମୂର୍ତ୍ତି ଓ ଦୁଇଟି ଗୁମୁଟ ଆଶିଂକ ଭାଙ୍ଗିଦେଇ ଚନ୍ଦନ କାଠରେ ନିର୍ମିତ ନକଲି ବିଗ୍ରହ ଏକରାମ ଖାଁଙ୍କୁ ଦେଲେ। ଏହି ନକଲି ବିଗ୍ରହ ବିଜାପୁଠାରେ ଅବସ୍ଥାନ କରୁଥିବା ଆଉରଙ୍ଗଜେବଙ୍କ ନିକଟକୁ ପଠାଯାଇଥିଲା। ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାରକୁ ବନ୍ଦ କରି ଦିଆଗଲା। ରାଜାଙ୍କର ବିଚକ୍ଷଣତା ହେତୁ ମନ୍ଦିର ରକ୍ଷା ପାଇଗଲା। ଆଉରଙ୍ଗଜେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହିଥିଲା। ତାଙ୍କ ମୃତ୍ୟୁ ପରେ ଗଜପତି ନରସିଂହ ଦେବ ଅଠର ଗଡ ରାଜାଙ୍କ ସହିତ ମିଶି ମନ୍ଦିର ଦ୍ୱାର ଖୋଲି ଦେଲେ। ରୀତି ନୀତି ଅନୁଯାୟୀ ମନ୍ଦିରରେ ପୂଜା ପାଠ ଆରମ୍ଭ ହେଲା। ଉଦାର ବାଦୀ ଉପସୁବାଦାର ମୁର୍ଶିଦ କୁଲି ଖାଁ ପ୍ରତିବାଦ କରି ନଥିଲେ। ଓଡିଶା ଶାନ୍ତିରେ ନିଶ୍ୱାସ ମାରିଲା।

**ନବାବଶାହୀ ଶାସନ-** ଆଉରଙ୍ଗଜେବଙ୍କ ପରେ ମୋଗଲ ସାମ୍ରାଜ୍ୟ ଦୁର୍ବଳ ହୋଇପଡିଲା। ପ୍ରାଦେଶିକ ଶାସକ ବା ସୁବାଦାର ମାନେ ନାମକୁ ମାତ୍ର ମୋଗଲ ସମ୍ରାଟଙ୍କର ପ୍ରଭୁତ୍ୱ ସ୍ୱୀକାର କରି ସ୍ୱାଧୀନ ଭାବେ ଶାସନ କଲେ। ଆଗରୁ ଓଡିଶାରେ ଉପସୁବାଦାର ଥିବା ମୁର୍ଶିଦ୍‌କୁଲ୍ଲି ଖାଁ ୧୭୧୩ ମସିହାରେ ବଙ୍ଗ, ବିହାର ଓଡିଶାର ସୁବାଦାର ହେଲେ। ସେ ନିଜକୁ ବଙ୍ଗର ନବାବ ବୋଲି ଘୋଷଣା କଲେ। ମୋଗଲ ସମ୍ରାଟଙ୍କ ନାମରେ

ସ୍ୱାଧୀନ ଭାବେ ଶାସନ କଲେ। ବଙ୍ଗଳାରେ ନବାବଶାହୀ ଶାସନ ଆରମ୍ଭ ହେଲା। ଓଡିଶାରେ ଜଣେ ଉପନବାବ ବା ନାଏବ ନାଜିମ ନିଯୁକ୍ତ ହେଲେ।




ବଙ୍ଗ ନବାବ **ମୁର୍ଶିଦ କୁଲି ଖାଁ** (୧୭୧୩-୨୭) ଓ ଓଡିଶାର ଉପନବାବ ସୁଜାଉଦ୍ଦିନ୍ (ମୁର୍ଶିଦକୁଲିଙ୍କ ଜାମାତା) ଉଭୟେ ଉଦାରପନ୍ଥୀ ଥିଲେ। ତାଙ୍କ ସମୟରେ ଓଡିଶାରେ ହିନ୍ଦୁ ମୁସଲିମ୍ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସଦଭାବ ଥିଲା। ସୁଜାଉଦ୍ଦିନ୍ କଟକ ଠାରେ କଦମ ରସୁଲ ନିର୍ମାଣ କରିଥିଲେ। ଖୋର୍ଦ୍ଧା ନିକଟସ୍ଥ କାଇପଦର ଠାରେ ବାବା ବୁଖାରିଙ୍କ ପୀଠ ଏହି ସମୟରେ ପ୍ରତିଷ୍ଠା ହୋଇଥିଲା। ଉଭୟ ସ୍ଥାନରେ ହିନ୍ଦୁ ଓ ମୁସଲମାନ୍ ଏକତ୍ର ପୂଜା ପାଠ କରୁଥିଲେ। ସତ୍ୟନାରାୟଣ ପୂଜା ଓ ମୋଗଲ୍ ତାମସା ଦୁଇ ସମ୍ପ୍ରଦାୟ ମଧ୍ୟରେ ସଦଭାବ ପ୍ରତିଷ୍ଠା କରିଥିଲା । ଓଡିଶାରେ ଶାନ୍ତିଥିଲା । ମୁର୍ଶିଦ୍ କୁଲି ଖାଁ ନୂଆ ବନ୍ଦୋବସ୍ତ କରି ଖଜଣାବୃଦ୍ଧି କରିଥିଲେ। ଜାଗିର ଭୂମି ଉପରେ ଖଜଣା ବସାଇଥିଲେ। **ମୁର୍ଶିଦ କୁଲି ଜଳେଶ୍ୱର ସରକାରର ମେଦିନିପୁର ଚକଳା (ଚକଡା)କୁ ବଙ୍ଗ ସୁବା ସହିତ ମିଶାଇ ଦେଇଥିଲେ। ଫଳରେ ଉକ୍ତ ଅଞ୍ଚଳ ସବୁଦିନ ପାଇଁ ଓଡିଶାରୁ ବିଚ୍ଛିନ୍ନ ହୋଇଗଲା।**

ମୁର୍ଶିଦ୍ କୁଲିଖାଁଙ୍କ ମୃତ୍ୟୁ ପରେ ତାଙ୍କର ଜାମାତା ଓଡିଶାର ଉପସୁବାଦାର **ସୁଜାଉଦ୍ଦିନ** ବଙ୍ଗର ନବାବ ହେଲେ (୧୭୨୭-୩୯)। ତାଙ୍କର ପୁତ୍ର **ତକି ଖାଁ** ଓଡିଶାର ଉପସୁବାଦାର ହେଲେ (୧୭୨୭-୩୫)। ତକି ଖାଁ ପ୍ରବଳ ଭାବରେ ହିନ୍ଦୁ ବିଦ୍ୱେଷୀ ଓ ଅସହିଷ୍ଣୁ ଥିଲେ। ଖୋର୍ଦ୍ଧା ରାଜାଙ୍କର ଧାର୍ମିକ ପ୍ରତିପତ୍ତି ହ୍ରାସ କରିବା ପାଇଁ ସେ ଉଦ୍ୟମ କରିଥିଲେ। ଖୋର୍ଦ୍ଧାର ରାଜା ଦ୍ୱିତୀୟ **ରାମଚନ୍ଦ୍ର ଦେବ**ଙ୍କ (୧୭୨୭-୩୬) ସହିତ ତାଙ୍କର ବିବାଦ ଓ ସଙ୍ଘର୍ଷ ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା । ଦୁହିଁଙ୍କର ଶାସନ କାଳ ପ୍ରାୟ ସମାନ ଥିଲା। ଏହି ସମୟରେ ହାଇଦ୍ରାବାଦ୍ ନିଜାମ୍ ଖୋର୍ଦ୍ଧା ରାଜ୍ୟର ଦକ୍ଷିଣାଞ୍ଚଳ ଆକ୍ରମଣ କଲେ। ଖୋର୍ଦ୍ଧା

ବଙ୍ଗସୁବାର କରଦ ରାଜ୍ୟ ଥିଲା । କିନ୍ତୁ ତକି ଖାଁ କୌଣସି ସାହାଯ୍ୟ କଲେନାହିଁ । ରାମଚନ୍ଦ୍ରଦେବ ଏକାକି ଆକ୍ରମଣର ମୁକାବିଲାକରି ପରାଜିତ ହେଲେ । ନିଜାମ୍ ଗଂଜାମ୍ ଓ ଚିଲିକାର ଦକ୍ଷିଣାଞ୍ଚଳ ଅଧିକାର କରିନେଲେ (ପୂର୍ବରୁ ମେଦିନିପୁର ବଙ୍ଗ ସହିତ ମିଶିଥିଲା । ଗଂଜାମ୍ ନିଜାମଙ୍କ ଅଧିନକୁ ଗଲା । ମୋଗଲ ଓଡିଶାର ଅଞ୍ଚଳ ପୁନଃ ସଂକୁଚିତ ହେଲା) । ରାମଚନ୍ଦ୍ର ଦେବ ମୋଗଲ ବନ୍ଦୀ ଅଞ୍ଚଳରୁ କିଛି ଅଂଶ ଅଧିକାର କରିବାକୁ ଉଦ୍ୟମ କରିବାରୁ ତକି ଖାଁ ଖୋର୍ଦ୍ଧା ଆକ୍ରମଣ କଲେ । ସେ ଶିଶୁପାଳ ଗଡ, ଧଉଳି ଗଡ ଓ ରଥିପୁର ଗଡ ଅଧିକାର କଲେ । ଗଙ୍ଗପଡା ଗଡକୁ ସୈନ୍ୟ ପ୍ରେରଣ କଲେ । ରାମଚନ୍ଦ୍ର ଦେବ ରାଜ୍ୟ, ଶ୍ରୀମନ୍ଦିର ଓ ଜନସାଧାରଣଙ୍କୁ ଅତ୍ୟାଚାର ଓ ଲୁଣ୍ଠନରୁ ରକ୍ଷାକରିବାପାଇଁ ଶାନ୍ତି ପ୍ରସ୍ତାବ ନେଇ ରଥିପୁରଗଡକୁ ଗଲେ । ବିଶ୍ୱାସଘାତକ ତକି ଖାଁ ରାଜା, ବକ୍ସି ଓ ଦିୱାନଙ୍କୁ ବନ୍ଦୀକଲା । ଏହା ବିରୁଦ୍ଧରେ ଖୋର୍ଦ୍ଧାରେ ବିଦ୍ରୋହ ହେଲା । ତକି ଖାଁ ଖୋର୍ଦ୍ଧାଗଡ ଅଧିକାର କଲା । ରାମଚନ୍ଦ୍ର ଦେବଙ୍କୁ ପ୍ରଥମେ ରଥିପୁର ଓ ପରେ ବାରବାଟୀ ଦୂର୍ଗରେ ବନ୍ଦୀକରି ରଖାଗଲା । ଖୋର୍ଦ୍ଧାରେ (ଭାଗୀରଥି କୁମାରଙ୍କ ନେତୃତ୍ୱରେ) ବିଦ୍ରୋହ ହେଲା । ଯୁବରାଜ ପରାସ୍ତ ହୋଇ ଦଶପଲ୍ଲା ପଳାଇଲେ ଓ ସେଠାରେ ରହି ବିଦ୍ରୋହ ପାଇଁ ଯୋଜନା କଲେ । ଖୋର୍ଦ୍ଧା ପରିସ୍ଥିତି ନିୟନ୍ତ୍ରଣ ବାହାରେ ଥିଲା । ବାଧହୋଇ ତକି ଖାଁ ଖୋର୍ଦ୍ଧା ବାହାରକୁ ନଯିବାପାଇଁ ସର୍ତ୍ତ ରଖି ରାମଚନ୍ଦ୍ରଦେବଙ୍କୁ ଖୋର୍ଦ୍ଧା ରାଜତ୍ୱ ଅର୍ପଣ କଲେ । ମାଦଳା ପାଞ୍ଜିର ବର୍ଣ୍ଣନାନୁସାରେ ବାରବାଟୀ ଦୁର୍ଗରେ ବନ୍ଦୀ ଥିବାବେଳେ ରାମଚନ୍ଦ୍ରଦେବ ନବାବଙ୍କ କନ୍ୟା ସୌରିୟାଙ୍କୁ ବିବାହ କରି ଧର୍ମପରିବର୍ତ୍ତନ କରିଥିଲେ । କିନ୍ତୁ ରାଜା ନାମ ପରିବର୍ତ୍ତନ କରି ନଥିଲେ ।

ରାମଚନ୍ଦ୍ରଦେବ ଖୋର୍ଦ୍ଧା ନ ଛାଡିବା ପ୍ରତିଶୃତି ଭଙ୍ଗକରି ରଥଯାତ୍ରା ଦେଖିବାକୁ ପୁରୀ ଯାଇଥିଲେ । ଏଥିରେ କ୍ଷୁବ୍ଧ ତକି ଖାଁ ଖୋର୍ଦ୍ଧା ଆକ୍ରମଣକଲେ । ରାମଚନ୍ଦ୍ରଦେବ ଖୋର୍ଦ୍ଧା ଛାଡି ପଳାଇଲେ । ତକି ଖାଁ ଖୋର୍ଦ୍ଧା ଦଖଲ କରି ଭାଗିରଥି କୁମାରଙ୍କୁ ପ୍ରଲୋଭିତ କରି ଖୋର୍ଦ୍ଧାର ରାଜା କଲେ । ରାମଚନ୍ଦ୍ରଦେବ ତାଙ୍କୁ ଗାଦିଚ୍ୟୁତ କରି ଖୋର୍ଦ୍ଧା ଦଖଲ କଲେ । ତକି ଖାଁ ପୁନର୍ବାର ଖୋର୍ଦ୍ଧା ଆକ୍ରମଣ କଲେ ଓ ରାଜା ପୁନର୍ବାର ପଳାୟନ କରି ପ୍ରଥମେ ନୟାଗଡ, ପରେ ଖଣ୍ଡପଡା ଓ ତା ପରେ ବୋଲଗଡରେ ଆଶ୍ରୟ ନେଲେ । ସଙ୍ଘର୍ଷ ୩ ବର୍ଷ (୧୭୩୧-୩୩) କାଳ ଚାଲିଥିଲା । ଅସ୍ଥିରତା, ବିଶୃଙ୍ଖଳା, ଅତ୍ୟାଚାର, ଲୁଣ୍ଠନରେ ସମସ୍ତେ ଅତିଷ୍ଠ ହୋଇ ପଡିଥିଲେ ।

ସେବକମାନେ ତକି ଖାଁଙ୍କ ଭୟରେ ଶ୍ରୀମନ୍ଦିରରୁ ବିଗ୍ରହମାନଙ୍କୁ ନେଇ ପ୍ରଥମେ ବାଣପୁର, ତାପରେ ଚିକାଲି ଓ ସେଠାରୁ ଖଲିକୋଟକୁ ନେଇ ଲୁଚାଇ ରଖିଥିଲେ । ମନ୍ଦିରରେ

ବିଗ୍ରହ ନ ଥିଲେ, ପୂଜାପାଠ ନଥିଲା। ଯାତ୍ରୀ ଆସୁ ନ ଥିଲେ । ନାଏବ ନାଜିମଙ୍କର ଆୟ (ତୀର୍ଥକର) କମିଗଲା। ରାମଚନ୍ଦ୍ରଦେବ ଓ ସେବକମାନେ ମନ୍ଦିରରେ ବିଗ୍ରହ ମାନଙ୍କର ପୁନଃ ପ୍ରତିଷ୍ଠା ପାଇଁ ଉଦ୍ୟମ କଲେ।

ତକି ଖାଁଙ୍କ ମୃତ୍ୟୁ ପରେ (୧୭୩୫) **ଦ୍ୱିତୀୟ ମୁର୍ଶିଦ କୁଲି ଖାଁ** (ସୁଜାଉଦ୍ଦିନଙ୍କ ଜାମାତା) ଓଡିଶାର ଉପସୁବାଦାର ହେଲେ। ରାଜାଙ୍କ ନିୟନ୍ତ୍ରଣରେ ଶ୍ରୀମନ୍ଦିର ରହିଲେ, ଯାତ୍ରୀସମାଗମ ଓ ଯାତ୍ରୀକରରୁ ଆୟ ଅଧିକ ହେବ ବୋଲି ଅନୁଭବ କରି, ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ପାଇଁ ସେ ଅନୁମତି ଦେଲେ। ନବକଳେବର ହୋଇ ବିଗ୍ରହ ପ୍ରତିଷ୍ଠା ହେଲା ଓ ପୁରୀରେ ଶାନ୍ତି ଫେରିଆସିଲା। କିନ୍ତୁ ରାମଚନ୍ଦ୍ରଦେବଙ୍କ ସିଂହାସନ ଦାବୀକୁ ଗ୍ରହଣ ନ କରି ପଟିଆ ରାଜା ପଦ୍ମନାଭଦେବଙ୍କୁ ଖୋର୍ଦ୍ଧାର ରାଜା କରାଗଲା। ରାମଚନ୍ଦ୍ର ଦେବ ନରସିଂହପୁରଠାରେ ଅବସ୍ଥାନ କଲେ ଓ ସେଠାରେ ପ୍ରାଣତ୍ୟାଗ କଲେ (୧୭୩୬)। ଖୋର୍ଦ୍ଧାର ସ୍ୱାଭିମାନ ଓ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ତାଙ୍କର ଅବିରତ ଉଦ୍ୟମ ଏପରିକି ଧର୍ମ ପରିବର୍ତ୍ତନ ତାଙ୍କୁ ଓଡିଶା ଇତିହାସ ଓ ଜନ ମାନସରେ ଜଣେ କିମ୍ବଦନ୍ତୀ ପୁରୁଷ ଭାବେ ସ୍ଥାନିତ କରିଅଛି।

ପଦ୍ମନାଭ ଦେବଙ୍କ (୧୭୩୬-୩୯) ପ୍ରତି କାହାର ସମର୍ଥନ ନଥିଲା। ବ୍ରାହ୍ମଣ, ସେବକ, କର୍ମଚାରୀ ଓ ଜନସାଧାରଣ ରାଜକୁମାର ବୀରକିଶୋର ଦେବଙ୍କୁ ସମର୍ଥନ କରୁଥିଲେ। ୧୭୩୯ ମସିହାରେ ଦ୍ୱିତୀୟ ମୁର୍ଶିଦ କୁଲି ଖାଁ ବିରକିଶୋରଦେବଙ୍କୁ ରାଜା ବୋଲି ଘୋଷଣା କଲେ।

ନବାବ ସୁଜାଉଦ୍ଦିନଙ୍କ ମୃତ୍ୟୁ ପରେ (୧୭୩୯) ବଙ୍ଗରେ ରାଜନୈତିକ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି ହେଲା। ସେନାପତି **ଆଲ୍ଲିବର୍ଦ୍ଦିଖାଁ** ନୂଆ ନବାବ ସିରଫରାଜଙ୍କୁ ହତ୍ୟାକରି ନବାବ ଗାଦି ଅଧିକାର କଲେ। ଏହାର ପ୍ରଭାବ ଓଡିଶା ଉପରେ ପଡିଥିଲା। ଆଲିବର୍ଦ୍ଦି, ସୟିଦ ଅହମ୍ମଦ ଖାଁଙ୍କୁ ଓଡିଶାର ନାଏବ ନବାବ ରୁପେ ନିଯୁକ୍ତି ଦେଲେ। ଏହା ବିରୁଦ୍ଧରେ ନାଏବ ନବାବ ଥିବା ଦ୍ୱିତୀୟ ମୁର୍ଶିଦ କୁଲି ଖାଁ ବିଦ୍ରୋହ କଲେ ଓ ପରାଜିତ ହୋଇ ଦକ୍ଷିଣକୁ ପଳାଇଲେ। ପରେ ଖୋର୍ଦ୍ଧା ରାଜା ବୀରକିଶୋରଦେବ ତାଙ୍କୁ ଆଶ୍ରୟ ଦେଇଥିଲେ।

ନାଏବ ନବାବ ଅହମ୍ମଦ ଖାଁ ଅତ୍ୟାଚାରୀ ଥିଲେ। ଲୁଣ୍ଠନ, ବ୍ୟଭିଚାର, ଅର୍ଥଶୋଷଣ କରି ସମସ୍ତଙ୍କର ଘୃଣାର ପାତ୍ର ହୋଇଥିଲେ। ପୂର୍ବତନ ନାଏବ ନବାବ ଦ୍ୱିତୀୟ ମୁର୍ଶିଦ କୁଲି ଖାଁଙ୍କ ଜାମାତା ମିର୍ଜାବେକର ଓ ବିଶ୍ୱସ୍ତ ସହକାରୀ ନାଏବ ମୀର ହବୀବ ବିଦ୍ରୋହ କଲେ । ଅହମ୍ମଦଖାଁଙ୍କୁ ବାରବାଟି ଦୁର୍ଗରେ ଅବରୁଦ୍ଧ କରି ରଖିଲେ। ନବାବ ଆଲ୍ଲିବର୍ଦ୍ଦି ଖାଁ କଟକ ଆସି ବିଦ୍ରୋହୀ ମାନଙ୍କୁ ପରାଜିତ କରି ଅହମ୍ମଦ ଖାଁଙ୍କୁ

ମୁକ୍ତ କଲେ। ତାଙ୍କ ସ୍ଥାନରେ ଶେଖମାସୁମ ନୂଆ ନାଏବ ନବାବ ହେଲେ। ପରାଜିତ ବିଦ୍ରୋହୀ ନେତା ମିର୍ଜାବେକର ଓ ମୀର ହବୀବ ନାଗପୁରର ମରହଟ୍ଟା ଶାସକ ରଘୁଜୀ ଭୋନସଲାଙ୍କ ସହିତ ଯୋଗଦେଲେ।

ମୀର ହବୀବ ଓ ମୀର୍ଜା ବେକରଙ୍କ ସହଯୋଗରେ ନାଗପୁର ଭୋନସଲା ୧୭୪୨ ମସିହାରେ ବଙ୍ଗ ଆକ୍ରମଣ କଲେ। ସେହିଠାରୁ ୧୦ ବର୍ଷ ମଧ୍ୟରେ (୧୭୪୨-୧୭୫୧) ମରହଟ୍ଟା ମାନେ ୬ଥର ବଙ୍ଗ ଆକ୍ରମଣ କରିଥିଲେ। ବୟସ୍କ ଓ ଯୁଦ୍ଧକ୍ଲାନ୍ତ ଆଲିବର୍ଦ୍ଦି ଖାଁ ଅବଶେଷରେ ରଘୁଜୀ ଭୋନସଲାଙ୍କ ସହିତ ଏକ ସନ୍ଧି ସ୍ଥାପନ କଲେ (୧୭୫୧)। ଚୁକ୍ତି ଅନୁସାରେ ବଙ୍ଗ ରାଜସ୍ୱରୁ ବାର୍ଷିକ ବାରଲକ୍ଷ ଟଙ୍କା ଚୌଥ (ଚଉଠ) ଆକାରରେ ଓ ଓଡିଶା ରାଜସ୍ୱରୁ ବାର୍ଷିକ ଚାରିଲକ୍ଷ ଟଙ୍କା ମରହଟ୍ଟା ମାନଙ୍କୁ ପ୍ରଦାନ କରାଯିବ। **ସୁବର୍ଣ୍ଣରେଖା ନଦୀକୁ ଓଡିଶାର ଉତ୍ତର ସୀମା ରୁପେ ସ୍ୱୀକାର କରାଗଲା।** ଓଡିଶାର ଉପସୁବାଦାର ବଙ୍ଗର ନବାବଙ୍କ ଦ୍ୱାରା ନିଯୁକ୍ତ ହେବେ। ଭୋନ୍‌ସଲାଙ୍କ ପ୍ରଭାବରେ ନବାବଙ୍କ ବିରୋଧି ଓ ଭୋନସଲାଙ୍କ ସମର୍ଥକ ମୀରହବିବ୍ ଓଡିଶାର ଉପସୁବାଦାର ନିଯୁକ୍ତ ହେଲେ। ଓଡିଶା ନାମକୁ ମାତ୍ର ବଙ୍ଗ ଅଧିନରେ ରହିଲା। ଏହାର ପ୍ରକୃତ ଶାସନ ମରହଟ୍ଟା ମାନଙ୍କ ହାତକୁ ଗଲା । ଓଡିଶାରେ ମୁସଲମାନ ଶାସନର ଅନ୍ତ ହେଲା ଓ ମରହଟ୍ଟା ଶାସନ ପ୍ରତିଷ୍ଠା ହେଲା (୧୭୫୧)। ଶେଓଭଟ୍ଟ ସାଠେ (ଓଡିଶାର ପ୍ରଥମ ମରହଟ୍ଟା ଶାସକ) ଓଡିଶାର ଶାସକ ଭାବେ ନିଯୁକ୍ତ ହେବାପରେ (୧୭୫୯) ଓଡିଶା ଉପରେ ନବାବଙ୍କର ଥିବା ନାମକୁ ମାତ୍ର କର୍ତ୍ତୃତ୍ୱ ଲୋପ ହୋଇଥିଲା।

**ମୋଗଲ ଶାସନ** -ମୋଗଲ ଶାସନ ସମୟରେ ଓଡିଶାରେ କେତେଗୁଡିଏ ନୁତନ ଶାସନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। ଭୁବନ୍ଦୋବସ୍ତ (ତୋଡରମଲ୍ଲଙ୍କ ଦ୍ୱାରା ଓ ମୁର୍ଶିଦକୁଲି ଖାଁ ସମୟରେ) ହୋଇଥିଲା। ଚାଷୀ ଓ ରୟତ ମାନଙ୍କୁ ପଟ୍ଟା ଓ କବଲା ପ୍ରଦାନ କରାଯାଇଥିଲା। ମୋଗଲ ଶାସନକାଳରେ ଓଡିଶା ଉପକୂଳରେ ଇଉରୋପୀୟ ବଣିକ ମାନଙ୍କ ଦ୍ୱାରା ବାଣିଜ୍ୟ କାରବାର ଆରମ୍ଭ ହୋଇଥିଲା। ପିପିଲି (୧୫୧୪-ପର୍ତୁଗୀଜ), ବାଲେଶ୍ୱର (୧୬୨୫-ଓଲନ୍ଦାଜ୍,୧୬୪୨-ଇଂରେଜ), ହରିଶପୁର (ଜଗତସିଂହପୁର - ୧୬୪୨ ଇଂରେଜ), ଚାନ୍ଦବାଲି ଓ ପୁରୀ ଠାରେ ଇଉରୋପୀୟ ବଣିକ ମାନେ ବସତି, କାରଖାନା ଓ ବ୍ୟବସାୟ ପେଣ୍ଠମାନ ସ୍ଥାପନ କରିଥିଲେ। ବାହାର ଦେଶ ସହିତ ବାଣିଜ୍ୟ କାରବାର ବୃଦ୍ଧି ପାଇଥିଲା।

ଏହି ସମୟରେ ଓଡିଶାରେ ମୁସଲମାନ୍ ଧମର୍ର ପ୍ରଚାର ଓ ପ୍ରସାର ହୋଇଥିଲା । କିନ୍ତୁ ଧର୍ମାନ୍ତରୀକରଣ ପାଇଁ ବଳପ୍ରୟୋଗ ହୋଇନଥିଲା । ଓଡିଶାରେ ସାମ୍ପ୍ରଦାୟିକ ସଦ୍‌ଭାବ ଥିଲା । ମୁସଲିମ କଳା ସ୍ଥାପତ୍ୟର ବିକାଶ ହୋଇଥିଲା । ସ୍ଥାନୀୟ ରାଜାମାନଙ୍କର ପ୍ରୋତ୍ସାହନ ଓ ପୃଷ୍ଠ ପୋଷକତାରେ ଓଡିଆ ସହିତ୍ୟର ବିକାଶ ହୋଇ ଥିଲା । ଏହିସମୟରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଓ ଦୀନକୃଷ୍ଣ ଦାସଙ୍କ ଭଳି ମହାନ କବିମାନଙ୍କର ଆର୍ବିଭାବ ହୋଇଥିଲା । ଉପେନ୍ଦ୍ରଭଞ୍ଜଙ୍କ ଠାରୁ ଓଡିଶାର କାବ୍ୟଯୁଗ ଆରମ୍ଭ ହୋଇଥିଲା । ଓଡିଆ ଭାଷାରେ କେତେକ ଆରବୀୟ, ପାର୍ଶୀ ଓ ଉର୍ଦ୍ଦୁ ଅକ୍ଷର ବ୍ୟବହାର ହୋଇଥିଲା । ଭାଷାର ବିକାଶ ହୋଇଥିଲା । ଉଲ୍ଲେଖନୀୟ, ମୋଗଲ ଅଧିକାରୀ ମାନଙ୍କର ମାତ୍ରାଧିକ କାର୍ଯ୍ୟ ବିରୁଦ୍ଧରେ ଶକ୍ତିରେ ଦୁର୍ବଳ ହେଲେହେଁ ଓଡିଶାର ଗଡଜାତ ରାଜା ଓ ଖୋର୍ଦ୍ଧା ରାଜା ନିଜର ସମ୍ମାନ ଓ ସ୍ୱାଭିମାନ ପାଇଁ ଅନେକଥର ବିଦ୍ରୋହ କରିଥିଲେ । ମୋଗଲମାନଙ୍କୁ ବିତାଡିତ କରିବାକୁ ଉଦ୍ୟମ କରିଥିଲେ । ରାଜା ପୁରୁଷୋତ୍ତମ ଦେବ, ନରସିଂହଦେବ, ମୁକୁନ୍ଦଦେବ, ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ତ୍ୟାଗ ଓ ଅବଦାନ ମହାନ ଥିଲା ।



**ପୀରବାବା, କାଇପଦର(ଖୋର୍ଦ୍ଧା)**

## ପରାଧିନ ଓଡିଶା

# ମରହଟ୍ଟା ଶାସନ

୧୭୫୧ ମସିହାରେ ଓଡିଶା (ସୁବର୍ଣ୍ଣ ରେଖା ଠାରୁ ଚିଲିକା) ବଙ୍ଗର ନବାବ ଶାହୀ ଶାସନ ଅଧିନରୁ ଯାଇ ମରହଟ୍ଟା ଶାସନ ଅଧିନ ହେଲା। ଓଡିଶା ଅଧିକାର କରିବା ପୁର୍ବରୁ ନାଗପୁରର ମରହଟ୍ଟା ଶାସକ ରଘୁଜୀ ଭୋନସଲା ୧୦ ବର୍ଷ ଧରି ବହୁବାର ବଙ୍ଗ ଆକ୍ରମଣ ଓ ଲୁଣ୍ଠନ କରିଥିଲେ। ୧୭୪୨ ମସିହାରେ ମରହଟ୍ଟା ସେନାପତି ଭାସ୍କରପଣ୍ଡିତ ଓ ଓଡିଶାର ବିଦ୍ରୋହୀ ନେତା ମୀରହବୀବ ବଙ୍ଗ ଆକ୍ରମଣ କରି ବାଲେଶ୍ୱର,ମେଦିନିପୁର ଓ ବର୍ଦ୍ଧମାନ ଲୁଣ୍ଠନ କରିଥିଲେ। କାଟୱା ଠାରେ ନବାବ ଆଲିବର୍ଦ୍ଦିଖାଁ ତାଙ୍କୁ ପ୍ରତିରୋଧ କରିଥିଲେ। ସେଠାରୁ ଫେରି ମରହଟ୍ଟା ସେନା କଟକ ଯାଇ ନାଏବ ନବାବ ମାସୁମଖାଁଙ୍କୁ ହତ୍ୟାକରି  କଟକ ଅଧିକାର କଲେ। ଆଲିବର୍ଦ୍ଦିଖାଁଙ୍କ ସେନା ସେମାନଙ୍କୁ ଅନୁଧାବନ କରି ଓଡିଶାରୁ ବିତାଡିତ କରିଥିଲେ। ଏହିଠାରୁ ନିରବଚ୍ଛିନ୍ନ ଭାବେ ପ୍ରାୟ ପ୍ରତ୍ୟେକ ବର୍ଷ ମରହଟ୍ଟା ମାନେ ବଙ୍ଗ ଆକ୍ରମଣ (୬ଥର) କରିଥିଲେ। ଆକ୍ରମଣ, ପ୍ରତିଆକ୍ରମଣ, ଜୟ ପରାଜୟ ମଧ୍ୟରେ ୧୦ ବର୍ଷ ସଙ୍ଘର୍ଷ ଚାଲିଥିଲା। ମରହଟ୍ଟାମାନେ ନାଗପୁରରୁ ପଶ୍ଚିମ ଓଡିଶା (ସମ୍ବଲପୁର), କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ମେଦିନିପୁର ଦେଇ ବର୍ଦ୍ଧମାନ ପର୍ଯ୍ୟନ୍ତ  ସାମରିକ ଅଭିଯାନ କରୁଥିଲେ। ଓଡିଶା ଅଞ୍ଚଳ ଦେଇ ଯିବା ଆସିବା ସମୟରେ ରାସ୍ତା ପାର୍ଶ୍ୱ ଅଞ୍ଚଳ ଲୁଣ୍ଠନ କରୁଥିଲେ। ଏହି ସଙ୍ଘର୍ଷ ମୁଖ୍ୟତଃ ଓଡିଶା ଅଞ୍ଚଳରେ ସଂଘଟିତ ହେଉଥିଲା ଓ ଓଡିଶା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ।

ମରହଟ୍ଟାମାନଙ୍କର ବାରମ୍ବାର ଆକ୍ରମଣ ଓ ଲୁଣ୍ଠନରେ ବ୍ୟତିବ୍ୟସ୍ତ ଓ କ୍ଳାନ୍ତ ଆଲିବର୍ଦ୍ଦିଖାଁ  ମରହଟ୍ଟା ମାନଙ୍କ ସହିତ ଆପୋଷ ବୁଝାମଣା କରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଉଦ୍ୟମ କଲେ। ୧୭୫୧ ମସିହାରେ ଆଲିବର୍ଦ୍ଦିଖାଁ ଓ ରଘୁଜୀ ଭୋନସଲାଙ୍କ ମଧରେ ଏକ ଚୁକ୍ତି ସମ୍ପାଦିତ ହେଲା। ଚୁକ୍ତିଅନୁସାରେ ସୁବର୍ଣ୍ଣରେଖା ନଦୀକୁ ଓଡିଶା ଓ ବଙ୍ଗର ସୀମା ରୁପେ ଗ୍ରହଣ କରାଗଲା। ଭବିଷ୍ୟତରେ ବଙ୍ଗ ଆକ୍ରମଣ ନକରିବା ପାଇଁ ଚୌଥ ଆକାରରେ ବଙ୍ଗ ରାଜସ୍ୱରୁ ବାର୍ଷିକ ୧୨ଲକ୍ଷ ଟଙ୍କା ଭୋନସଲାଙ୍କୁ ପ୍ରଦାନ କରାଯିବ। ଓଡିଶାର ରାଜସ୍ୱ (୪ଲକ୍ଷ) ଭୋନସ୍‌ଲା ନେବେ। ନବାବ ଓଡିଶାର ନାଏବନବାବଙ୍କୁ

ନିଯୁକ୍ତ କରିବେ। ଭୋନସଲାଙ୍କ ସମର୍ଥିତ ମୀର ହବୀବଙ୍କୁ ଆଲିବର୍ଦ୍ଦିଖାଁ ନିଜ ଇଚ୍ଛା ବିରୁଦ୍ଧରେ ଓଡିଶାର ଉପ-ନବାବ ଭାବରେ ନିଯୁକ୍ତ କଲେ। ଫଳରେ ଓଡିଶା ନାମକୁ ମାତ୍ର ବଙ୍ଗ ନବାବଙ୍କ ଅଧିନରେ ରହିଲା। ଓଡିଶାର ପ୍ରକୃତ ମାଲିକ ହେଲେ ନାଗପୁର ଭୋନସଲା। ଓଡିଶା ମରହଟ୍ଟା ମାନଙ୍କର ଅଧିନ ହେଲା ।

ଓଡିଶା ମରହଟ୍ଟାମାନଙ୍କ ଦ୍ୱାରା ୫୨ବର୍ଷ (୧୭୫୧-୧୮୦୩) ଶାସିତ ହୋଇଥିଲା। ମରହଟା ଶାସନ, ଓଡିଶାର ଅଧପତନ ଓ ଅବକ୍ଷୟ ଯୁଗର ଅନ୍ୟ ଏକ ଅଧ୍ୟାୟ ଥିଲା। ଓଡିଶା ଅଧିକାର ପରେ ମରହଟ୍ଟାମାନେ ପୂର୍ବରୁ ପ୍ରଚଳିତ ଶାସନ ବ୍ୟବସ୍ଥାକୁ ଗ୍ରହଣ କରିଥିଲେ। ଓଡିଶାରୁ (ମୋଗଲ ବନ୍ଦୀ ଅଞ୍ଚଳର ୧୫୦ପ୍ରଗଣା ଓ ୩୦ ଗଡଜାତ ରାଜ୍ୟ) ଖଜଣା ଓ ପେସକସ ୪ ଲକ୍ଷ ଟଙ୍କା ଓ ବଙ୍ଗରୁ ଚୌଥ ବାବଦକୁ ୧୨ ଲକ୍ଷ ଟଙ୍କା ଅସୁଲ କରି ଭୋନସଲାଙ୍କ କୋଷାଗାରରେ ଦାଖଲ କରିବା, ଓଡିଶାର ସୁବାଦାର ମାନଙ୍କର ମୁଖ୍ୟକାର୍ଯ୍ୟ ଥିଲା। ଏଥିରେ ବିଫଳ ହେଲେ (ପ୍ରାୟ ବିଫଳ ହେଉଥିଲେ) ସେମାନଙ୍କୁ ବହିଷ୍କାର କରାଯାଉଥିଲା। ୫୨ବର୍ଷଶାସନ ମଧ୍ୟରେ ଓଡିଶାରେ ୧୦ଜଣ ସୁବାଦାର ନିଯୁକ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେବଳ ଶେଷ ଦୁଇଜଣ ୨୫ବର୍ଷ ଶାସନ କରିଥିଲେ। ଧାର୍ଯ୍ୟ ଲକ୍ଷ୍ୟ ହାସଲପାଇଁ ମରହଟ୍ଟା ଅଧିକାରୀମାନେ ଜମିଦାର ଓ ପ୍ରଜାମାନଙ୍କ ଉପରେ ବଳ ପ୍ରୟୋଗ କରୁଥିଲେ, ଅଧିକ କର ଓ ରାଜସ୍ୱ ଆଦାୟ ପାଇଁ ଆତ୍ୟାଚାର ଓ ଲୁଣ୍ଠନ କରୁଥିଲେ। ବଙ୍ଗରୁ ଚୌଥ ଆଦାୟ କରି ନପାରିଲେ ବଙ୍ଗ ଆକ୍ରମଣ କରୁଥିଲେ। ମୋଟାମୋଟି ଭାବରେ ଦେଶରେ ଶାନ୍ତି ଓ ସ୍ଥିରତା ନଥିଲା । ମରହଟ୍ଟା ଶାସନ ଅପ୍ରିୟ ଥିଲା।

ମରହଟ୍ଟା ଓଡିଶାର ପ୍ରଥମ ସୁବାଦାର ଥିଲେ **ମୀରହବୀବ** (୧୭୫୧-୫୨)। ସେ ଆଗରୁ ନବାବ ଆଲିବର୍ଦ୍ଦି ଖାଁଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ, ବିଫଳ ହୋଇ ଓଡିଶାରୁ ପଳାଇଯାଇ ନାଗପୁର ଭୋନସଲାଙ୍କ ସହିତ ଯୋଗଦେଇଥିଲେ। ବଙ୍ଗର ନବାବ ଓ ନାଗପୁରର ଭୋନସଲାଙ୍କ ମଧ୍ୟରେ ବୁଝାମଣା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଭୋନସଲାଙ୍କର ଅନୁଗତ ଥିଲେ। ଇଚ୍ଛା ନଥିଲେ ମଧ୍ୟ ବାଧ୍ୟହୋଇ ନବାବ ତାଙ୍କୁ ଓଡିଶାର ନାଏବ ନବାବ କରିଥିଲେ। ମୀରହବୀବ ଓଡିଶାରୁ ଧାର୍ଯ୍ୟ ରାଜସ୍ୱ କିମ୍ବା ବଙ୍ଗରୁ ଚୌଥ ଆଦାୟ କରିବାରେ ବିଫଳ ହୋଇଥିଲେ। ସେ ଅର୍ଥ ତୋଷରପାତ କରିଥିବାର ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ ପାଇଁ ରଘୁଜୀଙ୍କ ପୁତ୍ର ଜାନୁଜୀ ଭୋନସଲା କଟକ ଆସିଲେ। ତାଙ୍କର କର୍ମଚାରୀ ଓ ମୀରହବୀବଙ୍କ ସମର୍ଥକ ମାନଙ୍କ ମଧ୍ୟରେ ସଙ୍ଘର୍ଷ ହେଲା। ଏହି ସଙ୍ଘର୍ଷରେ ମୀରହବୀବ ପ୍ରାଣ ହରାଇଥିଲେ।

ମୀର ହବୀବଙ୍କ ପରେ **ମିର୍ଜାସାଲେ** ଓଡିଶାର ସୁବାଦାର ହେଲେ (୧୭୫୨-୫୯)। ସେ ବଙ୍ଗରୁ ଚୌଥ ଆଦାୟ କରିପାରିଲେ ନାହିଁ। ଏହି ସମୟରେ **ପଲାସୀ ଯୁଦ୍ଧ** (୧୭୫୭) ହୋଇଥିଲା। ମିର୍ଜା ସାଲେଙ୍କୁ ଇଂରେଜମାନେ ଯୁଦ୍ଧ ପରେ ଚୌଥ ପ୍ରଦାନ କରିବାକୁ ପ୍ରତିଶୃତି ଦେବାରୁ, ସେ ବଙ୍ଗର ନବାବଙ୍କୁ ସମର୍ଥନ କରିନଥିଲେ। କିନ୍ତୁ ଯୁଦ୍ଧ ପରେ ଇଂରେଜମାନେ ପ୍ରତିଶୃତି ପାଳନ କଲେ ନାହିଁ। ବଙ୍ଗର ନୂତନ ନବାବ ମିର୍ଜାଫର ଚୌଥ ଦେବାକୁ ମନା କରିଦେଲେ। ଓଡିଶାରୁ ଅଧିକ ରାଜସ୍ୱ ଆଦାୟ ପାଇଁ ମିର୍ଜାସାଲେ ଜମିଦାର ଓ ଇଂରେଜ ବ୍ୟବସାୟୀମାନଙ୍କ ଉପରେ ବଳପ୍ରୟୋଗ କଲେ। କେତେଜଣ ଜମିଦାର ବିଦ୍ରୋହ କରିଥିଲେ। କର ଆଦାୟରେ ବିଫଳତା, ଇଂରେଜମାନଙ୍କ ସହିତ ସଂପର୍କ ଓ ଜମିଦାରମାନଙ୍କ ବିଦ୍ରୋହ ଯୋଗୁ ତାଙ୍କୁ ବରଖାସ୍ତ କରି ଶେଓଭଟ୍ଟ ସାଠେଙ୍କୁ ଓଡିଶାର ସୁବାଦାର କରାଗଲା।

**ଶେଓଭଟ୍ଟ ସାଠେ** (୧୭୫୯-୬୪) ହେଉଛନ୍ତି ଓଡିଶାର ପ୍ରଥମ ମରହଟ୍ଟା ସୁବାଦାର। ସୁବାଦାର ହେବା ଆଗରୁ ସେ ଓଡିଶାରେ ଥିଲେ ଓ ବିଦ୍ରୋହ ଦମନ କରିଥିଲେ। ସେ ଦକ୍ଷଥିଲେ, ମରହଟ୍ଟାମାନଙ୍କର ସ୍ଥିତି ଦୃଢ କରିଥିଲେ। ବଙ୍ଗରୁ ଚୌଥ ଆଦାୟ କରିବାକୁ ବଙ୍ଗ ଆକ୍ରମଣକରି ବୀରଭୂମ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ (୧୭୫୯)। ତାପରେ ପୁର୍ନବାର ବଙ୍ଗ ଆକ୍ରମଣ କରି ଜଳେଶ୍ୱର ଓ ମେଦିନିପୁର ଅଧିକାର କରିଥିଲେ (୧୭୬୧)। ପ୍ରତ୍ୟେକଥର ଇଂରେଜମାନଙ୍କ ପ୍ରତିଆକ୍ରମଣ ଯୋଗୁ ଫେରି ଆସିବାକୁ ବାଧ୍ୟ ହୋଇଥିଲେ।

ଏହି ସମୟରେ ବଙ୍ଗ ରାଜନୀତିରେ ଇଂରେଜମାନଙ୍କର ପ୍ରଭାବ ବୃଦ୍ଧିହେଉଥିଲା। ମିର୍ଜାଫରଙ୍କ ଯାଗାରେ ମୀରକାଶିମ ନବାବ ହେଲେ। ଇଂରେଜମାନଙ୍କ ସହିତ ତାଙ୍କର ମଧ୍ୟ ମତଭେଦ ହେଲା। ସେ ଶେଓଭଟ୍ଟଙ୍କ ସହିତ ସମ୍ପର୍କ ବଢାଇବାକୁ ଚେଷ୍ଟା କଲେ। ଇଂରେଜମାନେ ମରହଟ୍ଟାମାନଙ୍କୁ ଏଥିରୁ ଦୁରେଇ ରଖିବା ପାଇଁ ଶେଓଭଟ୍ଟଙ୍କ ସହିତ ଏକ ବୁଝାମଣା କଲେ। ଯଦି ଯୁଦ୍ଧ ହୁଏ, ତେବେ ମରହଟ୍ଟା ରାଜା ମୀରାକାଶିମଙ୍କୁ ସାହାଯ୍ୟ କରିବେ ନାହିଁ। ପ୍ରତିବଦଳରେ ଇଂରେଜମାନେ ତାଙ୍କୁ ବଙ୍ଗରୁ ଚୌଥ ପ୍ରଦାନ କରିବାକୁ ପ୍ରତିଶୃତି ଦେଲେ। **ବକ୍ସାର ଯୁଦ୍ଧ**ରେ (୧୭୬୪) ମୀରକାଶିମ ପରାଜିତ ହେଲେ। ଇଂରେଜମାନଙ୍କର କ୍ଷମତା ବୃଦ୍ଧିହେଲା। ସେମାନେ ପ୍ରଦତ୍ତ ପ୍ରତିଶୃତି ପାଳନ କଲେନାହିଁ। ବଙ୍ଗରୁ ଚୌଥ ଆଦାୟ ହୋଇପାରିଲା ନାହିଁ।

ଶେଓଭଟ୍ଟଙ୍କ ସମୟରେ ପାରଳାଖେମୁଣ୍ଡିର ରାଜା ଜଗନ୍ନାଥ ନାରାୟଣ ଦେବ ନିଜକୁ ଗଙ୍ଗ ବଂଶର ଦାୟାଦ ଓ ଗଜପତିବୋଲି ଦାବିକରି ଖୋର୍ଦ୍ଧା ଆକ୍ରମଣ କଲେ

(୧୭୬୦)। ସେ ପୁରୀ ଜଗନ୍ନାଥ ମନ୍ଦିର ଅଧିକାର କଲେ। ବୀରକିଶୋର ଦେବ ମରହଟ୍ଟାମାନଙ୍କ ସାହାଯ୍ୟରେ ତାଙ୍କୁ ବିତାଡିତ କଲେ। ସାହାଯ୍ୟ ପାଇଁ ମରହଟ୍ଟାମାନଙ୍କୁ ଏକଲକ୍ଷ ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । କିନ୍ତୁ ଟଙ୍କା ଦେଇ ନପାରି ମରହଟ୍ଟାମାନଙ୍କୁ ୪ଗୋଟି ପ୍ରଗଣାର (ରାହାଙ୍ଗ, ସରାଇ, ଚବିଶ କୁଦ ଓ ଲେମ୍ବାଇ) ଖଜଣା ଆଦାୟ ଅଧିକାର ପ୍ରଦାନ କଲେ। ପ୍ରଗଣା ସହିତ ଜଗନ୍ନାଥ ମନ୍ଦିରର ପରିଚାଳନା ଅଧିକାର ମରହଟ୍ଟାମାନଙ୍କ ଅଧିନକୁ ଗଲା। ଏହାର ପ୍ରଭାବ ସୁଦୁର ପ୍ରସାରୀ ଥିଲା। ପ୍ରଗଣାଗୁଡିକୁ ଫେରି ପାଇବା ପାଇଁ ରାଜା ଉଦ୍ୟମ କଲେ। ମରହଟ୍ଟା ଶାସକ ଅଧିକାର ପ୍ରତ୍ୟାର୍ପଣ କରିବାକୁ ପ୍ରସ୍ତୁତ ନଥିଲେ। ହରାଇଥିବା ଅଞ୍ଚଳ ଫେରି ପାଇବା ଆଶାରେ ଖୋର୍ଦ୍ଧା ରାଜା ଇଂରେଜମାନଙ୍କୁ ଓଡିଶା ଅଧିକାର ବେଳେ ସାହାଯ୍ୟ କରିଥିଲେ।

ପୂର୍ବ ସୁବାଦାର ମାନଙ୍କପରି ଶେଓଭଟ୍ଟ ସାଠେ ମଧ୍ୟ ରାଜସ୍ୱ ଆଦାୟ ଲକ୍ଷ୍ୟପୁରଣ କରିପାରିନଥିଲେ। ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ବଙ୍ଗରୁ ଚୌଥ ପାଇଲେ ନାହିଁ। ରାଜସ୍ୱ ଆଦାୟ ପାଇଁ ଜମିଦାର ମାନଙ୍କ ଉପରେ ବଳ ପ୍ରୟୋଗ କରି ଅପ୍ରିୟ ହେଲେ। ଜମିଦାରମାନେ ବିଦ୍ରୋହ କଲେ । ଫଳ ସ୍ୱରୁପ ସେ ପଦଚ୍ୟୁତ ହେଲେ ଓ ଭବାନୀ ପଣ୍ଡିତ ଓଡିଶାର ସୁବାଦାର ହେଲେ।

**ଭବାନୀ ପଣ୍ଡିତ** (୧୭୬୪-୬୮) ଦାୟୀତ୍ୱ ନେବା ବେଳକୁ ଓଡିଶାରେ ବିଦ୍ରୋହ ହେଉଥିଲା। ସେ ବିଦ୍ରୋହୀ ଜମିଦାର ଓ ରାଜା ମାନଙ୍କୁ (ବେଲାଗଡ, ରାମପୁର, ନିଳଗିରି, ମୟୁରଭଞ୍ଜ) ଦୃଢ଼ହସ୍ତରେ ଦମନ କଲେ । ବକ୍ସାର ଯୁଦ୍ଧ (୧୭୬୪) ପରେ ହୋଇଥିବା **ଆଲାହାବାଦ ଚୁକ୍ତି (୧୭୬୫) ବଳରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ବିହାର ଓଡିଶାର ଦିୱାନୀ ଅଧିକାର ପାଇଲେ।** ସେମାନଙ୍କର କ୍ଷମତା ବୃଦ୍ଧି ହୋଇଥିଲା। ଭବାନୀ ପଣ୍ଡିତ ଇଂରେଜ ମାନଙ୍କ ସହିତ ସୁସମ୍ପର୍କ ପ୍ରତିଷ୍ଠା କରି ବଙ୍ଗରୁ ଚୌଥ ଆଦାୟ କରିବାକୁ ଚେଷ୍ଟା କଲେ। ଇଂରେଜମାନେ ଯୁଦ୍ଧ ପୂର୍ବରୁ ସେଓଭଟ୍ଟ ସାଠେଙ୍କୁ ଦେଇଥିବା ପ୍ରତିଶୃତି ପାଳନ କଲେନାହିଁ। ଚୌଥ ପ୍ରଦାନ କରିବାକୁ ମନା କରିଦେଲେ। ଓଡିଶାରୁ ଅଧିକ ରାଜସ୍ୱ ଆଦାୟ ପାଇଁ ଅନ୍ୟମାନଙ୍କପରି ସେ ଜମିଦାର ମାନଙ୍କ ଉପରେ ବଳପ୍ରୟୋଗ କରି ବିଫଳହେଲେ। ଫଳରେ ସେ ପଦଚ୍ୟୁତ ହେଲେ ଓ ଶମ୍ଭୁଜୀ ଗଣେଷ ସୁବେଦାର ହେଲେ।

**ଶମ୍ଭୁଜୀ ଗଣେଷ** (୧୭୬୮-୭୦) ଇଂରେଜ ମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଶକ୍ତିର ପ୍ରଭାବ ଉପଲବ୍ଧ କରି ସେମାନଙ୍କ ସହିତ ସୁସମ୍ପର୍କ ପ୍ରତିଷ୍ଠା କରି ବଙ୍ଗରୁ ଚୌଥ ପାଇବା ପାଇଁ ଚେଷ୍ଟା କଲେ। ଇଂରେଜ ସେନାବାହିନୀକୁ ଓଡିଶା ମଧ୍ୟଦେଇ ମାଡ୍ରାସ ପ୍ରେସିଡେନସି

ଯିବାକୁ ଅନୁମତି ଦେଲେ। କିନ୍ତୁ କିଛି ଲାଭ ହୋଇ ନଥିଲା। ଚୌଥ ଆଦାୟ କରିପାରି ନଥିଲେ। ତାଙ୍କପରେ ବାବୁଜୀ ନାୟକ (୧୭୭୦-୭୩) ଓ ବାବୁଜୀ ନାୟକଙ୍କ ପରେ ମାଧୋଜୀହରି ଓଡିଶାର ସୁବାଦାର ହୋଇଥିଲେ। ସେମାନଙ୍କ ସମୟରେ ଇଂରେଜ ମାନଙ୍କ ସହିତ ସମ୍ପର୍କରେ ଉନ୍ନତି ହୋଇଥିଲା। ସେତେବେଳକୁ ଓଡିଶା ଉପକୂଳରେ ଇଂରେଜ ମାନଙ୍କର ବାଣିଜ୍ୟ କାରବାର ବୃଦ୍ଧି ହୋଇଥିଲା। ଓଡିଶାର ମରହଟ୍ଟା ପ୍ରଶାସନ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଜଳଦସ୍ୟୁ ମାନେ ଇଂରେଜ ପୋତ ଓ ବଣିକ ମାନଙ୍କୁ ଲୁଣ୍ଠନ କରୁଥିଲେ। କେତେଜଣ ସ୍ଥାନୀୟ ଜମିଦାର ପରୋକ୍ଷଭାବେ ଏହା ସହିତ ଜଡିତ ଥିଲେ। ମାଧୋଜୀହରି ସେମାନଙ୍କୁ ଦମନ କରିବାରେ ବିଫଳ ହେବାରୁ ପଦଚ୍ୟୁତ ହୋଇଥିଲେ। ତାଙ୍କପରେ ରାଜାରାମ ପଣ୍ଡିତ ସୁବେଦାର ହେଲେ।

**ରାଜାରାମ ପଣ୍ଡିତ** (୧୭୭୮-୯୩) ସର୍ବାଧିକ୧୫ ବର୍ଷ କାଳ ଓଡିଶାର ସୁବାଦାର ଥିଲେ। ସେ ଦକ୍ଷ ଓ ଅନୁଭବୀ ଥିଲେ। ତାଙ୍କ ସମୟ ଘଟଣା ବହୁଳ ଥିଲା। ଇଂରେଜ ମାନଙ୍କ ସହିତ ଉତ୍ତମ ସମ୍ପର୍କ ଓ ମରହଟ୍ଟା ମାନଙ୍କର ସ୍ୱାର୍ଥରକ୍ଷା ପାଇଁ ସେ ଉଦ୍ୟମ କରିଥିଲେ। ଏହି ସମୟରେ ପୁନାର ପେଶବା, ମହିଶୂରର ହାଇଦରଅଲ୍ଲୀ ଓ ହାଇଦ୍ରାବାଦର ନିଜାମ ମିଶି ଇଂରେଜ ଶକ୍ତି ବିରୁଦ୍ଧରେ ଏକ ମେଣ୍ଟ କରିଥିଲେ । ନାଗପୁର ଭୋନସଲା ମଧ୍ୟ ସେମାନଙ୍କୁ ସମର୍ଥନ କରୁଥିଲେ। ଇଂରେଜ ମାନେ ଓଡିଶା ମଧ୍ୟଦେଇ ସ୍ଥଳଭାଗରେ ସେନା ପଠାଇବାକୁ ଅନୁମତି ଓ ଭୋନସଲାଙ୍କୁ ଉପରୋକ୍ତ ମେଣ୍ଟରୁ ଦୁରେଇ ରଖିବାପାଇଁ ପ୍ରୟାସ କଲେ । ଗଭର୍ଣ୍ଣର ଜେନେରାଲ ୱାରେନ ହାଷ୍ଟିଙ୍ଗ୍‌ସ ରାଜାରାମ ପଣ୍ଡିତଙ୍କ ମାଧ୍ୟମରେ ମାଧୋଜୀ ଭୋନସଲାଙ୍କ ସହିତ ଯୋଗାଯୋଗ ଆରମ୍ଭ କଲେ। ଭୋନସଲା ଏହି ସୁଯୋଗରେ ବଙ୍ଗ ଉପରେ ବାକିଥିବା ଚୌଥ (ପ୍ରାୟ ୨ କୋଟି) ବାବଦକୁ ୫୦ ଲକ୍ଷଟଙ୍କା ଦାବିକଲେ। ଇଂରେଜ ମାନେ ଅରାଜିହେଲେ। ଶେଷରେ ଚୌଥ ବାବଦକୁ ୧୩ ଲକ୍ଷଟଙ୍କା ଓ ଋଣ ଆକାରରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରି ଓଡିଶା ମଧ୍ୟଦେଇ ସେନା ପ୍ରେରଣ କରିବାକୁ ଅନୁମତି ପାଇଲେ। ଭୋନସଲା ଦାକ୍ଷିଣାତ୍ୟ ମେଣ୍ଟରୁ ଅଲଗା ରହିଲେ। ଇଂରେଜ ମାନଙ୍କର ଉଦ୍ଦେଶ୍ୟ ସାଧିତ ହୋଇଥିଲା ଓ ଏହା ସେମାନଙ୍କର ଏକ କୁଟନୈତିକ ବିଜୟ ଥିଲା।

ରାଜାରାମ ପଣ୍ଡିତ ଖୋର୍ଦ୍ଧା ରାଜ୍ୟ ଓ ଜଗନ୍ନାଥ ମନ୍ଦିର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପ୍ରତିଷ୍ଠା କରିଥିଲେ । ଜଗନ୍ନାଥ ମନ୍ଦିରର ପରିଚାଳନା ଅଧିକାର ଓ ୪ ଗୋଟି ପ୍ରଗଣା ମରହଟ୍ଟାମାନଙ୍କୁ ଦେବାପରେ (୧୭୬୦) ରାଜା ବୀରକିଶୋର ଦେବ ମାନସିକ ଭାରସାମ୍ୟ

ହରାଇଥିଲେ। ଅର୍ଦ୍ଧପାଗଳ ରାଜା ନିଜର ୪ ଜଣ ପୁତ୍ରଙ୍କୁ ହତ୍ୟା କରିଥିଲେ। ରାଜାରାମ ପଣ୍ଡିତ ତାଙ୍କୁ ବନ୍ଦୀକରି ବାରବାଟୀ ଦୁର୍ଗରେ ରଖିଲେ ଓ ତାଙ୍କର ଜଣେ ନାତିଙ୍କୁ (ଦିବ୍ୟସିଂହ ଦେବ) ଖୋର୍ଦ୍ଧା ରାଜଗାଦୀରେ ଅଧିଷ୍ଠିତ କଲେ। ଖୋର୍ଦ୍ଧାରାଜା, ରାଜ୍ୟ ଓ ଶ୍ରୀମନ୍ଦିର ଉପରେ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥିଲା। ମନ୍ଦିରର ଆୟ ଓ ତୀର୍ଥଯାତ୍ରୀମାନଙ୍କର ସଂଖ୍ୟାବୃଦ୍ଧି ପାଇଁ ସେ ସରାଇ (ବିଶ୍ରାମଗୃହ) ନିର୍ମାଣ ଓ ମରାମତି, ରାସ୍ତାଘାଟର ଉନ୍ନତି, ରାସ୍ତାକଡରେ ବୃକ୍ଷରୋପଣ ପ୍ରଭୃତି ଅନେକ ପଦକ୍ଷେପ ନେଇଥିଲେ। ତାଙ୍କର ମୃତ୍ୟୁ ପରେ ତାଙ୍କର ପୁତ୍ର ସଦାଶିବ ରାଓ ଓଡିଶାର ସୁବାଦାର ହୋଇଥିଲେ।

**ସଦାଶିବ ରାଓ** /ରାୟ (୧୭୯୩-୧୮୦୩) ଓଡିଶାର ଶେଷ ମରହଟ୍ଟା ସୁବାଦାର ଥିଲେ। ଇଂରେଜମାନଙ୍କର ଶକ୍ତି ଓ ଭାରତରେ ସେମାନଙ୍କର ସ୍ଥିତିକୁ ଅନୁଧ୍ୟାନ କରି ସେ ସେମାନଙ୍କ ପ୍ରତି କୋହଳ ନୀତି ଅବଲମ୍ବନ କରିଥିଲେ। ଇଂରେଜସେନାଙ୍କୁ ଓଡିଶା ମଧ୍ୟଦେଇ ଯିବାକୁ ଅନୁମତି ଦେଇଥିଲେ। ଅନ୍ୟପକ୍ଷରେ ଇଂରେଜମାନେ ଓଡିଶା ଅଧିକାର ପାଇଁ ଯୋଜନା କରୁଥିଲେ। ୧୮୦୩ ମସିହାରେ ଇଂରେଜ ଓ ମରହଟ୍ଟା ଶକ୍ତି (ହୋଲକାର, ସିନ୍ଧିଆ ଓ ଭୋନସଲା) ମଧ୍ୟରେ ଯୁଦ୍ଧ ହୋଇଥିଲା। ସଦାଶିବ ରାଓ ମୁଖ୍ୟ ସେନାଦଳ ସହିତ ଓଡିଶା ଛାଡିଥିଲେ। ସେ ଅନୁପସ୍ଥିତ ଥିବା ସମୟରେ ଇଂରେଜମାନେ ଓଡିଶା ଅଧିକାର କରିନେଲେ (୧୮୦୩)। ଓଡିଶାରେ ମରହଟ୍ଟା ଶାସନର ଅନ୍ତ ହେଲା।

ମରହଟ୍ଟାମାନେ ଓଡିଶାରେ ଅର୍ଦ୍ଧଶତାବ୍ଦୀ (୫୨ବର୍ଷ) ଶାସନ କରିଥିଲେ। ଓଡ଼ିଶାରୁ ରାଜସ୍ୱ ଓ ବଙ୍ଗରୁ ଚୌଥ ଆଦାୟ କରିବା ପାଇଁ ସେମାନଙ୍କର ସମସ୍ତ ଶକ୍ତି ଓ ସମୟ ବିନିଯୋଗ ହୋଇଥିଲା। ଦେଶରେ ସମ୍ପୂର୍ଣ୍ଣ ଶାନ୍ତି ନଥିଲା, ଶାସନ ସ୍ଥିର ନଥିଲା, ଅତ୍ୟାଚାର ହେଉଥିଲା, ବିଦ୍ରୋହ ହେଉଥିଲା। ଅଧିକ ଅର୍ଥ ଆଦାୟ କରିବା ମୁଖ୍ୟ ଲକ୍ଷ୍ୟ ଥିଲା। ଏହା ସତ୍ତ୍ୱେ ମରହଟ୍ଟାମାନଙ୍କ ସମୟରେ ବାଣିଜ୍ୟ କାରବାର ବୃଦ୍ଧି ହୋଇଥିଲା, ସ୍ଥଳପଥ ଓ ଜଳପଥର ଉନ୍ନତି ହୋଇଥିଲା, ଘାଟ ଗୁଡିକର ବିକାଶ ହୋଇଥିଲା। ନାଳ ଓ ବନ୍ଧମାନ ନିର୍ମିତ ହୋଇଥିଲା, ତୀର୍ଥ ଯାତ୍ରୀଙ୍କ ସୁବିଧା ପାଇଁ ସରାଇ (ଯାତ୍ରୀ ରହଣୀ ଗୃହ) ଓ ରାସ୍ତା କଡରେ ବୃକ୍ଷରୋପଣର ବ୍ୟବସ୍ଥା ହୋଇଥିଲା । ଏସବୁ କାର୍ଯ୍ୟ ପଛରେ ରାଜସ୍ୱ ଓ କରବୃଦ୍ଧି କରିବା ଉଦ୍ଦେଶ୍ୟ ନିହିତ ଥିଲା।

ଓଡିଶାରେ ମରହଟ୍ଟା ଶାସନ ଲୋକପ୍ରିୟ ନଥିଲା। କରବୃଦ୍ଧି, କର ଆଦାୟ ପାଇଁ ବଳ ପ୍ରୟୋଗ, ଲୁଣ୍ଠନ ମରହଟ୍ଟା ଶାସନକୁ ଅପ୍ରିୟ କରିଥିଲା । ଇଂରେଜ ଐତିହାସିକମାନେ ଓଡିଶାରେ ମରହଟ୍ଟା ଶାସନକୁ ଅପାରଗ, ଅତ୍ୟାଚାରୀ, ଶୋଷଣ-ହିଂସା-ନିର୍ଯାତନା ପୂର୍ଣ୍ଣ

ବୋଲି ବର୍ଣ୍ଣନା କରଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ମରହଟ୍ଟାମାନେ ଏକ ସମସ୍ୟା ବହୁଳ ସମୟରେ ମାତ୍ର ୫୨ବର୍ଷ ଶାସନ କରିଥିଲେ। ପ୍ରଚଳିତ ବ୍ୟବସ୍ଥାକୁ ହିଁ ଗ୍ରହଣ କରିଥିଲେ । ରାଜସ୍ୱ ଆଦାୟ ପାଇଁ ବଳପ୍ରୟୋଗ କରି ନିନ୍ଦିତ ହୋଇଥିଲେ। କିନ୍ତୁ କେତେକ ଭଲକାମ କରିଥିଲେ, ଯାହା ଇଂରେଜମାନେ କରି ନଥିଲେ। ଇଂରେଜ ଶାସନକୁ ମରହଟ୍ଟା ଶାସନଠାରୁ ଭଲ ବୋଲି ପ୍ରତିପାଦିତ କରିବାକୁ ସେମାନେ ମରହଟ୍ଟା ଶାସନକୁ ଅତିରଂଜିତ କରି ଖରାପ ବୋଲି ବର୍ଣ୍ଣନା କରିଥିଲେ । ମରହଟ୍ଟା ମାନଙ୍କର ଅଧିନରୁ ଯାଇ ଇଂରେଜ ଶାସନାଧିନ ହେବାପରେ ଓଡିଶାର ସ୍ଥିତିରେ କୌଣସି ଉନ୍ନତି ହୋଇ ନଥିଲା। ଓଡିଶା ଇତିହାସରେ ଅବନତି, ଅବକ୍ଷୟ, ଅଣହେଳା ଓ ଅବହେଳା ଭରା ଅନ୍ୟ ଏକ ଅଧ୍ୟାୟ ଆରମ୍ଭ ହୋଇଥିଲା ।



ଓଡ଼ିଶୀ ନୃତ୍ୟ

●●●

## ପରାଧିନ ଓଡ଼ିଶା

# ବ୍ରିଟିଶ ଶାସନ

**ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକାର :** ୧୮୦୩ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀ ମରହଟ୍ଟା ଶାସିତ ଓଡିଶା (ମୁଳ ଓଡିଶା-କଟକ, ପୁରୀ, ବାଲେଶ୍ୱର) ଅଧିକାର କଲା ! ଏହା ପୂର୍ବରୁ ଅନ୍ୟ କେତେକ ଓଡିଶା ଅଞ୍ଚଳ ସେମାନେ ଅଧିକାର କରିଥିଲେ। ଏହାପରେ ମଧ୍ୟ କିଛି ଅଞ୍ଚଳ ଅଧିକୃତ ହୋଇଥିଲା।

୧୫୬୮ ମସିହାରେ ଓଡିଶା ସାମ୍ରାଜ୍ୟର ପତନ ହୋଇଥିଲା । ଏହିଠାରୁ ଓଡ଼ିଶା ଇତିହାସରେ ଆଞ୍ଚଳିକ ବିଭାଜନ ଓ ପରାଧିନତାର ଯୁଗ ଆରମ୍ଭ ହୋଇଥିଲା। ଉତ୍ତର ଓଡିଶା (ଚିଲିକାରୁ ଗଙ୍ଗା/ହୁଗୁଳିନଦୀ) ଆଫଗାନ ଶାସିତ ବଙ୍ଗ ସୁବାର ଅଧିନହେଲା। ଦକ୍ଷିଣ ଓଡିଶା (ଚିଲିକାରୁ ଗୋଦାବରୀ) ଗୋଲକୁଣ୍ଡା ରାଜ୍ୟ ଦ୍ୱାରା ଅଧିକୃତ ହେଲା । ପଶ୍ଚିମ ଓଡିଶାର (ସମ୍ବଲପୁର ଓ ଅନ୍ୟ ଗଡଜାତରାଜ୍ୟ) ସ୍ଥାନୀୟ ଶାସକମାନେ ବିଦେଶୀ ଶାସକ ମାନଙ୍କର ପ୍ରଭୁତ୍ୱ ସ୍ୱୀକାର କଲେ ଓ ବାର୍ଷିକ କର ପ୍ରଦାନ କରି ସ୍ୱାଧୀନଭାବେ ନିଜ ନିଜ ରାଜ୍ୟରେ ଶାସନ କଲେ । ସମୟ କ୍ରମେ ବଙ୍ଗ ଅଧିନ ଓଡିଶା ଅଞ୍ଚଳ ପୁନଃ ବିଭାଜିତ ହୋଇଥିଲା। ସୁବାଦାର ମୁର୍ଶିଦ କୁଲି ଖାଁ (୧୭୧୭-୨୭) ମେଦିନିପୁର ଚକଲା (ଜିଲ୍ଲା)କୁ ବଙ୍ଗ ସୁବା ସହିତ ମିଶାଇ ଦେଲେ। ଓଡିଶା ସବୁଦିନ ପାଇଁ ଉକ୍ତ ଅଞ୍ଚଳ ହରାଇଲା । ୧୭୫୧ ମସିହାରେ ଓଡିଶା ମରହଟ୍ଟା (ନାଗପୁରର ଭୋନସଲା) ଶାସନାଧିନ ହେଲା । ମରହଟ୍ଟା ଓଡିଶା ସୁବର୍ଣ୍ଣରେଖା ନଦୀଠାରୁ ଚିଲିକା ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ସୁବର୍ଣ୍ଣରେଖା ନଦୀର ଉତ୍ତର ପାର୍ଶ୍ୱ ଓଡିଆ ଅଞ୍ଚଳ ବଙ୍ଗ ସୁବା ଅଧିନରେ ରହିଲା । ଏହିପରି ଭାବରେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପୂର୍ବରୁ ବିଭାଜିତ ଓଡ଼ିଶା ଅଞ୍ଚଳ ବଙ୍ଗର ନବାବ, ନାଗପୁରର ଭୋନସଲା ଓ ହାଇଦରାବାଦର ନିଜାମଙ୍କ ଅଧିନରେ ଥିଲା ।

ବିଭାଜିତ ଓ ପରାଧିନ ଓଡିଶାର ବିଭିନ୍ନ ଅଞ୍ଚଳ ଭିନ୍ନ ଭିନ୍ନ ସମୟରେ ଇଂରେଜ ମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା। ୧୭୬୦ ମସିହାରେ ବଙ୍ଗର ନବାବ ମିରକାଶୀମ ଇଷ୍ଟଇଣ୍ଡିଆ କମ୍ପାନିକୁ ଉପହାର ସ୍ୱରୁପ ମେଦିନିପୁର ଜିଲ୍ଲା ପ୍ରଦାନ କରିଥିଲେ। ବକ୍ସାର ଯୁଦ୍ଧ (୧୭୬୪) ପରେ ହୋଇଥିବା ଆଲାହାବାଦ ଚୁକ୍ତି (୧୭୬୫) ଅନୁସାରେ ମୋଗଲ

ସମ୍ରାଟଙ୍କ ଅନୁମୋଦନରେ ଇଷ୍ଟ ଇଣ୍ଡିଆ କମ୍ପାନୀ, ବଙ୍ଗ ବିହାର ଓଡିଶାର ଦିୱାନୀ ଅଧିକାର ପ୍ରାପ୍ତ ହେଲା ! ଫଂଳରେ ସୁବର୍ଣ୍ଣରେଖା ନଦୀର ଉତ୍ତରସ୍ଥ ଓଡିଶା ଅଞ୍ଚଳ ଉପରେ ଇଂରେଜ ମାନଙ୍କର ଆଇନତଃ ଦିୱାନୀ ଅଧିକାର ପ୍ରତିଷ୍ଠା ହେଲା ।

ସେହିବର୍ଷ (୧୭୬୫) ଚିଲିକାର ଦକ୍ଷିଣସ୍ଥ ଓଡ଼ିଶା ଅଞ୍ଚଳ ହାଇଦ୍ରାବାଦ ରାଜ୍ୟର ଉତ୍ତର ସରକାର (ଗଞ୍ଜାମ ଓ ଭାଇଜାଗ ଜିଲ୍ଲା) ଇଂରେଜମାନଙ୍କ ଅଧିନକୁ ଆସିଲା । ଉକ୍ତ ଅଞ୍ଚଳ ହାଇଦ୍ରାବାଦ ରାଜ୍ୟର ଅଂଶଥିଲା । ମରହଟ୍ଟାମାନଙ୍କର ଆକ୍ରମଣରୁ ରକ୍ଷାପାଇବା ପାଇଁ ନିଜାମ ସଲାବତ୍ ଜଙ୍ଗ ଫରାସୀମାନଙ୍କର ସାହାଯ୍ୟ ନେଇଥିଲେ ଓ ପ୍ରତିବଦଳରେ ସେମାନଙ୍କୁ ଉତ୍ତର ସରକାର ପ୍ରଦାନ କରିଥିଲେ । ୧୭୫୯ ମସିହାରେ ନିଜାମ ଅଲ୍ଲୀ, ସଲାବତ ଜଙ୍ଗଙ୍କୁ ହତ୍ୟାକରି ହାଇଦ୍ରାବାଦର ନିଜାମ ହେଲେ । ତାଙ୍କୁ ଇଂରେଜ ମାନେ ସାହାଯ୍ୟ କରିଥିଲେ । ସେ ଇଂରେଜ ମାନଙ୍କୁ ପୁରସ୍କାର ସ୍ୱରୁପ ଉତ୍ତର ସରକାର ପ୍ରଦାନ କରିଥିଲେ (୧୭୬୫) । ତା ପରବର୍ଷ ନିଜାମ ଉକ୍ତ ଅଞ୍ଚଳର ଜମିଦାର ମାନଙ୍କୁ (ଗଞ୍ଜାମ, ପାରଳାଖେମୁଣ୍ଡି, ଇଛାପୁର, ଜୟପୁର, କୋରାପୁଟ, ମଞ୍ଜୁଷା, ଟେକାଲି...) କମ୍ପାନୀର ପ୍ରଭୁତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ବିନାଯୁଦ୍ଧରେ ଉକ୍ତ ଅଞ୍ଚଳର ମାଲିକ ହେଲେ । ଏହିପରି ଭାବରେ ୧୭୬୫ ମସିହାରେ ସୁବର୍ଣ୍ଣରେଖା ନଦୀର ଉତ୍ତରସ୍ଥ ଓଡିଶା ଓ ଚିଲିକାର ଦକ୍ଷଣସ୍ଥ ଓଡିଶା ଭିନ୍ନ ଭିନ୍ନ ପରିସ୍ଥିତିରେ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ଅଧିକୃତ ହୋଇଥିଲା ।

ମରହଟ୍ଟା ଶାସିତ ଓଡିଶା ବା ମୁଳ ଓଡିଶା (ସୁବର୍ଣ୍ଣରେଖା ଠାରୁ ଚିଲିକା - ପୁରୀ, କଟକ, ବାଲେଶ୍ୱର) ଦଖଲପାଇଁ ଇଂରେଜ ମାନଙ୍କର ଉଦ୍ୟମ ଜାରି ରହିଥିଲା । ପୂର୍ବ ଉପକୂଳରେ ବଙ୍ଗ ଓ ମାଡ୍ରାସ ପ୍ରେସିଡେନସି ମଧ୍ୟରେ ଓଡିଶା ଅବସ୍ଥିତ ଥିଲା । ଉତ୍ତର ଓ ଦକ୍ଷିଣ ଭାରତର ଇଂରେଜ ଶାସିତ ଅଞ୍ଚଳ ମଧ୍ୟରେ ଯୋଗାଯୋଗ ଓ ସ୍ଥଳ ଭାଗରେ ସୈନ୍ୟ ଯାତାୟତ ପାଇଁ ଓଡିଶା ପ୍ରତିବନ୍ଧକ ଥିଲା । ମରହଟ୍ଟାମାନେ ବଙ୍ଗରୁ ଚୌଥ ଆଦାୟ ପାଇଁ ବାରମ୍ବାର ଦାବି କରୁଥିଲେ ଓ ସାମୟିକ ସାମରିକ ଅଭିଯାନ କରୁଥିଲେ । ଏହି ଦୃଷ୍ଟିରୁ ମରହଟ୍ଟାମାନଙ୍କୁ ବହିଷ୍କାର କରି ଓଡିଶା ଅଧିକାର ପାଇଁ ଇଂରେଜମାନେ ଚେଷ୍ଟା କରିଥିଲେ । ଇଂରେଜମାନଙ୍କର ସାହାଯ୍ୟରେ ମରହଟ୍ଟାମାନଙ୍କୁ ଓଡିଶାରୁ ବିତାଡିତ କରିବାକୁ ନବାବ ମୀରକାଶିମଙ୍କୁ ପ୍ରଲୋଭିତ କରାଯାଇଥିଲା । କିନ୍ତୁ ସାମରିକ ଅଭିଯାନର ଖର୍ଚ୍ଚ ବହନ କରିବାକୁ ମୀରକାଶିମ ଅକ୍ଷମତା ପ୍ରକାଶ କରିବାରୁ ଯୋଜନା ଯୋଜନାରେ ରହିଗଲା । ଲର୍ଡ କ୍ଲାଇବଙ୍କର ପ୍ରତିନିଧି ଟମାସ ମଟ ଓଡିଶା କିଣିନେବାକୁ ସୁବାଦାର ଭବାନୀ

ପଣ୍ଡିତଙ୍କୁ ପ୍ରସ୍ତାବ ଦେଇଥିଲେ। ସୁବାଦାର ଏହାକୁ ଗ୍ରହଣ କରିନଥିଲେ। ଆଗତୁରା ଚୌଥ କିମ୍ବା ବାର୍ଷିକ ଅର୍ଥ ନେଇ କମ୍ପାନିକୁ ଓଡିଶା ହସ୍ତାନ୍ତର କରିବା ପ୍ରସ୍ତାବ ଭୋନସଲାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା। ମହିଶୁରର ହାଇଦର ଅଲ୍ଲିଙ୍କ ବିରୁଦ୍ଧରେ ବଙ୍ଗରୁ ଓଡିଶା ମଧ୍ୟ ଦେଇ ସୈନ୍ୟ ପଠାଇବାକୁ ୱାରେନହେଷ୍ଟିଙ୍ଗସ୍ ଭୋନସଲାଙ୍କର ଅନୁମତି ମାଗିଲେ। ମାଧୋଜୀ ଭୋନସଲା ବଙ୍ଗ ଉପରେ ଆଗରୁ ବାକିଥିବା ଚୌଥ ବାବଦକୁ ୫୦ ଲକ୍ଷ ଟଙ୍କା ଦାବିକଲେ। ଏକ ବୁଝାମଣା ହେଲା। ବକେୟା ଚୌଥ ବାବଦକୁ ୧୩ଲକ୍ଷ ଓ ଋଣ ଆକାରରେ ୧୦ ଲକ୍ଷ ଟଙ୍କା ଦେଇ ଇଂରେଜ ସେନା ଓଡିଶା ମଧ୍ୟଦେଇ ଯିବାକୁ ଅନୁମତି ପାଇଲେ (୧୭୮୧)। ଏହାପରେ ଟିପୁ ସୁଲତାନଙ୍କ ସହିତ ଇଂରେଜମାନଙ୍କର ଯୁଦ୍ଧବେଳେ (୧୭୯୦) ଇଂରେଜ ସୈନ୍ୟବାହିନୀ ଓଡିଶା ମଧ୍ୟ ଦେଇ ଦାକ୍ଷିଣାତ୍ୟକୁ ଯାଇଥିଲେ। ଓଡିଶାରେ ମରହଟ୍ଟା ମାନଙ୍କର ଉପସ୍ଥିତି ଇଂରେଜମାନଙ୍କ ପାଇଁ ବହୁ ଅସୁବିଧା ଓ ପ୍ରତିବନ୍ଧକ ସୃଷ୍ଟି କରୁଥିଲା। ଓଡିଶା ଅଧିକାରପାଇଁ ସେମାନେ ଚେଷ୍ଟାକରୁଥିଲେ ଓ ଏକ ସୁଯୋଗକୁ ଅପେକ୍ଷା କରିଥିଲେ।

୧୮୦୩ ମସିହାରେ ଇଂରେଜ–ମରହଟ୍ଟା ସମର, ଇଂରେଜମାନଙ୍କୁ ବହୁ ପ୍ରତୀକ୍ଷିତ ସୁଯୋଗ ଆଣିଦେଲା । ଇଂରେଜମାନେ ଓଡିଶା ଦଖଲପାଇଁ ଯୋଜନା ଓ ପ୍ରସ୍ତୁତି ଆରମ୍ଭ କରିଦେଲେ। ସାମରିକ ଅଭିଯାନ ପୂର୍ବରୁ ଓଡିଶାର ଜନସାଧାରଣ, ଜମିଦାର ଓ ରାଜାମାନଙ୍କୁ, ମରହଟ୍ଟାମାନଙ୍କଠାରୁ ଦୁରେଇଦେବା ପାଇଁ ଉଦ୍ୟମ କଲେ । ମରହଟ୍ଟା ଶାସନ ଅତ୍ୟାଚାରୀ, ଶୋଷଣକାରୀ ବୋଲି ପ୍ରଚାର କରାଗଲା। ଓଡିଶାର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଜୀବନରେ ଶ୍ରୀ ଜଗନ୍ନାଥଙ୍କର ଅଖଣ୍ଡ ପ୍ରଭାବକୁ ଠିକ୍ ଭାବେ ବୁଝି ଶ୍ରୀମନ୍ଦିରକୁ ମରହଟ୍ଟାମାନଙ୍କ ହାତରୁ ମୁକ୍ତକରିବା ସହିତ ମନ୍ଦିରର ସେବାୟତ, ବ୍ରାହ୍ମଣ ଓ ତୀର୍ଥଯାତ୍ରୀମାନଙ୍କୁ ଯଥୋଚିତ ସମ୍ମାନ ଦିଆଯିବ ବୋଲି ପ୍ରଚାର ହେଲା। ଏହି ମର୍ମରେ ଇଂରେଜ ମାନଙ୍କୁ ସମର୍ଥନ ଦେବାକୁ, ବଙ୍ଗର ତ୍ରୀବେଣୀ ମଠ ମହନ୍ତଙ୍କ ଦ୍ୱାରା ଲିଖିତ ଏକ ଚିଠି ଛପାଯାଇ ବହୁଳ ଭାବରେ ପୁରୀରେ ବଣ୍ଟାଯାଇଥିଲା। ମରହଟ୍ଟା ମାନଙ୍କ ହାତରୁ ଶ୍ରୀମନ୍ଦିର ମୁକ୍ତହେବା ଆଶାରେ ସେବକ, ବ୍ରାହ୍ମଣ ଓ ମନ୍ଦିର ପ୍ରଶାସନର କେତେଜଣ କର୍ମକର୍ତ୍ତା ଇଂରେଜ ମାନଙ୍କୁ ବିରୋଧ ନକରିବାକୁ ନିଷ୍ପତ୍ତି ନେଲେ। ଗଡଜାତ ରାଜାମାନଙ୍କୁ ମରହଟ୍ଟା ଅତ୍ୟାଚାର ଓ ଶୋଷଣରୁ ଇଂରେଜମାନେ ସୁରକ୍ଷା ଦେବେ ବୋଲି ଏକ ବାର୍ତ୍ତା ସବୁଆଡେ ପ୍ରଚାରିତ ହେଲା। ଗଡଜାତ ରାଜା ଓ ଜମିଦାରମାନେ ନିଜର ହିତଦୃଷ୍ଟିରୁ ନିରପେକ୍ଷ ରହିବାକୁ ଉଚିତ ମନେ କଲେ। ଖୋର୍ଦ୍ଧା ମଧ୍ୟ ଦେଇ ଗଞ୍ଜାମରୁ କଟକକୁ

ସୈନ୍ୟ ପ୍ରେରଣ ପାଇଁ ଖୋର୍ଦ୍ଧା ରାଜାଙ୍କ ସହିତ ଏକ ଅଲିଖିତ ବୁଝାମଣା ହେଲା। ଇଂରେଜ ମାନେ ରାଜାଙ୍କୁ ଏକ ଲକ୍ଷ ଟଙ୍କା ଓ ମରହଟ୍ଟା ମାନଙ୍କ ଅଧିନରେ ଥିବା ୪ ଗୋଟି ପ୍ରଗଣା ପ୍ରଦାନ କରିବାକୁ ପ୍ରତିଶୃତି ଦେଇ ଅନୁମତି ହାସଲ କଲେ।

ଓଡିଶାରେ କୌଣସି ସମ୍ଭାବ୍ୟ ପ୍ରତିରୋଧ ନହେବା ପାଇଁ ଉପରୋକ୍ତ ବ୍ୟବସ୍ଥା କରିବା ସହିତ ତିନି ଦିଗରୁ ଓଡିଶା ଆକ୍ରମଣ ପାଇଁ ସାମରିକ ଯୋଜନା ହେଲା। ଦକ୍ଷିଣ ଦିଗରୁ ଗଞ୍ଜାମରୁ ଏକ ସୈନ୍ୟଦଳ ସହିତ (୫୪୫ ଗୋରାସୈନ୍ୟ +୨୨୪୦ ଭାରତୀୟ ସୈନ୍ୟ+୫୦ ଅଶ୍ୱାରୋହୀ) କର୍ଣ୍ଣେଲ ହାରକୋର୍ଟ ଅଭିଯାନ ଆରମ୍ଭ କରି ମାଣିକପାଟଣାରେ ପହଞ୍ଚି ସେଠାରୁ ମରହଟ୍ଟାମାନଙ୍କୁ ବିତାଡିତ କଲେ । ମାଲୁଦର ଫୌଜଦାର ଅର୍ଥ ପ୍ରତିବଦଳରେ ହାରକୋର୍ଟଙ୍କୁ ସାହାଯ୍ୟ କରିଥିଲେ। ମାଣିକପାଟଣାରୁ ବିନା ପ୍ରତିରୋଧରେ ହାରକୋର୍ଟ ୧୮ ସେପ୍ଟେମ୍ବର,୧୮୦୩ ମସିହା ଦିନ ପୁରୀରେ ପ୍ରବେଶ କଲେ। ପୁରୀଠାରେ ଶୁକ୍ଳବସ୍ତ୍ର ପରିହିତ ଶ୍ରୀ ମନ୍ଦିରର କେତେଜଣ ପ୍ରତିନିଧି, ମନ୍ଦିର ସେବାୟତ ଓ ବ୍ରାହ୍ମଣ ଇଂରେଜମାନଙ୍କୁ ସ୍ୱାଗତ କରି ମନ୍ଦିରର ସୁରକ୍ଷା ପାଇଁ ଅନୁରୋଧ କଲେ। କୌଣସି ପ୍ରତିରୋଧ ଓ ରକ୍ତପାତ ବିନା ପୁରୀ ଓ ଶ୍ରୀମନ୍ଦିର ଅଧିକୃତ ହେଲା। ସାର୍ ଜନ ମେଲଭିଲ ଶ୍ରୀମନ୍ଦିର ଦାୟୀତ୍ୱ ଗ୍ରହଣ କଲେ।

ପୁରୀରୁ କର୍ଣ୍ଣେଲ ହାରକୋର୍ଟ କଟକ ଅଭିମୁଖେ ଯିବା ବାଟରେ ମୁକୁନ୍ଦପୁର ଓ ଅହମଦପୁର ଠାରେ ସାମାନ୍ୟ ବିରୋଧ ବ୍ୟତୀତ କୌଣସି ବିଶେଷ ପ୍ରତିରୋଧର ସମ୍ମୁଖୀନ ହୋଇନଥିଲେ । କଟକରେ ପହଞ୍ଚି (ଅକ୍ଟୋବର, ୦୮) ପ୍ରଥମେ ଲାଲବାଗ ଦୁର୍ଗ ଅଧିକାର କଲେ । ମରହଟ୍ଟା ଫୌଜଦାରଙ୍କୁ ୧ଲକ୍ଷ ଟଙ୍କା ଉତ୍କୋଚ ନେଇ ବିନା ଯୁଦ୍ଧରେ ବାରବାଟୀ ଦୁର୍ଗ ସମର୍ପଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିରେ ବିଫଳ ହେବାପରେ ଅନ୍ୟଜଣେ ସେନାନାୟକଙ୍କୁ (ଶିବ ପ୍ରସାଦ) ନିଜ ପକ୍ଷକୁ ଆଣିବାରେ ସଫଳ ହେଲେ। ଅକ୍ଟୋବର ୧୩ ତାରିଖଦିନ ମରହଟ୍ଟା ମାନଙ୍କୁ ପରାଜିତ କରି ବାରବାଟୀ ଦୁର୍ଗ ଅଧିକାର କଲେ। ଯୁଦ୍ଧରେ୨ଜଣ ଇଂରେଜ ଓ ୩ଜଣ ଭାରତୀୟ ସୈନ୍ୟ ନିହତ ହୋଇଥିଲେ। ୧୬ଜଣ ଇଂରେଜ ଓ୧୩ଜଣ ଭାରତୀୟ ଆହତ ହୋଇଥିଲେ। ଏହି ବିଜୟ ଏକ ସହଜ ବିଜୟ ଥିଲା। ଇଂରେଜମାନଙ୍କର ସାମରିକ ଶକ୍ତି, ପ୍ରଶିକ୍ଷିତସୈନ୍ୟ, ଆଧୁନିକ ଅସ୍ତ୍ରଶସ୍ତ୍ର ମରହଟ୍ଟା ମାନଙ୍କଠାରୁ ଯଥେଷ୍ଟ ଅଧିକ ଥିଲା। ମରହଟ୍ଟା ସୁବାଦାର ସଦାଶିବ ରାଓ ଇଂରେଜ-ମରହଟ୍ଟା ଯୁଦ୍ଧରେ ଯୋଗ ଦେବା ପାଇଁ ମୁଖ୍ୟ ସୈନ୍ୟଦଳ ସହ ନାଗପୁର ଯାଇଥିଲେ। ନାଗପୁରରୁ ସାହାଯ୍ୟକାରୀ ସେନା ଆସିବା ସମ୍ଭବ ନଥିଲା। ଫଳରେ ଅତି ସହଜରେ କଟକ (ଓଡିଶା) ଅଧିକୃତ ହେଲା।

ଉତ୍ତରଦିଗରୁ କ୍ୟାପଟେନ ମାର୍ଗାନ ଏକ ସେନାଦଳ ସହ ସମୁଦ୍ର ପଥରେ ଆସି ବାଲେଶ୍ୱରଠାରେ ପହଞ୍ଚି ମରହଟ୍ଟା ଫୌଜଦାରଙ୍କୁ ଲାଞ୍ଚଦେଇ ବିନା ଯୁଦ୍ଧରେ ବାଲେଶ୍ୱର ଦଖଲ ପାଇଁ ଚେଷ୍ଟା କଲେ। କିନ୍ତୁ ସୈନ୍ୟମାନେ ଫୌଜଦାରଙ୍କୁ ବନ୍ଦୀକରି ଇଂରେଜ ସେନା ସହିତ ଯୁଦ୍ଧକଲେ ଓ ପରାଜୟ ବରଣ କଲେ। ବାଲେଶ୍ୱର ଅଧିକୃତ ହେଲା। ଅନ୍ୟ ଏକ ଇଂରେଜସେନା କର୍ଣ୍ଣେଲ ଫର୍ଗୁସନଙ୍କ ନେତୃତ୍ୱରେ ସ୍ଥଳପଥରେ ଆସି ଜଳେଶ୍ୱର ଅଧିକାର କଲେ ଓ ସେଠାରୁ କଟକ ଅଭିମୁଖେ ଅଗ୍ରସର ହେଲେ। ସେ ପହଞ୍ଚିବା ପୂର୍ବରୁ କର୍ଣ୍ଣେଲ ହାରକୋର୍ଟ କଟକ ଅଧିକାର କରି ସାରିଥିଲେ।

କଟକ ଦଖଲପରେ ଗ୍ରାମାଞ୍ଚଳର ଜମିଦାର ଓ ଗଡଜାତ ରାଜାମାନଙ୍କୁ ଇଂରେଜ କର୍ତ୍ତୃତ୍ୱ ଅଧିନକୁ ଆଣିବା ପାଇଁ ଉଦ୍ୟମ ହେଲା। କର୍ଣ୍ଣେଲ ହାରକୋର୍ଟ; ଜେ.ମେଲଭିଲ ଓ ଏଚ. ଆର୍ଣ୍ଣେଷ୍ଟଙ୍କୁ ନେଇ ଏକ କମିଟି ଗଠନ ହେଲା। ଏହି କମିଟିର ଉଦ୍ୟମ ଓ ଚାପ ଫଳରେ ସରକାରଙ୍କୁ ବାର୍ଷିକ କର ବା ପେଶକସ ପ୍ରଦାନ ଓ ଇଂରେଜ ପ୍ରଭୁତ୍ୱ ଗ୍ରହଣ ସର୍ତ୍ତରେ ରାଜା ଓ ଜମିଦାର ମାନେ ଇଂରେଜ ପ୍ରଶାସନ ସହିତ ଚୁକ୍ତି ସ୍ୱାକ୍ଷର କଲେ। ଇଂରେଜ ଓ ମରହଟ୍ଟା ମାନଙ୍କ ମଧ୍ୟରେ ହୋଇଥିବା ଦେଓଗାଁ ଚୁକ୍ତିରେ (୧୮୦୩) ଭୋନସଲା ରାଜା, ଇଂରେଜ ମାନଙ୍କର କଟକ ଅଧିକାର ଓ ରାଜା, ଜମିଦାର ମାନଙ୍କ ସହିତ ହୋଇଥିବା ଚୁକ୍ତିକୁ ଅନୁମୋଦନ କଲେ। ଓଡିଶା ଇଂରେଜ ଅଧିନ ହେଲା। ଓଡ଼ିଶାରେ ପରାଧିନତା, ଅବହେଳା ଓ ଅଣହେଳାର ଆଉ ଏକ ଅଧ୍ୟାୟ ଆରମ୍ଭ ହେଲା।

ଓଡିଶାର ଉପକୂଳ ଅଞ୍ଚଳରେ ଇଂରେଜ ପ୍ରଭୁତ୍ୱ ପ୍ରତିଷ୍ଠାକରିବା କାର୍ଯ୍ୟ ସହିତ ପଶ୍ଚିମ ଓଡିଶା ଉପରେ କର୍ତ୍ତୃତ୍ୱ ପ୍ରତିଷ୍ଠା ନିମିତ୍ତ ଉଦ୍ୟମ ଆରମ୍ଭ ହେଲା। ଇଂରେଜମାନଙ୍କଦ୍ୱାରା ଅଧିକୃତ ହେବା ପୂର୍ବରୁ ପଶ୍ଚିମ ଓଡିଶାର ରାଜନୈତିକ ପରିସ୍ଥିତି ଠିକ୍ ନଥିଲା। ପୂର୍ବରୁ ମରହଟ୍ଟାମାନେ ନାଗପୁରରୁ ସମ୍ବଲପୁର ମଧ୍ୟ ଦେଇ ବଙ୍ଗ ଆକ୍ରମଣ କରୁଥିଲେ ଓ ରାସ୍ତାକଡର ଗାଁ ଗଣ୍ଡା ଲୁଣ୍ଠନ କରୁଥିଲେ। ମୁଳ ଓଡିଶା ଅଧିକାର କରିବା ପରେ (୧୭୫୧) ମଧ୍ୟ ଏହି ପଥରେ ମରହଟ୍ଟାମାନଙ୍କର ଯାତାୟାତ, ଲୁଣ୍ଠନ ଓ ଅତ୍ୟାଚାର ଚାଲୁ ରହିଥିଲା। ମରହଟ୍ଟା ଅତ୍ୟାଚାରରୁ ମୁକ୍ତି ପାଇବା ଉଦ୍ଦେଶ୍ୟରେ ୧୭୯୩ ମସିହାରେ ସମ୍ବଲପୁରର ରାଜା ଜୟନ୍ତ ସିଂହ ଭୋନସଲାଙ୍କ ସହିତ ଚୁକ୍ତି କରି ଭୋନସଲାଙ୍କର ପ୍ରଭୁତ୍ୱ ଗ୍ରହଣ କଲେ ଓ ବାର୍ଷିକ ୧୬ ହଜାର ସ୍ୱର୍ଣ୍ଣମୁଦ୍ରା ଦେବେ ବୋଲି ରାଜି ହେଲେ। ୧୮୦୦ ମସିହାରେ ସମ୍ବଲପୁର, ସୋନପୁର ଓ ବଉଦର ରାଜାଙ୍କୁ ଭୋନସଲା ବନ୍ଦୀ କଲେ ଓ ସେଠାରେ ପ୍ରତ୍ୟକ୍ଷ ମରହଟ୍ଟା ଶାସନ ପ୍ରତିଷ୍ଠା କଲେ। ଇଂରେଜମାନେ କଟକ ଅଧିକାର କରିବା ବେଳକୁ ସମ୍ବଲପୁର ମରହଟ୍ଟା ମାନଙ୍କର ପ୍ରତ୍ୟକ୍ଷ ଶାସନାଧିନ ଥିଲା।

କଟକ ଦଖଲ ପରେ କର୍ଣ୍ଣେଲ୍ ହାରକୋର୍ଟ୍ ସମ୍ବଲପୁର, ସୋନପୁର ଓ ବଉଦ ରାଜାଙ୍କୁ ବାର୍ଷିକ ମାତ୍ର ୫ଗୋଟି ସ୍ୱର୍ଣ୍ଣମୁଦ୍ରା ଦାଖଲ କରି ଇଂରେଜମାନଙ୍କର ପ୍ରଭୁତ୍ୱ ଗ୍ରହଣ କରିବାକୁ ପ୍ରସ୍ତାବ ଦେଲେ। ମରହଟ୍ଟା ମାନଙ୍କଠାରୁ ମୁକ୍ତି ପାଇବା ଆଶାରେ ବନ୍ଦୀ ରାଜାମାନଙ୍କ ପକ୍ଷରୁ ରାଣୀ ରତନକୁମାରୀ (ସମ୍ବଲପୁର) ରାଣୀ ଲକ୍ଷ୍ମୀ ପ୍ରିୟା (ସୋନପୁର) ଓ ରାଣୀ ଜଗଦୀଶ୍ୱରୀ (ବଉଦ) ଇଂରେଜମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷର କଲେ। ୧୮୦୪ ମସିହାରେ ଇଂରେଜ ସୈନ୍ୟ ମରହଟ୍ଟା ମାନଙ୍କୁ ବିତାଡିତକରି ସମ୍ବଲପୁର ଦଖଲକଲେ ଓ ପ୍ରଶାସନଦାୟୀତ୍ୱ ନେଲେ । ପରେ ପରେ ରାୟଗଡ, ସାରଙ୍ଗଗଡ, ରେଢାଖୋଲ, ଗାଙ୍ଗପୁର, ବଣାଇ, ବାମଣ୍ଡା, ଶକ୍ତି ଓ ବରଗଡ ଶାସକ ମାନେ ଇଂରେଜ ମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷର କଲେ। ୨ବର୍ଷ ପରେ ୧୮୦୬ ମସିହାରେ ସମ୍ବଲପୁର ଓ ପାଟଣାଗଡ ଭୋନସଲାଙ୍କୁ ଫେରାଇ ଦିଆଗଲା । ଅନ୍ୟରାଜ୍ୟଗୁଡ଼ିକ ଇଂରେଜ ଅଧିନରେ ରହିଲା।

୧୮୧୭ ମସିହାରେ ତୃତୀୟ ଇଂରେଜ–ମରହଟ୍ଟା ସମର ହେଲା। ଇଂରେଜ ସୈନ୍ୟ ୧୮୧୭ ମସିହା ନଭେମ୍ବର ୧୭ ତାରିଖ ଦିନ ମରହଟ୍ଟାମାନଙ୍କୁ ବିତାଡିତକରି ସମ୍ବଲପୁର ପୁର୍ନବାର ଅଧିକାର କରିନେଲେ। ଯୁଦ୍ଧପରେ ୧୮୦୦ମସିହାରୁ ବନ୍ଦୀ ଥିବା ସମ୍ବଲପୁର, ସୋନପୁର ଓ ବଉଦର ରାଜାମାନେ ମୁକ୍ତ ହେଲେ ଓ ଇଂରେଜ ପ୍ରଭୁତ୍ୱ ସ୍ୱୀକାର କଲେ। ସମ୍ବଲପୁର ଇଂରେଜ କର୍ତ୍ତୃତ୍ୱାଧିନ ହେଲା।

ଏହି ପରି ଭାବରେ ୧୭୬୫ ମସିହାରେ ମେଦିନିପୁର ଓ ଦକ୍ଷିଣ ଓଡିଶା,୧୮୦୩ ମସିହାରେ ମୁଳ ଓଡିଶା, ୧୮୦୪ ମସିହାରେ ପଶ୍ଚିମଓଡିଶାର ଗଡଜାତ ରାଜ୍ୟ ଓ ୧୮୧୭ ମସିହାରେ ସମ୍ବଲପୁର ଇଂରେଜ ଶାସନ ଅଧିନକୁ ଆସିଲା। ପ୍ରାୟ ୨୫୦ ବର୍ଷପରେ ବିଭାଜିତ ଓ ବିଖଣ୍ଡିତ ସବୁ ଓଡିଶା ଅଞ୍ଚଳ ଏକ ଶାସନ (ଇଂରେଜ ଶାସନ) ଅଧିନ ହେଲା।

**ଓଡ଼ିଶାରେ ଇଂରେଜ ଶାସନ ବ୍ୟବସ୍ଥା** : ଓଡିଶାରେ ଆଫଗାନ, ମୋଗଲ ଓ ମରହଟ୍ଟା ଶାସନ ପରି ବ୍ରିଟିଶ ଶାସନ ବିଦେଶୀ ଥିଲା। ବ୍ରିଟିଶ ଶାସନର ପ୍ରଥମ ଭାଗରେ ଓଡିଶା ପୂର୍ବର ଶାସନମାନଙ୍କ ପରି ଅଣହେଳା ଓ ଅବହେଳାର ଶୀକାର ହୋଇଥିଲା। ଅଧିକରୁ ଅଧିକ ରାଜସ୍ୱ ଆୟକୁ ପ୍ରାଥମିକତା ଦିଆଯାଉଥିଲା, ଅଞ୍ଚଳର ବିକାଶ ଗୌଣଥିଲା। ନଅଙ୍କ ଦୁର୍ଭିକ୍ଷ (୧୮୬୬) ପରେ ଇଂରେଜ ପ୍ରଶାସନର ଆଭିମୁଖ୍ୟରେ ପରିବର୍ତ୍ତନ ହୋଇଥିଲା ଓ ଓଡ଼ିଶାର ଉନ୍ନତି ଦିଗରେ ଉଦ୍ୟମ ଆରମ୍ଭ ହେଲା।

ଓଡିଶା ଦଖଲପରେ କଟକ ଜୟ କରିଥିବା କର୍ଣ୍ଣେଲ୍ ହାରକୋର୍ଟ୍ ଓ ଜେମସ୍ ମେଲଭିଲ୍‌ଙ୍କୁ ମିଳିତ ଭାବେ ଓଡିଶାର ଶାସନ ଦାୟିତ୍ୱ ଦିଆଯାଇଥିଲା।୧୮୦୪ ମସିହାରେ ଓଡିଶାକୁ ଦୁଇ ଭାଗରେ (ମହାନଦୀର ଉତ୍ତରସ୍ଥ ଅଞ୍ଚଳ ଓ ଦକ୍ଷିଣସ୍ଥ ଅଞ୍ଚଳ) ବିଭକ୍ତ କରାଗଲା । କମିଶନର ପଦକୁ ଉନ୍ନୀତ ହୋଇ ମେଲଭିଲ ବାଲେଶ୍ୱର ଠାରେ ଓ ହାରକୋର୍ଟ୍ ପୁରୀଠାରେ ଅବସ୍ଥାପିତ ହେଲେ। ପରବର୍ଷ ୧୮୦୫ରେ ସମଗ୍ର ଓଡିଶାକୁ ଜଣେ କଲେକ୍ଟରଙ୍କର ଅଧିନରେ ରଖାଗଲା। କଲେକ୍ଟରଙ୍କ ମୁଖ୍ୟ କାର୍ଯ୍ୟାଳୟ ପୁରୀଠାରେ ଥିଲା। **୧୮୧୬ ମସିହାରେ କଲେକକ୍ଟରଙ୍କ କର୍ଯ୍ୟାଳୟ କଟକକୁ ସ୍ଥାନାନ୍ତରୀତ ହେଲା ଓ ସେହି ବର୍ଷଠାରୁ କଟକ ବ୍ରିଟିଶ ଓଡିଶାର ରାଜଧାନୀ ହେଲା ।** ୧୮୧୮ମସିହାରେ ଓଡିଶା ପାଇଁ ଜଣେ କମିଶନର ନିଯୁକ୍ତ ହେଲେ । ୧୮୨୮ ମସିହାରେ ଓଡିଶା ଡିଭିଜନକୁ ୩ଟି ଜିଲ୍ଲାରେ (କଟକ, ପୁରୀ, ବାଲେଶ୍ୱର) ବିଭକ୍ତ କରାଯାଇ ୩ଜଣ ଜିଲ୍ଲା କଲେକ୍ଟର ଓ ମାଜିଷ୍ଟ୍ରେଟ ନିଯୁକ୍ତ ହେଲେ। ତା ପରବର୍ଷ ମେଦିନିପୁର, ହିଜିଲି ଓ ନୂଆଗାଁ ଅଞ୍ଚଳକୁ ଓଡିଶା ଡିଭିଜନ ସହିତ ସଂଯୁକ୍ତ କରାଯାଇଥିଲା। ଏହି ପରି ଅନେକ ଅଦଳ ବଦଳ ହୋଇଥିଲା। ଓଡିଶା ପ୍ରଶାସନକୁ ଏକ ନିର୍ଦ୍ଦିଷ୍ଟ ରୁପରେଖ ଦେବା ପାଇଁ ୨୫ ବର୍ଷ ଲାଗିଥିଲା।

**ଭୁରାଜସ୍ୱ** ସରକାରଙ୍କ ଆୟର ମୁଖ୍ୟ ଉତ୍ସ ଥିଲା। ଇଂରେଜ ପ୍ରଶାସନ ଓଡିଶାରେ ପ୍ରଥମେ ଅସ୍ଥାୟୀ ଜମିଜମା ବନ୍ଦୋବସ୍ତ ପ୍ରଚଳନ କଲେ। ୧୮୦୫ ରୁ ୧୮୧୫ ମଧ୍ୟରେ କ୍ରମାନ୍ୱୟରେ ବର୍ଷକିଆ, ୩ବର୍ଷିଆ, ୪ବର୍ଷିଆ ଓ ୩ବର୍ଷିଆ ଏହିପରି ୪ ଗୋଟି ସ୍ୱଳ୍ପ ମିଆଦୀ ବନ୍ଦୋବସ୍ତ ହୋଇଥିଲା। ପରବର୍ତ୍ତୀ ୨୩ବର୍ଷ (୧୮୧୫ ରୁ୧୮୩୭) ମଧ୍ୟରେ ୧୦ଗୋଟି ବନ୍ଦୋବସ୍ତ ହୋଇଥିଲା। ତାପରେ ୩୦ବର୍ଷିଆ ବନ୍ଦୋବସ୍ତ ହେଲା। ସ୍ୱଳ୍ପମିଆଦୀ ବନ୍ଦୋବସ୍ତ ଭୁରାଜସ୍ୱ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିଥିଲା। ପ୍ରତି ବନ୍ଦୋବସ୍ତପରେ ଧାର୍ଯ୍ୟ ଭୁରାଜସ୍ୱ ବୃଦ୍ଧି ହେଉଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଖଜଣା ଛାଡ କିମ୍ବା ରିହାତି ପ୍ରଦାନ କରାଯାଉ ନ ଥିଲା। କଠୋର ଭାବେ ଖଜଣା ଆଦାୟ ହେଉଥିଲା। ଜମିଦାରମାନେ ଧାର୍ଯ୍ୟ ଖଜଣା ଆଦାୟ କରି ନ ପାରିଲେ ମହାଜନ ବା ସାହୁକାରଙ୍କଠାରୁ ଋଣ କରି (ବେଳେ ବେଳେ ଜମିଦାରୀ ବନ୍ଧକ ରଖି) ରାଜସ୍ୱ ଜମା କରୁଥିଲେ। ଋଣ ସୁଝି ନପାରିଲେ ଜମିଦାରୀ ହରେଇବାକୁ ପଡୁଥିଲା। ଚାଷୀମାନେ ସାହୁକାରଙ୍କଠାରୁ ଋଣ ଆଣି ସୁଝି ନପାରି ଜମି ହରାଉଥିଲେ । ପ୍ରଚଳିତ ସୂର୍ଯ୍ୟାସ୍ତ ଆଇନ ବା ସନସେଟ ରୁଲ ଅନୁସାରେ ନିର୍ଦ୍ଦିଷ୍ଟ ଦିନର ସୂର୍ଯ୍ୟାସ୍ତ ପୂର୍ବରୁ ଖଜଣା ଦାଖଲ ନ କଲେ ଜମିଦାରୀ ବାଜ୍ୟାପ୍ତ ଓ ନିଲାମ ହେଉଥିଲା। ସୁଦୂର କଲିକତାଠାରେ ନିଲାମ ହେଉଥିବାରୁ ପ୍ରାୟତଃ ବଙ୍ଗାଳୀ ଅମଲାମାନେ ଏହାକୁ

କିଣୁଥିଲେ । ନୁଆ ଜମିଦାରମାନେ ଜମିଦାରୀରେ ଅନୁପସ୍ଥିତ ରହି ସେମାନଙ୍କର ଏଜେଣ୍ଟ ବା ପ୍ରତିନିଧି ମାନଙ୍କ ମାଧ୍ୟମରେ ଖଜଣା ଆଦାୟ କରୁଥିଲେ । ପ୍ରଜାମାନେ ଏଜେଣ୍ଟ ମାନଙ୍କଦ୍ୱାରା ଅତ୍ୟାଚାରୀତ ହେଉଥିଲେ। ୧୮୦୭ମସିହାରେ ୨୬୬ଟି ଜମିଦାରୀ ନିଲାମ ହୋଇଥିଲା। ବ୍ରିଟିଶ ଶାସନର ପ୍ରଥମ ୧୪ବର୍ଷ ମଧ୍ୟରେ ଓଡିଶାରେ ଦୁଇ ତୃତୀୟାଂଶ ଜମିଦାର ଜମିଦାରୀ ହରାଇଥିଲେ। ତ୍ରୁଟିପୂର୍ଣ୍ଣ ସ୍ୱଳ୍ପ ମିଆଦୀ ବନ୍ଦୋବସ୍ତ ଫଳରେ ବାରମ୍ବାର ଜମି ଓ ଜମିଦାରୀ ହସ୍ତାନ୍ତରୀତ  ହେଉଥିଲା। ଏକ ନୂଆ ଅନୁପସ୍ଥିତ ସ୍ୱାର୍ଥପର ଅତ୍ୟାଚାରୀ ଜମିଦାର ଗୋଷ୍ଠୀ ସୃଷ୍ଟି ହୋଇଥିଲା। ଶୋଷଣକାରୀ ମହାଜନ ଓ ସାହୁକାର ଶ୍ରେଣୀର ଉତ୍ପତ୍ତି ହୋଇଥିଲା। ପ୍ରଜା ଓ ପୁରୁଣା ଜମିଦାର ପରିବାର ସମସ୍ତେ କ୍ଷତିଗ୍ରସ୍ତ ହୋଇଥିଲେ । ଇଂରେଜ ଶାସନ ଶୋଷଣ, ଅତ୍ୟାଚାର ଓ ଯନ୍ତ୍ରଣାପୂର୍ଣ୍ଣ ଥିଲା।

ଓଡିଶାରେ ଇଂରେଜ ରାଜସ୍ୱ ବ୍ୟବସ୍ଥା ସୁବ୍ୟବସ୍ଥିତ ନ ଥିଲା। ମଙ୍ଗଳକାରୀ ନଥିଲା। ବରଂ ଅହିତକାରୀ ଥିଲା। ଏସ,ଏଲ ମାଡକ୍ସ ରିପୋର୍ଟରେ ଲେଖିଥିଲେ, ଠିକଭାବରେ ଅନୁସଂଧାନ ନ କରି ରାଜସ୍ୱ ନିର୍ଦ୍ଧାରଣ ହେଉଥିଲା ଓ ଅତି କଠୋର ଭାବେ ତାହାକୁ ଆଦାୟ କରାଯାଉଥିଲା। ଏଲ,ଏସ,ଏସ, ଓ' ମାଲି ତତ୍‌କାଳୀନ ଓଡିଶାର ବାସ୍ତବ ସ୍ଥିତିର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି। ତାଙ୍କ ମତରେ ଓଡିଶାରେ ବ୍ରିଟିଶ ଶାସନର ପ୍ରଥମ ଭାଗରେ ଅତ୍ୟଳ୍ପ ଅନୁସଂଧାନ, ସ୍ଥାନୀୟ ଅଞ୍ଚଳ ଓ ପ୍ରଜାମାନଙ୍କ ବିଷୟରେ ଅଜ୍ଞତା, ଅନମନୀୟ ଆଇନ୍ ବ୍ୟବସ୍ଥା, ଅସମାନ ରାଜସ୍ୱ, ସ୍ୱାର୍ଥପର ତଳିଆ କର୍ମଚାରୀମାନଙ୍କର ଭୁଲ୍ ସୂଚନା ଉପରେ ନିର୍ଭରକରି ଧାର୍ଯ୍ୟ ହେଉଥିବା ରାଜସ୍ୱ ଅତ୍ୟଧିକ ଥିଲା। ସୁଦୁର କଲିକତାରେ ଜମିଦାରୀ ନିଲାମ ବ୍ୟବସ୍ଥା, ବହୁ ପୁରାତନ ସ୍ଥାନୀୟ ଓଡିଆ ଜମିଦାର ପରିବାରର ଧ୍ୱଂସ ସାଧନ କରିଥିଲା। ଟ୍ରୱାର କହିଥିଲେ ଏହି ବ୍ୟବସ୍ଥା ଦେଶ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ ଥିଲା। ରୟତମାନଙ୍କର ଉନ୍ନତି ପ୍ରତିହତ ହୋଇଥିଲା, ପ୍ରବାସୀ ଅମଲାମାନଙ୍କର ଅତ୍ୟାଚାର ଓ ଶୋଷଣ ଆରମ୍ଭ ହୋଇଥିଲା। ଉପରୋକ୍ତ ମତାମତ ଗୁଡିକ ଓଡିଶାରେ ଇଂରେଜ ଶାସନର ପ୍ରକୃତ ଚରିତ୍ରକୁ ଉପସ୍ଥାପିତ କରିଥିଲା।

ଅତ୍ୟଧିକ, ଅସମାନ ଓ ଅବ୍ୟବସ୍ଥିତ ଭୁରାଜସ୍ୱ ବ୍ୟବସ୍ଥା ସହିତ ଇଂରେଜମାନଙ୍କର **ଲବଣନୀତି** ଓଡିଶା ପାଇଁ ଅହିତକର ସାଧିତ ହୋଇଥିଲା। ଓଡିଶାରେ ଲବଣ ଉତ୍ପାଦନ ଓ ବ୍ୟବସାୟ ଏକ ଅର୍ଥକାରୀ ସ୍ଥାନୀୟ ଶିଳ୍ପଥିଲା। ପ୍ରାୟ ୨୬ ହଜାର ମଲାଙ୍ଗୀ ଓ ଆନୁସଙ୍ଗିକ କାର୍ଯ୍ୟରେ ବହୁ ଅଧିକ ବ୍ୟକ୍ତି  ସଂପୃକ୍ତଥିଲେ। ଓଡିଶାରେ ଦୁଇ  ପ୍ରକାର ଲୁଣ ପଙ୍ଗାଲୁଣ (କଟକ, ବାଲେଶ୍ୱର ଜିଲ୍ଲା ଉପକୂଳରେ ସମୁଦ୍ର ଜଳକୁ ଫୁଟାଇ ପ୍ରସ୍ତୁତ ହେଉଥିବା ଲୁଣ)

ଓ କର୍କଚା ଲୁଣ (ପୁରୀ ଓ ଗଞ୍ଜାମ ଅଞ୍ଚଳରେ ସମୁଦ୍ର ପାଣିକୁ ଶୁଖାଇ ପ୍ରସ୍ତୁତ ହେଉଥିବା ଲୁଣ) ଉତ୍ପାଦିତ ହେଉଥିଲା। ବ୍ରିଟିଶ ଶାସନ ପୂର୍ବରୁ ମରହଟ୍ଟାମାନେ ମଲାଙ୍ଗୀମାନଙ୍କଠାରୁ କୌଣସି କର ଆଦାୟ କରୁନଥିଲେ। କେବଳ ବ୍ୟବସାୟୀମାନଙ୍କଠାରୁ ଶୁଳକ୍ ଆଦାୟ କରୁଥିଲେ (ମହଣପ୍ରତି ୧୨ଅଣା)। ଓଡିଶା ଅଧିକାର ପରେ, ଲୁଣ ଉତ୍ପାଦନ ଓ ବ୍ୟବସାୟ ଉପରେ ୧୮୦୪ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀର ଏକଚାଟିଆ ଅଧିକାର ପ୍ରତିଷ୍ଠା ହେଲା । କମ୍ପାନୀର ବିନାନୁମତିରେ ଲୁଣ ଉତ୍ପାଦନ ନିଷେଧ ହେଲା। ପାରିଶ୍ରମିକ ଓ କିଛି ଖୋରାକିଲୁଣ ନେଇ ମଲାଙ୍ଗୀ ମାନେ କମ୍ପାନୀପାଇଁ ଲୁଣମାରୁଥିଲେ। ଲୁଣ ବିକ୍ରେତାଙ୍କ ଉପରେ ମହଣ ପିଛା ଶୁଳକ୍ (୧୨ଅଣା)ଧାର୍ଯ୍ୟ ହେଲା। ୧୮୧୪ ମସିହାରେ ଘରୋଇ ଲବଣ ଉତ୍ପାଦନ ସଂପୂର୍ଣ୍ଣ ନିଷେଧ ହେଲା । ଘରୋଇ ବ୍ୟବହାର ପାଇଁ ମଧ୍ୟ ଲୁଣ ମାରିବା ବନ୍ଦହେଲା। ଫଳରେ ଲୁଣଦର ବୃଦ୍ଧି ହେଲା। ୧୮୧୭ ମସିହା ବେଳକୁ ଲୁଣଦର, ମରହଟ୍ଟା ସମୟର ଲୁଣଦରଠାରୁ ୬ ଗୁଣ ଅଧିକ ଥିଲା। ଲୁଣବ୍ୟବସାୟରୁ କମ୍ପାନୀ ଭୂରାଜସ୍ୱଠାରୁ ଅଧିକ ଆୟ କରୁଥିଲା (ବାର୍ଷିକ ପ୍ରାୟ ୧୮ଲକ୍ଷ)। ୧୮୩୬ ମସିହାରେ ମଲାଙ୍ଗୀ ମାନଙ୍କୁ ଦିଆଯାଉଥିବା ଖୋରାକିଲୁଣ ବନ୍ଦ ହେଲା ଓ ୧୮୩୮ ମସିହାରେ ଦିଆଯାଉଥିବା ପାରିଶ୍ରମିକକୁ ହ୍ରାସ କରାଗଲା। ଫଳରେ ମଲାଙ୍ଗୀ ମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଲା।

୧୮୬୦ ମସିହା ବେଳକୁ ଲିଭରପୁର ଲୁଣ ଓଡିଶା ବଜାରରେ ବହୁଳ ଭାବରେ ଉପଲବ୍ଧ ହେଲା। ବିଦେଶୀ ଲୁଣ ସ୍ଥାନୀୟ ଲୁଣ ଠାରୁ ଉତ୍କୃଷ୍ଟ ବୋଲି ପ୍ରଚାରହେଲା। କିନ୍ତୁ ପ୍ରକୃତରେ ସ୍ଥାନୀୟ ଲୁଣ, ଭାରତରେ ସବୁଠାରୁ ଭଲ ଲୁଣ ଥିଲା (ଷ୍ଟର୍ଲିଙ୍ଗ)।୧୮୬୩ ମସିହାରେ ଇଂରେଜ ସରକାର ଲବଣ ଉତ୍ପାଦନ ବନ୍ଦ କରି ଦେଲେ। ଏକଚାଟିଆ ଅଧିକାର ଶେଷ ହେଲା। ଦେଶୀଲୁଣ ବିଦେଶୀଲୁଣ ସହିତ ପ୍ରତିଯୋଗୀତା କରିପାରିଲା ନାହିଁ। ଫଳରେ ହଜାର ହଜାର ମଲାଙ୍ଗୀ ଓ ଲବଣ ଶିଳ୍ପ ସହିତ ସଂପୃକ୍ତ ହଜାର ହଜାର ବ୍ୟକ୍ତି ସେମାନଙ୍କର ଜୀବିକା ହରାଇଲେ। ଏକ ସ୍ଥାନୀୟ ଦେଶୀୟ ଶିଳ୍ପ ବନ୍ଦ ହୋଇଗଲା।

bèûRÊ I faY gb C_ùe ^dªY _ZÂûKeàû_ùe ଅବକାରୀ କ୍ଷେତ୍ରରୁ ରାଜସ୍ୱ ବୃଦ୍ଧି ପାଇଁ ପଦକ୍ଷେପ ନିଆଗଲା । ମୋଗଲ ଓ ମରହଟ୍ଟା ମାନଙ୍କ ସମୟରେ ଆଦିବାସୀ ଅଞ୍ଚଳ ଓ ଗ୍ରାମମାନଙ୍କରେ ଘରୋଇ ଭାବେ ଦେଶୀ ମଦ, ଅଫିମ ଇତ୍ୟାଦି ଉତ୍ପାଦନ ଓ ବ୍ୟବହାର ଉପରେ କୌଣସି ଶୁଳ୍କ ନଥିଲା । ଇଂରେଜ ମାନେ ଅବକାରୀ ଦ୍ରବ୍ୟର ଉତ୍ପାଦନ, ଆମଦାନୀ, ରପ୍ତାନୀ ଓ ବ୍ୟବସାୟ ଉପରେ କାହାକୁ

ଛାଡ ନଦେଇ ଟିକସ ବସାଇଲେ। ଏହା ସାଧାରଣ ଶ୍ରମିକ ଓ ଆଦିବାସୀମାନଙ୍କୁ ପ୍ରଭାବିତ କରିଥିଲା।

ଇଂରେଜ ମାନଙ୍କର **ମୁଦ୍ରାନୀତି** ଜନସାଧାରଣଙ୍କୁ ବହୁ ଅସୁବିଧାରେ ପକାଇଥିଲା। ପୂର୍ବରୁ ଓଡିଶାରେ କଉଡି ପ୍ରଚଳନ ଥିଲା । ରାଜସ୍ୱ, ଟିକସ, କର ଆଦି; କଉଡି କିମ୍ବା ଶସ୍ୟ ଆକାରରେ ପ୍ରଦାନ କରାଯାଉଥିଲା। ଇଂରେଜ ଶାସନ ସମୟରେ ସରକାରୀ ଦେୟ ରୁପାଟଙ୍କା ଆକାରରେ ଆଦାୟ ହେଲା। ଫଳରେ ପ୍ରଜାମାନଙ୍କୁ କଉଡି କିମ୍ବା ଶସ୍ୟ ବଦଳରେ ରୁପାଟଙ୍କା କିଣିବାକୁ ପଡିଲା। ମୁଦ୍ରା ବିନିମୟକାରୀ ବ୍ୟବସାୟୀମାନେ ଲୋକମାନଙ୍କର ସରଳତାର ସୁଯୋଗନେଇ ସେମାନଙ୍କୁ ଶୋଷଣ କଲେ। ସରକାରୀ ଦର ୪କାହାଣ କଉଡି ବଦଳରେ ୧ ଟଙ୍କା ଥିଲା। କିନ୍ତୁ ବଜାରରେ ୬/୭କାହାଣ କଉଡି ପ୍ରତିବଦଳରେ ଏକ ଟଙ୍କା ମିଳୁଥିଲା। ସାଧାରଣଲୋକଙ୍କୁ ଅନେକ କ୍ଷତି ସହିବାକୁ ପଡିଲା। ସେମାନଙ୍କର ଆର୍ଥିକ ଅବସ୍ଥା ଅଧିକ ଶୋଚନୀୟ ହୋଇପଡିଲା।

ସବୁକ୍ଷେତ୍ରରୁ ଅଧିକ ଆୟ ପାଇଁ ବ୍ରିଟିଶ ଶାସନ ସମସ୍ତ ପ୍ରକାର ଉଦ୍ୟମ କରିଥିଲା। ଫଳରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ଦୟନୀୟ ହୋଇ ପଡିଥିଲା।

ବ୍ରିଟିଶ ଶାସନ ସମୟରେ **ସରକାରୀ ଚାକିରୀ**ରେ ଓଡିଆ ମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ଓଡିଶା ଦଖଲବେଳେ ଜଣେହେଲେ ଓଡିଆ କର୍ମଚାରୀ ସରକାରୀ କାର୍ଯ୍ୟାଳୟରେ ନଥିଲେ । ସ୍ଥାନୀୟ ଲୋକମାନେ ଇଂରେଜ ଆଇନ କାନୁନ ବ୍ୟବସ୍ଥାରେ ଅଜ୍ଞଥିଲେ ବୋଲି ବିଚାରକରି ପଡୋଶୀ ରାଜ୍ୟରୁ ଅମଲାମାନଙ୍କୁ ଅଣାଯାଇଥିଲା। ପରେ ସେମାନେ ନିଜଲୋକଙ୍କୁ ଆଣି ଚାକିରୀରେ ରଖାଇଲେ । ସ୍ଥାନୀୟ ଲୋକଙ୍କୁ ଶିକ୍ଷା ପ୍ରଦାନ କରି, ସରକାରୀ କାର୍ଯ୍ୟ ପାଇଁ ପ୍ରସ୍ତୁତ କରିବାକୁ କୌଣସି ଉଦ୍ୟମ ହୋଇନଥିଲା। ଇଂରେଜ ପଦାଧିକାରୀ ଓ ପଡୋଶୀ ରାଜ୍ୟରୁ ଆସିଥିବା ବାବୁମାନେ ସ୍ଥାନୀୟ ଲୋକ , ସ୍ଥାନୀୟ ଭାଷା, ସ୍ଥାନୀୟ ଚଳଣି ବିଷୟରେ ଅଜ୍ଞ ଥିଲେ । ଉପରିସ୍ଥ ଇଂରେଜ ଅଧିକାରୀ ମାନେ, ସ୍ୱାର୍ଥପର ଅଣଓଡିଆ କର୍ମଚାରୀମାନଙ୍କଦ୍ୱାରା ପ୍ରଭାବିତ ଓ ପରିଚାଳିତ ହେଉଥିଲେ। ଅଶିକ୍ଷିତ, ସରଳ ଅଧିବାସୀମାନେ ଶୋଷଣର ଶୀକାର ହେଉଥିଲେ । ୧୮୨୧ ମସିହାରେ କଟକର କଲେକ୍ଟର ଲେଖିଥିଲେ "ମାସକୁ ୧୦ ଟଙ୍କା ବେତନ ପାଉଥିବା ଜଣେ ବି ଓଡିଆ ମିଳିବା କଷ୍ଟକର । ବଙ୍ଗାଳୀ ଓ ମୁସଲମାନ ମାନେ ଉଚ୍ଚ ପଦପଦବୀରେ ଅବସ୍ଥାପିତ ଥିଲେ। ସାଧାରଣ ମୋହରୀର କାମ ପାଇଁ ଆବଶ୍ୟକ ଯୋଗ୍ୟତା ଥାଇ ଜଣେ ଓଡିଆ

ମିଳିବା କଷ୍ଟ।" ଏହା ହିଁ ଥିଲା ଓଡିଶାରେ ଇଂରେଜ ଶାସନର ବାସ୍ତବ ସ୍ଥିତି। ୧୮୨୮-୨୯ ମସିହାରେ ଓଡିଶା କମିଶନର ତାଙ୍କ ବାର୍ଷିକ ବିବରଣୀରେ ଲେଖିଥିଲେ, "ସେମାନଙ୍କ (ଓଡିଆ) ନିଜ ଦେଶରେ ସେମାନେ ଜମି ଓ ଚାକିରୀରୁ ବଙ୍ଗାଳୀ ମାନଙ୍କଦ୍ୱାରା; ବାଣିଜ୍ୟ ବ୍ୟବସାୟରୁ ବଙ୍ଗାଳୀ, ମାରଓ୍ୱାଡି ଓ ଇଉରୋପୀୟ ମାନଙ୍କ ଦ୍ୱାରା; କଠିନ ଶାରୀରିକ ଶ୍ରମ କାର୍ଯ୍ୟରୁ ତେଲଗୁ ମାନଙ୍କ ଦ୍ୱାରା ବିସ୍ଥାପିତ ହୋଇଛନ୍ତି।" ଓଡିଆ ମାନେ ସବୁ କ୍ଷେତ୍ରରେ, ସମସ୍ତଙ୍କଦ୍ୱାରା, ଅବହେଳିତ ଓ ଶୋଷିତ ହୋଇଥିଲେ। ସେମାନଙ୍କର ଦୁର୍ଦ୍ଦଶାର ଅନ୍ତ ନଥିଲା।

ଓଡିଶାରେ ଇଂରେଜ ଶାସନ ପ୍ରତିଷ୍ଠା ହେବାର ୫୦ ବର୍ଷ ମଧ୍ୟରେ **ଶିକ୍ଷା** କ୍ଷେତ୍ରରେ କୌଣସି ବିକାଶ ହୋଇ ନ ଥିଲା। ୧୮୨୩ ମସିହାରେ ଧର୍ମ ପ୍ରଚାରକମାନଙ୍କ ଉଦ୍ୟମରେ କଟକଠାରେ ଓଡିଶାର ପ୍ରଥମ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ୧୮୩୫ ମସିହାରେ ସରକାରଙ୍କ ଦ୍ୱାରା ପୁରୀଠାରେ ପ୍ରଥମଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହେଲା। ସେଠାରେ ଇଂରେଜ ଶିକ୍ଷା ପ୍ରତି ଆଗ୍ରହ ନଥିଲା। ଫଳରେ ଛାତ୍ର ଅଭାବରୁ ୧୮୪୦ ମସିହାରେ ଏହା ବନ୍ଦ ହୋଇଯାଇଥିଲା। ୧୮୫୩ ମସିହାରେ (ଓଡିଶା ଦଖଲର ୫୦ବର୍ଷ)ଦୁଇଟି ଭର୍ଣ୍ଣକୁଲାର ସ୍କୁଲ ସ୍ଥାପିତ ହେଲା। ୧୮୫୪ ମସିହା ବେଳକୁ ଓଡିଶାରେ ମାତ୍ର ୮ଟି ଭର୍ଣ୍ଣାକୁଲାର ସ୍କୁଲ ଥିଲା। ୧୮୩୫ ମସିହା (ବେଣ୍ଟିକଙ୍କ ଶିକ୍ଷା ସଂସ୍କାର) ଠାରୁ ୧୮୫୪ ମସିହା (ଉଡସ୍ ଡେସପାଚ) ମଧ୍ୟରେ ବଙ୍ଗ ଓ ବିହାରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଶିକ୍ଷାର ବିକାଶ ହୋଇଥିବା ବେଳେ ଓଡିଶା ପାଇଁ କିଛି ହୋଇ ନଥିଲା। ଫଳରେ ଓଡିଶାର ବିକାଶ ବିଳମ୍ବିତ ହେଲା। ୧୮୫୮ ମସିହା ବେଳକୁ ଓଡିଶାରେ ସବୁ ଶ୍ରେଣୀର ମାତ୍ର ୨୯ ଟି ସ୍କୁଲ ଓ ୯୮୬ ଜଣ ଛାତ୍ର ଥିଲେ। ୧୮୬୭ ମସିହା ବେଳକୁ ସମଗ୍ର ଓଡିଶାରେ ସ୍କୁଲ ସଂଖ୍ୟା ୭୭କୁ ଓ ଛାତ୍ର ସଂଖ୍ୟା ୩୫୩୬ କୁ ବୃଦ୍ଧି ହୋଇଥିଲା। ଆଧୁନିକ ଶିକ୍ଷାର ବିକାଶ ନହେବା ଦ୍ୱାରା ସବୁକ୍ଷେତ୍ରରେ ଓଡିଆମାନେ ପଛୁଆ ହୋଇ ରହିଗଲେ।

ଇଂରେଜ ପ୍ରଶାସନ ଓଡିଶାରେ **ଗମନାଗମନ** କ୍ଷେତ୍ରରେ ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଇ ନଥିଲା। ଅନ୍ୟ କ୍ଷେତ୍ର ପରି ଏ କ୍ଷେତ୍ରରେ ମଧ୍ୟ ଓଡିଶା ସଂପୂର୍ଣ୍ଣ ଅବହେଳିତ ହୋଇ ରହିଥିଲା। ୧୮୬୬ ମସିହାର ଦାରୁଣ ଦୁର୍ଭିକ୍ଷ ସମୟରେ ଗମନାଗମନର ଅସୁବିଧା ହେତୁ ଦୁର୍ଭିକ୍ଷ ପ୍ରପୀଡିତମାନଙ୍କ ପାଖରେ ସାହାଯ୍ୟ ପହଞ୍ଚି ପାରିଲା ନାହିଁ। ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଇଂରେଜ ଶାସନର ପ୍ରଥମ ୬୦ ବର୍ଷ ମଧ୍ୟରେ ଓଡିଶା

ସଂପୂର୍ଣ୍ଣ ଅବହେଳିତ ହୋଇ ରହିଥିଲା। ଶିକ୍ଷାର ବିକାଶ ହୋଇନଥିଲା, ଗମନା ଗମନର ଉନ୍ନତି ହୋଇ ନଥିଲା, ସରକାରୀ ଚାକିରୀ ନଥିଲା, ଅତ୍ୟଧିକ କରଭାରରେ ଜନ ସାଧାରଣଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡିଥିଲା। ପଡୋଶୀ ମାନଙ୍କର ପ୍ରାଦୁର୍ଭାବ ଓଡିଶାର ଦୁର୍ଦ୍ଦଶାକୁ ବହୁଗୁଣିତ କରିଥିଲା। ଆୟ ବୃଦ୍ଧି ପାଇଁ ଚେଷ୍ଟିତ ପ୍ରଶାସନ, ଅଞ୍ଚଳର ଉନ୍ନତି ପାଇଁ କୌଣସି ପ୍ରକାର ବିକାଶ ମୂଳକ କାର୍ଯ୍ୟ କରିନଥିଲା।

**ନଅଙ୍କ ଦୁର୍ଭିକ୍ଷ** (୧୮୬୬) - ୧୮୬୬ ମସିହାରେ ଓଡିଶା ଏକ ଦାରୁଣ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମରୁଡି, ଖାଦ୍ୟାଭାବ ଓ ଦୁର୍ଭିକ୍ଷର କବଳିତ ହେଇଥିଲା। ଏହି ଦୁର୍ଭିକ୍ଷ ଗଜପତି ତୃତୀୟ ଦିବ୍ୟସିଂହ ଦେବଙ୍କର ନବମ ଅଙ୍କରେ ପଡିଥିବାରୁ ଏହାକୁ ନଅଙ୍କ ଦୁର୍ଭିକ୍ଷ କୁହାଯାଏ। ନଅଙ୍କ ଦୁର୍ଭିକ୍ଷ ଊନବିଂଶ ଶତାବ୍ଦୀରେ ଭାରତର ସବୁଠାରୁ ବଡ ଭୟଙ୍କର ଓ ଦୁଃଖଦ ଘଟଣା ଥିଲା। ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ ଥିଲା। କିନ୍ତୁ ଓଡିଶା ପ୍ରଶାସନର ବାସ୍ତବ ଦୃଷ୍ଟିଭଙ୍ଗୀର ଅଭାବ ଓ ଦୁର୍ବଳ ପରିଚାଳନାହେତୁ ଏହା ଏକ ମହାମାରୀରେ ପରିଣତ ହୋଇଥିଲା। ଓଡିଶାର ଏକତୃତୀୟାଂଶ ଲୋକ (୩୭ ଲକ୍ଷ ମଧ୍ୟରୁ ୧୦ ଲକ୍ଷରୁ ଅଧିକ) ମୃତ୍ୟୁ ବରଣ କରିଥିଲେ। ଓଡିଶାରେ ଇଂରେଜ ଶାସନର ପ୍ରକୃତ ସ୍ୱରୁପ ପ୍ରକାଶ ପାଇଲା। ଦେଶ ଭିତରେ ଓ ବାହାରେ ଓଡିଶାର ବିପର୍ଯ୍ୟୟ ଓ ଦୁର୍ଦ୍ଦିନ ପାଇଁ ଇଂରେଜ ଶାସନ ସମାଲୋଚିତ ହୋଇଥିଲା। ଫଳରେ ଓଡିଶା ପ୍ରତି ପ୍ରଶାସନର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହେଲା। ଓଡିଶାର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହେଲା। ନଅଙ୍କ ଦୁର୍ଭିକ୍ଷ; ବ୍ରିଟିଶ ଓଡିଶା ଇତିହାସର ଗତି ପରିବର୍ତ୍ତନ କରିଥିଲା।

ନଅଙ୍କ ପରେ ଶିକ୍ଷାକ୍ଷେତ୍ରରେ ଅବହେଳିତ ଓଡିଶାରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ୧୮୫୮ମସିହାରେ ଓଡିଶାରେ ସର୍ବମୋଟ ୨୯ ଶିକ୍ଷାନୁଷ୍ଠାନ ଓ ୯୮୬ଜଣ ଛାତ୍ର ଥିବାବେଳେ ଏହି ସଂଖ୍ୟା ଯଥାକ୍ରମେ ୧୮୬୭ ମସିହାରେ ୭୭ ଓ ୩୫୩୬କୁ; ୧୮୭୩ରେ ୯୦୫ ଓ ୧୯୩୯୬କୁ ଏବଂ ୧୯୦୦ ମସିହା ବେଳକୁ ୬୩୫୧୦ ୧୮୮୯୫୬କୁ ବୃଦ୍ଧି ହୋଇଥିଲା । ୧୮୬୮ ମସିହାରେ ଓଡିଶାର ପ୍ରଥମ ମହାବିଦ୍ୟାଳୟ –ରେଭେନସା ମହାବିଦ୍ୟାଳୟ, ୧୮୭୬ ମସିହାରେ ମେଡିକାଲ ସ୍କୁଲ ଓ ସର୍ଭେସ୍କୁଲ ପ୍ରତିଷ୍ଠା ହୋଇଥିଲା । ଶିକ୍ଷକ ତାଲିମ ପାଇଁ କଟକ (୧୮୬୯) ବାଲେଶ୍ୱର (୧୮୭୫) ଓ ପୁରୀ (୧୮୭୫)ଠାରେ ନରମାଲ ସ୍କୁଲମାନ ପ୍ରତିଷ୍ଠା ହେଲା। ବାଳିକାମାନଙ୍କ ଶିକ୍ଷା ପାଇଁ ୧୮୭୧ମସିହାରେ ଅବିନାଶ ଚାଟର୍ଜିଙ୍କ ଦ୍ୱାରା କଟକ ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଜଣେ ଆମେରିକୀୟ ଧର୍ମ ପ୍ରଚାରକ ମିସ୍ କ୍ରାଫୋର୍ଡ ଜଳେଶ୍ୱର ଠାରେ ଏକ

ପ୍ରାଥମିକ ବାଳିକା ବିଦ୍ୟାଳୟ ଆରମ୍ଭ କରିଥିଲେ। ଦୁର୍ଭିକ୍ଷ ପରେ ସରକାରଙ୍କ କୋହଳ ନୀତି ଓ ଉତ୍ସାହୀ ବ୍ୟକ୍ତି ମାନଙ୍କର ଉଦ୍ୟମରେ ଅନେକ ଘରୋଇ ଶିକ୍ଷାନୁଷ୍ଠାନ ଗଢି ଉଠିଥିଲା। ଶିକ୍ଷା ପ୍ରସାର ହେତୁ ଓଡିଶାରୁ ବହୁ ଶିକ୍ଷିତ ବାହାରିଲେ ଓ ସରକାରୀ ଚାକିରୀ ପାଇଁ ଯୋଗ୍ୟତା ହାସଲ କଲେ । ୧୯୦୧ ମସିହା ସୁଧା ରେଭେନ୍ସା ଗ୍ରାଜୁଏଟ ମାନଙ୍କ ମଧ୍ୟରୁ ୧୩ ଜଣ ସରକାରୀ କର୍ମଚାରୀ, ୧୪ ଜଣ ଓକିଲ, ଜଣେ ପ୍ରଫେସର, ଜଣେ ମୁନ୍‌ସଫ, ଜଣେ ଜିଲ୍ଲା ଶିକ୍ଷାନିରୀକ୍ଷକ ଓ ୩ଜଣ ଉପ ଶିକ୍ଷାନିରୀକ୍ଷକ ହୋଇଥିଲେ। ସ୍କୁଲମାନଙ୍କରେ ବହୁ ଓଡିଆ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ଓଡିଶାରେ ଏକ ଶିକ୍ଷିତ ସଚେତନ ମଧ୍ୟବିତ୍ତ ଶ୍ରେଣୀ ସୃଷ୍ଟି ହୋଇଥିଲା। ସେମାନେ ଓଡିଆ ଜାତୀୟଭାବ, ସାମାଜିକ, ରାଜନୈତିକ ସଚେତନତାର ଅଗ୍ରଦୂତ ଥିଲେ। "ଓଡିଆଙ୍କ ପାଇଁ ଓଡିଶା" ଚିନ୍ତାଧାରାର ଉତ୍ପତ୍ତି ହୋଇଥିଲା। ଜାତୀୟ ସଚେତନତା ସୃଷ୍ଟି ହୋଇଥିଲା।

ନଅଙ୍କ ଦୁର୍ଭିକ୍ଷ ପରେ ଗମନାଗମନର ଉନ୍ନତି ପାଇଁ କେତେକ ପଦକ୍ଷେପ ନିଆଯାଇଥିଲା। ଧାମରା ବନ୍ଦର, ଫଲସ୍ ପଏଣ୍ଟ, ବାଲେଶ୍ୱର ଜିଲ୍ଲାର ନଦୀ ପଥର ଉନ୍ନତି କରାଯାଇଥିଲା। ଜଳପଥ ଓ ଜଳ ସେଚନ ପାଇଁ କେନ୍ଦ୍ରାପଡା କେନାଲ, ତାଳଦଣ୍ଡା କେନାଲ କାର୍ଯ୍ୟ ହୋଇଥିଲା। ରେଳପଥର ଉନ୍ନତି ଦିଗରେ ୧୮୯୪-୯୫ ମସିହାରେ ମହାନଦୀ ଉପରେ ରେଳ ପୋଲ ନିର୍ମାଣ ହୋଇଥିଲା। ଫଳରେ ବଙ୍ଗ, ମାଡ୍ରାସ ଓ ନାଗପୁର ସହିତ ଯୋଗାଯୋଗ ସହଜ ହେଲା। ଜଟଣୀ-ପୁରୀ ରେଳପଥ ନିର୍ମାଣ ହୋଇ ୧୮୯୭ ମସିହାରେ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ସମ୍ବଲପୁର-ଖୋର୍ଦ୍ଧା ରେଳଲାଇନ ପାଇଁ ସର୍ଭେକାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଥର ଓ ଆବଶ୍ୟକାନୁଯାୟୀ ନହେଲେ ମଧ୍ୟ ଯାତାୟତ କ୍ଷେତ୍ରରେ ବିକାଶ ହେତୁ ବାହ୍ୟ ଜଗତ ସହିତ ଓଡିଶାର ସମ୍ପର୍କ ବୃଦ୍ଧି ହୋଇଥିଲା ଓ ଆର୍ଥିକ ଉନ୍ନତି ହୋଇଥିଲା। ବିଚ୍ଛିନ୍ନ ଓଡିଆ ଅଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ଯୋଗାଯୋଗ ଓ ଭାବର ଆଦାନ ପ୍ରଦାନ ସହଜ ହେଲା। ଏହା ଓଡିଆ ଜାତୀୟ ଏକତା ପ୍ରତିଷ୍ଠାରେ ସହାୟକ ହୋଇଥିଲା।


ଶିକ୍ଷାପ୍ରସାର, ଗମନାଗମନ ସୁବିଧା ଓ ଜାତୀୟ ସଚେତନତା ବୃଦ୍ଧି ସହିତ ଓଡିଶାର ବିଭିନ୍ନ ଅଞ୍ଚଳରେ ଅନେକ ସାମାଜିକ, ସାଂସ୍କୃତିକ, ରାଜନୈତିକ ଅନୁଷ୍ଠାନ ଗଢିଉଠିଥିଲା। ଏହି ସମୟରେ କେତେକ ଛାତ୍ରସଂଘ (ପୁରୀ ଷ୍ଟୁଡେଣ୍ଟସ୍ ଆସୋସିଏସନ, କଟକ କଲେଜ ଷ୍ଟୁଡେଣ୍ଟସ ଆସୋସିଏସନ), ରାଜନୈତିକ ତଥା ସାମାଜିକ ଅନୁଷ୍ଠାନ (ଉତ୍କଳ ସଭା କଟକ, ଉତ୍କଳ ହିତୈର୍ଷିଣୀ ସଭା-ବ୍ରହ୍ମପୁର, ଉତ୍କଳ ହିତୈଷିଣୀ ସଭା - ପାରଳାଖେମୁଣ୍ଡି,

ଜାତୀୟ ସଭା – ବାଲେଶ୍ୱର), ଜାତିଭିତ୍ତିକ ସଂଘ (କରଣ ସଭା), ଜମିଦାର ମାନଙ୍କର ସଂଘ, ଧର୍ମ ସଂଘ (ଭଗବତ ସମ୍ବାଦ ସଭା - ପୁରୀ, ଜଗନ୍ନାଥ ସେବିନୀସଭା - ପୁରୀ, କଟକ ଭାଗବତ ସମାଜ) ଓ ଅନେକ ସାହିତ୍ୟ ସାଂସ୍କୃତିକ ସଂଘ ଗଢିଉଠିଥିଲା । ଏମାନେ ଓଡିଶାର ସାଂସ୍କୃତିକ, ସାମାଜିକ ପରମ୍ପରା, ଇତିହାସ, ଭାଷା ସାହିତ୍ୟ, ଓଡିଆ ମାନଙ୍କର ସମସ୍ୟା, ଜାତୀୟ ସମସ୍ୟା ଉପରେ ସଭାସମିତି ମାଧ୍ୟମରେ ଆଲୋଚନା କରିବା ସହିତ ପତ୍ରପତ୍ରିକା ମାନଙ୍କରେ ଲେଖା ପ୍ରକାଶ କରୁଥିଲେ । ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ ସମସ୍ତେ ମିଶି ଜନସଚେତନତା ଓ ଜନଜାଗରଣ ସୃଷ୍ଟି କରିଥିଲେ ।

ଦୁର୍ଭିକ୍ଷ ପର ସମୟରେ ମୁଦ୍ରଣ ଶିଳ୍ପ /ଛାପାଖାନା ପ୍ରତିଷ୍ଠା ଓ ପତ୍ର ପତ୍ରିକା ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିଲା । ୧୮୬୬ ମସିହା ପୂର୍ବରୁ ଓଡିଶାରେ ଗୋଟିଏ ଛାପାଖାନା – କଟକ ମିଶନପ୍ରେସ ଥିଲା । ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକ ଓ ପ୍ରଚାର ପତ୍ର ଛାପିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଓଡିଶାର ଦ୍ୱିତୀୟ ଛାପାଖାନା – କଟକପ୍ରିଣ୍ଟିଂ ପ୍ରେସ୍ ୧୮୬୬ ମସିହାରେ ପ୍ରତିଷ୍ଠା ହେଲା । ପରେ ପରେ ବାଲେଶ୍ୱରଠାରେ ଫକୀର ମୋହନ ସେନାପତିଙ୍କ ଦ୍ୱାରା ଉତ୍କଳ ପ୍ରିଣ୍ଟିଂ କମ୍ପାନୀ (୧୮୬୬), ବୈକୁଣ୍ଠନାଥ ଦେଙ୍କ ଦ୍ୱାରା ଦେ ପ୍ରେସ (୧୮୬୮), ଉତ୍କଳ ହିତୈଷିଣି ପ୍ରେସ (କଟକ-୧୮୭୩) ଭିକ୍ଟୋରିଆ ପ୍ରେସ (ବ୍ରହ୍ମପୁର-୧୮୮୫), ସୁଜଳ ପ୍ରେସ (ବଡମ୍ବା-୧୮୮୫)ସହିତ ଅନେକ ଛାପାଖାନା (ଅରୁଣ ଉଦୟ ପ୍ରେସ, ଭକ୍ତିପ୍ରଦାୟୀନୀ ପ୍ରେସ; ପ୍ରିଣ୍ଟିଂ କର୍ପୋରେସନ, ରାୟ ପ୍ରେସ, ବିନୋଦନ ପ୍ରେସ, ଦର୍ପଣ ପ୍ରେସ) ପ୍ରତିଷ୍ଠା ହୋଇଥିଲା । ଊନବିଂଶ ଶତାବ୍ଦୀର ଶେଷ ୩୦ ବର୍ଷ ମଧ୍ୟରେ ପାଖାପାଖି ୧୫ଟି ମୁଦ୍ରଣ କମ୍ପାନୀ ଓଡିଶାରେ ପ୍ରତିଷ୍ଠା ହୋଇଥିଲା । ଛାପାଖାନା ପ୍ରତିଷ୍ଠା ହେବାଦ୍ୱାରା ଖବରକାଗଜ ଓ ପତ୍ର ପତ୍ରିକା ପ୍ରକାଶନ ସହଜ ଓ ସୁବିଧା ହେଲା । ୧୮୬୬ମସିହା ପୂର୍ବରୁ ଖ୍ରୀଷ୍ଟିଆନ ଧର୍ମ ପ୍ରଚାରକ ମାନଙ୍କଦ୍ୱାରା ପ୍ରକାଶିତ ଜ୍ଞାନାରୁଣ (୧୮୪୯) ପ୍ରବୋଧ ଚନ୍ଦ୍ରିକା (୧୮୫୬) ଓ ଅରୁଣୋଦୟ (୧୮୬୧) ମୁଖ୍ୟତଃ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ପ୍ରକାଶିତ ହେଉଥିଲା । ୧୮୬୬ ପରେପରେ ଅନେକ ଓଡିଆ ସମ୍ବାଦପତ୍ର ଓ ପତ୍ରିକା ପ୍ରକାଶ ପାଇଲା । ଖବର କାଗଜ ମାନଙ୍କ ମଧ୍ୟରେ ଉତ୍କଳ ଦୀପିକା, ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ଦୀର୍ପଣ, ସମ୍ବଲପୁର ହିତୈଷିଣୀ ଇତ୍ୟାଦି ମୁଖ୍ୟ ଥିଲେ । ଖବରକାଗଜ ପ୍ରକାଶନ ସହିତ ସାମୟିକ ଭାବେ ଅନେକ ପତ୍ରିକା (କଟକ ଷ୍ଟାର, କଟକ ଷ୍ଟାଣ୍ଡାର୍ଡ, କଟକ କ୍ରନିକଲ, ଗଞ୍ଜାମ ନିଉଜ, ଉତ୍କଳ ଶୁଭକଂରୀ, ଉତ୍କଳପୁତ୍ର, ଉତ୍କଳ ସଂସ୍କାରକ, ଉତ୍କଳ ବନ୍ଧୁ, ଉତ୍କଳ ମଧୁପ, ବିଦେଶୀ,

ସ୍ୱଦେଶୀ, ପ୍ରଜାବନ୍ଧୁ, ଧୁମକେତୁ, ଆଶା, ପୁରୁଷୋତ୍ତମ ଦିପିନୀ) ପ୍ରକାଶିତ ହୋଇଥିଲା। ଖବରକାଗଜ ଓ ପତ୍ରପତ୍ରିକାରେ ଓଡିଆ ମାନଙ୍କର ସମସ୍ୟା, ଆପତ୍ତି ଅଭିଯୋଗ, ସମାଜ ସଂସ୍କାର, ସରକାରୀ ନୀତି ଇତ୍ୟାଦି ବିଷୟ ଉପରେ ପ୍ରବନ୍ଧ, ଆଲୋଚନା, ମତାମତ ପ୍ରକାଶିତ ହେଉଥିଲା। ଫଳରେ ଓଡିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧିତ ହୋଇଥିଲା । ସାମାଜିକ ସଂସ୍କାର ଓ ରାଜନୈତିକ ସଚେତନତା ଜାଗୃତ ହୋଇଥିଲା ।

ଏହିପରି ଭାବରେ ଉନବିଂଶ ଶତାବ୍ଦୀର ଶେଷ ୩୦ ବର୍ଷ ମଧ୍ୟରେ ଓଡିଶାରେ ଶିକ୍ଷା ପ୍ରସାର ଓ ଗମନାଗମନର ଉନ୍ନତି ପାଇଁ ପଦକ୍ଷେପ ନିଆ ହୋଇଥିଲା । ମୁଦ୍ରଣ ଶିଳ୍ପ, ପତ୍ରପତ୍ରିକା, ସମ୍ବାଦ ପତ୍ରର ପ୍ରକାଶନ ଓଡିଆ ଭାଷା ସାହିତ୍ୟର ବିକାଶ ଘଟାଇ ଥିଲା, ବୌଦ୍ଧିକ ବିକାଶ ହୋଇଥିଲା। ଓଡିଆ ଜାତୀୟଭାବର ଉଦ୍ରେକ ହୋଇଥିଲା। ଦୀର୍ଘ ୩୦୦ ବର୍ଷ ପରେ (୧୫୬୮-୧୮୬୮) ବିଭାଜିତ, ପରାଧିନ, ଅବହେଳିତ ଓ ନିଃପ୍ରାଣ ହୋଇପଡିଥିବା ଓଡିଆଜାତିର ହୃଦୟରେ ନୂତନ ସ୍ପନ୍ଦନ ସୃଷ୍ଟି ହୋଇଥିଲା। ଓଡିଆ ଜାତିର ପୁନଃ ଜାଗରଣ ହୋଇଥିଲା।



ଝୋଟି

# ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ
# ଓ
# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡିଶାରେ ରାଜନୈତିକ ସଚେତନତା ସୃଷ୍ଟିହେବା ସହିତ ଓଡିଆ ଜାତୀୟତା ଭାବର ଉଦ୍ରେକ ହୋଇଥିଲା। ନିଜର ଭାଷା ଓ ସଂସ୍କୃତିର ସୁରକ୍ଷା ସହିତ ଅଞ୍ଚଳର ବିକାଶ ପାଇଁ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥିବା ସବୁ ଓଡିଆ ଅଞ୍ଚଳ ଗୋଟିଏ ପ୍ରଶାସନ ଅଧିନରେ ଏକାଠି ରହିବା ଆବଶ୍ୟକ ବୋଲି ସମସ୍ତେ ଅନୁଭବ କଲେ ।

## ଓଡିଆ ଭାଷା ଆନ୍ଦୋଳନ

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କେତେଜଣ ନ୍ୟସ୍ତସ୍ୱାର୍ଥ ଅଣଓଡିଆ ବ୍ୟକ୍ତିଙ୍କ ଦ୍ୱାରା ଓଡିଆ ଭାଷାକୁ କୋର୍ଟ କଚେରୀ ଓ ସ୍କୁଲରୁ ବିସ୍ଥାପିତ କରିବା ପାଇଁ, ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ହୋଇଥିଲା। ଓଡିଆ ସାମ୍ରାଜ୍ୟର ପତନ (୧୫୬୮) ଓ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପୂର୍ବରୁ (୧୮୦୩) ଓଡିଶା, ଆଫଗାନ (୨୪ବର୍ଷ), ମୋଗଲ (୧୫୯ବର୍ଷ) ଓ ମରହଟ୍ଟା (୫୨ବର୍ଷ) ମାନଙ୍କଦ୍ୱାରା ୨୩୫ବର୍ଷ ଶାସିତ ହୋଇଥିଲା। ଏହି ସମୟରେ ଓଡିଶା ପରାଧିନଥିଲା, ଅତ୍ୟାଚାରୀତ ଓ ନିର୍ଯାତିତ ହୋଇଥିଲା, କିନ୍ତୁ ଓଡିଆ ଭାଷା ସଂସ୍କୃତି ଓ ଧର୍ମଧାରଣା ଉପରେ କୌଣସି ଆକ୍ରମଣ ହୋଇନଥିଲା। ଓଡିଶାରେ ଇଂରେଜ ଶାସନ ପ୍ରତିଷ୍ଠା ବେଳେ ପଡୋଶୀ ରାଜ୍ୟରୁ  ଅଣଓଡିଆମାନଙ୍କୁ ଆଣି ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଇଂରେଜ ଉଚ୍ଚ ଅଧିକାରୀ ମାନଙ୍କପରି ସେମାନେ ସ୍ଥାନୀୟ ଭାଷା, ସଂସ୍କୃତି, ପରମ୍ପରା ବିଷୟରେ ଅଜ୍ଞ  ଥିଲେ। ଓଡିଆ ବିରୋଧି ଥିଲେ। ନିଜର ସୁବିଧା ପାଇଁ ସ୍କୁଲ ଓ କଚେରୀରୁ ଓଡିଆ ଭାଷାକୁ ଉଠାଇଦେବାପାଇଁ ଉଦ୍ୟମ କରିଥିଲେ। ଏହା ବିରୁଦ୍ଧରେ ସବୁ ଅଞ୍ଚଳର ଓଡିଆମାନେ ନିଜ ଭାଷାର ସୁରକ୍ଷା ପାଇଁ ପ୍ରବଳ ବିରୋଧ ଓ ଆନ୍ଦୋଳନ କରିଥିଲେ।

ସରକାରୀ ସ୍ତରରେ ୧୮୪୧ ମସିହାରେ ଓଡିଆ ପରିବର୍ତ୍ତେ ବଙ୍ଗଳା ଭାଷାକୁ ସରକାରୀ ଭାଷାରୂପେ ବ୍ୟବହାର କରିବା ପାଇଁ ବୋର୍ଡ ଅଫ ରେଭିନିଉ ଏକ ପ୍ରସ୍ତାବ ଦାଖଲ କରିଥିଲା। କିନ୍ତୁ ସେତେବେଳର କମିଶନର ଏ,ଜେ,ଏମ୍,ମିଲସ ଏହି ପ୍ରସ୍ତାବକୁ ଗ୍ରହଣ କରି ନଥିଲେ। ୧୮୪୮ ମସିହାରେ କଟକର ଜିଲ୍ଲାପାଳ ଓଡିଆ ଏକ ସ୍ୱତନ୍ତ୍ର ଭାଷାରୂପେ ରହିବା ଉଚିତ ନୁହେଁ ବୋଲି କମିଶନରଙ୍କୁ ସୁପାରିଶ କରିଥିଲେ। କମିଶନର ଗୋଲଡସ୍‌ବରୀ ଏହା ଦ୍ୱାରା ସ୍ଥାନୀୟ ଓଡିଆମାନେ ବଙ୍ଗାଳୀମାନଙ୍କଦ୍ୱାରା ସରକାରୀ କାର୍ଯ୍ୟାଳୟରୁ ବିସ୍ଥାପିତ ହୋଇଯିବେ ବୋଲି ମତାମତ ଦେଇ ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖାନ କରି ଦେଇଥିଲେ। ୧୮୫୩ ମସିହାରେ ହିନ୍ଦୁସ୍ତାନୀ ଭାଷାର ପ୍ରଚଳନପାଇଁ ଆସିଥିବା ଏକ ପ୍ରସ୍ତାବ ମଧ୍ୟ ପ୍ରତ୍ୟାଖାତ ହୋଇଥିଲା। ୧୮୫୭ ମସିହାରେ ଓଡିଆ ବହିର ସ୍ୱଳ୍ପତା ଓ ଅଭାବ ଥିବାର କାରଣ ଦର୍ଶାଇ ସ୍କୁଲମାନଙ୍କରେ ବଙ୍ଗାଳୀ ପାଠ୍ୟପୁସ୍ତକ ପ୍ରଚଳନ ପାଇଁ ଦିଆଯାଇଥିବା ଏକ ପ୍ରସ୍ତାବକୁ ତତ୍କାଳୀନ ସ୍କୁଲ ଉପନିରୀକ୍ଷକ ପ୍ରତ୍ୟାଖ୍ୟାନ କରି ଓଡିଆଭାଷାରେ ବହି ଛପାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହପରି ଭାବରେ ଓଡିଆ ଭାଷା ବିରୁଦ୍ଧରେ ଅଣ ଓଡିଆ ଅମଲାମାନଙ୍କ ଦ୍ୱାରା ସରକାରୀ ସ୍ତରରେ ଉଦ୍ୟମ ହୋଇଥିଲା। କିନ୍ତୁ ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ବାସ୍ତବ ଦୃଷ୍ଟିଭଙ୍ଗୀ ହେତୁ ଏପରି ଉଦ୍ୟମ ସଫଳ ହୋଇନଥିଲା। ସରକାରୀ ଫାଇଲ ମଧ୍ୟରେ ଆବଦ୍ଧଥିଲା। ଏହାଦ୍ୱାରା କେତେଜଣ କର୍ମଚାରୀ ମାନଙ୍କର ଓଡିଆ ବିରୋଧି ମାନସିକତାର ପ୍ରମାଣ ମିଳିଥିଲା।

୧୮୬୮ ମସିହାରୁ ୧୮୭୨ ମସିହା ମଧ୍ୟରେ କେତେଜଣ ଅତ୍ୟୁତ୍ସାହୀ ସ୍ୱାର୍ଥପର ଅଣଓଡିଆ ବ୍ୟକ୍ତି, ଓଡିଆ ଭାଷାର ସ୍ୱତନ୍ତ୍ରତାକୁ ଅସ୍ୱୀକାର କରି ଏହା ବଙ୍ଗଳା ଭାଷାର ଏକ ଉପଭାଷାବୋଲି ପ୍ରମାଣ କରିବାକୁ ଉଦ୍ୟମ କରିଥିଲେ। ବିଦ୍ୟାଳୟ ଓ କୋର୍ଟ କଚେରୀରେ ଓଡିଆ ପରିବର୍ତ୍ତେ ବଙ୍ଗାଳୀ ଭାଷାର ପ୍ରଚଳନ ପାଇଁ ଯୁକ୍ତି ଉପସ୍ଥାପନ କଲେ। ୧୮୬୯ ମସିହାରେ ସ୍କୁଲ ଉପନିରୀକ୍ଷକ ଉମାଚରଣ ହାଲଦାର ବଙ୍ଗାଳୀ ଭାଷାକୁ ଶିକ୍ଷାର ମାଧ୍ୟମରୂପେ ପ୍ରଚଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଓଡ଼ିଆ ଭାଷାକୁ ବଙ୍ଗାଳୀ ଅକ୍ଷରରେ ଲେଖିବାକୁ ପରାମର୍ଶ ଦେଇଥିଲେ। ରାଜେନ୍ଦ୍ରଲାଲ ମିତ୍ରଙ୍କ ପରି ଜଣେ ପ୍ରତ୍ନତତ୍ତ୍ୱବିତ୍ ମଧ୍ୟ ବଙ୍ଗାଳୀ ଭାଷାରୁ ଓଡିଆ ଭାଷାର ଉତ୍ପତ୍ତି ହୋଇଛି ବୋଲି କହିଥିଲେ। ଓଡିଆକୁ ଜାବୁଡିଧରି ଓଡିଆମାନେ ନିଜର କ୍ଷତି କରୁଛନ୍ତି ଓ ଓଡିଆ ପରିବର୍ତ୍ତେ ବଙ୍ଗାଳୀ ଭାଷାର ପ୍ରଚଳନ ପାଇଁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଓଡିଆ ଭାଷା ବିରୋଧିମାନେ ଉତ୍ସାହିତ ହୋଇଥିଲେ। ୧୮୭୦ ମସିହାରେ କାନ୍ତି ଲାଲ ଭଟ୍ଟାଚାର୍ଯ୍ୟ ନାମକ ବାଲେଶ୍ୱର ସ୍କୁଲର ଜଣେ ଶିକ୍ଷକ

"ଓଡିଆ ଏକ ସ୍ୱତନ୍ତ୍ର ଭାଷା ନ ଏ" ଶୀର୍ଷକରେ ଏକ ପୁସ୍ତକ ପ୍ରକାଶ କରି ସେଥିରେ ଓଡିଆକୁ ବଙ୍ଗଳା ଭାଷାର ଏକ ଉପଭାଷା ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ। ଓଡିଆ ଏକ ସମୃଦ୍ଧ, ସ୍ୱତନ୍ତ୍ର ସ୍ୱାଧୀନ ଭାଷା ନୁହେଁ ବୋଲି ଅପପ୍ରଚାର ହେଲା। କେତେଜଣ ଅତି ଆଗ୍ରହୀ ବଙ୍ଗାଳୀ ଭଦ୍ରଲୋକ ଓଡିଶାରେ ବଙ୍ଗଳା ଭାଷାର ପ୍ରଚଳନ ପାଇଁ ସଭାସମିତି ମାଧ୍ୟମରେ ପ୍ରଚାର ଓ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରି ଦେଇଥିଲେ।

ଏହି ଉଦ୍ୟମ ବିରୁଦ୍ଧରେ ଓଡିଶାରେ ପ୍ରବଳ ପ୍ରତିବାଦ ଓ ସମାଲୋଚନା ହେଲା। ଓଡିଶାରେ ନୂତନ ଭାବେ ସୃଷ୍ଟି ହୋଇଥିବା ଶିକ୍ଷିତ ସଚେତନ ମଧ୍ୟବିତ୍ତ ଗୋଷ୍ଠୀ ଆନ୍ଦୋଳନର ନେତୃତ୍ୱନେଲେ। ଛାତ୍ର ଶିକ୍ଷକ, ବୁଦ୍ଧିଜୀବୀ ସମସ୍ତେ ଜାଗି ଉଠିଲେ, ବିରୋଧ କଲେ,ପ୍ରତିବାଦ କଲେ। ସାଧାରଣ ସଭା ସମିତି, ଖବରକାଗଜ, ପତ୍ରପତ୍ରିକାରେ ପରସ୍ପର ପ୍ରତି ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଲା। ଓଡିଶାରେ ଏକ ଅଦ୍ଭୁତ ଜାଗରଣ ଦେଖାଦେଲା। ମୃତବତ୍ ଶୋଇପଡିଥିବା ଓଡିଆଜାତି ମଧ୍ୟରେ ନୂତନ ସ୍ପନ୍ଦନ ଓ ଶିହରଣ ଦେଖାଦେଲା। ଓଡିଆ ମାନଙ୍କର ପ୍ରତିରୋଧ ଓ ସରକାରୀ ସମର୍ଥନ ନମିଳିବାରୁ ଓଡିଆ ଭାଷା ବିରୋଧି ଉଦ୍ୟମ ବିଫଳ ହୋଇଥିଲା। ଉଲ୍ଲେଖନୀୟ, ଓଡିଶାର ଅନେକ ବଙ୍ଗାଳୀ ବୁଦ୍ଧିଜୀବୀ ଓଡିଆ ଭାଷା ବିରୋଧି ଆନ୍ଦୋଳନକୁ ସମର୍ଥନ କରିନଥିଲେ।

ଓଡିଆ ଭାଷା ଆନ୍ଦୋଳନ ସମୟରେ କେତେଜଣ ଇଂରେଜ ପଦାଧିକାରୀ ମାନଙ୍କର ମତାମତ ଓ ଚିନ୍ତାଧାରା ବଙ୍ଗାଳୀ ମାନଙ୍କର ଉଦ୍ୟମକୁ ବ୍ୟର୍ଥ କରିଥିଲା। କାନ୍ତିଲାଲ ଭଟ୍ଟାଚାର୍ଯ୍ୟଙ୍କ "ଓଡିଆ ଏକ ସ୍ୱତନ୍ତ ଭାଷା ନଏ" ପୁସ୍ତିକା ଉପରେ ଟିପଣି ଦେଇ ଜନ ବିମ୍‌ସ କହିଥିଲେ ଏହା ଭାଷାତତ୍ତ୍ୱ ନିୟମ ବିବର୍ଜିତ ଏକ ଅଯଥା ଯୁକ୍ତି (profoundly destitute of philological arguments)। ସେ ପୁଣି କହିଥିଲେ ଯେତେବେଳେ ଓଡିଆ ଏକ ସ୍ଥିର ଓ ପ୍ରତିଷ୍ଠିତ ଭାଷାଥିଲା, ସେତେବେଳେ ବଙ୍ଗଳା ଭାଷାର ଅସ୍ତିତ୍ୱ ନଥିଲା (at a time when Oriya was already a fixed and settled language, Bengali did not exist)। ୧୮୭୨ ମସିହାରେ ବଙ୍ଗପ୍ରଦେଶର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଜି.କ୍ୟାମ୍ପବେଲ୍ ଓଡିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ବୋଲି ଅନୁମୋଦନ ଓ ସୀକୃତି ପ୍ରଦାନ କରିବା ପରେ ଏହି ପ୍ରଶ୍ନର ଅନ୍ତ ହୋଇଥିଲା। ୧୮୮୬ ମସିହାରେ ଜଣେ ସାମ୍ବାଦିକ ଉତ୍କଳ ଦୀପିକାରେ ଲେଖିଲେ "ଦିନ ଆସିବ ଯେତେବେଳେ ପୁରୀଠାରୁ ଦିବ୍ରୁଗଡ ପର୍ଯ୍ୟନ୍ତ ଶିକ୍ଷିତ ଲୋକଙ୍କର ଭାଷା ହେବ, ବଙ୍ଗଳା ଭାଷା।" ଏହି ଲେଖା, ସମାହିତ ହୋଇ ସାରିଥିବା ପ୍ରଶ୍ନକୁ ଉଜ୍ଜୀବିତ କରିବାକୁ ଏକ

ଅପଚେଷ୍ଟା ମାତ୍ର ଥିଲା। ଏହା କୌଣସି ସମର୍ଥନ ପାଇନଥିଲା ବଂର ପ୍ରବଳ ସମାଲୋଚନାର ଶରବ୍ୟ ହୋଇଥିଲା।

ବଙ୍ଗ ପ୍ରଦେଶ ଅଧିନ ଓଡିଶା ଡିଭିଜନର ଅଧିବାସୀ ମାନଙ୍କ ପରି ମାଡ୍ରାସ ଅଧିନ ଓଡିଶା ଅଞ୍ଚଳର (ଗଞ୍ଜାମ ଓ ଭାଇଜାଗ) ଓଡିଆ ମାନେ ଭାଷା ପ୍ରଶ୍ନ ନେଇ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେଠାରେ ଶିକ୍ଷାନୁଷ୍ଠାନ ଓ ସରକାରୀ ଅଫିସରେ ଓଡିଆ ପରିବର୍ତ୍ତେ ତେଲଗୁ ଭାଷାର ପ୍ରଚଳନ  ପାଇଁ ଉଦ୍ୟମ ହୋଇଥିଲା। ଓଡିଆ ବାସିନ୍ଦା ମାନଙ୍କର ବିରୋଧ ଓ ପ୍ରତିବାଦ ଯୋଗୁ ଏହା ସଫଳ ହୋଇ ନଥିଲା। ପୂର୍ବପରି ବିଚାରାଳୟ ଓ ଶିକ୍ଷାନୁଷ୍ଠାନରେ ଓଡିଆ ଭାଷା ପ୍ରଚଳିତ ହେବ ବୋଲି ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା (୧୫ ଡିସେମ୍ବର ୧୮୯୦)। କିନ୍ତୁ ବାସ୍ତବ କ୍ଷେତ୍ରରେ ଓଡିଆମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଓଡିଆ ବିଷୟ ପାଠ୍ୟକ୍ରମରେ ଥିଲେ ମଧ୍ୟ ତେଲଗୁ ଶିକ୍ଷକମାନେ ଏହାକୁ ପଢାଉ ନଥିଲେ। ତେଲଗୁରେ ଲେଖା ଦରଖାସ୍ତ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେଉଥିଲା ବେଳେ ଓଡିଆରେ ଲେଖା ଦରଖାସ୍ତକୁ ଗୁରୁତ୍ୱ ଦିଆଯାଉ ନଥିଲା।

କେନ୍ଦ୍ର ପ୍ରଦେଶ ଅଧିନରେ ଥିବା ସମ୍ବଲପୁର ଅଞ୍ଚଳରେ ଓଡିଆ ଭାଷାପ୍ରତି ବିପଦ ସୃଷ୍ଟି ହୋଇଥିଲା। ୧୮୯୫ ମସିହାରେ ଓଡିଆ ପରିବର୍ତ୍ତେ ହିନ୍ଦିଭାଷାକୁ ଅଦାଲତର ଭାଷା ଭାବେ ପ୍ରଚଳନ କରାଗଲା। କେନ୍ଦ୍ର ପ୍ରଦେଶର କମିଶନରଙ୍କ ଏହି ଆଦେଶ ବିରୁଦ୍ଧରେ ଓଡିଆ ଭାଷା ଭାଷୀ ସବୁ ଅଞ୍ଚଳରେ ପ୍ରତିବାଦର ସ୍ୱର ଉଠିଲା। ଏହି ଆଦେଶର ପ୍ରତ୍ୟାହାର ପାଇଁ ସ୍ମାରକପତ୍ର, ନିବେଦନ ପତ୍ର ଓ ଦାବୀ ପତ୍ର ମାନ ସରକାରକଂ ନିକଟରେ ଉପସ୍ଥାପନ ହେଲା। ଉତ୍କଳସଭା (କଟକ) ଏକ ନିବେଦନ ପତ୍ରରେ "ନିଜର ମାତୃଭାଷା ବ୍ୟବହାର କରିବାକୁ ମନା କରିବା ଅର୍ଥ ଜଣଙ୍କର କଣ୍ଠରୋଧ କରିବା ସହିତ ସମାନ" ବୋଲି ଉଲ୍ଲେଖ କରି ଭାଇସରାୟଙ୍କୁ ଉପରୋକ୍ତ ଆଦେଶ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲା। ଗଞ୍ଜାମର ଓଡିଆମାନେ ସରକାରଙ୍କର ଏହି ଆଦେଶ ପ୍ରତ୍ୟାହାର ପାଇଁ ଦାବୀ କଲେ। ମଧୁସୂଦନ ଦାସ ସମ୍ବଲପୁର ଓଡିଆ ମାନଙ୍କ ପକ୍ଷରୁ ଓଡିଆ ଭାଷାର ପୁନଃପ୍ରଚଳନ ପାଇଁ ଟେଲିଗ୍ରାମ ମାଧ୍ୟମରେ ଭାଇସରାୟଙ୍କୁ ଅନୁରୋଧ କରିଥିଲେ। ସମ୍ବଲପୁର ଅଦାଲତରୁ ଓଡିଆ ଭାଷାର ଉଚ୍ଛେଦ ବିରୁଦ୍ଧରେ ସବୁ ଅଞ୍ଚଳର ଓଡିଆମାନେ ମିଳିତ ଭାବେ ପ୍ରଥମ ଥର ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଅବଶେଷରେ ୧୯୦୨ ମସିହାରେ ସରକାର ଉକ୍ତ ଆଦେଶକୁ ପ୍ରତ୍ୟାହାର କରିନେଲେ।

ଓଡିଆ ଭାଷା ଆନ୍ଦୋଳନ ପ୍ରଥମଥର ପାଇଁ ବିଭିନ୍ନ ପ୍ରାଦେଶିକ ଶାସନ ଅଧିନରେ ପରସ୍ପର ଠାରୁ ବିଛିନ୍ନ ହୋଇ ରହିଥିବା ଓଡିଆମାନଙ୍କୁ ଏକତ୍ରିତ କରିଥିଲା। ଓଡିଆ ଜାତୀୟତା ଭାବକୁ ଜାଗ୍ରତ କରିଥିଲା। ନିଜ ଭାଷାର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇଥିଲେ। ଭିନ୍ନ ଭିନ୍ନ ପ୍ରଶାସନ ଅଧିନରେ ଅବସ୍ଥାପିତ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ଗୋଟିଏ ପ୍ରଶାସନ ଅଧିନରେ ରଖିଲେ ଓଡିଆ ସମସ୍ୟାର ସମାଧାନ ହୋଇ ପାରିବବୋଲି ସମସ୍ତେ ଉପଲବ୍ଧି କଲେ। ପରେ ଉକ୍ତଦାବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାବୀରେ ରୁପାନ୍ତରୀତ ହୋଇଥିଲା। ଓଡିଆ ଭାଷା ଆନ୍ଦୋଳନ,ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନର ଆଦିପର୍ବ ଥିଲା।

**ବିଚ୍ଛିନ୍ନ ଓଡ଼ିଆ ଭାଷା ଭାଷୀ ଅଞ୍ଚଳର ଏକତ୍ରୀକରଣ - ଓଡ଼ିଆ ଆନ୍ଦୋଳନ:** ଭାଷା ଆନ୍ଦୋଳନ ପରେ ପରେ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଉଦ୍ୟମ ହେଲା, ଯାହା ପରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀରେ ପରିବର୍ତ୍ତିତ ହୋଇଥିଲା।

୧୮୭୩ ମସିହାରେ ଗଞ୍ଜାମ ହିତୈଷିଣୀ ସଭା ସବୁ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ଓଡିଆମାନଙ୍କୁ ବଙ୍ଗାଳୀ, ତେଲଗୁ ଓ ହିନ୍ଦୁସ୍ତାନୀ ମାନଙ୍କ କବଳରୁ ରକ୍ଷା କରିବାକୁ ନିବେଦନ କରିଥିଲା । ୧୮୭୬ ମସିହାରେ ରାଜା ଶ୍ୟାମାନନ୍ଦ ଦେ (ବାଲେଶ୍ୱର) ଓ ବାବୁ ବିଚିତ୍ରାନନ୍ଦ ଦାସ (ଯାଯପୁର) ଓଡିଆ ଅଞ୍ଚଳକୁ ଏକତ୍ର କରିବାକୁ ଅନୁରୋଧ କରି ସ୍ମାରକପତ୍ର ପ୍ରଦାନକରିଥିଲେ। ଉତ୍କଳ ସଭା (କଟକ) ସବୁ ଓଡିଆ ଅଞ୍ଚଳକୁ ଗୋଟିଏ ପ୍ରାଦେଶିକ ଶାସନ ଅଧିନରେ ରଖିବାକୁ ଅନୁରୋଧ କରି ନିବେଦନପତ୍ର ପ୍ରଦାନ କରିଥିଲା। ୧୮୯୫ ମସିହାରେ ଓଡିଆ ଓ ନବସମ୍ବାଦ, ଦକ୍ଷିଣ ଓଡିଶାର ଗଞ୍ଜାମ, ଘୁମୁସର, ଜୟପୁର, ପଶ୍ଚିମ ଓଡିଶାର ସମ୍ବଲପୁର ସହିତ ଅନ୍ୟାନ୍ୟ କରଦରାଜ୍ୟ ଏବଂ ଉତ୍ତରରେ ସୁବର୍ଣ୍ଣରେଖା ଠାରୁ ତାମଲୁକ ପର୍ଯ୍ୟନ୍ତ ଅଞ୍ଚଳକୁ ଓଡିଶା (ମୂଳ ଓଡିଶା) ସହିତ ମିଶାଇବାକୁ ଏକ ପ୍ରସ୍ତାବ ଦେଇଥିଲା। ସମ୍ବଲପୁରର ନେତାମାନେ କେନ୍ଦ୍ରପ୍ରଦେଶର କମିଶନର ଆଣ୍ଡ୍ରିଉ ଫ୍ରେଜରଙ୍କୁ ଭେଟି କହିଥିଲେ; ଯଦି ଓଡିଆ ଭାଷାକୁ ଗୋଟିଏ ଜିଲ୍ଲାର ଭାଷାରୂପେ ଗ୍ରହଣ କରିବାକୁ ପ୍ରଶାସନିକ ଅସୁବିଧା ହେଉଛି, ତେବେ ସେମାନଙ୍କୁ ଓଡିଶାକୁ ହସ୍ତାନ୍ତର କରାଯାଉ। ୧୯୦୨ ମସିହାରେ ଗଞ୍ଜାମର ଓଡିଆମାନେ ମୁଳଶରୀରରୁ ଛେଦିତ ଅଙ୍ଗରୁପେ ଅଛନ୍ତି ଓ ସରକାର ସବୁ ବିଚ୍ଛିନ୍ନ ଅଙ୍ଗମାନଙ୍କୁ ମୂଖ୍ୟ ଶରୀର ସହିତ ସଂଯୁକ୍ତ କରି ବଙ୍ଗ କିମ୍ବା ଯେକୌଣସି ପ୍ରାଦେଶିକ ପ୍ରଶାସନ ଓ ଗୋଟିଏ ବିଶ୍ୱବିଦ୍ୟାଳୟ ଅଧିନରେ ରଖିବାକୁ ଭାଇସରାୟ ଲର୍ଡ କର୍ଜନଙ୍କୁ ଏକ ସ୍ମାରକ ପତ୍ର

ପ୍ରଦାନ କରିଥିଲେ । ଏହିପରି ଭାବରେ ଭାଷାର ସୁରକ୍ଷା ପାଇଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଆରମ୍ଭ ହୋଇଥିବା ଭାଷା ଆନ୍ଦୋଳନ, ଓଡିଆମାନଙ୍କ ଭିତରେ ଏକ ନୂତନ ଜାଗରଣ ଓ ଜାତୀୟ ସଚେତନତା ସୃଷ୍ଟି କରିଥିଲା ।

ଓଡିଆ ଜାତୀୟତା ଭାବର ଉନ୍ମେଷ ସହିତ ପ୍ରାୟ ସମାନ୍ତରାଳ ଭାବେ, ଶାସନର ସୁବିଧା ପାଇଁ ପ୍ରଶାସନିକ ସ୍ତରରେ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରସ୍ତାବମାନ ଉପସ୍ଥାପିତ ହୋଇଥିଲା । ନଅଙ୍କ ଦୁର୍ଭିକ୍ଷର ମୁକାବିଲା କରିବାରେ ବ୍ୟର୍ଥ ବଙ୍ଗ ପ୍ରଶାସନର କାର୍ଯ୍ୟକୁ ଅନୁଧ୍ୟାନ କରିବାପରେ ଭାରତ ସଚିବ ସାର୍ ନର୍ଥକୋଟ ବଙ୍ଗ ପ୍ରଶାସନର କାର୍ଯ୍ୟଭାର ଲାଘବ କରିବାପାଇଁ ଓଡିଶା ଓ ଆସାମକୁ ବଙ୍ଗ ପ୍ରଦେଶରୁ ପୃଥକ କରିବାକୁ ପ୍ରସ୍ତାବ ଦେଇଥିଲେ (୧୮୬୮) । କିନ୍ତୁ ଲର୍ଡ ଲରେନସ ଓ ଏଚ୍. ଡୁରାଣ୍ଡଙ୍କ ବିରୋଧ ହେତୁ ଏହା ଗୃହୀତ ହୋଇ ନଥିଲା । ୧୮୬୭ ମସିହାରେ ଓଡିଶାକୁ ବଙ୍ଗରୁ ନେଇ କେନ୍ଦ୍ରପ୍ରଦେଶ ସହିତ ମିଶାଇବାକୁ ଏକ ପ୍ରସ୍ତାବ ଥିଲା । କିନ୍ତୁ ଭାଷା, ସଂସ୍କୃତି ଓ ଗମନାଗମନର ଅସୁବିଧା ବିଚାରରେ ଏହା କାର୍ଯ୍ୟକାରୀ ହୋଇ ନଥିଲା । ୧୮୯୫ ମସିହାରେ ଓଡିଶାର କମିଶନର କେନ୍ଦ୍ରପ୍ରଦେଶ ଓ ମାଡ୍ରାସ ପ୍ରଦେଶ ଅଧିନରେ ଥିବା ଓଡିଆ ଭାଷାଭାଷୀ ଅଞ୍ଚଳକୁ ଓଡିଶା ଡିଭିଜନ ସହିତ ମିଶାଇ ଏହାର କଳେବର ବୃଦ୍ଧିକରିବାକୁ ଓ ସବୁ ଓଡିଆଙ୍କୁ ଗୋଟିଏ ପ୍ରଶାସନ ଓ ଏକପ୍ରକାର ଆଇନ କାନୁନ ଅଧିନରେ ଅବସ୍ଥାପିତ କରିବାକୁ ଏକ ସୁଚିନ୍ତିତ ପ୍ରସ୍ତାବ ଦେଇଥିଲେ । ୧୯୦୧ ମସିହାରେ କେନ୍ଦ୍ରପ୍ରଦେଶର କମିଶନର ଆଣ୍ଡ୍ରିଉ ଫ୍ରେଜର ସମ୍ବଲପୁରକୁ ଓଡିଶା ସହିତ ମିଶାଇବାକୁ ସୁପାରିଶ କରିଥିଲେ । ଏ ସବୁ ପ୍ରସ୍ତାବ ପ୍ରଶାସନିକ ସୁବିଧା ପାଇଁ କରାଯାଇଥିଲା, କିନ୍ତୁ କାର୍ଯ୍ୟକାରୀ ହୋଇନଥିଲା, ପ୍ରସ୍ତାବ ଆକାରରେ ଫାଇଲ ମଧ୍ୟରେ ଆବଦ୍ଧ ହୋଇ ରହିଥିଲା ।

୧୯୦୩ ମସିହାରେ ଲର୍ଡ କର୍ଜନଙ୍କ ସମୟରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଓଡିଶା ଡିଭିଜନ ସହିତ ସଂଯୁକ୍ତ କରିବାପାଇଁ ବିଧିବଦ୍ଧଭାବେ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଆସିଥିଲା । ପ୍ରଦେଶଗୁଡିକର ପୁର୍ନଗଠନ ପାଇଁ ବୃହତ୍ତ ବଙ୍ଗପ୍ରଦେଶକୁ ଦୁଇ ଭାଗରେ (ପୂର୍ବ ବଙ୍ଗ ସହିତ ଆସାମ ଏବଂ ପଶ୍ଚିମବଙ୍ଗ ସହିତ ବିହାର, ଓଡିଶା) ବିଭକ୍ତ କରିବାକୁ ଯୋଜନା ହେଲା । କେନ୍ଦ୍ରପ୍ରଦେଶ ଓ ମାଡ୍ରାସ ପ୍ରଦେଶର କାର୍ଯ୍ୟଭାର ହ୍ରାସ କରିବାକୁ କେନ୍ଦ୍ରପ୍ରଦେଶରୁ ସମ୍ବଲପୁର ଜଲ୍ଲା ସହିତ ଗଡଜାତ ରାଜ୍ୟ ଓ ମାଡ୍ରାସ ପ୍ରଦେଶରୁ ଗଞ୍ଜାମ ଜିଲ୍ଲା ସହିତ ବିଶାଖାପାଟଣା ଏଜେନସି ଅଞ୍ଚଳକୁ ଓଡିଶା ଡିଭିଜନ ସହିତ ମିଶାଇବା ପାଇଁ ପ୍ରସ୍ତାବ ଥିଲା । ଉକ୍ତ ପ୍ରସ୍ତାବ "କର୍ଜନ ପ୍ରସ୍ତାବ" ନାମରେ ପରିଚିତ ।

ଭାରତ ସଚିବ ହେନେରୀ ରିସଲେଙ୍କ ସ୍ୱାକ୍ଷରରେ ଏହା ପ୍ରାଦେଶିକ ସରକାରମାନଙ୍କ ନିକଟକୁ ସେମାନଙ୍କର ମତାମତ ପାଇଁ ପଠାଯାଇଥିବାରୁ ଏହାକୁ "ରିସଲେ ସର୍କୁଲାର" ବୋଲି ମଧ୍ୟ କୁହାଯାଏ।

ସରକାରୀ ସ୍ତରରେ ପ୍ରଶାସନିକ ଆବଶ୍ୟକତା ବିଚାରରେ ଓଡିଆ ଅଞ୍ଚଳର ମିଶ୍ରଣ ପାଇଁ ପ୍ରସ୍ତାବ ଆସୁଥିବାବେଳେ, ଓଡିଆମାନଙ୍କ ମଧ୍ୟରେ ଓଡିଆ ଜାତୀୟତାଭାବ ଓ ଓଡିଆ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରବଳ ଇଚ୍ଛା ଜାଗ୍ରତ ହୋଇଥିଲା। ବିଚ୍ଛିନ୍ନ ଓଡିଆ ଅଞ୍ଚଳ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ଓ ଓଡିଆମାନଙ୍କର ସମସ୍ୟାକୁ ଦିଗଦର୍ଶନ ଦେବା ଓ ଉପସ୍ଥାପନ କରିବା ପାଇଁ ନେତୃତ୍ୱ ଓ ସଂଗଠନର ଆବଶ୍ୟକତା ଥିଲା। ୧୯୦୩ ମସିହାର ପ୍ରଥମ ଭାଗରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ, ନୀଳମଣୀ



ବିଦ୍ୟାରତ୍ନ, ନରସିଂହ ଦାସ ଓ ହରିହର ପଣ୍ଡା ରମ୍ଭା ରାଜପ୍ରାସାଦରେ ମିଳିତ ହୋଇ ଗଞ୍ଜାମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନେଲେ। ସେହି ବର୍ଷ ଅପ୍ରେଲ ୧୧ ଓ ୧୨ତାରିଖ ଦିନ ବ୍ରହ୍ମପୁରଠାରେ ଗଞ୍ଜାମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେଲା। ବିଭିନ୍ନ ଓଡିଆ ଅଞ୍ଚଳରୁ ନେତାମାନେ ଏଥିରେ ଯୋଗ ଦେଇଥିଲେ । ଓଡିଆମାନଙ୍କର ଏହା ପ୍ରଥମ ସମ୍ମିଳନୀ ଥିଲା। ଏହାର ସଫଳତାରେ ଉତ୍ସାହିତ ହୋଇ ମଧୁସୂଦନ ଦାସ କନିକା ରାଜବାଟୀ (କଟକ) ଠାରେ ଓଡିଶାର କେତେଜଣ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସହିତ ଆଲୋଚନା କରି (୨୫.୧୦.୧୯୦୩) ସବୁ ଓଡିଆ ଅଞ୍ଚଳରୁ ନେତାମାନଙ୍କୁ ନେଇ କଟକଠାରେ ଏକ ସମ୍ମିଳନୀ କରିବାକୁ ନିଷ୍ପତ୍ତିକଲେ। ଡିସେମ୍ବର ୩୦ ଓ ୩୧ ତାରିଖ ଦିନ କଟକଠାରେ ଉତ୍କଳ ଇଉନିଅନ କନଫରେନସ ବା **ଉତ୍କଳ ସମ୍ମିଳନୀ** ଅନୁଷ୍ଠିତ ହେଲା । ଓଡିଆମାନଙ୍କର ପ୍ରତିନିଧିତ୍ୱ କରିବାକୁ, ଓଡିଆ ସମସ୍ୟାକୁ ଉପସ୍ଥାପିତ କରିବାକୁ ଓ ଦିଗଦର୍ଶନ ଦେବାକୁ ଉତ୍କଳ ସମ୍ମିଳନୀର ଜନ୍ମହେଲା। ମଧୁସୂଦନ ଦାସ ଓଡିଆ ମାନଙ୍କର ସର୍ବସମ୍ମତ ନେତାଭାବେ ଆବିର୍ଭୁତ ହୋଇଥିଲେ।

**ଉତ୍କଳ ସମ୍ମିଳନୀ** ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଉଦ୍ୟମ କରିବା ସହିତ ଓଡିଶାର ସାମଗ୍ରିକ ଉନ୍ନତି, ସମାଜ ସଂସ୍କାର, ଭାଷା ଓ ସାହିତ୍ୟର ଉନ୍ନତି,କୃଷି ଶିଳ୍ପ ବୈଷୟିକ ଜ୍ଞାନର ବିକାଶ, ଶିକ୍ଷା ପ୍ରସାର, ନାରୀ ଶିକ୍ଷା, ହସ୍ତ ଶିଳ୍ପର ଉନ୍ନତି ପାଇଁ କାର୍ଯ୍ୟ କରିଥିଲା। ପ୍ରଥମ ସମ୍ମିଳନୀରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରିବାକୁ ରିସେଲ ସର୍କୁଲାରରେ ପ୍ରସ୍ତାବ ଥିବାରୁ ଲର୍ଡ କର୍ଜନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସମ୍ମିଳନୀ ସାମ୍ବିଧାନିକ, ଗଣତାନ୍ତ୍ରିକ, ଅହିଂସ ପନ୍ଥାରେ ସରକାରଙ୍କ ସହଯୋଗରେ ଦାବି ହାସଲ ପାଇଁ ଉଦ୍ୟମ କରିଥିଲା। ସମାଜର ସବୁ ବର୍ଗର ଲୋକ ଜମିଦାର, ସାଧାରଣ ପ୍ରଜା, ଓକିଲ, ସରକାରୀ କର୍ମଚାରୀ, ଛାତ୍ର, ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହା ଓଡିଆ ମାନଙ୍କର ଜାତୀୟ ସଂଗଠନ ଥିଲା।

**ସମ୍ବଲପୁର ମିଶ୍ରଣ** (୧୯୦୫) - କର୍ଜନ ପ୍ରସ୍ତାବରେ (ରିସଲେ ସର୍କୁଲାର) ଥିବା ମାଡ୍ରାସ ଓଡିଆ ଅଞ୍ଚଳ ହସ୍ତାନ୍ତର ସୁପାରିଶକୁ ମାଡ୍ରାସ ସରକାର  ବିରୋଧ କଲେ। ଓଡିଶାର ଦୁର୍ଭାଗ୍ୟକୁ ଲର୍ଡ କର୍ଜନଙ୍କ ଅନୁପସ୍ଥିତିରେ ମାଡ୍ରାସର ଗଭର୍ଣ୍ଣର ଲର୍ଡ ଆମ୍ପଥିଲ ଭାଇସରାୟ ଦାୟୀତ୍ୱରେ ରହିଥିଲେ ଓ ତାଙ୍କ ଦ୍ୱାରା ଆଞ୍ଚଳିକ ପୁର୍ନଗଠନ ବ୍ୟବସ୍ଥା ଘୋଷିତ ହୋଇଥିଲା (ସେପ୍ଟେମ୍ବର ୧,୧୯୦୫)। କେନ୍ଦ୍ରପ୍ରଦେଶରୁ କେବଳ ସମ୍ବଲପୁର (ଚନ୍ଦ୍ରପୁର, ଫୁଲଝର ଜମିଦାରୀ ବ୍ୟତୀତ) ଓଡିଶା ଡିଭିଜନ ସହିତ ମିଶିଲା । ମାଡ୍ରାସ ଓଡିଆ ଅଞ୍ଚଳ ହସ୍ତାନ୍ତରିତ ହୋଇନଥିଲା। ଓଡିଆମାନଙ୍କୁ ନ୍ୟାୟ ମିଳି ନଥିଲା। ସମ୍ବଲପୁର ମିଶ୍ରଣ,ବିଛିନ୍ନ ଓଡିଆ ଅଞ୍ଚଳ ମିଶ୍ରଣ ପ୍ରକ୍ରିୟାର ପ୍ରଥମ ସୋପାନ ଥିଲା।

ଗଞ୍ଜାମ ଅଞ୍ଚଳ ନ ମିଶିବା ଦ୍ୱାରା ସମସ୍ତେ ହତୋତ୍ସାହିତ ହୋଇଥିଲେ। ଗଞ୍ଜାମର ଓଡିଆମାନେ ଏକ ନିରପେକ୍ଷ ତଦନ୍ତ କରି ମାଡ୍ରାସ ଅଧିନରେ ଥିବା ଓଡିଆ ଅଞ୍ଚଳକୁ ଓଡିଶା ସହିତ ମିଶାଇବାକୁ ଗଞ୍ଜାମ ଜିଲ୍ଲାପାଳ, ମାଡ୍ରାସ ଗଭର୍ଣ୍ଣର ଓ ଭାଇସରାୟଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଉତ୍କଳ ସମ୍ମିଳନୀ ପ୍ରତିବର୍ଷ ଓଡିଆ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରସ୍ତାବ ଗ୍ରହଣ କରୁଥିଲା ଓ ସ୍ମାରକପତ୍ର ପ୍ରଦାନ କରୁଥିଲା । ୧୯୦୭ ମସିହାରେ ମଧୁସୂଦନ ଦାସ ରୟାଲ ଡିସେଣ୍ଟ୍ରାଲାଇଜେସନ କମିଶନ ନିକଟରେ ଓଡିଶାର ଦୁରାବସ୍ଥା ଓ ସମସ୍ୟା ବର୍ଣ୍ଣନା କରି ଓଡିଶା ପାଇଁ ଏକ ଚିଫ୍ କମିଶନର ପଦବୀ  ଦାବି କରିଥିଲେ। ତା' ପରବର୍ଷ ଇଂଲଣ୍ଡ ଯାଇ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ବ୍ରିଟିଶ ଅଧିକାରୀ ମାନଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ୧୯୦୯ ମସିହାରେ ଗଞ୍ଜାମ ଓଡିଆ ସମାଜ, ସେମାନଙ୍କୁ ଓଡିଶା ଡିଭିଜନକୁ ହସ୍ତାନ୍ତର କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ଫଳ କିଛି ମିଳିନଥିଲା।

**ବିହାର-ଓଡିଶା ପ୍ରଦେଶ** (୧୯୧୨)- ୧୯୦୫ ମସିହାର ବଙ୍ଗ ଭଙ୍ଗ ବିରୁଦ୍ଧରେ ବଙ୍ଗାଳୀମାନେ ଓ ବଙ୍ଗଠାରୁ ଅଲଗା ହେବାପାଇଁ ବିହାରୀମାନେ ଆନ୍ଦୋଳନ କଲେ। ଫଳରେ ପୁର୍ନବାର ଆଞ୍ଚଳିକ ପୁନର୍ଗଠନ ଉପରେ ଆଲୋଚନା ହେଲା। ୧୯୧୧ ମସିହାରେ ଲର୍ଡ ହାର୍ଡିଞ୍ଜ ବଙ୍ଗଭଙ୍ଗ ବ୍ୟବସ୍ଥାକୁ ଲୋପ କରିବାକୁ ଏବଂ ବିହାର ଓ ଓଡିଶାକୁ ନେଇ ଏକ ନୂତନ ପ୍ରଦେଶ ଗଠନ କରିବାକୁ ପ୍ରସ୍ତାବ ଦେଲେ (୨୫ ଅଗଷ୍ଟ୧୯୧୧)। ପ୍ରସ୍ତାବରେ କୁହାଯାଇ ଥିଲା, ବିହାରୀମାନଙ୍କପରି ଓଡିଆମାନଙ୍କର ବଙ୍ଗାଳୀମାନଙ୍କ ସହିତ କୌଣସି ସମାନତା ବା ସାମଞ୍ଜସ୍ୟ ନାହିଁ। କିନ୍ତୁ ସେ ବୁଝିନଥିଲେ ଯେ ଓଡିଆ ଓ ବିହାରୀଙ୍କ ମଧ୍ୟରେ ଭାଷା, ସଂସ୍କୃତି, ଚାଲିଚଳନ, ଆଚାର ବ୍ୟବହାର, ପରମ୍ପରା କୌଣସି କ୍ଷେତ୍ରରେ ସାମନ୍ୟତମ ସମାନତା ନଥିଲା। ଗମନାଗମନର ସୁବିଧା ନଥିଲା। ତଥାପି ପ୍ରସ୍ତାବିତ ନୂଆ ପ୍ରଦେଶ ପାଇଁ ଆବଶ୍ୟକ ଅଞ୍ଚଳ ଓ ସମୁଦ୍ର ଉପକୂଳ ଯୋଗାଇ ଦେବା ପାଇଁ ଓଡିଶାକୁ ବିହାର ସହିତ ମିଶାଇ ବିହାର-ଓଡିଶା ପ୍ରଦେଶ ଗଠନ ହେଲା (୦୧ଅଗଷ୍ଟ,୧୯୧୨)। ଓଡିଶା ପ୍ରତି ଅବିଚାର ଓ ଅନ୍ୟାୟ ହୋଇଥିଲା । ଲର୍ଡ କର୍ଜନ ବ୍ରିଟିଶ ପାର୍ଲିଆମେଣ୍ଟରେ କହିଥିଲେ "were the Orissans an agitating people,which they are not,they would soon made their protest heard .As it is they have been sacrificed without compuction".

ବିହାର-ଓଡିଶା ପ୍ରଦେଶ ଗଠନ ସମୟରେ ଗଞ୍ଜାମ ଓ ଭାଇଜାଗପଟ୍ଟନମର ଓଡିଆମାନେ ସେମାନଙ୍କ ଅଞ୍ଚଳକୁ ଓଡିଶା ସହିତ ମିଶାଇବାକୁ ଭାଇସରାୟଙ୍କୁ ନିବେଦନ କରିଥିଲେ। ସେମାନଙ୍କର ନିବେଦନ ପୂର୍ବପରି ପ୍ରତ୍ୟାଖାତ ହୋଇଥିଲା। **ବିହାର ଓଡିଶା ପ୍ରଦେଶ ଗଠନ ଦ୍ୱାରା ଓଡିଶାର କ୍ଷତି ହୋଇଥିଲା। ମେଦିନିପୁର ଜିଲ୍ଲା ବଙ୍ଗରେ ରହିଲା ଓ ସବୁଦିନ ପାଇଁ ଓଡିଶାରୁ ବିଛିନ୍ନ ହୋଇଗଲା।** ଓଡ଼ିଆ ଅଞ୍ଚଳ ତିନିଗୋଟି ଶାସନ ପରିବର୍ତ୍ତେ ଚାରିଗୋଟି ପ୍ରଶାସନ - ବଙ୍ଗ,ମାଡ୍ରାସ,କେନ୍ଦ୍ରପ୍ରଦେଶ ଓ ବିହାର-ଓଡିଶା ପ୍ରଦେଶ, ଅଧିନରେ ଅବସ୍ଥାପିତ ହୋଇଥିଲା।

**ମଣ୍ଟେଗୁ-ଚେମସ୍‌ଫୋର୍ଡ ଶାସନ ସଂସ୍କାର** - ୧୯୧୭ ମସିହାରେ ଦେଶରେ ସାମ୍ବିଧାନିକ ସଂସ୍କାର ପାଇଁ ଆଲୋଚନା ଆରମ୍ଭ ହେଲା । ଭାଇସରାୟ ଲର୍ଡ ଚେମସ୍‌ଫୋର୍ଡ ଓ ଭାରତ ରାଷ୍ଟ୍ରସଚୀବ ମଣ୍ଟେଗୁଙ୍କ ଦ୍ୱାରା ଶାସନ ସଂସ୍କାର ଖସଡା ପ୍ରସ୍ତୁତି ଆରମ୍ଭ ହେଲା। ଓଡିଆମାନଙ୍କ ମଧ୍ୟରେ ନୂଆ ଆଶାର ଉଦ୍ରେକ ହେଲା। ଓଡିଆଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପୁନର୍ବାର ରାଜନୈତିକ କାର୍ଯ୍ୟକଳାପ ବୃଦ୍ଧିପାଇଲା। ଉତ୍କଳ ସମ୍ମିଳନୀ

ଓଡିଆମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପୃଥକ ପ୍ରଶାସନ ବା ପ୍ରଦେଶ ପାଇଁ ଦାବି ଉପସ୍ଥାପନ କରିଥିଲା। ତୁରନ୍ତ ସମ୍ଭବ ନହେଲେ,ସବୁ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରକରି, ସ୍ୱତନ୍ତ୍ର ପ୍ରଦେଶ ହେବା ପର୍ଯ୍ୟନ୍ତ ବିହାର-ଓଡିଶା ପ୍ରଦେଶ ଅଧିନରେ ରଖିବାକୁ ପ୍ରସ୍ତାବ ଦେଇଥିଲା। ପ୍ରଥମଥର ପାଇଁ ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ ସହିତ ଏକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଦାବି ଉପସ୍ଥାପିତ ହୋଇଥିଲା। ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମଣ୍ଟେଗୁ ଓ ଚେମସ୍ଫୋର୍ଡଙ୍କୁ ସାକ୍ଷାତକରି ଓଡିଶା ସମସ୍ୟା ଓ ଦାବି ଜଣାଇଥିଲେ। କିନ୍ତୁ ସେମାନଙ୍କର ରିପୋର୍ଟରେ ଓଡିଶାକୁ ନ୍ୟାୟ ମିଳି ନଥିଲା।

ମଣ୍ଟେଗୁ ଚେମସଫୋର୍ଡ ରିପୋର୍ଟରେ ଓଡିଶା କଥା ଉଲ୍ଲିଖିତ ଥିଲେ ମଧ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ବା ଉପ-ପ୍ରଦେଶରୂପେ ଗଠନ କରିବାକୁ ସୁପାରିଶ ହୋଇ ନଥିଲା। ରିପୋର୍ଟର ବ୍ୟବସ୍ଥାନୁସାରେ କୌଣସି ପ୍ରଦେଶର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସକରୁଥିବା ଭିନ୍ନ ଭାଷାଭାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ବା ଉପ-ପ୍ରଦେଶ ଗଠନ କରିବାକୁ ଯଦି ପ୍ରାଦେଶିକ ବିଧାନସଭା ବା ପରିଷଦ ପ୍ରସ୍ତାବ ଦିଏ, ତେବେ ସେହି ବିଷୟକୁ ଅନୁଧ୍ୟାନ କରିବାକୁ ଏକ କମିଟି ନିଯୁକ୍ତ ହେବ। ବାସ୍ତବ କ୍ଷେତ୍ରରେ ଓଡିଆମାନେ ସବୁ ପ୍ରଦେଶରେ ସଂଖ୍ୟାଲଘୁ ଥିବାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସମ୍ଭବ ନଥିଲା। ତାହାହିଁ ହୋଇଥିଲା। ମାଡ୍ରାସ,ବଙ୍ଗ ଓ କେନ୍ଦ୍ରପ୍ରଦେଶର ବିଧାନସଭା, ସେମାନଙ୍କ ଅଧିନରେ ଥିବା ଓଡିଆ ଅଞ୍ଚଳ ହସ୍ତାନ୍ତର କରିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ବିହାର-ଓଡିଶା ସରକାର ନିଅଣ୍ଟିଆ ଗଞ୍ଜାମ ଅଞ୍ଚଳ ଗ୍ରହଣ କରିବାକୁ ଅନିଛା ପ୍ରକାଶ କରିଥିଲେ।

୧୯୦୩ ମସିହାଠାରୁ ୧୯୨୦ ମସିହା ମଧ୍ୟରେ କେବଳ ସମ୍ବଲପୁର ମିଶ୍ରଣ ବ୍ୟତୀତ ବିଶେଷ  କିଛି ହାସଲ ହୋଇ ନଥିଲା। କିନ୍ତୁ ଓଡିଆ ଅଞ୍ଚଳର ଏକତ୍ରୀକରଣ ପାଇଁ ଦାବି ଓ ସମର୍ଥନ ଦୃଢୀଭୁତ ହୋଇଥିଲା। ୧୯୨୧ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠିତହେଲା ଓ ଓଡିଶା, ଭାରତୀୟ ଜାତୀୟ ଆନ୍ଦୋଳନରେ ସାମିଲ ହେଲା । ଉତ୍କଳ ସମ୍ମିଳନୀର ଅଧିକାଂଶ ସଭ୍ୟ କଂଗ୍ରେସ ଆନ୍ଦୋଳନରେ ଯୋଗଦେଲେ। ଉତ୍କଳ ସମ୍ମିଳନୀର ସଭ୍ୟସଂଖ୍ୟା ଓ ପ୍ରଭାବ ହ୍ରାସହେଲା। ସମ୍ମିଳନୀର ବ୍ରହ୍ମପୁର ଅଧିବେଶନ (୧୯୨୩)ରେ କଂଗ୍ରେସ ସଭ୍ୟମାନେ ଯୋଗଦେଇ ନଥିଲେ। ଏହାପରେ ନିୟମିତ ଅଧିବେଶନ ସମ୍ଭବ ନଥିଲା । ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହୀ କମିଟି, 'ଉତ୍କଳ ଇଉନିଅନ କମିଟି' ନାମରେ ମଧୁସୂଦନ ଦାସଙ୍କ ଦିଗଦର୍ଶନରେ (ବ୍ରଜସୁନ୍ଦର

ଦାସ ସଂପାଦକ ଓ ବ୍ରଜବଂଧୁ ଦାସ-ସହସଂପାଦକ) କାର୍ଯ୍ୟ କରିଥିଲା। ଓଡିଶାର ନେତାମାନେ ଦୁଇଭାଗରେ ବିଭକ୍ତ ହୋଇଗଲେ । ଏହାର ପ୍ରଭାବ ଓଡିଆ ଆନ୍ଦୋଳନ ଉପରେ ପଡିଥିଲା।

୧୯୨୦ ମସିହାରୁ ୧୯୨୭ ମସିହା ପର୍ଯ୍ୟନ୍ତ ଓଡିଶା ପ୍ରଶ୍ନ ସରକାରୀ ସ୍ତରରେ, ପ୍ରାଦେଶିକ ଓ ଜାତୀୟ ବିଧାନ ପରିଷଦରେ ଆଲୋଚିତ ହୋଇଥିଲା। ନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ ସ୍ଥାନୀୟ ନେତା ଓ ଜନସାଧାରଣ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ୨୦.୨.୧୯୨୦ ତାରିଖରେ ସଚିଦାନନ୍ଦ ସିହ୍ନା ଇମ୍ପେରିଆଲ କାଉନସିଲରେ ଓଡିଆ ଅଞ୍ଚଳର ଏକତ୍ରୀକରଣ ପ୍ରଶ୍ନକୁ ଅନୁଧ୍ୟାନ କରିବାକୁ ଏକ କମିଟି ଗଠନ ପାଇଁ ପ୍ରସ୍ତାବ ଆଗତ କଲେ। ଏହା ପାରିତ ହୋଇନଥିଲା । କିନ୍ତୁ ସରକାର ଏହା ଉପରେ ଅନୁସନ୍ଧାନ, ତଥ୍ୟ ସଂଗ୍ରହ ଓ ପ୍ରାଦେଶିକ ସରକାରମାନଙ୍କର ମତାମତ ସଂଗ୍ରହ କରିବାକୁ ପ୍ରତିଶୃତି ଦେଇଥିଲେ । ସେପ୍ଟେମ୍ବର୨୧, ୧୯୨୧ ଦିନ ଭାଷାଭିତ୍ତିରେ ପ୍ରଦେଶ ଗଠନ ପାଇଁ ଆସିଥିବା ଅନ୍ୟ ଏକ ପ୍ରସ୍ତାବ, ପ୍ରାଦେଶିକ ସରକାରଙ୍କଠାରୁ ପ୍ରସ୍ତାବ ନଆସିଲେ କାର୍ଯ୍ୟାନୁଷ୍ଠାନ ହୋଇ ପାରିବ ନାହିଁ ବୋଲି ପ୍ରତ୍ୟାଖାତ ହୋଇଥିଲା। ନଭେମ୍ବର ୨୫ ତାରିଖରେ ବିଭିନ୍ନ ପ୍ରଶାସନାଧିନ ଓଡିଆ ଅଞ୍ଚଳକୁ ଏକାଠି କରିବାକୁ ବିହାର ଓ ଓଡିଶା ବିଧାନସଭାରେ ଆସିଥିବା ଏକ ପ୍ରସ୍ତାବ, ଆର୍ଥିକ ଓ ଜନସାଧାରଣଙ୍କର ପ୍ରକୃତ ଇଚ୍ଛା ନଜାଣିଲେ, କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଗୃହୀତ ହେଲା ନାହିଁ । ମାଡ୍ରାସ ବିଧାନ ସଭାରେ ମାଡ୍ରାସ ଓଡିଆ ଅଞ୍ଚଳ ହସ୍ତାନ୍ତର ପାଇଁ ଶଶୀଭୂଷଣ ରଥଙ୍କ ଦ୍ୱାରା ଆଗତ ପ୍ରସ୍ତାବ ମଧ୍ୟ ପ୍ରତ୍ୟାଖାତ ହୋଇଥିଲା।

ଇମ୍ପେରିଆଲ କାଉନସିଲରେ ସଚ୍ଚିଦାନନ୍ଦ ସିହ୍ନାଙ୍କ ପ୍ରସ୍ତାବ ଉପରେ ସରକାର ଦେଇଥିବା ପୂର୍ବ ପ୍ରତିଶୃତି ଅନୁଯାୟୀ ଭାରତ ସରକାର ପ୍ରାଦେଶିକ ସରକାରଙ୍କୁ ଲୋକମାନଙ୍କର ଇଚ୍ଛା ଓ ସରକାରଙ୍କର ମତାମତ ଜଣାଇବାକୁ ନର୍ଦ୍ଦେଶ ଦେଲେ। ମାଡ୍ରାସ ସରକାର ଓଡିଆ ମାନଙ୍କର ଦୃଢ ସମଥର୍ନର ଅଭାବ, ତେଲଗୁମାନଙ୍କର ସମର୍ଥନ ନାହିଁ,ଜୟପୁର ରାଜା ଅନିଚ୍ଛୁକ, ପ୍ରଶାସନିକ ଓ ଆର୍ଥିକ ଅସୁବିଧାର ଆଳ ଦେଖାଇ ପ୍ରସ୍ତାବକୁ ବିରୋଧ କଲେ। କେନ୍ଦ୍ରପ୍ରଦେଶ ସରକାର ଜନ ସମର୍ଥନ ନାହିଁ, ଅଣଓଡିଆଙ୍କୁ ଅସୁବିଧା ହେବ ବୋଲି କହି କେବଳ ଖରିଆର ବ୍ୟତୀତ ଅନ୍ୟ ଅଞ୍ଚଳ (ପଦ୍ମପୁର, ଚନ୍ଦ୍ରପୁର, ଫୁଲଝର ଜମିଦାରୀ)ହସ୍ତାନ୍ତର କରିବାକୁ ଅନିଚ୍ଛା ପ୍ରକାଶ କଲେ। ବଙ୍ଗ ସରକାର ସ୍ଥାନୀୟ ଭାଷାକୁ ଓଡିଆ ବଙ୍ଗଳା ମିଶ୍ରିତ ଏକ ନୂତନ ଭାଷା ବୋଲି ଅଭିହିତ କରି କୌଣସି ଅଞ୍ଚଳ ହସ୍ତାନ୍ତରକୁ ବିରୋଧ କଲେ। ବିହାର ସରକାର

ଓଡିଆମାନଙ୍କର ଏକତ୍ରହେବାର ଆନ୍ତରିକତାକୁ ସ୍ୱୀକାର କଲେ, କିନ୍ତୁ ସଂଖ୍ୟାଧିକ ଲୋକ ଚାହାନ୍ତିନାହିଁ ବୋଲି କହି, ସିଂହଭୁମ ମିଶ୍ରଣ ବିରୁଦ୍ଧରେ ମତ ଦେଇଥିଲେ।

**ଫିଲିପି-ଡଫ୍ କମିଟି** - ପ୍ରାଦେଶିକ ସରକାରମାନଙ୍କର ମତାମତ ଉପରେ ଭାରତ ସରକାର ସନ୍ତୁଷ୍ଟ ହୋଇ ନଥିଲେ । ଓଡିଶା ଡିଭିଜନ ସହିତ ମିଶ୍ରଣ ପାଇଁ ମାଡ୍ରାସ ପ୍ରଦେଶର ଓଡିଆମାନଙ୍କର ପ୍ରକୃତ ଇଚ୍ଛା ଜାଣିବାକୁ ଓଡିଶାର ପଲିଟିକାଲ ଏଜେଣ୍ଟ ସି.ଏଲ.ଫିଲିପି ଓ ମାଡ୍ରାସର ଜଣେ ଜିଲ୍ଲାପାଳ ଏ.ସି.ଡଫଙ୍କୁ ନେଇ ଏକ କମିଟି (ଫିଲିପି-ଡଫ କମିଟି) ଗଠନ ହେଲା (୧୯୨୪)। କମିଟି ନିକଟରେ ଭାଇଜାଗର ଉତ୍କଳ ସମାଜ, ବ୍ରହ୍ମପୁରର ଦେଶ ମିଶ୍ରଣ କମିଟି, ରୟତସଭା ଓ ପାରଳାଠାରୁ ପାଲୁର ପର୍ଯ୍ୟନ୍ତ ସବୁ ଅଞ୍ଚଳର ଜନସାଧାରଣ ଓ ଜମିଦାର ସାକ୍ଷ୍ୟପ୍ରଦାନ କରି ଓଡିଶା ସହିତ ମିଶିବା ପାଇଁ ଇଚ୍ଛା ବ୍ୟକ୍ତ କରିଥିଲେ। ଏହି ସମୟରେ ଜନମତ ସୃଷ୍ଟି କରିବାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କମିଟି ତାଙ୍କ ରିପୋର୍ଟରେ ମତ ଦେଇଥିଲେ, ଓଡିଶା ସହିତ ମିଶି ଗୋଟିଏ ଶାସନ ଅଧିନରେ



ରହିବା ହେଉଛି, ମାଡ୍ରାସ ଓଡିଆ ଅଞ୍ଚଳର ଶିକ୍ଷିତ ଓଡିଆମାନଙ୍କର ବହୁଦିନର, ଗଭୀରତମ, ସ୍ଥାୟୀ ଓ ପ୍ରକୃତ ଇଚ୍ଛା । (There was a genuine, long standing and deep seated desire on the part of the educated Oriya classes of the Oriya speaking tracts of Madras Presidency for amalgamation of these tracts with Orissa under one administration) ପ୍ରଥମ ଥର ପାଇଁ ଓଡିଆମାନଙ୍କର ପ୍ରକୃତ ଇଚ୍ଛା ସରକାରୀ ସ୍ତରରେ ସ୍ୱୀକୃତ ହେଲା। ଓଡିଆ ଅଞ୍ଚଳ ଏକତ୍ରୀକରଣ ପ୍ରକ୍ରିୟାରେ ଏହା ଏକ ଉଲ୍ଲେଖନୀୟ ସକରାତ୍ମକ ମତ ଥିଲା । କମିଟିର ମତାମତକୁ ଆଧାରକରି ସାଇମନ କମିଶନ ନିକଟରେ ଓଡିଶା ସମ୍ବନ୍ଧୀୟ ସ୍ମାରକପତ୍ର ଉପସ୍ଥାପିତ ହୋଇଥିଲା। କମିଟିର ରିପୋର୍ଟ ଉପରେ ଭାରତ ସରକାର ପ୍ରାଦେଶିକ ସରକାରଙ୍କର ମତାମତ ଲୋଡିଲେ। ସବୁଥର ପରି ମାଡ୍ରାସ ସରକାର ଏଥର ମଧ୍ୟ ବିରୋଧ କରିଥିଲେ।

୧୯୨୬ ମସିହାରେ ଭୁବନାନନ୍ଦ ଦାସଙ୍କ ସହିତ ଓଡିଆ ରାଜାମାନଙ୍କର ଏକ ପ୍ରତିନିଧି ଦଳ ଏବଂ ଓଡିଆ ପିପୁଲସ ଆସୋସିଏସନର ସଭ୍ୟମାନେ ଅଲଗା ଅଲଗା ଭାରତର ଗୃହ ସଚୀବ ଆଲେକ୍‌ଜାଣ୍ଡାର ମୁଡିମାନଙ୍କୁ ସାକ୍ଷାତ କରି ଓଡିଶା ସମସ୍ୟା ଉପସ୍ଥାପିତ କରିଥିଲେ। ପରେ ମୁଡିମାନ କହିଥିଲେ, ଓଡିଆମାନେ ପ୍ରକୃତରେ ଏକାଠି ହେବାକୁ ଓ ନିଜର ଦାୟିତ୍ୱ ନିଜେ ନିର୍ବାହ କରିବାକୁ ଆଗ୍ରହୀ। ୧୯୨୭ ମସିହାରେ ଭାରତ ବିଧାନ ପରିଷଦରେ ପଣ୍ଡିତ ନୀଳକଣ୍ଠ ଦାସ ସବୁ ଓଡିଆ ଅଞ୍ଚଳକୁ ଗୋଟିଏ ପ୍ରଶାସନ ଅଧିନକୁ ଆଣିବାକୁ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। କିନ୍ତୁ ଆଗକୁ ସାମ୍ବିଧାନିକ କମିଶନ ଗଠିତ ହେବାକୁ ଥିବାରୁ ଏହା ଗୃହୀତହୋଇ ନଥିଲା। ପୁଣିଥରେ ପ୍ରାଦେଶିକ ସରକାରମାନଙ୍କର ମତ ଲୋଡା ଯାଇଥିଲା ଓ ପୁନର୍ବାର ପ୍ରତ୍ୟାଖାତ ହୋଇଥିଲା। ଏହିପରି ଭାବରେ ୧୯୨୦ ଠାରୁ୧୯୨୭ ମଧ୍ୟରେ ଓଡିଶା ପ୍ରଶ୍ନ ମଝିରେ ମଝିରେ କେନ୍ଦ୍ରୀୟ ଓ ପ୍ରାଦେଶିକ ବିଧାନ ସଭାରେ, ସରକାରୀ ଫାଇଲରେ ଉପସ୍ଥାପିତ ହେଉଥିଲା । ସରକାରଙ୍କର ମନୋଭାବ ଓଡିଆ ବିରୋଧି ନଥିଲା, କିନ୍ତୁ ଦୃଢ ଓ ନିର୍ଦ୍ଦିଷ୍ଟ ନଥିଲା , ଫଳରେ ପ୍ରକ୍ରିୟା ବିଳମ୍ବିତ ହୋଇଥିଲା ।

**ସ୍ୱତନ୍ତ୍ର ପ୍ରଦେଶ ଗଠନ :** ୧୯୨୭ ମସିହା ଠାରୁ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ,ଏକ ଶାସନ ଅଧିନ କିମ୍ବା ସ୍ୱତନ୍ତ୍ରପ୍ରଦେଶ ଗଠନ ପ୍ରଶ୍ନ ଗତିଶୀଳ ହୋଇଥିଲା। ଭାରତ ସାମ୍ବିଧାନିକ କମିଶନ (ସାଇମନ କମିଶନ)ଗଠନ ଘୋଷଣା ସମସ୍ତଙ୍କୁ ଚଳଚଞ୍ଚଳ କରିଥିଲା । ୧୯୨୮ ମସିହାରେ ସର୍ବଦଳୀୟ ବୈଠକରେ ଭାରତ ପାଇଁ ଏକ ସମ୍ବିଧାନ ପ୍ରଣୟନ ସମ୍ବନ୍ଧରେ ବିଚାର ଓ ସୁପାରିଶ କରିବା ପାଇଁ ମୋତିଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ ଏକ କମିଟି (ନେହେରୁ କମିଟି) ଗଠିତ ହେଲା। କମିଟି ଭାଷା ଭିତ୍ତିରେ, ସଂଖ୍ୟାଧିକ ଲୋକମାନଙ୍କର ଦାବି, ଆର୍ôଥିକ ଅବସ୍ଥା ଓ ପ୍ରଶାସନିକ ସୁବିଧା ବିଚାରରେ ନୂଆ ପ୍ରଦେଶ ଗଠନ ପାଇଁ ସୁପାରିଶ କରିଥିଲା । କିନ୍ତୁ ଓଡିଶା ପ୍ରଦେଶ ଗଠନ ଉପରେ କୌଣସି ସ୍ୱତନ୍ତ୍ର ଆଲୋଚନା କରିନଥିଲା। ସୁଭାଷଚନ୍ଦ୍ର ବୋଷଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଓ ପ୍ରଭାବ ଫଳରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଲେ, ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ପ୍ରଦେଶ ଗଠନ କରିବାକୁ ନେହୁରୁ କମିଟି ସୁପାରିଶ କରିଥିଲେ।

**ସାଇମନ କମିଶନ –** ସାଇମନ କମିଶନ ଆସିବାପରେ ଓଡିଶା ପ୍ରଦେଶ ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା । ଜାତୀୟ କଂଗ୍ରେସ ସାଇମନ କମିଶନକୁ ବର୍ଜନ କରିଥିଲା। ମଧୁସୁଦନ ଦାସଙ୍କ ନିର୍ଦ୍ଦେଶରେ ଉତ୍କଳ ଇଉନିଅନ କମିଟି (ଉତ୍କଳ ସମ୍ମିଳନୀର କାର୍ଯ୍ୟ ନିର୍ବାହୀ କମିଟି) ତରଫରୁ ସ୍ୱଳ୍ପ ସଂଖ୍ୟକ ପ୍ରତିନିଧି ପାଟନା ଠାରେ ସାଇମନ କମିଶନଙ୍କୁ

ସ୍ୱାଗତ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଓଡିଶା ଲିବରାଲ ଲିଗ ମଧ୍ୟ କମିସନକୁ ସ୍ୱାଗତ କରିଥିଲେ। ସାଇମନ କମିଶନ ଓଡିଶା ପ୍ରଶ୍ନକୁ ଅନୁଧ୍ୟାନ କରିବାକୁ ମେଜର ଅଟ୍‌ଲିଙ୍କ ଅଧ୍ୟକ୍ଷତାରେ ଏକ ସବକମିଟି (ଅଟ୍‌ଲି କମିଟି) ନିଯୁକ୍ତ କଲେ । କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି କମିଟିର ସଭ୍ୟ ଥିଲେ। ସବ କମିଟି ସବୁ ଦୃଷ୍ଟିରୁ ଓଡିଆମାନଙ୍କର ଦାବି ଯୁକ୍ତିଯୁକ୍ତ ଓ ଗ୍ରହଣଯୋଗ୍ୟ ବୋଲି ବିଚାରକରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ସୁପାରିଶ କଲେ । ସବକମିଟିର ରିପୋର୍ଟ ଆଧାରରେ ସାଇମନ କମିଶନ ଓଡିଶା ପାଇଁ ଏକ ସୀମା କମିଶନ ବସାଇବାକୁ ସୁପାରିଶ କରିଥିଲେ। ଓଡିଶା ପ୍ରଦେଶ ଗଠନ ଦିଗରେ ଏହା ଏକ ବଳିଷ୍ଠ ନିର୍ଣ୍ଣାୟକ ପଦକ୍ଷେପ ଥିଲା ।

**ପ୍ରଥମ ଗୋଲଟେବୁଲ ବୈଠକ :** ସାଇମନ କମିଶନଙ୍କ ସାମ୍ବିଧାନିକ ଶାସନ ସଂସ୍କାର ସୁପାରିଶ ଉପରେ (୭.୬.୩୦) ଆଲୋଚନା ପାଇଁ ୧୯୩୦ ମସିହା ନଭେମ୍ବର ମାସରେ ପ୍ରଥମ ଗୋଲଟେବୁଲ ବୈଠକ ଲଣ୍ଡନଠାରେ ଅନୁଷ୍ଠିତ ହେଲା। ବୈଠକରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜମିଦାର ମାନଙ୍କର ପ୍ରତିନିଧି ହିସାବରେ ଯୋଗ ଦେଇଥିଲେ। ଜାନୁୟାରୀ ୧୧, ୧୯୩୧ ମସିହା ଦିନ ପୂର୍ଣ୍ଣାଙ୍ଗ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ସ୍ୱତନ୍ତ୍ର ଅନୁମତି ନେଇ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୁପେ ଗଠନ କରିବାକୁ ଦାବି ଉପସ୍ଥାପନ କରିଥିଲେ। "The Oriyas & their need and reasons for a separate provice" ନାମରେ ଏକ କ୍ଷୁଦ୍ର ପୁସ୍ତିକା ସଭ୍ୟ ମାନଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ତାଙ୍କର ବଳିଷ୍ଠ ଯୁକ୍ତି ଓ ଉପସ୍ଥାପନା ସମସ୍ତଙ୍କୁ ପ୍ରଭାବିତ କରିଥିଲା।

**ଓଡ଼ିଶା ସୀମା କମିଟି / ଓ'ଡନେଲ୍ କମିଟି :** ସାଇମନ କମିସନଙ୍କ ସୁପାରିଶ ଅନୁଯାୟୀ ୧୯୩୧ ମସିହା ସେପ୍ଟେମ୍ବର ମାସରେ ସାମୁଏଲ ଓ'ଡନେଲଙ୍କ ଅଧ୍ୟକ୍ଷତାରେ ସଭ୍ୟ ଏଚ୍.ଏମ୍. ମେହେଟ୍ଟା ଓ ଟି.ଆର. ଫୁକନଙ୍କୁ ନେଇ ଓଡିଶା ସୀମା କମିଟି (ଓ'ଡନେଲ କମିଟି) ଗଠନ ହେଲା। ଏହି କମିଟିରେ କୃଷ୍ଣଚନ୍ଦ୍ର ଗଜପତି, ସଚିଦାନନ୍ଦ ସିହ୍ନା ଓ ସି.ଭି.ଏସ. ନରସିଂହ ରାଜୁଙ୍କୁ ସହଯୋଗୀସଭ୍ୟ ଭାବରେ ନିଆଯାଇଥିଲା। ଓଡିଶା କମିଟି ଓଡିଶା ଡିଭିଜନ, ଅନୁଗୁଳ, ଖରିଆଳ ଜମିଦାରୀ, ପଦ୍ମପୁର ଜମିଦାରୀ, ଗଞ୍ଜାମ ଜିଲ୍ଲା, ପାରଳାଖେମୁଣ୍ଡି ଏଜେନ୍‌ସି ଓ ଭାଇଜାଗପଟ୍ଟମ ଏଜେନ୍‌ସି ଅଞ୍ଚଳକୁ ନେଇ ନୁଆ ପ୍ରଦେଶ ଗଠନ କରିବାକୁ ସୁପାରିଶ କରିଥିଲେ। ପାରଳାଖେମୁଣ୍ଡି ଜମିଦାରୀକୁ ଓଡିଶାରେ ମିଶାଇବାକୁ ଅନ୍ୟ ଦୁଇଜଣ ସଭ୍ୟଙ୍କ ସମର୍ଥନସତ୍ତ୍ୱେ ଓ'ଡନେଲ ଏହା ମାଡ୍ରାସରେ ରହିବାକୁ ମତ ଦେଲେ। ଉକ୍ତ ସୁପାରିଶରେ ମଞ୍ଜୁଷା, ଫୁଲଝର, ସିଂହଭୁମ, ଦକ୍ଷିଣପଶ୍ଚିମ ମେଦିନିପୁରକୁ

ପ୍ରସ୍ତାବିତ ନୂଆ ପ୍ରଦେଶରୁ ବାଦ ଦିଆଯାଇଥିଲା। କମିଟିର ସୁପାରିଶ ଓଡିଆମାନଙ୍କୁ ହତୋତ୍ସାହିତ କରିଥିଲା । ଏହା ବିରୁଦ୍ଧରେ ପ୍ରତିବାଦ ସଭାମାନ ଅନୁଷ୍ଠିତ ହେଲା ଓ ଶହଶହ ସଂଖ୍ୟାରେ ସ୍ମାରକପତ୍ର ସରକାରଙ୍କ ନିକଟରେ ଦାଖଲ ହୋଇଥିଲା।

ଉଲ୍ଲେଖନୀୟ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପ୍ରଶ୍ନ ନିର୍ଦ୍ଦିଷ୍ଟ ରୁପ ନେବାକୁ ଯାଉଥିବାବେଳେ, ଓଡିଶା ପ୍ରଦେଶ କଂଗ୍ରେସ କମିଟି, ଜାତୀୟ କଂଗ୍ରେସର କାର୍ଯ୍ୟକ୍ରମ ଓ ନିର୍ଦ୍ଦେଶ ଅନୁସାରେ ସାଇମନ କମିସନ ଓ ଓଡିଶା କମିଟିକୁ ବୟକଟ୍ କରିଥିଲା। ଉତ୍କଳ ସମ୍ମିଳନୀ ଦୁର୍ବଳ ଥିଲା। ଏହି ସମୟରେ ଯୁବ ଛାତ୍ର ସଂଗଠନ ଉତ୍କଳ ଷ୍ଟୁଡେଣ୍ଟସ୍ ସେପାରେଟ ଲିଗ୍, ଗ୍ରେଟର୍ ଉତ୍କଳ ଲିଗ୍, ଉତ୍କଳ ଇଉନିଅନ କମିଟି; ରାଜା ଓ ଜମିଦାର ମାନେ ଜନମତ ସୃଷ୍ଟି ଓ କମିସନ ନିକଟରେ ଦାବି ଉପସ୍ଥାପନା ପାଇଁ କଠିନ ପରିଶ୍ରମ କରିଥିଲେ। ଉତ୍କଳ ପ୍ରଦେଶ କଂଗ୍ରେସ ପ୍ରତ୍ୟକ୍ଷ ଭାବେ ସାଇମନ କମିସନ ଓ ଓଡିଶା କମିଟି କାର୍ଯ୍ୟରେ ଅଂଶ ଗ୍ରହଣ କରିନଥିଲା। କିନ୍ତୁ କଲିକତାଠାରେ ଅନୁଷ୍ଠିତ ସର୍ବଦଳୀୟ ଜାତୀୟ ସଭାରେ ଓଡିଆ ପ୍ରଶ୍ନ ଆଲୋଚନା କରିବାକୁ ସଭାପତି ମୋତିଲାଲ ନେହେରୁ ଅନୁମତି ନଦେବାରୁ ଓଡିଆ ନେତାମାନେ ସଭା ପରିତ୍ୟାଗ କରି, କଲିକତାରେ ରହୁଥିବା ଓଡିଆ ମାନଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ଆୟୋଜନ କରିଥିଲେ। ମୋତିଲାଲ ନେହେରୁ କ୍ଷମା ମାଗିଥିଲେ। ଗାନ୍ଧିଜୀ ଓଡିଶା ପ୍ରଶ୍ନକୁ ଗୋଲଟେବୁଲ ବୈଠକରେ ଉତ୍ଥାପନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ଗ୍ରହଣ କରିଥିଲା (୦୩.୦୫.୧୯୩୧)। ଓଡିଶା ସୀମା କମିଟିରେ ଓଡିଆ ପକ୍ଷ ରଖିବାକୁ ପଣ୍ଡିତ ନୀଳକଣ୍ଠଦାସଙ୍କୁ ଦାୟୀତ୍ୱ ଦିଆଯାଇଥିଲା। ସେ କମିଟି ନିକଟରେ ଜାନୁୟାରୀ ୧୦.୧୯୩୨ ଦିନ ଉପସ୍ଥିତ ହେବାର ଥିଲା। ଜାନୁୟାରୀ ୫ ତାରିଖ ଦିନ ଜାତୀୟ କଂଗ୍ରେସ ବେଆଇନ ଘୋଷିତ ହେଲା। ଓଡିଶା କମିଟିକୁ ବର୍ଜନ କରିବାକୁ ନିର୍ଦ୍ଦେଶ ଆସିବାରୁ ସେ ଅଧାବାଟରୁ ଫେରିଆସିଥିଲେ। ଫଳରେ ଦଳହିସାବରେ ପ୍ରଦେଶ କଂଗ୍ରେସ, ଓଡିଶାପ୍ରଦେଶ ଗଠନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିପାରିନଥିଲା।

**ଶ୍ୱେତପତ୍ର ଓ ଯୁଗ୍ମ ପାର୍ଲିଆମେଣ୍ଟ କମିଟି** : ଗୋଲଟେବୁଲ ବୈଠକର ସୁପାରିଶ ଅନୁସାରେ ବ୍ରିଟିଶ ସରକାର ଏକ ଶ୍ୱେତପତ୍ର ପ୍ରକାଶ କଲେ (୧୯୩୩)। ଶ୍ୱେତପତ୍ରରେ ଓଡିଶା କମିଟିର ସୁପାରିଶକୁ କାଟଛାଣ୍ଟ କରାଯାଇଥିଲା। ବିଶାଖାପାଟଣା ଏଜେନସି,

ଜଳନ୍ତର ମାଳଅଞ୍ଚଳ, ପାରଳାଖେମୁଣ୍ଡି ଜମିଦାରୀକୁ ପ୍ରସ୍ତାବିତ ଓଡିଶା ପ୍ରଦେଶରୁ ବାଦ ଦିଆଯାଇଥିଲା। ଏହା ସମସ୍ତଙ୍କୁ ହତୋତ୍ସାହିତ କରିଥିଲା।

ଶ୍ୱେତପତ୍ରକୁ ଅନୁଧ୍ୟାନ କରିବାକୁ ବ୍ରିଟିଶ ପାର୍ଲିଆମେଣ୍ଟ, ଏକ ଜଏଣ୍ଟ ସିଲେକ୍ଟ କମିଟି ବା ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ଗଠନ କଲା। ପାର୍ଲିଆମେଣ୍ଟ କମିଟି ନିକଟରେ ଓଡିଶାର ଦାବି ଉପସ୍ଥାପିତ କରିବା ପାଇଁ ରାଜ୍ୟରେ ଓ ଲଣ୍ଡନଠାରେ ଉଦ୍ୟମ ଆରମ୍ଭ ହେଲା। ପାରଳା ମହାରାଜା ଏକ ପ୍ରତିନିଧି ଦଳ ସହିତ ଭାରତ ସଚିବ ସାମୁଏଲ ହୋରଙ୍କୁ ସାକ୍ଷାତ କଲେ। ପାରଳାଖେମୁଣ୍ଡି ଜମିଦାରୀକୁ ସଂପୂର୍ଣ୍ଣ କିମ୍ବା ଦରକାରପଡିଲେ ବିଭାଜିତ କରି ପାରଳାଖେମୁଣ୍ଡି ସହର ସହିତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଓଡିଶା ସହିତ ମିଶାଇବାକୁ ଅନୁରୋଧ କରି ପ୍ରସ୍ତାବ ଦେଇଥିଲେ । ମାଡ୍ରାସ ସରକାରଙ୍କ ବିରୋଧ ହେତୁ ଏହା ଗୃହୀତ ହୋଇନଥିଲା। ଜଏଣ୍ଟ ସିଲେକ୍ଟ କମିଟିର ଅଧ୍ୟକ୍ଷ ଲିନଲିଥଗୋ (ଭାରତ କୃଷି କମିଶନର ଅଧ୍ୟକ୍ଷ ଥିବାବେଳେ ପାରଳା ରାଜା ସଭ୍ୟ ଥିଲେ) ପାରଳା ରାଜାଙ୍କ ପ୍ରସ୍ତାବକୁ ବିଚାରକୁ ନେଇଥିଲେ । ଜୟପୁର ଜମିଦାରୀ, ପାରଳାଖେମୁଣ୍ଡି ଓ ଜଳନ୍ତର ମାଳ ଅଞ୍ଚଳ, ପାରଳାଖମୁଣ୍ଡି ସହର ସହିତ ଜମିଦାରୀର ଏକ କ୍ଷୁଦ୍ର ଅଞ୍ଚଳ ପ୍ରସ୍ତାବିତ ଓଡିଶା ପ୍ରଦେଶରେ ମିଶିବା ପାଇଁ ଜଏଣ୍ଟ ସିଲେକ୍ଟ କମିଟି ସୁପାରିଶ କଲା। ଓଡିଶା ସୀମା କମିଟିର ସୁପାରିଶ ଓ ଶ୍ୱେତ ପତ୍ରରେ ହୋଇଥିବା ଅବିଚାର ପାରଳା ରାଜାଙ୍କ ଉଦ୍ୟମ ହେତୁ କେତେକାଂଶରେ ଦୁର ହୋଇଥିଲା। ଜଏଣ୍ଟ ସିଲେକ୍ଟ କମିଟିର ସୁପାରିଶକୁ ଗ୍ରହଣ କରି ବ୍ରିଟିଶ ପାର୍ଲ୍ଲିଆମେଣ୍ଟ ସ୍ୱତନ୍ତ୍ର ଓଡିଶାପ୍ରଦେଶ ଗଠନ ପାଇଁ ଭାରତ ଶାସନ ଆଇନ ୧୯୩୫ ର ଧାରା ୨୮୯(୧)(୬)ରେ ଅନୁମୋଦନ କଲା। ସେହିଅନୁସାରେ ଭାରତ ସରକାର (ଓଡିଶା ପ୍ରଦେଶ ଗଠନ ) ଆଦେଶ ଜାରିହେଲା (ମାର୍ଚ୍ଚ ୩,୧୯୩୬) । **୧୯୩୬ ମସିହା ଅପ୍ରେଲ ୧ ତାରିଖ ଦିନ ନୂତନ ପ୍ରଦେଶ ଗଠନ ହେଲା।** ଅପ୍ରେଲ ୬ ତାରିଖ ୧୯୩୬ ମସିହା ଦିନ ନୂତନ ପ୍ରଦେଶର ଉଦ୍‌ଘାଟନୀ ଉତ୍ସବ ରେଭେନସା କଲେଜହଲ ଠାରେ ଅନୁଷ୍ଠିତ ହୋଇଥିଲା।

**ନୂତନ ପ୍ରଦେଶ** – ୧୯୩୬ ମସିହା ଅପ୍ରେଲ ୧ତାରିଖରେ ନୁତନ ଓଡିଶା ପ୍ରଦେଶ ଗଠନ ହେଲା । ଦୀର୍ଘ ୩୬୮ ବର୍ଷ ପରେ ଓଡିଶାକୁ ସ୍ୱତନ୍ତ୍ର ରାଜନୈତିକ ସ୍ୱୀକୃତି ପ୍ରାପ୍ତ ହେଲା, କିନ୍ତୁ ଯେଉଁ ପ୍ରଦେଶ ମିଳିଲା, ତାହା ସଂପୂର୍ଣ୍ଣ ନଥିଲା। ବହୁ ଓଡିଆ ଭାଷାଭାଷୀ ଅଞ୍ଚଳ ପ୍ରଦେଶ ବାହାରେ ରହିଗଲା। ମାତ୍ର ୬ଗୋଟି ଜିଲ୍ଲାକୁ ନେଇ (ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ, କୋରାପୁଟ) ଗଠିତ ପ୍ରଦେଶର ଭୌଗଳିକ ଅବସ୍ଥିତି

ଅବିଚ୍ଛିନ୍ନ ନଥିଲା । ଗୋଟିଏ ଅଞ୍ଚଳରୁ ଆଉଗୋଟିଏ ଅଞ୍ଚଳକୁ ଯିବାକୁହେଲେ କରଦ ରାଜ୍ୟମାନଙ୍କ ମଧ୍ୟଦେଇ ଯିବାକୁ ହେଉଥିଲା । ଭାରତର ସବୁ ପ୍ରଦେଶ ସ୍ୱୟଂ ଶାସିତ ହେଲେ । କିନ୍ତୁ ଓଡିଶା ସଂପୂର୍ଣ୍ଣ ସ୍ୱୟଂଶାସିତ ନଥିଲା । ପ୍ରଦେଶର ଉଚ୍ଚ ନ୍ୟାୟାଳୟ ନଥିଲା । ପାଟଣା ହାଇକୋର୍ଟର ଏକ ପ୍ରଦକ୍ଷଣ କୋର୍ଟ (ସରକିଟ୍ କୋର୍ଟ) ଓଡିଶାପାଇଁ ଥିଲା । ପ୍ରଦେଶର ନିଜର ବିଶ୍ୱବିଦ୍ୟାଳୟ ନଥିଲା । ଗଞ୍ଜାମ ଓ କୋରାପୁଟ,ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଅଞ୍ଚଳ ପାଟଣା ବିଶ୍ୱବିଦ୍ୟାଳୟ ଅଧିନରେ ଥିଲା । ପ୍ରଦେଶରେ ଗୋଟିଏ ପ୍ରକାର ଆଇନ କାନୁନ ନଥିଲା । ଯେଉଁ ଅଞ୍ଚଳ ଯେଉଁ ପ୍ରଦେଶରୁ ଆସିଥିଲା ସେଠାରେ ସେହିପ୍ରଦେଶର ଆଇନ ପ୍ରଚଳିତ ଥିଲା । ସବୁ ପ୍ରଦେଶର ଆଇନ ସହିତ ପରିଚିତ କର୍ମଚାରୀ ଓ ପଦାଧିକାରୀ ନଥିଲେ । ଏତଦ୍‌ବ୍ୟତୀତ ଯଥେଷ୍ଟ ସଂଖ୍ୟକ ଅଭିଜ୍ଞ ଓ ନିଷ୍ଠାପର କର୍ମଚାରୀଙ୍କର ଅଭାବ ଥିଲା । ବିହାର ସରକାର ନିଜେ ରଖିବାକୁ ଚାହୁଁନଥିବା ଅଧିକାରୀମାନଙ୍କୁ ଓଡିଶା ପଠାଇ ଦେବାକୁ ଯୋଜନା କରୁଥିବା ଶୁଣାଯାଇଥିଲା ।

ଭାରତରେ ପ୍ରାଦେଶିକ ବିଧାନସଭା ମାନଙ୍କରେ ମନୋନୀତ ସଭ୍ୟ ବ୍ୟବସ୍ଥା ଲୋପ ହୋଇଥିବା ବେଳେ କେବଳ ଓଡିଶାରେ ରାଜ୍ୟପାଳ ଚାରି ଜଣ ପଛୁଆ ଜନଜାତି ସଭ୍ୟ ମନୋନୀତ କରିବା ବ୍ୟବସ୍ଥା ଥିଲା । ନୂତନ ପ୍ରଦେଶର ଦୁଇ ତୃତୀୟାଂଶ ଅଞ୍ଚଳ ଓ ପ୍ରାୟ ଅଧା ଜନସଂଖ୍ୟା, ଆଂଶିକ ପୃଥକ ଅଞ୍ଚଳ (partially excluded area) ନାମରେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର କ୍ଷମତା ଅଧିନରେ ରଖାଯାଇଥିଲା । ନୂଆ ପ୍ରଦେଶର ଆର୍ଥିକ ଅବସ୍ଥା ସ୍ୱାବଲମ୍ବୀ ହେବାପାଇଁ ଯଥେଷ୍ଟ ନଥିଲା । ମାଡ୍ରାସ ଓ କେନ୍ଦ୍ରପ୍ରଦେଶରୁ ଆସିଥିବା ଅଞ୍ଚଳ ନିଅଣ୍ଟିଆ ଥିଲା । ଓଡିଶା ଡିଭିଜନର ଆୟ, ବ୍ୟୟଠାରୁ ଅଳ୍ପ ଅଧିକ ଥିଲା, ଯାହା ନୂଆ ପ୍ରଦେଶ ପାଇଁ ଆବଶ୍ୟକ ଅଧିକ ବ୍ୟୟ ଭରଣା କରିବାକୁ ଯଥେଷ୍ଟ ନଥିଲା । ଓଡିଶାର ଆର୍ଥିକସ୍ଥିତି ଉପରେ ଅର୍ଥନୈତିକ ପରାମର୍ଶଦାତା ଅଟୋ ନିମର କହିଥିଲେ, ପ୍ରଦେଶର ଖର୍ଚ୍ଚ ପରିମାଣ ବହୁତ କମ ଓ ନିଜସ୍ୱ ସମ୍ବଳ ଉପରେ ନିର୍ଭର କରି ଭବିଷ୍ୟତରେ ଉନ୍ନତି ହେବାର ଆଶା ମଧ୍ୟ ବହୁତ କମ । ଭାରତର ଅର୍ଥ ସଚୀବ ଜେ ସି ନିକ୍ସନଙ୍କ ଭାଷାରେ, "Orissa must in the nature of things be and remain the most miserable province in India… its existence(If I may say so)is the worst bit of juggery-packery perpetrated in India" ଏହି ମତାମତ ନିରାଟ ସତ୍ୟଥିଲା । ନୂଆ ପ୍ରଦେଶର ବହୁ ଅସୁବିଧା ଓ ସମସ୍ୟା ଥିଲା । ପ୍ରଦେଶର ସଂଗଠନ, ବିକାଶ, ପ୍ରଗତି ଓ ପୂର୍ଣ୍ଣତା ପ୍ରାପ୍ତି ଓଡିଶାର ଜନସାଧାରଣ, ନେତା, ଦଳ ଓ ସରକାରଙ୍କ ପାଇଁ ଏକ ବିରାଟ ଆହ୍ୱାନ ଥିଲା ।

●●●

# ବ୍ରିଟିଶ୍ ଶାସନ ବିରୋଧି ବିଦ୍ରୋହ

ଓଡ଼ିଶାରେ ଇଂରେଜ ଶାସନ ପ୍ରତିଷ୍ଠା ହେବା ସମୟରୁ ଏହା ବିରୁଦ୍ଧରେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ବିଦ୍ରୋହ ହୋଇଥିଲା । ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ଅସ୍ଥାୟୀ ବନ୍ଦୋବସ୍ତ, ବାରମ୍ବାର ଖଜଣା ବୃଦ୍ଧି, ନିଷ୍କର ଜମି ଉପରେ କରଧାର୍ଯ୍ୟ, ଅବକାରୀ ନୀତି, ଲୁଣ ଉପରେ ଏକଚାଟିଆ ଅଧିକାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିହାତି ପରିବର୍ତ୍ତେ ରାଜସ୍ୱ ଆଦାୟ, ଆଦିବାସୀମାନଙ୍କର ପାରମ୍ପରିକ ଜଙ୍ଗଲ ଅଧିକାର ଉପରେ କଟକଣା, କଉଡ଼ି ବା ଶସ୍ୟ ପରିବର୍ତ୍ତେ ମୁଦ୍ରା ଆକାରରେ ଖଜଣା ଆଦାୟ ପ୍ରଭୃତି ପଦକ୍ଷେପ ଦ୍ୱାରା ପ୍ରଜା / ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ । ନିର୍ଦ୍ଦିଷ୍ଟ ସମୟରେ ଖଜଣା ଦାଖଲ କରିବା ପାଇଁ ଚାଷୀ ଓ ଜମିଦାରମାନେ ଋଣ କରୁଥିଲେ । ଋଣ ସୁଝି ନ ପାରି ଚାଷୀ ଚାଷଜମି ଓ ଜମିଦାର ଜମିଦାରୀ ହରାଉଥିଲେ । ନୂଆ ଜମିଦାର ଗୋଷ୍ଠୀ ଓ ମହାଜନ ଗୋଷ୍ଠୀ ସୃଷ୍ଟି ହେଲା । ଲୋକମାନଙ୍କର ସରଳତା ଓ ଆଇନ ସମ୍ବନ୍ଧରେ ଅଜ୍ଞତାର ସୁଯୋଗ ନେଇ କର୍ମଚାରୀ ଓ ମହାଜନ ଗୋଷ୍ଠୀ ସେମାନଙ୍କୁ ଶୋଷଣ କଲେ । ଇଂରେଜ ଶାସନ ବିରୁଦ୍ଧରେ ହୋଇଥିବା ସବୁ ବିଦ୍ରୋହର ଏହା ହିଁ ସାଧାରଣ କାରଣ ଥିଲା । ଏହା ସହିତ ସ୍ଥାନୀୟ କାରଣ ମିଶି ବିଦ୍ରୋହ, ପ୍ରତିବାଦ ଆନ୍ଦୋଳନ ଓ ମେଳି ସଂଘଟିତ ହୋଇଥିଲା । କେତେବେଳେ ରାଜା ବା ଜମିଦାର ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କରୁଥିଲେ, କେତେବେଳେ ପ୍ରଜାମାନେ ରାଜା ବା ଜମିଦାରଙ୍କ ବିରୁଦ୍ଧରେ ମେଳି କରୁଥିଲେ ଓ କେତେବେଳେ ଆଦିବାସୀମାନେ ଅଣଆଦିବାସୀମାନଙ୍କ ଉପରେ ଆକ୍ରମଣ କରୁଥିଲେ । ବିଦ୍ରୋହ ସବୁ ସ୍ଥାନୀୟ ଥିଲା, ବିକ୍ଷିପ୍ତ ଥିଲା, ସେମାନଙ୍କ ମଧ୍ୟରେ ସମନ୍ୱୟ ବା ଯୋଗସୂତ୍ର ନଥିଲା ।

ଇଂରେଜ ଶାସନ କାଳରେ ବିଭିନ୍ନ ସମୟରେ ଓଡ଼ିଶାରେ ପାରଳାଖେମୁଣ୍ଡି (୧୭୬୭, ୧୮୩୦, ୧୮୫୭) ଖୋର୍ଦ୍ଧା (୧୮୦୪, ୧୮୧୭) ଘୁମୁସର (୧୮୩୫, ୧୮୪୮) ଅନୁଗୁଳ (୧୮୪୮), ସମ୍ବଲପୁର (୧୮୫୭) ବାମନଘାଟି (୧୮୬୬) କେନ୍ଦୁଝର (୧୮୬୭, ୧୮୯୧) ବାମଣ୍ଡା (୧୮୬୮) କଳାହାଣ୍ଡି (୧୮୭୮) ନୟାଗଡ଼ ଓ ରଣପୁର (୧୮୯୩) ଠାରେ ବିଦ୍ରୋହ ହୋଇଥିଲା ।

**ପାରଳାଖେମୁଣ୍ଡି ବିଦ୍ରୋହ** : ଇଂରେଜ ଶାସନ ବିରୁଦ୍ଧରେ ଓଡ଼ିଆ ଅଞ୍ଚଳରେ ପ୍ରଥମେ ପାରଳାଖେମୁଣ୍ଡିରେ ବିଦ୍ରୋହ ହୋଇଥିଲା । ହାଇଦ୍ରାବାଦ ନିଜାମ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଉତ୍ତର ସରକାର (ଗଞ୍ଜାମ, ଭାଇଜାଗ୍) ଦେବା ସହିତ ଜମିଦାରମାନଙ୍କୁ କମ୍ପାନୀର ପ୍ରଭୁତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଲେ । ନିଜାମଙ୍କଭଳି, କମ୍ପାନୀ ସ୍ଥାନୀୟ ପ୍ରଶାସନରେ ହସ୍ତକ୍ଷେପ କରିବନାହିଁ ବୋଲି ସମସ୍ତଙ୍କର ଧାରଣା ଥିଲା । କିନ୍ତୁ ଇଂରେଜମାନେ ରାଜସ୍ୱ ବୃଦ୍ଧି କଲେ, କଠୋର ଭାବେ ଆଦାୟ କଲେ ଓ ଜମିଦାରମାନଙ୍କ ଶାସନରେ ହସ୍ତକ୍ଷେପ କରୁଥିଲେ । ଏହା ବିରୁଦ୍ଧରେ ପାରଳା ରାଜା ଜଗନ୍ନାଥ ନାରାୟଣଦେବ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ (୧୭୬୭) । ତାଙ୍କୁ ବଡ଼ଖେମୁଣ୍ଡି ଓ ବିଜୟ ନଗରମ୍‌ର ରାଜା ସାହାଯ୍ୟ କରିଥିଲେ । ଇଂରେଜସେନା ତାଙ୍କୁ ପରାଜିତ କରି ଗାଦିଚ୍ୟୁତ (୧୭୬୮) କଲେ । ତାଙ୍କପରେ ରାଜା ହୋଇଥିବା ଗଜପତିଦେବ ମଧ୍ୟ ଇଂରେଜମାନଙ୍କୁ ଅବମାନନା କରି ବନ୍ଦୀ ହୋଇଥିଲେ (୧୭୭୪) । ରାଜାଙ୍କ ସହିତ ଆଦିବାସୀ ଓ ସାଧାରଣପ୍ରଜା ବିଦ୍ରୋହ କଲେ । ସେହି ସମୟରେ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଥିଲା । ଖାଦ୍ୟାଭାବ ଓ ଅର୍ଥାଭାବ ଲୋକମାନଙ୍କର ଦୁର୍ଦ୍ଦଶାକୁ ବହୁଗୁଣିତ କରିଦେଲା । କିନ୍ତୁ କର ଆଦାୟ ବନ୍ଦ ହେଲାନାହିଁ । ବହୁ ପ୍ରଜା ଅନ୍ୟ ରାଜ୍ୟକୁ ପଳାଇଲେ । ବିଦ୍ରୋହ ଆପେ ଆପେ ଦୁର୍ବଳ ଓ ଶକ୍ତିହୀନ ହୋଇପଡ଼ିଲା ।

ଏହାର ବହୁ ବର୍ଷ ପରେ ୧୮୩୦ ମସିହାରେ ପାରଳାଖେମୁଣ୍ଡିରେ ପୁଣି ଏକ ବିଦ୍ରୋହ ହୋଇଥିଲା । ଏଥରକ ସ୍ଥିତି ଭିନ୍ନ ଥିଲା । ଜମିଦାର ବା ରାଜାଙ୍କ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ପ୍ରଜାମାନେ ବିଦ୍ରୋହ କରିଥିଲେ । ଜମିଦାରୀ କଚେରୀ, କର୍ମଚାରୀମାନଙ୍କ ବାସଗୃହ ପୋଡ଼ିଦେଇଥିଲେ । ଇଂରେଜ ସେନାର ସାହାଯ୍ୟରେ ବିଦ୍ରୋହ ଦମନ ହୋଇଥିଲା । ବହୁ ବିଦ୍ରୋହୀ ବନ୍ଦୀ ହୋଇଥିଲେ ଓ କେତେଜଣ ମୃତ୍ୟୁଦଣ୍ଡ ପାଇଥିଲେ । ୧୮୫୭ ମସିହାରେ ପାରଳାରେ ତୃତୀୟଥର ପ୍ରଜା ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନରେ ଆଦିବାସୀମାନେ ଅଣଆଦିବାସୀ ଅଞ୍ଚଳ ଆକ୍ରମଣ କରି ଲୁଟତରାଜ କରିଥିଲେ । ଅଣଆଦିବାସୀ ସାହୁକାରମାନେ ବିଭିନ୍ନ ଆଳରେ ଆଦିବାସୀମାନଙ୍କର ଜମି ଅଧିକାର କରିନେଉଥିଲେ । ଆଦିବାସୀମାନେ ସେମାନଙ୍କୁ ଶୋଷଣକର୍ତ୍ତା ଓ ଅତ୍ୟାଚାରୀ ବୋଲି ବିଚାରୁଥିଲେ । ଏହି ବିଦ୍ରୋହ ଇଂରେଜ ସେନା ସାହାଯ୍ୟରେ ଦମନ କରାଯାଇଥିଲା । ବହୁ ନେତା ଗିରଫ ହୋଇଥିଲେ । ବିଦ୍ରୋହୀ ନେତା ରାଧାକୃଷ୍ଣ ଦଣ୍ଡସେନାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

ପାରଳାଖେମୁଣ୍ଡିରେ ହୋଇଥିବା ୩ ଗୋଟି ବିଦ୍ରୋହର ଉଦ୍ଦେଶ୍ୟ ଓ ଚରିତ୍ର ଭିନ୍ନ ଭିନ୍ନ ଥିଲା। ପ୍ରଥମ ବିଦ୍ରୋହ ଇଂରେଜ ଶାସନ ବିରୁଦ୍ଧରେ ରାଜାଙ୍କର ସଂଗ୍ରାମ ଥିଲା। ଦ୍ୱିତୀୟ ବିଦ୍ରୋହ ରାଜାଙ୍କ ବିରୁଦ୍ଧରେ ପ୍ରଜାମାନଙ୍କର ଆନ୍ଦୋଳନ ଥିଲା ଓ ତୃତୀୟ ଆନ୍ଦୋଳନ ଶୋଷଣକାରୀ ଅଣଆଦିବାସୀମାନଙ୍କ ବିରୁଦ୍ଧରେ ଅତ୍ୟାଚାରିତ ଆଦିବାସୀମାନଙ୍କର ଆକ୍ରମଣ ଥିଲା। ଓଡ଼ିଶାରେ ହୋଇଥିବା ସବୁ ବିଦ୍ରୋହ ଉପରୋକ୍ତ କୌଣସି ନା କୌଣସି ଗୋଟିଏ ବିଦ୍ରୋହ ସହ ସମାନ ଥିଲା।



**ଖୋର୍ଦ୍ଧା ବିଦ୍ରୋହ** (୧୮୦୪) - ୧୮୦୩ ମସିହାରେ ଇଂରେଜମାନେ ମୁଳ ଓଡ଼ିଶା (କଟକ, ପୁରୀ, ବାଲେଶ୍ୱର) ଅଧିକାର କଲେ। କଟକ ଆକ୍ରମଣ ପୂର୍ବରୁ ଖୋର୍ଦ୍ଧାରାଜାଙ୍କ ସହିତ ଏକ ବୁଝାମଣା ହୋଇଥିଲା। ଇଂରେଜମାନେ ରାଜାଙ୍କୁ ଏକଲକ୍ଷ ଟଙ୍କା ଓ କଟକ ଅଧିକାର ପରେ ମରହଟ୍ଟାମାନଙ୍କ ଅଧିନରେ ଥିବା ୪ ଗୋଟି ପ୍ରଗଣା (ଲେମ୍ବାଇ, ସିରାଇ, ରାହାଙ୍ଗ ଓ ଚବିଶକୁଦ) ଫେରାଇଦେବାକୁ ପ୍ରତିଶ୍ରୁତି ଦେଲେ। ଇଂରେଜସେନା ଖୋର୍ଦ୍ଧା ରାଜ୍ୟ ମଧ୍ୟଦେଇ ଯିବାକୁ ରାଜା ଅନୁମତି ଦେଲେ। କିନ୍ତୁ ଇଂରେଜମାନେ ସହଜରେ କଟକ ଦଖଲ ପରେ ପ୍ରଦତ୍ତ ପ୍ରତିଶ୍ରୁତି ପୂରଣ କଲେନାହିଁ। ଖୋର୍ଦ୍ଧା ରାଜାଙ୍କ ଅଭିଭାବକ, ମନ୍ତ୍ରୀ ଓ ପରାମର୍ଶଦାତା **ଜୟକୃଷ୍ଣ ରାଜଗୁରୁ ମହାପାତ୍ର ବା ଜୟୀ ରାଜଗୁରୁ** ୨୦୦୦ ପାଇକମାନଙ୍କୁ ସଙ୍ଗରେ ନେଇ କଟକ ଗଲେ। କର୍ଣ୍ଣେଲ ହାର୍‌କୋର୍ଟ ତାଙ୍କୁ ୪୦ ହଜାର ଟଙ୍କା ଦେଲେ। ଆଗରୁ ୧୦ ହଜାର ଅଗ୍ରୀମ ଦେଇଥିଲେ। ବାକି ଟଙ୍କା ଦେବାକୁ ଓ ପ୍ରଗଣାଗୁଡ଼ିକ ଫେରାଇବାକୁ ମନା କରିଦେଲେ। ବ୍ରିଟିଶମାନଙ୍କର ବିଶ୍ୱାସଘାତକତା ଓ ପ୍ରତାରଣାର ଜବାବଦେବାକୁ ସ୍ୱାଭିମାନୀ ସ୍ୱାଧୀନଚେତା ରାଜଗୁରୁ ଯୁଦ୍ଧପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ। ମରହଟ୍ଟାମାନଙ୍କ ସହିତ ଯୋଗାଯୋଗ କଲେ। କନିକା, କୁଜଙ୍ଗ ଓ ଅନ୍ୟାନ୍ୟ ଜମିଦାରମାନଙ୍କର ସମର୍ଥନ ପାଇଁ ଉଦ୍ୟମ କଲେ। ପାଇକମାନଙ୍କୁ ସଂଗଠିତ କରି ସାମରିକ ତାଲିମ ଦେଲେ। ଇଂରେଜ ଅଧିନ ପ୍ରଗଣାରେ କର୍ମଚାରୀ ନିଯୁକ୍ତ କରି ଖଜଣା ଆଦାୟ କଲେ। ରାଜଗୁରୁଙ୍କ ପରାମର୍ଶରେ ରାଜା ଇଂରେଜମାନଙ୍କର ନିର୍ଦ୍ଦେଶକୁ ଅମାନ୍ୟ କଲେ। ଇଂରେଜ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ମନା କରିଦେଲେ। ଇଂରେଜ ସେନା ଖୋର୍ଦ୍ଧା ରାଜ୍ୟ ଆକ୍ରମଣ କଲେ। ଅନେକ ସ୍ଥାନରେ

ଯୁଦ୍ଧ ହେଲା। ଏକ ବିରାଟ ସୈନ୍ୟବାହିନୀ ବରୁଣାଇ ଦୁର୍ଗ ଅବରୋଧ କଲେ। ଦୀର୍ଘ ୩ ସପ୍ତାହ ଯୁଦ୍ଧ ପରେ ଡିସେମ୍ବର ୪, ୧୮୦୪ ମସିହା ଦିନ ଖୋର୍ଦ୍ଧାଗଡ଼ର ପତନ ହେଲା। ରାଜା ଓ ରାଜଗୁରୁ ବନ୍ଦୀ ହେଲେ।

ଏକ ବିଚାର ପ୍ରହସନ ପରେ ଜୟୀ ରାଜଗୁରୁଙ୍କୁ ଦେଶଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା। ମେଦିନିପୁର (ବାଲେଶ୍ୱର ନିକଟ) ବାଘିତୋଟାଠାରେ ବରଗଛର ଦୁଇଡାଳରେ ଦୁଇଗୋଡ଼କୁ ବାନ୍ଧି ଛାଡ଼ିଦେଇ ଅତି ଅମାନୁଷିକଭାବେ ତାଙ୍କୁ ହତ୍ୟା କରାଯାଇଥିଲା (ଡିସେମ୍ବର ୦୬, ୧୮୦୬)। ଓଡ଼ିଶାର ସ୍ୱାଧୀନତା, ସ୍ୱାଭିମାନ ଓ ନ୍ୟାୟ ପାଇଁ ସଂଗ୍ରାମ କରି ଜୟୀ ରାଜଗୁରୁ ପ୍ରାଣବଳି ଦେଇଥିଲେ। ସେ ହେଉଛନ୍ତି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପ୍ରଥମ ସହିଦ। ଖୋର୍ଦ୍ଧା ପରେ କୁଜଙ୍ଗ ଓ କନିକାର ରାଜା ବନ୍ଦୀ ହେଲେ। ଖୋର୍ଦ୍ଧା, କୁଜଙ୍ଗ ଓ କନିକା ପ୍ରତ୍ୟକ୍ଷ ଇଂରେଜ ଶାସନାଧିନ ହେଲା। ପରେ ଖୋର୍ଦ୍ଧା ରାଜାଙ୍କୁ ମୁକ୍ତ କରି ଶ୍ରୀମନ୍ଦିର ପରିଚାଳନା (ତତ୍ତ୍ୱାବଧାରକ) ଦାୟିତ୍ୱରେ ଅବସ୍ଥାପିତ କରାଯାଇଥିଲା।



**ଖୋର୍ଦ୍ଧା ବିଦ୍ରୋହ / ପାଇକ ବିଦ୍ରୋହ** (୧୮୧୭) : ଖୋର୍ଦ୍ଧାରେ ପ୍ରତ୍ୟକ୍ଷ ଇଂରେଜ ଶାସନ ୧୮୦୪ ମସିହାରେ ପ୍ରତିଷ୍ଠା ହେଲା। ଅସ୍ଥାୟୀ ବନ୍ଦୋବସ୍ତ, ବାରମ୍ବାର ଖଜଣାବୃଦ୍ଧି, ଜମିଦାରୀ ନିଲାମ, ନିଷ୍କର ଜମିଉପରେ କରଧାର୍ଯ୍ୟ, ମହାଜନ ଗୋଷ୍ଠୀ ଓ ଅମଲାମାନଙ୍କର ଅତ୍ୟାଚାର ଓ ଶୋଷଣ ଦ୍ୱାରା ସମସ୍ତେ ପ୍ରଭାବିତ, କ୍ଷତିଗ୍ରସ୍ତ ଓ ଅସନ୍ତୁଷ୍ଟ ଥିଲେ । ନିଷ୍କର ଭୂମୀ ହରାଇଥିବା ପାଇକମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲେ। **ବକ୍‌ସି ଜଗବନ୍ଧୁ ବିଦ୍ୟାଧର** ଅମଲାମାନଙ୍କର ଷଡ଼ଯନ୍ତ୍ରର ଶୀକାର ହୋଇ ନିଜ ଜମିଦାରୀ (ରୋଡ଼ଙ୍ଗ) ହରାଇଥିଲେ। ସରକାରଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପାଇ ନଥିଲେ। ପାଇକ ଓ ସାଧାରଣ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଥିଲା। ଜଗବନ୍ଧୁ ବିଦ୍ୟାଧର ସେମାନଙ୍କର ନେତୃତ୍ୱ ନେଲେ ଓ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ୧୮୧୭ ମସିହା ମାର୍ଚ୍ଚମାସରେ ଘୁମୁସରରୁ ୪୦୦ କନ୍ଧ ଆଦିବାସୀ ଆସି ବାଣପୁରରେ ପହଞ୍ଚିଲେ। ପାଇକମାନେ ସେମାନଙ୍କ ସହିତ ଯୋଗଦେଲେ। ବିଦ୍ରୋହୀମାନେ ବାଣପୁର ଓ ଖୋର୍ଦ୍ଧା ଅଧିକାର

କରିନେଲେ । ସରକାରୀ କୋଠାବାଡ଼ି ଧ୍ୱଂସକଲେ, କୋଷାଗାର ଲୁଣ୍ଠନ କଲେ। ଅପ୍ରେଲ ୧୨ ତାରିଖ ଦିନ ବିଦ୍ରୋହୀମାନେ ପୁରୀ ଅଧିକାର କରିନେଲେ।

ବିଦ୍ରୋହ ଦମନ ପାଇଁ କଟକରୁ ଖୋର୍ଦ୍ଧା ଓ ପିପିଲି ଅଭିମୁଖେ ସୈନ୍ୟ ପ୍ରେରଣ ହେଲା। ଖୋର୍ଦ୍ଧା, ପୁରୀ, ଲେମ୍ବାଇ ପ୍ରଗଣାରେ ସାମରିକ ଆଇନ ଲାଗୁହେଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଓଡ଼ିଶା ବାହାରୁ ଇଂରେଜ ସେନାବାହିନୀ ଆସିଲେ। ଶକ୍ତିଶାଳୀ ଇଂରେଜ ସେନା ବିରୁଦ୍ଧରେ ସଂଗ୍ରାମ ବେଶୀଦିନ ତିଷ୍ଠିବା ସମ୍ଭବ ନଥିଲା। ବହୁ ବିଦ୍ରୋହୀ ବନ୍ଦୀ ହେଲେ। ଅନେକ ମୃତାହତ ହେଲେ। ମେ ମାସ ବେଳକୁ ବିପ୍ଳବ ଦୁର୍ବଳ ହୋଇପଡ଼ିଲା।

ବକ୍ସି ଜଗବନ୍ଧୁ ଓ ସହଯୋଗୀମାନେ ଜଙ୍ଗଲରେ ଆତ୍ମଗୋପନ କରି ବିଦ୍ରୋହକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କଲେ। ସେମାନଙ୍କୁ ଧରାଇଦେଲେ ଅର୍ଥ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା ହେଲା। ବିଦ୍ରୋହୀମାନେ ଆତ୍ମସମର୍ପଣ କଲେ ରାଜକ୍ଷମା ପ୍ରଦାନର ପ୍ରତିଶ୍ରୁତି ଦିଆଗଲା। ଅନେକ ସାଧାରଣ ବିଦ୍ରୋହୀ ଆତ୍ମସମର୍ପଣ କଲେ । ବକ୍‌ସିଙ୍କୁ ଗିରଫ କରିବା ପାଇଁ ପ୍ରଶାସନର ସମସ୍ତ ଉଦ୍ୟମ ବିଫଳ ହୋଇଥିଲା । ବକ୍‌ସିଙ୍କୁ ସାଧାରଣ ଜନତା, ଆଦିବାସୀ, ଅନେକ ଜମିଦାର ଓ ରାଜା ସମର୍ଥନ କରୁଥିବାରୁ ତାଙ୍କୁ ଧରିବା ସହଜ ନଥିଲା। ରାଜା ଓ ଜମିଦାରମାନଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦିଆହୋଇଥିଲା। ସବୁ ଚେଷ୍ଟା ବିଫଳ ହେବାପରେ ବକ୍ସିଙ୍କୁ ଆତ୍ମସମର୍ପଣ ପାଇଁ ରାଜି କରାଇବାକୁ ଉଦ୍ୟମ ହେଲା। ଅବଶେଷରେ ମେ ୨୭ ତାରିଖ ୧୮୨୫ ମସିହା ଦିନ ବକ୍ସି ଜଗବନ୍ଧୁ ଆତ୍ମସମର୍ପଣ କଲେ। ମାସିକ ୧୫୦ଟଙ୍କା ଭତ୍ତା ପାଇ କଟକଠାରେ ଅବସ୍ଥାନ କଲେ। ପାଇକ ବିଦ୍ରୋହ ଶେଷ ହେଲା ।

ପାଇକ ବିଦ୍ରୋହ ସମୟରେ ବନ୍ଦୀ ହୋଇଥିବା ଗୋପାଳ ଛୋଟରାୟ, ବିଷ୍ଣୁ ପାଇକରାୟ, ରାମସିଂହ, ନାଥ ପ୍ରଧାନ, ପର୍ଶୁରାମ ପଟ୍ଟନାୟକ ଓ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ୧୦୩ ଜଣ ଦେଶାନ୍ତରଦଣ୍ଡ ଓ ୫୫ ଜଣ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ଭାରତୀୟ ଜାତୀୟ ସଂଗ୍ରାମରେ ଖୋର୍ଦ୍ଧାର ପାଇକ ବିଦ୍ରୋହ ଏକ ମହାନ ଘଟଣାଥିଲା।

ପାଇକ ବିଦ୍ରୋହ ଶେଷ ହୋଇଥିଲା। କିନ୍ତୁ ପ୍ରଜାମାନଙ୍କ ଉପରେ ଶୋଷଣ ଓ ଅତ୍ୟାଚାରର ଶେଷ ହୋଇନଥିଲା। ଖୋର୍ଦ୍ଧା ନିକଟ ତାପଙ୍ଗଗଡ଼ର ଦଳବେହେରା ସାମନ୍ତ ମାଧବଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ୧୮୨୭ ମସିହାରେ ଇଂରେଜ ବିରୋଧି

ଆନ୍ଦୋଳନ ହୋଇଥିଲା। ୧୮୩୬ ମସିହାରେ କୃତ୍ତିବାସ ପାଟ୍ଟଶାଣୀ ଓ ଶରଣ ସିଂହଙ୍କ ନେତୃତ୍ୱରେ ପାଇକ ଓ କନ୍ଧମାନେ ବାଣପୁରରେ ବିଦ୍ରୋହ କରିଥିଲେ। ସାମରିକ ଶକ୍ତିବଳରେ ବିଦ୍ରୋହ ଦମନ ହୋଇଥିଲା।

**ଘୁମୁସର ବିଦ୍ରୋହ** (୧୮୩୫) - ୧୮୩୫ ମସିହାରେ ଘୁମୁସରରେ କନ୍ଧ ବିଦ୍ରୋହ ବା କନ୍ଧମେଳି ହୋଇଥିଲା। ଜଙ୍ଗଲ ଅଧିକାର ଉପରେ ନିୟନ୍ତ୍ରଣ, ଅଧିକ ରାଜସ୍ୱଆଦାୟ, ମହାଜନ ଓ ସାହୁକାରମାନଙ୍କର ଶୋଷଣ, ପାରମ୍ପାରିକ ମେରିଆ ପ୍ରଥାର ବିଲୋପ ହେତୁ ଆଦିବାସୀ କନ୍ଧମାନେ ଅସନ୍ତୁଷ୍ଟ ଓ ଉତ୍ତେଜିତ ଥିଲେ। ରାଜା ଶ୍ରୀକର ଭଞ୍ଜ ଠିକ ସମୟରେ ରାଜସ୍ୱ ଦାଖଲ କରିନପାରିବାରୁ ଇଂରେଜମାନଙ୍କ ଦ୍ୱାରା ଗାଦିଚ୍ୟୁତ ହେଲେ ଓ ଧନଞ୍ଜୟ ଭଞ୍ଜ ରାଜାହେଲେ। ତାଙ୍କୁ ମଧ୍ୟ ଗାଦିଚ୍ୟୁତ କରାଗଲା (୧୮୩୫)। ରାଜା ଜଙ୍ଗଲକୁ ଯାଇ କନ୍ଧମାନଙ୍କ ସହିତ ଯୋଗାଯୋଗ କଲେ । କନ୍ଧମାନେ ଆଗରୁ ଅସନ୍ତୁଷ୍ଟ ଥିଲେ। ସେମାନେ ରାଜାଙ୍କ ସହିତ ମିଶି ରାଜାଙ୍କ ନାମରେ ବିଦ୍ରୋହ କଲେ। କନ୍ଧମାନଙ୍କର **ମୁଖ୍ୟ ସର୍ଦ୍ଦାର (ଦୋରା ବିଶୋୟୀ)** କମଳଲୋଚନଙ୍କ ନେତୃତ୍ୱରେ କନ୍ଧମାନେ ସଂଗଠିତ ହୋଇ ଇଂରେଜମାନଙ୍କ ସହିତ ସଂଘର୍ଷ କଲେ। ବିଦ୍ରୋହୀମାନେ ୪୮ ଜଣ ସିପାହୀ ଓ ୨ ଜଣ ରାଜକର୍ମଚାରୀଙ୍କୁ ହତ୍ୟା କରିଥିଲେ। ଅନ୍ୟପକ୍ଷରେ ଶହଶହ ସଂଖ୍ୟାରେ କନ୍ଧ ବିଦ୍ରୋହୀ ମୃତ୍ୟୁବରଣ କରିଥିଲେ। ବହୁ କନ୍ଧନେତା ଗିରଫ ହେଲେ। ଦୋରା ବିଶୋୟୀ କମଳ ଲୋଚନଙ୍କୁ ଅନୁଗୁଳ ରାଜା ଆଶ୍ରୟ ଦେଇଥିଲେ। ପରେ ଇଂରେଜମାନଙ୍କ ଧମକରେ ତାଙ୍କୁ ସେମାନଙ୍କ ନିକଟରେ ସମର୍ପଣ କରିଥିଲେ। ଜେଲ୍‌ରେ ଦୋରା ବିଶୋୟୀଙ୍କର ମୃତ୍ୟୁ ହୋଇଥିଲା।

କମଳଲୋଚନ ବିଶୋୟୀଙ୍କ ମୃତ୍ୟୁପରେ ଘୁମୁସର କନ୍ଧ ବିଦ୍ରୋହ ସାମୟିକ ଦୁର୍ବଳ ହୋଇ ପଡ଼ିଥିଲା, କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇନଥିଲା। କମଳଲୋଚନଙ୍କ ପୁତୁରା **ଚକ୍ର ବିଶୋୟୀ** କନ୍ଧମେଳିର ନେତୃତ୍ୱ ନେଲେ (୧୮୪୬)। ଧନଞ୍ଜୟ ଭଞ୍ଜଙ୍କ ମୃତ୍ୟୁପରେ ପିତାମ୍ବର ଭଞ୍ଜଙ୍କୁ ରାଜା ବୋଲି ଘୋଷଣା କରି ତାଙ୍କ ନାମରେ ଚକ୍ର ବିଶୋୟୀ ବିଦ୍ରୋହ ଚଳାଇଲେ । କନ୍ଧମାନେ ପାହାଡ଼ ତଳ ସମତଳ ଅଞ୍ଚଳକୁ ଆସି ଅଣଆଦିବାସୀମାନଙ୍କର ଗ୍ରାମ ଲୁଟ କରୁଥିଲେ । ଚାଷ ଜମି ଉଜୁଡ଼ାଇ ଦେଉଥିଲେ। ତାଙ୍କୁ ଦମନ କରିବା ସହଜ ନଥିଲା । ଇଂରେଜସେନା ସେମାନଙ୍କୁ ନିର୍ମମ ଭାବେ ହତ୍ୟା କରୁଥିଲେ। ସେମାନଙ୍କର ଘରପୋଡ଼ି ଦେଉଥିଲେ । ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲେ। ବ୍ୟାପକ ଗିରଫଦାରୀ ଓ ନିର୍ବିଚାର ହତ୍ୟା ଭୟରେ କେତେଜଣ ବିଦ୍ରୋହୀ ଆତ୍ମସମର୍ପଣ କରିଥିଲେ।

ବିଦ୍ରୋହ କ୍ରମଶଃ ଦୁର୍ବଳ ହୋଇପଡ଼ିଲା । ଚକ୍ର ବିଶୋୟୀଙ୍କୁ ଧରାଇଦେଲେ ୩୦୦୦ ଟଙ୍କା ପୁରସ୍କାର ପ୍ରଦାନ ପାଇଁ ଘୋଷଣା ହୋଇଥିଲା । ଶେଷପର୍ଯ୍ୟନ୍ତ ଚକ୍ର ବିଶୋୟୀଙ୍କୁ ଇଂରେଜମାନେ ଗିରଫ କରିପାରିନଥିଲେ ।

**ଅନୁଗୁଳ ବିଦ୍ରୋହ** (୧୮୪୮) – ଅନୁଗୁଳରେ ଇଂରେଜମାନଙ୍କର ପ୍ରଭୁତ୍ୱ ବିରୁଦ୍ଧରେ ଏକ ଭିନ୍ନଧରଣର ପ୍ରତିବାଦ ଦେଖାଦେଇଥିଲା । ରାଜା ସୋମନାଥ ସିଂହ ଇଂରେଜ କର୍ତ୍ତୃତ୍ୱକୁ ଅବମାନନା କରୁଥିଲେ । ନିଜର ପ୍ରଭୁତ୍ୱ ଓ ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଥିଲେ । ସ୍ୱାଧୀନ ଶାସକଭଳି ବ୍ୟବହାର କରୁଥିଲେ । ଇଂରେଜମାନଙ୍କର ଆଦେଶକୁ ଉପେକ୍ଷା କରୁଥିଲେ । ଘୁମୁସରର କନ୍ଧ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରିଥିଲେ, ଦୋରା ବିଶୋୟୀଙ୍କୁ ଆଶ୍ରୟ ଦେଇଥିଲେ । ପଡ଼ୋଶୀ ଗଡ଼ଜାତ ରାଜ୍ୟ ଦଶପଲ୍ଲା ଓ ହିନ୍ଦୋଳର କେତେକ ଗ୍ରାମକୁ ଜବରଦସ୍ତ ଅଧିକାର କରିବା ହେତୁ ତାଙ୍କୁ ଜୋରିମାନା ହୋଇଥିଲା । କିନ୍ତୁ ସେ ତାହାକୁ ମାନିନଥିଲେ । ସରକାରଙ୍କୁ ବାରମ୍ବାର ଅବମାନନା କରିବା, କନ୍ଧବିଦ୍ରୋହୀମାନଙ୍କୁ ସାହାଯ୍ୟ କରିବା, ପଡ଼ୋଶୀ ରାଜ୍ୟମାନଙ୍କୁ ଯଥୋଚିତ ବ୍ୟବହାର ନ ଦେଖାଇବା ଭଳି ବିଶୃଙ୍ଖଳ ଆଚରଣ ହେତୁ ଇଂରେଜସେନା ଅନୁଗୁଳ ଅଧିକାର କଲେ (୧୫, ଜାନୁଆରୀ ୧୮୪୮) । ରାଜା ବନ୍ଦୀ ହେଲେ । ଅବଶିଷ୍ଟ ଜୀବନ ଜେଲ୍‌ରେ କଟାଇଲେ । ଅନଗୁଳରେ ପ୍ରତ୍ୟକ୍ଷ ଇଂରେଜ ଶାସନ ପ୍ରତିଷ୍ଠା ହେଲା ।

**ସିପାହୀ ବିଦ୍ରୋହ ଓ ଓଡ଼ିଶା** (୧୮୫୭) – ଭାରତରେ ଇଂରେଜ ଶାସନ ବିରୁଦ୍ଧରେ ୧୮୫୭ ମସିହାରେ ଏକ ମହାନ ଜନଆନ୍ଦୋଳନ, ଯାହାକୁ ସିପାହୀ ବିଦ୍ରୋହ କୁହାଯାଏ, ସଂଘଟିତ ହୋଇଥିଲା । ପ୍ରଥମେ ସିପାହୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ସାମରିକ ବିଦ୍ରୋହରେ ଦେଶର ସବୁବର୍ଗର ଲୋକ ଯୋଗଦେଇଥିଲେ । ସିପାହୀ ବିଦ୍ରୋହ ଉତ୍ତର ଭାରତରେ ତୀବ୍ର ଓ ବ୍ୟାପକ ହୋଇଥିଲା । ଓଡ଼ିଶାରେ ଏହା ଘଟିନଥିଲା । କିନ୍ତୁ ଏହି ସଂଗ୍ରାମକୁ ଓଡ଼ିଶାର ଉଲ୍ଲେଖନୀୟ ଅବଦାନ ଥିଲା ।




ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କର ଧର୍ମଗୁରୁ ଓ ପରାମର୍ଶଦାତା **ଚାଖିଖୁଣ୍ଟିଆ ବା ଚନ୍ଦନ ହଜୁରୀ** ସିପାହୀ ବିଦ୍ରୋହରେ ଅଂଶଗ୍ରହଣ କରିଥିଲେ । ଧର୍ମଗୁରୁ ହିସାବରେ ବିଭିନ୍ନ ସେନା ଛାଉଣୀରେ ତାଙ୍କର ଅବାଧ ପ୍ରବେଶ ଥିଲା । ରାଣୀ ଲକ୍ଷ୍ମୀବାଈଙ୍କ ପାଇଁ ସେ ଯୋଗସୂତ୍ରରକ୍ଷା ଓ ଯୁଦ୍ଧ ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ । ସିପାହୀ ବିଦ୍ରୋହରେ ଅଂଶଗ୍ରହଣ କରି ତାଙ୍କର ମୃତ୍ୟୁ ହୋଇଛି ବୋଲି ଖବର

ପୁରୀରେ ପହଞ୍ଚିବା ପରେ ତାଙ୍କର ଶୁଦ୍ଧିକ୍ରିୟା କରାଯାଇଥିଲା । ପରେ ସେ ପୁରୀରେ ପହଞ୍ଚିଥିଲେ । ତାଙ୍କର ସମ୍ପତ୍ତି ବାଜ୍ୟାପ୍ତ ହୋଇଥିଲା ଓ ସେ ଇଂରେଜ ଅଧିକାରୀଙ୍କ ସନ୍ଦେହ ଭିତରେ ଥିଲେ । ତାଙ୍କୁ ନଜରବନ୍ଦୀରେ ରଖାଯାଇଥିଲା । ପରେ ତାଙ୍କଉପରୁ କଟକଣା ଉଠାଇ ନିଆଯାଇଥିଲା । ସିପାହୀ ବିଦ୍ରୋହ ବେଳେ ଆତଙ୍କିତ ଇଂରେଜ ପ୍ରଶାସନ ପ୍ରତିରୋଧମୂଳକ ପଦକ୍ଷେପ ସ୍ୱରୂପ ଓଡ଼ିଶାର ଅନେକ ରାଜା ଓ ଜମିଦାରଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ପୋଲିସ ଓ ପ୍ରଶାସନ ସଜାଗ ଥିଲା । କୁଜଙ୍ଗ ରାଜା ଅସ୍ତ୍ରଶସ୍ତ୍ର ସଂଗ୍ରହ କରୁଥିବା ଅଭିଯୋଗରେ ଜୋରିମାନା ଦଣ୍ଡରେ ଦଣ୍ଡିତ ହୋଇଥିଲେ । ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିବା ସନ୍ଦେହରେ ବାଲିଆର ଜମିଦାରଙ୍କୁ ଗିରଫ କରି ଜେଲରେ ରଖାଯାଇଥିଲା ।

**ସମ୍ବଲପୁର - ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ** (୧୮୫୭) : ସିପାହୀ ବିଦ୍ରୋହ ସମୟରେ ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଏକ ବ୍ୟାପକ ଓ ଦୀର୍ଘ ଆନ୍ଦୋଳନ ହୋଇଥିଲା । ସିପାହୀ ବିଦ୍ରୋହ ପରେ ଅନେକବର୍ଷ ପର୍ଯ୍ୟନ୍ତ (୧୮୫୭-୧୮୬୪) ଏହା ଚାଲିଥିଲା ।



ସମ୍ବଲପୁରର ଶାସକ ମହାରାଜା ସାଇ ବା ସାଏଙ୍କର ମୃତ୍ୟୁହେବା ପରେ (୧୮୨୭) ତାଙ୍କର ବିଧବାରାଣୀ ମୋହନ କୁମାରୀ ଇଂରେଜମାନଙ୍କ ସ୍ୱୀକୃତିରେ ଶାସନ ଦାୟିତ୍ୱ ଗ୍ରହଣ କଲେ । ଖିଣ୍ଡା ଜମିଦାରୀର ଚୌହାନ ବଂଶୀୟ **ସୁରେନ୍ଦ୍ର ସାଏ** ସମ୍ବଲପୁର ସିଂହାସନ ଉପରେ ନିଜର ଦାବି ଉପସ୍ଥାପନ କରିଥିଲେ । କିନ୍ତୁ ବିଚାର ପାଇନଥିଲେ । ରାଣୀଙ୍କ ଶାସନ ବିରୁଦ୍ଧରେ ପ୍ରଜା ଅସନ୍ତୋଷ ସୃଷ୍ଟି ହେବାରୁ ତାଙ୍କୁ ଗାଦିଚ୍ୟୁତ କରି ୧୮୩୩ ମସିହାରେ ବରପାଲିର ଚୌହାନବଂଶଜ ନାରାୟଣ ସିଂହଙ୍କୁ ଇଂରେଜମାନେ ଗାଦିରେ ବସାଇଲେ । ନାରାୟଣଙ୍କର ମାତା ନୀଚ ଜାତିର ହୋଇଥିବାରୁ ପରମ୍ପରା ଅନୁସାରେ ସେ ସିଂହାସନ ପାଇବା କଥାନୁହେଁ । ଏହା ବିରୁଦ୍ଧରେ ସୁରେନ୍ଦ୍ର ସାଏ ପ୍ରତିବାଦ କଲେ ଓ ସିଂହାସନ ପାଇଁ ନିଜର ଦାବି ଉପସ୍ଥାପନ କଲେ । ନ୍ୟାୟ ନ ପାଇବାରୁ ବିଦ୍ରୋହ କଲେ । ସୁରେନ୍ଦ୍ର ସାଏଙ୍କୁ ଆଦିବାସୀ, ଗଣ୍ଡ ଜମିଦାର ଓ ଗୌନ୍ତିଆମାନେ ସମର୍ଥନ କରୁଥିଲେ । ସଂଘର୍ଷ ଚାଲିଲା । ରାଜା ନାରାୟଣ ସିଂହଙ୍କ ସେନା ସୁରେନ୍ଦ୍ର ସାଏଙ୍କ ସହଯୋଗୀ ଲଖନପୁର ଜମିଦାର ବଳଦେବ ଦେଓଙ୍କୁ

ହତ୍ୟା କଲେ। ପ୍ରତିବଦଳରେ ସୁରେନ୍ଦ୍ର ସାଏ ନାରାୟଣ ସିଂହଙ୍କ ସମର୍ଥକ ରାମପୁର ଜମିଦାର ଦୁର୍ଜ୍ଜୟ ସିଂହ ଓ ତାଙ୍କ ପୁତ୍ରକୁ ହତ୍ୟାକଲେ। ହତ୍ୟା ଅଭିଯୋଗରେ ସୁରେନ୍ଦ୍ର ସାଏ, ଭାଇ ଉଦନ୍ତ ସାଏ ଓ କକା ବଳରାମ ସାଏ ବନ୍ଦୀ ହୋଇ ହଜାରୀବାଗ ଜେଲ୍‌ରେ ରହିଲେ।

୧୮୫୭ ମସିହାରେ ବିଦ୍ରୋହୀ ସିପାହୀମାନେ ହଜାରୀବାଗ ଜେଲ୍ ଭାଙ୍ଗି ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ। ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏ (ବଳରାମ ସାଏଙ୍କର ଜେଲ୍‌ରେ ମୃତ୍ୟୁ ହୋଇଥିଲା) ହଜାରୀବାଗରୁ ସମ୍ବଲପୁର ଆସିଲେ। ସେତେବେଳକୁ ସମ୍ବଲପୁର ରାଜ୍ୟ ଇଂରେଜମାନଙ୍କର ପ୍ରତ୍ୟକ୍ଷ ଶାସନ ଅଧିନରେ ଥିଲା। ରାଜା ନାରାୟଣ ସିଂହଙ୍କ ମୃତ୍ୟୁପରେ (୧୮୪୯) ସେ ଅପୁତ୍ରିକ ଥିବାରୁ ରାଜସତ୍ତ୍ୱ ଲୋପ ନୀତି ଅନୁସାରେ ସମ୍ବଲପୁର ବ୍ରିଟିଶ ଅଞ୍ଚଳ ସହିତ ମିଶିଥିଲା। ସମ୍ବଲପୁରରେ ପହଞ୍ଚି ସୁରେନ୍ଦ୍ର ସାଏ, ତାଙ୍କୁ ସମ୍ବଲପୁର ରାଜଗାଦୀ ଦେବାକୁ ଓ ତାଙ୍କର ଜେଲଦଣ୍ଡ ମାଫ କରିବାକୁ ଇଂରେଜ କର୍ମକର୍ତ୍ତାଙ୍କୁ ଅନୁରୋଧ କଲେ। ସରକାରୀ ନିଷ୍ପତ୍ତି ପାଇଁ ସମ୍ବଲପୁରରେ ଅପେକ୍ଷା କଲେ। ସରକାରୀ ସ୍ତରରେ ଦଣ୍ଡ କୋହଳକରି ତାଙ୍କୁ ରାଞ୍ଚି ଅବା କଟକରେ ରଖିବାକୁ କିମ୍ବା ନିର୍ବାସନ ଦଣ୍ଡଦେବାକୁ ବିଚାର କରାଯାଉଥିଲା। ତାଙ୍କୁ ନଜରବନ୍ଦୀରେ ରଖାଯାଇଥିଲା ଓ ଗଣ୍ଡଗୋଳ ଆଶଙ୍କାରେ ସମ୍ବଲପୁରରେ ଅଧିକ ସୈନ୍ୟ ମୁତୟନ ହୋଇଥିଲେ। ଏହି ପରିସ୍ଥିତିରେ ସରକାରଙ୍କ ମତିଗତିକୁ ସନ୍ଦେହ କରି ସୁରେନ୍ଦ୍ର ସାଏ ସମ୍ବଲପୁର ଛାଡ଼ି ନିଜଗାଁକୁ ପଳାଇଲେ।

ଇଂରେଜମାନଙ୍କ ଶାସନରେ ସାଧାରଣ ପ୍ରଜା, ଗୌନ୍ତିଆ, ଜମିଦାର, ନିଷ୍କର ଭୂମିରୁ ବଞ୍ଚିତ ବହୁ ବ୍ୟକ୍ତି ଅସନ୍ତୁଷ୍ଟ ଥିଲେ। କିନ୍ତୁ ତାଙ୍କର କେହି ନେତା ନଥିଲେ। ସେମାନଙ୍କୁ ସଂଗଠିତ କରି ସୁରେନ୍ଦ୍ର ସାଏ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ। ଜଙ୍ଗଲ ମଧ୍ୟରେ ଲୁଚିରହି ସମ୍ବଲପୁରକୁ ରାଞ୍ଚି, କଟକ, ନାଗପୁର, ହଜାରୀବାଗ ସହିତ ସଂଯୋଗ କରୁଥିବା ରାସ୍ତାକୁ ବିଚ୍ଛିନ୍ନ କରିଦେଲେ। ସରକାରୀ ଅଫିସ, କର୍ମଚାରୀ, ପୋଲିସ, ସେନା ଉପରେ ଗରିଲା ପଦ୍ଧତିରେ ଆକ୍ରମଣ କରି ଆତଙ୍କ ସୃଷ୍ଟି କଲେ। ଇଂରେଜମାନଙ୍କ ସହିତ ସଂଗ୍ରାମରେ କୁଡ଼ାପଲ୍ଲୀଠାରେ ଛବିଳ ସାଏଙ୍କ ସହିତ ୫୩ଜଣ ବିଦ୍ରୋହୀ ମୃତ୍ୟୁବରଣ କଲେ। ମେଜର ବେଟସ୍‌ଙ୍କ ନେତୃତ୍ୱରେ ଇଂରେଜ ସେନା ଉଦନ୍ତ ସାଏ ଅବରୋଧ କରିଥିବା ଝାଡ଼ଘାଟି ଦଖଲ କଲେ। ୧୮୫୮ ମସିହା ଜାନୁଆରୀ ମାସରେ ଅନ୍ୟ ଏକ ସୈନ୍ୟବାହିନୀ ଆସି ପହଞ୍ଚିଲା। ବହୁବାର ବହୁସ୍ଥାନରେ ସଂଘର୍ଷ ହେଲା। ବିଦ୍ରୋହୀମାନେ

ଡାକ୍ତର ମୁର, କ୍ୟାପଟେନ୍ ଉଡ୍‌ବ୍ରିଜ୍ ଓ ଅନେକ ସିପାହୀଙ୍କୁ ହତ୍ୟା କରିଥିଲେ । ଅନ୍ୟପକ୍ଷରେ ଇଂରେଜସେନା ଶହଶହ ବିଦ୍ରୋହୀଙ୍କୁ ହତ୍ୟା କରିଥିଲେ । ବିଦ୍ରୋହୀ ଜମିଦାର, ଗୌନ୍ତିଆମାନଙ୍କୁ ବନ୍ଦୀ କରିଥିଲେ ଓ ଅନେକଙ୍କୁ ଫାଶୀ ଦେଇଥିଲେ । ସୁରେନ୍ଦ୍ରଙ୍କ ଭାଇ ଉଜ୍ଜଳ ସାଏଙ୍କୁ ଆଶ୍ରୟ ଦେଇଥିବାରୁ ପାଟଣା ରାଜାଙ୍କୁ ୧୦୦୦ଟଙ୍କା ଜୋରିମାନା ହୋଇଥିଲା । ସେ ଉଜ୍ଜଳ ସାଏଙ୍କୁ ଇଂରେଜମାନଙ୍କୁ ହସ୍ତାନ୍ତର କରିଥିଲେ । ଉଜ୍ଜଳ ସାଏଙ୍କୁ ବିନା ବିଚାରରେ ଫାଶୀ ଦିଆଯାଇଥିଲା ।

ସୁରେନ୍ଦ୍ର ସାଏଙ୍କ ସମ୍ପର୍କୀୟ ଓ ଅନ୍ୟ ସହଯୋଗୀ ବିଦ୍ରୋହୀ ନେତାମାନେ ଗିରଫ ହେବା ଓ ଅନେକ ମୃତ୍ୟୁବରଣ କରିବା ହେତୁ ବିଦ୍ରୋହ ଦୁର୍ବଳ ହୋଇପଡ଼ିଲା । କିନ୍ତୁ ଶେଷ ହୋଇନଥିଲା । ଶକ୍ତିପ୍ରୟୋଗ କରି ବିଦ୍ରୋହ ଦମନ କରିବା ସମ୍ଭବ ନଥିଲା । ସରକାର ବିଦ୍ରୋହୀମାନଙ୍କୁ ଆତ୍ମସମର୍ପଣ କଲେ, ରାଜକ୍ଷମା ପ୍ରଦାନ କରିବାକୁ ଘୋଷଣା କଲେ । ବିଦ୍ରୋହୀମାନେ ଶକ୍ତିଶାଳୀ ଇଂରେଜ ବାହିନୀ ବିରୁଦ୍ଧରେ ଅଧିକ ଦିନ ସଂଗ୍ରାମ କରିବା ଅବସ୍ଥାରେ ନଥିଲେ । ବହୁ ବିଦ୍ରୋହୀଙ୍କ ସହିତ ଉଦନ୍ତ ସାଏ, ଧ୍ରୁବ ସାଏ, ମିତ୍ରଭାନୁ ସାଏ (ସୁରେନ୍ଦ୍ରଙ୍କ ପୁତ୍ର) ଆତ୍ମ ସମର୍ପଣ କଲେ । ସୁରେନ୍ଦ୍ର ସାଏ ରାଜଗାଦି ପାଇଲେ ଆତ୍ମସମର୍ପଣ କରିବେ ବୋଲି ପ୍ରସ୍ତାବ ଦେଲେ । ଏହା ପ୍ରତ୍ୟାଖାତ ହେଲା । ବହୁ ଆଲୋଚନା ପରେ, ପରିସ୍ଥିତିର ବାସ୍ତବ ଗୁରୁତ୍ୱ ଉପଲବ୍ଧି କରି ସୁରେନ୍ଦ୍ର ସାଏ ମେ ୧୨, ୧୮୬୨ ମସିହାରେ ଆତ୍ମ ସମର୍ପଣ କଲେ ଓ ବାର୍ଷିକ ୧୨୦୦ ଟଙ୍କା ଭତ୍ତା ପାଇ ସମ୍ବଲପୁରଠାରେ ଅବସ୍ଥାନ କଲେ ।

ବିଦ୍ରୋହ ଶେଷ ହେଲା । କିନ୍ତୁ ସୁରେନ୍ଦ୍ର ସାଏଙ୍କ ପ୍ରତି ଇଂରେଜମାନଙ୍କର ସନ୍ଦେହ ଓ ଭୟ ଦୂର ହୋଇନଥିଲା । ସମ୍ବଲପୁର ଅଞ୍ଚଳରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେଲେ, ଲୁଟତରାଜ ବା ହତ୍ୟା ଘଟଣା ଘଟିଲେ ସୁରେନ୍ଦ୍ର ସାଏଙ୍କୁ ସନ୍ଦେହ କରାଯାଉଥିଲା । ସମ୍ବଲପୁରର କେତେଜଣ ବିଶିଷ୍ଟ ବ୍ୟକ୍ତି ଚୌହାନବଂଶର ପୁନଃ ପ୍ରତିଷ୍ଠା ପାଇଁ କମିଶନରଙ୍କୁ ନିବେଦନ କରିଥିଲେ । ଏଥିପାଇଁ ସୁରେନ୍ଦ୍ର ସାଏଙ୍କୁ ସନ୍ଦେହ କରାଗଲା । ତାଙ୍କୁ ସମ୍ବଲପୁରରୁ ଦୂରେଇ ରଖିବା ପାଇଁ ୧୮୬୫ ମସିହାରେ କେତେକ ଭିତ୍ତିହୀନ ଅଭିଯୋଗରେ ଗିରଫ କରି ପ୍ରଥମେ ନାଗପୁର ଓ ତାପରେ ଅସୁରଗଡ଼ ଦୁର୍ଗରେ ରଖାଗଲା । ପରେ ବିଚାର ବିଭାଗୀୟ କମିଶନର ପୁନଃ ବିଚାରକରି ଅଭିଯୋଗଗୁଡ଼ିକୁ ଭିତ୍ତିହୀନ ବୋଲି ନିଷ୍ପତ୍ତି କରିବା ସତ୍ତ୍ୱେ, ଭୟରେ ତାଙ୍କୁ ମୁକ୍ତ ନକରି ଅନ୍ୟ ଦଫା ଲଗାଇ କାରାରୁଦ୍ଧ କରାଗଲା । ଅସୁରଗଡ଼ ଜେଲରେ ତାଙ୍କର ମୃତ୍ୟୁ ହୋଇଥିଲା (୨୮.୦୨.୧୮୮୪) ।

**କେନ୍ଦୁଝର ବିଦ୍ରୋହ - ରତନାମେଳି** (୧୮୬୭-୬୮): ଅନ୍ୟ ଗଡ଼ଜାତ ଅଞ୍ଚଳର ଆଦିବାସୀମାନଙ୍କ ପରି କେନ୍ଦୁଝରର ଆଦିବାସୀମାନେ (ଭୂୟାଁ ଓ ଜୁଆଙ୍ଗ) ଖଜଣାବୃଦ୍ଧି, ଜଙ୍ଗଲ ଆଇନ, ବେଠିବେଗାରି ଅଣଆଦିବାସୀମାନଙ୍କର ଶୋଷଣ ଓ ରାଜାଙ୍କ ଅତ୍ୟାଚାରର ଶୀକାର ହୋଇଥିଲେ। କେନ୍ଦୁଝରରେ ରାସ୍ତାନିର୍ମାଣ, ବନ୍ଧନିର୍ମାଣ ପାଇଁ ମାସ ମାସ ଧରି ବିନା ପାରିଶ୍ରମିକରେ ବେଠି ଖଟିବା ପ୍ରଜାମାନଙ୍କୁ ସବୁଠାରୁ ଅଧିକ ବାଧିଥିଲା। ଯେଉଁଥିପାଇଁ ସେମାନେ ନିଜ ଜମିରେ ଚାଷ କରିପାରୁନଥିଲେ। ପରିବାରର ଖାଦ୍ୟସଂସ୍ଥାନ ହୋଇପାରୁନଥିଲା। ସେମାନେ ଇଂରେଜ ଓ ଇଂରେଜ ଅନୁଗତ ରାଜାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ୧୮୬୭ ମସିହାରେ ରାଜା ଗଦାଧର ଭଞ୍ଜଙ୍କର ମୃତ୍ୟୁ ହେଲା। ତାଙ୍କର ପୋଷ୍ୟପୁତ୍ରଙ୍କୁ (ମୟୂରଭଞ୍ଜର ରାଜପୁତ୍ର) ରାଜା ନ କରି ଇଂରେଜମାନେ ରାଜାଙ୍କର ଫୁଲବିବାହୀ ପତ୍ନୀଙ୍କର ପୁତ୍ରଙ୍କୁ ରାଜାଭାବେ ସ୍ୱୀକୃତି ଦେଲେ। ଆଦିବାସୀମାନେ ଇଂରେଜ ସମର୍ଥିତ ରାଜାଙ୍କୁ ସମର୍ଥନ ନ କରି ରାଣୀ ଓ ତାଙ୍କର ସମର୍ଥକମାନଙ୍କ ସହିତ ପୋଷ୍ୟପୁତ୍ରଙ୍କୁ ସମର୍ଥନ କରି **ରତନା ନାୟକ**ଙ୍କ ନେତୃତ୍ୱରେ ବିଦ୍ରୋହ କଲେ। ଏହି ବିଦ୍ରୋହକୁ ରତନାମେଳି କୁହାଯାଏ। ବିଦ୍ରୋହୀମାନେ କେନ୍ଦୁଝରରେ ପ୍ରବେଶ କରି ସରକାରୀ ଅଫିସ ଓ କର୍ମଚାରୀମାନଙ୍କୁ ଆକ୍ରମଣ କଲେ। କେତେଜଣଙ୍କୁ ହତ୍ୟା କଲେ। ଅସ୍ତ୍ରାଗାର ଲୁଟ କଲେ। କ୍ରମେକ୍ରମେ ବିଦ୍ରୋହ ରାଜ୍ୟର ଅନ୍ୟ ଅଞ୍ଚଳକୁ ବ୍ୟାପିଲା, ହିଂସ୍ର ଓ ବ୍ୟାପକ ହେଲା। ବିଦ୍ରୋହ ଦମନ କରିବାକୁ ଇଂରେଜସେନା ଆସିଲେ। କଠୋର ଓ ନିର୍ମମଭାବେ ଆନ୍ଦୋଳନକୁ ଦମନ କରାଗଲା। ରତନା ନାୟକଙ୍କ ସହିତ ବହୁସଂଖ୍ୟାରେ ଆଦିବାସୀମାନେ ଗିରଫ ହେଲେ । ଅନେକ ଆତ୍ମସମର୍ପଣ କଲେ। ୧୮୩ ଜଣଙ୍କର ବିଚାର ହେଲା। ରତନା ନାୟକ ଓ ତାଙ୍କର ୨ ଜଣ ସହଯୋଗୀଙ୍କୁ ଫାଶୀ ଦିଆଗଲା। ୨୭ ଜଣ ନିର୍ବାସନ ଦଣ୍ଡ ଓ ଅନ୍ୟମାନେ ଜେଲଦଣ୍ଡରେ ଦଣ୍ଡିତ ହୋଇଥିଲେ।

**ଧରଣୀମେଳି** (୧୮୯୧-୯୩) : ରତନାମେଳି ଶେଷ ହେବାର ୨୩ ବର୍ଷ ପରେ ପୁଣିଥରେ କେନ୍ଦୁଝର ଅଶାନ୍ତ ହୋଇଉଠିଲା। ରାଜ ଅତ୍ୟାଚାର ଓ ଶୋଷଣରେ ପ୍ରଜାମାନେ ଅତିଷ୍ଠ ହୋଇ ପଡ଼ିଥିଲେ। ଏଥର ମଧ୍ୟ ଅତ୍ୟଧିକ ବେଠି ଖଟାଇବା ବିଦ୍ରୋହର ମୁଖ୍ୟ କାରଣ ଥିଲା। ମାଛକାନ୍ଦଣା ଜଳସେଚନ ପ୍ରକଳ୍ପରେ ଆଦିବାସୀମାନଙ୍କୁ ଦୀର୍ଘଦିନ ଧରି ବେଠି ଖଟାଗଲା। ଫଳରେ ସେମାନଙ୍କର ଜମି ପଡ଼ିଆ ପଡିଲା। ଖାଦ୍ୟାଭାବ ଦେଖାଦେଲା। ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଲା। ରାଜାଙ୍କ ବିରୁଦ୍ଧରେ କ୍ଷୁବ୍ଧ ପ୍ରଜା ବିଦ୍ରୋହ କଲେ। ଏହି ବିଦ୍ରୋହର ନେତା ଥିଲେ

ଧରଣୀଧର ନାୟକ। ଏହି ବିଦ୍ରୋହକୁ ଧରଣୀମେଳି ବୋଲି କୁହାଯାଏ। ତାଙ୍କ ନେତୃତ୍ୱରେ ବିଦ୍ରୋହୀମାନେ କେଉଁଝରଗଡ଼ ଦଖଲ କରିନେଲେ (ରାଜା ଆନନ୍ଦପୁରଠାରେ ଥିଲେ)। ଦେୱାନ ବନ୍ଦୀ ହେଲେ। ପରିସ୍ଥିତି ରାଜାଙ୍କ ନିୟନ୍ତ୍ରଣ ବାହାରେ ଥିଲା। ଇଂରେଜସେନା ଆସି ବିଦ୍ରୋହ ଦମନ କଲେ। ଧରଣୀଧର ନାୟକଙ୍କ ସହିତ ବହୁ ବିଦ୍ରୋହୀ ବନ୍ଦୀ ହେଲେ ଓ ଜେଲ ଭୋଗିଲେ। ଧରଣୀଧରଙ୍କୁ ୭ ବର୍ଷ ଜେଲଦଣ୍ଡ ହୋଇଥିଲା।

**ଅନ୍ୟାନ୍ୟ ବିଦ୍ରୋହ :** ଉପରୋକ୍ତ ବିଦ୍ରୋହମାନଙ୍କ ବ୍ୟତୀତ ଅନ୍ୟ କେତେକ ଗଡ଼ଜାତ ରାଜ୍ୟରେ ସାଧାରଣ ପ୍ରଜା ଓ ଆଦିବାସୀମାନେ ରାଜାଙ୍କର ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ମୟୂରଭଞ୍ଜ **ବାମନଘାଟି** ଅଞ୍ଚଳର କୋହ୍ଲମାନେ ଅଣଆଦିବାସୀମାନଙ୍କ ଶୋଷଣ ବିରୁଦ୍ଧରେ ୧୮୩୧ ମସିହାରେ ଓ ପୁନର୍ବାର ୧୮୬୬ ମସିହାରେ ବିଦ୍ରୋହ କରି ଅଣଆଦିବାସୀ ଗ୍ରାମ ଲୁଣ୍ଠନ କରିଥିଲେ । **ବାମଣ୍ଡା**ରେ କନ୍ଧମାନେ ଜମିଦାର କୃପାସିନ୍ଧୁଙ୍କ ନେତୃତ୍ୱରେ ରାଜାଙ୍କ ବିରୁଦ୍ଧରେ ମେଳିକରିଥିଲେ। **ବଲାଙ୍ଗିର ପାଟଣା**ରେ ଆଦିବାସୀମାନେ ଅଣଆଦିବାସୀମାନଙ୍କର ଶୋଷଣ ଓ ଅତ୍ୟାଚାରରେ ଅତିଷ୍ଠ ହୋଇ ବିଦ୍ରୋହ କରିଥିଲେ ।

୧୮୭୮ ମସିହାରେ ସମାନ କାରଣରୁ **କଳାହାଣ୍ଡି**ରେ ବିଦ୍ରୋହ ହୋଇଥିଲା। ବିଦ୍ରୋହୀମାନେ ଅଣଆଦିବାସୀମାନଙ୍କ ଗ୍ରାମ ଓ କ୍ଷେତ ଉପରେ ଆକ୍ରମଣ କରି ଲୁଣ୍ଠନ କରିଥିଲେ। ୧୮୮୧ ମସିହାରେ କଳାହାଣ୍ଡି ରାଜା ଉଦିତ ପ୍ରତାପ ଦେଓଙ୍କ ମୃତ୍ୟୁପରେ ଇଂରେଜ ସମର୍ଥିତ ନାବାଳକ ପୋଷ୍ୟପୁତ୍ରଙ୍କୁ ରାଜା ବୋଲି କନ୍ଧମାନେ ସ୍ୱୀକାର କଲେନାହିଁ। ବିଦ୍ରୋହ କଲେ। ଇଂରେଜ ସେନା ବିଦ୍ରୋହକୁ ଦମନ କଲେ। ୧୮୯୩ ମସିହାରେ ନୟାଗଡ଼ ଓ ରଣପୁରରେ ବିଦ୍ରୋହ ଦେଖାଦେଇଥିଲା। **ନୟାଗଡ଼**ରେ ଦିୱାନ କ୍ଷେତ୍ରୀବର ସିଂହ ବିଦ୍ରୋହୀମାନଙ୍କୁ ସମର୍ଥନ କରୁଥିଲେ। ତାଙ୍କୁ ବହିଷ୍କାର କରିବାରୁ ସେ ବିଦ୍ରୋହର ନେତୃତ୍ୱ ନେଲେ। ଖଜଣାବନ୍ଦ ଆନ୍ଦୋଳନ ହେଲା। ବିଦ୍ରୋହୀମାନେ ଥାନା, କଚେରୀ ଆକ୍ରମଣ ଓ ଲୁଣ୍ଠନ କଲେ। ଶେଷରେ ଇଂରେଜ ସେନା ଆସି ଦେୱାନଙ୍କୁ ବନ୍ଦୀ କଲେ। ତାଙ୍କର ସମ୍ପତ୍ତି ବାଜ୍ୟାପ୍ତ ହେଲା। ତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହାପରେ ଅର୍ଜୁନ ପାଇକରାୟ ବିଦ୍ରୋହର ନେତୃତ୍ୱ ନେଲେ। ବିଦ୍ରୋହ ବ୍ୟାପକ ହେଲା। ବିଦ୍ରୋହୀମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ହେଲା। ଅର୍ଜୁନ ପାଇକରାୟ ଓ ବହୁ ବିଦ୍ରୋହୀ ବନ୍ଦୀ ହେଲେ। ବିଚାରରେ ୧୬ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ମରୁଡ଼ି

ପ୍ରପିଡ଼ିତ **ରଣପୁର**ର ପ୍ରଜାମାନେ ଖଜଣା ଦେଇନପାରି ବିଦ୍ରୋହ କଲେ। ନେତାମାନେ ଗିରଫ ହେଲେ। ୧୩ ଜଣଙ୍କୁ ଜେଲଦଣ୍ଡ ଦିଆଯାଇଥିଲା। ବହୁ ପ୍ରଜା ରାଜ୍ୟ ବାହାରକୁ ପଳାଇଲେ। ସେଠାରେ ବିଦ୍ରୋହ ଆପେ ଆପେ ବନ୍ଦ ହୋଇଯାଇଥିଲା।

ଇଂରେଜ ଶାସନ ପ୍ରତିଷ୍ଠା ହେବାପରେ ଓଡ଼ିଶାରେ ଦେଖାଦେଇଥିବା ଶାସନ ବିରୋଧି ବିଦ୍ରୋହ ସମୁହ; ମାତ୍ରାଧିକ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସାଧାରଣ ଅସନ୍ତୋଷର ପ୍ରତିଫଳନ ଥିଲା। ସାମରିକ ବଳପ୍ରୟୋଗ କରି ଜନଆନ୍ଦୋଳନକୁ ଦମନ କରାଯାଇଥିଲା। ପ୍ରଜାମାନଙ୍କର ସ୍ଥିତିରେ କୌଣସି ଉନ୍ନତି କିମ୍ବା ଶାସକମାନଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହୋଇନଥିଲା।



**ଚାନ୍ଦୁଆ**

# ସ୍ୱାଧୀନତା ଆନ୍ଦୋଳନ

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତରେ ନବଜାଗରଣ ଓ ଭାରତୀୟ ଜାତୀୟତା ଭାବର ସୃଷ୍ଟି ହୋଇଥିଲା। ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ହେଲା ଓ କଂଗ୍ରେସର ନେତୃତ୍ୱରେ ଭାରତର ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହେଲା। ସେହି ସମୟରେ ଓଡ଼ିଶାର ସ୍ଥିତି ଅନ୍ୟ ଭାରତୀୟ ପ୍ରଦେଶମାନଙ୍କଠାରୁ ପୃଥକ ଥିଲା। ଏହା ବିଭାଜିତ ହୋଇ ବଙ୍ଗ, ମାନ୍ଦ୍ରାସ ଓ କେନ୍ଦ୍ରପ୍ରଦେଶ ଅଧୀନରେ ଥିଲା। ବଙ୍ଗ ପ୍ରଦେଶ ଅଧିନରେ ଥିବା ଓଡ଼ିଆ ଅଞ୍ଚଳକୁ ଓଡ଼ିଶା ବୋଲି କୁହାଯାଉଥିଲା। ସବୁଠାରେ ଓଡ଼ିଆମାନେ ଅବହେଳିତ ଓ ଅଣଦେଖା ହୋଇ ରହିଥିଲେ। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ଜାତୀୟଭାବର ଉଦ୍ରେକ ହୋଇଥିଲା। ଓଡ଼ିଆ ଭାଷାକୁ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲରୁ ବିସ୍ଥାପିତ କରିବା ପାଇଁ ପଡ଼ୋଶୀମାନଙ୍କ ଉଦ୍ୟମ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନ - ଭାଷା ଆନ୍ଦୋଳନ; ଓଡ଼ିଆମାନଙ୍କୁ ଏକଜୁଟ କରିଥିଲା। ଓଡ଼ିଆମାନେ ନିଜ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ରାଜନୈତିକ ସ୍ଥିତିପାଇଁ ଉଦ୍ୟମ କଲେ।

ପ୍ରଥମରୁ ଓଡ଼ିଶାରେ କଂଗ୍ରେସ ସଂଗଠନ ବା ଆନ୍ଦୋଳନ ଆନୁଷ୍ଠାନିକଭାବେ ଆରମ୍ଭ ହୋଇ ନଥିଲା। କିନ୍ତୁ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନଠାରୁ ସବୁ ବାର୍ଷିକ ଅଧିବେଶନରେ ଉତ୍କଳ ସଭା, କଟକ (୧୮୮୨); ଜାତୀୟସଭା, ବାଲେଶ୍ୱର (୧୮୭୮); ଉତ୍କଳ ହିତୈଷିଣୀ ସଭା, ପାରଳାଖେମୁଣ୍ଡି (୧୮୮୧)ର ପ୍ରତିନିଧିମାନେ ନିୟମିତ ଯୋଗ ଦେଉଥିଲେ। ମଧୁସୂଦନ ଦାସ, ନନ୍ଦକିଶୋର ବଳ, ବିଶ୍ୱନାଥ କର, ଗୋପାଳଚନ୍ଦ୍ର ପ୍ରହରାଜ, ମଧୁସୂଦନ ରାଓ, ଗୋପାଳ ନନ୍ଦ ଚୌଧୁରୀ, ଅବଦୁଲ ସତ୍ତାର, ଲୋକନାଥ ସାମନ୍ତରାୟ, ସୁରେନ୍ଦ୍ରନାଥ ରାୟ ଓ ଅନ୍ୟ ବହୁନେତା କଂଗ୍ରେସ କାର୍ଯ୍ୟକ୍ରମ ସହିତ ସହଯୋଗ କରିଥିଲେ। ଉତ୍କଳ ଦୀପିକା, ସମ୍ବାଦ ବାହିକା ଓ ଅନ୍ୟାନ୍ୟ ସମ୍ବାଦପତ୍ରମାନଙ୍କରେ କଂଗ୍ରେସର କାର୍ଯ୍ୟକ୍ରମ, ନୀତି ଓ ଆଦର୍ଶ ଉପରେ ଆଲୋଚନା ଓ ଲେଖାମାନ ପ୍ରକାଶିତ ହେଉଥିଲା।


ଓଡ଼ିଆ ମାନଙ୍କର ବିଭାଜିତ ଅବସ୍ଥିତି ଓ ସମସ୍ୟା, ଜାତୀୟ ସମସ୍ୟା ଠାରୁ ଭିନ୍ନଥିଲା । ଜାତୀୟ କଂଗ୍ରେସ ମଞ୍ଚରେ ଓଡ଼ିଆମାନଙ୍କର ସମସ୍ୟା ସ୍ୱତନ୍ତ୍ରଭାବେ ଉପସ୍ଥାପିତ ହୋଇ ନଥିଲା ଓ ହେବାର ସମ୍ଭାବନା କମ୍‌ଥିଲା । ମଧୁବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ସହିତ ଓଡ଼ିଶା ବିଷୟରେ ଆଲୋଚନା କରିଥିଲେ । ୧୮୮୮ ମସିହାରେ ବଙ୍ଗ ପ୍ରାଦେଶିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କିନ୍ତୁ ମାଡ୍ରାସ ଓ କେନ୍ଦ୍ର ପ୍ରଦେଶରୁ ଓଡ଼ିଆ ନେତାମାନଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ମାଡ୍ରାସ କଂଗ୍ରେସ ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପ୍ରଶ୍ନକୁ ଉପସ୍ଥାପିତ କରାଯାଇ ନଥିଲା । ଫଳରେ ଓଡ଼ିଆମାନେ ହତୋତ୍ସାହିତ ହୋଇଥିଲେ । ଜାତୀୟ ଆନ୍ଦୋଳନ ଭିତରେ ଓଡ଼ିଶା ପ୍ରଶ୍ନ ହଜିଯିବାର ଆଶଙ୍କା ଉତ୍ପନ୍ନ ହୋଇଥିଲା । ତେଣୁ ଓଡ଼ିଶା ସ୍ତରରେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ମିଶ୍ରଣ ଓ ଓଡ଼ିଆମାନଙ୍କର ଉନ୍ନତି ପାଇଁ ଏକ ମଞ୍ଚ ଗଠନ ଉଦ୍ଦେଶ୍ୟରେ ୧୯୦୩ ମସିହାରେ ମଧୁସୁଦନ ଦାସଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀ ଗଠିତ ହେଲା ।

ଉତ୍କଳ ସମ୍ମିଳନୀ, ଓଡ଼ିଶା ପ୍ରଶ୍ନ ଓ ଓଡ଼ିଆ ସମସ୍ୟାକୁ ପ୍ରାଥମିକତା ଦେଇଥିଲା । ନିଜକୁ କଂଗ୍ରେସଠାରୁ ଆନୁଷ୍ଠାନିକ ଭାବେ ଦୂରେଇ ରଖିଥିଲା, କିନ୍ତୁ କଂଗ୍ରେସ ଆନ୍ଦୋଳନକୁ ସର୍ମଥନ ଓ ସହଯୋଗ କରିଥିଲା । ୧୯୦୫ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନ ସପକ୍ଷରେ କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଦେଶୀ ଦ୍ରବ୍ୟ ବର୍ଜନ ଓ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାରକୁ ମଧୁସୂଦନ ଦାସ ସମର୍ଥନ କରିଥିଲେ । ୧୯୦୬ ମସିହା କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ନେତାମାନଙ୍କୁ ମଧୁବାବୁ ସମ୍ବର୍ଦ୍ଧିତ କରିଥିଲେ । ୧୮୮୬ ମସିହାରୁ ୧୯୧୨ ମସିହା ମଧ୍ୟରେ ସେ ନିଜେ ୧୭ ଥର କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ । ୧୯୧୬ ମସିହାରେ ଗୋପବନ୍ଧୁ ଦାଶଙ୍କ ନେତୃତ୍ୱରେ ବିହାର-ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅଧୀନରେ ପୁରୀଜିଲ୍ଲା କଂଗ୍ରେସ କମିଟି ଗଠିତ ହୋଇଥିଲା । କିନ୍ତୁ କାର୍ଯ୍ୟକ୍ଷମ ହୋଇପାରିନଥିଲା । ୧୯୧୮-୧୯ ମସିହାରେ କଂଗ୍ରେସ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ ଓ ଭାଗିରଥୀ ମହାପାତ୍ର କଟକ ଠାରେ "ଭାରତୀ ମନ୍ଦିର" ଗଠନ କରିଥିଲେ ।

ଉତ୍କଳ ସମ୍ମିଳନୀକୁ କେତେ ଜଣ ଓଡ଼ିଶାରେ କଂଗ୍ରେସର ପ୍ରତିଦ୍ୱନ୍ଦୀ ବୋଲି କୁହନ୍ତି । କିନ୍ତୁ ଏହା ସତ୍ୟନୁହେଁ । ଓଡ଼ିଶାର ଆଞ୍ଚଳିକ ସମସ୍ୟା, କଂଗ୍ରେସର ଜାତୀୟ ଆନ୍ଦୋଳନ ଭିତରେ ନିଶ୍ଚିହ୍ନ ବା ଅବହେଳିତ ହେବାର ଆଶଙ୍କା ଅମୂଳକ ନଥିଲା । ତେଣୁ ଉତ୍କଳ ସମ୍ମିଳନୀ ଆନୁଷ୍ଠାନିକଭାବେ ପୃଥକ ଥିଲା । ପରେ ଉତ୍କଳ ସମ୍ମିଳନୀର ଭିତ୍ତି ଉପରେ ହିଁ ଓଡ଼ିଶାର କଂଗ୍ରେସ ସଂଗଠନ ଦଣ୍ଡାୟମାନ ହୋଇଥିଲା ।

## ଅସହଯୋଗ ଆନ୍ଦୋଳନ

ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନ (୧୯୨୦), ଭାଷାଭିତ୍ତିରେ ପ୍ରଦେଶ କଂଗ୍ରେସ କମିଟି ଗଠନ ପାଇଁ ପ୍ରସ୍ତାବ ଗ୍ରହଣ କଲା। ଉତ୍କଳ ସମ୍ମିଳନୀର ଚକ୍ରଧରପୁର ଅଧିବେଶନରେ (୧୯୨୦)କଂଗ୍ରେସର ନୀତି, ଆଦର୍ଶ ଓ ଲକ୍ଷ୍ୟକୁ ଗ୍ରହଣକରି ଜାତୀୟ ସ୍ରୋତରେ ଯୋଗଦେବା ପାଇଁ **ଗୋପବନ୍ଧୁ ଦାଶ**ଙ୍କ ପ୍ରସ୍ତାବ ଗୃହୀତ ହେଲା। ଉତ୍କଳ ସମ୍ମିଳନୀର ଅଧିକାଂଶ କର୍ମୀ ଓ ନେତା କଂଗ୍ରେସରେ ଯୋଗ ଦେଲେ। ୨୧ ମାର୍ଚ୍ଚ ୧୯୨୧ ମସିହା ଦିନ ବିଧିବଦ୍ଧ ଭାବେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠନ ହେଲା। ସେତେବେଳେ ଦେଶରେ ଅସହଯୋଗ ଆନ୍ଦୋଳନ ଚାଲିଥିଲା। ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ନୂତନ ଉତ୍ସାହ ଓ ଉଦ୍ଦୀପନାର ସହିତ ଆନ୍ଦୋଳନରେ ଯୋଗଦେଲା। ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ (ମାର୍ଚ୍ଚ୨୧-୨୫) ଓଡ଼ିଶାରେ କଂଗ୍ରେସ କର୍ମୀଙ୍କୁ ଶକ୍ତି ଓ ପ୍ରେରଣା ପ୍ରଦାନ କରିଥିଲା।



ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମ ଅନୁସାରେ ଗୋପବନ୍ଧୁ ଦାଶ, ଭାଗୀରଥି ମହାପାତ୍ର ଓକିଲାତି ଛାଡ଼ି କଚେରୀ ବର୍ଜନ କଲେ; ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନଗୋ କଲେଜ ପଢ଼ା ଓ ରାଜକୃଷ୍ଣ ବୋଷ ଡାକ୍ତରୀ ପଢ଼ାଛାଡ଼ି ଆନ୍ଦୋଳନରେ ଯୋଗ ଦେଲେ। ଗୋପବନ୍ଧୁ ଚୌଧୁରୀ ସରକାରୀ ଚାକିରୀରୁ ଇସ୍ତଫା ଦେଇଥିଲେ। ବହୁବ୍ୟକ୍ତି ସରକାରୀ ଚାକିରୀରୁ ଇସ୍ତଫା ନଦେଇ ଆନ୍ଦୋଳନକୁ ପରୋକ୍ଷ ସମର୍ଥନ ପ୍ରଦାନ କରିଥିଲେ। ଅନେକ ଓକିଲ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ମାମଲା ଲଢ଼ିବାକୁ ମନା କରିଥିଲେ। ବହୁ ବ୍ୟକ୍ତି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରୁଥିଲେ ଓ ଘରେ ଅରଟରେ ସୂତା କାଟୁଥିଲେ। ବହୁ ଶିକ୍ଷକ ଶ୍ରେଣୀ ଗୃହରେ ଦେଶର ଅବସ୍ଥା ଓ କଂଗ୍ରେସ ଆନ୍ଦୋଳନ ବିଷୟରେ ଆଲୋଚନା କରୁଥିଲେ, ଛାତ୍ର ଆନ୍ଦୋଳନକୁ ପରୋକ୍ଷ ସମର୍ଥନ ଜଣାଇଥିଲେ।

ଏହି ସମୟରେ ଓଡ଼ିଶାରେ ଅନେକ ଜାତୀୟ ବିଦ୍ୟାଳୟ ଓ ତାଲିମ ଶିବିରମାନ ପ୍ରତିଷ୍ଠା ହୋଇଥିଲା। ୧୯୦୯ ମସିହାରେ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ

ବନବିଦ୍ୟାଳୟ ଜାତୀୟ ବିଦ୍ୟାଳୟରେ ପରିଣତ ହେଲା । ଅଟଳ ବିହାରୀ ଆଚାର୍ଯ୍ୟ, ମଧୁସୂଦନ ବିଶ୍ୱାଳ ଓ ଦାମୋଦର ମହାନ୍ତିଙ୍କ ଉଦ୍ୟମରେ କଟକ ନୟାବଜାରଠାରେ ଏକ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ସେଠାରେ ହିନ୍ଦୀ, ଆୟୁର୍ବେଦ, ସୂତାକଟା ଓ କାଠକାମ ଶିକ୍ଷା ଦିଆଗଲା । ସମ୍ବଲପୁର ଫ୍ରେଜର କ୍ଲବ ପରିସରରେ ନୀଳକଣ୍ଠ ଦାସଙ୍କ ପ୍ରଧାନଶିକ୍ଷକତ୍ୱରେ ଏକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଚକ୍ରଧରପୁରରେ ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ଓ ଜଗତସିଂହପୁରଠାରେ ଜାତୀୟ ବିଦ୍ୟାଳୟମାନ ପ୍ରତିଷ୍ଠା ହୋଇଥିଲା । ଏହା ବ୍ୟତୀତ କଟକଠାରେ ଛାତ୍ରମାନଙ୍କ ଉଦ୍ୟମରେ ସ୍ୱେଚ୍ଛାସେବକ ସଂଗ୍ରହ ଉଦ୍ଦେଶ୍ୟରେ 'ସ୍ୱରାଜ ସେବକ ସଂଘ' ଗଠନ ହୋଇଥିଲା । କଂଗ୍ରେସକର୍ମୀ ଓ ଅସହଯୋଗୀମାନଙ୍କୁ ତାଲିମପ୍ରଦାନ ଉଦ୍ଦେଶ୍ୟରେ କଟକଠାରେ 'ସ୍ୱରାଜ ଆଶ୍ରମ' ଜଗତସିଂହପୁରଠାରେ 'ଅଳକା ଆଶ୍ରମ' ପ୍ରତିଷ୍ଠା ହୋଇଥିଲା । ଏହି ଅନୁଷ୍ଠାନ ଗୁଡ଼ିକ ସ୍ୱାଧୀନତା ଆନ୍ଦୋଳନ ଓ କଂଗ୍ରେସର ଗଠନମୂଳକ କାର୍ଯ୍ୟକ୍ରମର କେନ୍ଦ୍ର ଭାବେ କାମ କରିଥିଲା ।

ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନ ଛାତ୍ରମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ସମ୍ବଲପୁର ଜିଲ୍ଲାସ୍କୁଲର ଛାତ୍ରମାନେ କୃତାର୍ଥ ଆଚାର୍ଯ୍ୟ, ଲକ୍ଷ୍ମୀନାରାୟଣ ମିଶ୍ର ଓ ଅବଦୁଲ୍ ମାଜିଦଙ୍କ ନେତୃତ୍ୱରେ ବିଦ୍ୟାଳୟରୁ ଯାଇ ଫ୍ରେଜର କ୍ଲବଠାରେ ଏକ ସଭାକଲେ । ଫ୍ରେଜର କ୍ଲବ ପରିସରରେ ଏକ ଜାତୀୟ ସ୍କୁଲ ପ୍ରତିଷ୍ଠା ହେଲା । କଲିକତାରୁ ଆସି ନୀଳକଣ୍ଠ ଦାସ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଲେ ଓ କଂଗ୍ରେସ ସେବାକାର୍ଯ୍ୟ କଥା ବୁଝିଲେ । ସତ୍ୟାଗ୍ରହ କରି ବହୁ ଅସହଯୋଗୀ ବନ୍ଦୀ ହୋଇଥିଲେ ।

ଆନ୍ଦୋଳନକୁ ପ୍ରତିହତ କରିବାପାଇଁ ବହୁ କଂଗ୍ରେସ କର୍ମୀ ଓ ନେତାମାନଙ୍କୁ ଗିରଫ କରାଯାଇଥିଲା । ବିଭିନ୍ନ ସ୍ଥାନରେ ବିଦେଶୀ ବସ୍ତ୍ର ପୋଡ଼ିବା, ଦୋକାନ ଆଗରେ ପିକେଟିଂ କରିବା ଯୋଗୁଁ ବହୁ ସଂଖ୍ୟାରେ ଆନ୍ଦୋଳନକାରୀ ଗିରଫ ହୋଇଥିଲେ । ଗୋପବନ୍ଧୁ ଦାଶ, ଭାଗିରଥୀ ମହାପାତ୍ର, ଦିଗମ୍ବର ଶ୍ରୀଚନ୍ଦନଙ୍କ ଉପରେ 'ମୁଖବନ୍ଦ' କଟକଣା ଲାଗୁ ହୋଇଥିଲା । ସମାଜରେ 'ସତ୍ୟ ହୋଇଥିଲେ ସାଘାଂତିକ' ଶୀର୍ଷକରେ ଏକ ଲେଖାପାଇଁ ଗୋପବନ୍ଧୁଙ୍କ ବିରୁଦ୍ଧରେ ମକଦ୍ଦମା ହୋଇଥିଲା । ଖୋର୍ଦ୍ଧାକୋର୍ଟ ବିଚାର କରି ତାଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଥିଲେ । ୧୯୨୧ ମସିହା ଜୁନମାସ ବେଳକୁ ଆନ୍ଦୋଳନରେ ଶିଥିଳତା ଦେଖା ଦେଇଥିଲା, କିନ୍ତୁ ଶେଷ ହୋଇନଥିଲା । ସତ୍ୟାଗ୍ରହୀମାନଙ୍କୁ ଅରଟ ବଣ୍ଟନ, ଖଦୀର ପ୍ରସାର, ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ସ୍ୱରାଜ ପଞ୍ଚାୟତ ପ୍ରତିଷ୍ଠା କାର୍ଯ୍ୟରେ ନିୟୋଜିତ କରାଗଲା । କଲିକତା ବଡ଼ ବଜାରଠାରେ ଉତ୍କଳ କଂଗ୍ରେସ କମିଟିର

ଏକ ଶାଖା ଖୋଲାଯାଇ ସେଠାରେ ହରତାଳ ହୋଇଥିଲା । ଅହମଦାବାଦ କଂଗ୍ରେସରେ ଓଡ଼ିଶାରୁ ୧୦୮ ଜଣ ଓ ଗଡ଼ଜାତରୁ ୧୧ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ପରେପରେ ଆନ୍ଦୋଳନ ପାଇଁ ଓଡ଼ିଶାରେ ପୁନର୍ବାର ପ୍ରସ୍ତୁତି ଆରମ୍ଭ ହେଲା । ୩ ହଜାର ସ୍ୱେଚ୍ଛାସେବୀ (କେବଳ ସମ୍ବଲପୁରରୁ ୩୦୦) ବଛା ହେଲେ । ବାଲେଶ୍ୱରର ସାର୍ଥା ଓ ପୁରୀ ଜିଲ୍ଲାର ଖୋର୍ଦ୍ଧାଠାରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ଯଥାକ୍ରମେ ୨୫ଜଣ ଓ ୨୪ ଜଣଙ୍କୁ ତାଲିମ ଦିଆହେଲା । ଫେବୃଆରୀ ୩, ୧୯୨୨ ମସିହା ଦିନ ଖୋର୍ଦ୍ଧାଠାରେ ଏକ ବିରାଟ ଜନ ସମାବେଶରେ ଗୋପବନ୍ଧୁ ଦାସ ମୁଖବନ୍ଦ ଆଦେଶ ଅମାନ୍ୟ କରି ଭାଷଣ ଦେଇଥିଲେ । ସେହି ଦିନ ବହୁ ଲୋକଙ୍କୁ ଗିରଫ କରାଯାଇ ସଂଧ୍ୟା ବେଳକୁ ଛାଡ଼ି ଦିଆଗଲା । ଚୌରୀଚୌରା ଘଟଣା (୫/୨/୨୨) ପରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରି ନେବାରୁ ଓଡ଼ିଶାରେ ଆନ୍ଦୋଳନ ବନ୍ଦ ହୋଇଥିଲା ।

**କନିକା ଆନ୍ଦୋଳନ :** ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଚାଲିଥିବା ବେଳେ କନିକା ଜମିଦାରୀରେ ପ୍ରଜା ଆନ୍ଦୋଳନ ବା ପ୍ରଜାମେଳି ହୋଇଥିଲା । କନିକା ରାଜା ଖଜଣା ଓ ଅନ୍ୟାନ୍ୟ କର ଟିକସ ବୃଦ୍ଧି କରିବା ପ୍ରତିବାଦରେ ପ୍ରଜାମାନେ ଆନ୍ଦୋଳନ କଲେ । ଓଡ଼ିଶାର କଂଗ୍ରେସ ନେତାମାନେ ଉକ୍ତ ଆନ୍ଦୋଳନକୁ କଂଗ୍ରେସ ପରିସର ବାହାରେ ରଖି ସମର୍ଥନ ଓ ପରିଚାଳନା କରିଥିଲେ । ସ୍ୱରାଜ ହେଲେ କରଦେବାକୁ ପଡ଼ିବନାହିଁ ବୋଲି ପ୍ରଚାର ହେଲା । ପ୍ରଜାମାନେ ଖଜଣା ବନ୍ଦ ଆନ୍ଦୋଳନ କଲେ । ଗ୍ରାମ ସଭା ଓ ପ୍ରଜା ମହାସଭା ଗଠନ ହେଲା । ଅପ୍ରେଲ ମାସରେ ସତ୍ୟାଗ୍ରହ ସପ୍ତାହ ପାଳିତ ହେଲା । ୧୯୨୨ ଅପ୍ରେଲ ୧୩ ତାରିଖ ଦିନ ପୋଲିସ ହାତରୁ ୫ ଜଣ ଚାଷୀଙ୍କୁ ଓ ୧୮ ତାରିଖ ଦିନ ଆଉଜଣେ ବନ୍ଦୀଙ୍କୁ ଆନ୍ଦୋଳନକାରୀମାନେ ମୁକ୍ତ କଲେ । ଜଣେ ସରକାରୀ ପିଅନଙ୍କୁ ଖଦିବସ୍ତ୍ର ପିନ୍ଧାଇ ଦେଲେ । ପରିସ୍ଥିତି ଅଣାୟତ୍ତ ହେବାରୁ ଅଧିକ ପୋଲିସ ଆସିଲେ । ଅପ୍ରେଲ ୨୩ ତାରିଖରେ ଗୁଳିଚାଳନାରେ ବାସୁ ଓ ବିସୁନି ନାମକ ଦୁଇଜଣ ବିଦ୍ରୋହୀ ମୃତ୍ୟୁ ବରଣ କଲେ । ଅପ୍ରେଲ ମାସ ଶେଷ ଆଡକୁ କନିକା ବିପ୍ଳବ ଦୁର୍ବଳ ହୋଇଗଲା । କନିକା ରାଜାଙ୍କର ଅତ୍ୟାଚାରକୁ ସମାଲୋଚନାକରି ଗୋପବନ୍ଧୁ ଦାଶ ଓ ଭାଗିରଥୀ ମହାପାତ୍ର ୬ ମାସ ଲେଖାଏଁ ଜେଲ ଦଣ୍ଡ ଭୋଗିଥିଲେ ।

ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଯୋଜନାବଦ୍ଧ ଭାବେ ଆରମ୍ଭ ହୋଇ ନଥିଲା । ପୂର୍ବ ପ୍ରସ୍ତୁତି ନଥାଇ ମଧ୍ୟ ଓଡ଼ିଶାରେ ଆନ୍ଦୋଳନର ସଫଳତା ଆଶାତୀତ ଥିଲା । ଛାତ୍ର ଓ ଯୁବକମାନଙ୍କର ସ୍ୱତଃସ୍ଫୁର୍ତ୍ତ ଯୋଗଦାନ ହେତୁ ଏହା ସମ୍ଭବ ହୋଇଥିଲା ।

## ଆଇନ ଅମାନ୍ୟ ଆନ୍ଦୋଳନ – ଲବଣ ସତ୍ୟାଗ୍ରହ

ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର(୧୯୨୨) ପରେ ଓଡ଼ିଶାରେ କଂଗ୍ରେସ ଆନ୍ଦୋଳନ ଶିଥିଳ ହୋଇପଡ଼ିଥିଲା। ଆନ୍ଦୋଳନ ଆରମ୍ଭ ବେଳର ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିନଥିଲା। ଗୋପବନ୍ଧୁ ଦାଶ ଓ ଭାଗିରଥୀ ମହାପାତ୍ର ଗିରଫ ହେବାପରେ ଓଡ଼ିଶା କଂଗ୍ରେସ ଅନୁଷ୍ଠାନ ଭିତରେ ମତପାର୍ଥକ୍ୟ ଦେଖାଦେଇଥିଲା। ନୀଳକଣ୍ଠ ଦାଶ ଓ ଗୋଦାବରୀଶ ମିଶ୍ରଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ନିର୍ବାଚନରେ ଭାଗନେଇ କେନ୍ଦ୍ର ବିଧାନସଭା ଓ ପ୍ରାଦେଶିକ ବିଧାନ ପରିଷଦରେ ଯୋଗଦେଇ ସେଠାରେ ସରକାରଙ୍କୁ ବିରୋଧ କରିବା ସପକ୍ଷରେ ଥିଲେ। ଜାତୀୟ ସ୍ତରରେ ମୋତିଲାଲ ନେହେରୁ ଓ ଚିତ୍ତରଂଜନ ଦାସ ଏହି ଆଭିମୁଖ୍ୟ ନେଇ **"ସ୍ୱରାଜ ଦଳ"** ଗଠନ କଲେ। ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଗୋଷ୍ଠୀ କଂଗ୍ରେସ ସ୍ୱରାଜ ଦଳ ଗଠନ କରି ୧୯୨୩ ମସିହା ନିର୍ବାଚନରେ ଅଂଶ ଗ୍ରହଣ କଲେ। ଅନ୍ୟମାନେ କଂଗ୍ରେସର ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରିଥିଲେ। ୧୯୨୬ ମସିହାରେ ନିର୍ବାଚନରେ ଅଂଶଗ୍ରହଣ କରିବାକୁ କଂଗ୍ରେସ ନିଷ୍ପତ୍ତି ନେବାପରେ ପୁଣି ସମସ୍ତେ ଏକାଠି ହୋଇଥିଲେ।


ଉଲ୍ଲେଖନୀୟ, ଯେତେବେଳେ ମଧୁସୁଦନ ଦାସ ବିହାର ଓଡ଼ିଶା ପ୍ରଦେଶର ମନ୍ତ୍ରୀପଦ ଗ୍ରହଣ କରିଥିଲେ (୧୯୨୧), ସେତେ ବେଳେ ଅତ୍ୟୁତ୍ସାହୀ ଅସହଯୋଗ ଆନ୍ଦୋଳନକାରୀମାନେ ତାଙ୍କୁ ବିରୋଧ ଓ ସମାଲୋଚନା କରିଥିଲେ। ତାଙ୍କ ଅଭ୍ୟର୍ଥନା ସଭାମଞ୍ଚ ଦଖଲ କରି ସଭା କରାଇ ଦେଇନଥିଲେ। ୧୯୨୩ ମସିହାରେ ଦରମା ନେବେନାହିଁ ବୋଲି ମଧୁସୂଦନ ଦାସ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ୧୯୨୩ରେ କଂଗ୍ରେସ ସ୍ୱରାଜଦଳ ଓ ୧୯୨୬ ମସିହାରେ କଂଗ୍ରେସ ଦଳ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ।

ଗୋପବନ୍ଧୁ ଦାଶ ଜେଲରୁ ମୁକ୍ତ ହେବାପରେ (୧୯୨୪) ଶିଥିଳ ପଡ଼ିଯାଇଥିବା କଂଗ୍ରେସ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥିଲା। ୧୯୨୫ ମସିହା ଅଗଷ୍ଟ ମାସରେ ଓ ପୁନର୍ବାର ୧୯୨୭ ମସିହା ଡିସେମ୍ବର ମାସରେ ଗାନ୍ଧିଜୀ ଓଡ଼ିଶା ଆସି ବିଭିନ୍ନ ଅଞ୍ଚଳ ବୁଲି କଂଗ୍ରେସର ନୀତି, ଆଦର୍ଶ ଓ ଗଠନମୂଳକ କାର୍ଯ୍ୟକ୍ରମ ଉପରେ ଲୋକମାନଙ୍କ ମଧ୍ୟରେ ନୂତନ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିଥିଲେ। ଜୁନ ୧୭,୧୯୨୮ ମସିହା ଦିନ ଗୋପବନ୍ଧୁ ଦାଶଙ୍କର ଅକାଳ ମୃତ୍ୟୁ ଓଡ଼ିଶା କଂଗ୍ରେସରେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଥିଲା।

୧୯୨୮ ମସିହାରେ ସାଇମନ କମିଶନ (ଭାରତ ସାମ୍ବିଧାନିକ ସଂସ୍କାର କମିଶନ) ଭାରତ ଆସିଲା । କମିଶନରେ କୌଣସି ଭାରତୀୟ ସଭ୍ୟ ନଥିବାରୁ କଂଗ୍ରେସ ଏହାକୁ ବର୍ଜନ କରିଥିଲା । କିନ୍ତୁ ଓଡ଼ିଶାରେ ସ୍ଥିତି ଭିନ୍ନଥିଲା । ଓଡ଼ିଶା ପ୍ରଦେଶ ଗଠନ ଦାବିକରି ଅଣକଂଗ୍ରେସ ଅନୁଷ୍ଠାନ(ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ କମିଟି- ଉତ୍କଳ ଇଉନିଅନ କମିଟି, ଓଡ଼ିଶା ଲିବରାଲ ଲିଗ) ସାଇମନ କମିଶନକୁ ସ୍ୱାଗତ କରି ଦାବୀପତ୍ର ପ୍ରଦାନ କରିଥିଲେ । କଲିକତା କଂଗ୍ରେସ ଅଧିବେଶନରେ (୧୯୨୮) ଓଡ଼ିଶାରୁ ଯୋଗ ଦେଇଥିବା ୩୦୦ କର୍ମୀ ଓଡ଼ିଶା ପ୍ରଶ୍ନ ଉତ୍‌ଥାପନ କରିଥିଲେ । କିନ୍ତୁ ଏହା ଆଲୋଚିତ ନ ହେବାରୁ ସମ୍ମିଳନୀ ପରିତ୍ୟାଗକରି ବିରାଟ ଶୋଭାଯାତ୍ରା କରିଥିଲେ । ଅନୁମତି ଦେଇ ନଥିବାରୁ ମୋତିଲାଲ ନେହେରୁ କ୍ଷମା ମାଗିଥିଲେ ।

ଜାତୀୟ କଂଗ୍ରେସର ଐତିହାସିକ ଲାହୋର ଅଧିବେଶନରେ (୧୯୨୯) "ପୂର୍ଣ୍ଣ ସ୍ୱରାଜ", ସ୍ୱାଧିନତା ସଂଗ୍ରାମର ଅନ୍ତିମ ଲକ୍ଷ୍ୟ ବୋଲି ଘୋଷିତ ହେଲା । ପୂର୍ଣ୍ଣ ସ୍ୱରାଜ ହାସଲ ପାଇଁ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହେଲା । ଜାନୁଆରୀ ୩୦ ତାରିଖକୁ ସ୍ୱାଧୀନତା ଦିବସରୂପେ ପାଳନ କରିବାକୁ ସ୍ଥିର ହେଲା । କଂଗ୍ରେସ ନିଷ୍ପତ୍ତି ଓ ନିର୍ଦ୍ଦେଶ ଅନୁସାରେ ୧୯୩୦ ମସିହା ଜାନୁଆରୀ ୩୦ ତାରିଖ ଦିନ ଓଡିଶାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ ହେଲା ଓ ପୂର୍ଣ୍ଣ ସ୍ୱାଧୀନତା ଘୋଷଣାନାମା ପାଠ କରାଗଲା । କଂଗ୍ରେସ ନେତା ନୀଳକଣ୍ଠ ଦାସ (କେନ୍ଦ୍ର ବ୍ୟବସ୍ଥାପକ ସଭା), ବିଶ୍ୱନାଥ ଦାସ (ମାନ୍ଦ୍ରାସ ବିଧାନ ପରିଷଦ), ଗୋଦାବରୀଶ ମିଶ୍ର, ନନ୍ଦକିଶୋର ଦାସ, ନାରାୟଣ ବୀରବର ସାମନ୍ତ (ବିହାର ଓଡ଼ିଶା ବିଧାନ ସଭା) ନିଜ ନିଜ ସଭ୍ୟପଦରୁ ଇସ୍ତଫା ଦେଲେ ।

ମହାତ୍ମା ଗାନ୍ଧୀ ମାର୍ଚ୍ଚ ୧୨, ୧୯୩୦ ମସିହା ଦିନ ସାବରମତୀ ଆଶ୍ରମରୁ ପଦଯାତ୍ରାରେ ଦାଣ୍ଡି ଅଭିମୁଖେ ଅଗ୍ରସର ହେଲେ । ଅପ୍ରେଲ ୬ ତାରିଖଦିନ ଦାଣ୍ଡିଠାରେ ଲୁଣମାରି ଲବଣ ଆଇନ ଭାଙ୍ଗି, ଆଇନ ଅମାନ୍ୟ ଆନ୍ଦୋଳନର ଶୁଭାରମ୍ଭ କଲେ । ସେହିଦିନ କଟକ ସ୍ୱରାଜ ଆଶ୍ରମରୁ ୨୧ଜଣ ସତ୍ୟାଗ୍ରହୀ **ଗୋପବନ୍ଧୁ ଚୌଧୁରୀ** ଓ **ଆଚାର୍ଯ୍ୟ ହରିହର ଦାଶ**ଙ୍କ ନେତୃତ୍ୱରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ଆଇନ ଭଙ୍ଗ କରିବାପାଇଁ ପଦଯାତ୍ରାରେ ବାହାରିଲେ । ବାଟରେ ଗୋପବନ୍ଧୁ ଚୌଧୁରୀ ଗିରଫ ହେଲେ । ବିଭିନ୍ନ ଜିଲ୍ଲାରୁ ଓ ଗଡ଼ଜାତମାନଙ୍କରୁ ବହୁ ସତ୍ୟାଗ୍ରହୀ ଇଞ୍ଚୁଡ଼ି ଠାରେ ପହଞ୍ଚିଲେ । ଅପ୍ରେଲ ୧୪ ତାରିଖ ଦିନ ଶହ ଶହ ସଂଖ୍ୟାରେ ସତ୍ୟାଗ୍ରହୀ ଲୁଣ ମାରିବା ଆରମ୍ଭ କଲେ । ଆଚାର୍ଯ୍ୟ ହରିହର, ସୁରେନ୍ଦ୍ରନାଥ ଦାସ (ଲୋକ ତାଙ୍କୁ ଶ୍ରଦ୍ଧାରେ ସର୍ଦ୍ଦାର ଡାକୁଥିଲେ) ଓ ବହୁ ସତ୍ୟାଗ୍ରହୀ ଗିରଫ ହେଲେ ।



କିନ୍ତୁ ଲୁଣମରା ବନ୍ଦ ହୋଇ ନଥିଲା। ଅପ୍ରେଲ ୨୦ ତାରିଖରେ ରମାଦେବୀ ଓ ମାଳତୀ ଦେବୀଙ୍କ ସହିତ ବହୁ ମହିଳା ଇଞ୍ଚୁଡ଼ି ସତ୍ୟାଗ୍ରହରେ ଯୋଗଦେଲେ। ମହିଳା-ମାନଙ୍କର ଯୋଗଦାନ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ଥିଲା। ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହର ସଫଳତା ଆଶାତୀତ ଥିଲା, ସାରା ଦେଶରେ ଚର୍ଚ୍ଚିତ ହୋଇଥିଲା, ଦାଣ୍ଡିପରେ ଭାରତରେ ଏହା ଦ୍ୱିତୀୟ ବୃହତ ଲବଣ ସତ୍ୟାଗ୍ରହ ଥିଲା।



ଇଞ୍ଚୁଡି ବ୍ୟତିତ ଓଡ଼ିଶାର ଅନ୍ୟାନ୍ୟ ବହୁସ୍ଥାନରେ ଆଇନ ଅମାନ୍ୟକରି ଲୁଣମରା ହୋଇଥିଲା। ବାଲେଶ୍ୱରର ସାର୍ଥା; କଟକ ଜିଲ୍ଲାର କୁଜଙ୍ଗ; ପୁରୀ ଜିଲ୍ଲାର କୁହୁଡ଼ି, ସିଂହେଶ୍ୱରୀ ଓ ଲଟରା; ଗଞ୍ଜାମ ଜିଲ୍ଲାର ହୁମାଠାରେ ଲବଣ ସତ୍ୟାଗ୍ରହ ସଂଗଠିତ ହୋଇଥିଲା। କୁଜଙ୍ଗଠାରେ ରାଣୀ ଭାଗ୍ୟବତୀ ପାଟମହାଦେଈଙ୍କ ନେତୃତ୍ୱରେ ୫୦୦ ମହିଳା ଲୁଣ ଆଇନ ଅବମାନନା କରିଥିଲେ।

ବେଆଇନ ଲବଣ ପ୍ରସ୍ତୁତି ଓ ବିକ୍ରି ବିରୁଦ୍ଧରେ ଦୃଢ଼ ପୋଲିସ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ସତ୍ୟାଗ୍ରହୀମାନଙ୍କ ଉପରେ ନିର୍ମମଭାବେ ଲାଠିମାଡ଼ ହୋଇଥିଲା। ଆଚାର୍ଯ୍ୟ ହରିହର, ସୁରେନ୍ଦ୍ରନାଥ ଦାସ, ନୀଳକଣ୍ଠ ଦାସ, କୃପାସିନ୍ଧୁ ହୋତା, ଲିଙ୍ଗରାଜ ମିଶ୍ର, ଯଦୁମଣୀ ମଙ୍ଗରାଜ, ଅଟଳ ବିହାରୀ ଆଚାର୍ଯ୍ୟ, ନନ୍ଦକିଶୋର ଦାସ, ରାଜକୃଷ୍ଣ ବୋଷ, ରମାଦେବୀ, ମାଳତୀ ଦେବୀ, ସରଳାଦେବୀ, ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀଙ୍କ ସମେତ ବହୁ ନେତା ଓ ସତ୍ୟାଗ୍ରହୀ ଗିରଫ ହୋଇଥିଲେ। ଅନେକ କାରାଦଣ୍ଡ ଭୋଗିଥିଲେ। କଂଗ୍ରେସ କାର୍ଯ୍ୟାଳୟ ଓ ଆଶ୍ରମରେ ଖାନତଲାସି ହୋଇ କାଗଜପତ୍ର ଜବତ ହୋଇଥିଲା। 'ସମାଜ" ଓ 'ପ୍ରଜାତନ୍ତ୍ର' ଖବର କାଗଜକୁ ନିଷିଦ୍ଧ କରାଯିବାରୁ ପ୍ରକାଶନ ବନ୍ଦହୋଇଥିଲା। ଏହି ସମୟରେ ଅନେକ କ୍ଷୁଦ୍ର କ୍ଷୁଦ୍ର ପ୍ରଚାର ପୁସ୍ତିକା ଓ ଲେଖା ମାଧ୍ୟମରେ (ଅରଟ ମହିମା, ସ୍ୱରାଜ ପାଲା, ଲୁଣମରା ଗୀତ, ରଣଭେରୀ, ବିଦ୍ରୋହବୀଣା ଇତ୍ୟାଦି) ଆନ୍ଦୋଳନର ବାର୍ତ୍ତା ପ୍ରଚାରିତ ଓ ପ୍ରସାରିତ ହୋଇଥିଲା।



ଲବଣ ଆଇନ ଅମାନ୍ୟ କରିବା ସହିତ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶାନିବାରଣ, ଖଦି ପ୍ରସାର, ଚୌକିଦାରୀ କର ନ ଦେବା ଆଦି ଆଇନଅମାନ୍ୟ ଆନ୍ଦୋଳନର ଅନ୍ୟ କାର୍ଯ୍ୟକ୍ରମ ଥିଲା। ଲୁଣ ମାରିବା ସହିତ ଓଡ଼ିଶାରେ କଂଗ୍ରେସ ସ୍ୱେଚ୍ଛାସେବୀ ଓ ବାନର ସେନାମାନଙ୍କ ମାଧ୍ୟମରେ ବିଦେଶୀ ବସ୍ତ୍ର ଓ ମଦଦୋକାନ ଆଗରେ ପିକେଟିଂ ହୋଇଥିଲା। ସଂକୀର୍ତ୍ତନ ମାଧ୍ୟମରେ ସ୍ୱରାଜ ବାର୍ତ୍ତା, ଖଦିପ୍ରସାର, ନିଶାନିବାରଣ ପାଇଁ ଗାଁ ଗାଁରେ ପ୍ରଚାର କାର୍ଯ୍ୟ ଚାଲିଥିଲା। ଲୁଣ ଆଇନ ଅବମାନନାକୁ ପ୍ରାଧାନ୍ୟ ଓ ପ୍ରାଥମିକତା ଦିଆଯାଇଥିବାରୁ ଏହି ଆନ୍ଦୋଳନକୁ ଲବଣ ସତ୍ୟାଗ୍ରହ କୁହାଯାଏ।

୧୯୩୧ ମସିହା ମାର୍ଚ୍ଚ ୫ ତାରିଖରେ ଗାନ୍ଧୀ ଓ ବଡ଼ଲାଟ ଇରୱିନଙ୍କ ମଧ୍ୟରେ ଚୁକ୍ତି (ଗାନ୍ଧୀ-ଇରୱିନ ଚୁକ୍ତି) ସମ୍ପାଦିତ ହେବା ପରେ ଆଇନ ଅମାନ୍ୟ ଆନ୍ଦୋଳନ (ଲବଣ ସତ୍ୟାଗ୍ରହ) ପ୍ରତ୍ୟାହୃତ ହେଲା। ଗାନ୍ଧୀ ଦ୍ୱିତୀୟ ଗୋଲଟେବୁଲ ବୈଠକରୁ ବିଫଳ ହୋଇ ଫେରିବା ପରେ ପୁନର୍ବାର ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିଲା (ଡିସେମ୍ବର ୩୧)। ଓଡ଼ିଶାରେ ପୁଲିସ ନେତାମାନଙ୍କୁ ଗିରଫ କରିନେଲା ଓ କଂଗ୍ରେସ କାର୍ଯ୍ୟାଳୟ ଦଖଲ କରିନେଲା। କେତେଜଣ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ହେଁ ଏଥିରେ ପୂର୍ବ ଆନ୍ଦୋଳନର ବ୍ୟାପକତା ଓ ଉଦ୍ଦାମତା ନଥିଲା। ଆନ୍ଦୋଳନ ଶିଥିଳ ହୋଇ ପଡ଼ିଥିଲା। କିନ୍ତୁ ଧିରମନ୍ଥର ଗତିରେ ପ୍ରତ୍ୟାହୃତ ହେବାପର୍ଯ୍ୟନ୍ତ (୧୯୩୪) ଚାଲିଥିଲା।


ଓଡ଼ିଶାରେ ଲବଣ ସତ୍ୟାଗ୍ରହ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। **ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା। ଏହା ସାରାଦେଶର ଦ୍ୱିତୀୟ ବୃହତ୍ତମ ଲବଣ ସତ୍ୟାଗ୍ରହ(ଦାଣ୍ଡିପରେ) ଥିଲା।** ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଠାରୁ ଏହା ଅଧିକ ବ୍ୟାପକ ଥିଲା। ଏହାର ମୁଖ୍ୟ ବିଶେଷତ୍ୱ ଥିଲା ବହୁ ସଂଖ୍ୟାରେ ମହିଳାମାନଙ୍କର ଅଂଶଗ୍ରହଣ। ଆନ୍ଦୋଳନର ଆଶାତୀତ ସଫଳତା ପଛରେ ମହିଳାମାନଙ୍କର ଉଲ୍ଲେଖନୀୟ ଅବଦାନ ଥିଲା। ଏହା ବ୍ୟତୀତ ଗଡ଼ଜାତ ଅଞ୍ଚଳରୁ ନେତାମାନେ ଆସି ଆନ୍ଦୋଳନରେ ଯୋଗ ଦେଇଥିଲେ। ଆନ୍ଦୋଳନର ପରିସର ବ୍ୟାପକ ହୋଇଥିଲା। ପଣ୍ଡିତ ନେହେରୁ ଏକ ସ୍ୱତନ୍ତ୍ର ବାର୍ତ୍ତାରେ ଓଡ଼ିଶାର ଲୋକମାନଙ୍କୁ ସେମାନଙ୍କର ତ୍ୟାଗ ଓ କଷ୍ଟସ୍ୱୀକାର ପାଇଁ ଅଭିନନ୍ଦିତ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟକ୍ତିଗତ ସତ୍ୟାଗ୍ରହ ବା ଆଇନ ଅମାନ୍ୟ ଆନ୍ଦୋଳନ


୧୯୩୯ ମସିହାରେ ଦ୍ୱିତୀୟ ପୃଥିବୀ ମହାସମର ଆରମ୍ଭ ହେଲା । ଭାରତ ଯୁଦ୍ଧରେ ସାମିଲ ହେଲା ବୋଲି ବଡ଼ଲାଟ ଘୋଷଣା କଲେ । ପ୍ରାଦେଶିକ ବିଧାନ ପରିଷଦ କିମ୍ବା କେନ୍ଦ୍ରୀୟ ବିଧାନସଭା କାହା ସହିତ ପରାମର୍ଶ ନକରି ଭାରତକୁ ଯୁଦ୍ଧରେ ପକ୍ଷଭୁକ୍ତ କରିବା ନିଷ୍ପତ୍ତିକୁ କଂଗ୍ରେସ ବିରୋଧ କଲା । ପ୍ରାଦେଶିକ ସରକାରରୁ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ । ଓଡ଼ିଶାର କଂଗ୍ରେସ ମନ୍ତ୍ରୀମଣ୍ଡଳ ୪ ନଭେମ୍ବର୧୯୩୯ ମସିହା ଦିନ ଇସ୍ତଫା ଦେଲା । ରାମଗଡ଼ କଂଗ୍ରେସରେ (ମାର୍ଚ୍ଚ୧୯୪୦) ଇଂରେଜ ସରକାରଙ୍କ ଯୁଦ୍ଧ ନୀତି ଓ ଯୁଦ୍ଧ ପାଣ୍ଠିକୁ ସାହାଯ୍ୟ ନକରିବାକୁ ଏବଂ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ନିଷ୍ପତ୍ତି ହେଲା । ସମ୍ଭାବ୍ୟ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ବରୀ ଆଶ୍ରମରେ ସତ୍ୟାଗ୍ରହ ଓ କଂଗ୍ରେସର ଗଠନମୂଳକ କାର୍ଯ୍ୟକ୍ରମ ଉପରେ କର୍ମୀ ଓ ସ୍ୱେଚ୍ଛାସେବକମାନଙ୍କୁ ତାଲିମ ପ୍ରଦାନ କରାଗଲା ।

ଭାରତକୁ ସ୍ୱାଧୀନତା ପ୍ରଦାନ ସହିତ ଏକ ଜାତୀୟ ସରକାର ଗଠନ କରାହେଲେ କଂଗ୍ରେସ, ସରକାରଙ୍କ ଯୁଦ୍ଧ କାର୍ଯ୍ୟକ୍ରମକୁ ସମର୍ଥନ କରିବ ବୋଲି ରାଜିଥିଲା । କିନ୍ତୁ ସରକାର ଚୁପ ରହିଥିଲେ । ଭାଇସରାୟ ଅଗଷ୍ଟ ୮, ୧୯୪୦ ମସିହା ଦିନ ଏକ ପ୍ରସ୍ତାବ (ଅଗଷ୍ଟ ପ୍ରସ୍ତାବ) ଦେଇଥିଲେ । ଏଥିରେ ଯୁଦ୍ଧପରେ ଭାରତକୁ ଡୋମିନିଅନ ଅଧିକାର ଓ ଏକ ସମ୍ବିଧାନ ପ୍ରଣୟନ କରିବା ପ୍ରସ୍ତାବ ଥିଲା । କିନ୍ତୁ ନିର୍ଦ୍ଦିଷ୍ଟ ସମୟସୀମା ନଥିବାରୁ କଂଗ୍ରେସ ଏହାକୁ ପ୍ରତ୍ୟାଖାନ କଲା ଓ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ବା ବ୍ୟକ୍ତିଗତ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନେଲା । ବ୍ୟକ୍ତିଗତ ସତ୍ୟାଗ୍ରହ ଏକ ଗଣ ଆନ୍ଦୋଳନ ନଥିଲା । ଏକ ମଧ୍ୟମ ପନ୍ଥା ଥିଲା । କାର୍ଯ୍ୟକ୍ରମ ଅନୁସାରେ ସରକାରଙ୍କୁ ଆଗରୁ ସୂଚନା ଦେଇ ସତ୍ୟାଗ୍ରହୀମାନେ ବ୍ୟକ୍ତିଗତ ଭାବେ ଜନଗହଳି ସ୍ଥାନରେ, ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଆଇନ ଅମାନ୍ୟ କରିବେ, ଲୋକମାନଙ୍କୁ ସରକାରଙ୍କ ଯୁଦ୍ଧକାର୍ଯ୍ୟକ୍ରମରେ ସହଯୋଗ ନକରିବାକୁ ଓ ଯୁଦ୍ଧପାଣ୍ଠିକୁ ସାହାଯ୍ୟ ନଦେବାକୁ ପ୍ରବର୍ତ୍ତାଇବେ । ପ୍ରଥମେ ବିନୋବା ଭାବେ ଅକ୍ଟୋବର ୧୭, ୧୯୪୦ ମସିହା ଦିନ ଆଇନଅମାନ୍ୟ କରି ଗିରଫ ହେଲେ । ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହେଲା ।


ଓଡ଼ିଶାରେ ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ସତ୍ୟାଗ୍ରହୀମାନଙ୍କୁ ଗାନ୍ଧିଜୀ ମନୋନୀତ କରୁଥିଲେ । ଓଡ଼ିଶାରୁ ୪ ଦଫାରେ ପଠାଯାଇଥିବା ୧୩୦୩



(୪୦+୭୬୦+୪୧୭+୮୬) ଜଣଙ୍କ ନାମ ତାଲିକା ମଧ୍ୟରୁ ଗାନ୍ଧିଜୀ ୬୧୦ ଜଣଙ୍କୁ (୨୮+୫୨୭+୦୦+୫୫) ମନୋନୀତ କରିଥିଲେ। ଡିସେମ୍ବର ୧ ତାରିଖ ୧୯୪୦ ମସିହା ଦିନ ଓଡ଼ିଶାରେ ବ୍ୟକ୍ତିଗତ ସତ୍ୟାଗ୍ରହ ବା ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା।



ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାଶ, ବୋଧରାମ ଦୁବେ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନଗୋ, ରାଧାକୃଷ୍ଣ ବିଶ୍ୱାସରାୟ, ସରଳା ଦେବୀ, ସଦାଶିବ ତ୍ରିପାଠୀ, ଲୋକନାଥ ମିଶ୍ର ଓ ଅନ୍ୟ ବହୁନେତା ଆଇନ ଅମାନ୍ୟ ଆନ୍ଦୋଳନକରି ଗିରଫ ହେଲେ। ୧୫ ଫେବୃଆରୀ ୧୯୪୧ ସୁଦ୍ଧା ଓଡିଶାରେ ୨୯୫ ଜଣ ଜେଲଦଣ୍ଡ ଭୋଗିଥିଲେ। ଏହି ସଂଖ୍ୟା ମାର୍ଚ୍ଚ ୧୫ ବେଳକୁ ୩୫୫ରେ ପହଞ୍ଚି ଥିଲା।



ଆଗଧାଡ଼ିର ନେତାମାନେ ଗିରଫ ହୋଇଗଲା ପରେ ଆନ୍ଦୋଳନରେ ଶିଥିଳତା ଦେଖା ଦେଇଥିଲା। ମନୋନୀତ କେତେଜଣ ସାଧାରଣ ସତ୍ୟାଗ୍ରହୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆଇନ ଅମାନ୍ୟ କରିପାରି ନଥିଲେ। ଜେଲରୁ ମୁକୁଳିବା ପରେ ପୁନର୍ବାର ଆଇନ ଅମାନ୍ୟ କରିବାକୁ ନିର୍ଦ୍ଦେଶ ଥିଲା । କିନ୍ତୁ ସରକାର ଅନେକ ସତ୍ୟାଗ୍ରହୀଙ୍କୁ ଗୁରୁତ୍ୱ ନଦେଇ ଗିରଫ ନକରିବାରୁ ସେମାନଙ୍କର ଆଗ୍ରହ କମିଯାଇଥିଲା। ଏହାସତ୍ତ୍ୱେ ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଭୂମିକା ଉଲ୍ଲେଖନୀୟ ଥିଲା। ବନ୍ଦୀହୋଇଥିବା ସତ୍ୟାଗ୍ରହୀ ମାନଙ୍କର ସଂଖ୍ୟା ଦୃଷ୍ଟିରୁ ୧୮ଟି ପ୍ରଦେଶ ମଧ୍ୟରେ ଓଡ଼ିଶାର ସ୍ଥାନ ଚତୁର୍ଥ ଓ ଜୋରିମାନା ଆଦାୟ ପରିମାଣ ଦୃଷ୍ଟିରୁ ପଞ୍ଚମ ଥିଲା।

୧୯୪୧ ମସିହା ଡିସେମ୍ବର ୭ ତାରିଖରେ ପାର୍ଲହାର୍ବର ଉପରେ ଜାପାନ ଆକ୍ରମଣ କଲା। ଭାରତ ଉପରେ ଜାପାନ ଆକ୍ରମଣର ଆଶଙ୍କା ସୃଷ୍ଟିହେଲା। ଦେଶର ସୁରକ୍ଷା କଥା ବିଚାରକରି କଂଗ୍ରେସ ଡିସେମ୍ବର ୩୦, ୧୯୪୧ ମସିହା ଦିନ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଘୋଷଣା କଲା।

## ଭାରତଛାଡ ଆନ୍ଦୋଳନ – ଅଗଷ୍ଟ ବିପ୍ଳବ

ଜାପାନ ସହିତ ସମ୍ଭାବ୍ୟ ଏକ ଦୀର୍ଘ ଯୁଦ୍ଧ ଓ ଭାରତ ଆକ୍ରମଣର ଆଶଙ୍କା ମିତ୍ରଶକ୍ତି ମେଣ୍ଟଭୁକ୍ତ ରାଷ୍ଟ୍ରମାନଙ୍କୁ ବିବ୍ରତ କରିଥିଲା। ଭାରତୀୟମାନଙ୍କ ସହଯୋଗ ହାସଲ ପାଇଁ କ୍ରିପସ ମିଶନ (ଅପ୍ରେଲ ୧୯୪୨) ଭାରତ ଆସିଲେ। କ୍ରିପସ ପ୍ରସ୍ତାବକୁ କଂଗ୍ରେସ ପ୍ରତ୍ୟାଖାନ କଲା। ଆଗରୁ କଂଗ୍ରେସ ଅନୁସରଣ କରିଥିବା 'ସରକାରଙ୍କୁ ଅସୁବିଧାରେ ନପକାଇବା ନୀତି' (ସେପ୍ଟେମ୍ବର ୩୯ ରୁ ଅକ୍ଟୋବର ୪୦) ଓ ବ୍ୟକ୍ତିଗତ ସତ୍ୟାଗ୍ରହ (ଅକ୍ଟୋବର ୪୦ରୁ ଡିସେମ୍ବର ୪୧) ଭଳି ମଧ୍ୟମ ପନ୍ଥା କିଛି ପ୍ରଭାବ ପକାଇନଥିଲା। ଭାରତରେ ଇଂରେଜମାନଙ୍କର ଉପସ୍ଥିତି ଯୋଗୁହିଁ ଜାପାନ ଭାରତ ଆକ୍ରମଣ କରିବାର ସମ୍ଭାବନା ଥିଲା। ଇଂରେଜମାନେ ଭାରତ ଛାଡ଼ି ଚାଲିଗଲେ ସେ ଆଶଙ୍କା ଦୂର ହୋଇଯିବ। ଏହି ପୃଷ୍ଠଭୂମିରେ କଂଗ୍ରେସ ଏକ ଅହିଂସ ଜନ ଆନ୍ଦୋଳନ କରିବାକୁ ଚିନ୍ତାକଲା। ଓ୍ୱାର୍ଦ୍ଧା ଠାରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ (ଜୁଲାଇ ୧୪, ୧୯୪୨) ଭାରତ ଛାଡ ଆନ୍ଦୋଳନ ପାଇଁ ପ୍ରସ୍ତାବ ଗୃହୀତ ହେଲା । କିନ୍ତୁ ଶେଷ ନିଷ୍ପତ୍ତି, ଅଗଷ୍ଟ ୭ ତାରିଖରେ ବମ୍ବେ ଠାରେ ହେବାକୁ ଥିବା ଜାତୀୟ କଂଗ୍ରେସ ଅଧିବେଶନର ନିଷ୍ପତ୍ତି ଉପରେ ଛାଡି ଦିଆଯାଇଥିଲା। ବମ୍ବେ ଅଧିବେଶନରେ ବହୁ ଆଲୋଚନା ଓ ବିତର୍କପରେ ଅଗଷ୍ଟ ୮ Zæb @ ôŒâe **"ଭାରତ ଛାଡ"** ପ୍ରସ୍ତାବ ଗୃହୀତ ହେଲା। ଅଗଷ୍ଟ ୯ ତାରିଖରେ ଭାରତଛାଡ ଆନ୍ଦୋଳନ– ଆଇନ ଅମାନ୍ୟ ଜନଆନ୍ଦୋଳନ ଆରମ୍ଭ ହେଲା।

ଭାରତଛାଡ଼ ପ୍ରସ୍ତାବ ଗୃହୀତ ହେବା ପରେ ପରେ ପୂର୍ବରୁ ପ୍ରସ୍ତୁତ ସରକାର କଂଗ୍ରେସ ନେତାମାନଙ୍କୁ ଗିରଫ କରିନେଲେ। ବମ୍ବେ ଅଧିବେଶନରେ ଯୋଗଦେଇଥିବା ଓଡ଼ିଆ ନେତାମାନେ ବମ୍ବେଠାରେ କିମ୍ବା ଫେରିବା ବାଟରେ ଗିରଫ ହେଲେ। ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ମାଳତୀ ଚୌଧୁରୀ ଗିରଫ ଏଡ଼ାଇ ଲୁଚି କଟକରେ ପହଞ୍ଚିଲେ। ଅଗଷ୍ଟ ୯ ତାରିଖ ଦିନ ଓଡ଼ିଶାରେ ନେତାମାନଙ୍କୁ ଗିରଫ କରାଗଲା। ଅଗଷ୍ଟ ୧୫ ତାରିଖ ସୁଧା ୩୧ ଜଣ ଗିରଫ ହୋଇଥିଲେ। କଂଗ୍ରେସ ଦଳ ବେଆଇନ ଘୋଷିତ ହେଲା। କଂଗ୍ରେସ କାର୍ଯ୍ୟାଳୟ (୩୮ଟି) ଦଖଲ ହେଲା ଓ ସେଠାରେ ଥିବା ଆସବାବ, ରେକର୍ଡ଼ ପତ୍ର ବାଜ୍ୟାପ୍ତ କରାଗଲା।

ନେତାମାନେ ଗିରଫ ହୋଇଯିବାପରେ, କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଓ ନିର୍ଦ୍ଦେଶ ନଥିବାରୁ କଂଗ୍ରେସ କର୍ମୀମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇଗଲେ। ଆଗରୁ ଓଡ଼ିଶାର ନେତାମାନେ ସରକାର ଓ କଂଗ୍ରେସ ମଧ୍ୟରେ ଏକ ବୁଝାମଣା ହୋଇଯିବା ଆଶାକରି

ଅପେକ୍ଷା କରିଥିଲେ। ଆନ୍ଦୋଳନ ପାଇଁ କୌଣସି ପ୍ରସ୍ତୁତି ହୋଇନଥିଲା। ଯେତେବେଳେ ଅନ୍ୟମାନେ ଦିଗହରା ଥିଲେ, ଠିକ୍ ସେତିକି ବେଳେ ଛାତ୍ରମାନେ ଅପ୍ରତ୍ୟାଶିତ ଆନ୍ଦୋଳନ ଆରମ୍ଭ କରିଦେଲେ।

ଅଗଷ୍ଟ ୧୦ ତାରିଖରେ ରେଭେନ୍‌ସା ଛାତ୍ରମାନେ ସରକାରଙ୍କ ନୀତି ଓ ନେତାମାନଙ୍କର ଗିରଫଦାରୀ ପ୍ରତିବାଦରେ ସଭାକଲେ। ହରତାଳ ହେଲା। ରେଭେନ୍‌ସା କଲେଜିଏଟ୍ ସ୍କୁଲ, ପ୍ୟାରୀମୋହନ ଏକାଡ଼େମୀ, ଭିକ୍ଟୋରିଆ ସ୍କୁଲର ପିଲାମାନେ ସେମାନଙ୍କ ସହିତ ଯୋଗଦେଲେ। ୧୩ ତାରିଖ ଦିନ ଶହ ଶହ ଛାତ୍ର କଲେଜରେ ଭଙ୍ଗାରୁଜା କଲେ। ଅନେକ ଛାତ୍ରନେତା ଗିରଫ ହେଲେ। ବହୁଛାତ୍ର ବହିଷ୍କୃତ ହେଲେ। କଲେଜ ଦୁଇମାସ ପାଇଁ ବନ୍ଦ ହେଲା। ଝାରସୁଗୁଡ଼ାରେ ୧୮ ତାରିଖ ଦିନ ହରତାଳ ପାଳିତ ହେଲା। ସମ୍ବଲପୁର ଜିଲ୍ଲାରେ ବିପ୍ଳବ ଆରମ୍ଭ ହେଲା। ଅଗଷ୍ଟ ୧୦ ତାରିଖ ଦିନ ବ୍ରହ୍ମପୁରଠାରେ ଛାତ୍ରମାନେ ପୋଷ୍ଟଅଫିସ୍ ଆଗରେ ପିକେଟିଂ କରିଥିଲେ। ତା ପରଦିନ ଆସ୍କା ହାଇସ୍କୁଲ ଛାତ୍ର, ୧୪ ତାରିଖ ଦିନ ପାରଳାଖେମୁଣ୍ଡି କଲେଜ ଛାତ୍ରମାନେ ହରତାଳ କରିଥିଲେ। ସ୍ୱତଃସ୍ଫୂର୍ତ୍ତଭାବେ ଛାତ୍ରମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନ ଓଡ଼ିଶାରେ ଅଗଷ୍ଟ ବିପ୍ଳବରେ ପ୍ରଥମେ ଅଗ୍ନି ସଂଯୋଗ କରିଥିଲା।

ଏହି ସମୟରେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଅଜ୍ଞାତ ସ୍ଥାନରେ ରହି ଗୁପ୍ତ ସଂଗଠନ ଓ ବୁଲେଟିନ୍ ମାଧ୍ୟମରେ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିଥିଲେ। ସରକାରଙ୍କୁ ଭାଙ୍ଗିବାକୁ, ସ୍ଥାନୀୟ ପଞ୍ଚାୟତ ଗଠନ କରିବାକୁ, ପଞ୍ଚାୟତରେ ଶାନ୍ତିସୈନିକ ବାହିନୀ ଗଢ଼ିବାକୁ, ଆଇନ ଅମାନ୍ୟ କରିବାକୁ, ଟିକସ ନଦେବାକୁ, ଜମିଦାରଙ୍କ ଜମି ଦଖଲ କରିବାକୁ, ଯୁଦ୍ଧପାଣ୍ଠିକୁ ସାହାଯ୍ୟ ନଦେବାକୁ, ଆନ୍ଦୋଳନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ବାସନ୍ଦ କରିବାକୁ, ଧର୍ମଘଟ କରିବାକୁ ପ୍ରଚାରପତ୍ର ମାଧ୍ୟମରେ ଲୋକମାନଙ୍କୁ କୁହାଯାଇଥିଲା। ଅଫିସ୍ ଥାନା ଘେରାଉ ଓ ଧ୍ୱଂସ କରିବାକୁ, ରେଳଲାଇନ, ଟେଲିଫୋନ ଲାଇନ ନଷ୍ଟ କରିବାକୁ, ଗୁପ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରର ଚିତା ଜଳୁଛି, ଆଗକୁ ମାଡ଼ି ଚାଲ, ପଛକୁ ଫେରିଲେ ଗାନ୍ଧୀଙ୍କ ଜୀବନ ଶେଷ ହୋଇଯିବ ବୋଲି ପ୍ରଚାର ହୋଇଥିଲା। ନେତା ବିହୀନ ଛାତ୍ର, ସାଧାରଣ ଜନତା ଓ କଂଗ୍ରେସ କର୍ମୀ ବୈପ୍ଳବିକ ବାର୍ତ୍ତାରେ ଉତ୍ସାହିତ ହୋଇ ନିଜନିଜ ଅନ୍ଦାଜରେ ନିଜନିଜ ଅଞ୍ଚଳରେ ବିପ୍ଳବ କଲେ। ପ୍ରାୟ ସବୁଠାରେ ପୋଲିସ ଥାନା, ପୋଷ୍ଟ ଅଫିସ୍ ଉପରେ ଆକ୍ରମଣ, ଗିରଫଦାରୀର ପ୍ରତିବାଦ ଓ ପ୍ରତିରୋଧ, ପୋଲିସ ଓ ଚୌକିଦାର ପୋଷାକ ପୋଡ଼ିବା, ଟେଲିଫୋନ, ରେଳପଥ, ସ୍ଥଳପଥ ପୋଲ

ନଷ୍ଟକରିବା, ଜଙ୍ଗଲରୁ ଗଛକାଟିବା ପ୍ରଭୃତି ଆଇନଅମାନ୍ୟ କାମ ବିପ୍ଳବୀମାନଙ୍କ ଦ୍ୱାରା ସଙ୍ଗଠିତ ହେଲା । ବିପ୍ଳବର ଅଗ୍ନି ବିସ୍ତାରିତ ହେଲା ।

ଓଡ଼ିଶାରେ ଅଗଷ୍ଟ ବିପ୍ଳବର ଏକ ଉଲ୍ଲେଖନୀୟ ଘଟଣା ହେଲା ସୁଦୂର କୋରାପୁଟ



ଜିଲ୍ଲାରେ ଆଦିବାସୀମାନଙ୍କର ଆନ୍ଦୋଳନ । ସ୍ଥାନୀୟ ନେତାମାନେ ଗିରଫ ହୋଇଯିବା ପରେ ଅଗଷ୍ଟ ୧୩ ତାରିଖରେ ଜୟପୁର ଓ ୧୭ ତାରିଖରେ ଗୁଣୁପୁର, ଲକ୍ଷ୍ମୀପୁର, ସେମିଳିଗୁଡ଼ା, ଦଶମନ୍ତପୁର ଠାରେ ଆନ୍ଦୋଳନ ଆରମ୍ଭ ହେଲା । ଲୋକମାନେ ହାଟ, ବଜାର, ମଦଦୋକାନ, ପୋଲିସ ଷ୍ଟେସନ ଉପରେ ଆକ୍ରମଣ କଲେ । ରାସ୍ତା, ପୋଲ, ଟେଲିଫୋନ ତାର ନଷ୍ଟ କଲେ । ପରିସ୍ଥିତି ନିୟନ୍ତ୍ରଣ ବହାରକୁ ଚାଲିଯାଇଥିଲା । ପୋଲିସ୍ ଗୁଳିଚାଳନାରେ ପାପଡ଼ାହାଣ୍ଡି (୨୪ ଅଗଷ୍ଟ) ଠାରେ ୧୫ ଜଣ ଓ ମାଥିଲି (୨୧ ଅଗଷ୍ଟ) ଠାରେ ୪ ଜଣ ମୃତ୍ୟୁ ବରଣ କରିଥିଲେ । ବହୁବ୍ୟକ୍ତି ଆହତ ହୋଇଥିଲେ । ସମଗ୍ର ଜିଲ୍ଲାରେ ୧୯୭୦ ଜଣ ବନ୍ଦୀ ହୋଇଥିଲେ, ୫୬୦ ଜଣ ଦଣ୍ଡିତ ହୋଇଥିଲେ, ୧୧ ଜଣଙ୍କୁ ଅଟକ ରଖା ଯାଇଥିଲା, ୨୪ ଜାଗାରେ ଲାଠି ଚାଳନା ହୋଇଥିଲା, ୧୨ ଜଣ ମହିଳା @\ ÛPeYe g߯Ûæ ùj ÛA[ ô¯f , RùY (**ଲକ୍ଷ୍ମଣ ନାୟକ**) ଫାଶୀ ପାଇଥିଲେ, ୨୫ଜଣ ପୁଲିସ୍ ଗୁଳିରେ ଓ ୫୨ଜଣ ଜେଲ ଭିତରେ ମୃତ୍ୟୁ ବରଣ କରିଥିଲେ । କୋରାପୁଟରେ ଆନ୍ଦୋଳନର ତୀବ୍ରତା ସମସ୍ତଙ୍କୁ ଚକିତ କରିଥିଲା ।

କୋରାପୁଟପରେ କଟକ ଓ ବାଲେଶ୍ୱର ଜିଲ୍ଲାରେ ଆନ୍ଦୋଳନ ବ୍ୟାପକ ଓ ଗମ୍ଭୀର ଥିଲା । କେବଳ ଯାଜପୁର ଉପଖଣ୍ଡରେ ଗୋଟିଏ ସପ୍ତାହ ମଧ୍ୟରେ ୭୮ଟି




ବୈପ୍ଳବିକ ଘଟଣା ଘଟିଥିଲା । କାଇପଡ଼ାଠାରେ ପୁଲିସ ଗୁଳିରେ ୪ ଜଣ ମୃତ୍ୟୁବରଣ କରିଥିଲେ ଓ ୧୯ଜଣ ଆହତ ହୋଇଥିଲେ । ବହୁ ସଂଖ୍ୟାରେ ଲୋକ ଗିରଫ ହୋଇଥିଲେ । ବନ୍ଦୀମାନଙ୍କୁ ମୁକ୍ତ କରିବାକୁ ଯାଜପୁରଠାରେ ଏକ ବିରାଟ ବିକ୍ଷୋଭ ହେଲା (୨୭ଅଗଷ୍ଟ) ।

ବିପ୍ଳବୀମାନଙ୍କୁ ଘଉଡ଼ାଇବାପାଇଁ ଆକାଶ ମାର୍ଗରୁ ଲୁହବୁହା ଗ୍ୟାସ ନିକ୍ଷେପ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାରେ ପରିସ୍ଥିତି ଅସମ୍ଭାଳ ଥିଲା । ଦୁଇଟି ସ୍ଥାନରେ, ଖଇରା-ଛତ୍ରଗାଁ ଓ ଇରମଠାରେ ସ୍ୱାଧୀନ ସମାନ୍ତରାଳ ସରକାର ଗଠନ ହୋଇଥିଲା । ଗୁଳି ଚାଳନାରେ କଟାସାହିଠାରେ (ସେପ୍ଟମ୍ବର ୨୧) ୯ଜଣ, ଖଇରାଡ଼ିହ-ତୁଡ଼ିଗଡ଼ିଆଠାରେ (୨୪-୨୬ସେପ୍ଟେମ୍ବର) ୨ଜଣ, ଇରମଠାରେ (୨୮ସେପ୍ଟମ୍ବର) ୨୯ଜଣ ମୃତ୍ୟବରଣ କରିଥିଲେ । ଆହତଙ୍କ ସଂଖ୍ୟା ବହୁତ ଥିଲା । ଇରମ ହତ୍ୟାକାଣ୍ଡ ଇରମକୁ ଓଡ଼ିଶାର ଜାଲିଆନାୱାଲାବାଗ ଓ ରକ୍ତତୀର୍ଥରେ ପରିଣତ କରିଥିଲା । ଅନେକ ସ୍ଥାନରେ ଗୁଳିକାଣ୍ଡ ଅପ୍ରତ୍ୟାଶିତ, ଅନାବଶ୍ୟକ ଓ ଅତ୍ୟଧିକ ଥିଲା ।

ପୁରୀ ଜିଲ୍ଲାର ନିମାପଡ଼ାଠାରେ ଗୁଳିଚାଳନାରେ (୧୬ଅଗଷ୍ଟ) ଜଣଙ୍କର ମୃତ୍ୟୁ ହୋଇଥିଲା ଓ ଜଣେ ଆହତ ହୋଇଥିଲେ । ସମ୍ବଲପୁର ଓ ଗଞ୍ଜାମରେ ଆନ୍ଦୋଳନ ହିଂସାତ୍ମକ ନ ଥିଲା । ସମ୍ବଲପୁରରେ ୧୫୫ ଜଣ ଓ ଗଞ୍ଜାମ ଜିଲ୍ଲାରେ ୧୦୧ ଜଣ ଗିରଫ ହୋଇଥିଲେ ।

ଓଡ଼ିଶାରେ ଅଗଷ୍ଟ ବିପ୍ଳବକୁ ଦମନ କରିବାକୁ ସରକାର କଠୋର ଓ ନିର୍ମମ ପଦକ୍ଷେପମାନ ନେଇଥିଲେ । ଗିରଫ, ଅଟକ, ଜୋରିମାନା, ଶାରୀରିକ ଯନ୍ତ୍ରଣା, ମହିଳାମାନଙ୍କ ଉପରେ ଅତ୍ୟାଚାର, ଲାଠିଚାଳନା, ଲୁହବୁହା ଗ୍ୟାସ ପ୍ରୟୋଗ, ବେତ୍ରାଘାତ, ଗୁଳିଚାଳନା କରାଯାଇଥିଲା । ଓଡ଼ିଶାରେ ୬୪ ଜଣ ମହିଳାଙ୍କ ସମେତ ୪୩୫୭ ଜଣ ବନ୍ଦୀ ହୋଇଥିଲେ, ଜଣେ ଫାଶୀ ପାଇଥିଲେ । ୯ଟି ସ୍ଥାନରେ ଗୁଳିଚାଳନା ହୋଇଥିଲା, ୭୪ ଜଣ ମୃତ୍ୟୁ ବରଣ କରିଥିଲେ । ହଜାର ହଜାର ଲୋକ ଆହତ ହୋଇଥିଲେ । ୨୨୭୫୦ ଟଙ୍କା ଜୋରିମାନା ଆଦାୟ ହୋଇଥିଲା । ଅନେକ ସ୍ଥାନରୁ ପିଟୁଣୀ ଟିକସ ଆଦାୟ ହୋଇଥିଲା । ଜେଲରେ ବନ୍ଦୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇଥିଲା । ବ୍ରହ୍ମପୁର ଜେଲରେ ଲାଠିମାଡ଼ରେ (୧୧.୧୧.୪୨) ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାଶଙ୍କ ସହିତ ମନ୍ତ୍ରୀ, ବିଧାୟକ ଓ ନେତା ଆହତ ହୋଇଥିଲେ । କଟକ ସବଜେଲରେ ଜାତୀୟ ପତାକା ଉତ୍ତୋଳନ କରିବାରୁ ବନ୍ଦୀମାନଙ୍କ ଉପରେ ଲାଠିଚାଳନା ହୋଇଥିଲା (୨୬.୧.୪୩) । ଜେଲ ନିର୍ଯ୍ୟାତନାର ଚରମ ଉଦାହରଣ ଥିଲା କୋରାପୁଟ ଜେଲ । ସେଠାରେ ଜଣିକିଆ ପ୍ରକୋଷ୍ଠରେ ୬ ରୁ ୮ଜଣଙ୍କୁ ରଖାଯାଇଥିଲା । ୪ ରୁ ୫ ଜଣଙ୍କୁ ଗୋଟିଏ କମ୍ବଳ ମିଳୁଥିଲା । ଉପଯୁକ୍ତ ଖାଦ୍ୟ ଓ ଔଷଧ ମିଳୁ ନଥିଲା । କୋରଡ଼ା ମାଡ଼ ଓ ମହିଳାମାନଙ୍କ ଉପରେ ଅତ୍ୟାଚାର

ହେଉଥିଲା । ଖାଦ୍ୟ, ଔଷଧ, ଆବାସ, ଅଭାବରେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ୫୨ ଜଣ ବନ୍ଦୀ ମୃତ୍ୟୁ ବରଣ କରିଥିଲେ । ରାଧାକୃଷ୍ଣ ବିଶ୍ୱାସରାୟ ଏହାକୁ ନାଜିମାନଙ୍କର ଯୁଦ୍ଧବନ୍ଦୀ ଶିବିର ସହିତ ତୁଳନା କରିଥିଲେ ।

ନେତା ଓ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ବିନା ଓଡ଼ିଶାରେ ସ୍ଥାନୀୟ ଜନତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବୈପ୍ଳବିକ ବିସ୍ଫୋରଣ ଅକ୍ଟୋବର ମାସ ବେଳକୁ ଶିଥିଳ ହୋଇ ପଡ଼ିଥିଲା । ଛାମୁଆ ନେତାମାନଙ୍କ ଗିରଫଦାରୀ, ଦମନମୂଳକ ପଦକ୍ଷେପ, ପୁଲିସ ଓ ସେନାର ବିଶ୍ୱସ୍ତତା ଆନ୍ଦୋଳନକୁ ଦୁର୍ବଳ ଓ ଦମନ କରିବାରେ ସଫଳ ହୋଇଥିଲା । ଏହା ସତ୍ତ୍ୱେ ସାମୁହିକ ଭାବେ ଓଡ଼ିଶାରେ ଅଗଷ୍ଟ ବିପ୍ଳବ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ଅସହଯୋଗ ଓ ଆଇନ ଅମାନ୍ୟ ଆନ୍ଦୋଳନଠାରୁ ଏହା ଅଧିକ ବ୍ୟାପକଥିଲା ଓ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳକୁ ଅଧିକ ପ୍ରଭାବିତ କରିଥିଲା । ଛାତ୍ର, କୃଷକ ଓ ସାଧାରଣ ଜନତା ଏଥିରେ ଅଧିକ ସଂଖ୍ୟାରେ ଯୋଗଦେଇଥିଲେ । ଏହା ଜନତାର ଆନ୍ଦୋଳନ ଥିଲା ।

୧୯୪୫ ମସିହା ବେଳକୁ ଇଉରୋପରେ ଯୁଦ୍ଧସ୍ଥିତିରେ ପରିବର୍ତ୍ତନ ହୋଇଥିଲା । ଏସିଆରେ ଜାପାନ ସହିତ ଦୀର୍ଘ ଯୁଦ୍ଧର ସମ୍ଭାବନା, ନେତାଜୀ ସୁଭାସଚନ୍ଦ୍ର ବୋଷଙ୍କ ଆଜାଦହିନ୍ଦ ଫୌଜ ଦ୍ୱାରା ୫୧ ହଜାର ବର୍ଗମାଇଲ ଭାରତୀୟ ଅଞ୍ଚଳ ଅଧିକାର ଓ ଦିଲ୍ଲୀ ଚଲୋ ଆହ୍ୱାନ, ବଙ୍ଗରେ ଦାରୁଣ ଦୁର୍ଭିକ୍ଷ ଓ ଦେଶରେ ଖାଦ୍ୟାଭାବ ଏବଂ ଇଂଲଣ୍ଡରେ ହେବାକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜୁନ ୧୪,୧୯୪୫ ମସିହା ଦିନ, ୱାଭେଲ୍ ଯୋଜନା ଘୋଷିତ ହେଲା ଓ ପରେ ପରେ ବନ୍ଦୀମାନଙ୍କୁ ମୁକ୍ତ କରାଗଲା । କ୍ଷମତା ହସ୍ତାନ୍ତର ପାଇଁ ଆଲୋଚନା ଓ କାର୍ଯ୍ୟ ଆରମ୍ଭ ହେଲା । ୧୯୪୬ ମସିହା ଓଡ଼ିଶା ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳ ବିଜୟୀ ହୋଇ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ କଲା । ଡିସେମ୍ବର ୦୯.୧୯୪୬ ମସିହା ଦିନ ଭାରତ ସମ୍ବିଧାନ ପ୍ରଣୟନସଭା କାର୍ଯ୍ୟ ଆରମ୍ଭ କଲା । ଏଥିରେ ଓଡ଼ିଶାରୁ ୯ ଜଣ ପ୍ରତିନିଧି ଯୋଗଦେଇ ସମ୍ବିଧାନ ପ୍ରଣୟନ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନ ହେଲା । ସ୍ୱାଧୀନତା ସଂଗ୍ରାମ ଶେଷ ହେଲା । ଭାରତର ଏକ ମହାନ ଅଂଶଭାବେ ଓଡ଼ିଶା, ଏହି ଆନ୍ଦୋଳନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା ।

# ଗଡଜାତ ପ୍ରଜାଆନ୍ଦୋଳନ-ରାଜ୍ୟ ମିଶ୍ରଣ

ଓଡିଶା ଇତିହାସର ଗତିପଥରେ ଓଡିଶାର ଗଡଜାତ ରାଜ୍ୟମାନେ ବିଭିନ୍ନ ସମୟରେ ଆଟବିକ ରାଜ୍ୟ ବା ମଣ୍ଡଳ ରାଜ୍ୟ ବା ସାମନ୍ତ ରାଜ୍ୟ ବା କରଦ ରାଜ୍ୟ ନାମରେ ପରିଚିତ ଥିଲେ। ଓଡିଶାର ରାଜନୀତି ଓ ସଂସ୍କୃତି କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଭୁମିକା ଥିଲା । ଏହି ରାଜ୍ୟ ଗୁଡିକର ଉତ୍ପତ୍ତି, ଅବସ୍ଥିତି ଓ ବିଲୟ ଓଡିଶା ଇତିହାସର ଅବିଚ୍ଛିନ୍ନ ଅଙ୍ଗଥିଲା । ତୋଷାଳିରେ ମୁଦଗଳ ରାଜବଂଶ ଶାସନ କରୁଥିବା ସମୟରେ ଅଷ୍ଟାଦଶ ଅଟବି ରାଜ୍ୟ ଅବସ୍ଥିତ ଥିବାର ସୂଚନା ମିଳେ । ପରେ ଏମାନେ ଅଠର ଗଡଜାତ ରୁପେ ପରିଚିତ ହୋଇଥିଲେ । ଭୌମକର ରାଜବଂଶର ଶାସନ ସମୟରେ ଏକ ନୁତନ ଧରଣର ସାମନ୍ତ ରାଜ୍ୟ ସୃଷ୍ଟି ହୋଇଥିଲା । ଏହି ରାଜ୍ୟ ଗୁଡିକ ମଣ୍ଡଳ ନାମରେ ପରିଚିତ ଥିଲେ । ଏମାନେ ସାମନ୍ତ ରାଜ୍ୟ ଥିଲେ, କିନ୍ତୁ ପ୍ରାୟତଃ ସ୍ୱାଧିନ ଥିଲେ । ସେମାନଙ୍କର ନିଜର ସୈନ୍ୟବାହିନୀ ଥିଲା,ସେମାନେ ନିଜର କର୍ମଚାରୀ ନିଯୁକ୍ତ କରୁଥିଲେ,ଏପରିକି  ନିଜନାମରେ ଦାନପତ୍ର ପ୍ରଦାନ କରୁଥିଲେ। ମୋଗଲ ଶାସନ ସମୟରେ ଉକ୍ତ ରାଜ୍ୟ ଗୁଡିକୁ ଗଡଜାତ ରାଜ୍ୟ ନାମରେ ନାମିତ କରାଯାଇଥିଲା। ଇଂରେଜମାନେ ଓଡିଶା (ମୁଳ ଓଡିଶା-କଟକ, ପୁରୀ, ବାଲେଶ୍ୱର) ଅଧିକାର କରିବା ସମୟରେ ଓଡିଶାରେ ୩୦ଟି ଗଡଜାତ ରାଜ୍ୟ ଥିଲା । ସେଥିମଧ୍ୟରୁ ୧୧ଟି ରାଜ୍ୟକୁ ଜମିଦାରୀ ଭାବରେ କିମ୍ବା ସିଧାସଳଖ ଇଂରେଜ ଶାସନ ଅଧୀନରେ କଟକ ଡିଭିଜନ ସହିତ ମିଶାଇ ଦିଆଗଲା । ବାକି ୧୯ଟି ରାଜ୍ୟ, ଇଂରେଜ ମାନଙ୍କର ପ୍ରଭୁତ୍ୱ ସ୍ୱୀକାର କଲେ ଓ ବାର୍ଷିକକର ପ୍ରଦାନ କରି କରଦ ରାଜ୍ୟ ଭାବେ ପୂର୍ବପରି ଶାସନ କଲେ । ଏହା ସହିତ ସମ୍ବଲପୁର ଅଞ୍ଚଳର ୭ଟି ରାଜ୍ୟ ଏବଂ ଷଢେଇକଳା (୧୮୪୯) ଖରସୁଆଁ (୧୮୬୦) ଓ କଳାହାଣ୍ଡି ମିଶି ଗଡଜାତ ରାଜ୍ୟ ସଂଖ୍ୟା ୨୯ହେଲା। ପରେ ୩ଗୋଟି ରାଜ୍ୟ ବାଙ୍କୀ (୧୮୩୯) ଅନୁଗୁଳ (୧୮୪୫) ଓ ସମ୍ବଲପୁର (୧୮୪୯)କୁ ବ୍ରିଟିଶ ଓଡିଶା ସହିତ ମିଶାଇ ଦିଆ ଯିବା ଫଳରେ ଓଡିଶା ପ୍ରଦେଶ ଗଠନ ବେଳକୁ ଓଡିଶାର ଗଡଜାତ ରାଜ୍ୟ ବା କରଦ ରାଜ୍ୟ ସଂଖ୍ୟା ୨୬ ଥିଲା।

ଇଂରେଜ ଶାସନାଧିନ ହେବା ପରେ ଓଡିଶାର ସାମନ୍ତ ରାଜ୍ୟ ବା ଗଡଜାତ ରାଜ୍ୟ ଗୁଡିକର କ୍ଷମତା ଓ ଅଧିକାର କ୍ଷେତ୍ରରେ ଅନେକ ପରିବର୍ତ୍ତନ ହୋଇଥିଲା । ଓଡିଶା ଦଖଲ ପରେ ପରେ ଗଡଜାତ ରାଜ୍ୟମାନେ ନାମକୁମାତ୍ର କର ପ୍ରଦାନ କରି ପୁର୍ବପରି ଆଭ୍ୟନ୍ତରୀଣ ଶାସନରେ ସ୍ୱାଧିନ କ୍ଷମତା ଉପଭୋଗ କଲେ । ଇଂରେଜମାନେ ମୋଗଲବନ୍ଦୀ ଅଞ୍ଚଳରେ ସୁରୁଖୁରୁରେ କ୍ଷମତା ପ୍ରତିଷ୍ଠା କରିବାପାଇଁ ଗଡଜାତ ଶାସକମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁନଥିଲେ । ୧୮୧୪ ମସିହାରେ ପ୍ରଥମଥର ପାଇଁ ଗଡଜାତ କରଦ ରାଜ୍ୟ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା ପାଇଁ "ଟ୍ରିବୁଟାରି ମହଲ" ଗଠିତ ହେଲା ଓ ଜଣେ ଅଧୀକ୍ଷକ ନିଯୁକ୍ତ ହୋଇଥିଲେ । ରାଜ୍ୟ ରାଜ୍ୟ ମଧ୍ୟରେ ବା ରାଜ୍ୟ ଓ ମୋଗଲବନ୍ଦୀ ଅଞ୍ଚଳ ମଧ୍ୟରେ ବିବାଦ ସମାଧାନ କରିବା, ରାଜା ନାବାଳକ ଥିଲେ ତହସିଲଦାରଙ୍କ ଦ୍ୱାରା ଶାସନ ପରିଚାଳନା କରିବା; ରାଜା ମହାଅପରାଧ କଲେ ତାଙ୍କୁ ଦଣ୍ଡିତ କରିବା, ଅଧୀକ୍ଷକଙ୍କର କାର୍ଯ୍ୟ ଥିଲା । ସିପାହୀ ବିଦ୍ରୋହ ପରେ ରାଣୀ ଭିକ୍ଟୋରିଆଙ୍କର ଘୋଷଣା ନାମାରେ (୧୮୫୮) କରଦ ରାଜା ମାନଙ୍କର 'ରାଜା', 'ମହାରାଜା' ଉପାଧିକୁ ସ୍ୱୀକୃତି ପ୍ରଦାନ କରାଗଲା ଓ ବ୍ରିଟିଶ ସରକାର ସେମାନଙ୍କୁ ସୁରକ୍ଷା ଦେବାପାଇଁ ପ୍ରତିଶ୍ରୁତି ଦେଲେ । ୧୮୮୮ ମସିହାରେ ଭାରତ ରାଷ୍ଟ୍ର ସଚୀବ କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟଗୁଡିକ ବ୍ରିଟିଶ ସାମ୍ରାଜ୍ୟର ଅଂଶ ନୁହନ୍ତି ବୋଲି ଘୋଷଣା କଲେ । ରାଜାମାନଙ୍କର କ୍ଷମତା ପରିସର ଅଧିକ ବୃଦ୍ଧି କରାଯାଇ ୧୮୯୪ ମସିହାରେ ନୂତନ ସନନ୍ଦ (ଚୁକ୍ତି) ସ୍ୱାକ୍ଷରୀତ ହେଲା । ୧୯୦୬ ମସିହାରେ ସମସ୍ତ ଗଡଜାତମାନଙ୍କ ପାଇଁ ପଲିଟିକାଲ୍ ଏଜେଣ୍ଟ ନିଯୁକ୍ତ ହେଲେ । ପଲିଟିକାଲ୍ ଏଜେଣ୍ଟଙ୍କର ରାଜାଙ୍କୁ ଉପଦେଶ, ପରାମର୍ଶ ଓ ନିର୍ଦ୍ଦେଶ ଦେବା ଅଧିକାର ଥିଲା । କିନ୍ତୁ ବାସ୍ତବ କ୍ଷେତ୍ରରେ ରାଜ୍ୟ ଗୁଡିକର ଆଭ୍ୟନ୍ତରୀଣ ଶାସନରେ ବିଶେଷ କିଛି ପରିବର୍ତ୍ତନ ହୋଇନଥିଲା । ୧୯୦୮ ମସିହାରେ ରାଜାମାନଙ୍କୁ ଫୌଜଦାରୀ କ୍ଷମତା ହସ୍ତାନ୍ତର ହେଲା । କେବଳ ମୃତ୍ୟୁ ଦଣ୍ଡାଦେଶ ପଲିଟିକାଲ ଏଜେଣ୍ଟଙ୍କର ଅନୁମୋଦନ ପାଇଁ ପଠାଯିବାର ବ୍ୟବସ୍ଥା ରହିଥିଲା । ୧୯୩୭ ମସିହାରେ ରାଜାମାନଙ୍କର ଦେୱାନୀ ଓ ଫୌଜଦାରୀ କ୍ଷମତା ଅଧିକ ବୃଦ୍ଧି ହୋଇ ପଲିଟିକାଲ ଏଜେଣ୍ଟଙ୍କ ପାଖକୁ ମୃତ୍ୟୁ ଦଣ୍ଡାଦେଶ ପଠାଇବା ବ୍ୟବସ୍ଥା ରଦ୍ଦ ହେଲା । ରାଜାମାନଙ୍କୁ ସ୍ୱୟଂ ଶାସନ ଅଧିକାର ପ୍ରଦାନ କରାଗଲା ।

ଏହିପରି ଭାବରେ ଏକଦା ଆଳି, ମଧୁପୁର, ସୁକିନ୍ଦା ଜମିଦାରୀ ସହିତ ସମାନ ଥିବା କରଦ ରାଜ୍ୟ ବା ସାମନ୍ତରାଜ୍ୟ ଗୁଡିକ ସ୍ୱଂୟ ଶାସନ ଅଧିକାର ପାଇଲେ ଓ ଶାସକ ମାନେ ରାଜା,ମହାରାଜା ରୁପେ ସ୍ୱୀକୃତି ଲାଭ କରିଥିଲେ ।

**ଗଡଜାତ ରାଜ୍ୟ ଶାସନ ବ୍ୟବସ୍ଥା :** ଗଡଜାତରାଜ୍ୟ ଗୁଡିକରେ ଏକଛତ୍ରବାଦୀ ଶାସନ ଚାଲିଥିଲା। ପ୍ରଜାମାନଙ୍କ ଉପରେ ରାଜାମାନଙ୍କର ଅଖଣ୍ଡ କ୍ଷମତା ଓ କର୍ତ୍ତୃତ୍ୱ ଥିଲା। ବ୍ୟକ୍ତି ସ୍ୱାଧିନତା, ରାଜନୈତିକ ଅଧିକାର ଓ କେତେକ ରାଜ୍ୟରେ ସାମାଜିକ ଅଧିକାର ନଥିଲା। ସମ୍ବାଦପତ୍ର ଆଣିବା ମନା ଥିଲା। ବାକ୍‌ସ୍ୱାଧିନତା ନଥିଲା । ସଂଘ, ସମିତି ଗଢିବାର ଅଧିକାର ନଥିଲା । ଆଇନର ଶାସନଥିଲା, ଆଇନଥିଲା, କିନ୍ତୁ ପ୍ରଜାମାନଙ୍କପାଇଁ ଅଜଣା ଥିଲା। ଆଇନଗୁଡିକ ସଂକଳିତ ହୋଇ ମୁଦ୍ରିତ ହୋଇନଥିଲା । ଅନେକ କ୍ଷେତ୍ରରେ ଲିଖିତଆଇନ କାର୍ଯ୍ୟକାରୀ ହେଉନଥିଲା। ରାଜାଙ୍କ ଆଦେଶ ହିଁ ଆଇନ ଥିଲା ।

ଅନେକ ଗଡଜାତ ରାଜ୍ୟରେ ସରକାର ଓ ଶାସନ ପାରିବାରିକ ଥିଲା । ଉଦାହରଣ ସ୍ୱରୁପ ତାଳଚେରର ଯୁବରାଜ ସେସନସ୍ ବିଚାରପତି, ଅନ୍ୟ ପୁତ୍ର (ପଟାୟତ)ରାଜସ୍ୱ ଅଧିକାରୀ ଓ ବିତ୍ତ ନିୟନ୍ତ୍ରକ, ଜଣେ ଭାଇ ସହକାରୀ ରାଜସ୍ୱ ଅଧିକାରୀ ଓ ଅନ୍ୟଜଣେ ଭାଇ ଜଙ୍ଗଲ ଅଧିକାରୀ ଥିଲେ । ଦୁଇଜଣ ପୁତୁରା ତହସିଲଦାର ଥିବାବେଳେ ଅନ୍ୟଜଣେ ପୁତୁରା ପୁଲିସ୍ ଅଧିକାରୀ ଥିଲେ । ରାଜାଙ୍କର ଓ ରାଜପରିବାରର ଖର୍ଚ୍ଚ ଉପରେ କୌଣସି କଟକଣା ନଥିଲା। ପାରିବାରିକ ଖର୍ଚ୍ଚପାଇଁ ପରିମାଣ ନର୍ଦ୍ଦିଷ୍ଟ ହୋଇଥିଲେ ମଧ୍ୟ ରାଜପ୍ରାସାଦର ରକ୍ଷଣାବେକ୍ଷଣ, ଉଦ୍ୟାନ, ପଶୁଶାଳା ଦାୟୀତ୍ୱ ପୁର୍ତ୍ତ ବିଭାଗ ବୁଝୁଥିଲା। ପ୍ରାସାଦର ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ, ବିଶେଷଜ୍ଞ ଡାକ୍ତରଙ୍କ ଖର୍ଚ୍ଚ ସ୍ୱାସ୍ଥ୍ୟ ବିଭାଗ ଦେଖାଶୁଣା କରୁଥିଲା। ଅତିଥିଶାଳା, ସୁରକ୍ଷା, ବାଦ୍ୟ, ବ୍ୟାଣ୍ଡ ପାର୍ଟି ପୋଲିସ ବିଭାଗ ଅଧିନରେ ଥିଲା । ଦେବୋତ୍ତର ସମ୍ପତ୍ତିର ପ୍ରକୃତ ମାଲିକ ଥିଲେ ରାଜପରିବାର । ଦେବୋତ୍ତର ସମ୍ପତ୍ତିଉପରେ ରାଣୀମାନଙ୍କର ବିଶେଷ ଅଧିକାର ଥିଲା । ରାଜ୍ୟ ରାଜସ୍ୱର ସିଂହ ଭାଗ ରାଜା ଓ ରାଜପରିବାର ପାଇଁ ଖର୍ଚ୍ଚ ହେଉଥିଲା। ବିକାଶ ପାଇଁ ଅର୍ଥର ଅଭାବ ଥିଲା।

ରାଜସ୍ୱ ବାହାରେ ସଲାମୀ, ନଜରାନା, ଭେଟି, ମାଗଣ ରାଜାଙ୍କର ନିଜସ୍ୱ ଆୟ ଥିଲା। ପ୍ରଜାମାନଙ୍କର ଅବସ୍ଥା ଶୋଚନୀୟ ଥିଲା। ସେମାନେ ଆର୍ଥୀକ ଦୁରାବସ୍ଥା ମଧ୍ୟରେ ଥିଲେ। ଜମି ଖଜଣା ଅଧିକ ଥିଲା। ଏହା ସହିତ ଅନେକ ପ୍ରକାରର କର ଓ ଟିକସ ଯଥା: ଜଙ୍ଗଲ ସେସ, ଶିକ୍ଷା ସେସ, ସ୍ୱାସ୍ଥ୍ୟ ସେସ, ରାସ୍ତା ଟିକସ୍, ଆମଦାନି ରପ୍ତାନୀ ଟିକସ,

ଲୁଣ, କିରୋସିନି, ବିଡ଼ି, ପାନ, ନଡିଆ, ମାଂସ ଉପରେ ଟିକସ, ଗାଇ ମଇଁଷି ଉପରେ ଟିକସ ଆଦାୟ ହେଉଥିଲା। ପୋଷ୍ୟ ପୁତ୍ର ଗ୍ରହଣ, ବିବାହ, ବିଧବା ବିବାହ, ପାଲିକିଂ ଚଢ଼ିବା, ଦୁଇଫାଳିଆ କବାଟ ଲଗାଇବା, ଟୋପି ପିନ୍ଧିବା ପାଇଁ ମଧ୍ୟ କର ଦେବାକୁ ପଡୁଥିଲା। ଯେ କୌଣଶି ପ୍ରକାରର ଟିକସ ବସାଇବା କ୍ଷମତା ରାଜାଙ୍କର ଥିଲା । ମନଇଚ୍ଛା ଟିକସ ଧାର୍ଯ୍ୟ ହେଉଥିଲା । ଗଡଜାତ ରାଜ୍ୟ ଗୁଡ଼ିକରେ ବେଠି, ବେଗାରି, ରସଦ, ମାଗଣ ଓ ଭେଟି ଭଳି କେତେକ ଘୃଣିତ ପରମ୍ପରା ଥିଲା । ରାଜ ପ୍ରାସାଦ, ସରକାରୀ କାର୍ଯ୍ୟାଳୟ ନିର୍ମାଣ ଓ ମରାମତି; ରାଜାଙ୍କ ଜମିରେ ଚାଷ କାମ, ଧର୍ମ ଉତ୍ସବରେ ସେବା ପ୍ରଦାନ ବଧ୍ୟତାମୂଳକ ଥିଲା। ଯେକୌଣସି ସମୟରେ ଡାକରା ଆସୁଥିଲା । ବେଠି ନଖଟିଲେ ଶାରିରୀକ ଦଣ୍ଡ, ଜୋରିମାନା ଓ ଜେଲ ଦଣ୍ଡ ଭୋଗିବାକୁ ପଡୁଥିଲା । ରାଜା, ଜମିଦାର୍ ଓ ରାଜ କର୍ମଚାରୀମାନଙ୍କ ଗସ୍ତ କାଳରେ ସେମାନଙ୍କର ଆବଶ୍ୟକୀୟ ଖାଦ୍ୟ ପଦାର୍ଥ ଗ୍ରାମବାସୀମାନଙ୍କ ଠାରୁ ଆଦାୟ ହେଉଥିଲା। ଏହାକୁ ରସଦ କୁହାଯାଉଥିଲା। ବଜାର ମୂଲ୍ୟରେ କିଣିବା ନିୟମ ଥିଲେ ମଧ୍ୟ କେହି କେବେ ମୂଲ୍ୟ ଦେଉନଥିଲେ । ରାଜା ଘର ବିବାହ, ବ୍ରତ, କର୍ଣ୍ଣଭେଦ, ଅନ୍ତ୍ୟେଷ୍ଟିକ୍ରିୟା ପ୍ରଭୃତି କାର୍ଯ୍ୟ ତଥା ସାମୟିକ ଆବଶ୍ୟକତା ଯଥା – ରାଜାଙ୍କର ଜୁବୁଲି ଫଣ୍ଡ, ପଟାୟତଙ୍କ ବିଦେଶ ଗସ୍ତ ଇତ୍ୟାଦି ପାଇଁ ପ୍ରଜାମାନଙ୍କଠାରୁ ଅର୍ଥ ଆଦାୟ ହେଉଥିଲା । ଏହାକୁ ମାଗଣ କୁହାଯାଏ। ଏହାବ୍ୟତୀତ ଦଶହରା, ସୁନିଆଁ ଓ ଅନ୍ୟାନ୍ୟ ଉତ୍ସବରେ ଭେଟି ଦେବା ଏକ ସାଧାରଣ ପ୍ରଥା ଥିଲା। ଏହା ସ୍ୱେଚ୍ଛାକୃତ ଉପହାର ହୋଇଥିଲେ ହେଁ ପ୍ରାୟତଃ ବାଧ୍ୟତାମୂଳକ ଥିଲା । ବେଳେ ବେଳେ ବଳପ୍ରୟୋଗ କରି ମଧ୍ୟ ଆଦାୟ ହେଉଥିଲା ।

ଗଡଜାତ ରାଜାମାନଙ୍କର କୁଶାସନ, ଅନ୍ୟାୟ, ଅତ୍ୟାଚାରରେ ପ୍ରଜାମାନେ ନିଷ୍ପେଷିତ ହେଉଥିଲେ। ଅସହାୟ ଓ ଅସନ୍ତୁଷ୍ଟ ଥିଲେ। ରାଜାମାନଙ୍କର ଅତ୍ୟାଚାର ଓ ନିର୍ଯାତନା ବିରୁଦ୍ଧରେ ବିଭିନ୍ନ ରାଜ୍ୟରେ ବିଭିନ୍ନ ସମୟରେ ପ୍ରଜାମେଳି ହୋଇଥିଲା। କେନ୍ଦୁଝର ରତନା ମେଳି (୧୮୬୩), ଧରଣୀ ମେଳି (୧୮୯୧); କଳାହାଣ୍ଡି କନ୍ଧମେଳି (୧୮୮୨), ବାମରା ବିଦ୍ରୋହ (୧୯୦୮-୨୮), ଦଶପଲ୍ଲା ମେଳି (୧୯୧୪), ମୟୂରଭଞ୍ଜ ବିଦ୍ରୋହ (୧୯୧୭), ଢେଙ୍କାନାଳ ବିଦ୍ରୋହ (୧୯୨୨), ନିଳଗିରି ଆନ୍ଦୋଳନ (୧୯୨୮), ତାଳଚେର ବିଦ୍ରୋହ (୧୯୧୪-୨୨-୩୨), ବଉଦ ବିଦ୍ରୋହ (୧୯୩୦) ଅତ୍ୟାଚାରୀ ଶାସନ ବିରୁଦ୍ଧରେ ହୋଇଥିଲା। ଏହି ଆନ୍ଦୋଳନ ଗୁଡ଼ିକୁ ନିର୍ମମ ଭାବେ ଦମନ କରାଯାଇଥିଲା ।

## ପ୍ରଜାମଣ୍ଡଳ ଆନ୍ଦୋଳନ (୧୯୩୭-୧୯୩୯)

ଦେଶରେ ରାଜନୈତିକ ସଚେତନତା ବୃଦ୍ଧି ଓ ସ୍ୱାଧିନତା ଆନ୍ଦୋଳନର ପ୍ରଭାବ ଗଡଜାତ ରାଜ୍ୟମାନଙ୍କ ଉପରେ ପଡିଥିଲା । ଲବଣ ସତ୍ୟାଗ୍ରହ ବେଳେ ଇଞ୍ଜୁଡିଠାରେ ଗଡଜାତର ୧୧ ଜଣ ନେତା ଆଇନ ଅମାନ୍ୟ ଆନ୍ଦୋଳନରେ ଭାଗ ନେଇଥିଲେ । ସ୍ୱାଧିନତା ଓ ଗଣତାନ୍ତ୍ରିକ ଚିନ୍ତାଧାରା ଗଡଜାତରେ ପ୍ରବେଶ କରିଥିଲା । ସେଠାରେ ରାଜନୈତିକ ସଚେତନତା ସୃଷ୍ଟି ହୋଇଥିଲା । ଓଡିଶା ପ୍ରଦେଶର ନେତାମାନେ ଗଡଜାତରେ ରାଜନୈତିକ କାର୍ଯ୍ୟକଳାପ ଗୁଡିକୁ ସମର୍ଥନ ଓ ପ୍ରେରଣା ପ୍ରଦାନ କରିଥିଲେ । ଫଳରେ ଗଡଜାତ ରାଜ୍ୟମାନଙ୍କରେ ସଙ୍ଗଠିତ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

୧୯୩୧ ମସିହାରେ ଓଡିଶା ଗଡଜାତ ରାଜ୍ୟଗୁଡିକର ପ୍ରଜାମାନଙ୍କୁ ସଙ୍ଗଠିତ କରିବା ପାଇଁ ସର୍ବ ଭାରତୀୟ ପ୍ରଜା ସମ୍ମିଳନୀ ସହଯୋଗରେ ରାଧାନାଥ ରଥ, ବାଲୁଙ୍କେଶ୍ୱର ଆଚାର୍ଯ୍ୟ, ମଧୁସୂଦନ ପଟ୍ଟନାୟକ, ଗୋବିନ୍ଦ ମିଶ୍ରଙ୍କ ଉଦ୍ୟମରେ କଟକଠାରେ ପ୍ରଥମଥର ପାଇଁ ଓଡିଶା ଗଡଜାତ ପ୍ରଜାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହାର ପ୍ରଭାବ ବେଶିଦିନ ରହିନଥିଲା । ୧୯୩୭ ମସିହା ଜୁନ୨୩ ଓ୨୪ ତାରିଖରେ ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ସମଗ୍ର ଓଡିଶା ଗଡଜାତ ପ୍ରଜାସମ୍ମିଳନୀର ଦ୍ୱିତୀୟ ଅଧିବେଶନ କଟକଠାରେ ଅନୁଷ୍ଠିତ ହେଲା। ଏହିଠାରେ ସଙ୍ଗଠନର ସମ୍ବିଧାନ ପ୍ରଣୀତ ହେଲା। ରାଜ୍ୟମାନଙ୍କରେ ପ୍ରତିନିଧିମୂଳକ ଦାୟୀତ୍ୱ ସମ୍ପନ୍ନ ସରକାର ଗଠନ, ସମ୍ମିଳନୀର ଲକ୍ଷ୍ୟ ବୋଲି ଘୋଷିତ ହେଲା । ରାଜ୍ୟର ଆଇନଗୁଡିକୁ ସଙ୍କଳନ ଓ ପ୍ରକାଶନ କରିବାକୁ ଶାସକ ମାନଙ୍କୁ ଅନୁରୋଧ କରିବାକୁ ଓ ଦରକାର ହେଲେ ଚାପ ପ୍ରୟୋଗ କରିବାକୁ ନିଷ୍ପତ୍ତି ହେଲା । ଏହି ସମ୍ମିଳନୀ ପରେ ପରେ ପ୍ରାୟ ସବୁରାଜ୍ୟରେ ପ୍ରଜାମଣ୍ଡଳ ଗଠନ ହେଲା । ରାଜାଙ୍କୁ ଦାବିପତ୍ରମାନ ପ୍ରଦାନ କରାଗଲା । ସବୁ ଦାବିପତ୍ରରେ ସାମନ୍ତବାଦୀ କର ଟିକସର ଉଚ୍ଛେଦ (ବେଠି ବେଗାରୀ, ରସଦ, ମାଗଣ), ମୌଳିକ ଅଧିକାର ପ୍ରଦାନ (ସଂଘ ସମିତି ଗଠନ, ଖବରକାଗଜ ପ୍ରକାଶନ ଓ ପଠନ) ଲୋକପ୍ରତିନିଧିମୂଳକ ଶାସନ (ସାବାଳକ ଭୋଟପ୍ରଥା ମାଧ୍ୟମରେ ସରକାର ଗଠନ) ଫସଲ ସୁରକ୍ଷା ପାଇଁ ବଣ୍ୟଜନ୍ତୁ ଶୀକାର କରିବାକୁ ଅନୁମତି, ଭୂମି, ଗଛ, ମାଛ ଉପରେ କୃଷକମାନଙ୍କର ଅଧିକାର ପ୍ରଭୃତି ଦାବି ଉଲ୍ଲିଖିତ ଥିଲା ।

ପ୍ରଜାମାନଙ୍କର କାର୍ଯ୍ୟକଳାପକୁ ରାଜାମାନେ ସନ୍ଦେହ କଲେ ଓ ପ୍ରଜାମଣ୍ଡଳ ଗଠନକୁ ସ୍ୱୀକୃତି ଦେଲେନାହିଁ । ଅନ୍ୟ ପକ୍ଷରେ ବିନାନୁମତିରେ ସଭାସମିତି, ଶୋଭାଯାତ୍ରା କରିବାକୁ ମନା କଲେ । ବାହାରୁ ସମ୍ବାଦପତ୍ର ଆଣିବା, ପାଞ୍ଚଜଣରୁ ଅଧିକ ଏକାଠି ହବାକୁ

ମନାକରାଗଲା । ସଂଘ ବା ସମିତି (ପ୍ରଜାମଣ୍ଡଳ) ଗଠନର ରେଜିଷ୍ଟ୍ରେସନକୁ ବାଧ୍ୟତାମୂଳକ କରାଗଲା । ଛୋଟଛୋଟ କାରଣ ଦେଖାଇ ଛାମୁଆ ନେତାମାନଙ୍କୁ ଗିରଫ କରାଗଲା । ଏହାସତ୍ତ୍ୱେ ରାଜ୍ୟମାନଙ୍କରେ ଅଭୁତପୂର୍ବ ଜନଜାଗରଣ ଦେଖା ଦେଇଥିଲା । ପ୍ରାୟ ସବୁରାଜ୍ୟରେ ପ୍ରଜା ଆନ୍ଦୋଳନ ହୋଇଥିଲା। ନୀଳଗିରି, ଢେଙ୍କାନାଳ, ତାଳଚେର ଠାରେ ଆନ୍ଦୋଳନ ସବୁଠାରୁ ଭୀଷଣ ଆକାର ଧରିଥିଲା ।

ଗଡଜାତ ଗୁଡିକରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାବେଳେ **ନୀଳଗିରି** ରାଜା ଅଯୋଧ୍ୟା ଗ୍ରାମରେ ସବୁଜାତିର ଲୋକମାନେ ମିଶି ଭୋଜି କରିଥିବାରୁ, ଜାତିପ୍ରଥା ଉଲଘଂନ ଅପରାଧରେ ସମସ୍ତଙ୍କ ଉପରେ ଜୋରିମାନା କଲେ । ଏହା ବିରୁଦ୍ଧରେ ପ୍ରତିବାଦ ସଭା କରିବାକୁ ଅନୁମତି ନ ଦେବାରୁ ବିକ୍ଷୋଭ ହେଲା। ବହୁ ଲୋକ ଗିରଫ ହେଲେ (୧୧୬ଜଣ)। ଚାବୁକ ମାଡ ହେଲା, ଜୋରିମାନା ହେଲା। କିନ୍ତୁ ପରିସ୍ଥିତି ଶାନ୍ତ ହୋଇନଥିଲା। ବାଲେଶ୍ୱର ଜିଲ୍ଲାପାଳ, ପଲିଟିକାଲ ଏଜେଣ୍ଟ ଓ ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଏକ ବୁଝାମଣା ହେଲା । ରାଜା ପ୍ରଜାମାନଙ୍କର ଅନେକ ଦାବି ମାନିନେଲେ। ବ୍ୟକ୍ତିସ୍ୱାଧିନତା ମିଳିଲା ଓ ବେଠି, ବେଗାରି, ମାଗଣ ପ୍ରଥା ଉଚ୍ଛେଦ ହେଲା। ଏହି ସଫଳତା ଓଡିଶାରେ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଥମ ସଫଳତା ଥିଲା।

**ଢେଙ୍କାନାଳ**ରେ ପ୍ରଜାମଣ୍ଡଳର ଦାବିକୁ ବିଚାରକରିବା ପରିବର୍ତ୍ତେ ରାଜା ଦମନମୂଳକ



ପଦକ୍ଷେପ ନେଲେ । ସେପ୍ଟେମ୍ବର ୧୧, ୧୯୩୮ମସିହା ଦିନ ୫ଜଣ ପ୍ରଜାମଣ୍ଡଳ ନେତାଙ୍କୁ ବନ୍ଦୀକରାଯିବା ପ୍ରତିବାଦରେ ତା ପରଦିନ ପ୍ରାୟ ୪୦ ହଜାର ଲୋକ ଢେଙ୍କାନାଳ ଜେଲ ଘେରାଉକଲେ । ରାଜା ଭୟରେ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ ଓ ପ୍ରଜାମଣ୍ଡଳକୁ ସ୍ୱୀକୃତି ଦେଇ ସେମାନଙ୍କ ସହିତ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଲେ। କିନ୍ତୁ ଆଲୋଚନା ପରିବର୍ତ୍ତେ ରାଜା ଅଧିକ ପୋଲିସ ମଗାଇଲେ। ପୋଲିସ ଆସି ୭ଦିନ ପରେ ଫେରିଯିବାରୁ ସଙ୍ଗୀନ ପରିସ୍ଥିତି ସୃଷ୍ଟି ହେଲା । ଆନ୍ଦୋଳନ ତୀବ୍ରହେଲା। ରାଜା ଦୃଢ ଦମନ ମୁଳକ ପଦକ୍ଷେପ ନେଲେ। ପ୍ରଜା ମଣ୍ଡଳ ବେଆଇନ

ଘୋଷିତ ହେଲା। ପୁଲିସ ଗୁଳିଚାଳନା (୧୦, ୧୧ ଅକ୍ଟୋବର, ୨, ୧୧, ନଭେମ୍ବର) ଦ୍ୱାରା ୧୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ୧୨ ବର୍ଷର ବାଳକ **ବାଜି ରାଉତ** ପୋଲିସକୁ ନଈପାରି କରାଇ ନଦେବାରୁ ପୋଲିସ ଗୁଳିରେ ପ୍ରାଣ ହରାଇଲା (୧୧.୧୦.୧୯୩୮)। ଅତ୍ୟାଚାରରେ ଅତିଷ୍ଠ ପ୍ରାୟ ୮୦୦୦ ଲୋକ ରାଜ୍ୟ ଛାଡି କଟକକୁ ଓ ବହୁ ଅଧିକ ଲୋକ ଅନୁଗୁଳକୁ ପଳାଇ ଯାଇ ସେଠାରେ ଆଶ୍ରୟ ନେଲେ। ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ଓଡିଶାରେ ଆନ୍ଦୋଳନ ହେଲା। ନବକୃଷ୍ଣ ଚୌଧୁରୀ ବିଧାନ ସଭାରୁ ଇସ୍ତଫା ଦେଇ ସ୍ୱେଚ୍ଛାସେବକମାନଙ୍କ ସହିତ ଢେଙ୍କାନାଳରେ ପ୍ରବେଶକଲେ ଓ ବନ୍ଦୀହେଲେ (୩-୧୨-୩୮)। ପରିସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ରାଜା ଲୋକପ୍ରତିନିଧିମାନଙ୍କୁ ରାଜ୍ୟ ଶାସନରେ (ପଞ୍ଚାୟତ ଓ ପ୍ରଜାସଭା) ସହଭାଗୀ କରିବାକୁ ଘୋଷଣା କଲେ।

ଢେଙ୍କାନାଳ ସହିତ **ତାଳଚେର**ରେ ଆନ୍ଦୋଳନ ଆରମ୍ଭ ହେଲା। ପ୍ରଜାମଣ୍ଡଳ ଦାବିପତ୍ରକୁ ବିଚାରକରିବା ପରିବର୍ତ୍ତେ ରାଜା ପ୍ରଜାମଣ୍ଡଳକୁ ବେଆଇନ ଘୋଷଣା କଲେ। ବେଠି ଖଟିବାକୁ ମନାକରି ସେଠାରେ ଆଇନ ଅମାନ୍ୟ ଆନ୍ଦୋଳନ ହେଲା। କେତେଜଣ ନେତାଙ୍କୁ ରାଜ୍ୟରୁ ବହିଷ୍କାର କରାଗଲା। ସେମାନେ ଅନୁଗୁଳ ଯାଇ ସେଠାରୁ ଆନ୍ଦୋଳନ ପରିଚାଳନା କଲେ। ପ୍ରଜାମଣ୍ଡଳକର୍ମୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର ହେଲା। ଚାବୁକ ପ୍ରହାର, ଶାରୀରିକ ଯନ୍ତ୍ରଣା, ଶସ୍ୟକ୍ଷେତ୍ର ବ୍ୟାଜାପ୍ତି, ମହିଳାମାନଙ୍କପ୍ରତି ଅସଦାଚରଣ ଭଳି ଅମାନୁଷିକ କଷଣ ଦିଆଗଲା। ଗୁଳିଚାଳନାରେ ଜଣେ ମୃତ ଓ ଅନେକ ଆହତ ହେଲେ। ଅତ୍ୟାଚାର ସହିନପାରି ହଜାର ହଜାର ଲୋକ ଘରଦ୍ୱାର ଛାଡି ଇଂରେଜ ଶାସିତ କଟକ ଓ ଅନଗୁଳକୁ ପଳାୟନ କଲେ।

**ପ୍ରଜାମାନଙ୍କର ରାଜ୍ୟ ପରିତ୍ୟାଗ** : ତାଳଚେର ଓ ଢେଙ୍କାନାଳରୁ ଅନୁଗୁଳକୁ ହଜାର ହଜାର ଲୋକମାନଙ୍କର ପଳାୟନ ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଥିଲା। ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନୀରବ ପ୍ରତିବାଦର ଏକ ଭିନ୍ନଧରଣର ଆନ୍ଦୋଳନ ଥିଲା। ଜାନୁୟାରୀ ୩ ତାରିଖ ବେଳକୁ ଶରଣାର୍ଥୀମାନଙ୍କର ସଂଖ୍ୟା ସରକାରୀ ହିସାବରେ ୧୭ହଜାର, ଠାକର ବାପାଙ୍କ ହିସାବରେ ୨୬ ହଜାର ଓ ଅନ୍ୟମତରେ ୩୦ ହଜାରରୁ ଏକଲକ୍ଷ ମଧ୍ୟରେ ଥିଲା। ସବୁଆଡୁ ସମାଲୋଚନା ଓ ପ୍ରତିବାଦର ସ୍ୱରଉଠିଲା । ପ୍ରଫେସର ଏନ.ଜି.ରଙ୍ଗା, ଆଗାଥା ହାରିସନ, ରାଜେନ୍ଦ୍ର ପ୍ରସାଦ, ସି.ଏଫ.ଆଣ୍ଡ୍ରିଉଜ ଓଡିଶା ଆସି ସମାଧାନ ପାଇଁ ଉଦ୍ୟମ କରିଥିଲେ। ସହକାରୀ ପଲିଟିକାଲ ଏଜେଣ୍ଟ, ରାଜସ୍ୱ କମିଶନର, ହରେକୃଷ୍ଣ ମହତାବ, ସେନା ଅଫିସର ଓ ଶରଣାର୍ଥୀ ଶିବିରରୁ ଦୁଇ ଜଣ ନେତାଙ୍କ ମଧ୍ୟସ୍ଥତାରେ ଏକ ବୁଝାମଣା

ପ୍ରସ୍ତାବ ପ୍ରସ୍ତୁତ ହେଲା । କିନ୍ତୁ ତାଳଚେର ରାଜା ଏହାକୁ ଗ୍ରହଣ କଲେ ନାହିଁ । ମାସକପରେ ରେସିଡେଣ୍ଟ କମିଶନରଙ୍କ ହସ୍ତକ୍ଷେପ ଫଳରେ ମେ ୧, ୧୯୩୯ ଦିନ ରାଜା ଏକ ଅସଂପୂର୍ଣ୍ଣ ଘୋଷଣା କଲେ । ଶେଷରେ ଓଡିଶାର ରାଜ୍ୟପାଳଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା । ଜୁନ ୨୩ ତାରିଖ ଦିନ ଗଞ୍ଜେଇ ଓ ଅଫିମ ବ୍ୟତୀତ ଅନ୍ୟସବୁ ଦ୍ରବ୍ୟ ଉପରୁ ଏକଚାଟିଆ ଅଧିକାର ବିଲୋପ, ଧର୍ମ ନ୍ୟାୟାଳୟ ଦ୍ୱାରା ଜୋରିମାନା ବ୍ୟବସ୍ଥା ଉଚ୍ଛେଦ, ଚାଷ ଜମିରୁ ପଶୁହତ୍ୟା ପାଇଁ ଅନୁମତି ଓ ବାକ୍ ସ୍ୱାଧିନତା ପ୍ରଦାନ ବ୍ୟବସ୍ଥା ସହିତ ଘୋଷଣାନାମା ପ୍ରକାଶିତ ହେଲା । ତାର ଦୁଇ ଦିନ ପରେ ଜୁନ ୨୬ ତାରିଖରେ ଢେଙ୍କାନାଳ ରାଜା ସେହିମର୍ମରେ ଏକ ଘୋଷଣାପତ୍ର ଜାରିକଲେ । ପ୍ରଜାମାନେ ରାଜ୍ୟକୁ ଫେରିବା ଆରମ୍ଭକଲେ ।

ଢେଙ୍କାନାଳ ଓ ତାଳଚେରରେ ପ୍ରଜାମଣ୍ଡଳ ଆନ୍ଦୋଳନ ଚାଲିଥିବାବେଳେ ଆଠଗଡ, ବଡମ୍ବା, ନରସିଂହପୁର, ନୟାଗଡ, ଡିଗିରିଆ ଓ ରଣପୁର ଠାରେ ଆନ୍ଦୋଳନ **@ûe¸ ùj ûA[ ô ûûରଣପୁର** ଠାରେ ବିକ୍ଷୋଭ ଚରମ ସୀମାରେ ପହଞ୍ଚିଥିଲା । ଜାନୁୟାରୀ ୫, ୧୯୩୯ ମସିହା ଦିନ ପଲିଟିକାଲ ଏଜେଣ୍ଟ ମେଜର ବେଜଲଗେଟ, କ୍ରୁଦ୍ଧ ଜନତାର ରୋଷର ଶୀକାର ହୋଇ ମୃତ୍ୟୁ ବରଣ କଲେ । ପରେ ପରେ ରଣପୁରରେ ଆତଙ୍କରାଜ ଆରମ୍ଭ ହେଲା । ୨୬ ଜଣ ବନ୍ଦୀ ହେଲେ, ୧୧ ଜଣଙ୍କୁ ଆଜୀବନ ଦେଶାନ୍ତର ଓ ଦୁଇଜଣଙ୍କୁ (ରଘୁନାଥ ମହାନ୍ତି ଓ ଦିବାକର ପରିଡା) ମୃତ୍ୟୁ ଦଣ୍ଡ ଦିଆଯାଇଥିଲା ।

**ବେଜଲଗେଟଙ୍କ ହତ୍ୟା** ଗଡଜାତ ଇତିହାସରେ ଏକ ମର୍ମନ୍ତୁଦ ଦୁଃଖଦ ଓ ମହତ୍ୱପୁର୍ଣ୍ଣ ଘଟଣା ଥିଲା । ଏହା ପ୍ରଭାବରେ ଅନ୍ୟ ଛୋଟଛୋଟ ରାଜ୍ୟରେ ହିଂସା ହେବାର ଆଶଙ୍କା ଜାତହେଲା । ସେଭଳି ପରିସ୍ଥିତିର ମୁକାବିଲାପାଇଁ ରାଜ୍ୟ ପୋଲିସ ସକ୍ଷମ ନଥିଲା । ସୈନ୍ୟ ସଂଖ୍ୟା ଯଥେଷ୍ଟ ନଥିଲା । ପ୍ରାଦେଶିକ ସରକାରଙ୍କଠାରୁ ସାହାଯ୍ୟ ମିଳିବା ନିଶ୍ଚିତ ନଥିଲା । ରଣପୁର ଭଳି ଘଟଣା ନଘଟିବା ପାଇଁ ସମସ୍ତେ ଚିନ୍ତିତ ଥିଲେ । ଅଗଷ୍ଟ ୧, ୧୯୩୯ ମସିହା ଦିନ ଇଷ୍ଟର୍ଣ୍ଣଷ୍ଟେଟସ ଜଏଣ୍ଟ ପୋଲିସ ଫୋର୍ସ ଗଠିତହେଲା । ସର୍ବଭାରତୀୟ ସ୍ତରରେ କ୍ଷୁଦ୍ରକ୍ଷୁଦ୍ର ରାଜ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଗଠନପାଇଁ ଉଦ୍ୟମ ହେଲା । ଅନ୍ୟଥା ବଡବଡ ରାଜ୍ୟମାନଙ୍କ ସହିତ ମିଶିଯିବା ସେମାନଙ୍କ ପାଇଁ ଏକମାତ୍ର ବିକଳ୍ପ ଥିଲା । ପୂର୍ବ ଭାରତର ରାଜ୍ୟମାନଙ୍କୁ ନେଇ ଇଷ୍ଟର୍ଣ୍ଣ ଷ୍ଟେଟସ ଏଜେନ୍ସି ଗଠିତ ହେଲା । ପରେପରେ ପୂର୍ବ ବୁନ୍ଦେଲାଖଣ୍ଡ ଏଜେନସି ଗଠିତ ହେଲା । ପଞ୍ଜାବ ହିଲଷ୍ଟେଟସ ଏହି ଯୋଜନା ଗ୍ରହଣ କରିଥିଲେ । ରଣପୁର ଘଟଣା ଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଗଠନ ବ୍ୟବସ୍ଥାକୁ ଜନ୍ମଦେଇଥିଲା ।

ମେଜର ବେଜଲଗେଟଙ୍କ ହତ୍ୟା ଓଡିଶା ପ୍ରାଦେଶିକ ସରକାରଙ୍କ ଆଭିମୁଖ୍ୟ ଓ ଗଡଜାତ ନୀତିକୁ ପ୍ରଭାବିତ କରିଥିଲା। ପ୍ରାଦେଶିକ ସରକାର ଗଡଜାତମାନଙ୍କପ୍ରତି ଆଗରୁ ଅନୁସୃତ ନିରପେକ୍ଷତା ନୀତି ପରିହାର କଲେ। ରଣପୁରକୁ ସଙ୍ଗେ ସଙ୍ଗେ ପୋଲିସ ଫୋର୍ସ ପଠାଇ ଅଧିକ ଅଘଟଣ ଘଟିବା ପୂର୍ବରୁ ରାଜ୍ୟକୁ ବଞ୍ଚାଇଦେଲେ । ପ୍ରଦେଶରେ ଗଡଜାତ ବିରୋଧି କାର୍ଯ୍ୟକ୍ରମକୁ ବାରଣ କରାଗଲା। ଗଡଜାତ ଆନ୍ଦୋଳନକୁ ସହାନୁଭୁତି, ସମର୍ଥନ ଓ ସାହାଯ୍ୟ କରୁଥିବା ପ୍ରଦେଶର ନେତାମାନେ ନିଆଁ ସହିତ ଖେଳୁଛନ୍ତି ବୋଲି ଅନୁଭବ କରି ଜଣକ ପରେ ଜଣେ ଓହରିଗଲେ। ଏହି ଘଟଣାର ପ୍ରଭାବ ଗଡଜାତ ରାଜ୍ୟମାନଙ୍କ ଉପରେ ମଧ ପଡିଥିଲା। ଅନେକ ରାଜ୍ୟ ପ୍ରଜାମଣ୍ଡଳକୁ ରାଜ୍ୟଶାସନରେ ସଂପୃକ୍ତ କଲେ। ପ୍ରଜାମଣ୍ଡଳର ନେତାମାନଙ୍କୁ ନେଇ ହିନ୍ଦୋଳରେ ପ୍ରଜାପରିଷଦ, ଆଠଗଡରେ ପ୍ରଜା ସମିତି,ପାଟଣାରେ ଗ୍ରାମ୍ୟ ପଞ୍ଚାୟତ, ବଡମ୍ବାରେ ଗ୍ରାମ ପରିଷଦ, ନରସିଂହପୁରରେ ପ୍ରଜାପରିଷଦ, ତିଗିରିଆରେ ପରାମର୍ଶ ଦାତା ମଣ୍ଡଳି, ଆଠମଲ୍ଲିକରେ ପ୍ରଜାସଭା ଗଠନ ହୋଇଥିଲା। ଗାନ୍ଧୀଜୀଙ୍କ ଉପଦେଶ ଅନୁସାରେ ପ୍ରଜାମଣ୍ଡଳ ସତ୍ୟାଗ୍ରହ ଆନ୍ଦୋଳନ ପ୍ରତ୍ୟାହୃତ ହେଲା। ଗଡଜାତ ରାଜ୍ୟ ଗୁଡିକରେ ଶାନ୍ତି ଫେରି ଆସିଲା ।

୧୯୩୭-୧୯୩୯ ମସିହାର ପ୍ରଜାମଣ୍ଡଳ ଆନ୍ଦୋଳନ ଘଟଣା ବହୁଳ ଥିଲା। ଗଡଜାତରେ ପ୍ରଜା, ଇଂରେଜ ଶାସକ ଓ କେତେଜଣ ରାଜାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ହୋଇଥିଲା। ଗଡଜାତ ରାଜ୍ୟର ସମସ୍ୟା ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହୋଇଥିଲା।

## ଅଗଷ୍ଟ ବିପ୍ଳବ ଓ ପ୍ରଜାମଣ୍ଡଳ ଆନ୍ଦୋଳନ (୧୯୪୨)

ଦ୍ୱିତୀୟ ପୃଥିବୀ ମହାସମର, ଓଡିଶା ଗଡଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା। ଜାତୀୟ କଂଗ୍ରେସ ସରକାରଙ୍କ ଯୁଦ୍ଧନୀତିକୁ ବିରୋଧ କରିଥିଲା। ଅନ୍ୟପକ୍ଷରେ ଗଡଜାତ ରାଜାମାନେ ସରକାରଙ୍କୁ ସମର୍ଥନ କଲେ। ରାଜ୍ୟମାନଙ୍କରେ ଯୁଦ୍ଧ ବିରୋଧୀ କାର୍ଯ୍ୟକଳାପ ନହେବା ପାଇଁ ପ୍ରଜାମଣ୍ଡଳକୁ ବେଆଇନ୍ ଘୋଷଣା କରାଗଲା। ନେତା ଓ କର୍ମୀମାନଙ୍କୁ ଗିରଫ ଓ ଗୃହବନ୍ଦୀ କରାଗଲା। ପାଞ୍ଚଜଣରୁ ଅଧିକ ବ୍ୟକ୍ତି ଏକତ୍ରୀତ ନହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଜାମଣ୍ଡଳ ସମର୍ଥକମାନଙ୍କର ଗୃହ କୋରଖ ଓ ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା। ଶ୍ରମିକମାନଙ୍କଠାରୁ ରାଜାନୁରକ୍ତି ଚୁକ୍ତିନାମା ସଂଗ୍ରହ କରାଯାଇଥିଲା। ଶାସକମାନଙ୍କର ପୃଷ୍ଠପୋଷକତାରେ ପ୍ରଜାମଣ୍ଡଳ ବିରୋଧି ରାଜାନୁଗତ ପ୍ରଜାପରିଷଦମାନ

ଗଠିତ ହେଲା । ଶାସକମାନଙ୍କର ଦମନମୂଳକ କାର୍ଯ୍ୟ ବିରୁଦ୍ଧରେ ଜନଅସନ୍ତୁଷ୍ଟି ସୃଷ୍ଟିହେଲା । କିନ୍ତୁ କୌଣସି ଅଘଟଣ ଘଟି ନଥିଲା । ରାଜନୈତିକ ପରିସ୍ଥିତି ଶାନ୍ତଥିଲା ।

କଂଗ୍ରେସର "ଭାରତଛାଡ" ନିଷ୍ପତ୍ତି ଓ ଆହ୍ୱାନ ଗଡଜାତ ରାଜ୍ୟମାନଙ୍କରେ ବିଶେଷତଃ ତାଳଚେର ଓ ଢେଙ୍କାନାଳରେ ତତ୍‌କାଳ ପ୍ରଭାବ ପକାଇଥିଲା । ଇଂରେଜ ସରକାର ଦେଶଛାଡି ଚାଲିଯିବା ପରେ ରାଜାଶାସନ ଲୋପହେବ ଓ ପ୍ରଜାଶାସନ ପ୍ରତିଷ୍ଠାହେବ ବୋଲି ପ୍ରଚାର ହେଲା । ଢେଙ୍କାନାଳରେ ଆନ୍ଦୋଳନ ଆଶଙ୍କାରେ



ନେତାମାନଙ୍କୁ ଗିରଫ କରାଗଲା । ଢେଙ୍କାନାଳ ଅଗଷ୍ଟବିପ୍ଳବର ନେତା ବୈଷ୍ଣବ ପଟ୍ଟନାୟକ ଏକ ଗରିଲା ବାହିନୀ ଗଢି ଅଗଷ୍ଟ ୨୬ ତାରିଖରେ ମଢି(କାମାକ୍ଷାନଗର) ଆକ୍ରମଣ କରି ୭୦ ରାଉଣ୍ଡ ଗୁଳି ସହିତ ଚାରିଜଣ ପୁଲିସ ଅଧିକାରୀଙ୍କୁ ଅପହରଣ କରିନେଲେ । କୋଷାଗାର ଓ ରାଜାଙ୍କ ଖମାର ଲୁଟକଲେ । ସେପ୍ଟେମ୍ବର ୨ତାରିଖରେ ଚାନ୍ଦପୁରଠାରେ ଥାନା, ସ୍କୁଲ, ତହସିଲ ଅଫିସ ପୋଡିଦେଲେ ଓ ପରଜଙ୍ଗ ଆଡକୁ ଯିବାବାଟରେ ଝୁମ୍ପୁରାଠାରେ ପୋଲିସ ପ୍ରତିରୋଧ କରି ଗୁଳିଚାଳନା କଲା (୭୪ ରାଉଣ୍ଡ) । ଦୁଇ ଜଣ ବିଦ୍ରୋହୀ ମୃତ୍ୟୁବରଣ କଲେ ଓ ଅନେକ କ୍ଷତ ବିକ୍ଷତ ହେଲେ । ବୈଷ୍ଣବ ପଟ୍ଟନାୟକ ନିଖୋଜ ହୋଇଗଲେ । ତାଙ୍କୁ ଧରିବାକୁ ସବୁ ଉଦ୍ୟମ ବିଫଳ ହେଲା । ପରିସ୍ଥିତିର ମୁକାବିଲା ପାଇଁ ମିଳିତ ପୋଲିସ ବାହିନୀର ସିପାହୀ ଆସିଲେ । ପାଣମାନଙ୍କୁ ରାଜ୍ୟ ସୈନ୍ୟବାହିନୀରେ ନିଯୁକ୍ତ କରାଯାଇଥିଲା । ବିଦ୍ରୋହୀମାନଙ୍କୁ ସାହାଯ୍ୟ କରଥିବାରୁ ଚାନ୍ଦପୁର, ମଢୀ, ପରଜଙ୍ଗ ଓ ଗଡପଳାସୁଣି ଗ୍ରାମମାନଙ୍କ ଉପରେ ଜୋରିମାନା କରାଯାଇ ୪୦ ହଜାର ଟଙ୍କା ଆଦାୟ ହୋଇଥିଲା ।



ଢେଙ୍କାନାଳ ସହିତ **ତାଳଚେର**ରେ ବିପ୍ଳବ ହେଲା । ଅଗଷ୍ଟ ୩୧ ତାରିଖ ଦିନ ବିପ୍ଳବୀ ପବିତ୍ର ମୋହନ ପ୍ରଧାନ ଜେଲରୁ ଖସି ପଳାଇଲେ । ତାଙ୍କ ନେତୃତ୍ୱରେ ସମଗ୍ର ରାଜ୍ୟରେ ପ୍ରବଳ ବିଦ୍ରୋହ ହେଲା । କେବଳ ତାଳଚେରଗଡକୁ ଛାଡି ରାଜ୍ୟର ଅନ୍ୟ ଅଞ୍ଚଳ ପ୍ରଜାମଣ୍ଡଳ ଦ୍ୱାରା କବଳିତ ହେଲା । ସେପ୍ଟେମ୍ବର ୬ ତାରିଖ ଦିନ ବିଦ୍ରୋହୀମାନେ ତାଳଚେରଗଡ (ରାଜପ୍ରାସାଦ) ଅବରୋଧ କଲେ । ସେପ୍ଟେମ୍ବର ୭ ତାରିଖ

ଦିନ ପ୍ରଜା ସଭା ଅଧିନରେ ସ୍ୱାଧିନ ସରକାର ଗଠିତ ହେଲା। ତାଳଚେର ନିକଟରେ ଗୁଳିଚାଳନା ହୋଇ ଦୁଇଜଣଙ୍କର ମୃତ୍ୟୁ ହେଲା ଓ ଦୁଇଜଣ ଆହତ ହେଲେ। ଅବରୋଧ ଜାରି ରହିଲା। ବିଦ୍ରୋହୀମାନେ ଡାକବଙ୍ଗଳା, ଥାନା, ପୋଷ୍ଟ ଅଫିସ ଭଙ୍ଗାରୁଜା କରି ଅଗ୍ନି ସଂଯୋଗ କଲେ। ପୁରୀ ତାଳଚେର ରେଳଲାଇନ, ଟେଲିଫୋନଲାଇନ ନଷ୍ଟ କଲେ । ଆକାଶ ମାର୍ଗରୁ ପ୍ରଚାରପତ୍ର ପକାଇ ବିଦ୍ରୋହୀମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାପାଇଁ ଚେତାବନୀ ଦିଆଗଲା, ଲୁହବୁହା ଗ୍ୟାସ ପ୍ରୟୋଗ କରାଗଲା। ଆକାଶ ମାର୍ଗରୁ ମେସିନଗନରୁ ଗୁଳିବର୍ଷଣ ହେଲା। ଜନତା ଛତ୍ରଭଙ୍ଗ ଦେଲେ। ବହୁସଂଖ୍ୟାରେ ବିଦ୍ରୋହୀ ବନ୍ଦୀହେଲେ। ପବିତ୍ରମୋହନ ପ୍ରଧାନ ଓଡିଶା ବାହାରକୁ ଯାଇ ଆତ୍ମଗୋପନ କଲେ। ଲୋକମାନଙ୍କ ଉପରେ ପୋଲିସ ଜୁଲମ ଓ ଜୋରିମାନା ହେଲା। ମିଳିତ ଜୋରିମାନା ( ୨୫୫୦୦ ଟଙ୍କା), ବ୍ୟକ୍ତିଗତ ଜୋରିମାନା (୫୩୨୫ ଟଙ୍କା) ଓ ବିଭାଗୀୟ ଜୋରିମନା (୧୨୭୫ଟଙ୍କା) ଆଦାୟ ହୋଇଥିଲା। ସେପ୍ଟେମ୍ବର ୯ ତାରିଖ ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ଢେଙ୍କାନାଳ ଓ ତାଳଚେର ବ୍ୟତୀତ ନୀଳଗିରି, ନୟାଗଡ, ବାମଣ୍ଡା, ପାଲଲହଡା, କେନ୍ଦୁଝରରେ ପ୍ରଜା ଅସନ୍ତୋଷ ପ୍ରକାଶ ପାଇଥିଲା। ୧୯୪୨ ମସିହା ଶେଷ ଆଡକୁ ଓଡିଶାରେ ଗଡଜାତ ଆନ୍ଦୋଳନ ଶିଥିଳ ହୋଇପଡିଥିଲା।

**ଦେଶ/ରାଜ୍ୟ ମିଶ୍ରଣ :** ୧୯୪୨ ମସିହା ପରଠାରୁ ୧୯୪୬ ମସିହା ପର୍ଯ୍ୟନ୍ତ ଗଡଜାତ ରାଜ୍ୟମାନଙ୍କରେ ରାଜନୈତିକ ପରିସ୍ଥିତି ଶାନ୍ତ ଥିଲା। କ୍ୟାବିନେଟ୍ ମିଶନ ଆସିବା ପରେ ଦେଶରେ ତଥା ଗଡଜାତଗୁଡିକରେ ରାଜନୈତିକ କାର୍ଯ୍ୟକଳାପ ବୃଦ୍ଧି ହେଲା। ଦେଶ ସ୍ୱାଧୀନ ହେବ, ସାଧାରଣଲୋକ ଗଣତାନ୍ତ୍ରିକ ଅଧିକାର ପାଇବେ, ରାଜା ଅତ୍ୟାଚାର ଲୋପହେବ, ଏଇ ଆଶାରେ ପ୍ରଜାମାନଙ୍କ ମଧ୍ୟରେ ନୁତନ ଉତ୍ସାହ ଦେଖାଦେଲା। ପ୍ରଜାମଣ୍ଡଳମାନେ ରାଜ୍ୟରେ ଜନପ୍ରତିନିଧି ମୁଳକ ଶାସନ ଦାବି କଲେ। ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାପାଇଁ ଓଡିଶା ଛତିଶଗଡ ଆଞ୍ଚଳିକ ପରିଷଦ ଗଠନ ହେଲା (୧,୩,୧୯୪୭)। ସ୍ୱେଚ୍ଛାସେବକ ବାହିନୀ ଓ କାର୍ଯ୍ୟନିର୍ବାହୀ ପରିଷଦ ଗଠିତ ହେଲା। ପବିତ୍ରମୋହନ ପ୍ରଧାନଙ୍କ ନେତୃତ୍ୱରେ ତାଳଚେର ପ୍ରଜାମଣ୍ଡଳ ସବୁ ସରକାରୀ ଅଫିସ୍ ଦଖଲ କରିନେଲା। ଢେଙ୍କାନାଳରେ ଏକ ସ୍ୱେଚ୍ଛାସେବକ ବାହିନୀ ଗଠନ ହେଲା। ପାଟଣାରେ ରାଜ୍ୟ କୃଷକ ସଂଘ ଟିକସ ନଦେବାପାଇଁ ଆନ୍ଦୋଳନ କଲା। ନୀଳଗିରିରେ ଏକ ସମାନ୍ତରାଳ ସରକାର ବାଲେଶ୍ୱର ଠାରେ କାମ ଆରମ୍ଭକଲା। ବାମଣ୍ଡା, ଖଣ୍ଡପଡା, ନୟାଗଡ, ସୋନପୁର, ନରସିଂହପୁର, ଆଠମଲ୍ଲିକ, କେନ୍ଦୁଝରରେ

ତୁରନ୍ତ ଲୋକମାନଙ୍କ ହାତକୁ କ୍ଷମତା ହସ୍ତାନ୍ତର କରିବାକୁ ଦାବି କରି ଆନ୍ଦୋଳନ ହେଲା ।

ପ୍ରଜାମଣ୍ଡଳର କାର୍ଯ୍ୟକଳାପକୁ ପ୍ରତିହତ କରିବାପାଇଁ ଗଡଜାତର ଶାସକମାନେ ନେତାମାନଙ୍କୁ ଗିରଫକରିବାକୁ ଆଗୁଆ ଯୋଜନା କଲେ। ରାଜ୍ୟ ପୋଲିସ ବାହିନୀରେ ଗୁର୍ଖା ଓ ମୁସଲମାନ ସୈନ୍ୟମାନଙ୍କୁ ନିଯୁକ୍ତି ଦେଲେ। ମିଳିତ ପୋଲିସ ବାହିନୀରୁ ଫୋର୍ସ ବରାଦ କଲେ। ପ୍ରଜାମଣ୍ଡଳ ପ୍ରଭାବକୁ ହ୍ରାସ କରିବାପାଇଁ ଅନୁଗତ ପ୍ରଜା ପରିଷଦମାନ ଗଠିତ ହେଲା। ଏଥିସହିତ ଓଡିଶା ଓ ଛତିଶଗଡ ଗଡଜାତ ରାଜ୍ୟ ଗୁଡିକ ସେମାନଙ୍କ ମଧ୍ୟରେ ଏକ ସଂଘ ପ୍ରତିଷ୍ଠା କରିବାକୁ ଉଦ୍ୟମ କଲେ। ୧୯୪୬ ମସିହା ମେ ମାସରେ ଡେକାନ ଷ୍ଟେଟସ ଇଉନିୟନ ପ୍ରତିଷ୍ଠା ହୋଇଥିଲା। ଓଡିଶା ଛତିଶଗଡ ରାଜ୍ୟମାନଙ୍କୁ ନେଇ ୧୯୪୭ ମସିହା ଅଗଷ୍ଟ ୧ ତାରିଖ ଦିନ ଇଷ୍ଟର୍ଣ୍ଣ ଷ୍ଟେଟସ ୟୁନିଅନ ଗଠିତ ହେଲା। ସଭ୍ୟ ରାଜ୍ୟମାନଙ୍କର ଆକାର, କ୍ଷମତା, ଭାଷା ଓ ସଂସ୍କୃତି ଏକ ନଥିଲା। ବଡରାଜ୍ୟ ଗୁଡିକ ପ୍ରଭାବଶାଳୀ ହେବାର ସମ୍ଭାବନା ଥିଲା। ଓଡିଶା ଓ ଛତିଶଗଡ ରାଜ୍ୟ ମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଗୋଷ୍ଠୀ ଗଠନର ଆଶଂକା ଥିଲା। ପ୍ରଥମରୁ ଏହା ଦୁର୍ବଳ ଥିଲା।

ଦେଶରୁ ଇଂରେଜ ଶକ୍ତି ଅପସରି ଯିବାପରେ ରାଜ୍ୟ ଗୁଡିକ ସହିତ ସ୍ୱାଧିନ ଭାରତ ସରକାରଙ୍କର ସମ୍ପର୍କ, ଏକ ଜ୍ୱଳନ୍ତ ପ୍ରଶ୍ନ ଭାବେ ଉଭାହୋଇଥିଲା। ଓଡିଶାରେ ଗଡଜାତ ରାଜ୍ୟ ଗୁଡିକର ଭୌଗଳିକ ସ୍ଥିତି, ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ସଂପର୍କ, ଅତୀତ ଇତିହାସ ଓ ଗମନାଗମନ ବିଚାରରେ ପ୍ରଦେଶ ସହିତ ସେମାନଙ୍କର ଘନିଷ୍ଠ ପ୍ରଶାସନିକ ସଂପର୍କ କିମ୍ବା ସଂପୂର୍ଣ୍ଣ ମିଶ୍ରଣ ଅନୁଭୁତ ହୋଇଥିଲା। ୧୮୮୫ ମସିହାରେ ତତ୍‌କାଳୀନ କମିଶନର, ଓଡିଶା ଡିଭିଜନ ସହିତ କରଦ ରାଜ୍ୟଗୁଡିକୁ ମିଶାଇ ସବୁ ଓଡିଆମାନଙ୍କୁ ଗୋଟିଏ ଆଇନ ବ୍ୟବସ୍ଥା ମଧ୍ୟରେ ରଖିବାକୁ ପ୍ରସ୍ତାବ ଦେଇଥିଲେ। ୧୯୨୮ ମସିହାରେ ଭୁବନାନନ୍ଦ ଦାସ ରାଜ୍ୟ ଗୁଡିକ ସେମାନଙ୍କର ନିଜ ସ୍ୱାର୍ଥ ଦୃଷ୍ଟିରୁ ପ୍ରସ୍ତାବିତ ଓଡିଶା ପ୍ରଦେଶ ପ୍ରଶାସନ ଅଧିନକୁ ଆସିବା ଉଚିତ ବୋଲି ମତ ଦେଇଥିଲେ । ଗଡଜାତ ରାଜ୍ୟ ଗୁଡିକୁ ପ୍ରାଦେଶିକ ଶାସନ ନିୟନ୍ତ୍ରଣରେ ଅବସ୍ଥାପିତ କରିବାକୁ ସାଇମନ କମିଶନଙ୍କ ନିକଟରେ ସ୍ମାରକ ପତ୍ର ଦାଖଲ ହୋଇଥିଲା। ଅଟଲୀ ସବ କମିଟି ପ୍ରସ୍ତାବିତ ପ୍ରଦେଶ ଓ ରାଜ୍ୟଗୁଡିକ ମଧ୍ୟରେ ପ୍ରଶାସନିକ ସମ୍ପର୍କ ପ୍ରତିଷ୍ଠା ପାଇଁ ସୁପାରିଶ କରିଥିଲେ। ୧୯୪୦ ମସିହାରେ ତତ୍କାଳୀନ ଭାରତ ରାଷ୍ଟ୍ର ସଚୀବ 'ଓଡିଆ ରାଜ୍ୟ ଗୁଡିକ ଅବଶେଷରେ ଓଡିଆ ପ୍ରଦେଶର ଅବିଚ୍ଛିନ୍ନ ଅଙ୍ଗ ହେବ' ବୋଲି ଅନୁମାନ କରିଥିଲେ। ଭାଇସରାୟଙ୍କ ରାଜନୈତିକ

ଉପଦେଷ୍ଟା ଫ୍ରାନସିସ୍ ୱିଲି କହିଥିଲେ 'ଦିନ ଆସିବ ଯେତେବେଳେ ରାଜ୍ୟ ଗୁଡିକ ସଂପୂର୍ଣ୍ଣ ଭାବେ ଉଭାନ ହୋଇଯିବେ ଓ ପ୍ରଦେଶ ଗୁଡିକ ସହିତ ମିଶିଯିବେ'। ଭାଇସରାଏ ଲର୍ଡ ୱାଭେଲ କହିଥିଲେ ଓଡିଶାର ଜିଲ୍ଲା ଗୁଡିକ ସହିତ କେତେକ ବା ସବୁ ପୂର୍ବାଞ୍ଚଳ ରାଜ୍ୟ ମିଶି ଗୋଟିଏ ପ୍ରଶାସନ ଅନ୍ତର୍ଭୁକ୍ତ ହେବା ବାସ୍ତବ ରାଜନୈତିକ ବିଚାରର ପରିପନ୍ଥୀ ନୁହେଁ। ଐତିହାସିକ, ଭୌଗଳିକ, ସାଂସ୍କୃତିକ ଓ ରାଜନୈତିକ ବିଚାରରେ ଓଡିଶା ସହିତ ଗଡଜାତ ରାଜ୍ୟ ଗୁଡିକର ମିଶ୍ରଣ ବହୁ ଆଗରୁ ଅନୁଭୂତ ହୋଇଥିଲା।

ଓଡିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ରାଜାମାନଙ୍କୁ ଚିଠି ଲେଖି ପ୍ରଦେଶ ଓ ରାଜ୍ୟ ଗୁଡିକ ପାଇଁ ଏକ ସାଧାରଣ ପ୍ରଶାସନ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସମ୍ବାଦ ପତ୍ର, ବୁଦ୍ଧିଜୀବୀ, ରାଜନୈତିକ ନେତା ସମସ୍ତେ ପ୍ରଦେଶ ସହିତ ରାଜ୍ୟ ଗୁଡିକର ମିଶ୍ରଣ ପାଇଁ ପ୍ରଚାର ଆରମ୍ଭ କରିଦେଲେ। ପ୍ରଦେଶ ସହିତ ରାଜ୍ୟମାନଙ୍କର ଗମନାଗମନ, ଜଙ୍ଗଲ, କୃଷି ଓ ଶିଳ୍ପ, ସାଧାରଣ ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରାଦେଶିକ ପୋଲିସ, ଆଇନ ଅଦାଲତ ଓ ଅବକାରୀ ଭଳି ଆଠଗୋଟି ବିଷୟରେ (ଅଷ୍ଟସୁତ୍ରୀ ପ୍ରସ୍ତାବ) ମିଳିତ ଶାସନ ପ୍ରତିଷ୍ଠା ପାଇଁ ହରେକୃଷ୍ଣ ମହତାବ ପ୍ରସ୍ତାବ ଦେଇ ସେଦିଗରେ ଉଦ୍ୟମ କଲେ। ପ୍ରଦେଶରେ ଓ ରାଜ୍ୟ ଗୁଡିକରେ ପରସ୍ପର ବିରୋଧି ମତାମତ ପ୍ରକାଶ ପାଇଥିଲା। ପ୍ରାଦେଶିକ ନେତାମାନଙ୍କ ମତରେ



ରାଜ୍ୟ ଗୁଡିକ ଆଳି, ମଧୁପୁର, ସୁକିନ୍ଦା ପରି ସାଧାରଣ ଜମିଦାରୀ ବା ସାମନ୍ତ ରାଜା ଥିଲେ ଓ ସମାନ ସନନ୍ଦ ପାଇଥିଲେ। ସମୟକ୍ରମେ ରାଜା ପଦବୀ ପ୍ରାପ୍ତ ହୋଇଥିଲେ। ଅତୀତରେ ସେମାନେ ଓଡିଶା ସାମ୍ରାଜ୍ୟର ଅଂଶ ବିଶେଷ ଥିଲେ। ତେଣୁ ସେମାନେ ପ୍ରଦେଶ ସହିତ ମିଶିବା ଉଚିତ। ଅନ୍ୟ ପକ୍ଷରେ କେତେଜଣ ରାଜା କହିଥିଲେ ପ୍ରଦେଶର ଅଞ୍ଚଳ ସେମାନଙ୍କର ପୂର୍ବ ପୁରୁଷମାନଙ୍କ ଅଧିନରେ ଥିଲା। ତେଣୁ ଉକ୍ତ ଅଞ୍ଚଳ ସେମାନଙ୍କୁ ଫେରାଇ ଦିଆଯାଉ। ଏହି ପରିପ୍ରେକ୍ଷୀରେ ଇଷ୍ଟର୍ଣ୍ଣ ଷ୍ଟେଟସ ଏଜେନସିର ଅଧିକାରୀ ଏଚ.ଜେ.ଟଡ କହିଥିଲେ ଇଂରେଜମାନେ ଏ ସବୁ ଅଞ୍ଚଳ ମରହଟ୍ଟାମାନଙ୍କଠାରୁ ଅଧିକାର କରିଥିବାରୁ ଏହା ସେମାନଙ୍କୁ ଫେରାଇଦେବା ଉଚିତହେବ।

ଓଡିଶାରେ ଦେଶୀୟ ରାଜ୍ୟ ସମସ୍ୟା ଏକ ଗଣ୍ଡଗୋଳିଆ ପରିସ୍ଥିତି ମଧ୍ୟଦେଇ ଗତି କରୁଥିଲା। ପ୍ରାଦେଶିକ ସରକାର, ନେତା ଓ ସମ୍ବାଦ ପତ୍ର ପ୍ରଦେଶ ସହିତ ଗଡଜାତ ମିଶ୍ରଣ

କିମ୍ବା ଗଡଜାତ ଓ ପ୍ରଦେଶକୁ ଗୋଟିଏ ପ୍ରଶାସନ ଅଧିନରେ ରଖିବାକୁ ପ୍ରଚାର କରୁଥିଲେ। ଗଡଜାତ ପ୍ରଜାମଣ୍ଡଳ ରାଜ୍ୟରେ ଗଣତାନ୍ତ୍ରିକ, ଲୋକ ପ୍ରତିନିଧିମୁଳକ ଶାସନ ଦାବୀ କରି ଆନ୍ଦୋଳନ କରୁଥିଲେ। ଶାସକମାନେ ନିଜର କ୍ଷମତା ବଜାୟ ରଖିବାପାଇଁ ଉଦ୍ୟମ ଜାରି ରଖିଥିଲେ। ପ୍ରାଦେଶିକ ସରକାର ରାଜ୍ୟମାନଙ୍କୁ ସୁରକ୍ଷା ଦେବାର ଆଶା ନଥିଲା। ସମସ୍ତେ ସନ୍ଦେହ, ଆଶଙ୍କା ଓ ଦିଶାହୀନ ଥିଲାବେଳେ ଏକ ଅନାଶିତ ଦିଗରୁ ସମାଧାନର ରାସ୍ତା ଖୋଲିଗଲା। ନୀଳଗିରିରେ ଅକ୍ଟୋବର, ୧୯୪୭ ବେଳକୁ ଆଦିବାସୀମାନେ ଅଣଆଦିବାସୀମାନଙ୍କର ଶସ୍ୟକ୍ଷେତ୍ର ଅଧିକାର କଲେ। ରାଜା ଆଦିବାସୀମାନଙ୍କୁ ପରୋକ୍ଷ ସମର୍ଥନ କରି କିଛି ପଦକ୍ଷେପ ନେଲେ ନାହିଁ। ପ୍ରଜା ଆନ୍ଦୋଳନ ଦମନ ପାଇଁ ବିଭେଦ ଓ ବିଭାଜନ ନୀତି ଗ୍ରହଣ କଲେ। ପ୍ରଶାସନ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଲା। ଆଇନ ଶୃଙ୍ଖଳା ନଥିଲା। ଓଡିଶା ସରକାର କେନ୍ଦ୍ର ସରକାରଙ୍କ ସହମତିରେ ୧୪ ନଭେମ୍ବର ୧୯୪୭ ମସିହା ଦିନ ନୀଳଗିରି ଦଖଲ କରିନେଲେ। ରାଜା ନିଜର ସୀମିତ ସମ୍ବଳ ମଧ୍ୟରେ ଉନ୍ନତ ଶାସନ ପ୍ରଦାନ କରିବାକୁ ଅକ୍ଷମତା ପ୍ରକାଶକରି ସ୍ୱେଚ୍ଛାକୃତ ଭାବେ ଶାସନ ହସ୍ତାନ୍ତର କଲେ। ଏହି ଘଟଣା ତତ୍କାଳୀନ ଜ୍ୱଳନ୍ତ ସମସ୍ୟାର (କରଦ ରାଜ୍ୟ ଓ ସ୍ୱାଧୀନ ଭାରତ ସରକାର ମଧ୍ୟରେ ସଂପର୍କ) ସମାଧାନ ପାଇଁ ରାସ୍ତା ଉନ୍ମୁକ୍ତ କରି ଦେଲା।

ନଭେମ୍ବର ୨୦, ୧୯୪୭ ମସିହା ଦିନ ଭାରତ ସରକାରଙ୍କ ରାଷ୍ଟ୍ର ବିଭାଗ ସଚିବ, ଅତିରିକ୍ତ ସଚିବ, ସମ୍ବଲପୁର ଆଞ୍ଚଳିକ କମିଶନର ଓ ହରେକୃଷ୍ଣ ମହତାବ ଆଲୋଚନା କରି ଆସ୍ତେ ଆସ୍ତେ ପ୍ରଦେଶ ଶାସନ ସହିତ ରାଜ୍ୟ ଶାସନର ମିଶ୍ରଣ ଦିଗରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି କରିଥିଲେ। ମହତାବଙ୍କ ଆଠଦଫା ପ୍ରସ୍ତାବ ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନଥିଲା। ଡିସେମ୍ବର ୧୬ ତାରିଖ ଦିନ କଟକ ଠାରେ ଓଡିଶା ଗଡଜାତ ଶାସକମାନଙ୍କର ଏକ ସଭା ଆହୁତ ହେଲା।

ଏହି ସମୟ ମଧ୍ୟରେ ଘଟଣାକ୍ରମ ଭିନ୍ନରୂପ ନେଲା । ରାଜ୍ୟ ସଂଘ ଭିତରେ ଛୋଟ ଛୋଟ ରାଜ୍ୟମାନେ ବୃହତ ରାଜ୍ୟମାନଙ୍କଦ୍ୱାରା ଅବହେଳିତ ଓ ପ୍ରଭାବିତ ହେବେ ବୋଲି ସଂଦେହ ପ୍ରକାଶ ପାଇଲା। ଡିସେମ୍ବର ୧ ତାରିଖରେ ରାଜାମାନେ ସର୍ଦ୍ଦାର ପଟେଲଙ୍କୁ ଭେଟିଲେ। ପଟେଲ ସେମାନଙ୍କୁ ସିଧା ସିଧା କହିଲେ ପୂର୍ବାଞ୍ଚଳ ରାଜ୍ୟ ସଂଘ ବିଲୋପ ହେବ । 'କ' ଶ୍ରେଣୀୟ ରାଜ୍ୟ ଓ ପ୍ରଦେଶ ମଧ୍ୟରେ ଗୋଷ୍ଠୀ ଗଠନ ହେବ। 'ଖ' ଓ 'ଗ' ଶ୍ରେଣୀୟ ରାଜ୍ୟଗୁଡିକୁ ପ୍ରଦେଶ ସହିତ ମିଶାଇ ଦିଆଯିବ (୧୧କ ଶ୍ରେଣୀ +୧୨ଖ ଶ୍ରେଣୀ+୩ଗ ଶ୍ରେଣୀ =୨୬ ରାଜ୍ୟ)। କେନ୍ଦ୍ର ସରକାରଙ୍କର ଏହି ଆଭିମୁଖ୍ୟ ସହିତ ପ୍ରଜାମଣ୍ଡଳର ଆନ୍ଦୋଳନ, ଶାସକମାନଙ୍କୁ ବିଚଳିତ ଓ ବିବ୍ରତ କରି ପକାଇଥିଲା। ପ୍ରଦେଶ

ସରକାରଙ୍କଠାରୁ ସୁରକ୍ଷା ଓ ପ୍ରଜାମାନଙ୍କର ବିନାସାହାଯ୍ୟରେ ତିଷ୍ଠିବା ସମ୍ଭବ ନୁହେଁ ବୋଲି ସେମାନେ ହୃଦୟଙ୍ଗମ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ନୀଳଗିରି ପରି ସେମାନଙ୍କରାଜ୍ୟ ପ୍ରାଦେଶିକ ସରକାର ଦଖଲକୁ ନେଇଯିବାର ସମ୍ଭାବନା ସେମାନଙ୍କୁ ଆତଙ୍କିତ କରିଥିଲା।

ଡିସେମ୍ବର ୧୬, ୧୯୪୭ ମସିହା ଦିନ କଟକଠାରେ ପ୍ରସ୍ତାବିତ ସଭା ଅନୁଷ୍ଠିତ ହେଲା। ଗଡଜାତ ରାଜାମାନଙ୍କର ବିଚଳିତ ମାନସିକସ୍ଥିତିର ପୂର୍ଣ୍ଣ ସୁଯୋଗ ନେଇ ସର୍ଦ୍ଦାର ପଟେଲ ସେମାନଙ୍କୁ ପ୍ରଦେଶ ସହିତ ମିଶିଯିବାକୁ ଉପଦେଶ ଦେଲେ। ସେମାନଙ୍କର ସମ୍ମାନ, ରାଜକୀୟ ପଦବୀ, ସୁବିଧା ସୁଯୋଗ ବଜାୟ ରହିବ ବୋଲି ପ୍ରତିଶୃତିଦେଲେ । ପ୍ରାଥମିକ ଅନିଚ୍ଛା ସତ୍ତ୍ୱେ ପରିସ୍ଥିତିର ଗମ୍ଭୀରତାକୁ ବୁଝି ଶାସକମାନେ (ମୟୁରଭଞ୍ଜ ବ୍ୟତୀତ) ଦେଶ ମିଶ୍ରଣ ଦସ୍ତାବିଜରେ ଦସ୍ତଖତ କଲେ। ଜାନୁୟାରୀ ୧, ୧୯୪୮ ମସିହା ଦିନ ଓଡିଶା ପ୍ରଦେଶ ସହିତ ରାଜ୍ୟ ଗୁଡିକର ମିଶ୍ରଣ ହେଲା। ଏହି ଦିନକୁ **ଗଡ଼ଜାତ ମୁକ୍ତି ଦିବସ** କୁହାଯାଏ। ମୟୁରଭଞ୍ଜ ରାଜା ନିଜ ମନ୍ତ୍ରୀମଣ୍ଡଳର ପରାମର୍ଶ ପରେ ନିଷ୍ପତ୍ତି ନେବେ ବୋଲି ଦସ୍ତଖତ କରିନଥିଲେ। ପରେ ପରେ ଷଢେଇକଳା, ଖରସୁଂଆରେ ମିଶ୍ରଣ ବିରୁଦ୍ଧରେ ବିଦ୍ରୋହ ହେଲା। ମେ ୧୮,୧୯୪୮ ମସିହା ଦିନ ଉକ୍ତ ରାଜ୍ୟ ବିହାର ପ୍ରଦେଶ ସହିତ ମିଶିଲା। ମୟୁରଭଞ୍ଜ ରାଜା ୧୬ ଅକ୍ଟୋବର ଦିନ ମିଶ୍ରଣ ଦଲିଲରେ ସ୍ୱାକ୍ଷର କଲେ। ଜାନୁୟାରୀ ୧, ୧୯୪୯ ମସିହା ଦିନ ମୟୁରଭଞ୍ଜ ରାଜ୍ୟ ଓଡିଶା ପ୍ରଦେଶ ସହିତ ମିଶିଲା। ଆଧୁନିକ ଓଡିଶା ପ୍ରଦେଶ ତାର ବର୍ତ୍ତମାନର ପୂର୍ଣ୍ଣରୁପ ପ୍ରାପ୍ତ ହେଲା।

ଏହି ଆଧାରରେ ସର୍ବଭାରତୀୟ ସ୍ତରରେ ଦେଶୀୟ ରାଜ୍ୟ ଗୁଡିକର ମିଶ୍ରଣ ହେଲା। ଅଖଣ୍ଡ ଭାରତ ଗଠିତ ହେଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟ୍ଟେଲଙ୍କ ଭାଷାରେ "…. I had the privilege of initiating the twin process of integration and democratisation, which from its small begining in distant Orissa, has gradually swept over the whole of the sub-continent. Centuries ago it was the privilege of Kalinga to arouse awakening in a great monarch who became in the course of time not only a great and wise sovereign but also a great guide, friend and philosopher of his pepole. Few had dreamt and none had imagined that it would be from the same land that will start a revolutionary change which would achieve for India the same measure of unity and strength and security which India had attained under that distinguished Ruler, Ashok. "

# ସାଗର ସେପାରି ଓଡିଶା

ବହୁ ପ୍ରାଚୀନ ସମୟରୁ ସମୁଦ୍ର ଯାତ୍ରା ଓ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ କଳିଙ୍ଗ ଅପୂର୍ବ ଦକ୍ଷତା ହାସଲ କରିଥିଲା । ଭୂମଧ୍ୟସାଗରରେ କାର୍ଥେଜ; ଲୋହିତ ସାଗରରେ ଆରବୀୟ ରାଜ୍ୟ ଓ ପୂର୍ବ ଭାରତୀୟ ସାଗରରେ କଳିଙ୍ଗ ଅପ୍ରତିଦ୍ୱନ୍ଦୀ ଥିଲେ। ଦୁଃସାହସିକ ଜଳଯାତ୍ରାରେ ପାରଦର୍ଶୀ କଳିଙ୍ଗ ଅଧିବାସୀଙ୍କୁ 'କଳିଙ୍ଗାଃ ଦୁଃସାହସିକାଃ' ବୋଲି ଅଭିହିତ କରାଯାଇଥିଲା। ବର୍ତ୍ତମାନର ବଙ୍ଗୋପସାଗର, ପ୍ରାଚୀନ ଯୁଗରେ କଳିଙ୍ଗୋଦଧି ବା କଳିଙ୍ଗସାଗର ନାମରେ ପରିଚିତ ଥିଲା ।

ଅଶୋକଙ୍କ ବହୁ ପୂର୍ବରୁ ପୂର୍ବସାଗରରେ କଳିଙ୍ଗର ଆଧିପତ୍ୟ ଥିଲା। ମଗଧକୁ ଏକ ସାମୁଦ୍ରିକ ଶକ୍ତିରେ ପରିଣତ କରିବାକୁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ। ମହାମେଘବାହନ ସମ୍ରାଟ ଖାରବେଳଙ୍କର ଏକ ଶକ୍ତିଶାଳୀ ନୌବହର ଥିଲା। ତାଙ୍କ ସମୟରେ ପୂର୍ବଭାରତ ସାଗରରେ ଦକ୍ଷିଣର ତାମିଲ ସଙ୍ଘ (ଚୋଳ, ପାଣ୍ଡ୍ୟ, ସତ୍ୟପୁତ୍ର, ଓ ତାମ୍ରପର୍ଣ୍ଣୀ ସିଂହଳ) କଳିଙ୍ଗର ପ୍ରତିଦ୍ୱନ୍ଦୀଥିଲେ । ଖାରବେଳ ଉଭୟ ସ୍ଥଳ ଓ ଜଳଯୁଦ୍ଧରେ ଉକ୍ତ ସଙ୍ଘକୁ ପରାଜିତ କରି କଳିଙ୍ଗର ଆଧିପତ୍ୟକୁ ସୁରକ୍ଷିତ କରିଥିଲେ ।

ଓଡିଶା ଉପକୂଳସ୍ଥ ଘଣ୍ଟଶିଳା, ପିଥୁଣ୍ଡ, ପାଲୁର, ତାମ୍ରଲିପ୍ତି, ଚେଳିତାଲୋ, ଦନ୍ତପୁର, କଳିଙ୍ଗ ନଗର, ଗଞ୍ଜାମ, ତଡିଛପତ୍ତନ ଇତ୍ୟାଦି ବହୁ ବନ୍ଦର ମାନଙ୍କରୁ ଓଡିଆ ସୌଦାଗର ବୃହତ ପୋତ (ବହିତ୍ର ବା ଅର୍ଣ୍ଣବ ପୋତ) ନେଇ ସାଧାରଣତଃ ଆଷାଢ ମାସରେ ଦରିଆପାରି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ ଓ କାର୍ତ୍ତିକ ମାସରେ ଫେରୁଥିଲେ। ଏହି ସ୍ମୃତି ବହନକରି ଓଡିଶାର ଘରେ ଘରେ ତଅପୋଇ ଓଷା ଅଦ୍ୟାବଧି ପ୍ରଚଳିତ ଅଛି।

କଳିଙ୍ଗର ସାଧବପୁଅ ବା ସୌଦାଗର ଦରିଆପାରି ପୂର୍ବସାଗର କୂଳସ୍ଥ ସୁବର୍ଣ୍ଣଭୂମି (ବ୍ରହ୍ମଦେଶ-ବର୍ମା-ମିଆଁମାର) ଶ୍ୟାମଦେଶ (ଥାଇଲାଣ୍ଡ), କାମ୍ବୋଜ (କମ୍ବୁଜ-କାମ୍ବୋଡିଆ), ଚମ୍ପା (ଭିଏତନାମ) ତାମ୍ରପର୍ଣ୍ଣୀ (ସିଂହଳ - ଶ୍ରୀଲଙ୍କା), ପୂର୍ବଭାରତୀୟ ଦ୍ୱୀପ ସମୂହ (ଜାଭା-ସୁମାତ୍ରା, ବାଲି, ବୋର୍ଣ୍ଣିଓ), ମାଳୟ (ଇଣ୍ଡୋନେସିଆ ଓ ମାଲୟସିଆ)

ସହିତ ବାଣିଜ୍ୟ ବ୍ୟବସାୟ କରୁଥିଲେ । ସେମାନଙ୍କ ସହିତ କଳିଙ୍ଗର ବ୍ୟବସାୟିକ, ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ଥିଲା । ସେଠାରେ ଭାରତୀୟ ସଂସ୍କୃତିର ପ୍ରତିଷ୍ଠା ଓ ପ୍ରସାର କ୍ଷେତ୍ରରେ କଳିଙ୍ଗ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଦକ୍ଷିଣ ପୂର୍ବ ଏସୀୟ ରାଜ୍ୟମାନଙ୍କ ବ୍ୟତୀତ ଆଫ୍ରିକା ଓ ଇଉରୋପ ମହାଦେଶର ରାଜ୍ୟ ମାନଙ୍କ ସହିତ କଳିଙ୍ଗର ବାଣିଜ୍ୟିକ ସମ୍ପର୍କ ଥିଲା ।

## ବ୍ରହ୍ମଦେଶ

ପ୍ରାଚୀନ ସୁବର୍ଣ୍ଣ ଭୂମି ବା ବ୍ରହ୍ମଦେଶ ବା ବର୍ମା (ଆଧୁନିକ ମିଆଁମାର) ସହିତ କଳିଙ୍ଗର ନିବିଡ ସମ୍ପର୍କ ଥିଲା। ବ୍ରହ୍ମଦେଶର ପେରୁ ଅଞ୍ଚଳ କଳିଙ୍ଗ ବା କଳିଙ୍ଗରାଟ ଓ ଉତ୍ତର ପଶ୍ଚିମାଞ୍ଚଳ ଉତ୍କଳ ବା ଉକ୍‌କଳ ନାମରେ ପରିଚିତ ଥିଲା। ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ବ୍ରହ୍ମଦେଶର ଦକ୍ଷିଣାଞ୍ଚଳରେ ତେଲାଙ୍ଗ ନାମକ ଏକ ଭାରତୀୟ ଜାତି ଥାଟନ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଉକ୍ତ ଜାତି ଓଡିଶାର ତ୍ରୀକଳିଙ୍ଗର ଅଧିବାସୀ ଥିଲେ। ଷଷ୍ଠ ଶତାବ୍ଦୀରେ ସେମାନେ ଥାଟନ ରାଜ୍ୟର ପୂର୍ବାଞ୍ଚଳରେ ରମଣଦେଶ ବା ରମଣୀୟଦେଶ ନାମରେ ଏକ ନୂତନ ରାଜ୍ୟ ଗଠନ କରିଥିଲେ। ରମଣଦେଶର ଉତ୍ତର ପଶ୍ଚିମରେ ପ୍ୟୁ ମାନଙ୍କର ଶ୍ରୀକ୍ଷେତ୍ର ନାମକ ଏକ ରାଜ୍ୟ ଥିଲା। ଉକ୍ତ ରାଜ୍ୟର ରାଜଧାନୀର ନାମ ଥିଲା ଶ୍ରୀକ୍ଷେତ୍ର। ଏହି ନଗରୀକୁ ପ୍ରୋମ ନଗରୀ ସହିତ ଚିହ୍ନିତ କରାଯାଏ। ପ୍ରୋମ ନଗରୀର ଅନ୍ୟ ଏକ ନାମ ଥିଲା ବିଷ୍ଣୁପୁରୀ। ଏକ ଅଭିଲେଖ ଅନୁସାରେ ବିଷ୍ଣୁ ଓ ଇନ୍ଦ୍ର, ବିଶ୍ୱକର୍ମାଙ୍କ ଦ୍ୱାରା ଉକ୍ତ ନଗରୀ ନିର୍ମାଣ କରିଥିଲେ। ଓଡିଶାର ଶ୍ରୀକ୍ଷେତ୍ର ପୁରୀ ଭଳି ଏଠାରେ ବୈଷ୍ଣବଧର୍ମ ପ୍ରଚଳିତ ଥିଲା। ଏଠାରେ ଅନେକ ବିଷ୍ଣୁ ମୂର୍ତ୍ତୀ ଆବିଷ୍କୃତ ହୋଇଅଛି। ଅଶୋକଙ୍କ ଦ୍ୱାରା ପ୍ରେରିତ ଉତ୍ତରଥେର ଓ ଶୋଣଥେର ବ୍ରହ୍ମଦେଶରେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର କରିଥିଲେ । ପ୍ରାଚୀନ ଓ ମଧ୍ୟ ଯୁଗରେ ସୁବର୍ଣ୍ଣଭୂମୀ ବା ବ୍ରହ୍ମଦେଶର ସାଂସ୍କୃତିକ ବିକାଶରେ କଳିଙ୍ଗ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା ।

## କାମ୍ବୋଜ

ପ୍ରାଚୀନ କମ୍ବୁଜ ବା କାମ୍ବୋଜ ବା କାମ୍ପୁଚିଆ (ଆଧୁନିକ କାମ୍ବୋଡିଆ) ସହିତ କଳିଙ୍ଗର ବାଣିଜ୍ୟିକ, ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ପ୍ରତିଷ୍ଠିତ ଥିଲା। ପୁରାତନ ଯୁଗରେ କାମ୍ବୋଜ, ଫୁନାନ ଓ ଚେନଲା ନାମକ ଦୁଇଟି ଅଞ୍ଚଳରେ ବିଭକ୍ତ ଥିଲା। ଫୁନାନ ପ୍ରଦେଶରେ ପ୍ରଚଳିତ ଏକ କାହାଣୀ ଅନୁସାରେ ହୋଏନଚେନ (କୌଣ୍ଡିନ୍ୟ) ନାମକ ଜଣେ ସୋମବଂଶୀ ବୀର ପୁରୁଷଙ୍କର ପୁଜାରେ କୁଳଦେବୀ ସନ୍ତୁଷ୍ଟ ହୋଇ ତାଙ୍କୁ

ଏକ ଦିବ୍ୟଧନୁଶର ପ୍ରଦାନ କଲେ ଓ ସାଗର ମଧ୍ୟରେ ଏକ ନୂତନ ରାଜ୍ୟ ସ୍ଥାପନ କରିବାକୁ ଆଦେଶ ଦେଲେ। ଦେବୀଙ୍କ ଆଜ୍ଞାନୁସାରେ କୌଣ୍ଡିନ୍ୟ ସମୁଦ୍ରଯାତ୍ରା କରି ଫୁନାନ ଉପକୂଳରେ ପହଞ୍ଚିଲେ। ଫୁନାନର ରାଣୀ ଲିଏଉ-ୟେ (କାଇଁଚପତ୍ର)ଙ୍କୁ ପରାସ୍ତ କରି ତାଙ୍କୁ ବିବାହ କଲେ ଓ ଫୁନାନର ସିଂହାସନ ଆରୋହଣ କଲେ। କୌଣ୍ଡିନ୍ୟ କଳିଙ୍ଗର ଅଧିବାସୀ ଥିଲେ। ଫଳରେ କାମ୍ବୋଜ ଓ କଳିଙ୍ଗ ମଧ୍ୟରେ ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ସମ୍ପର୍କ ବୃଦ୍ଧି ହୋଇଥିଲା । ଫୁନାନର ମୋଟାନ ପର୍ବତ (ମହେନ୍ଦ୍ର ପର୍ବତ) ଉପରେ ମହେଶ୍ୱର ଶିବ ମନ୍ଦିର ଥିଲା। ଓଡ଼ିଶାର ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଉପରେ ଗୋକର୍ଣ୍ଣେଶ୍ୱର ଶିବ ମନ୍ଦିର ଅବସ୍ଥିତ । ଏହି ସାମଞ୍ଜସ୍ୟ ଫୁନାନ ଉପରେ କଳିଙ୍ଗର ପ୍ରଭାବର ସୂଚନା ଦିଏ। ଆନୁମାନିକ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ କମ୍ବୁଜର ରାଜା ଫାନଚେନଙ୍କ ଦୂତ ସୋଉ-ଉ ତାମ୍ରଲିପ୍ତି ବନ୍ଦରରେ ଅବତରଣ କରି ଜଣେ ମୁରୁଣ୍ଡ ରାଜାଙ୍କୁ (ଉତ୍ତର ଓଡିଶା ଅଞ୍ଚଳ ) ଭେଟିବା ପାଇଁ ଯାଇଥିଲେ। ଉପରୋକ୍ତ ଘଟଣା କଳିଙ୍ଗ ଓ ଫୁନାନ ମଧ୍ୟରେ ଥିବା ସମ୍ପର୍କ ଏବଂ କମ୍ବୁଜର ସମାଜିକ ଓ ସାଂସ୍କୃତିକ ବିକାଶରେ କଳିଙ୍ଗର ଅବଦାନର ପ୍ରମାଣ ଦିଏ ।

## ଚମ୍ପା

ପ୍ରାଚୀନ ଚମ୍ପା (ଆଧୁନିକ ଭିଏତ୍‌ନାମ) ସହିତ କଳିଙ୍ଗର ବାଣିଜ୍ୟିକ ସମ୍ପର୍କ ବହୁ ପ୍ରାଚୀନ। ପାଳିତ ନାମକ ଚମ୍ପାରାଜ୍ୟର ଜଣେ ସୌଦାଗର କଳିଙ୍ଗର ପିଥୁଣ୍ଡଠାରେ ଅବସ୍ଥାନ କରିଥିଲେ। ସେଠାରେ ବିବାହ କରି ନିଜରାଜ୍ୟକୁ ଫେରିବା ବାଟରେ ସମୁଦ୍ର ବକ୍ଷରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମହୋଇଥିଲା। ଏହି ପୁତ୍ରର ନାମ ଥିଲା ସମୁଦ୍ରପାଳ। ସିଂହପୁର, ଚମ୍ପାରାଜ୍ୟର ରାଜଧାନୀ ଥିଲା। କେତେକଙ୍କ ମତରେ ଅଙ୍ଗ ରାଜ୍ୟର ରାଜଧାନୀ 'ଚମ୍ପା' ଅନୁକରଣରେ ରାଜ୍ୟରନାମ ଚମ୍ପା ଓ କଳିଙ୍ଗର ରାଜଧାନୀ ସିଂହପୁର ଅନୁସାରେ ଚମ୍ପାର ରାଜଧାନୀର ନାମ ସିଂହପୁର ଥିଲା । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚମ୍ପାର ସର୍ବଶ୍ରେଷ୍ଠ ଶାସକ ପ୍ରକାଶ ବର୍ମା ଡୁଙ୍ଗମୁଙ୍ଗଠାରେ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରିଥିଲେ। ଓଡିଶାର ପୁରୀ-ପୁରୁଷୋତ୍ତମ କ୍ଷେତ୍ରର ପ୍ରଭାବରେ ଏହା ନିର୍ମିତ ହୋଇ ଥିବାର ଅନୁମାନ କରାଯାଏ। ପୋ ନଗରୀ ଠାରେ ଦେବୀ ଭଗବତୀଙ୍କର ଏକ କାଷ୍ଠନିର୍ମିତ ମନ୍ଦିର ଥିଲା। ଏହାକୁ ଜଳଦସ୍ୟୁମାନେ ପୋଡି ଦେଇଥିଲେ। ୯୭୫ ଖ୍ରୀଷ୍ଟାବ୍ଦରେ ଦେବୀଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ହେଲା। ଉକ୍ତ ମୂର୍ତ୍ତୀ ଓ ବାଣପୁର ଭଗବତୀଙ୍କ ମୂର୍ତ୍ତୀ ମଧ୍ୟରେ ଅନେକ ସାମଞ୍ଜସ୍ୟ ଅଛି। ଉକ୍ତ ତଥ୍ୟରୁ କଳିଙ୍ଗ ସହିତ ଚମ୍ପା ରାଜ୍ୟର ସାଂସ୍କୃତିକ ସମ୍ପର୍କ ଓ ସେଠାରେ ଓଡିଶାର ପ୍ରଭାବ ଥିବା ଅନୁମେୟ।

## ଶ୍ୟାମ ଦେଶ

ଶ୍ୟାମ ଦେଶ ବା ହୁଏନସାଂଙ୍କ ବର୍ଣ୍ଣିତ ଦ୍ୱାରାବତୀ ରାଜ୍ୟ (ଆଧୁନିକ ଥାଇଲାଣ୍ଡ) ସହିତ କଳିଙ୍ଗର ଉତ୍ତମ ସମ୍ପର୍କ ଥିଲା। ଶ୍ୟାମଦେଶରେ ଭାରତୀୟ ସଂସ୍କୃତିର ବିକାଶ କ୍ଷେତ୍ରରେ କଳିଙ୍ଗର ଉଲ୍ଲେଖନୀୟ ଅବଦାନ ଥିଲା। ସେଠାରେ ଅନେକ ବୌଦ୍ଧ ବିହାର, ବୁଦ୍ଧ ପ୍ରତିମା, ହିନ୍ଦୁମନ୍ଦିର ଓ ବିଷ୍ଣୁମୂର୍ତ୍ତୀ ଆବିଷ୍କୃତ ହୋଇଅଛି। ଦ୍ୱାରାବତୀ ରାଜ୍ୟର ଶ୍ରୀଦେବଠାରେ ଆବିଷ୍କୃତ ବିଷ୍ଣୁମନ୍ଦିର, ବିଷ୍ଣୁମୂର୍ତ୍ତୀ ସେଠାରେ ଉତ୍କଳୀୟ ପ୍ରଭାବର ସୂଚନା ଦିଏ ।

## ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ

ବହୁ ପୁରାତନ କାଳରୁ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ (ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ମାଳୟ ଆଦି) ସହିତ କଳିଙ୍ଗର ବାଣିଜ୍ୟିକ, ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ଥିଲା। ଉକ୍ତ ଅଞ୍ଚଳ ରାମାୟଣରେ ଯବଦ୍ୱୀପ ଓ ଟଲେମୀଙ୍କ ଭୁଗୋଳରେ ବାର୍ଲିଦ୍ୱୀପ ନାମରେ ବର୍ଣ୍ଣିତ। ଉକ୍ତ ଅଞ୍ଚଳରେ ଉପନିବେଶ ସ୍ଥାପନରେ କଳିଙ୍ଗବାସୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଶୋକଙ୍କର କଳିଙ୍ଗ ବିଜୟର (ଖ୍ରୀ.ପୂ. ୨୬୧) ବହୁ ପୂର୍ବରୁ ସେମାନଙ୍କ ସହିତ କଳିଙ୍ଗର ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା ।

ଜାଭାର ଏକ କିମ୍ବଦନ୍ତୀ ଅନୁସାରେ କଳିଙ୍ଗରୁ କୋଡିଏ ହଜାର ପରିବାର ଯାଇ ସେଠାରେ ପ୍ରଥମ ଭାରତୀୟ ବସତି ସ୍ଥାପନ କରିଥିଲେ। ଦନ୍ତପୁରର ରାଜକୁମାର ଦନ୍ତକୁମାର ସମୁଦ୍ରରେ ଯାତ୍ରା କରୁଥିବାବେଳେ ମାଳୟ ଉପକୂଳସ୍ଥ ଲିଗରଠାରେ ତାଙ୍କର ପୋତ ଦୁର୍ଘଟଣା ଗ୍ରସ୍ତ ହେଲା। ସେଠାରେ ଅବତରଣ କରି ସେ ଏକ ଉପନିବେଶ ସ୍ଥାପନ କରିଥିଲେ। ୭୫ ଖ୍ରୀଷ୍ଟାବ୍ଦରେ ଉତ୍କଳୀୟ ନାବିକମାନେ **ଜାଭା** ଅଧିକାର କରିଥିଲେ ଓ ସେହି ବର୍ଷଠାରୁ ସେଠାରେ ଏକ ନୂତନ ଅବ୍ଦ ପ୍ରଚଳିତ ହୋଇଥିଲା। ଏହାର ଅଧିବାସୀମାନେ କ୍ଳିଙ୍ଗ ନାମରେ ପରିଚିତ ଥିଲେ। ଜାଭା ସୁମାତ୍ରାରେ ଅଗସ୍ତ୍ୟ, ବାଲ୍ମୀକି, କୌଣ୍ଡିନ୍ୟ ପ୍ରଭୃତି ଋଷିମାନଙ୍କର ମହାତ୍ମ୍ୟ ପ୍ରସାରିତ ହୋଇଥିଲା। ଅଗସ୍ତ୍ୟ ଋଷି ଜାଭା ସୁମାତ୍ରାରେ ଧର୍ମ ସଂସ୍କୃତିର ପ୍ରବର୍ତ୍ତନ କରିଥିଲେ ଓ ୭୬୦ ଖ୍ରୀ:ରେ ତାଙ୍କ ଉଦ୍ଦେଶ୍ୟରେ ଏକ ମନ୍ଦିର ପ୍ରତିଷ୍ଠା ହୋଇଥିଲା। କେତେକ ଅଭିଲେଖରେ ତାଙ୍କର ନାମ ଅଗସ୍ତ୍ୟ ହରିଚନ୍ଦନ ବୋଲି ଲିଖିତ ହୋଇଅଛି। ସେ କଳିଙ୍ଗର ସନ୍ୟାସୀ ଥିଲେ ବୋଲି ଅନୁମାନ କରାଯାଏ। ଉକ୍ତ ଦ୍ୱୀପମାନଙ୍କର ଦ୍ୱିତୀୟ ଶତାବ୍ଦୀର କେତେକ ଅଭିଲେଖ କଳିଙ୍ଗ ଲିପି ଓ ସଂସ୍କୃତ ଭାଷାରେ ଲିଖିତ। ପଞ୍ଚମ ଶତକ ବେଳକୁ ଜାଭାର ପଶ୍ଚିମାଞ୍ଚଳରେ ପୂର୍ଣ୍ଣବର୍ମା ନାମକ

ଶାସକ ଚନ୍ଦ୍ରଭାଗା ନାମକ ଏକ କେନାଲ ଖୋଦନ କରିଥିଲେ। ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ବେଳକୁ ଜାଭାରେ 'କଳିଙ୍ଗ ରାଜ୍ୟ' ନାମକ ଏକ ଶକ୍ତିଶାଳୀ ରାଜ୍ୟ ପ୍ରତିଷ୍ଠିତ ଥିଲା। ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ସୁମାତ୍ରାଠାରେ **ଶୈଳେନ୍ଦ୍ର ରାଜବଂଶ** ପ୍ରତିଷ୍ଠିତ ହେଲା। ସେମାନେ କଙ୍ଗୋଦର ଶୈଳୋଦ୍‌ଭବ ରାଜବଂଶର ଏକ ଶାଖାଥିଲେ। ସମୟକ୍ରମେ ଶୈଳେନ୍ଦ୍ର ରାଜବଂଶର ଶକ୍ତି ବୃଦ୍ଧି ହେଲା ଓ ସେମାନେ ନବମ ଶତାବ୍ଦୀ ବେଳକୁ ଜାଭା, ସୁମାତ୍ରା ଓ ମାଳୟ ଅଧିକାର କରି **'ଶ୍ରୀବିଜୟ ସାମ୍ରାଜ୍ୟ'** ନାମରେ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ଗଠନ କରିଥିଲେ। ଉକ୍ତ ସାମ୍ରାଜ୍ୟ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜର ରାଜନୈତିକ ଓ ସାସ୍କୃତିକ ଇତିହାସରେ ଏକ ମହାନ ଓ ଉଲ୍ଲେଖନୀୟ ଅଧ୍ୟାୟ ସୃଷ୍ଟି କରିଥିଲା। ଏହି ସାମ୍ରାଜ୍ୟର ରାଜା ବାଳପୁତ୍ରଦେବ ନାଳନ୍ଦାଠାରେ ଏକ ବୌଦ୍ଧ ବିହାର ନିର୍ମାଣ କରିଥିଲେ। ଏକାଦଶ ଶତାବ୍ଦୀରେ ସମ୍ରାଟ ଚୂଡ଼ାମଣି ବର୍ମା ଦକ୍ଷିଣଭାରତର ନାଗାପଟ୍ଟମଠାରେ ଏକ ବୌଦ୍ଧ ମନ୍ଦିର ନିର୍ମାଣ କରିଥିଲେ। ତ୍ରୟୋଦଶ ଶତାବ୍ଦୀର ଶେଷ ଆଡକୁ ଉକ୍ତ ସାମ୍ରାଜ୍ୟର ପତନ ହୋଇଥିଲା । ଶୈଳେନ୍ଦ୍ରମାନଙ୍କ ସମୟରେ ଶୈବଧର୍ମ ଓ ବୌଦ୍ଧ ଧର୍ମର ସମିଶ୍ରଣରେ ଶିବ + ବୁଦ୍ଧ ଓ ପରେ ଶିବ + ଜଗନ୍ନାଥ ଉପାସନା ଆରମ୍ଭ ହୋଇଥିଲା। ଏହିପରି ଭାବରେ ପୂର୍ବଭାରତୀୟ ଦ୍ୱୀପପୁଞ୍ଜର ରାଜନୈତିକ ସାଂସ୍କୃତିକ ଓ ଆର୍ଥିକ ବିକାଶରେ ଓଡ଼ିଶା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା।

## ସିଂହଳ

ପ୍ରାଚୀନ କାଳର ତାମ୍ରପର୍ଣ୍ଣୀ, ଆଧୁନିକ ସିଂହଳ ବା ଶ୍ରୀଲଙ୍କା ସହିତ କଳିଙ୍ଗର ଘନିଷ୍ଠ ସମ୍ପର୍କ ଥିଲା। ଗୌତମ ବୁଦ୍ଧଙ୍କର ମହାପରିନିର୍ବାଣ ବର୍ଷ (ଖ୍ରୀ:ପୂ ୪୮୭) ବଙ୍ଗଦେଶର ରାଜପୁତ୍ର ବିଜୟ କୁମାର (କଳିଙ୍ଗ ରାଜକୁମାରୀ ସୁଷିମାଙ୍କର ପୌତ୍ର) ସିଂହଳରେ ପହଞ୍ଚି ସେଠାରେ ମାଟିର ରଙ୍ଗ ଦେଖି ସେ ଦେଶର ନାମ ତାମ୍ରପର୍ଣ୍ଣୀ ଦେଇଥିଲେ। ଅନ୍ୟ ଏକ ମତରେ କଳିଙ୍ଗ ରାଜଧାନୀ ସିଂହପୁରର ପ୍ରତିଷ୍ଠାତା କଳିଙ୍ଗରାଜ ସିଂହବାହୁଙ୍କର ପୌତ୍ର ଥିଲେ ବିଜୟ କୁମାର। ପିତାମହଙ୍କର ନାମାନୁସାରେ, ଦେଶର ନାମ ସିଂହଳ ରଖିଥିଲେ। ସିଂହଳ ସହିତ କଳିଙ୍ଗର ବାଣିଜ୍ୟିକ ଓ ରାଜନୈତିକ ସମ୍ପର୍କ ବହୁପୁରୁଣା। ଓଡିଶାର ପାଲୁର, ଦନ୍ତପୁର, ଚେଲିତାଲୋ, ତାମ୍ରଲିପ୍ତି ପ୍ରଭୃତି ବନ୍ଦରରୁ ଅନେକ ପୋତ (ବୋଇତ) ସିଂହଳକୁ ଯିବା ଆସିବା କରୁଥିଲା। କଳିଙ୍ଗ ଓ ସିଂହଳ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ରାଜନୈତିକ ସମ୍ପର୍କ ଥିଲା।

ସମ୍ରାଟ ଅଶୋକ, କଳିଙ୍ଗ ବିଜୟ ପରେ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାଙ୍କୁ ଆଠଗୋଟି ବୌଦ୍ଧ ପରିବାର ସହିତ ସିଂହଳଙ୍କୁ ପ୍ରେରଣ କରିଥିଲେ। ସେମାନେ ସେଠାରେ

ସ୍ଥାୟୀଭାବରେ ବସବାସ କରି ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର କରିଥିଲେ। ବୁଦ୍ଧଙ୍କର ଦନ୍ତଧାତୁର ରକ୍ଷକ ଓ ଉପାସକ କଳିଙ୍ଗରାଜ ଗୁହଶିବ ବାହ୍ୟ ଆକ୍ରମଣ ଆଶଙ୍କାରେ ପବିତ୍ର ଦନ୍ତ ଧାତୁକୁ କନ୍ୟା ହେମମାଳା ଓ ଜାମାତା ଦନ୍ତକୁମାରଙ୍କ ଦାୟିତ୍ୱରେ ସିଂହଳର ତତ୍‌କାଳୀନ ରାଜା ମହାସେନଙ୍କ ନିକଟକୁ ପଠାଇ ଦେଲେ (ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ)। ସେହିବର୍ଷଠାରୁ କଳିଙ୍ଗରୁ ବହୁ ସଂଖ୍ୟକ ଉପାସକ ଦନ୍ତଧାତୁର ଦର୍ଶନ ଓ ଉପାସନା ନିମିତ୍ତ ସିଂହଳକୁ ଯାତ୍ରା କରୁଥିଲେ।

କଳିଙ୍ଗ ଓ ସିଂହଳ ମଧ୍ୟରେ ବୈବାହିକ ବନ୍ଧନ ରାଜନୈତିକ ସମ୍ପର୍କକୁ ଦୃଢ଼ୀଭୂତ କରିଥିଲା। ସିଂହଳର ରାଜା ଚତୁର୍ଥ ମହେନ୍ଦ୍ରଙ୍କ ପତ୍ନୀ କଳିଙ୍ଗ ରାଜବଂଶଜ ଥିଲେ। ତାଙ୍କର ପୁତ୍ର ପଞ୍ଚମ ସେନ୍ (୯୬୯-୯୭୯) ଓ ପଞ୍ଚମ ମହେନ୍ଦ୍ର (୯୭୯-୧୦୨୭) ସିଂହଳର ଶାସକ ହୋଇଥିଲେ। ସିଂହଳ ରାଜନୀତିରେ କଳିଙ୍ଗର ପ୍ରଭାବ ଅନୁଭୂତ ହୋଇଥିଲା। ସେଠାରେ କଳିଙ୍ଗ ଦଳହିଁ ଶାସନର ପ୍ରକୃତ ନିୟନ୍ତ୍ରଣ କର୍ତ୍ତା ଥିଲେ। ଏହାପରେ ବିଜୟବାହୁ (୧୦୫୫-୧୧୧୦) କଳିଙ୍ଗ ରାଜକୁମାରୀ ତ୍ରୀଲୋକସୁନ୍ଦରୀଙ୍କୁ ବିବାହ କରିଥିଲେ। ରାଜକୁମାରୀଙ୍କ ସହିତ ୩ଜଣ ରାଜକୁମାର ସିଂହଳ ଆସି ସେଠାରେ ବସତି ସ୍ଥାପନ କରିଥିଲେ। ତ୍ରୀଲୋକସୁନ୍ଦରୀଙ୍କ ପୁତ୍ର ବିକ୍ରମବାହୁ ଓ ନାତି ପରାକ୍ରମବାହୁ (କନ୍ୟା ରତ୍ନାବଳୀଙ୍କ ପୁତ୍ର) ସିଂହଳର ଶ୍ରେଷ୍ଠ ଶାସକ ଥିଲେ। ତାଙ୍କ ପରେ ସେଠାରେ ରାଜନୈତିକ ଅସ୍ଥିରତା ଦେଖାଦେଲା ଓ ଶେଷରେ ନିଶଙ୍କମଲ୍ଲ ସିଂହଳର ରାଜା ହେଲେ। ନିଶଙ୍କମଲ୍ଲ କଳିଙ୍ଗର ଜଣେ ସାମନ୍ତ ରାଜା ଜୟଗୋପଙ୍କର ପୁତ୍ର ଥିଲେ। କଳିଙ୍ଗର ରାଜଧାନୀ ସିଂହପୁରରେ ଜନ୍ମ ହୋଇଥିଲେ। ପରାକ୍ରମବାହୁଙ୍କର କନ୍ୟା କଲ୍ୟାଣବତୀଙ୍କୁ ବିବାହ କରିଥିଲେ ଓ ସିଂହଳର ଉପରାଜ ରୂପେ ନିଯୁକ୍ତ ହୋଇଥିଲେ। ସେ ଜଣେ ଜନପ୍ରିୟ ଶାସକ ଥିଲେ। ତାଙ୍କ ଦ୍ୱାରା ନିର୍ମିତ ଅନେକ ମନ୍ଦିର ଓ ବିହାର ମଧ୍ୟରେ, ରାମେଶ୍ୱରଠାରେ ନିର୍ମିତ ନିଶଙ୍କେଶ୍ୱର ମନ୍ଦିର ଅନ୍ୟତମ।

ନିଶଙ୍କ ମଲ୍ଲଙ୍କ ପରେ ସିଂହାସନ ପାଇଁ ପ୍ରତିଦ୍ୱନ୍ଦୀତା, ଗୃହଯୁଦ୍ଧ, ବାରମ୍ବାର ରାଜା ପରିବର୍ତ୍ତନ ହେତୁ ସିଂହଳରେ ରାଜନୈତିକ ଅସ୍ଥିରତା ଦେଖାଦେଲା। ଏହାର ସୁଯୋଗ ନେଇ ପାଣ୍ଡ୍ୟ ଶାସକ ସିଂହଳ ଅଧିକାର କଲେ (୧୨୧୧)। ତିନି ବର୍ଷପରେ ୧୨୧୪ ମସିହାରେ କଳିଙ୍ଗ ରାଜକୁମାର ମେଘ ୨୪ ହଜାର ସୈନ୍ୟ ସହିତ ସିଂହଳ ଯାଇ ପାଣ୍ଡ୍ୟମାନଙ୍କୁ ବହିଷ୍କାର କରି ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ। ତାଙ୍କ ପରେ କଳିଙ୍ଗ ଓ ସିଂହଳ ମଧ୍ୟରେ ଥିବା ସମ୍ପର୍କରେ ଶିଥିଳତା ଦେଖାଦେଇଥିଲା ଓ ସେଠାରେ କଳିଙ୍ଗର ରାଜନୈତିକ ପ୍ରଭାବ ଲୋପ ପାଇଥିଲା।

## ଚୀନ୍

ପୂର୍ବ ଭାରତସାଗରସ୍ଥ ଦେଶସମୂହ ବ୍ୟତୀତ, ଚୀନ ସହିତ କଳିଙ୍ଗର ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ବହୁ ପୁରାତନ କାଳରୁ ପ୍ରତିଷ୍ଠିତ ଥିଲା। କଳିଙ୍ଗ ଉପକୂଳସ୍ଥ ବନ୍ଦରମାନଙ୍କରୁ ଜଳପଥରେ ସିଂହଳ ଓ ଜାଭା ବାଟ ଦେଇ ଚୀନ ସହିତ ବାଣିଜ୍ୟ କାରବାର ହେଉଥିଲା। ପଞ୍ଚମ ଶତକରେ ଫାହିୟାନ, ସପ୍ତମ ଶତାବ୍ଦୀରେ ହୁଏନସାଂ ଓ ଇତ୍‌ସିଂ ଜଳ ପଥ ବ୍ୟବହାର କରିଥିଲେ। ଅଷ୍ଟମ ଶତାବ୍ଦୀରେ ଚୀନ ସମ୍ରାଟ ହୁଏନ-ସୁଙ୍ଗଙ୍କ ଦରବାରରେ ଓଡିଶାର ରାଜକୁମାର ଶୁଭଙ୍କର ସିଂହ ମହାବୈରୋଚନ ସୂତ୍ର ଚୀନ ଭାଷାରେ ଅନୁବାଦ କରିଥିଲେ। ଭୌମକର ରାଜା ଶୁଭକରଦେବ ବୌଦ୍ଧ ସନ୍ୟାସୀ ପ୍ରଜ୍ଞାଙ୍କ ହାତରେ ଚୀନ ସମ୍ରାଟ ତେ' ସଙ୍ଗଙ୍କ ନିକଟକୁ ବୌଦ୍ଧଗ୍ରନ୍ଥ "ଅବତଂଶକ" ଉପହାର ପଠାଇଥିଲେ। ଚୀନରୁ ବ୍ୟବସାୟ ଉଦ୍ଦେଶ୍ୟରେ ଆସୁଥିବା ଅନେକ ଚୀନ ବଣିକ କଳିଙ୍ଗରେ ବସବାସ କରି ରହିଯାଉଥିଲେ ବୋଲି ୱାଙ୍ଗ-ତା ୟୁଆନଙ୍କ ଲେଖାରେ ବର୍ଣ୍ଣିତ ଅଛି। ଚୀନ ସହିତ କଳିଙ୍ଗର ବାଣିଜ୍ୟିକ ସମ୍ପର୍କ ବହୁକାଳ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଥିଲା।

## ଇଉରୋପ ଓ ଆଫ୍ରିକା

ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ସମ୍ପର୍କ ସୁଦୂର ଇଉରୋପ ଓ ଆଫ୍ରିକା ମହାଦେଶ ସହିତ ଥିଲା। ମୟୁରଭଞ୍ଜର ବାମନ ଘାଟି, ବିଲାସପୁର ଓ ଭାଇଜାଗପଟମ ଅଞ୍ଚଳରୁ ମିଳିଥିବା ରୋମୀୟ ମୁଦ୍ରା ଓଡିଶା ସହିତ ରୋମର ବାଣିଜ୍ୟିକ ସମ୍ପର୍କର ପ୍ରମାଣ। ରୋମ ଓ ଭାରତ ମଧ୍ୟରେ ଥିବା ସମୁଦ୍ର ଉପକୂଳସ୍ଥ ରାଜ୍ୟ ଓ ପୂର୍ବ ଆଫ୍ରିକୀୟ ଦେଶ ମାନଙ୍କ ସହିତ ଓଡିଶାର ବାଣିଜ୍ୟିକ ସମ୍ପର୍କ ଥିଲା। ପ୍ରଥମ ନରସିଂହ ଦେବ, ଏକ ଜିରାଫ ଉପହାର ଗ୍ରହଣ କରୁଥିବାର ଚିତ୍ର କୋଣାର୍କ ମନ୍ଦିର ଗାତ୍ରରେ ଖୋଦିତ ହୋଇଅଛି । ଉପରୋକ୍ତ ତଥ୍ୟ, ପ୍ରାଚୀନ ଓଡିଶା ଓ ପାଶ୍ଚାତ୍ୟ ଦେଶ ମାନଙ୍କ ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କର ସୂଚନା ଦିଏ।



**ପଣ୍ୟଦ୍ରବ୍ୟ** – ଓଡିଶାର ସାମୁଦ୍ରିକ ବାଣିଜ୍ୟର ରପ୍ତାନୀ ପଣ୍ୟଦ୍ରବ୍ୟ ମାନଙ୍କ ମଧ୍ୟରେ ସୂତା, ସିଲକ ଓ କାର୍ପାସ ବସ୍ତ୍ର, ତମ୍ବା, କଂସା, ବ୍ରୋଞ୍ଜ, ଲୁହା, ପ୍ରସ୍ତର ଓ ମାଟି ନିର୍ମିତ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ, ଅସ୍ତ୍ରଶସ୍ତ୍ର, ସୁନାରୁପା, ହାତୀଦାନ୍ତ ଓ ଅନ୍ୟାନ ଧାତୁରେ ନିର୍ମିତ ମୂଲ୍ୟବାନ ଅଳଙ୍କାର, ଦର୍ପଣ (୧୫୫୦ ମସିହାରେ ଇଉରୋପରୁ କାଚଦର୍ପଣ ଆସିବା ପୂର୍ବରୁ କଂସା ଓ ପିତ୍ତଳ ପାତ୍ର ଉପରେ ଏକ ପ୍ରକାରର ପ୍ରଲେପ ଦେଇ ଦର୍ପଣ ତିଆରି ହେଉଥିଲା), ମସଲା, ଚିନି, ଲୁଣ, ପାନପତ୍ର, ଲହୁଣୀ, ପୋହଳା, ଚମଡା, ପଶୁଲୋମ, ମୁକ୍ତା, ଶଙ୍ଖ, ରଙ୍ଗୀନ କାଚ, ମାଳୀ, ଘୋଡା, ଚାଉଳ, ବିଭିନ୍ନରଙ୍ଗ, କାଠ ନିର୍ମିତ ଆସବାବ ପତ୍ର ଇତ୍ୟାଦି ବିଭିନ୍ନ ଦ୍ରବ୍ୟ ମୁଖ୍ୟ ଥିଲା। ମୂଲ୍ୟବାନ ଓ ଅର୍ଥକାରୀ ପଣ୍ୟଦ୍ରବ୍ୟ ମଧ୍ୟରେ ହୀରା, ରତ୍ନ ପଥର ଓ ହାତୀଦାନ୍ତର ଚାହିଦା ଥିଲା। ଓଡିଶାର ହାତୀ ଓ ହୀରା ପ୍ରସିଦ୍ଧ ଥିଲା। କଙ୍ଗୋଦ ଜଙ୍ଗଲରୁ ବୃହତକାୟ ହସ୍ତୀ ରପ୍ତାନୀ ହେଉଥିଲା (ହୁଏନସାଂ)। ଗ୍ରୀକ ଗ୍ରନ୍ଥ ପେରିପ୍ଲିସରେ ଓଡିଶା ହାତୀଦାନ୍ତର ପ୍ରଶଂସା ଅଛି। ଓଡିଶା ହୀରା ଉତ୍କୃଷ୍ଟ ଥିଲା ଓ ଏହାର ଚାହିଦା ବହୁତ ଥିଲା। ଭାରତରେ ହୀରା ମିଳୁଥିବା ଆଠଗୋଟି ସ୍ଥାନ ମଧ୍ୟରେ କଳିଙ୍ଗ ଓ କୋଶଳ ଅନ୍ୟତମ ଥିଲେ (ଗରୁଡ ପୁରାଣ)। ବରାହ ମିହିରଙ୍କ ବୃହତ ସଂହିତାରେ କୋଶଳ ହୀରାର ପ୍ରଶଂସା କରାଯାଇଛି। କୋଶଳ ହୀରା “ମଧ୍ୟମ ରାଷ୍ଟ୍ରକ” ହୀରା ବୋଲି କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ବର୍ଣ୍ଣିତ ଅଛି। କଳିଙ୍ଗର ବନ୍ଦରମାନଙ୍କରୁ ହୀରା ରପ୍ତାନୀ କଥା ହୁଏନସାଂ, ଟଲେମି, ଗିବନସ୍‌ଙ୍କ ବର୍ଣ୍ଣନାରେ ଦେଖିବାକୁ ମିଳେ। ଆମଦାନୀ ଦ୍ରବ୍ୟ ମଧ୍ୟରେ ସୁନା, ରୂପା,ମୂଲ୍ୟବାନ ପଥର, ଚନ୍ଦନ କାଠ, ମସଲା, ଖଣିଜ ପଦାର୍ଥ, କଇଁଚ ଖୋଳପା, ଗନ୍ଧକ, ଔଷଧୀୟ ବୃକ୍ଷ, ଲାଖ, ଅଠା, ତମ୍ବା, ଟିଣ, ଚିନାମାଟି, କଉଡି, କୃଷିଜାତ ଦ୍ରବ୍ୟ, ଖାଦ୍ୟଶସ୍ୟ ଓ ମୂଲ୍ୟବାନ ବିଭିନ୍ନ ସ୍ଥାନୀୟ ଦ୍ରବ୍ୟ ଥିଲା।

●●●

# ଓଡ଼ିଶାର ପୁରାତନ ବନ୍ଦର

ବହୁ ପ୍ରାଚୀନକାଳରୁ କଳିଙ୍ଗ (ଓଡ଼ିଶା) ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ କଳିଙ୍ଗ ସାଗର କଳିଙ୍ଗୋଦଧି। ମହୋଦଧି (ଆଧୁନିକ ବଙ୍ଗୋପସାଗର) ଉପରେ ପ୍ରାଧାନ୍ୟ ପ୍ରତିଷ୍ଠା କରିଥିଲା । ଓଡ଼ିଶାର ବଣିକମାନେ ଦକ୍ଷିଣପୂର୍ବ ଏସୀୟ ରାଜ୍ୟ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଇଉରୋପ ମହାଦେଶ ସହିତ ବାଣିଜ୍ୟ କାରବାର କରୁଥିଲେ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ସୁଦୀର୍ଘ ସମୁଦ୍ର ଉପକୂଳ, ନୌବାଣିଜ୍ୟ ଓ ସାମୁଦ୍ରିକ ଅଭିଯାନ ପାଇଁ ଆବଶ୍ୟକ କ୍ଷେତ୍ର ଓ ଅନୁକୂଳ ପରିବେଶ ଯୋଗାଇଥିଲା । ଅଧିବାସୀମାନେ ସାହସୀ, ଉଦ୍ୟମୀ ଓ ଉଦ୍‌ଯୋଗୀ ଥିଲେ । ସାମୁଦ୍ରିକ ବାଣିଜ୍ୟ ପାଇଁ ଓଡ଼ିଶା ଉପକୂଳରେ ଅନେକ ଛୋଟ ବଡ଼ ବନ୍ଦର ଓ ବାଣିଜ୍ୟ କେନ୍ଦ୍ରମାନ ଗଡ଼ିଉଠିଥିଲା । ସେମାନଙ୍କ ମଧ୍ୟରେ ତାମ୍ରଲିପ୍ତି, ଚେଲିତାଲୋ, ପାଲୁର-ଦନ୍ତପୁର, ପିଥୁଣ୍ଡ ବନ୍ଦର ପ୍ରସିଦ୍ଧ ଥିଲେ ।

**ତାମ୍ରଲିପ୍ତି** : ଭାରତର ପୂର୍ବ ଉପକୂଳର ସର୍ବପୁରାତନ ଓ ସର୍ବଶ୍ରେଷ୍ଠ ବନ୍ଦର ଥିଲା ତାମ୍ରଲିପ୍ତି । ଏହା ଏକ ଆନ୍ତର୍ଜାତିକ ବନ୍ଦର ଥିଲା । ମହାଭାରତ, ଅର୍ଥଶାସ୍ତ୍ର, ଟଲେମୀ, ହୁଏନ୍‌ସାଂ, ଫାହିୟାନ୍, ଇତ୍‌ସିଂଙ୍କ ବିବରଣୀରେ ଏହି ବନ୍ଦରର ବର୍ଣ୍ଣନା ଅଛି । ଏହି ବନ୍ଦରକୁ ମେଦିନିପୁର ଜିଲ୍ଲାର ତାମଲୁକ ସହିତ ଚିହ୍ନିତ କରାଯାଏ । ଉଲ୍ଲେଖନୀୟ ପ୍ରାଚୀନଯୁଗରୁ ମଧ୍ୟଯୁଗର ଶେଷପର୍ଯ୍ୟନ୍ତ ମେଦିନିପୁର ଓଡ଼ିଶା ସାମ୍ରାଜ୍ୟର ଅବିଚ୍ଛିନ୍ନ ଅଙ୍ଗ ଥିଲା । ଏହି ବନ୍ଦର କଳିଙ୍ଗ ସାମ୍ରାଜ୍ୟର ପ୍ରବେଶପଥ ଥିଲା । ଏହା ସିହତ ଭାରତର ବହୁ ସ୍ଥାନ ସ୍ଥଳପଥ ଦ୍ୱାରା ସଂଯୁକ୍ତ ହୋଇଥିଲା । ତାମ୍ରଲିପ୍ତିରୁ ପାଟଳୀପୁତ୍ର ମଧ୍ୟ ଦେଇ ତକ୍ଷଶୀଳା ପର୍ଯ୍ୟନ୍ତ ସଡ଼କ ପଥ (ଉତ୍ତରାପଥ) ଥିଲା । ଏହା ସାମୁଦ୍ରିକ ବାଣିଜ୍ୟ ଓ ଗମନାଗମନର ଏକ ମୁଖ୍ୟ କେନ୍ଦ୍ରଥିଲା । ଏଠାରୁ ସିଂହଳରେ ପହଞ୍ଚିବାକୁ ୧୫ ଦିନ ଲାଗୁଥିଲା । ଏହିଠାରୁ ଏସିଆ, ଆଫ୍ରିକାର ବିଭିନ୍ନ ଦେଶ, ଗ୍ରୀସ୍ ଓ ରୋମ୍ ସହିତ ବାଣିଜ୍ୟ କାରବାର ହେଉଥିଲା । ଅଶୋକଙ୍କ ସମୟରେ ବୌଦ୍ଧଧର୍ମ ପ୍ରଚାରକମାନେ ଏହି ବନ୍ଦରରୁ ବିଭିନ୍ନ ଦେଶକୁ ଯାଉଥିଲେ । କଳିଙ୍ଗ

ରାଜକୁମାର ଦନ୍ତକୁମାର ହେମମାଳାଙ୍କ ସହିତ ବୁଦ୍ଧଙ୍କର ପବିତ୍ର ଦନ୍ତନେଇ ସିଂହଳ ଯାଇଥିଲେ । ସମ୍ରାଟ ଅଶୋକଙ୍କ ପୁତ୍ର ଓ କନ୍ୟା, ମହେନ୍ଦ୍ର ଓ ସଂଘମିତ୍ରା ଧର୍ମପ୍ରଚାର ଉଦ୍ଦେଶ୍ୟରେ ଏହି ବନ୍ଦରରୁ ଶ୍ରୀଲଙ୍କା ଯାଇଥିଲେ । ଚୀନ୍ ପରିବ୍ରାଜକ୍ ଫାହିୟାନ୍ ଶ୍ରୀଲଙ୍କା ବାଟ ଦେଇ ଚୀନ୍ ଫେରିଥିଲେ । ଏହି ବନ୍ଦର ଗୁପ୍ତଯୁଗ ପର୍ଯ୍ୟନ୍ତ (ଚତୁର୍ଥ ଶତାବ୍ଦୀରୁ ଷଷ୍ଠ ଶତାବ୍ଦୀ) ପୂର୍ବ ଉପକୂଳର ମୁଖ୍ୟ ଓ ଶ୍ରେଷ୍ଠ ବନ୍ଦରଭାବେ ତିଷ୍ଠି ରହିଥିଲା ।

**ଚେ-ଲି-ତା-ଲୋ :** ପ୍ରାଚୀନ ଓଡ଼ିଶାର ଦ୍ୱିତୀୟ ବୃହତ ଆନ୍ତର୍ଜାତିକ ବନ୍ଦର ଥିଲା ଚେଳିତାଲୋ ବା ଚେଳିତୋଳା । ଏହି ବନ୍ଦର ସମୁଦ୍ରଗାମୀ ବଣିକ ଓ ପୋତମାନଙ୍କର ଆଶ୍ରୟସ୍ଥଳ ଥିଲା । ଏହା ନିକଟରେ ଅନେକ ବୌଦ୍ଧମଠ ଓ ଆଶ୍ରମ ଥିଲା । ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଏହି ବନ୍ଦର ସହର ପରିଦର୍ଶନ କରିଥିଲେ । କାଣ୍ଡି (ସିଂହଳ)ଠାରେ ସ୍ଥାପିତ ପବିତ୍ର ବୁଦ୍ଧଦନ୍ତରୁ ସ୍ଫୁରିତ ଆଲୋକରଶ୍ମୀ ଏହି ସ୍ଥାନରୁ ଦେଖିହୁଏ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଏହି ବୃହତ ବନ୍ଦରର ଅବସ୍ଥିତି ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳେ । ସଂସ୍କୃତରେ ଚେଳିତୋଳାର ଅର୍ଥ ଚରିତ୍ରପୁର । କନିଂହାମ୍ ଚରିତ୍ରପୁରକୁ ପୁରୀ ସହିତ ଚିହ୍ନିତ କରିଥିବାବେଳେ କରୁଣାସାଗର ବେହେରା ଏହାକୁ ଚିଲିକା ନିକଟସ୍ଥ ଛତ୍ରଗଡ଼ ହୋଇପାରେ ବୋଲି ମତ ଦେଇଛନ୍ତି । ଚେଳିତୋଳାକୁ ଚିତ୍ରୋତ୍ପଳା ବୋଲି ମନେକରି ଓ୍ୱାଡେଲ୍ ଚିତ୍ରୋତ୍ପଳାର ଉତ୍ପତ୍ତିସ୍ଥଳ ନେନ୍ଦରାଠାରେ ଏହା ଅବସ୍ଥିତ ଥିଲାବୋଲି କହିଛନ୍ତି । ଚିଲିକା ନିକଟସ୍ଥ ମାଣିକପାଟଣା କିମ୍ବା କୁଶଭଦ୍ରା ନଦୀ ମୁହାଣ ନିକଟସ୍ଥ ଖାଲ୍‌କାପାଟଣା ଚେଳିତୋଳା ବନ୍ଦର ହୋଇଥାଇପାରେ ବୋଲି ମଧ୍ୟ ଅନୁମାନ କରାଯାଏ ।

ଚିଲିକା କୂଳରେ ସମୁଦ୍ରଠାରୁ ଅନତିଦୂରରେ **ମାଣିକପାଟଣା**ଠାରେ ଏକ ବନ୍ଦର ଥିଲା । ଏହା ଏକ ଆନ୍ତର୍ଜାତୀୟ ବନ୍ଦର ଥିଲା । ସିଂହଳ ଓ ସୁମାତ୍ରା ମଧ୍ୟ ଦେଇ ଚୀନ୍ ସହିତ ଏହିଠାରୁ ବାଣିଜ୍ୟ କାରବାର ହେଉଥିଲା । ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ଏହି ବନ୍ଦର କାର୍ଯ୍ୟକ୍ଷମ ଓ ପ୍ରସିଦ୍ଧ ଥିଲା । ଆବୁଲ୍ ଫାଜଲ୍‌ଙ୍କର ଆଇନ୍-ଇ-ଆକବରୀ ପୁସ୍ତକରେ ଉକ୍ତ ବନ୍ଦରର ଉଲ୍ଲେଖ ଅଛି । ଏହାକୁ ଚେଳିତାଲୋ ବନ୍ଦର ସହିତ ଚିହ୍ନିତ କରାଯାଇପାରେ ବୋଲି କେତେଜଣ ମତ ଦିଅନ୍ତି ।

କୁଶଭଦ୍ରା ନଦୀମୁହାଣ ନିକଟରେ **ଖାଲ୍‌କାପାଟଣା** ଠାରେ ଏକ ବନ୍ଦରର ଧ୍ୱଂସାବଶେଷ ଆବିଷ୍କୃତ ହୋଇଅଛି । ଏଠାରେ ଚୀନ୍ ମୁଦ୍ରା ଓ ଚୀନା ପାତ୍ର ମିଳିଥିବାରୁ ଏଠାରୁ ଚୀନ୍ ସହିତ ବାଣିଜ୍ୟ କାରବାର ଚାଲିଥିଲା ବୋଲି ଅନେକଙ୍କର ମତ । ଉକ୍ତ

ବନ୍ଦର ଏକ ବହୁ ପୁରାତନ ବନ୍ଦରଥିଲା । ଏହି ବନ୍ଦର ହୁଏନସାଂଙ୍କ ବର୍ଣ୍ଣିତ ଚେଲିତାଲୋ ବନ୍ଦର ହୋଇପାରେ ବୋଲି ମଧ୍ୟ ଅନୁମାନ କରାଯାଏ ।

ଚେଲିତାଲୋ ବନ୍ଦରର ସ୍ଥାନ ନିରୂପଣ ନିର୍ଦ୍ଦିଷ୍ଟ ଭାବେ ହୋଇପାରିନଥିଲେ ମଧ୍ୟ, ଏହା ପୁରୀ ଆଖପାଖର ଚନ୍ଦ୍ରଭାଗା (ଖାଲକାପାଟଣା), ମାଣିକପାଟଣା କିମ୍ବା ପୁରୀଠାରେ ଅବସ୍ଥିତ ଥିଲା ।

**ଦନ୍ତପୁର-ପାଲୁର** : ଦନ୍ତପୁର, ପ୍ରାଚୀନ ଓଡ଼ିଶାର ତୃତୀୟ ବୃହତ୍ତମ ବନ୍ଦର ଥିଲା । ଏହି ବନ୍ଦରକୁ ପ୍ଲିନି 'ଦଣ୍ଡଗୁଡ଼' ଓ ଲେଭି 'ଦନ୍ତଗୁଳ' ବୋଲି ଉଲ୍ଲେଖ କରିଛନ୍ତି । ମହାଭାରତରେ ବର୍ଣ୍ଣିତ କଳିଙ୍ଗର ରାଜଧାନୀ 'ଦନ୍ତକୁର' ସହିତ ଏହାକୁ ତୁଳନା କରାଯାଏ । ଉକ୍ତ ବନ୍ଦରକୁ ଗଞ୍ଜାମ ଜିଲ୍ଲାର ପାଲୁର ସହିତ ଚିହ୍ନିତ କରାଯାଏ । ସଂସ୍କୃତ ଭାଷାରେ 'ପାଲୁ' ଶବ୍ଦର ଅର୍ଥ ଦନ୍ତ ଓ 'ଉର୍' ଶବ୍ଦର ଅର୍ଥ ନଗର ବା ପୁର । 'ପାଲୁର' ଶବ୍ଦର ଅର୍ଥ ହେଉଛି ଦନ୍ତପୁର । ଆଧୁନିକ ପାଲୁର ଚିଲିକା କୂଳରେ ସମୁଦ୍ରଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ ଥିବାରୁ କେତେଜଣ ଦନ୍ତପୁର / ପାଲୁରକୁ ଗୋପାଳପୁର ହୋଇପାରେ ବୋଲି ଅନୁମାନ କରନ୍ତି ।

ଦନ୍ତପୁର-ପାଲୁର ବନ୍ଦର ଭାରତର ପୂର୍ବତଟରେ ଏକ ବୃହତ ବନ୍ଦର ଥିଲା । ଦକ୍ଷିଣ-ପୂର୍ବ ଦେଶକୁ ଯାଉଥିବା ପଣ୍ୟବାହୀ ପୋତ ଏଠାକୁ ଆସି ଏହିଠାରୁ ସିଧା ସମୁଦ୍ର ମଧ୍ୟରେ ଯାତ୍ରା କରୁଥିଲେ । ଏଠାରୁ ସୁବର୍ଣ୍ଣଭୂମିକୁ (ବର୍ମା /ମିଆଁମାର) ବୋଇତ ଯାତ୍ରା କରୁଥିଲା । ଏହି ବନ୍ଦର; ପୋତ, ନାବିକ ଓ ବଣିକମାନଙ୍କର ଆଶ୍ରୟ ଓ ବିଶ୍ରାମସ୍ଥଳ ରୂପେ ବ୍ୟବହୃତ ହେଉଥିଲା ।

**ପିଥୁଣ୍ଡ** : ପ୍ରାଚୀନ ଓଡ଼ିଶାରେ ଅନ୍ୟ ଏକ ବନ୍ଦର ଥିଲା ପିଥୁଣ୍ଡ । ଜୈନ ଗ୍ରନ୍ଥ ଉତ୍ତରାଧ୍ୟୟନ ସୂତ୍ରରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ । ଚମ୍ପାରାଜ୍ୟର ପାଳିତ ନାମକ ଜଣେ ବଣିକ ନୌକା ସାହାଯ୍ୟରେ ଉକ୍ତ ବନ୍ଦର ନଗରୀକୁ ଆସିଥିବାର ଉଲ୍ଲେଖ ଜୈନ ସାହିତ୍ୟରେ ଅଛି । ସମ୍ରାଟ ଖାରବେଳ କଳିଙ୍ଗର ପରିତ୍ୟକ୍ତ ପିଥୁଣ୍ଡ ନଗରୀର ପୁନରୁଦ୍ଧାର କରିଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖରେ ବର୍ଣ୍ଣିତ ହୋଇଅଛି । ପିଥୁଣ୍ଡ ଏକ ବନ୍ଦର ନଗରୀ ଥିଲା । ଏହି ବନ୍ଦର ନାଗାବଳୀ ନଦୀର ମୁହାଣ ନିକଟରେ କଳିଙ୍ଗପତ୍ତନମ୍ (ଆଧୁନିକ ମୁଖଲିଙ୍ଗମ୍) ଠାରେ ଅବସ୍ଥିତ ଥିଲା । ଏକଦା ପ୍ରସିଦ୍ଧ ଏହି ବନ୍ଦର ନଗରୀ କାଳକ୍ରମେ ପରିତ୍ୟକ୍ତ ହୋଇ ଧ୍ୱଂସହୋଇଯାଇଥିଲା ।

ପ୍ରାଚୀନ ଓଡ଼ିଶାରେ ଉପରୋକ୍ତ ବନ୍ଦରଗୁଡ଼ିକ ବ୍ୟତୀତ ଅନେକ ମଧ୍ୟମ ଓ କ୍ଷୁଦ୍ର ବନ୍ଦର ଥିବା ଅନୁମାନ କରାଯାଏ । ଅଧିକ ଅଧ୍ୟୟନ ଓ ଗବେଷଣା ଦ୍ୱାରା ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ହେଉଅଛି । ଭବିଷ୍ୟତରେ ଓଡ଼ିଶାର ନୌବାଣିଜ୍ୟ, ବନ୍ଦର, ଦରିଆପାରି ଉପନିବେଶ ସମ୍ବନ୍ଧରେ ନୂତନ ତଥ୍ୟ ମିଳିବାର ସମ୍ଭାବନା ଅଛି ।

ପ୍ରାଚୀନ କାଳରୁ ଓଡ଼ିଶାର ସାମୁଦ୍ରିକ କାର୍ଯ୍ୟକଳାପ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମୃଦ୍ଧ ଓ ପ୍ରତିଷ୍ଠିତ ଥିଲା । ତାପରେ ଆରମ୍ଭ ହେଲା ଅଧୋଗତି । ପଞ୍ଚଦଶ ଶତାବ୍ଦୀ ବେଳକୁ ଏହା ସମ୍ପୂର୍ଣ୍ଣ ଲୋପ ହୋଇଯାଇଥିଲା । ଖ୍ରୀଷ୍ଟୀୟ ଚତୁର୍ଥ-ପଞ୍ଚମ ଶତାବ୍ଦୀବେଳକୁ (ଗୁପ୍ତଯୁଗ) ଦକ୍ଷିଣପୂର୍ବ ଏସୀୟ ରାଜ୍ୟମାନଙ୍କ ସହିତ କଳିଙ୍ଗର ନୌବାଣିଜ୍ୟ ହ୍ରାସ ପାଇଥିଲା । ଶୈଳୋଦ୍‌ଭବ ଓ ଭୌମକର ରାଜତ୍ୱ ସମୟରେ (ଷଷ୍ଠରୁ ନବମ ଶତାବ୍ଦୀ) ଉତ୍କଳୀୟ ନୌବାଣିଜ୍ୟରେ ଉନ୍ନତି ଓ ଅଭିବୃଦ୍ଧି ଘଟିଥିଲା । ଦକ୍ଷିଣରେ ଚୋଳମାନଙ୍କର ଅଭ୍ୟୁଦୟ (ନବମ ଶତାବ୍ଦୀ) ଫଳରେ ଓଡ଼ିଆ ନାବିକମାନଙ୍କୁ ଦରିଆପାରି ବାଣିଜ୍ୟକ୍ଷେତ୍ରରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏତଦ୍‌ବ୍ୟତୀତ ଦକ୍ଷିଣ-ଏସୀୟ ରାଜ୍ୟମାନଙ୍କରେ ଆରବୀୟମାନଙ୍କର ଅଭିଯାନ ହେତୁ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ପ୍ରାକୃତିକ କାରଣରୁ ନଦୀମୁହାଣଗୁଡ଼ିକ ପଟୁମାଟି ଓ ବାଲିରେ ପୋତି ହୋଇ ଗଭୀରତା ହ୍ରାସ ହେବା ଦ୍ୱାରା ବନ୍ଦରଗୁଡ଼ିକ ବଡ଼ ବଡ଼ ପୋତ ଚଳାଚଳ ପାଇଁ ଅନୁପଯୁକ୍ତ ହୋଇପଡ଼ିଲା । କ୍ରମଶଃ ବନ୍ଦରଗୁଡିକ ପରିତ୍ୟକ୍ତ ଓ ଧ୍ୱଂସ ହେଲା । ଯେଉଁଥିପାଇଁ ପୁରାତନ ଯୁଗର ପ୍ରସିଦ୍ଧ ବନ୍ଦରଗୁଡ଼ିକର ଉଲ୍ଲେଖ ମଧ୍ୟଯୁଗରେ ଦେଖିବାକୁ ମିଳେନାହିଁ । ଗଙ୍ଗ ରାଜତ୍ୱ ସମୟରେ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଅବନତି ଆରମ୍ଭ ହୋଇ ଗଜପତି ରାଜତ୍ୱ ବେଳକୁ ଶେଷ ହୋଇଯାଇଥିଲା ।

**ଇଉରୋପୀୟ ବଣିକମାନଙ୍କର ଆଗମନ :** ଇଉରୋପୀୟ ବଣିକମାନେ ଭାରତକୁ ଆସିବାପରେ ଓଡ଼ିଶା ଉପକୂଳରେ ନୌବାଣିଜ୍ୟ ବ୍ୟବସାୟ ପୁନର୍ବାର ଆରମ୍ଭ ହେଲା । ୧୫୧୪ ମସିହାରେ ଗଜପତି ପ୍ରତାପରୁଦ୍ରଦେବ ପର୍ତ୍ତୁଗୀଜ ବଣିକମାନଙ୍କୁ ଓଡ଼ିଶା ଉପକୂଳରେ ବ୍ୟବସାୟ କରିବାକୁ ଅନୁମତି ପ୍ରଦାନ କଲେ । ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟ ପିପିଲିଠାରେ ପର୍ତ୍ତୁଗୀଜମାନେ ସେମାନଙ୍କର ବାଣିଜ୍ୟକେନ୍ଦ୍ର ପ୍ରତିଷ୍ଠାକଲେ । ପର୍ତ୍ତୁଗୀଜମାନେ ପ୍ରଥମେ ସ୍ଥାନୀୟ ବ୍ୟବସାୟୀମାନଙ୍କ ସହିତ ମିଶି ବାଣିଜ୍ୟ କାରବାର ଆରମ୍ଭ କରିଥିଲେ ଓ ପରେ ସ୍ଥାନୀୟ ବ୍ୟବସାୟୀମାନଙ୍କ ଉପରେ ଆଧିପତ୍ୟ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ । **ପିପିଲି** ହେଉଛି ଓଡ଼ିଶାରେ ପ୍ରଥମ ଇଉରୋପୀୟ

ବାଣିଜ୍ୟିକ ବନ୍ଦର । ୧୬୭୦ ମସିହାବେଳକୁ ଏହି ବନ୍ଦର ପରିତ୍ୟକ୍ତ ହେଲା । ଏହାପରେ ପରେ ହିଜଲି, ବାଲେଶ୍ୱର, ହରିହରପୁର, ମାଣିକପାଟଣା, ହିମଳିପାଟଣା, ଧାମରା, ଫଲସ ପଏଣ୍ଟ, ପୁରୀ ପ୍ରଭୃତି ସ୍ଥାନରେ ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ବନ୍ଦର ଓ ବାଣିଜ୍ୟିକ କେନ୍ଦ୍ରମାନ ଗଢ଼ିଉଠିଥିଲା ।

ବୁଢ଼ାବଳଙ୍ଗ ନଦୀମୁହାଣଠାରେ ଅବସ୍ଥିତ **ବାଲେଶ୍ୱର** ଅନ୍ୟ ଏକ ପ୍ରଧାନ ବନ୍ଦର ଥିଲା । ଏଠାରେ ପର୍ତ୍ତୁଗାଲ, ହଲାଣ୍ଡ, ଫ୍ରାନ୍ସ, ଡେନ୍‌ମାର୍କ ଓ ଇଂଲଣ୍ଡର ବଣିକମାନେ ବସତି ସ୍ଥାପନ କରିଥିଲେ, କାରଖାନା ବସାଇଥିଲେ ଓ ବାଣିଜ୍ୟ କାରବାର କରୁଥିଲେ । ପର୍ତ୍ତୁଗୀଜମାନେ ଆସିବାପୂର୍ବରୁ ବାଲେଶ୍ୱର ବନ୍ଦରରେ ସ୍ଥାନୀୟ ବ୍ୟବସାୟୀମାନେ କାରବାର କରୁଥିଲେ । ଇଉରୋପୀୟମାନେ ଆସିବାପରେ ଏହାର କଳେବର ବୃଦ୍ଧି ହୋଇଥିଲା । ୧୬୩୩ ମସିହାରେ ବାଲେଶ୍ୱର ଠାରେ ଇଂରେଜମାନେ ପ୍ରଥମେ କାରଖାନା ବସାଇଥିଲେ । ମୋଗଲ ସୁବେଦାରମାନେ ଅତ୍ୟଧିକ କର ଆଦାୟ କରିବାରୁ କାରବାର ହ୍ରାସ ପାଇଲା । ନଦୀମୁହାଣ ବାଲି ଓ ପଟୁମାଟିରେ ପୋତିହୋଇ ମୁହାଣର ଗଭୀରତା କମିଗଲା । ୧୭୮୬ ମସିହାବେଳକୁ ଏହା ପରିତ୍ୟକ୍ତ ହୋଇଥିଲା । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବାବେଳକୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା ।

ବାଲେଶ୍ୱର ବନ୍ଦରର କାର୍ଯ୍ୟକ୍ଷମତା ହ୍ରାସ ହେବାରୁ ଏହାର ବ୍ୟବହାର କମିଗଲା । ଏହା ସ୍ଥାନରେ ବ୍ରାହ୍ମଣୀ ଓ ବୈତରଣୀ ନଦୀ ମିଶିଥିବା ସ୍ଥାନରେ **ଧାମରା** ବନ୍ଦରର ବିକାଶ ହୋଇଥିଲା । ବାଲେଶ୍ୱର ଜିଲ୍ଲାରେ ସାତଗୋଟି ବନ୍ଦର (ସାର୍ଥା, ଛଉନା, ବାଲେଶ୍ୱର ଲଛନପୁର, ଚୁଡ଼ାମଣୀ, ଧାମରା, ଚାନ୍ଦବାଲି) ଥିଲା ।

୧୮୬୦ ମସିହାରେ ମହାନଦୀ ମୁହାଣଠାରେ **ଫଲସ୍ ପଏଣ୍ଟ** ବନ୍ଦର ନିର୍ମାଣ ହୋଇଥିଲା ଓ ୧୮୮୦ ମସିହାରେ ସେଠାରେ ଏକ ବତୀଘର ନିର୍ମାଣ ହୋଇଥିଲା । ଭାରତର ପୂର୍ବ ଉପକୂଳ ବନ୍ଦରମାନଙ୍କ ମଧ୍ୟରେ ଏହା ଏକ ଉତ୍କୃଷ୍ଟ ବନ୍ଦର ଥିଲା । ପୁରୀ ବନ୍ଦର ଫଲସ୍ ପଏଣ୍ଟର ସମସାମୟିକ ଥିଲା ଓ ୧୮୬୦ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ବୈତରଣୀ ନଦୀମୁହାଣ ନିକଟରେ ୧୮୬୭ ମସିହାରେ **ଚାନ୍ଦବାଲି** ବନ୍ଦର ଗଢ଼ିଉଠିଥିଲା । ଏହା ରେଭେନ୍ସା ବନ୍ଦର ନାମରେ ନାମିତ ହୋଇଥିଲା ।

ଷୋଡ଼ଶ ଶତାବ୍ଦୀରେ ରୁପନାରାୟଣ ନଦୀ (ମେଦିନିପୁର) ମୁହାଣ ନିକଟରେ ପର୍ତ୍ତୁଗୀଜମାନେ ବ୍ୟବସାୟ ଓ ବସବାସ ଆରମ୍ଭ କରିଥିଲେ । **ହିଜଲି ବନ୍ଦର**ର ବିକାଶ

ହୋଇଥିଲା । ଦକ୍ଷିଣରେ ଋଷିକୂଲ୍ୟା ନଦୀ ମୁହାଣ ନିକଟରେ ଗଞ୍ଜାମ ବନ୍ଦର, ସମୁଦ୍ର ଉପକୂଳରେ **ମନସୁରକୋଟା** (ଗୋପାଳପୁର) ବନ୍ଦର, ବାହୁଡ଼ାନଦୀ କୂଳରେ ବାରୁଭା ବନ୍ଦର, ମହେନ୍ଦ୍ର ତନୟା ନଦୀ ମୁହାଣଠାରେ ପୁଣ୍ଡି ବନ୍ଦର, ବଂଶଧାରା ମୁହାଣଠାରେ କେଲିଙ୍ଗପାଟଣା ବନ୍ଦର (ଗଙ୍ଗରାଜତ୍ୱ ସମୟରୁ ଥିବା ବହୁ ପୁରାତନ ବନ୍ଦର) ପ୍ରଭୃତି ଅନେକ କ୍ଷୁଦ୍ର ବନ୍ଦର ଓ ବାଣିଜ୍ୟ କେନ୍ଦ୍ରମାନ ଗଢ଼ିଉଠିଥିଲା ।

ଉପରୋକ୍ତ ବନ୍ଦରଗୁଡ଼ିକ କ୍ଷୁଦ୍ରଥିଲା, ମୁଖ୍ୟତଃ ପୋତମାନଙ୍କର ବିଶ୍ରାମ ଓ ଆଶ୍ରୟସ୍ଥଳ ରୂପେ ବ୍ୟବହୃତ ହେଉଥିଲା। ଖୁବ୍ କମ୍ ପରିମାଣର ବ୍ୟବସାୟ ହେଉଥିଲା। ବନ୍ଦରଗୁଡ଼ିକ ସବୁଦିନିଆ ବା ଦୀର୍ଘସ୍ଥାୟୀ ନଥିଲା। ନଦୀମୁହାଣ ପୋତି ହୋଇପଡ଼ିଲେ, ସମୁଦ୍ରକୂଳ ଖାଇଗଲେ ବନ୍ଦ ହୋଇଯାଉଥିଲା ଓ ପରିତ୍ୟକ୍ତ ହେଉଥିଲା। ଗୋଟିଏ ସମୟରେ ଓଡ଼ିଶାରେ କେବଳ ତିନିଗୋଟି ବନ୍ଦର- ପୁରୀ, ଫଲସ୍‌ପଏଣ୍ଟ ଓ ଚାନ୍ଦବାଲି ବନ୍ଦର କାର୍ଯ୍ୟକ୍ଷମ ଥିଲା। ଅଗଭୀର ସମୁଦ୍ର ହେତୁ ଷ୍ଟିମର୍‌ଗୁଡ଼ିକ କୂଳକୁ ଆସିନପାରିବାରୁ ପୁରୀ ଓ ସମୁଦ୍ର କୂଳପରିବର୍ତ୍ତନ କରିବାରୁ ଫଲସ୍ ପଏଣ୍ଟ ସେମାନଙ୍କର ବ୍ୟାବହାରିକ ଉପଯୋଗୀତା ହରାଇଥିଲେ। କେବଳ ଚାନ୍ଦବାଲି ବନ୍ଦର କାର୍ଯ୍ୟକ୍ଷମ ଥିଲା। ଓଡ଼ିଶାରେ କୌଣସି ମଧ୍ୟମ ବା ବୃହତ ବନ୍ଦର ନଥିଲା। ଇଂରେଜ ଶାସନ ଅଧୀନକୁ ଆସିବାପରେ ମଧ୍ୟ ଓଡ଼ିଶା ଉପକୂଳରେ ଏକ ବୃହତ ବା ମଧ୍ୟମଧରଣର ବନ୍ଦର ବିକାଶ ପାଇଁ କୌଣସି ଉଦ୍ୟମ ହୋଇନଥିଲା। ଏକଦା ସାମୁଦ୍ରିକ ବାଣିଜ୍ୟରେ ପ୍ରତିଷ୍ଠା ଲାଭ କରିଥିବା ଓଡ଼ିଶା ସମ୍ପୂର୍ଣ୍ଣ ଅବହେଳିତ ହୋଇ ରହିଥିଲା।



ଫଲସ ପଏଣ୍ଟ, ବତୀଘର

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ପୂର୍ବ ଉପକୂଳର ସୁରକ୍ଷା ପାଇଁ କଲିକତା ଓ ବିଶାଖାପାଟଣା ମଧ୍ୟରେ ଏକ ବନ୍ଦରର ଆବଶ୍ୟକତା ଅନୁଭୂତ ହୋଇଥିଲା। ପରେ ଓଡ଼ିଶା ସରକାର ଓ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଉଦ୍ୟମରେ ୧୯୬୨ ମସିହାରେ ପାରାଦ୍ୱୀପ ବନ୍ଦରର ଶୁଭାରମ୍ଭ ହୋଇଥିଲା । ଏହା ବର୍ତ୍ତମାନ ଦେଶର ଏକ ବୃହତ ଓ ପ୍ରମୁଖ ବନ୍ଦର ।

# ଓଡ଼ିଶାର ମନ୍ଦିର

ନିର୍ମାଣ ଶୈଳୀ, ଭାସ୍କର୍ଯ୍ୟ, କାରୁକାର୍ଯ୍ୟ ଓ ବିଶାଳତା ପାଇଁ ଦେଶ ଓ ବିଦେଶରେ ଓଡ଼ିଶାର ମନ୍ଦିର ଏକ ସ୍ୱତନ୍ତ୍ର ପରିଚୟ ଓ ସ୍ଥାନ ହାସଲ କରିଅଛି । ଓଡ଼ିଶାର ମନ୍ଦିର ନିର୍ମାଣ ଶୈଳୀ ସ୍ୱତନ୍ତ୍ର ଓ ନିଜସ୍ୱ । ଅନ୍ୟମାନଙ୍କଠାରୁ ପୃଥକ୍ । ଭାରତର ମନ୍ଦିରଗୁଡ଼ିକୁ ସେମାନଙ୍କର ନିର୍ମାଣଶୈଳୀ ଅନୁସାରେ ଚାରିଭାଗରେ ବିଭକ୍ତ କରାଯାଏ ଯଥା– ନାଗର, ବେସର, କଳିଙ୍ଗ ଓ ଦ୍ରାବିଡ଼ । ସାଧାରଣତଃ ଉତ୍ତର ଭାରତର ମନ୍ଦିରଶୈଳୀକୁ 'ନାଗର'; ମଧ୍ୟ ଓ ପଶ୍ଚିମ ଭାରତର ମନ୍ଦିରଶୈଳୀକୁ 'ବେସର'; ପୂର୍ବ ଭାରତର ମନ୍ଦିରଶୈଳୀକୁ 'କଳିଙ୍ଗ' ଓ ଦକ୍ଷିଣ ଭାରତର ମନ୍ଦିରଶୈଳୀକୁ 'ଦ୍ରାବିଡ଼' ଶ୍ରେଣୀଭୁକ୍ତ କରାଯାଏ । ନାଗର ଶ୍ରେଣୀୟ ମନ୍ଦିରର ବିମାନ ତଳୁ ଉପର ପର୍ଯ୍ୟନ୍ତ ଚତୁର୍ଭୁଜାକାର ବା ଆୟତାକାର ହୋଇଥିବା ବେଳେ ଦାବ୍ରିଡ ଶ୍ରେଣୀୟ ମନ୍ଦିରର ବିମାନ ତଳୁ ଉପର ପର୍ଯ୍ୟନ୍ତ ଷଡଭୂଜାକାର ବା ଅଷ୍ଟଭୂଜାକାର। ବେସାରା ବା ବେସର ଶ୍ରେଣୀୟ ମନ୍ଦିରର ବିମାନ ଆମୂଳ ଚୂଳ ବୃତ୍ତାକାର ବା ଉପ ବୃତ୍ତାକାର। କଳିଙ୍ଗ ଶ୍ରେଣୀୟ ମନ୍ଦିରର ବିମାନ ତଳୁ ଉପରପର୍ଯ୍ୟନ୍ତ କ୍ରମଶଃ ବକ୍ର ହୋଇ ଗୋଟିଏ ଚୂଡାରେ ମିଳିତ ହୋଇଥାଏ।

ଓଡ଼ିଶାରେ ମନ୍ଦିର ନିର୍ମାଣ କେବେଠାରୁ ଆରମ୍ଭ ହୋଇଥିଲା ନିର୍ଦ୍ଧିଷ୍ଟ ଭାବେ କହିବା ସମ୍ଭବ ନୁହେଁ। କାରଣ ପ୍ରାଚୀନ ମନ୍ଦିରଗୁଡ଼ିକ (ଦେବାୟତନ ବା ପୂଜାପୀଠ) ଇଟାପଥରରେ ନିର୍ମିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିରୋଧ କରିବାକୁ ସମର୍ଥ ନ ହୋଇ ଧ୍ୱଂସ ହୋଇଯାଉଥିଲା। ମିଳିଥିବା ଧ୍ୱଂସାବଶେଷ ଆଧାରରେ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରୁ ଓଡ଼ିଶାରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଏ। କିନ୍ତୁ କଳିଙ୍ଗ ସମ୍ରାଟ ଖାରବେଳ (ଖ୍ରୀ.ପୂ. ପ୍ରଥମ ଶତକ) କଳିଙ୍ଗରେ ବହୁ ଦେବାୟତନର ସଂସ୍କାର କରିଥିବା କଥା ହାତୀଗୁମ୍ଫା ଶିଳାଲେଖରେ ବର୍ଣ୍ଣନା ଅଛି। ଶତ୍ରୁଭଞ୍ଜ ନାମକ ଜଣେ ରାଜା (ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀ) ଆସନପାଟ (କେନ୍ଦୁଝର)ଠାରେ ଏକ ଦେବାୟତନ (ଶିବମନ୍ଦିର) ନିର୍ମାଣ କରିଥିବା କଥା ଉଲ୍ଲେଖ ଅଛି। ବିକ୍ଷିପ୍ତ ହୋଇ ପଡ଼ିଥିବା ଭଙ୍ଗାଇଟା ଓ ନଟରାଜ ମୂର୍ତ୍ତୀ

ବ୍ୟତୀତ ଉକ୍ତ ମନ୍ଦିରର ଆଉ କୌଣସି ଅବଶେଷ ନାହିଁ । କଳାହାଣ୍ଡି ଜିଲ୍ଲାର ମାରାଗୁଡ଼ାଠାରେ ଦୁଇଟି ମନ୍ଦିରର ଧ୍ୱଂସାବଶେଷ ଆବିଷ୍କୃତ ହୋଇଛି । ଏହି ମନ୍ଦିର ଇଟା ଓ ପଥରରେ ନିର୍ମିତ ହୋଇଥିଲା । ଏହାର ଛାତର ଚିହ୍ନବର୍ଣ୍ଣ ନାହିଁ । ଉକ୍ତ ମନ୍ଦିର ଦୁଇଟି ପଞ୍ଚମ ଶତାବ୍ଦୀରେ ନିର୍ମିତ ହୋଇଥିଲା ବୋଲି ଆକଳନ କରାଯାଏ ।

ଧ୍ୱଂସରୁ ବର୍ତ୍ତିଯାଇଥିବା ଓ ତିଷ୍ଠି ରହିଥିବା ମନ୍ଦିରମାନଙ୍କ ମଧ୍ୟରେ ସବୁଠାରୁ ପ୍ରାଚୀନ ମନ୍ଦିର ହେଉଛି ମହେନ୍ଦ୍ରଗିରି (ଗଜପତି ଜିଲ୍ଲା) ଉପରେ ଅବସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର । ସାତଗୋଟି ବୃହତ ପ୍ରସ୍ତରଖଣ୍ଡ ଦ୍ୱାରା ନିର୍ମିତ ହୋଇଥିବା ଏହି ମନ୍ଦିର ଉପରେ ଅମଳକ ଶିଳା (ଅଁଳା) ସ୍ଥାପିତ ହୋଇଅଛି । ଏହି ମନ୍ଦିରର ନିର୍ମାଣ କାଳ ଷଷ୍ଠ ଶତାବ୍ଦୀର ପ୍ରଥମ ଭାଗ । ଏହି ମନ୍ଦିରର ସମସାମୟିକ ଅନ୍ୟ ମନ୍ଦିର ହେଲା ପଟିଆ ନିକଟସ୍ଥ ପାହାଡ଼ ଉପର ଦୁର୍ଗାମନ୍ଦିର ଓ କୋରାପୁଟ ଜିଲ୍ଲା ପଦ୍ମପୁର ନିକଟ ଜଗମଣ୍ଡା ପାହାଡ଼ ଉପରେ ଅବସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର । ନୀଳକଣ୍ଠେଶ୍ୱର ମନ୍ଦିର ୯ ଗୋଟି ପ୍ରସ୍ତରଖଣ୍ଡ ଦ୍ୱାରା ନିର୍ମିତ । ପ୍ରାଚୀନ ମନ୍ଦିରଗୁଡ଼ିକର ଛାତ ସମତଳ ଥିଲା । ଗର୍ଭଗୃହ ଏକ କ୍ଷୁଦ୍ର କୋଠରୀ ବା ପ୍ରକୋଷ୍ଠ ଥିଲା । ଏହା ଚାରିପଟେ ପରିକ୍ରମା କରିବା ପାଇଁ ଆଚ୍ଛାଦିତ ପ୍ରଦକ୍ଷଣ ମାର୍ଗ ଥିଲା ।

ଶୈଳୋଦ୍‌ଭବମାନଙ୍କର ରାଜତ୍ୱ କାଳକୁ (ଷଷ୍ଠ ଶତାବ୍ଦୀ-ଅଷ୍ଟମ ଶତାବ୍ଦୀ) ଓଡ଼ିଶାର ମନ୍ଦିର ନିର୍ମାଣ ଓ ମନ୍ଦିର ସ୍ଥାପତ୍ୟ ବିକାଶର ପ୍ରଥମ ପର୍ଯ୍ୟାୟ ବୋଲି ବିଚାର କରାଯାଏ । ଏହି ସମୟର ସର୍ବପୁରାତନ ମନ୍ଦିର ହେଲା ଭୁବନେଶ୍ୱରର **ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର ।** ଏହି ମନ୍ଦିରଗୁଡ଼ିକ କେବଳ ଗର୍ଭଗୃହ ବିଶିଷ୍ଟ ମନ୍ଦିର ଥିଲା । ଏଠାରେ ଜଗମୋହନ ନଥିଲା । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଶତ୍ରୁଘ୍ନେଶ୍ୱର ମନ୍ଦିରରେ ଜଗମୋହନ ଥିଲା । ମନ୍ଦିରର ଦ୍ୱାରଦେଶରେ ଅଷ୍ଟଗ୍ରହ ମୂର୍ତ୍ତୀ ଖୋଦିତ ହୋଇଥିଲା । ଏହିଠାରୁ ଓଡ଼ିଶାର ମନ୍ଦିର ସ୍ଥାପତ୍ୟକଳାର ବିକାଶ ଧାରା ଆରମ୍ଭ ହୋଇଥିଲା । ସପ୍ତମ ଶତାବ୍ଦୀରେ ନିର୍ମିତ **ପର୍ଶୁରାମେଶ୍ୱର** ମନ୍ଦିର ଶୈଳୋଦ୍‌ଭବ ସମୟର ଏକ ପ୍ରମୁଖ ମନ୍ଦିର । ଏହି ମନ୍ଦିରରେ ପ୍ରଥମଥର ପାଇଁ ଜଗମୋହନ ମଣ୍ଡପ (ମୁଖଶାଳା) ନିର୍ମାଣ ହୋଇଥିଲା । ଏହି







ଜଗମୋହନର ଛାତ ଚାଳିସଦୃଶ ଦୋଚାଳି ଅଟେ । ମନ୍ଦିରରେ ଅଷ୍ଟଗ୍ରହ ମୂର୍ତ୍ତୀ ଖୋଦିତ ହୋଇଛି । ମନ୍ଦିରରେ କାରୁକାର୍ଯ୍ୟ ଭରିରହିଛି । ଓଡ଼ିଶାର ମନ୍ଦିରସ୍ଥାପତ୍ୟ କ୍ରମବିକାଶ ପ୍ରକ୍ରିୟାରେ **ପର୍ଶୁରାମେଶ୍ୱର ମନ୍ଦିର ହେଉଛି ସର୍ବପ୍ରଥମ ବିକଶିତ ମନ୍ଦିର ।** ଏହି ମନ୍ଦିର ତ୍ରିରଥ ଶୈଳୀରେ ନିର୍ମିତ । ପର୍ଶୁରାମେଶ୍ୱର ମନ୍ଦିରର ସମସାମୟିକ ଅନୁରୂପ ମନ୍ଦିର ହେଲା ଭୁବନେଶ୍ୱରର ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିର ।

ଶୈଳୋଦ୍‌ଭବ ରାଜତ୍ୱପର ଭୌମକରମାନଙ୍କ ସମୟ (ଅଷ୍ଟମ-ଦଶମ ଶତାବ୍ଦୀ) ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କ୍ରମବିକାଶ କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟ ଥିଲା । ଏହି ସମୟରେ ଭୁବନେଶ୍ୱରର ଶିଶିରେଶ୍ୱର, ମାର୍କଣ୍ଡେଶ୍ୱର, ମୋହିନୀ, ଉତ୍ତରେଶ୍ୱର, ବୈତାଳ ମନ୍ଦିର; ଶୁକ୍ଳେଶ୍ୱର (କଟକ)ର ମାଣିକେଶ୍ୱର ଓ ବରାହୀ ମନ୍ଦିର; ଗନ୍ଧରାଡ଼ିର (ଫୁଲବାଣୀ) ନୀଳମାଧବ ମନ୍ଦିର ଓ ସିଦ୍ଧେଶ୍ୱର ମନ୍ଦିର, ବଜ୍ରକୋଟର (ଢେଙ୍କାନାଳ) ଭୃଙ୍ଗେଶ୍ୱର ମନ୍ଦିର, କୁଆଁଲୋ (ଢେଙ୍କାନାଳ) କନକେଶ୍ୱର ମନ୍ଦିର, ଖିଚିଂ ମନ୍ଦିର (ମୟୂରଭଞ୍ଜ), ବଉଦର ରାଧାନାଥ ମନ୍ଦିର, ପାଳିଆ (ବାଲେଶ୍ୱର)ର ବିରଞ୍ଚିନାରାୟଣ ମନ୍ଦିର, ଧଉଳି ପାହାଡ଼ ଉପର ବହିରଙ୍ଗେଶ୍ୱର ମନ୍ଦିର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ମନ୍ଦିର ନିର୍ମାଣ ହୋଇଥିଲା । ଭୌମକର ରାଜତ୍ୱ ସମୟରେ ପୂର୍ବର ନିର୍ମାଣ ଶୈଳୀରେ କିଛି ପରିବର୍ତ୍ତନ ହୋଇଥିଲା । କେତେକ ନୂତନ ଶୈଳୀ ଯୋଗ ହୋଇଥିଲା । କଳିଙ୍ଗ ମନ୍ଦିର ସ୍ଥାପତ୍ୟ ଶୈଳୀ ଅଧିକ ବିକଶିତ ହୋଇଥିଲା ।


ସ୍ଥାପତ୍ୟ ଦୃଷ୍ଟିରୁ ଏହି ସମୟର ଏକ ପ୍ରମୁଖ ଓ ପ୍ରସିଦ୍ଧ ମନ୍ଦିର ହେଲା **ଶିଶିରେଶ୍ୱର** ମନ୍ଦିର । ଏହି ମନ୍ଦିର ପଞ୍ଚରଥ ଶୈଳୀରେ ନିର୍ମିତ ପ୍ରଥମ ମନ୍ଦିର । ଆଗରୁ ମନ୍ଦିରମାନ ତ୍ରିରଥ ଶୈଳୀରେ ନିର୍ମାଣ ହେଉଥିଲା । ଅନ୍ୟ ଏକ ନୂତନ ଶୈଳୀର ମନ୍ଦିର ହେଉଛି **ବୈତାଳ** ମନ୍ଦିର । ଏହି ମନ୍ଦିରର ଛାତ ଅର୍ଦ୍ଧ ସିଲିଣ୍ଡର ବା ଓଲଟ ଡଙ୍ଗା/ବୋଇତ ସଦୃଶ । ଛାତ ଉପରେ ଅମଳକ ଶିଳା, କଳସ ଓ ଆୟୁଧ ଅଛି । ଏହା ହେଉଛି ଖାଖରା ଶ୍ରେଣୀ ମନ୍ଦିରମାନଙ୍କ ମଧ୍ୟରେ ପୁରାତନ ମନ୍ଦିର । ଭୌମକର ଯୁଗର ମନ୍ଦିରମାନଙ୍କ ମଧ୍ୟରେ



ପାଳିଆର **ବିରଞ୍ଚିନାରାୟଣ** ମନ୍ଦିରରେ ପ୍ରଚଳିତ ଶୈଳୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳେ। ଏହି ମନ୍ଦିରର ଚାରିପାର୍ଶ୍ୱରେ ଚାରିଗୋଟି ଦ୍ୱାର ଅଛି ଓ ପାର୍ଶ୍ୱଦେବତା ନାହାନ୍ତି। ଏହା ଓଡ଼ିଶାର ପାରମ୍ପାରିକ ମନ୍ଦିରକଳାରେ ଏକ ବ୍ୟତିକ୍ରମ।


ମୁକ୍ତେଶ୍ୱର



ଭୌମକରମାନଙ୍କ ପରେ ସୋମବଂଶୀ-କେଶରୀବଂଶର ରାଜତ୍ୱକାଳ (ଦଶମ-ଦ୍ୱାଦଶ ଶତାବ୍ଦୀ) ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ଇତିହାସର ତୃତୀୟ ପର୍ଯ୍ୟାୟ ଓ ଏକ ମହାନ ଯୁଗ ଥିଲା। ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ ଅଧିକ ଉନ୍ନତ, ପରିମାର୍ଜିତ, ବିକଶିତ ଓ ପୂର୍ଣ୍ଣତାପ୍ରାପ୍ତ ହୋଇଥିଲା। ଏହି ସମୟରେ ଜଗମୋହନ ବା ମୁଖଶାଳା ପିଢ଼ ଦେଉଳ ଶୈଳୀରେ ନିର୍ମିତ ହେଲା। ଦଶମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ନିର୍ମିତ **ମୁକ୍ତେଶ୍ୱର** ମନ୍ଦିରର ଜଗମୋହନ ପ୍ରଥମେ ପୀଢ଼ଦେଉଳ ଢାଞ୍ଚାରେ ନିର୍ମିତ ହୋଇଥିଲା। ଏହାପରେ ଓଡ଼ିଶାର ସବୁ ମନ୍ଦିରର ଗର୍ଭଗୃହ ଶିଖର ବା ରେଖାଦେଉଳ ଓ ଜଗମୋହନ ବା ମୁଖଶାଳା ପିଢ଼ ଦେଉଳ ଶୈଳୀରେ ନିର୍ମାଣ କରାଯାଇଥିଲା। ଏହି ମନ୍ଦିରରେ ପ୍ରଥମ କରି ନବଗ୍ରହ ମୂର୍ତ୍ତୀ ଖୋଦିତ ହୋଇଥିଲା (ପୂର୍ବରୁ ଅଷ୍ଟଗ୍ରହ ଖୋଦିତ ହେଉଥିଲେ)। ଏହାସହିତ ମନ୍ଦିର ଗାତ୍ର ସୁନ୍ଦର ଭାସ୍କର୍ଯ୍ୟ କାରୁକାର୍ଯ୍ୟରେ ବିମଣ୍ଡିତ ହେଲା। ମନ୍ଦିର ସମ୍ମୁଖରେ ସୁନ୍ଦର ତୋରଣ ନିର୍ମାଣ ଏହି ଯୁଗର ଏକ ଉଲ୍ଲେଖନୀୟ ଅବଦାନଥିଲା। ମୁକ୍ତେଶ୍ୱର ମନ୍ଦିର ସମ୍ମୁଖରେ ନିର୍ମିତ ତୋରଣ ଓଡ଼ିଶାର ପ୍ରସ୍ତର ଶିଳ୍ପକଳାର ଏକ ଅପୂର୍ବ ଓ ଅନବଦ୍ୟ କୀର୍ତ୍ତି।

ସୋମବଂଶ ରାଜତ୍ୱ ସମୟର ଅନ୍ୟ ଏକ ଅପୂର୍ବ କାରୁକାର୍ଯ୍ୟ ବିମଣ୍ଡିତ ମନ୍ଦିର ହେଉଛି **ରାଜାରାଣୀ** ମନ୍ଦିର। ରାଜା ଇନ୍ଦ୍ରରଥଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରର ପୂର୍ବ ନାମ ଥିଲା ଇନ୍ଦ୍ରଲିଙ୍ଗେଶ୍ୱର। ରାଜରାଣୀ ନାମକ ଏକ ପ୍ରକାରର ଚୁନପଥର ମନ୍ଦିର ନିର୍ମାଣରେ ବ୍ୟବହୃତ ହୋଇଅଛି। ପଥରର ନାମାନୁସାରେ ମନ୍ଦିର ରାଜାରାଣୀ ମନ୍ଦିର ନାମରେ ପ୍ରସିଦ୍ଧ। ଏହି ମନ୍ଦିରରେ ପ୍ରଥମଥର ପାଇଁ ଅଷ୍ଟଦିଗପାଳମାନଙ୍କର ମୂର୍ତ୍ତୀ ଦଣ୍ଡାୟମାନ ଅବସ୍ଥାରେ ସ୍ଥାନିତ ହୋଇଅଛି। ଓଡ଼ିଶାର ମନ୍ଦିର କଳାର ବିବର୍ତ୍ତନ ପ୍ରକ୍ରିୟାରେ ଏହା ଅନ୍ୟ ଏକ ଉଲ୍ଲେଖନୀୟ ନୂତନତ୍ୱ।

ରାଜାରାଣୀ



ସୋମବଂଶୀମାନଙ୍କର ସର୍ବଶ୍ରେଷ୍ଠ ଓ ଓଡ଼ିଶା ମନ୍ଦିର ସ୍ଥାପତ୍ୟର ସମ୍ପୂର୍ଣ୍ଣ ବିକଶିତ ମନ୍ଦିର ହେଉଛି ଭୁବନେଶ୍ୱରର **ଲିଙ୍ଗରାଜ** ମନ୍ଦିର । ପୂର୍ବଭାରତର ଶିବମନ୍ଦିରମାନଙ୍କ ମଧ୍ୟରେ ଏହା ସର୍ବଶ୍ରେଷ୍ଠ । ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଦୃଷ୍ଟିରୁ ସମଗ୍ର ଭାରତରେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ଏହି ମନ୍ଦିର (ଗର୍ଭଗୃହ ଓ ଜଗମୋହନ) ଦ୍ୱିତୀୟ ଯଯାତି ଆରମ୍ଭ କରିଥିଲେ ଓ ଉଦ୍ୟୋତକେଶରୀ ସମ୍ପୂର୍ଣ୍ଣ କରିଥିଲେ । ପରେ ଗଙ୍ଗରାଜା ତୃତୀୟ ଅନଙ୍ଗ ଭୀମଦେବ ନାଟମନ୍ଦିର ଓ ପ୍ରଥମ ନରସିଂହଦେବ ଭୋଗମଣ୍ଡପ ନିର୍ମାଣ କରିଥିଲେ । ଲିଙ୍ଗରାଜ ମନ୍ଦିରର ସ୍ଥାପତ୍ୟ ଅନୁପମ ଥିଲା । କଳାମୁଗୁନି ପଥରରେ ନିର୍ମିତ ହୋଇଥିବା ପାର୍ଶ୍ୱଦେବତା ଗଣେଷ, କାର୍ତ୍ତିକେୟ ଓ ପାର୍ବତୀ ମୂର୍ତ୍ତୀ ପ୍ରସ୍ତର ଶିଳ୍ପକଳାର ଗୋଟିଏ ଗୋଟିଏ ଅନବଦ୍ୟ କୃତି । ମନ୍ଦିର ଦେହରେ ସୁନିର୍ମିତ ଛୋଟ ଛୋଟ ଶିଖର ମନ୍ଦିର (ଅଙ୍ଗ ଶିଖର) ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧିକରିଛି । ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କ୍ରମବିକଶିତ ହୋଇ ଲିଙ୍ଗରାଜ ମନ୍ଦିରରେ ପୂର୍ଣ୍ଣତାପ୍ରାପ୍ତ ହୋଇଅଛି । ଲିଙ୍ଗରାଜ ମନ୍ଦିରରେ ଶୈବଧର୍ମ ଓ ବୈଷ୍ଣବଧର୍ମର ଅପୂର୍ବ ମିଳନ ଦେଖିବାକୁ ମିଳେ ।


ଲିଙ୍ଗରାଜ

ହରିହର (ହରି+ହର) ପୂଜା ଏହି ମନ୍ଦିରର ବିଶେଷତ୍ୱ । ଲିଙ୍ଗରାଜ ମନ୍ଦିର ବାହନସ୍ତମ୍ଭ ଉପରେ ଶିବଙ୍କ ବାହନ ବୃଷଭ ସହିତ ବିଷ୍ଣୁଙ୍କ ବାହନ ଗରୁଡ ବିରାଜମାନ ହୋଇଛନ୍ତି । ଲିଙ୍ଗରାଜ ମନ୍ଦିରର ସମସାମୟିକ ଅନ୍ୟ ଏକ ମନ୍ଦିର ହେଲା **ବ୍ରହ୍ମେଶ୍ୱର ମନ୍ଦିର** । ଦ୍ୱିତୀୟ ଯଯାତିଙ୍କର ରାଣୀ କୋଳାବତୀ ଦେବୀ ଉଦ୍ୟୋତ କେଶରୀଙ୍କ ସମୟରେ ଏହାକୁ ନିର୍ମାଣ କରାଇଥିଲେ ।


ବ୍ରହ୍ମେଶ୍ୱର

ସୋମବଂଶୀ ରାଜତ୍ୱ କାଳରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନେକ ମନ୍ଦିର ନିର୍ମିତ ହୋଇଥିଲା । ସେମାନଙ୍କ ମଧ୍ୟରେ ବଉଦର ରାମେଶ୍ୱର ମନ୍ଦିର ପରିସରରେ ତିନିଗୋଟି ଛୋଟ ଛୋଟ ତାନ୍ତ୍ରିକ ମନ୍ଦିର, ଜଳୌକାର **ପାଞ୍ଚପାଣ୍ଡବ ମନ୍ଦିର** କଳାରାହାଙ୍ଗର (କଟକ)

ଜଳେଶ୍ୱର ମନ୍ଦିର, ରାଣୀପୁର ଝରିଆଳର ଗୋପାଳ ମନ୍ଦିର ବା ଇନ୍ଦ୍ରଲାଥ ମନ୍ଦିର ଓ ସୋମେଶ୍ୱର ମନ୍ଦିର, କୋଣାର୍କ ନିକଟରେ ଛାୟାଦେବୀ ମନ୍ଦିର ଓ ତ୍ରୀଭୁବନେଶ୍ୱର ମନ୍ଦିର ପ୍ରଭୃତି ଅନେକ ମନ୍ଦିର ନିର୍ମିତ ହୋଇଥିଲା। ସୋମବଂଶୀ ରାଜତ୍ୱକାଳ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କ୍ରମବିକାଶ ପ୍ରକ୍ରିୟାର ଏକ ମହାନ ଯୁଗଥିଲା।

ଓଡ଼ିଶାର ମନ୍ଦିର ନିର୍ମାଣ ଇତିହାସରେ ଗଙ୍ଗବଂଶ ରାଜତ୍ୱ କାଳ, (ଦ୍ୱାଦଶ-ପଞ୍ଚଦଶ ଶତାବ୍ଦୀ) ଅନ୍ୟ ଏକ ମହିମାମୟ ଯୁଗଥିଲା। ଏହି ସମୟରେ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ଉନ୍ନତି ଓ ଉତ୍କର୍ଷତାର ଚରମ ସୀମା ସ୍ପର୍ଶ କରିଥିଲା। ବିମାନ ଓ ଜଗମୋହନ ସହିତ ଭୋଗମଣ୍ଡପ, ନାଟମଣ୍ଡପ ଓ ବାହନସ୍ତମ୍ଭ ସଂଯୁକ୍ତ ହୋଇ ଉତ୍କଳୀୟ ମନ୍ଦିର ନିର୍ମାଣ ଯୋଜନା ସମ୍ପୂର୍ଣ୍ଣ ରୂପ ପ୍ରାପ୍ତ ହୋଇଥିଲା। ଲିଙ୍ଗରାଜ ମନ୍ଦିରର ଭୋଗମଣ୍ଡପ ଓ ନାଟମଣ୍ଡପ ଏହି ସମୟରେ ନିର୍ମିତ ହୋଇଥିଲା। ଏହି ଯୁଗରେ ନିର୍ମାଣ ହୋଇଥିବା ବହୁସଂଖ୍ୟକ ମନ୍ଦିରମାନଙ୍କ ମଧ୍ୟରେ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କର ସୂର୍ଯ୍ୟମନ୍ଦିର ଓଡ଼ିଶାର ମନ୍ଦିର ସ୍ଥାପତ୍ୟକୁ ଗଙ୍ଗମାନଙ୍କର ସର୍ବ ଶ୍ରେଷ୍ଠ ଅବଦାନ।

**ଜଗନ୍ନାଥ ମନ୍ଦିର** ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ନାଟ ମନ୍ଦିର ଓ ଲୋହିତ ପ୍ରସ୍ତରରେ ନିର୍ମିତ ଭୋଗ ମଣ୍ଡପ ପରେ ନିର୍ମାଣ ହୋଇଥିଲା। ଓଡ଼ିଶାର ମନ୍ଦିର କଳା ଓ ମୂର୍ତ୍ତିକଳାର ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ନିଦର୍ଶନ ହେଉଛି କୋଣାର୍କର **ସୂର୍ଯ୍ୟମନ୍ଦିର।** ବ୍ଲାକ୍ ପାଗୋଡ଼ା ନାମରେ ପ୍ରସିଦ୍ଧ ଏହି ମନ୍ଦିର ମଧ୍ୟଯୁଗୀୟ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାପିତ




ଅନ୍ୟତମ କଳାକୀର୍ତ୍ତି। ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ ଗଙ୍ଗରାଜା ପ୍ରଥମ ନରସିଂହ ଦେବ (ଲୋକମୁଖରେ ଲାଙ୍ଗୁଳା ନରସିଂହଦେବ) ଏହାକୁ ନିର୍ମାଣ କରାଇଥିଲେ। ଏହି




ମନ୍ଦିରର ସ୍ୱତନ୍ତ୍ର ସ୍ଥାପତ୍ୟ ବିଶେଷତ୍ୱ ହେଲା; ମୁଖ୍ୟ ମନ୍ଦିର ଓ ମୁଖଶାଳାଠାରୁ କିଛି ଦୂରରେ (୩୦ ଫୁଟ) ପୃଥକ ହୋଇ ନାଟମନ୍ଦିର ନିର୍ମିତ। ମୁଖଶାଳା ଓ ନାଟ ମନ୍ଦିର ମଧ୍ୟସ୍ଥଳରେ ଅରୁଣସ୍ତମ୍ଭ ଅବସ୍ଥିତ ଥିଲା। (ଅଷ୍ଟାଦଶ ଶତାବ୍ଦୀରେ ମରହଟ୍ଟାମାନେ ଅରୁଣସ୍ତମ୍ଭକୁ ସ୍ଥାନାନ୍ତର କରି ଜଗନ୍ନାଥ ମନ୍ଦିର

ସମ୍ମୁଖରେ ସ୍ଥାପନା କରିଥିଲେ ।) ଉତ୍କଳୀୟ ମନ୍ଦିର ନିର୍ମାଣ ଶୈଳୀରେ ଅନ୍ୟ ଏକ ବିଶେଷତ୍ୱ ଏହି ମନ୍ଦିରରେ ଦେଖିବାକୁ ମିଳେ । ତାହାହେଲା ପାର୍ଶ୍ୱଦେବତାମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ମନ୍ଦିର ନିର୍ମାଣ ପ୍ରଥମ କରି ଆରମ୍ଭ ହେଲା । ପରେ ଜଗନ୍ନାଥ ମନ୍ଦିର ଓ ଲିଙ୍ଗରାଜ ମନ୍ଦିରରେ ପାର୍ଶ୍ୱଦେବତାଙ୍କ ମନ୍ଦିର ମୁଖ୍ୟ ମନ୍ଦିର ସହିତ ସଂଯୁକ୍ତ ହୋଇଥିଲା ।

ଗଙ୍ଗ ସମୟର ଅନ୍ୟ ଏକ ଉଲ୍ଲେଖନୀୟ ମନ୍ଦିର ହେଲା ସ୍ୱପ୍ନେଶ୍ୱର ଦେବଙ୍କ ଦ୍ୱାରା ନିର୍ମିତ ଭୁବନେଶ୍ୱରର **ମେଘେଶ୍ୱର** ମନ୍ଦିର । ଏହା ଜଗନ୍ନାଥ ମନ୍ଦିରର ସମସାମୟିକ ଥିଲା । ଏହି ମନ୍ଦିରର ସ୍ଥାପତ୍ୟ ଶୈଳୀର ବିଶେଷତ୍ୱ ହେଲା ଏହା ସପ୍ତରଥ ଶୈଳୀରେ ନିର୍ମିତ ହୋଇଅଛି । ପୂର୍ବରୁ ଓଡ଼ିଶାର ମନ୍ଦିରମାନ ପ୍ରଥମେ ତ୍ରିରଥ ଓ ତାପରେ ପଞ୍ଚରଥ ଶୈଳୀରେ ନିର୍ମିତ ହେଉଥିଲେ । ଏହି ଦୃଷ୍ଟିରୁ ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ କ୍ରମବିକାଶରେ ଏହି ମନ୍ଦିରର ସ୍ଥାନ ସ୍ୱତନ୍ତ୍ର । ଏହି ମନ୍ଦିରର ବହୁବର୍ଷ ପରେ ନିର୍ମିତ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର (୧୨୭୮) ମଧ୍ୟ ସପ୍ତରଥ ଶୈଳୀରେ ନିର୍ମିତ ହୋଇଥିଲା । **ଅନନ୍ତ ବାସୁଦେବ** ମନ୍ଦିର ସ୍ଥାପତ୍ୟ ଶୈଳୀର ବିଶେଷତ୍ୱ ହେଲା, ଏହି ମନ୍ଦିରରେ ଅଷ୍ଟଦିଗପାଳ ମୂର୍ତ୍ତୀମାନଙ୍କ ସହିତ ସେମାନଙ୍କର ଶକ୍ତିମାନଙ୍କର ମୂର୍ତ୍ତୀ ଖୋଦିତ ହୋଇଅଛି । ଓଡ଼ିଶାର ମନ୍ଦିର ଶିଳ୍ପକ୍ଷେତ୍ରରେ ଏହା ପ୍ରଥମ । ତୃତୀୟ ଅନଙ୍ଗ ଭୀମଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ କରିଥିଲେ । ଉକ୍ତ ମନ୍ଦିର ହେଉଛି ଭୁବନେଶ୍ୱରର ପ୍ରଥମ ଓ ଏକମାତ୍ର ବିଷ୍ଣୁମନ୍ଦିର । ଏହି ମନ୍ଦିରରେ ଅନନ୍ତ (ବଳରାମ) ବାସୁଦେବ (କୃଷ୍ଣ) ଓ ସୁଭଦ୍ରାଙ୍କର ମନୁଷ୍ୟାକୃତି ପଥର ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଏଠାରେ ଶିଳାବ୍ରହ୍ମ ପୂଜା ପାଉଛନ୍ତି । ଜଗନ୍ନାଥ ମନ୍ଦିରରେ ଦାରୁବ୍ରହ୍ମ ପୂଜିତ ହୁଅନ୍ତି ।









ଗଙ୍ଗରାଜତ୍ୱ ସମୟର ଉପରୋକ୍ତ କେତୋଟି ପ୍ରସିଦ୍ଧ ମନ୍ଦିର ମାନଙ୍କ ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟକ ମନ୍ଦିର ନିର୍ମିତ ହୋଇଥିଲା । ସେମାନଙ୍କ ମଧ୍ୟରେ ନିଆଳିର ଶୋଭନେଶ୍ୱର, ନିଆଳି ମାଧବର (କଟକ) ମାଧବ ମନ୍ଦିର; ବୁଢ଼ାପଡ଼ାର (ପିପିଲି-ଜଟଣୀ ରାସ୍ତା) ସୋମନାଥ ମନ୍ଦିର, ଭୁବନେଶ୍ୱରର ଚିତ୍ରକାରିଣୀ ମନ୍ଦିର, ପାର୍ବତୀ ମନ୍ଦିର (ଲିଙ୍ଗରାଜ) ଓ ସାରିଦେଉଳ ଉଲ୍ଲେଖନୀୟ । ଜଗନ୍ନାଥ ମନ୍ଦିରରେ ଲକ୍ଷ୍ମୀ ମନ୍ଦିର ମଧ୍ୟ ଏହି ସମୟରେ ନିର୍ମିତ । ଭୁବନେଶ୍ୱରର ଜମେଶ୍ୱର ମନ୍ଦିର, ଗଣେଶ୍ୱରପୁରର (କଟକ) ଶିବ ମନ୍ଦିର ଓ ବିଷ୍ଣୁପୁରର (ନିମାପଡ଼ା) ସୋମନାଥ ମନ୍ଦିର କୋଣାର୍କ ମନ୍ଦିରର ଅନୁକରଣରେ ଏହି ସମୟରେ ନିର୍ମିତ ହୋଇଥିଲା ।

ଗଙ୍ଗରାଜତ୍ୱ ପରେ ଓଡ଼ିଶାରେ ବୃହତ ମନ୍ଦିର ନିର୍ମାଣ କାର୍ଯ୍ୟ ହ୍ରାସ ପାଇଥିଲା । କିନ୍ତୁ ଲୋପ ପାଇନଥିଲା । ସୂର୍ଯ୍ୟବଂଶୀ ରାଜତ୍ୱ ସମୟରେ ଅନେକ ମନ୍ଦିର ନିର୍ମାଣ ହୋଇଥିଲା । କପିଳେନ୍ଦ୍ରଦେବଙ୍କ ସମୟରେ ଭୁବନେଶ୍ୱରର ପାପନାଶିନୀ ମନ୍ଦିର, କପିଳେଶ୍ୱର ମନ୍ଦିର, ମନ୍ତ୍ରୀ ଗୋପିନାଥ ପ୍ରହରାଜଙ୍କ ଦ୍ୱାରା ଗୋପୀନାଥପୁର (କଟକ)ର ଜଗନ୍ନାଥ ମନ୍ଦିର, ପୁରୁଷୋତ୍ତମ ଦେବଙ୍କ ସମୟରେ ପୁରୁଷୋତ୍ତମପୁର (ଗଞ୍ଜାମ)ର ସୁନ୍ଦର ମାଧବ ମନ୍ଦିର, ଜଗନ୍ନାଥ ମନ୍ଦିରର ଭୋଗମଣ୍ଡପ ଓ ପ୍ରତାରୁଦ୍ରଦେବଙ୍କ ସମୟରେ ଯାଜପୁରର ବରାହ ମନ୍ଦିର ନିର୍ମାଣ ହୋଇଥିଲା । ମାତ୍ର ଏହି ସବୁ ମନ୍ଦିର ଗଙ୍ଗମାନଙ୍କର ମନ୍ଦିର ସ୍ଥାପତ୍ୟର ସମକକ୍ଷ ନଥିଲେ । ଓଡ଼ିଶାରେ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅଧୋଗତି ଆରମ୍ଭ ହୋଇଥିଲା ।

ଓଡ଼ିଶା ସାମ୍ରାଜ୍ୟର ପତନ ପରେ ପରେ ଓଡ଼ିଶାରେ କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଲା । ମୁସଲମାନ ଆକ୍ରମଣ ସହିତ ମନ୍ଦିର ଭଙ୍ଗା ଓ ଲୁଣ୍ଠନ ହେତୁ ମନ୍ଦିର ନିର୍ମାଣ କ୍ଷେତ୍ରରେ ସ୍ଥାଣୁତ୍ୱ ଦେଖାଦେଇଥିଲା । କିନ୍ତୁ ବୃହତ୍ତ ମନ୍ଦିର ନିର୍ମାଣ ବନ୍ଦ ହୋଇଯାଇଥିଲେ ହେଁ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ସାମନ୍ତ ଓ ଭୂମ୍ୟାଧୀକାରୀମାନଙ୍କ ଦ୍ୱାରା ଛୋଟ ଛୋଟ ମନ୍ଦିର ନିର୍ମାଣ ହେଉଥିଲା । ସେଥିରେ ଉତ୍କଳୀୟ ମନ୍ଦିର ଶୈଳୀ ଅନୁସୃତ ହେଉଥିଲା, କିନ୍ତୁ କଳାକୃତି କ୍ଷେତ୍ରରେ ଅଧୋଗତି ପରିଲକ୍ଷିତ ହୋଇଥିଲା ।

# ଓଡ଼ିଶାର ମନ୍ଦିର ନିର୍ମାଣ ଶୈଳୀ

ଓଡ଼ିଶାର ମନ୍ଦିର ନିର୍ମାଣ ଶୈଳୀ ଭାରତର ଅନ୍ୟ ଅଞ୍ଚଳର ଶୈଳୀଠାରୁ ଭିନ୍ନ ଓ ସ୍ୱତନ୍ତ୍ର। ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ପ୍ରାଚୀନ କାଳରୁ କ୍ରମବିକଶିତ ହୋଇ ତ୍ରୟୋଦଶ ଶତାବ୍ଦୀ ବେଳକୁ ସମ୍ପୂର୍ଣ୍ଣ ବିକଶିତ ଆକାର ପ୍ରାପ୍ତହୋଇଥିଲା। ପୁରାତନ ମନ୍ଦିରଗୁଡ଼ିକର ଛାତ ସମତଳ ଥିଲା। ଗର୍ଭଗୃହ ଏକ ଚାରିକୋଣିଆ କ୍ଷୁଦ୍ର ପ୍ରକୋଷ୍ଠ ଥିଲା। ପରେ ରେଖାଦେଉଳ ବା ଶିଖର ଦେଉଳ ଶୈଳୀରେ ମନ୍ଦିର ନିର୍ମାଣ ହେଲା। ପ୍ରଥମେ ଏଥିରେ ଜଗମୋହନ ବା ମୁଖଶାଳା ନଥିଲା। ପର୍ଶୁରାମେଶ୍ୱର ମନ୍ଦିରରେ ପ୍ରଥମେ ମୁଖ୍ୟଦେଉଳ ସହିତ ଚାଳି ଛାତବିଶିଷ୍ଟ ଜଗମୋହନ ସଂଯୁକ୍ତ ହୋଇଥିଲା। ପରେ ଜଗମୋହନ ପିଢ଼ ଦେଉଳ ଶୈଳୀରେ ନିର୍ମାଣ ହୋଇଥିଲା। ଗଙ୍ଗରାଜତ୍ୱ ସମୟରେ ବିମାନ ଓ ଜଗମୋହନ ସହିତ ନାଟମନ୍ଦିର ଓ ଭୋଗମଣ୍ଡପ ଯୋଗହେଲା। ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ ସମ୍ପୂର୍ଣ୍ଣ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ରୂପ ପାଇଲା। ଗର୍ଭଗୃହ (ବିମାନ / ଦେଉଳ), ଜଗମୋହନ (ମୁଖଶାଳା / ମୁଖମଣ୍ଡପ / ଭଦ୍ରଦେଉଳ), ଭୋଗମଣ୍ଡପ ଓ ନାଟମଣ୍ଡପ ଓଡ଼ିଶାର ସଂପୂର୍ଣ୍ଣ ମନ୍ଦିର ସ୍ଥାପତ୍ୟର ବିଭିନ୍ନ ଅଙ୍ଗଭାବେ ପରିଗଣିତ ହେଲେ।

ଓଡ଼ିଶାର ମନ୍ଦିରମାନଙ୍କୁ ୩ ଗୋଟି ଶ୍ରେଣୀରେ ବିଭକ୍ତ କରାଯାଏ। **ରେଖାଦେଉଳ** ବା **ଶିଖର ଦେଉଳ, ପିଢ ଦେଉଳ** ଓ **ଖାଖରା** (ଖାକରା / ଖାକର) ଦେଉଳ। ରେଖାଦେଉଳ ଭୂମି ଉପରୁ ସବୁ ଦିଗରୁ କ୍ରମଶଃ ବକ୍ରହୋଇ ମନ୍ଦିରର ବେକ ପର୍ଯ୍ୟନ୍ତ ଉଠିଥାଏ। ପରେ ଏଥିରେ ପରିବର୍ତ୍ତନ ହୋଇଥିଲା। ଭୂମି ଉପରୁ ସିଧା ଉଠି ଉପର ଅଂଶରେ ବେକି ପୂର୍ବରୁ ବକ୍ର ହୋଇ ମନ୍ଦିର ନିର୍ମାଣ ହେଲା। ମନ୍ଦିରର ଗର୍ଭଗୃହ ବା ବିମାନ ବା ଦେଉଳ ସାଧାରଣତଃ ରେଖାଦେଉଳ ଶୈଳୀରେ ନିର୍ମିତ। ପିଢଦେଉଳର ଗଣ୍ଡି ବା ଉପରଭାଗ ଥାକ ଉପରେ ଥାକ (ପିଢ଼ା ଉପରେ ପିଢ଼ା) ଭଳି ହୋଇଥାଏ ଓ ପିରାମିଡ୍ ସଦୃଶ ଦେଖାଯାଏ। ଓଡ଼ିଶାର ମନ୍ଦିରମାନଙ୍କର ଜଗମୋହନ ବା ମୁଖଶାଳା ସାଧାରଣତଃ ପିଢ଼ ଦେଉଳ ଶୈଳୀରେ ନିର୍ମାଣ ହୋଇଥାଏ। ଖାକରା ବା ଖାଖରା ମନ୍ଦିରର ଛାତ ଅର୍ଦ୍ଧ ସିଲିଣ୍ଡର ବା ଓଲଟ ଡଙ୍ଗା (ବୋଇତ) ପରି ହୋଇଥାଏ।

ଶିଳ୍ପଶାସ୍ତ୍ର ଅନୁସାରେ ତଳୁ ଉପର ପର୍ଯ୍ୟନ୍ତ ମନ୍ଦିରକୁ **ବାଢ଼, ଗଣ୍ଡି** ଓ **ମସ୍ତକ** ଏହିପରି ୩ ଭାଗରେ ବିଭକ୍ତ କରାଯାଏ। ଗଙ୍ଗରାଜତ୍ୱ ସମୟରେ ଭୂମି ଉପରେ ନିର୍ମିତ ଏକ **ପିଷ୍ଟ** (ପିଣ୍ଡି) ଉପରେ ମନ୍ଦିର ନିର୍ମାଣ ହେଲା। ଏହାପରଠାରୁ ପିଷ୍ଟ ମନ୍ଦିରର ଏକ


ଅଂଶରୂପେ ପରିଗଣିତ ହେଲା । ଉଦାହରଣସ୍ୱରୂପ, ଜଗନ୍ନାଥ ମନ୍ଦିର ଓ କୋଣାର୍କ ମନ୍ଦିରର ପିଷ୍ଟ ଅଛି । ଏମାନଙ୍କ ପୂର୍ବରୁ ନିର୍ମିତ ଲିଙ୍ଗରାଜ ମନ୍ଦିରର ପିଷ୍ଟ ନାହିଁ । ସାଧାରଣତଃ ବିମାନ (ଗର୍ଭଗୃହ) ଓ ଜଗମୋହନ (ମୁଖଶାଳା) ଗୋଟିଏ ପିଷ୍ଟ ଉପରେ ନିର୍ମାଣ ହୋଇଥାଏ ।

**ବାଡ଼ :** ଭୂମି ଉପରୁ ବା ପିଷ୍ଟ ଉପରୁ ସିଧା ଭାବରେ ଉଠିଥିବା ଅଂଶକୁ ବାଡ଼ କୁହାଯାଏ । ପ୍ରଥମେ ବାଡ଼କୁ ପାଭାଗ, ଜଙ୍ଘ ଓ ବାରଣ୍ଡା ଏହିପରି ୩ ଭାଗରେ ଏବଂ ପରବର୍ତ୍ତୀ କାଳରେ ପା ଭାଗ, ତଳଜଙ୍ଘ, ବନ୍ଧନ, ଉପର ଜଙ୍ଘ ଓ ବାରଣ୍ଡା ଏହିପରି ୫ ଭାଗରେ ବିଭକ୍ତ କରାଯାଇଥିଲା । ତିନି କିମ୍ବା ପାଞ୍ଚ ଉପଅଙ୍ଗ ବିଚାରରେ ନିର୍ଦ୍ଦିଷ୍ଟ ମନ୍ଦିରର ବାଡ଼କୁ ତ୍ରୀଅଙ୍ଗବାଡ଼ କିମ୍ବା ପଞ୍ଚଅଙ୍ଗବାଡ଼ କୁହାଯାଏ ।


**ଗଣ୍ଡି :** ବାଡ଼ର ଉପର ଭାଗରୁ ମନ୍ଦିରର ବେକ/ବେକି ପର୍ଯ୍ୟନ୍ତ ଅଂଶ ଗଣ୍ଡି ନାମରେ ନାମିତ । ରେଖାଦେଉଳ ବା ଶିଖର ଦେଉଳରେ ବାଡ଼ଠାରୁ ବେକପର୍ଯ୍ୟନ୍ତ ଉପର ଅଂଶ କ୍ରମଶଃ ବକ୍ରହୋଇ ନିର୍ମାଣ ହୋଇଥାଏ (ପ୍ରଥମେ ଏହି ଶ୍ରେଣୀୟ ମନ୍ଦିର ତଳୁ ଉପରକୁ ବେକି ପର୍ଯ୍ୟନ୍ତ କ୍ରମଶଃ ବକ୍ର ହୋଇ ଗଢ଼ାଯାଉଥିଲା । ପରେ ତଳୁ କିଛି ଦୂର ସିଧା ଭାବେ ନିର୍ମାଣ ହୋଇ ଉପର ଭାଗରେ ବକ୍ର ହୋଇଥିଲା) । ପିଢ଼ଦେଉଳର ଗଣ୍ଡି ପାହାଚ ପାହାଚ ହୋଇ ପିରାମିଡ୍ ଭଳି ବାଡ଼ଉପରୁ ବେକି ପର୍ଯ୍ୟନ୍ତ ନିର୍ମାଣ ହୁଏ । ଖାଖରା ଦେଉଳର ଗଣ୍ଡି ଅର୍ଦ୍ଧ ସିଲିଣ୍ଡର ସଦୃଶ ।

**ମସ୍ତକ :** ଗଣ୍ଡିର ଉପର ଅଂଶକୁ ମସ୍ତକ କୁହାଯାଏ । ବେକି, ଆମଳକ (ଅଁଳା) ଶିଳା, ଖପୁରୀ, କଳସ ଓ ଆୟୁଧ (ବିଷ୍ଣୁ ମନ୍ଦିରରେ ଚକ୍ର, ଶିବ ମନ୍ଦିରରେ ତ୍ରୀଶୂଳ ଇତ୍ୟାଦି) ଏହି ପାଞ୍ଚ ଅଙ୍ଗକୁ ନେଇ ମନ୍ଦିରର ମସ୍ତକ ଗଠିତ । ଅନେକଙ୍କ ମତରେ ଧ୍ୱଜାକୁ (ବାନା / ପତାକା) ମଧ ମସ୍ତକର ଏକ ଅଂଶ ବୋଲି ଗ୍ରହଣ କରାଯାଇପାରେ ।

ଉତ୍କଳୀୟ ମୁଖ୍ୟ ମନ୍ଦିରର ଭିତର ପାଖ ସମ୍ପୂର୍ଣ୍ଣ ସାଦାସିଧା ଚାରିକୋଣ ବିଶିଷ୍ଟ ଏକ ବର୍ଗାକାର ପ୍ରକୋଷ୍ଠ । ଏଥିରେ କୌଣସି କାରୁକାର୍ଯ୍ୟ ନଥାଏ, ଝରକା ବା ବାତାୟନ ନଥାଏ । କେବଳ ଗୋଟିଏ ମାତ୍ର ଦ୍ୱାର ଥାଏ । ମନ୍ଦିରର ବାହାର ପାର୍ଶ୍ୱ ଗୋଲାକାର । ମନ୍ଦିର ଦେହରୁ ବାହାରକୁ ବାହାରିଥିବା ପଗ/ରଥକ/ଅଭିକ୍ଷେପ ତଳୁ ଉପର ପର୍ଯ୍ୟନ୍ତ କାରୁକାର୍ଯ୍ୟରେ ବିମଣ୍ଡିତ ହୋଇଥାଏ । ମନ୍ଦିରର ପ୍ରତ୍ୟେକ ପାର୍ଶ୍ୱରେ ଥିବା ପଗ ବା ରଥର ସଂଖ୍ୟାନୁସାରେ ମନ୍ଦିରଗୁଡ଼ିକୁ ତ୍ରୀରଥ (ପର୍ଶୁରାମେଶ୍ୱର ମନ୍ଦିର) ପଞ୍ଚରଥ (ଶିଶିରେଶ୍ୱର ମନ୍ଦିର) ଓ ସପ୍ତରଥ (ମେଘେଶ୍ୱର ମନ୍ଦିର) ଶୈଳୀରେ ନିର୍ମିତ ବୋଲି କୁହାଯାଏ ।




ପିଢ଼ ଦେଉଳର ମୁଖ୍ୟ ଅଙ୍ଗ




ରେଖା ବା ଶିଖର ଦେଉଳର ମୁଖ୍ୟ ଅଙ୍ଗ

ରେଖାଦେଉଳ ଓ ପିଢ଼ଦେଉଳ ଓଡ଼ିଶାରେ ଅଧିକ ସଂଖ୍ୟାରେ ଦେଖାଯାଏ। ଏହା ସହିତ ଖାଖରା/ଖାକରା/ଖାକର ଶ୍ରେଣୀୟ ଭିନ୍ନଧରଣର ଏକ ମନ୍ଦିର ଓଡ଼ିଶାରେ ଦେଖିବାକୁ ମିଳେ। ଏହି ମନ୍ଦିରର ଛାତ ଓଲଟଡଙ୍ଗା ବା ବୋଇତ/ଅର୍ଦ୍ଧ ସିଲିଣ୍ଡର ବା ଖପର ଟାଇଲ ଭଳି। ରେଖାଦେଉଳ ପରି ଏହାର ଗର୍ଭଗୃହ ବର୍ଗାକାର ନହୋଇ ବୌଦ୍ଧମାନଙ୍କର ଚୈତଗୃହ ଆକାରର ହୋଇଥାଏ। ଉଲ୍ଲେଖନୀୟ, ରେଖାଦେଉଳ ବା ପୀଢ଼ ଦେଉଳ କୌଣସି ନିର୍ଦ୍ଦିଷ୍ଟ ଦେବାଦେବୀଙ୍କ ପ୍ରତି ଉଦ୍ଦିଷ୍ଟ ନଥିଲାବେଳେ ଖାକରା ମନ୍ଦିରଗୁଡ଼ିକ କେବଳ ଶକ୍ତି ପୂଜା, ତନ୍ତ୍ରସାଧନା ପାଇଁ ଉଦ୍ଦିଷ୍ଟ ଥିଲା।

ଖାଖରା ଶ୍ରେଣୀୟ ମନ୍ଦିରର ସଂଖ୍ୟା ବହୁତ କମ୍। ଭୁବନେଶ୍ୱରର ବୈତାଳ ମନ୍ଦିର (ସପ୍ତମ ଶତାବ୍ଦୀ) ଗୌରୀ ମନ୍ଦିର, ଗୋପାଳିନୀ ମନ୍ଦିର, ଲିଙ୍ଗରାଜ ମନ୍ଦିର ପରିସରସ୍ଥ ସାବିତ୍ରୀ ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିର ନିକଟସ୍ଥ ଏକ ଛୋଟ ମନ୍ଦିର, ରାମେଶ୍ୱରର (କଟକ ଜିଲ୍ଲା) ଦୁର୍ଗାମନ୍ଦିର (ସପ୍ତମ/ଅଷ୍ଟମ ଶତାବ୍ଦୀ) ଚୌରାଶିର (ପୁରୀଜିଲ୍ଲା) ବରାହୀ ମନ୍ଦିର (ଦଶମ ଶତାବ୍ଦୀ), ବଉଳପୁରର (ପୁରୀ ଜିଲ୍ଲାର ଟାଙ୍ଗୀନିକଟ) ଦୁର୍ଗାମନ୍ଦିର, ବୟାଳିଶ ବାଟିର (ଗୋପନିକଟ) ଗଙ୍ଗେଶ୍ୱରୀ ମନ୍ଦିର (ତ୍ରୟୋଦଶ ଶତାବ୍ଦୀ) ଏହି ଶ୍ରେଣୀୟ ମନ୍ଦିର। ତିଷ୍ଠି ରହିଥିବା ଖାଖରାମନ୍ଦିରମାନଙ୍କ ମଧ୍ୟରେ ସର୍ବପୁରାତନ ମନ୍ଦିର ହେଲା ଭୁବନେଶ୍ୱରର ବୈତାଳ ମନ୍ଦିର। ଏହା ତନ୍ତ୍ର ସାଧନାର ଏକ ପୀଠ ଥିଲା । ଚାମୁଣ୍ଡା ହେଉଛନ୍ତି ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ। ଏଠାରେ କାପାଳିକମାନେ ବେତାଳ ସାଧନା କରୁଥିଲେ। ସେଥିପାଇଁ ମନ୍ଦିର ବୈତାଳମନ୍ଦିର ନାମରେ ପରିଚିତ।

ଓଡ଼ିଶାରେ ଖାଖରା ମନ୍ଦିର ଶୈଳୀ କ୍ରମଃବିକଶିତ ହୋଇ ପୂର୍ଣ୍ଣତା ପ୍ରାପ୍ତ ହୋଇଥିଲା। ପ୍ରଥମେ ଏହି ଶ୍ରେଣୀୟ ମନ୍ଦିରବାଡ଼ରେ ପଗ/ରଥ ନଥିଲା। ଚୌରାଶିର ବରାହୀମନ୍ଦିରରେ ମନ୍ଦିରବାଡ଼ ଉନ୍ନତ ହୋଇ ପଗ ବା ରଥ ନିର୍ମାଣ ହେଲା। ଏହି ମନ୍ଦିର ହେଉଛି ପଞ୍ଚରଥ ଶୈଳୀର ମନ୍ଦିର । ଏହାର ଜଗମୋହନ ଆୟତାକାର। ଭୁବନେଶ୍ୱରର ଗୌରୀମନ୍ଦିରରେ ଦେଉଳ ସହିତ ଜଗମୋହନ ସନ୍ନିହିତ ଥିଲା। ଗଙ୍ଗେଶ୍ୱରୀ ମନ୍ଦିର (ବୈଆଳିଶ ବାଟି) ହେଉଛି ଖାଖରା ଶ୍ରେଣୀୟ ମନ୍ଦିରର ସମ୍ପୂର୍ଣ୍ଣ ବିକଶିତ ରୂପ। ଏହାର ବିମାନ/ଦେଉଳ ଖାଖରା ଶ୍ରେଣୀର ହୋଇଥିବାବେଳେ ଜଗମୋହନ ହେଉଛି ଏକ ପୀଢ଼ ଦେଉଳ। ମନ୍ଦିରର ବାଡ଼ କାରୁକାର୍ଯ୍ୟରେ ବିମଣ୍ଡିତ ଓ ପ୍ରବେଶପଥ ସୁନ୍ଦର ତୋରଣରେ ସୁସଜ୍ଜିତ। ଓଡ଼ିଶାର ମନ୍ଦିରମାନଙ୍କ ମଧ୍ୟରେ ଖାଖରା ଶ୍ରେଣୀୟ ମନ୍ଦିର ଏକ ସ୍ୱତନ୍ତ୍ର ମନ୍ଦିର ସ୍ଥାପତ୍ୟ। ଏହା କେବଳ ଶକ୍ତି ଉପାସନା ପାଇଁ ନିର୍ଦ୍ଦିଷ୍ଟ ଥିବାରୁ ଏହି ଶ୍ରେଣୀୟ ମନ୍ଦିରମାନଙ୍କର ସଂଖ୍ୟା କମ୍ ଦେଖାଯାଏ।

●●●

# ଓଡ଼ିଆ ଭାଷା ଓ ଲିପି

ଓଡ଼ିଆ ଭାଷା ଓ ଲିପି; ଭାରତର ପୁରାତନ ଆଞ୍ଚଳିକ ଭାଷା ଓ ଲିପି ମଧ୍ୟରେ ଅନ୍ୟତମ। ଭାରତର ଏକ ପ୍ରାଚୀନ ଓ ସାସ୍ତ୍ରୀୟ ଭାଷାରୂପେ ବହୁ ବିଳମ୍ବରେ ମାନ୍ୟତା ପ୍ରାପ୍ତ ହୋଇଅଛି। ଏହାର ଉତ୍ପତ୍ତିକାଳ ନିର୍ଦ୍ଦିଷ୍ଟଭାବେ ନିର୍ଣ୍ଣୟ କରିବା କଠିନ। ପ୍ରାଚୀନ କାଳରୁ କ୍ରମବିକଶିତ ହୋଇ ମଧ୍ୟଯୁଗରେ ଆଧୁନିକ ଓଡ଼ିଆ ଭାଷା ଓ ଲିପି ବର୍ତ୍ତମାନର ସ୍ୱରୂପ ଓ ଆକାର ପ୍ରାପ୍ତ ହୋଇଥିଲା। ସମ୍ରାଟ ଅଶୋକଙ୍କର (ଖ୍ରୀ.ପୂ. ତୃତୀୟ ଶତାବ୍ଦୀ) ଜଉଗଡ଼ ଓ ଧଉଳି ଅନୁଶାସନ ଓଡ଼ିଶାର ସର୍ବପୁରାତନ ଶିଳାଲେଖ ଓ ପ୍ରଥମ ଐତିହାସିକ ଅଭିଲେଖ। ଅଶୋକଙ୍କର ଅନୁଶାସନଗୁଡ଼ିକ ମାଗଧୀ-ପ୍ରାକୃତ ଭାଷାରେ ଲେଖାଯାଇଥିଲା। ପ୍ରକୃତି ଶବ୍ଦର ଅର୍ଥ ପ୍ରଜା ବା ଜନସାଧାରଣ। ସେମାନଙ୍କର କଥିତ ଭାଷା ହେଲା ପ୍ରାକୃତ। ମଗଧର ଜନସାଧାରଣଙ୍କ ଦ୍ୱାରା କଥିତ ଭାଷାକୁ ମାଗଧୀ-ପ୍ରାକୃତ ଭାଷା କୁହାଯାଉଥିଲା। ଅଶୋକଙ୍କର ଅନ୍ୟାନ୍ୟ ଶିଳାଲେଖମାନଙ୍କ ପରି ଓଡ଼ିଶାର ଧଉଳି ଓ ଜଉଗଡ଼ ଶିଳାଲେଖ ମଧ୍ୟ ମାଗଧୀ-ପ୍ରାକୃତ ଭାଷାରେ ଲେଖାଯାଇଥିଲା। ଏହା ସହିତ କିଛି ସ୍ଥାନୀୟ ବା ଆଞ୍ଚଳିକ କଥିତ ଶବ୍ଦ ବ୍ୟବହୃତ ହୋଇଥିଲା। ଅଶୋକଙ୍କ ସମୟ ଓ ତାପରେ ଓଡ଼ିଶାର କଥିତ ଭାଷା ଓ ମାଗଧୀ-ପ୍ରାକୃତ ଭାଷା ପରସ୍ପରକୁ ପ୍ରଭାବିତ କରିଥିଲେ। ସ୍ଥାନୀୟ କଥିତ ଭାଷା ଉପରେ ମାଗଧୀ-ପ୍ରାକୃତ ଭାଷାର ପ୍ରଭାବ ପଡ଼ିଥିଲା ଓ ସ୍ଥାନୀୟ କଥିତ ଭାଷାରୁ କେତେଗୁଡ଼ିଏ ଶବ୍ଦ ଗ୍ରହଣ କରି ମାଗଧୀ-ପ୍ରାକୃତ ଭାଷା ସମୃଦ୍ଧ ହୋଇଥିଲା।

ଓଡ଼ିଆ ଭାଷାର କ୍ରମବିକାଶ ପଥରେ ସମ୍ରାଟ ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖ ହେଉଛି ଏକ ମହାନ ମାଇଲଖୁଣ୍ଟ। ଏହି ଶିଳାଲେଖରେ ପ୍ରଥମଥର ପାଇଁ କଳିଙ୍ଗର କଥିତ ଭାଷା ବ୍ୟବହାର ହୋଇଥିଲା। ହାତୀଗୁମ୍ଫା ଶିଳାଲେଖ ପ୍ରାଚୀନ ପାଲିଭାଷାରେ ଲେଖାହୋଇଥିଲା। ପାଲିଭାଷା କଳିଙ୍ଗର ଭାଷା ଥିଲା। ପାଲିଭାଷାର ଜନ୍ମଭୂମି ହେଉଛି କଳିଙ୍ଗ। ବୌଦ୍ଧଧର୍ମ ଓ ବୌଦ୍ଧ ସାହିତ୍ୟର ଭାଷା ଥିଲା - ପାଲିଭାଷା। ପ୍ରଥମେ ସିଂହଳରେ ପାଲିଭାଷାରେ ବୌଦ୍ଧସାହିତ୍ୟ ରଚିତ ହୋଇଥିଲା। ଭାରତରୁ ପାଲିଭାଷା ସିଂହଳରେ ପ୍ରବେଶ କରିଥିଲା। ପାଲିଭାଷାର ଗବେଷକ ଓଲଡେନ୍‌ବର୍ଗଙ୍କ ମତରେ ପାଲିଭାଷା କଳିଙ୍ଗର

ଭାଷା ଥିଲା ଓ ଏହା କଳିଙ୍ଗରୁ ହିଁ ସିଂହଳ ଯାଇଥିଲା। ପାଲି ବୌଦ୍ଧଧର୍ମର ଭାଷା ଥିଲା। ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ମହାଯାନ ଗୋଷ୍ଠୀ ବୌଦ୍ଧମାନେ ପାଲି ପରିବର୍ତ୍ତେ ସଂସ୍କୃତ ଭାଷା ବ୍ୟବହାର କଲେ। ଫଳରେ ପାଲିଭାଷାର ବ୍ୟବହାର ପରିସର ସଂକୁଚିତ ହୋଇଗଲା। ଏହା କେବଳ ହୀନଯାନ ଗୋଷ୍ଠୀର ଭାଷା ହୋଇ ରହିଗଲା।

ଓଡ଼ିଶାରେ ବ୍ୟବହୃତ ପାଲିଭାଷାରେ ସମୟକ୍ରମେ ଅନେକ ପରିବର୍ତ୍ତନ ହୋଇ ଦ୍ୱିତୀୟ ଶତାବ୍ଦୀବେଳକୁ ଏକ ପରିବର୍ତ୍ତିତ ନୂତନ କଥିତ ଭାଷାର ଉତ୍ପତ୍ତି ହୋଇଥିଲା। ଏହି ଭାଷାକୁ କେତେକ ଓଡ୍ର-ମାଗଧୀ କହୁଥିବାବେଳେ ଅନ୍ୟ କେତେଜଣ ଏହାକୁ **ଓଡ୍ର-ପ୍ରାକୃତ** ଭାଷା ବୋଲି ଅଭିହିତ କରନ୍ତି। ପ୍ରାଚୀନ ଭାରତରେ ଚାରିଗୋଟି ଆଞ୍ଚଳିକ ସଂସ୍କୃତି ଗଢ଼ିଉଠିଥିଲା। ସେଗୁଡ଼ିକ ହେଲେ- ଅବନ୍ତି (ଉଜ୍ଜୟିନୀ), ପାଞ୍ଚାଳୀ (ରୋହିଲାଖଣ୍ଡ), ଓଡ୍ର-ମାଗଧୀ (ଓଡ଼ିଶା ଓ ମଗଧ) ଓ ଦାକ୍ଷିଣାତ୍ୟ ସଂସ୍କୃତି। ସେ ସମୟରେ ପୂର୍ବଭାରତରେ ଅନ୍ୟ କୌଣସି ଆଞ୍ଚଳିକ ସଂସ୍କୃତି ନଥିଲା। ଯୁଗ୍ମ ସଂସ୍କୃତି ବିଚାରରେ ଓଡ଼ିଶାରେ ତତ୍‌କାଳୀନ ପ୍ରଚଳିତ ଭାଷାକୁ ଓଡ୍ରମାଗଧୀ ଭାଷା ବୋଲି ଅଭିହିତ କରାଯାଏ। କାଳକ୍ରମେ ଓଡ଼ିଶାରେ ମଗଧ ସଂସ୍କୃତିର ପ୍ରଭାବ ଲୋପ ହେଲା। ଏକ ସ୍ୱତନ୍ତ୍ର ଓ ସମ୍ପୂର୍ଣ୍ଣ ଓଡ଼ିଆ ସଂସ୍କୃତିର ଅଭ୍ୟୁଦୟ ହେଲା। ଏହି ବିଚାରରେ ଓଡ଼ିଶାର ପ୍ରଚଳିତ ଭାଷାକୁ ଓଡ୍ର-ପ୍ରାକୃତ କହିବା ଅଧିକ ସମୀଚୀନ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବେଳକୁ ଓଡ୍ର-ପ୍ରାକୃତ ରାଜଭାଷା ରୂପେ ବ୍ୟବହୃତ ହୋଇଥିଲା (ଭଦ୍ରକ ଶିଳାଲିପି)। ଓଡ୍ର-ପ୍ରାକୃତ ଭାଷା ସହିତ ଅନ୍ୟ ଏକ କଥିତ ଭାଷା ସେହି ସମୟରେ ଓଡ଼ିଶାରେ ପ୍ରଚଳିତ ଥିଲା। ଏହା ଆଦିବାସୀମାନଙ୍କର କଥିତ ଭାଷା ଥିଲା। ଏହାକୁ **ଓଡ୍ର-ବିଭାଷା** ବୋଲି କୁହାଯାଏ। ପାଲି ଓ ଓଡ୍ର-ପ୍ରାକୃତ ଭାଷାଠାରୁ ଆଦିବାସୀମାନଙ୍କର ଭାଷା ଭିନ୍ନ ଥିଲା। ଏହା ଓଡ୍ର-ପ୍ରାକୃତର ଏକ ଉପଭାଷା ଥିଲା। ଓଡ୍ର-ପ୍ରାକୃତ ଓ ଓଡ୍ର-ବିଭାଷା ଏକ ସଙ୍ଗରେ ଓଡ଼ିଶାରେ ପ୍ରଚଳିତ ଥିଲେ।

ଓଡ଼ିଆଭାଷାର କ୍ରମବିକାଶ ଇତିହାସରେ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା। ଏହି ସମୟାରେ ଓଡ଼ିଶାରେ ସଂସ୍କୃତ ଭାଷାର ବ୍ୟବହାର ଓ ପ୍ରସାର ଆରମ୍ଭ ହେଲା। ଏହାର ପ୍ରଭାବ ଓଡ୍ର-ପ୍ରାକୃତ ଭାଷା ଉପରେ ପଡ଼ିଲା। ସ୍ଥାନୀୟ କଥିତଭାଷା ଓ ସଂସ୍କୃତ ଭାଷାର ମିଶ୍ରଣରେ ଏକ ନୂତନ ମିଶ୍ରିତ ଲୋକଭାଷାର ଉତ୍ପତ୍ତି ହୋଇଥିଲା। ଏହାକୁ **ଅପଭ୍ରଂଶ ଭାଷା** ବୋଲି ଅଭିହିତ କରାଯାଏ। ଅପଭ୍ରଂଶ ଭାଷାରେ ବୌଦ୍ଧ ସାଧକ, ସିଦ୍ଧ ଓ ଧର୍ମଗୁରୁମାନେ ଦୋହା ବା ଚର୍ଯ୍ୟାଗୀତିମାନ ରଚନା କରିଥିଲେ। ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର (ଅପଭ୍ରଂଶ ଭାଷା

ମାଧ୍ୟମରେ) ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆଭାଷା ମଧ୍ୟଭାରତରେ ବ୍ୟବହୃତ ଭାଷାଠାରୁ ଭିନ୍ନ ଥିଲା। ଅଷ୍ଟମ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସମୟକୁ ଅପଭ୍ରଂଶ ସାହିତ୍ୟର ଯୁଗ ବୋଲି ଅଭିହିତ କରାଯାଏ।


ଦଶମ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ସଂସ୍କୃତ ଭାଷାର ବହୁଳ ବ୍ୟବହାର ହୋଇଥିଲା। ସଂସ୍କୃତ ଭାଷା ପ୍ରଭାବରେ ଆସି ଅପଭ୍ରଂଶ ଭାଷା ଅଧିକ ମାର୍ଜିତ ଓ ବିକଶିତ ହୋଇ **ଓଡ଼ିଆ ଭାଷା**ରେ ପରିଣତ ହେଲା। ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ପରିବର୍ତ୍ତିତ ଓଡ଼ିଆ ଭାଷାରେ ରାଜକୀୟ ଅଭିଲେଖ ଓ ଦାନପତ୍ରମାନ ଲେଖା ହୋଇଥିଲା। ସେହି ସମୟରେ ଲୋକପ୍ରିୟ ନାଥ ସାହିତ୍ୟ ପରିବର୍ତ୍ତିତ ଓଡ଼ିଆ ଭାଷାରେ ରଚିତ ହୋଇଥିଲା। ତ୍ରୟୋଦଶ ଶତାବ୍ଦୀଠାରୁ ଅଧିକରୁ ଅଧିକ ବିକଶିତ ହୋଇ ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ଭାଷା ପୂର୍ଣ୍ଣତା ଲାଭ କରିଥିଲା। ଗଜପତି ବଂଶର ରାଜତ୍ୱ ଆରମ୍ଭ ବେଳକୁ ଓଡ଼ିଆଭାଷା ଏକ ଲିଖିତ ସ୍ୱତନ୍ତ୍ର ସଂପୂର୍ଣ୍ଣ ଭାଷାର ରୂପ ପାଇ ସାରିଥିଲା। ଗଜପତି କପିଳେନ୍ଦ୍ରଦେବ ଓଡ଼ିଆଭାଷାକୁ ରାଜଭାଷାର ମାନ୍ୟତା ପ୍ରଦାନ କରିଥିଲେ। ସେହି ସମୟରେ ସାରଳାଦାସ ମହାଭାରତ ଓ ଅନ୍ୟାନ୍ୟ ଗ୍ରନ୍ଥମାନ ରଚନା କରିଥିଲେ। ପଞ୍ଚଦଶ ଶତାବ୍ଦୀ ଓଡ଼ିଆ ସାହିତ୍ୟର ଆଦିପର୍ବ ଓ ସାରଳା ଦାସ ଓଡ଼ିଶାର ଆଦିକବି ଥିଲେ।

ଏହିପରି ଭାବରେ ଉଡ୍ର-ପ୍ରାକୃତ ଭାଷା କ୍ରମବିକଶିତ ହୋଇ ଅପଭ୍ରଂଶ ଓ ସଂସ୍କୃତ ଭାଷାର ସମ୍ମିଶ୍ରଣରେ ଆଧୁନିକ ଓଡ଼ିଆ ଭାଷାରେ ପରିଣତ ହୋଇଥିଲା।

ଓଡ଼ିଆ ଭାଷାର କ୍ରମବିକାଶ ସହିତ ପ୍ରାୟ ସମାନ୍ତରାଳ ଭାବେ ଓଡ଼ିଆ ଲିପିର କ୍ରମବିକାଶ ହୋଇ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଆଧୁନିକ ଓଡ଼ିଆ ଲିପି ପୂର୍ଣ୍ଣ ଆକାରପ୍ରାପ୍ତ ହୋଇଥିଲା। ଅଶୋକ ଓ ଖାରବେଳଙ୍କ ଅଭିଲେଖରେ ବ୍ୟବହୃତ ଲିପିକୁ ବ୍ରାହ୍ମୀଲିପି କୁହାଯାଏ। ଏହା ହେଉଛି ଭାରତରେ ବ୍ୟବହୃତ ପ୍ରଥମ ଲିପି ବା ଆଦିଲିପି। ବ୍ରାହ୍ମୀ ଲିପି କ୍ରମଶଃ ପରିବର୍ତ୍ତିତ ହୋଇ ଗୁପ୍ତଯୁଗ (ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ) ବେଳକୁ ଗୁପ୍ତ ବ୍ରାହ୍ମୀଲିପିର ଆକାର ଗ୍ରହଣ କରିଥିଲା ଓ ଉତ୍ତର ଭାରତରେ ବ୍ୟବହୃତ ହେଉଥିଲା। ଗୁପ୍ତରାଜତ୍ୱ ସମୟରେ ମଧ୍ୟଭାରତରେ (ମହାରାଷ୍ଟ୍ର, ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା) ଏକ ନୂତନ ଲିପିର ଉଦ୍‌ଭବ ହୋଇଥିଲା। ଏହି ଲିପିର ଉପରଭାଗ ପେଡ଼ି ବା ପେଟିକା ସଦୃଶ ହୋଇଥିବାରୁ ଏହାକୁ ପେଟିକା ଲିପି କୁହାଯାଏ। ସେହି ସମୟରେ ତୋଷାଳୀରେ (ଉପକୂଳ ଓଡ଼ିଶା) ଗୁପ୍ତ ବ୍ରାହ୍ମୀ ଲିପି ବ୍ୟବହୃତ ହେଉଥିଲା। ଦକ୍ଷିଣ ଭାରତରେ ସମ୍ପୂର୍ଣ୍ଣ ଭିନ୍ନ ଏକ ଲିପିର ବିକାଶ ହୋଇଥିଲା।

ଅଷ୍ଟମ ଶତାବ୍ଦୀବେଳକୁ ତୋଷାଳୀ (ଉପକୂଳ ଓଡ଼ିଶା) ରେ ଗୁପ୍ତ ବ୍ରାହ୍ମୀଲିପି ପରିବର୍ତ୍ତିତ ହୋଇ ତା ସ୍ଥାନରେ ଏକ ନୂତନ ଲିପି 'କୁଟୀଳଲିପି'ର ଉତ୍ପତ୍ତି ହେଲା। ସମୟକ୍ରମେ କୁଟୀଳ ଲିପି ପଶ୍ଚିମ ଓଡ଼ିଶା ଓ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପି ସମଗ୍ର ଓଡ଼ିଶାରେ ବ୍ୟବହୃତ ହେଲା। ପରେ କୁଟୀଳ ଲିପିରେ ମଧ୍ୟ କେତେକ ପରିବର୍ତ୍ତନ ହେଲା। ଦକ୍ଷିଣ ଭାରତୀୟ ଲିପିର ପ୍ରଭାବରେ ଆସି ଓଡ଼ିଆ ଲିପି ଗୋଲାକାର ବା ବର୍ତ୍ତୁଳାକାର ହେଲା। ଏହିପରି ଭାବରେ କ୍ରମବିକଶିତ ହୋଇ ଚତୁର୍ଦ୍ଦଶ ଶତାବ୍ଦୀବେଳକୁ ଆଧୁନିକ ଓଡ଼ିଆ ଲିପିର ସୃଷ୍ଟି ହୋଇଥିଲା। ଗଞ୍ଜାମ ଜିଲ୍ଲାର ପୋଟାଙ୍କୀ ଗ୍ରାମର ପୋତେଶ୍ୱର ବା ପୋଟେଶ୍ୱର ମନ୍ଦିରରେ ଥିବା ତୃତୀୟ ଭାନୁଦେବଙ୍କର ଅଭିଲେଖ ହେଉଛି ଆଧୁନିକ ଓଡ଼ିଆ ଲିପିର ସର୍ବପୁରାତନ ଉଦାହରଣ।

ଏହିପରି ଭାବରେ ଶହ ଶହ ବର୍ଷ ଧରି କ୍ରମବିକଶିତ ହୋଇ ଓଡ଼ିଆଭାଷା ଓ ଲିପିର ପରିମାର୍ଜିତ ପୂର୍ଣ୍ଣ ରୂପ ପ୍ରକାଶ ହୋଇଥିଲା। ପ୍ରାଚୀନଯୁଗରେ ମଗଧ ଓ ଓଡ଼ିଶାର ସଂସ୍କୃତି ପୂର୍ବଭାରତୀୟ ସଂସ୍କୃତି ଥିଲା। ଅନ୍ୟ ପୂର୍ବ ଭାରତୀୟ ଭାଷାର ଉତ୍ପତ୍ତିର ବହୁପୂର୍ବରୁ ଓଡ଼ିଆ ଭାଷାର ଉତ୍ପତ୍ତି ହୋଇଥିଲା। ବହୁ ବିଳମ୍ବରେ ୨୦୧୪ ମସିହାରେ ଓଡ଼ିଆ ଭାଷା ଦେଶର ଏକ ବହୁ ପ୍ରାଚୀନ ଓ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। (୨୦.୨୦.୨୦୧୪ ମାନ୍ୟତା / ସ୍ୱୀକୃତି ଓ ୧୧.୩.୨୦୧୪ରେ ଘୋଷଣା)



ପୁରାତନ ଓଡ଼ିଆ ଅକ୍ଷର ଓ ଲେଖା

# ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ

ଭାରତର ସାଂସ୍କୃତିକ ଇତିହାସରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଓଡ଼ିଶାର ଭାଷା, ଲିପି, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ନୃତ୍ୟ, ଗୀତ, ଧାର୍ମିକ ପରମ୍ପରା ନିଜର ସ୍ୱତନ୍ତ୍ର ବୈଶିଷ୍ଟ୍ୟ, ପ୍ରାଚୀନତା ଓ ଶାସ୍ତ୍ରୀୟତା ପାଇଁ ପ୍ରସିଦ୍ଧ। କଳାରେ ସମୃଦ୍ଧ ଓଡ଼ିଶାର ଅନ୍ୟନାମ ଉତ୍କଳ। ଯାହାର ଅର୍ଥ ହେଲା ଉତ୍କୃଷ୍ଟ କଳାର ଦେଶ ବା କଳାରେ ଉତ୍କର୍ଷତା ଲାଭକରିଥିବା ଦେଶ।

**ଓଡ଼ିଶୀ ନୃତ୍ୟ :** ଓଡ଼ିଶାର ନିଜସ୍ୱ ଓ ଭାରତର ଏକ ସର୍ବପୂରାତନ ଶାସ୍ତ୍ରୀୟ ନୃତ୍ୟ ଶୈଳୀ ହେଉଛି ଓଡ଼ିଶୀ ନୃତ୍ୟ। ଓଡ଼ିଶୀ ନୃତ୍ୟର ଗୌରବମୟ ପରମ୍ପରା ହଜାର ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଛି। ଓଡ଼ିଶାର ମନ୍ଦିର, ଗୁମ୍ଫା ଓ ଅନ୍ୟାନ୍ୟ ଧର୍ମପୀଠମାନଙ୍କରେ ଖୋଦିତ କଳା ଭାସ୍କର୍ଯ୍ୟ ଓଡ଼ିଶୀ ନୃତ୍ୟର ପ୍ରାଚୀନତାର ପ୍ରମାଣ ଦିଏ। ଉଦୟଗିରି (କୁମାରୀ ଗିରି) ରାଣୀଗୁମ୍ଫାରେ ଖୋଦିତ ଦୁଇ ରାଣୀଙ୍କ ସହିତ ସମ୍ରାଟ ଖାରବେଳ (ଖ୍ରୀ:ପୂ: ପ୍ରଥମ ଶତକ) ମହିଳା ବାଦ୍ୟକାରଙ୍କ ସହିତ ଜଣେ ନର୍ତ୍ତକୀଙ୍କର ନୃତ୍ୟ ପ୍ରଦର୍ଶନକୁ ଉପଭୋଗ କରୁଥିବା ଚିତ୍ର ଓଡ଼ିଶାର ନୃତ୍ୟ ପରମ୍ପରାର ସର୍ବପ୍ରାଚୀନ ଚିତ୍ର। ରତ୍ନଗିରି ପାହାଡର ଧ୍ୱଂସାବଶେଷ ମଧ୍ୟରେ ଆଧୁନିକ ଓଡ଼ିଶୀ ନୃତ୍ୟ ଭଙ୍ଗୀ ସହିତ ପ୍ରାୟତଃ ସମାନ ଅନେକ ଚିତ୍ର ମିଳିଛି। ହୀରାପୁରର ଯୋଗୀନୀ ମାନଙ୍କ ମଧ୍ୟରେ ଅନେକଙ୍କର ମୂର୍ତ୍ତି ଓଡ଼ିଶୀ ନୃତ୍ୟ ଶୈଳୀରେ ନିର୍ମିତ ହୋଇଥିବାର ଦେଖାଯାଏ। ଓଡ଼ିଶାର ପ୍ରାୟ ସବୁ ମନ୍ଦିର ଗାତ୍ରରେ ନର୍ତ୍ତକୀ ଭାସ୍କର୍ଯ୍ୟ ଖୋଦିତ ଓ ସ୍ଥାନିତ ହୋଇଅଛି।

ଭରତଙ୍କ ନାଟ୍ୟଶାସ୍ତ୍ରର (୨ୟ/୪ର୍ଥ ଶତାବ୍ଦୀ) ବର୍ଣ୍ଣିତ ୪ଗୋଟି ପ୍ରବୃତ୍ତି (ଅବନ୍ତୀ, ପାଞ୍ଚାଳୀ, ଉଡ୍ର-ମାଗଧି ଓ ଦାକ୍ଷିଣାତ୍ୟ) ମଧ୍ୟରେ ଉଡ୍ର ମାଗଧିକୁ ଏକ ବୃତ୍ତି ବୋଲି ଉଲ୍ଲେଖ ଅଛି। ଓଡ଼ିଶୀ ନୃତ୍ୟ ସମ୍ବନ୍ଧରେ ଏହା ହେଉଛି ସର୍ବ ପୂରାତନ ସୂଚନା। ମହେଶ୍ୱର ମହାପାତ୍ରଙ୍କ ଅଭିନୟ ଚନ୍ଦ୍ରିକାରେ ଓଡ଼ିଶୀ ନୃତ୍ୟ ବିଷୟରେ ବିବରଣୀ (ଠିଆହେବା ଭଙ୍ଗୀ, ହସ୍ତ ପଦ ଚାଳନା ବିଧି ଇତ୍ୟାଦି) ଦିଆଯାଇଛି। ପ୍ରାଚୀନ ଓଡ଼ିଶୀନୃତ୍ୟର ଅନ୍ୟ ଏକ ପ୍ରାମାଣିକ ଗ୍ରନ୍ଥ ହେଉଛି ଶିଳ୍ପ ପ୍ରକାଶ ଯେଉଁଥିରେ ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସହିତ ଅଳସୀକନ୍ୟା, ନର୍ତ୍ତକୀ ମାନଙ୍କର ରୁପରେଖ ସମ୍ବନ୍ଧରେ ବର୍ଣ୍ଣନା ଅଛି। ପ୍ରତ୍ନତାତ୍ତ୍ୱିକ ଓ ବିଭିନ୍ନ ଗ୍ରନ୍ଥରୁ ମିଳୁଥିବା ତଥ୍ୟ ଓଡ଼ିଶୀନୃତ୍ୟର ପ୍ରାଚୀନତା ପ୍ରମାଣକରେ। କିନ୍ତୁ କେବେ ଏହାର ଉତ୍ପତ୍ତି ହୋଇଥିଲା, ତାହା ନିର୍ଦ୍ଦିଷ୍ଟରୁପେ ନିରୁପଣ କରିବା ସମ୍ଭବ ନୁହେଁ।

ପୁରାତନ ଯୁଗରେ ରାଜଦରବାରରେ ନୃତ୍ୟ ପରିବେଷଣ ହେଉଥିଲା । ପରେ ଏହା ଧର୍ମ ସହିତ ଜଡିତ ହୋଇ ଧର୍ମପୀଠ ଓ ମନ୍ଦିର ମାନଙ୍କରେ ଅନୁଷ୍ଠିତ ହେଲା । ପ୍ରଥମେ ଶିବ ମନ୍ଦିର ମାନଙ୍କରେ ନୃତ୍ୟ ପରମ୍ପରା ପ୍ରଚଳିତ ହୋଇ ପରେ ଅନ୍ୟାନ୍ୟ ମନ୍ଦିର ଏପରିକି ବୌଦ୍ଧ ଧର୍ମପୀଠ ମାନଙ୍କରେ ପ୍ରଚଳିତ ହୋଇଥିଲା (ଦେବବାସୀ କର୍ପୂରଶ୍ରୀ ବୌଦ୍ଧପୀଠରେ ନୃତ୍ୟ ପରିବେଷଣ କରିଥିଲେ ।) ଓଡ଼ିଶୀ ନୃତ୍ୟର କ୍ରମବିକାଶ ତିନିଗୋଟି ଅନୁଷ୍ଠାନ ମାଧ୍ୟମରେ ହୋଇଥିଲା । ସେମାନେ ହେଲେ ନର୍ତ୍ତକୀ, ମାହାରୀ ଓ ଗୋଟିପୁଅ ।

**ନର୍ତ୍ତକୀ :** ପ୍ରାଚୀନ କାଳରୁ ରାଜ ଦରବାରରେ ମନୋରଂଜନ କାର୍ଯ୍ୟକ୍ରମରେ ନର୍ତ୍ତକୀମାନେ ନୃତ୍ୟ ପରିବେଷଣ କରୁଥିଲେ (ରାଣୀଗୁମ୍ଫା ଚିତ୍ର) । ମଧ୍ୟଯୁଗରେ ରାଜା ମହାରାଜା, କରଦରାଜା ଓ ଜମିଦାର ମାନଙ୍କ ଦରବାର ଓ କଚେରୀରେ ନୃତ୍ୟାଭିନୟ ଅନୁଷ୍ଠିତ ହେଉଥିଲା । ରାଜା ଓ ଜମିଦାର ମାନଙ୍କର ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ପାଇ ଓଡ଼ିଶୀ ନୃତ୍ୟ ପ୍ରସିଦ୍ଧି ଲାଭ କରିଥିଲା ।

**ମାହାରୀ :** କେଶରୀ ବଂଶର ଉଦ୍ୟୋତ କେଶରୀଙ୍କ ସମୟରେ ମାହାରୀ ଅନୁଷ୍ଠାନ ଆରମ୍ଭ ହୋଇଥିବା କଥା ଅନୁମାନ କରାଯାଏ । ତାଙ୍କର ମାତା କୋଳାବତୀ ଦେବୀ



ବ୍ରହ୍ମେଶ୍ୱର ମନ୍ଦିରକୁ ମନ୍ଦିର ନର୍ତ୍ତକୀ ପ୍ରଦାନ କରିଥିଲେ (ଦଶମ ଶତାବ୍ଦୀ) । ଚୋଡଗଙ୍ଗଦେବ ଜଗନ୍ନାଥ ମନ୍ଦିରରେ ମାହାରୀ ନିଯୁକ୍ତ କରିଥିଲେ (ଏକାଦଶ ଶତାବ୍ଦୀ) । ସାଧାରଣତଃ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବଦାସୀ ପ୍ରଥା ଓ ମାହାରୀ ନୃତ୍ୟ ପରମ୍ପରା ଆରମ୍ଭ ହୋଇଥିଲା ବୋଲି କୁହାଯାଏ । ମାହାରୀ ଶବ୍ଦର ଅର୍ଥ ହେଲା ମହାନ ନାରୀ (ମହା+ନାରୀ) । ସେମାନଙ୍କୁ ଦେବତାଙ୍କର ସେବିକା ବା ଦେବଦାସୀ ବୋଲି କୁହାଯାଉଥିଲା । ପ୍ରଥମେ ସେମାନେ ମନ୍ଦିରରେ କେବଳ ନୃତ୍ୟ ଓ ଅଭିନୟ କରୁଥିଲେ । ତା'ପରେ ମନ୍ତ୍ର ଓ ଶ୍ଳୋକ ଉଚ୍ଚାରଣ ସହିତ ଅଭିନୟ ପରିବେଷଣ କଲେ । ପରେ ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ଗାନ ଅନୁସାରେ ନୃତ୍ୟାଭିନୟ ପ୍ରଦର୍ଶନ କଲେ । ମାହାରୀମାନେ ଦେବଦାସୀ/ଦେବ ସଙ୍ଗୀନୀ ହିସାବରେ ସାମାଜିକ ସମ୍ମାନ ଓ ଧାର୍ମିକ ସ୍ୱୀକୃତି ପାଇଥିଲେ । ଶହ ଶହ ବର୍ଷ ଧରି ଓଡ଼ିଶୀନୃତ୍ୟକୁ ମାହାରୀମାନେ ହିଁ ବଞ୍ଚାଇ ରଖିଥିଲେ ।

**ଗୋଟିପୁଅ :** ବୈଷ୍ଣବ ଧର୍ମର ପ୍ରଭାବରେ ମନ୍ଦିରରେ ମାହାରୀ ନୃତ୍ୟ ପରମ୍ପରା ପ୍ରତିହତ ହୋଇଥିଲା । ବୈଷ୍ଣବମାନେ ମହିଳା ମାନଙ୍କଦ୍ୱାରା ନୃତ୍ୟ ପରିବେଷଣ ପ୍ରଥାକୁ



ବିରୋଧ କରୁଥିଲେ । ପ୍ରତାପରୁଦ୍ର ଦେବଙ୍କ ସମୟରେ ମନ୍ଦିରରେ ମାହାରୀ ନୃତ୍ୟ ପରମ୍ପରା ନୂଆରୁପରେ ପୁଅମାନଙ୍କ ଦ୍ୱାରା ଅଭିନୀତ ହେବା ପ୍ରଥା ଆରମ୍ଭ ହେଲା । ପୁଅମାନେ ଝିଅ ବେଶରେ ସଜ୍ଜିତ ହୋଇ ନୃତ୍ୟ କଲେ । ଏହା "ଗୋଟିପୁଅ" (ଗୋଟିଏ ବା ଜଣେ + ପୁଅ) ନୃତ୍ୟ ନାମରେ ପ୍ରସିଦ୍ଧ ହେଲା । ଗୋଟିପୁଅ ମାନଙ୍କୁ ପ୍ରଥମେ ମାହାରୀମାନେ ନୃତ୍ୟ ଶିକ୍ଷା ଦେଉଥିଲେ । ପରେ ଗୋଟିପୁଅ ନୃତ୍ୟ ମନ୍ଦିର ପରିସର ମଧ୍ୟରୁ ବାହାରକୁ ଆସିଲା । ରାଜ ମହେନ୍ଦ୍ରୀର ପ୍ରଶାସକ ରାୟ ରାମାନନ୍ଦଙ୍କ ( ୧୬ଶ ଶତାବ୍ଦୀ) ସମୟରେ ଗୋଟିପୁଅ ନୃତ୍ୟର ଜନପ୍ରିୟତା ବୃଦ୍ଧି ହୋଇଥିଲା ।

ସମୟ କ୍ରମେ ଦେବଦାସୀ ପ୍ରଥାର ଅପବ୍ୟବହାର ହେଲା । ମୁସଲମାନ ଶାସନ ସମୟରେ ମାହାରୀମାନେ ଦରବାରରେ ମନୋରଂଜନ ପାଇଁ ନୃତ୍ୟ ପରିବେଷଣ କଲେ ଓ ପ୍ରଭାବଶାଳୀ ସାମନ୍ତ ସମ୍ଭ୍ରାନ୍ତମାନଙ୍କର ଆଶ୍ରିତା ବା ରକ୍ଷିତା ହୋଇ ରହିଲେ । ଦେବତାଙ୍କର ଦାସୀ ହିସାବରେ ପାଉଥିବା ସାମାଜିକ ସମ୍ମାନ ହରାଇଲେ । ମରହଟ୍ଟା ଓ ଇଂରେଜ ଶାସନ ସମୟରେ ପ୍ରାୟ ସବୁ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଅବହେଳିତ ଓ ଲୁପ୍ତପ୍ରାୟ ହୋଇ ରହିଥିଲା । ଇଂରେଜ ଶାସନ ସମୟରେ ମନ୍ଦିରରେ ନୃତ୍ୟ ପରିବେଷଣ ପରମ୍ପରା ବନ୍ଦ କରିବାକୁ ନିୟମ ପ୍ରଣୟନ ହେଲା । ପରେ ପରେ ଦରବାର ମାନଙ୍କରେ ମଧ୍ୟ ଓଡ଼ିଶୀନୃତ୍ୟ ଆସରର ଆଦର କମିଗଲା । ପୃଷ୍ଠପୋଷକତା ଅଭାବରୁ ଓଡ଼ିଶୀ ନୃତ୍ୟର ବହୁତ କ୍ଷତି ହୋଇଥିଲା । ଗୋଟିପୁଅ ନୃତ୍ୟ ମାଧ୍ୟମରେ ହିଁ ଓଡ଼ିଶୀନୃତ୍ୟ ବଞ୍ଚିରହିଥିଲା ।

ସ୍ୱାଧୀନତା ପରେ ପୁରାତନ ଶାସ୍ତ୍ରୀୟ ପରମ୍ପରାର ପୁନରୁତ୍ଥାନ ପାଇଁ ଉଦ୍ୟମ ହେଲା । ଗୋଟିପୁଅ ନୃତ୍ୟ ଓ ମନ୍ଦିର ଗାତ୍ରରେ ଖୋଦିତ ନୃତ୍ୟ ଭାସ୍କର୍ଯ୍ୟର ଶୈଳୀକୁ ନେଇ ଆଧୁନିକ ଓଡ଼ିଶୀ ନୃତ୍ୟର ବିଧି, ନିୟମ ପ୍ରଣୀତ ହେଲା । ପାରମ୍ପରିକ ଓଡ଼ିଶୀନୃତ୍ୟାନୁଷ୍ଠାନ, ମଙ୍ଗଳାଚରଣରୁ ଆରମ୍ଭ ହୋଇ କ୍ରମାନ୍ୱୟରେ ବଟୁନୃତ୍ୟ, ପଲ୍ଲବୀ, ଅଭିନୟ, ନୃତ୍ୟନାଟିକା ଓ ମୋକ୍ଷରେ ସମାପ୍ତ ହୁଏ । ପ୍ରତି ଉପବିଭାଗରେ ନିର୍ଦ୍ଦିଷ୍ଟ ନୃତ୍ୟ ବ୍ୟବସ୍ଥା ଅନୁଶୀଳନ କରାଯାଏ । ଉଦାହରଣ ସ୍ୱରୂପ ମଙ୍ଗଳାଚରଣରେ ଶ୍ରୀଜଗନ୍ନାଥଙ୍କୁ ଭକ୍ତିଅଞ୍ଜଳି ପ୍ରଦାନ, ଦେବ/ଦେବୀଙ୍କ ପ୍ରାର୍ଥନା, ଭୁଦେବୀ/ଭୂମୀମାତାଙ୍କୁ ପ୍ରଣାମ ସହିତ ତ୍ରୀଖଣ୍ଡି ପ୍ରଣାମ (ମୁଣ୍ଡ ଉପରେ ଈଶ୍ୱରଙ୍କୁ, ମୁଖ ସମାନରେ ଗୁରୁଙ୍କୁ ଓ ବକ୍ଷ ସିଧାରେ ଦର୍ଶକମାନଙ୍କୁ) ପ୍ରଣାମ କରାଯାଏ । ବିଲୁପ୍ତ ପ୍ରାୟ ଓଡ଼ିଶୀ ନୃତ୍ୟର ପୁନର୍ଜନ୍ମ ହେଲା ଓ ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶୀ ନୃତ୍ୟ ୧୯୮୫ ମସିହାରେ ଶାସ୍ତ୍ରୀୟ ମାନ୍ୟତା ପାଇଲା । ଯେଉଁମାନଙ୍କର ଉଦ୍ୟମ,

ସାଧନା, ଗବେଷଣା ଓ ଅବଦାନ ପାଇଁ ଏହା ସମ୍ଭବ ହୋଇଥିଲା ସେମାନଙ୍କ ମଧ୍ୟରେ ଗୁରୁ କେଳୁଚରଣ ମହାପାତ୍ର, ଗୁରୁ ଦେବୀ ପ୍ରସାଦ ଦାସ, ଗୁରୁ ମାୟାଧର ରାଉତ, ଗୁରୁ ପଙ୍କଜ ଚରଣ ଦାସ, ଗୁରୁ ମହାଦେବ ରାଉତଙ୍କ ନାମ ଉଲ୍ଲେଖନୀୟ ଓ ସ୍ମରଣୀୟ।

**ଓଡ଼ିଶୀ ସଙ୍ଗୀତ** : ସଙ୍ଗୀତ କ୍ଷେତ୍ରରେ ଓଡ଼ିଶାର ଏକ ଯଶ ବିମଣ୍ଡିତ ପରମ୍ପରା ବିଦ୍ୟମାନ। ପ୍ରତ୍ନତାତ୍ତ୍ୱିକ ଖନନରୁ ବହୁ ସ୍ଥାନରେ ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ରର ଭଗ୍ନାବଶେଷ, ଗୁମ୍ଫା ଓ ମନ୍ଦିର ଗାତ୍ରରେ ଖୋଦିତ ନର୍ତ୍ତକୀ, ବାଦ୍ୟଯନ୍ତ୍ର ଓ ବାଦ୍ୟକାର ମାନଙ୍କର ଚିତ୍ର (ଉଦୟଗିରିର ରାଣିଗୁମ୍ଫାରେ ନୃତ୍ୟ ସଙ୍ଗୀତ ପରିବେଷଣର ଦୃଶ୍ୟ) ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ପ୍ରାଚୀନତାର ପ୍ରମାଣ ବହନ କରେ। ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର (୨ୟ ବା ୪ର୍ଥ ଶତାବ୍ଦୀ) ବର୍ଣ୍ଣିତ ଉଡ୍ରମାଗଧି ସଙ୍ଗୀତ ଓ ନୃତ୍ୟଶୈଳୀ, ହେଉଛି ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତଶୈଳୀ ଉପରେ ପ୍ରଥମ ଲିଖିତ ତଥ୍ୟ। ଉଡ୍ରମାଗଧି ଭାଷା ସଂସ୍କୃତିର ଉତ୍ପତ୍ତି କାଳରୁ ଓଡ଼ିଆ ଗୀତ / ସଙ୍ଗୀତର ସ୍ୱରୂପ ଓ ଶାସ୍ତ୍ରୀୟତା ଆରମ୍ଭ ହୋଇଥିଲା। ଉଡ୍ରମାଗଧି, ସଂସ୍କୃତ-ଉଡ୍ରଭାଷା (ଓଡ଼ିଆ), ଉଡ୍ର ବିଭାଷାରେ (ଆନୁମାନିକ ୭ମ-୧୨ଶ ଶତାବ୍ଦୀ) ରଚିତ ଚର୍ଯ୍ୟା ଗୀତିକା ଓଡ଼ିଆ ସଙ୍ଗୀତର ପ୍ରଥମ ଲିଖିତ ସୃଷ୍ଟି। ଏକାଦଶ ଶତାବ୍ଦୀ ବେଳକୁ ତ୍ରୀସ୍ୱରୀ, ଚତୁସ୍ୱରୀ, ପଞ୍ଚସ୍ୱରୀ ଶୈଳୀରେ ଓଡ଼ିଆ ଗୀତ ରଚିତ ହୋଇଥିଲା। କ୍ରମେ କ୍ରମେ ବିକଶିତ ହୋଇ ଜୟଦେବଙ୍କ ସମୟ ବେଳକୁ (୧୨ଶ ଶତାବ୍ଦୀ) ତତ୍କାଳୀନ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ସ୍ୱରୂପ ପ୍ରକାଶ ପାଇଥିଲା। ପ୍ରତାପରୁଦ୍ର ଦେବଙ୍କ ସମୟରୁ ଶ୍ରୀମନ୍ଦିରରେ ଗୀତ ଗୋବିନ୍ଦ ଗାନ ଓ ମାହାରୀ ପରମ୍ପରା ଓଡ଼ିଶୀ ସଙ୍ଗୀତର ପ୍ରାଚୀନତାର ପ୍ରମାଣ ଦିଏ। ଜୟଦେବଙ୍କ ଗୀତ ଗୋବିନ୍ଦ ପରେ ହରିନାୟକଙ୍କ ସଙ୍ଗୀତ ସାର (୧୪-୧୫ଶ ଶତାବ୍ଦୀ) ବୃନ୍ଦାବନ ଦାସଙ୍କ ରସ ବାରିଧି, ଶାରଳା ଦାସଙ୍କ ଓଡ଼ିଆ ମହାଭାରତ (୧୫ଶ ଶତାବ୍ଦୀ), ଦିନକୃଷ୍ଣ ଦାସଙ୍କ ରସକଲ୍ଲୋଳ (୧୬ଶ ଶତାବ୍ଦୀ) ଏବଂ ପରବର୍ତ୍ତୀ କାଳରେ ସଙ୍ଗୀତ ଦର୍ପଣ, ସଙ୍ଗୀତ କଳ୍ପଦ୍ରୁମ, ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା, ବୈଦେହୀଶ ବିଳାସ ରଚିତ ହୋଇଥିଲା। ଏହି ସବୁ ପ୍ରମାଣିକ ତଥ୍ୟ ଭିତ୍ତିରେ ଓଡ଼ିଶୀ ସଙ୍ଗୀତ, ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ଠାରୁ ମଧ୍ୟ ପୁରାତନ ବୋଲି ଅନୁମାନ କରାଯାଇପାରେ।

ଓଡ଼ିଆ ସଂସ୍କୃତିର ଅନ୍ୟାନ୍ୟ ଅଙ୍ଗପରି ଓଡିଶୀ ସଙ୍ଗୀତ ଏହାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଓ ଉତ୍କର୍ଷତା ପାଇଁ ବିଖ୍ୟାତ। ଓଡ଼ିଆ ସଙ୍ଗୀତର ବିଭିନ୍ନ ବିଭାଗ ହେଉଛି ଆଦିବାସୀ ସଙ୍ଗୀତ (ନୃତ୍ୟ ସଙ୍ଗୀତ ପ୍ରିୟ ସବୁଆଦିବାସୀ ଗୋଷ୍ଠୀ ମଧ୍ୟରେ ପୂଜା ପରବରେ ନାଚିବା ଓ ଗାଇବା ଏକ ସାଧାରଣ ପରମ୍ପରା), ଲୋକ ଗୀତ (ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରେ ଓଷା, ବ୍ରତ,

ପର୍ବ ପର୍ବାଣୀରେ ଗୀତ ଓ ନାଚ ହୁଏ। ଜାଇଫୁଲ, ଡାଲଖାଇ, ଦଣ୍ଡନାଚ, ଘୋଡାନାଚ, କେଳାକେଲୁଣୀ ନାଚ, କେନ୍ଦେରାଗୀତ, ବାଲିପୁଜା ଓ ଘୁମୁରା ଇତ୍ୟାଦି ବହୁ ସଂଖ୍ୟକ ଗୀତ ଆମ ସମୃଦ୍ଧ ପରମ୍ପରାର ଅଂଶବିଶେଷ), ଲଘୁ ଶାସ୍ତ୍ରୀୟ ସଙ୍ଗୀତ (ଓଡ଼ିଶୀ ସଙ୍ଗୀତର ଏକ ମୁଖ୍ୟ ଅଂଶ। ନିର୍ଦ୍ଦିଷ୍ଟ ସ୍ୱର, ଲୟ ଓ ରାଗରେ ଗାନ କରାଯାଉଥିବା ଭଜନ ଓ ଜଣାଣ ଇତ୍ୟାଦି) ଓ ଶାସ୍ତ୍ରୀୟ ସଙ୍ଗୀତ (ଗୀତ ଗୋବିନ୍ଦ, ଚୌତିଶା, ଛାନ୍ଦ, ଚୌପଦୀ, ଚମ୍ପୁ ଇଦ୍ୟାଦି ପାରମ୍ପରିକ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରିସର ଭୁକ୍ତ)।

ଓଡ଼ିଶୀ ସଙ୍ଗୀତର ନିଜସ୍ୱ ସ୍ୱତନ୍ତ୍ର ନୀତି, ନିୟମ, ରାଗ, ତାଳ, ଅନ୍ୱୟ ଓ ଶୈଳୀ ଅଛି। ଓଡ଼ିଶୀ ଗାନ ମଧୁର, କୋମଳ ଓ ହୃଦୟ ସ୍ପର୍ଶୀ। ଏହି ଗାନ ଦ୍ରୁତ ନୁହେଁ କି ମନ୍ଥର ନୁହେଁ। ଏହା ନିର୍ଦ୍ଦିଷ୍ଟ ପଦ ପାତ, ଅନୁପାତ ବା ସମାନୁପାତରେ ଗାନ ହୁଏ। ଓଡ଼ିଶୀ ସଙ୍ଗୀତ ଉପରେ ପ୍ରଣୀତ ଗ୍ରନ୍ଥମାନଙ୍କ ଅନୁସାରେ ଏହାର ଚାରିଗୋଟି ମୂଖ୍ୟ ଶ୍ରେଣୀ ଯଥା : ଧ୍ରୁପଦ (ପ୍ରଥମ ଧାଡି ବାରମ୍ବାର ଗାଇବା), ଚିତ୍ରପଦ (ପର୍ଯ୍ୟାୟ କ୍ରମେ ବିକଳ୍ପ ଶବ୍ଦ ସଂଯୋଜନା), ଚିତ୍ରକଳା (ଶବ୍ଦର କଳାତ୍ମକ ବ୍ୟବହାର- କବିସୂର୍ଯ୍ୟ ବଳଦେବଙ୍କ ରଚନା ଉଦାହରଣ) ଓ ପାଞ୍ଚାଳର ସମଷ୍ଟି ବା ସମାହାରରେ ଓଡ଼ିଶୀ ସଙ୍ଗୀତର ସୃଷ୍ଟି। ଓଡ଼ିଶୀ ସଙ୍ଗୀତର ପ୍ରାଥମିକ ମୁଖ୍ୟ ରାଗ ଗୁଡିକ ହେଲା, କଲ୍ୟାଣ, ନଟ, ଶ୍ରୀ ଗୌଡ଼, ପଞ୍ଚମା, ବରାଦି, ଧନଶ୍ରୀ, କର୍ଣ୍ଣାଟ ଓ ଭୈରବ। ଓଡ଼ିଶୀର ସ୍ୱତନ୍ତ୍ର ବ୍ୟାକରଣ ଅଛି।

ବହୁ ପୂର୍ବରୁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ଠାରୁ ଓଡ଼ିଶୀ ସଙ୍ଗୀତ ପୁରୁଣା। ପ୍ରତ୍ୟେକ ଅନ୍ୟଠାରୁ ପୃଥକ ହେଲେ ମଧ୍ୟ ପରସ୍ପର ଦ୍ୱାରା ପ୍ରଭାବିତ ହୋଇଥିବାର ଦେଖାଯାଏ। ହିନ୍ଦୁସ୍ଥାନୀ ରାଗ "ଦୁର୍ଗା", କର୍ଣ୍ଣାଟକୀ ରାଗ "ଶୁଦ୍ଧ ଶାବେରୀ" ଓ ଓଡ଼ିଶୀ ରାଗ "କାମୋଦୀ"ର ସ୍ୱର ସମାନ। ହିନ୍ଦୁସ୍ଥାନୀ "ପଖୌଜ" ସ୍ଥଳରେ ଓଡ଼ିଶୀରେ ମର୍ଦ୍ଦଳ ବ୍ୟବହାର ହୁଏ। ଓଡ଼ିଶୀ "ଲଳୀତା"ରୁ ହୀନ୍ଦୁସ୍ଥାନୀ "ଚନ୍ଦ୍ର କୌନସ"ର ଉତ୍ପତ୍ତି ହୋଇଛି। କର୍ଣ୍ଣାଟକ ରାଗ "ସାବେରୀ" "ମାୟା ମାଳବ ଗୌଡ଼" ଓ "ଶଙ୍କରା ଭରଣ" ଏବଂ ହିନ୍ଦୁସ୍ଥାନୀ ରାଗ "ମହ୍ଲାର", "ଭୈରବୀ" ଓ "ଭୋପାଳୀ" ଓଡ଼ିଶୀରେ ବ୍ୟବହୃତ ହୁଏ। ଏହି ପାରସ୍ପରିକ ପ୍ରଭାବର କାରଣ ଖୋଜିଲେ ଦେଖାଯାଏ ଆକବରଙ୍କ ଦରବାରରେ ସମବେତ ଗାୟକ, ବାଦକ ଓ ସଙ୍ଗୀତଜ୍ଞ ମାନଙ୍କ ଭିତରେ ଓଡ଼ିଆ ଗାୟକ କୃଷ୍ଣଦାସ ବଡଜେନା ମହାପାତ୍ର ଓ ସଙ୍ଗୀତଜ୍ଞ ଭଟ୍ଟ ମହାପାତ୍ର ଥିଲେ। ସେମାନେ ସେଠାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସଂସ୍ପର୍ଶରେ ଆସିଥିଲେ। ଓଡ଼ିଶା ରାଜଦରବାରରେ ଦକ୍ଷିଣ ଭାରତର @ü^ K Mûd K [ ôf ö ùi cÖ^ u c¤ùe RùY [ ôf ùZf ÊMÊMûd K eûRûc Yú

ଯେକି କବିସୂର୍ଯ୍ୟ ବଳଦେବରଥଙ୍କ ରଚିତ ଗୀତ ଗାନ କରୁଥିଲେ। ଦକ୍ଷିଣ ଓଡ଼ିଶା ବହୁ ବର୍ଷ କୁତବ ଶାହ ଓ ନିଜାମଙ୍କ ଅଧିନରେ ରହିବା ଫଳରେ ସେଠାରେ ଓଡ଼ିଶୀ ସଙ୍ଗୀତ ଉପରେ କର୍ଣ୍ଣାଟକୀ ସଙ୍ଗୀତର ପ୍ରଭାବ ଅନୁଭୁତହୋଇଥିଲା। ଦକ୍ଷିଣରେ ଜୟଦେବଙ୍କ "ଅଷ୍ଟପଦୀ" କର୍ଣ୍ଣାଟକୀ ଶୈଳୀରେ ଗାନ ହୁଏ। ଦକ୍ଷିଣ ଓଡ଼ିଶାର କବି ଓ ଗୀତିକାର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଗୋପକୃଷ୍ଣ ଓ ଗୌରହରୀଙ୍କରଚନାରେ କର୍ଣ୍ଣାଟକୀ ଶୈଳୀର ପ୍ରଭାବ ଦେଖିବାକୁ ମିଳେ। ସଂସ୍କୃତି ଓ ସଙ୍ଗୀତର କୌଣସି ଭୌଗଳିକ ପରିସୀମା ନଥାଏ। ନିଜର ଅନ୍ତର୍ନିହିତ ବିଶେଷତ୍ୱ ନହରାଇ ପରସ୍ପରଠାରୁ କିଛି ଗ୍ରହଣ କରିବା ଓ କିଛି ପ୍ରଦାନ କରିବା ହେଉଛି ଆଞ୍ଚଳିକ ସାଂସ୍କୃତିକ ବିକାଶର ସାଧାରଣ ପକ୍ରିୟା।



ଓଡ଼ିଶୀ ସଙ୍ଗୀତ ପରମ୍ପରାର ଗତି; ଓଡ଼ିଶୀ ନୃତ୍ୟ ପରମ୍ପରା ଓ ଓଡ଼ିଆ ଭାଷାର ସ୍ଥିତି ପରି, ଓଡ଼ିଶା ସାମ୍ରାଜ୍ୟର ପତନ ପରେ ପରେ ପ୍ରତିହତ ହୋଇଥିଲା। ପ୍ରୋତ୍ସାହନ ଓ ପୃଷ୍ଠପୋଷକତାର ଅଭାବ, ବୈଦେଶିକ ଶାସନର ନକରାତ୍ମକ ଦୃଷ୍ଟିଭଙ୍ଗୀ ହେତୁ ସ୍ଥିତି ଦୁର୍ବଳ ହୋଇ ପଡିଥିଲା। ଉନବିଂଶ ଶତାବ୍ଦୀର ଶେଷ ଆଡକୁ ଓଡ଼ିଆ ଜାତୀୟଭାବର ଉନ୍ମେଷ ଓ ଓଡ଼ିଆ-ଭାବର ଉଦ୍ରେକ ହୋଇଥିଲା । ଦେଶ ସ୍ୱାଧୀନ ହେବା ପରେ ନିଜ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦିଗରେ ଉଦ୍ୟମ ଆରମ୍ଭ ହେଲା। ଯେଉଁ ପ୍ରଖ୍ୟାତ ସଙ୍ଗୀତଜ୍ଞ ମାନଙ୍କର ଉତ୍ସାହ, ପ୍ରେରଣା, ସାଧନା ଓ ପୃଷ୍ଠପୋଷକତା ବଳରେ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପୁନରୁଦ୍ଧାର ସମ୍ଭବ ହୋଇଛି ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଉଛନ୍ତି ସିଂହାରୀ ଶ୍ୟାମ ସୁନ୍ଦର କର, କାଶୀନାଥ ପୂଜାପଣ୍ଡା, ମାର୍କଣ୍ଡେୟ ମହାପାତ୍ର, ବାଳକୃଷ୍ଣ ଦାଶ, ଶ୍ୟାମମଣୀ ଦେବୀ, ସୁନନ୍ଦା ପଟ୍ଟନାୟକ ଓ ଗୋପାଳଚନ୍ଦ୍ର ପଣ୍ଡା।

ଉଲ୍ଲେଖନୀୟ ସବୁପ୍ରକାର ଆବଶ୍ୟକୀୟ ଯୋଗ୍ୟତା ଥାଇ ମଧ୍ୟ ଓଡ଼ିଶୀ ସଙ୍ଗୀତ ଏପର୍ଯ୍ୟନ୍ତ ଶାସ୍ତ୍ରୀୟ ମାନ୍ୟତା ପାଇବାରେ ସମର୍ଥ ହୋଇନାହିଁ। ବହୁ ବିଳମ୍ବରେ ଓଡ଼ିଶୀ ନୃତ୍ୟକୁ ୧୯୫୮ ମସିହାରେ ଓ ଓଡ଼ିଆ ଭାଷାକୁ ୨୦୧୪ ମସିହାରେ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଓଡ଼ିଶୀ ସଂଙ୍ଗୀତ ମଧ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବ। ଏ ଦିଗରେ ଅଧିକ ଅଧ୍ୟୟନ, ଗବେଷଣା ଓ ତଥ୍ୟଭିତ୍ତିକ ଉପସ୍ଥାପନା ପାଇଁ ଉତ୍ସର୍ଗୀକୃତ ଉଦ୍ୟମ ଆବଶ୍ୟକ।


●●●

# ଓଡ଼ିଶାର ଧର୍ମ ଧାରା

ଓଡ଼ିଶାର ସର୍ବପୂରାତନ ସଂସ୍କୃତି ହେଉଛି ସବର ସଂସ୍କୃତି। ଓଡ଼ିଶା ହେଉଛି ସବର ଭୂମି। ସବରମାନଙ୍କର ବୃକ୍ଷ ପୂଜା, ଦାରୁ ପୂଜା ଓ ଶିଳା ପୂଜାରୁ ଓଡିଶାର ଧର୍ମ ଧାରାର ମୂଳ ଉତ୍ପତ୍ତି। ଏହା ପରେ ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଧର୍ମ ଧାରଣାର ସଂସ୍ପର୍ଶରେ ଆସି, ସେମାନଙ୍କୁ କିଛି ପ୍ରଦାନ କରି ଓ ସେମାନଙ୍କଠାରୁ କିଛି ଗ୍ରହଣ କରି, ନିଜର ମୂଳ ସତ୍ତା ଓ ମୂଲ୍ୟବୋଧରେ ବିଶେଷ ପରିବର୍ତ୍ତନ ନକରି, କ୍ରମ ବିକଶିତ ହୋଇ ଅବଶେଷରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିରେ ପରିଣତ ହୋଇଅଛି। ପ୍ରଥମେ ଦ୍ରାବିଡ, ପରେ ବୈଦିକ ଆର୍ଯ୍ୟ, ବୈଦିକ ବ୍ରାହ୍ମଣ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଆଦି ସମସ୍ତ ଧର୍ମମତ ଓଡ଼ିଶାରେ ପ୍ରବେଶ କରିଥିଲା। ଅଶୋକଙ୍କ ସମୟରେ ବୌଦ୍ଧ ଧର୍ମ, ଖାରବେଳଙ୍କ ସମୟରେ ଜୈନଧର୍ମ, ଭୌମକରମାନଙ୍କ ସମୟରେ ବୌଦ୍ଧ ଧର୍ମ, ସୋମବଂଶୀମାନଙ୍କ ସମୟରେ ଶୈବଧର୍ମ ଓ ଗଙ୍ଗମାନଙ୍କ ସମୟରେ ବୈଷ୍ଣବ ଧର୍ମ ଓଡ଼ିଶାର ରାଷ୍ଟ୍ରିୟ ଧର୍ମ ଭାବରେ ପ୍ରତିଷ୍ଠା ଲାଭ କରିଥିଲେ। କିନ୍ତୁ ଓଡ଼ିଶାର ମୂଳ ଧର୍ମର ଦାରୁଦେବତା, ନୀଳମାଧବ-ପୁରୁଷୋତ୍ତମ ଉପାସନା ନିରବଚ୍ଛିନ୍ନ ଧାରାରେ ଗତି କରି ଦ୍ୱାଦଶ ଶତାବ୍ଦୀ ବେଳକୁ ବିଭିନ୍ନ ଭାରତୀୟ ଧର୍ମ ଓ ସଂସ୍କୃତିର ମହାନ ସମନ୍ୱୟରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିରେ ପରିଣତ ହୋଇଥିଲା। ଜଗନ୍ନାଥ ଧର୍ମ ହେଉଛି ଓଡ଼ିଶାର ରାଷ୍ଟ୍ରିୟ ଧର୍ମ। ଓଡ଼ିଶା ହେଉଛି ସବୁ ଧର୍ମ ଓ ମତବାଦର ମିଳନ ଓ ମିଶ୍ରଣର ସ୍ଥାନ।

## ଜୈନଧର୍ମ

ଜୈନଧର୍ମ ସହିତ ଓଡ଼ିଶାର ସମ୍ପର୍କ ମହାବୀର ଜୀନଙ୍କ ବହୁପୂର୍ବରୁ ଥିଲା। ଜୈନଧର୍ମର ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥ ଖ୍ରୀ.ପୂ. ଅଷ୍ଟମ ଶତାବ୍ଦୀର ଶେଷଆଡକୁ ଓଡ଼ିଶା



ଆସିଥିଲେ। ରାଜା କରକନ୍ଦୁ ବା କରକଣ୍ଡୁ ତାଙ୍କର ଶିଷତ୍ୱ ଗ୍ରହଣ କରିଥିଲେ ଓ ଜୈନଧର୍ମର ପୃଷ୍ଟପୋଷକତା କରିଥିଲେ। ଜୈନଧର୍ମ ଲୋକପ୍ରିୟ ଥିଲା। ମହାବୀର ବର୍ଦ୍ଧମାନ ଓଡ଼ିଶା ପରିଦର୍ଶନରେ ଆସି କୁମାରୀ ପର୍ବତ (ଉଦୟଗିରି) ଠାରେ ବିଜୟଚକ୍ର ପ୍ରବର୍ତ୍ତନ (ଧର୍ମ ପ୍ରଚାର)

କରିଥିଲେ (ଖ୍ରୀ.ପୂ ଷଷ୍ଠ ଶତାବ୍ଦୀ)। ମହାବୀରଙ୍କ ସମୟରେ କଳିଙ୍ଗର ପିଥୁଣ୍ଡ ନଗରୀ ଜୈନଧର୍ମର ଏକ ପ୍ରମୁଖ କେନ୍ଦ୍ରଥିଲା। ଖ୍ରୀ.ପୂ ଚତୁର୍ଥ ଶତାବ୍ଦୀ ବେଳକୁ ଜୈନଧର୍ମ ଓଡ଼ିଶାର ଜାତୀୟଧର୍ମ ଥିଲା। ମଗଧର ମହାପଦ୍ମନନ୍ଦ କଳିଙ୍ଗ ବିଜୟ କରି 'କଳିଙ୍ଗ ଜୀନ' ମୂର୍ତ୍ତୀକୁ ନେଇ ଯାଇଥିଲେ। ଅଶୋକଙ୍କ ସମୟରେ (ଖ୍ରୀ.ପୂ ତୃତୀୟ ଶତକ) ଓଡ଼ିଶା ବୌଦ୍ଧଧର୍ମର ଏକ ମୁଖ୍ୟ କେନ୍ଦ୍ରରେ ପରିଣତ ହୋଇଥିଲା। ଜୈନ ଧର୍ମର ପ୍ରଭାବ ହ୍ରାସ ହୋଇଥିଲା ଓ ଏହା ଓଡ଼ିଶାରେ ଧର୍ମକ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିଲା।

ସମ୍ରାଟ ଖାରବେଳ (ଖ୍ରୀ. ପୂ. ପ୍ରଥମ ଶତକ) ଜୈନଧର୍ମର ଅନୁଗାମୀ ଥିଲେ। ତାଙ୍କ ପୃଷ୍ଠପୋଷକତାରେ ଜୈନଧର୍ମ ପୁନର୍ବାର ଓଡ଼ିଶାର ମୁଖ୍ୟଧର୍ମରେ ପରିଣତ ହୋଇଥିଲା। ଖାରବେଳ 'କଳିଙ୍ଗ ଜୀନ' ମୂର୍ତ୍ତୀକୁ ମଗଧରୁ ଫେରାଇ ଆଣିଥିଲେ, ପିଥୁଣ୍ଡ ନଗରୀର ପୁନରୁଦ୍ଧାର କରିଥିଲେ, ଖଣ୍ଡଗିରି ଉଦୟଗିରି ଠାରେ ଅନେକ ଗୁମ୍ଫା ଖୋଦନ କରିଥିଲେ, ଗିରିଗୃହଠାରେ ଏକ ବୃହତ୍ତ ବିଶ୍ରାମାଗାର ନିର୍ମାଣ କରିଥିଲେ। ତାଙ୍କ ରାଜତ୍ୱ ଓଡ଼ିଶାରେ ଜୈନଧର୍ମର ସୁବର୍ଣ୍ଣଯୁଗ ଥିଲା।

ଖାରବେଳଙ୍କ ପରେ ଓଡ଼ିଶାରେ ଜୈନଧର୍ମର ଅବନତି ଘଟିଥିଲା। କିନ୍ତୁ ଲୋପ ପାଇ ନଥିଲା। ସପ୍ତମ ଶତାବ୍ଦୀରେ କଙ୍ଗୋଦରେ କେତେକ ଜୈନମନ୍ଦିର ଥିଲା ବୋଲି ହୁଏନସାଂଙ୍କ ବିବରଣୀରେ ଅଛି। କଙ୍ଗୋଦର ଶୈଳୋଦ୍‌ଭବ ରାଣୀ କଲ୍ୟାଣୀ ଦେବୀ ଜୈନଧର୍ମାନୁରାଗୀ ଥିଲେ। ଏହି ସମୟରେ କେନ୍ଦୁଝରର ଆନନ୍ଦପୁର ଅଞ୍ଚଳରେ ଜୈନଧର୍ମର ଲୋକପ୍ରିୟତା ଥିଲା। ପୋଡାସିଙ୍ଗି, ବଇଦାଖିଆ, ସୋସୋ ଅଞ୍ଚଳରେ ଆବିଷ୍କୃତ ହୋଇଥିବା ଅନେକ ଜୈନ ଧ୍ୱଂସାବଶେଷ ଏହାର ପ୍ରମାଣ।

ସୋମବଂଶୀ ରାଜତ୍ୱ (ଦଶମ-ଦ୍ୱାଦଶ ଶତାବ୍ଦୀ) ସମୟରେ ଜୈନଧର୍ମର ଅବସ୍ଥିତି ଥିଲା। ଉଦ୍ୟୋତ କେଶରୀ ଖଣ୍ଡଗିରି - ଉଦୟଗିରିଠାରେ କେତେକ ମନ୍ଦିର ଓ ପୁଷ୍କରିଣୀର ଜୀର୍ଣ୍ଣସଂସ୍କାର କରିଥିଲେ। ୨୪ ତୀର୍ଥଙ୍କର ମୂର୍ତ୍ତୀ ସ୍ଥାପନ କରିଥିଲେ। ତାଙ୍କ ସମୟରେ ବାରମୁନି ଗୁମ୍ଫା ଖୋଦିତ ହୋଇଥିଲା। ଜୈନମୁନି ଶୁଭଚନ୍ଦ୍ର ନବମୁନି ଗୁମ୍ଫା ନିର୍ମାଣ କରିଥିଲେ। ସୋମବଂଶ ପରେ ଏକଦା ରାଜଧର୍ମ ଥିବା ଜୈନଧର୍ମ ଓଡ଼ିଶାରୁ ଅନ୍ତର୍ଦ୍ଧାନ ହୋଇଗଲା।


ଜୈନମନ୍ଦିର, ଖଣ୍ଡଗିରି

## ବୌଦ୍ଧଧର୍ମ

ଗୌତମବୁଦ୍ଧଙ୍କ ସମୟରୁ ବୌଦ୍ଧଧର୍ମ ଓଡ଼ିଶାରେ ପ୍ରବେଶ କରିଥିଲା। ବୁଦ୍ଧତ୍ୱ ପ୍ରାପ୍ତିପରେ ଉରୁବିଲ୍ୱଠାରେ ଗୌତମବୁଦ୍ଧ ଏକ ବୃକ୍ଷ ମୁଳେ (ରାଜୟତନବୃକ୍ଷ) ନୀରବରେ ଅଖିଆ ଅପିଆ ବସିଥିବା ବେଳେ, ମଧ୍ୟଦେଶକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଉଥିବା ଦୁଇଜଣ ଉତ୍କଳୀୟ ବଣିକ ତପସୁ ଓ ଭଲ୍ଲିକ ତାଙ୍କୁ ପିଠା ଓ ମହୁ ଖାଇବାକୁ ଦେଇଥିଲେ। ତାଙ୍କର ଶିଷତ୍ୱ ଗ୍ରହଣ କରିଥିଲେ। ସେମାନଙ୍କ ମାଧ୍ୟମରେ ବୌଦ୍ଧଧର୍ମ ଓଡ଼ିଶାରେ ପ୍ରବେଶ କରିଥିଲା। ବୁଦ୍ଧଙ୍କର ମହାନିର୍ବାଣ ପରେ ବୌଦ୍ଧଭିକ୍ଷୁ କ୍ଷେମ, ବୁଦ୍ଧଙ୍କର ଦନ୍ତଧାତୁ (ଦନ୍ତ) ଆଣି କଳିଙ୍ଗରାଜଙ୍କୁ ପ୍ରଦାନ କରିଥିଲେ। ରାଜା ପବିତ୍ରଦନ୍ତକୁ ରାଜଧାନୀରେ (ଦନ୍ତପୁର) ସ୍ଥାପନ କଲେ। ବହୁ ସଂଖ୍ୟାରେ ବୌଦ୍ଧଭିକ୍ଷୁମାନେ କଳିଙ୍ଗକୁ ଆସିଲେ। ପରେ ସୁରକ୍ଷା ଦୃଷ୍ଟିରୁ ଦନ୍ତଧାତୁକୁ ସିଂହଳ ପଠାଇ ଦିଆଯାଇଥିଲା।

କଳିଙ୍ଗଯୁଦ୍ଧ (ଖ୍ରୀ.ପୂ ୨୬୧)ପରେ ସମ୍ରାଟ ଅଶୋକ ବୌଦ୍ଧଧର୍ମ ଦ୍ୱାରା ଅନୁପ୍ରାଣିତ ହୋଇ ଧର୍ମର ପ୍ରସାର ପାଇଁ ଉଦ୍ୟମକଲେ। ତାଙ୍କ ସମୟରେ ଓଡ଼ିଶା ବୌଦ୍ଧଧର୍ମର ଏକ ପ୍ରଧାନ କେନ୍ଦ୍ରଥିଲା। ଆଚାର୍ଯ୍ୟ ମହାଧର୍ମ ରକ୍ଷକ (ଥେରବାଦୀ), ଆଚାର୍ଯ୍ୟ ମହାଦେବ (ମହାସଙ୍ଘିକ) ଓ ଆଚାର୍ଯ୍ୟ ଧୃତିକ କୁମାର (ସର୍ବାସ୍ତିବାଦୀ) ଓଡ଼ିଶାକୁ ସେମାନଙ୍କର କର୍ମସ୍ଥଳି କରିଥିଲେ। ଅଶୋକଙ୍କ ଭାଇ ବୌଦ୍ଧସନ୍ୟାସୀ ତିଷ୍ୟ (ପ୍ରଥମେ ଥେରବାଦୀ ଓ ପରେ ମହାସଙ୍ଘିକ) ଭୋଜକଗିରି ମହାବିହାରଠାରେ ଅବସ୍ଥାନ କରିଥିଲେ। ଓଡ଼ିଶାରେ ସର୍ବାସ୍ତିବାଦ ଅଧିକ ଲୋକପ୍ରିୟ ଥିଲା।

ଅଶୋକଙ୍କପରେ, ପୃଷ୍ଠପୋଷକତାର ଅଭାବରୁ ବୌଦ୍ଧଧର୍ମର ପ୍ରଭାବ କମି କମି ଗଲା। ଖାରବେଳ (ଖ୍ରୀ.ପୂ.ପ୍ରଥମ ଶତାବ୍ଦୀ) ଜୈନଧର୍ମକୁ ପୃଷ୍ଠପୋଷଣ କଲେ। ଖାରବେଳଙ୍କ ପରେ ବୌଦ୍ଧଧର୍ମର ପୁନରୁତ୍ଥାନ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ଶତାବ୍ଦୀରେ ତୋଷାଳି, ବିରଜା, ଦନ୍ତପୁର, ପୁଷ୍ପଗିରି, ପରିମଳଗିରି ଓ ଅନ୍ୟାନ୍ୟ ବହୁସ୍ଥାନରେ ବୌଦ୍ଧ ବିହାରମାନ ସ୍ଥାପିତ ହୋଇଥିଲା। ବୌଦ୍ଧସନ୍ୟାସୀ ନାଗାର୍ଜୁନ ପରିମଳଗିରିଠାରେ (ଗନ୍ଧମାର୍ଦ୍ଦନ ପର୍ବତ) ଏକ ବିହାର ପ୍ରତିଷ୍ଠା କରିଥିଲେ। ଏହି ସମୟରେ ସୁରଭଗିରି ବୌଦ୍ଧ ବିହାର ଓ ମୁଚଳିନ୍ଦ ବୌଦ୍ଧବିହାର ଅବସ୍ଥିତ ଥିଲା। ସେଠାରେ ନାଗାର୍ଜୁନ, ଆର୍ଯ୍ୟଦେବ, ସର୍ବଗାମୀ ଆଦି ବହୁ ବୌଦ୍ଧ ସନ୍ୟାସୀ ଶିକ୍ଷାଦାନ ଓ ସାଧନା କରୁଥିଲେ।

ଚତୁର୍ଥଶତାବ୍ଦୀରେ ବ୍ରାହ୍ମଣ୍ୟଧର୍ମର ପୁନରୁତ୍ଥାନ ଫଳରେ ବୌଦ୍ଧଧର୍ମ ଓଡ଼ିଶାରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଲା। ତଥାପି ଲୋକପ୍ରିୟ ଥିଲା। ଏହି ସମୟରେ ଆଚାର୍ଯ୍ୟ

ଦିଗ୍‌ନାଗ ଡେଲାଙ୍ଗ ନିକଟ ଭୋରଶୈଳଠାରେ ଅଧ୍ୟାପନା କରୁଥିଲେ। ତାଙ୍କ ନାମରେ ସ୍ଥାନର ନାମ ଡେଲାଙ୍ଗ ହୋଇଛି ବୋଲି କୁହାଯାଏ। ତାଙ୍କର ଶିଷ୍ୟ ଭଦ୍ରପାଳିତ ୧୬ ଗୋଟି ବିହାର ପ୍ରତିଷ୍ଠା କରିଥିଲେ।

ଷଷ୍ଠ ଶତାବ୍ଦୀ ବେଳକୁ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଭାବ ଆସ୍ତେ ଆସ୍ତେ କମିବାକୁ ଲାଗିଲା। ସେତେବେଳକୁ ଓଡ଼ିଶା ହୀନଯାନ ଗୋଷ୍ଠୀର ପ୍ରଧାନକ୍ଷେତ୍ର ଥିଲା। ଏହି ସମୟରେ ପୁଷ୍ପଗିରି ଓ ଚେଳିତାଲୋ ବିହାର ପ୍ରସିଦ୍ଧ ଥିଲା। ହୁଏନସାଂଙ୍କ ବିବରଣୀ ଅନୁସାରେ ସପ୍ତମ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମ କଙ୍ଗୋଦରେ ଦୁର୍ବଳଥିଲା, ଉଡ୍ରଦେଶରେ ଶତାଧିକ ଓ କଳିଙ୍ଗରେ ମାତ୍ର ୧୦ଟି ବୌଦ୍ଧବିହାର ଥିଲା। କୋଶଳରେ ସ୍ଥିତି ଅପେକ୍ଷାକୃତ ଭାବେ ଭଲ ଥିଲା।

ଅଷ୍ଟମ ଶତାବ୍ଦୀ ବେଳକୁ ମହାଯାନ ଗୋଷ୍ଠୀରେ ତନ୍ତ୍ରର ପ୍ରବେଶ ହେଲା। ଭୌମକର ରାଜାମାନଙ୍କର ପୃଷ୍ଠପୋଷକତାରେ ତାନ୍ତ୍ରିକ ବୌଦ୍ଧଯାନ (କାଳଚକ୍ରଯାନ - ବଜ୍ରଯାନ - ସହଜଯାନ) ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଥିଲା। ଓଡ଼ିଶାର ଲଳିତଗିରି, ରତ୍ନଗିରି, ଯାଯପୁର ନିକଟ ସଲନପୁର, ସୋରୋ, କୁପାରୀ ତାନ୍ତ୍ରୀକ ବୌଦ୍ଧଧର୍ମର ସାଧନା ପୀଠ ଥିଲା। ରତ୍ନଗିରି ବିହାରର ଆଚାର୍ଯ୍ୟ ପିତୋ କାଳଚକ୍ରଯାନର, ସମ୍ବଳ ବା ସମ୍ବଲପୁରର ରାଜା ଇନ୍ଦ୍ରଭୁତି ବଜ୍ରଯାନର ଓ ତାଙ୍କର ଭଗ୍ନୀ ଲକ୍ଷ୍ମୀକରା ସହଜଯାନର ପ୍ରବର୍ତ୍ତକ ଥିଲେ। ତନ୍ତ୍ରଯାନର ଅନେକସିଦ୍ଧ (ଶବରୀପା, କାହ୍ନୁପା, ଲୁଇପା, ଇନ୍ଦ୍ରଭୁତି, ଲକ୍ଷ୍ମୀକରା) ଓଡ଼ିଶାର ଥିଲେ। ତନ୍ତ୍ରଶାସ୍ତ୍ରରେ ଓଡ଼ିଶା 'ଉଡ଼ିୟାନ ପୀଠ' ନାମରେ ପରିଚିତ ଥିଲା। ସୋମବଂଶୀ ରାଜତ୍ୱ ସମୟରେ ରାଜାମାନେ ଶୈବଥିଲେ ମଧ୍ୟ ତନ୍ତ୍ରଯାନକୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ତନ୍ତ୍ରଯାନ ଲୋକପ୍ରିୟ ଥିଲା ଓ ଏହାର ବ୍ୟାପକ ପ୍ରସାର ହୋଇଥିଲା। ଭୁବନେଶ୍ୱର (ସିଦ୍ଧକ୍ଷେତ୍ର ଏକାମ୍ର) ଓ ସୋଲନପୁର ତନ୍ତ୍ରସାଧନାର ପ୍ରଧାନ ପୀଠଥିଲା।



ଲଳିତ ଗିରି (ଚୈତ୍ୟ)



ରତ୍ନଗିରି (ଦ୍ୱାରବନ୍ଧ)

ଦ୍ୱାଦଶ ଶତାବ୍ଦୀ ବେଳକୁ ତାନ୍ତ୍ରିକ ବୌଦ୍ଧଧର୍ମ ହିନ୍ଦୁଧର୍ମ ସହିତ ଲୀନ ହୋଇଯାଇଥିଲା । ଏହି ସମୟରେ ପୁରୁଷୋତ୍ତମ ଜଗନ୍ନାଥ ରାଷ୍ଟ୍ରଦେବତା ରୁପେ ପ୍ରତିଷ୍ଠିତ ହେଲେ । ବୁଦ୍ଧ ଓ ଜଗନ୍ନାଥ ଅଭିନ୍ନ ବୋଲି ବର୍ଣ୍ଣିତ ହେଲେ । ମନ୍ଦିରରେ ତିନି ବିଗ୍ରହଙ୍କୁ ବୌଦ୍ଧଧର୍ମର ବୁଦ୍ଧ, ଧର୍ମ ଓ ସଙ୍ଘର ପ୍ରତୀକ ବୋଲି କୁହାଗଲା । କ୍ରମ ହ୍ରାସମାନ ବୌଦ୍ଧଧର୍ମର ପ୍ରଭାବ ଷୋଡଶ-ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ତିଷ୍ଠି ରହିଥିଲା । ଓଡ଼ିଶାର ଜନଜୀବନକୁ ବୌଦ୍ଧଧର୍ମ ବହୁଳଭାବରେ ପ୍ରଭାବିତ କରିଥିଲା ।

## ଶୈବଧର୍ମ

ଆର୍ଯ୍ୟ ସଭ୍ୟତାର ବହୁ ପୂର୍ବରୁ ଶିବ ଉପାସନା (ଲିଙ୍ଗପୁଜା) ପରମ୍ପରା ଥିଲା । ଓଡ଼ିଶାର ଆଦିମ ଅଧିବାସୀମାନଙ୍କ ମଧ୍ୟରେ ଏହି ଧର୍ମବିଶ୍ୱାସ ଥିଲା । ଏକ ସ୍ୱତନ୍ତ୍ର ଧର୍ମଭାବେ ଓଡ଼ିଶାରେ ଶୈବଧର୍ମ କେବେ ଆରମ୍ଭ ହୋଇଥିଲା କହିବା ସମ୍ଭବ ନୁହେଁ । କିନ୍ତୁ ଚତୁର୍ଥ ଶତାବ୍ଦୀ ବେଳକୁ ଏହା ଓଡ଼ିଶାରେ ଏକ ପ୍ରତିଷ୍ଠିତ ଧର୍ମଥିଲା । ଆସନପାଟ (କେନ୍ଦୁଝର) ଶିଳାଲେଖ ଉପରେ ଖୋଦିତ ନଟରାଜ ମୂର୍ତ୍ତୀ ଓ ଏହାର ପ୍ରଣେତା ରାଜା ଶତ୍ରୁଭଞ୍ଜ ନିର୍ମାଣ କରିଥିବା ମନ୍ଦିର (ଚତୁର୍ଥ ଶତାବ୍ଦୀ) ଓଡ଼ିଶାରେ ଶୈବଧର୍ମ ସମ୍ବନ୍ଧୀୟ ସର୍ବପୁରାତନ ସୂଚନା । ଏହା ପରଠାରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଶୈବଧର୍ମର ବିକାଶ ହୋଇଥିଲା । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ କୋଶଳର ନଳ, କଳିଙ୍ଗର ମାଠର, ଉତ୍ତର ତୋଷାଳୀର ମୁଗ୍‌ଗଳ ଓ କଳିଙ୍ଗର ଗଙ୍ଗରାଜାମାନେ ଶିବ ଉପାସକଥିଲେ । ଷଷ୍ଠ ଶତାବ୍ଦୀରେ ମୁଦ୍‌ଗଳରାଜା ଶମ୍ଭୁଯଶ, ଗୌଡର ରାଜା ଶଶାଙ୍କଦେବ (ଭୁବନେଶ୍ୱରର ତ୍ରୀଭୁବନେଶ୍ୱର ମନ୍ଦିର ନିର୍ମାତା - ଯାହାର ଭଗ୍ନାବଶେଷ ଉପରେ ଲିଙ୍ଗରାଜ ମନ୍ଦିର ନିର୍ମିତ) ଶୈବଧର୍ମର ପୃଷ୍ଟପୋଷକତା କରିଥିଲେ ।

ଶୈଳୋଦ୍‌ଭବ ରାଜତ୍ୱ ସମୟରେ ଶୈବଧର୍ମର ବ୍ୟାପକ ପ୍ରସାର ହୋଇଥିଲା । ଏହି ସମୟରେ ପର୍ଶୁରାମେଶ୍ୱର, ଭରତେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର ମନ୍ଦିର ନିର୍ମାଣ ହୋଇଥିଲା । ଭୌମକର ରାଜବଂଶର ପ୍ରଥମ କେତେଜଣ ରାଜା ବୌଦ୍ଧଥିଲେ ଓ ପରବର୍ତ୍ତୀ ଶାସକମାନେ ଶୈବ ଥିଲେ, 'ପରମ ମହେଶ୍ୱର' ଉପାଧି ଧାରଣ କରିଥିଲେ । ଏହି ସମୟରେ ରାଣୀ ମାଧବୀ ଦେବୀ ମାଧବେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଭୌମରାଜାମାନେ ଶିବମନ୍ଦିରମାନଙ୍କୁ ଦାନ ପ୍ରଦାନ କରିଥିଲେ ।

ସୋମବଂଶୀ ରାଜତ୍ୱ କାଳ ଓଡ଼ିଶାରେ ଶୈବଧର୍ମର ସୁବର୍ଣ୍ଣଯୁଗ ଥିଲା । ଶୈବଧର୍ମ ଉନ୍ନତିର ଚରମସୀମାରେ ପହଞ୍ଚିଥିଲା । ଏହି ସମୟରେ ବହୁ କାଳଜୟୀ ଶିବ ମନ୍ଦିରମାନ (ଲିଙ୍ଗରାଜ, ବ୍ରହ୍ମେଶ୍ୱର, ମୁକ୍ତେଶ୍ୱର, ରାଜରାଣୀ) ନିର୍ମାଣ ହୋଇଥିଲା ।

ଉଲ୍ଲେଖନୀୟ ଶୈବଧର୍ମରେ ପାଶୁପତ ଓ ମତ୍ତମୟୁର ନାମକ ଦୁଇଟି ସଂପ୍ରଦାୟ ଥିଲା। ଓଡ଼ିଶାରେ ସପ୍ତମ ଶତାବ୍ଦୀରେ ପାଶୁପତ ଓ ନବମ ଶତାବ୍ଦୀରେ ମତ୍ତମୟୁର ଉପାସନା ଲୋକପ୍ରିୟ ଥିଲା। କିନ୍ତୁ ଓଡ଼ିଶାରେ କୌଣସି ସମ୍ପ୍ରଦାୟ ଭାବ ବା ଚିନ୍ତାଧାରା ନଥିଲା। ସେମାନେ ପରସ୍ପର ସହିତ ମିଶି ଯାଇଥିଲେ। ନବମ ଓ ଦଶମ ଶତାବ୍ଦୀରେ ଅନେକ ମଣ୍ଡଳାଧିପତି ବା ସାମନ୍ତରାଜା ଶୈବଧର୍ମର ପୃଷ୍ଠପୋଷକତା କରିଥିଲେ। ଏହି ସମୟରେ ଶୈବଧର୍ମର ପ୍ରତିଷ୍ଠା ଅନ୍ୟ ସମସ୍ତ ଧର୍ମଠାରୁ ଉଚ୍ଚରେ ଥିଲା।

ଦ୍ୱାଦଶ ଶତାବ୍ଦୀରେ ଶୈବଧର୍ମର ପ୍ରଭାବ ହ୍ରାସ ହେଲା ଓ ଗଙ୍ଗରାଜାମାନଙ୍କର ପୃଷ୍ଠପୋଷକତାରେ ବୈଷ୍ଣବଧର୍ମର ପ୍ରଭାବ ବୃଦ୍ଧି ହେଲା। ଜଗନ୍ନାଥ ଧର୍ମର ଉତ୍ଥାନ ହେଲା। ଓଡ଼ିଶାରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ହୋଇ ଜଗନ୍ନାଥଙ୍କୁ ବିଷ୍ଣୁ, ବଳଭଦ୍ରଙ୍କୁ ଶିବ ଓ ସୁଭଦ୍ରାଙ୍କୁ ଦୁର୍ଗାରୁପରେ ଉପସ୍ଥାପିତ କରାଗଲା। ଶିବ ମନ୍ଦିର ପରିସରରେ ବିଷ୍ଣୁ ଓ ବିଷ୍ଣୁ ମନ୍ଦିର ପରିସରରେ ଶିବଙ୍କୁ ସ୍ଥାପନ କରାଗଲା। ଓଡ଼ିଶାରେ ବୈଷ୍ଣବ ଧର୍ମ ଓ ଶୈବଧର୍ମ ଦୁଇ ପରିପୁରକ ଧର୍ମ ଭାବରେ ତିଷ୍ଠି ରହିଲେ।

## ଶାକ୍ତଧର୍ମ

ଭାରତରେ ମାତୃପୂଜା ବା ଶକ୍ତିପୂଜା ପରମ୍ପରା ବୈଦିକ ଯୁଗର ବହୁ ପୂର୍ବରୁ ସିନ୍ଧୁ ସଭ୍ୟତାରେ ପ୍ରଚଳିତ ଥିଲା। ପ୍ରକୃତି ପୂଜା, ମାତୃପୂଜା ଆଦିବାସୀମାନଙ୍କର ଧର୍ମବିଶ୍ୱାସର ଏକ ପ୍ରମୁଖ ଅଂଶଥିଲା। ଓଡ଼ିଶାରେ ଶକ୍ତିପୂଜା ବହୁ ପୁରାତନ କାଳରୁ ଅନୁସୃତ ହୋଇ ଆସୁଅଛି। ଶୈବଧର୍ମର ବିକାଶ ସହିତ ଶକ୍ତିପୂଜାର ବିକାଶ ହୋଇଥିଲା। ଓଡ଼ିଶାର ଶକ୍ତିପୂଜା ବା ଶାକ୍ତଧର୍ମର ଆଦିପୀଠ ହେଉଛି ଯାଜପୁର। ମହାଭାରତ, ହରିବଂଶ ଓ ବାୟୁ ପୁରାଣରେ ବିରଜାକ୍ଷେତ୍ର ଏକ ତୀର୍ଥକ୍ଷେତ୍ର ରୁପେ ବର୍ଣ୍ଣିତ ହୋଇଅଛି। ବିରଜାଙ୍କ ମୂର୍ତ୍ତୀ ହେଉଛନ୍ତି ଦ୍ୱିଭୁଜା ମହିଷାମର୍ଦ୍ଦିନୀ। ଏହା ପଞ୍ଚମ ଶତାବ୍ଦୀର ମୂର୍ତ୍ତୀ ବୋଲି ଅନୁମାନ କରାଯାଏ।



ବିରଜା ମନ୍ଦିର, ଯାଜପୁର

ଗୁପ୍ତଯୁଗପରେ ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତୀ ଜନପ୍ରିୟ ହୋଇଥିଲେ ଓ କ୍ରମଶଃ ତାଙ୍କର ହସ୍ତର ସଂଖ୍ୟା ବୃଦ୍ଧି ହୋଇଥିଲା। ଦେବୀ ସପ୍ତମ ଶତାବ୍ଦୀରେ ଚତୁର୍ଭୁଜା

(ପ୍ରାଚୀ ଉପତ୍ୟକାର ମୋଟିଆ, ବାଙ୍କିର ଚର୍ଚ୍ଚିକା) ପରେ ଷଡଭୂଜା (ଭୁବନେଶ୍ୱର ଦେବୀଦ୍ୱାର ବାସିନୀ ଦୁର୍ଗା, ଅସ୍ତରଙ୍ଗ ଦୁର୍ଗା) ଅଷ୍ଟମ ଶତାବ୍ଦୀରେ ଅଷ୍ଟଭୁଜା (ଝଙ୍କଡର ଶାରଳା, ତାପଙ୍ଗର ଦୁର୍ଗା) ନବମ, ଦଶମ ଶଦାବ୍ଦୀରେ ଦଶଭୁଜା (କାକଟପୁର, ଯୋଗେଶ୍ୱର, ନିଆଳି, ବଡମ୍ବାର ଭଟ୍ଟାରିକା, ରେମୁଣା ନିକଟ କନକ ଦୁର୍ଗା) ଓ ବାରଭୁଜା (କନକ ଦୁର୍ଗା, କୁଆଲୋ ଓ ଦୁର୍ଗାମୁର୍ତ୍ତୀ, ସଇଁତଳା ବଲାଙ୍ଗିର) ହୋଇଥିଲେ।

ଓଡ଼ିଶାରେ ସପ୍ତମାତୃକା ପୂଜା (ବ୍ରାହ୍ମଣୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବରାହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା), ଚଉଷଠୀ ଯୋଗିନୀ ପୂଜା, ଖମ୍ଭେଶ୍ୱରୀ ପୂଜା ପ୍ରଚଳିତ ଥିଲା। ପର୍ଶୁରାମେଶ୍ୱର ମନ୍ଦିରରେ (ସପ୍ତମ ଶତାବ୍ଦୀ) ସ୍ଥାପିତ ସପ୍ତମାତୃକା ମୂର୍ତ୍ତୀ ଓଡ଼ିଶାରେ ମିଳିଥିବା ସର୍ବ ପୁରାତନ ମୂର୍ତ୍ତୀ। ସୋମବଂଶୀ ରାଜତ୍ୱ କାଳରେ ଦଶମ ଏକାଦଶ ଶତାବ୍ଦୀରେ ବେଲଖଣ୍ଡି (କଳାହାଣ୍ଡି), ମାର୍କଣ୍ଡେଶ୍ୱର ପୁଷ୍କରିଣୀ କୂଳ (ପୁରୀ) ଓ ଯାଜପୁର ବୈତରଣୀ କୂଳରେ ସପ୍ତମାତୃକା ପ୍ରତିଷ୍ଠା ହୋଇଥିଲେ।

ଭୂବନେଶ୍ୱରର ବୈତାଳ ମନ୍ଦିର ଓଡ଼ିଶାର ପ୍ରାଚୀନତମ ଚାମୁଣ୍ଡାମନ୍ଦିର। ଖିଚିଙ୍ଗିର କିଚକେଶ୍ୱରୀ, ଚୌରାଶୀର ଜାଗୁଳାଇ, ବାଙ୍କୀର ଚର୍ଚ୍ଚିକା ହେଉଛନ୍ତି ଚାମୁଣ୍ଡା। ଓଡ଼ିଶାର ରାଣୀପୁର ଝରିଆଳ (ବଲାଙ୍ଗୀର) ଓ ଭୁବନେଶ୍ୱର ନିକଟ ହୀରାପୁର ଠାରେ ଚଉଷଠୀଯୋଗିନୀ ମନ୍ଦିର ଅଛି। ଖମ୍ଭେଶ୍ୱରୀ ବା ସ୍ତମ୍ଭେଶ୍ୱରୀ ପୂଜା ଆଦିବାସୀ ମାନଙ୍କ ମଧ୍ୟରେ


ଚଉଷଠୀ ଯୋଗିନୀ

ବହୁକାଳରୁ ପ୍ରଚଳିତ। ତେରସିଙ୍ଗା ତାମ୍ରଶାସନରେ (ଷଷ୍ଠ ଶତାବ୍ଦୀ) ପ୍ରଥମ କରି ସ୍ତମ୍ଭେଶ୍ୱରୀ ନାମ ଉଲ୍ଲେଖ ଅଛି। କୋଦାଳକ ମଣ୍ଡଳର ଶୁଳ୍କି ରାଜବଂଶର (ନବମ-ଦଶମ ଶତାବ୍ଦୀ) କୁଳଦେବୀ ଥିଲେ ସ୍ତମ୍ଭେଶ୍ୱରୀ। ଖମ୍ଭେଶ୍ୱରୀ ବା ସ୍ତମ୍ଭେଶ୍ୱରୀ ପୂଜା ଏବେ ମଧ୍ୟ ପ୍ରଚଳିତ ଅଛି। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ସୁଭଦ୍ରା ବା ଭଦ୍ରାମ୍ବିକା ଓ ବିମଳା (ଉଡ୍ରେଶ୍ୱରୀ ଶିବା କାତ୍ୟାୟିନୀ) ପୂଜା ପୁରୀକୁ ଏକ ଶକ୍ତିପୀଠ ରୁପେ ବିଖ୍ୟାତ କରିଥିଲା। ଶାରଳା ଦାସଙ୍କ ଚଣ୍ଡିପୁରାଣ ଓ ବିଲଙ୍କା ରାମାୟଣ ଓଡ଼ିଶାରେ ଶାକ୍ତଧର୍ମକୁ ଏକ ଗଣଧର୍ମରେ ପରିଣତ କରିଥିଲା। ପ୍ରତ୍ୟେକ ଗ୍ରାମରେ ରାସ୍ତାକଡରେ, ଗଛ, ପଥର, କାଠରେ ସିନ୍ଦୁର ବୋଳି

ବିଭିନ୍ନ ନାମରେ (ମଙ୍ଗଳା, ଚଣ୍ଡି, ବୁଢ଼ି ଠାକୁରାଣୀ, ଭୁଆଷୁଣୀ, ଜାରିଆ ଶୁଣୀ, ମକେଇ ଇତ୍ୟାଦି) ଠାକୁରାଣୀ ପୂଜା ଆରମ୍ଭ ହେଲା। ଦେବୀମାନଙ୍କ ଉଦ୍ଦେଶ୍ୟରେ ଅନେକ ଓଷା ବ୍ରତ (ଖୁଦୁରୁକୁଣୀ, ଚୈତ୍ର ମଙ୍ଗଳବାର, ମାର୍ଗଶୀର ଗୁରୁବାର, ଜହ୍ନି ଓଷା, ଷଠୀ ଓଷା ଇତ୍ୟାଦି) ପାଳନ ହେଲା। ଓଡ଼ିଶାରେ ଶକ୍ତିପୂଜା ବ୍ୟାପକ ଓ ଜନପ୍ରିୟ ହୋଇଥିଲା।

## ବୈଷ୍ଣବଧର୍ମ

ଓଡ଼ିଶାରେ କେବେଠାରୁ ବୈଷ୍ଣବଧର୍ମ ପ୍ରସାର ଲାଭ କରିଥିଲା, ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରିବ ନାହିଁ। ବିଷ୍ଣୁ ବା ନାରାୟଣଙ୍କ ପୂଜା ଋକ୍‌ବେଦ ଯୁଗରୁ ପ୍ରଚଳିତ ଥିଲା। ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର ଓ ପ୍ରସାର ସହିତ ଚତୁର୍ଥ ଶତାବ୍ଦୀର ଶେଷ ଆଡକୁ ବୈଷ୍ଣବଧର୍ମ ଓଡ଼ିଶାରେ ବିସ୍ତାର ହୋଇ ସାରିଥିଲା। ମାଠର ବଂଶର ରାଜାମାନଙ୍କର 'ପରମ ଦୈବତ', 'ନାରାୟଣ ସ୍ୱାମୀ ପାଦଭକ୍ତ' "ପରମ ଭାଗବତ", "ଭାଗବତ ନାରାୟଣ ସ୍ୱାମୀ ପାଦାନୁଧ୍ୟାତ" ଉପାଧିରୁ ଏହା ପ୍ରତିପାଦିତ ହୁଏ। ସେମାନେ ଭାଗବତଧର୍ମୀ ଥିଲେ। ଉଲ୍ଲେଖନୀୟ, ବିଷ୍ଣୁ ଉପାସକମାନଙ୍କର ଦେବତା ହେଉଛନ୍ତି ବାସୁଦେବ ଶ୍ରୀକୃଷ୍ଣ। ଭାଗବତ ଧର୍ମରେ ସେ ବିଷ୍ଣୁ ସ୍ଥାନରେ ନାରାୟଣ ବା ହରି ନାମରେ ପୂଜିତ। ମାଠରମାନଙ୍କ ପରେ କଳିଙ୍ଗରେ ଗଙ୍ଗରାଜାମାନେ ଶୈବଥିଲେ ମଧ୍ୟ ବିଷ୍ଣୁ ମନ୍ଦିରକୁ ଦାନଦେଉଥିଲେ, ବୈଷ୍ଣବଧର୍ମ ପ୍ରତି ଉଦାର ଥିଲେ। ପଶ୍ଚିମ ଓଡ଼ିଶାରେ ଶରଭପୁରୀୟ ରାଜାମାନେ ପରମ ଭାଗବତ ଥିଲେ। ପଣ୍ଡୁବଂଶର କେତେଜଣ ଶାସକ (ନନ୍ନରାଜ, ବାସଟା) ବୈଷ୍ଣବଧର୍ମୀ ଥିଲେ। ତାପରେ ସେମାନେ ଶୈବଧର୍ମର ପୃଷ୍ଠପୋଷକତା କରିଥିଲେ। ଫଳରେ ସେଠାରେ ବୈଷ୍ଣବଧର୍ମର ପ୍ରଭାବ ହ୍ରାସ ହୋଇଥିଲା।

ଭୌମକରମାନଙ୍କ ସମୟରେ ଅନ୍ୟଧର୍ମ ପରି ବୈଷ୍ଣବଧର୍ମ ପ୍ରଚଳିତ ଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତ୍ରୀଭୁବନ ମହାଦେବୀ ପରମବୈଷ୍ଣବୀ ଥିଲେ। ଦ୍ୱିତୀୟ ତ୍ରିଭୁବନ ମହାଦେବୀଙ୍କ ସମୟରେ ଯଯାତି ପୁରୀଠାରେ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରିଥିଲେ। ଭୌମକରମାନଙ୍କର ସାମନ୍ତରାଜା ବଉଦର ରଣ ଭଞ୍ଜ ଗନ୍ଧରାଡିଠାରେ ନୀଳମାଧବ ବିଷ୍ଣୁ ମନ୍ଦିର ଓ ସିଦ୍ଧେଶ୍ୱର ଶିବମନ୍ଦିର ନିର୍ମାଣ କରିଥିଲେ। କ୍ରମଶଃ ବିକଶିତ ହେଉଥିବା ବୈଷ୍ଣବଧର୍ମ ସୋମବଂଶୀ ରାଜତ୍ୱ ସମୟରେ ପ୍ରଭାବହୀନ ହୋଇ ପଡିଥିଲା।

ଉତ୍କଳରେ ଗଙ୍ଗରାଜତ୍ୱ ସମୟରେ ବୈଷ୍ଣବଧର୍ମର ପ୍ରଭାବ ବୃଦ୍ଧି ହେଲା । ଏହା ରାଜଧର୍ମ ଓ ସର୍ବଶ୍ରେଷ୍ଠ ଲୋକଧର୍ମରେ ପରିଣତ ହୋଇଥିଲା । ଚୋଡଗଙ୍ଗଦେବ ଶୈବ ଥିଲେ । କିନ୍ତୁ ରାମାନୁଜଙ୍କ ଦ୍ୱାରା ପ୍ରଭାବିତ ହୋଇ ବୈଷ୍ଣବଧର୍ମର ପୃଷ୍ଠପୋଷକତା କରିଥିଲେ । ପୁରୀରେ ଜଗନ୍ନାଥ ମନ୍ଦିର ଓ ଅନ୍ୟସ୍ଥାନରେ ଅନେକ ବିଷ୍ଣୁମନ୍ଦିର ନିର୍ମାଣ କରି ପୁରୀକୁ ବୈଷ୍ଣବଧର୍ମର ମୁଖ୍ୟ କେନ୍ଦ୍ରର ପରିଣତ କରିଥିଲେ । ଭୌମକର ସମୟର 'ଶ୍ରୀ ପୁରୁଷୋତ୍ତମ' ଗଙ୍ଗ ସମୟରେ 'ଶ୍ରୀ ଜଗନ୍ନାଥ' ନାମରେ ବିଖ୍ୟାତ ହେଲେ ।

ପ୍ରଥମ ଭାନୁଦେବଙ୍କ ସମୟରେ ଓଡ଼ିଶା ଆସିଥିବା ନରହରି ତୀର୍ଥଙ୍କର ଧର୍ମ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିଲା । ଏହି ଯୁଗରେ ଜୟଦେବଙ୍କର ସହଜିଆ ବୈଷ୍ଣବ ଧର୍ମ ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ଚନ୍ଦ୍ରିକାଦେବୀ ଭୁବନେଶ୍ୱରରେ ଅନନ୍ତବାସୁଦେବ ମନ୍ଦିର ନିର୍ମାଣ କରିଥିଲେ । ଜଗନ୍ନାଥ ରାଷ୍ଟ୍ର ଦେବତାରୁପେ ପରିଗଣିତ ହେଲେ । ଏହିଯୁଗ (ଗଙ୍ଗ ରାଜତ୍ୱ) ବୈଷ୍ଣବଧର୍ମର ସୁବର୍ଣ୍ଣଯୁଗ ଥିଲା । ସୂର୍ଯ୍ୟବଂଶୀ ଶାସନ ସମୟରେ ରାୟ ରାମାନନ୍ଦ, ପଞ୍ଚସଖା ଓ ଶ୍ରୀଚୈତନ୍ୟଙ୍କ ଅବଦାନ, ବୈଷ୍ଣବଧର୍ମକୁ ଏକ ଲୋକଧର୍ମରେ ପରିଣତ କରିଥିଲା ।


ଅନନ୍ତବାସୁଦେବ

ଏହି ସମୟରେ ଶୈବଧର୍ମ ଓ ବୈଷ୍ଣବ ଧର୍ମ ମଧ୍ୟରେ ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠା ହୋଇଥିଲା । ଶିବମନ୍ଦିର ପରିସରରେ ବିଷ୍ଣୁ ଓ ବିଷ୍ଣୁ ମନ୍ଦିର ପରିସରରେ ଶିବ ଅବସ୍ଥାପିତ ହେଲେ । ସବୁଧର୍ମର ସମନ୍ୱୟରେ ଓଡ଼ିଶାରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଅଭ୍ୟୁଦୟ ହେଲା ।

## ଜଗନ୍ନାଥଧର୍ମ / ସଂସ୍କୃତି

ଜଗନ୍ନାଥ ଧର୍ମ ଓ ସଂସ୍କୃତି ହେଉଛି ଓଡ଼ିଶାର ଜାତୀୟ ଧର୍ମ ଓ ଜାତୀୟ ସଂସ୍କୃତି। ଏହି ସଂସ୍କୃତିରେ ସବୁଧର୍ମର ଅପୂର୍ବ ସମନ୍ୱୟ ଘଟିଛି, ଏହା ଏକ ବିଶ୍ୱଧର୍ମରେ ପରିଣତ ହୋଇଛି।

ଭାରତର ସର୍ବପୁରାତନ ଆଦିମ ଅଧିବାସୀ ଶବରମାନଙ୍କର ବୃକ୍ଷ ପୂଜା ଓ ଦାରୁ ପୂଜା ପରମ୍ପରା ହେଉଛି ଜଗନ୍ନାଥ ଧର୍ମର ମୂଳ ଉତ୍ପତ୍ତିସ୍ଥଳ। ସେ ହେଉଛନ୍ତି ଦାରୁଦେବତା। ବୈଦିକଯୁଗରେ ଭାରତ ୩ ଗୋଟି ଅଞ୍ଚଳରେ (ଆର୍ଯ୍ୟାବର୍ତ୍ତ, ଦକ୍ଷିଣପଥ ଓ ଶବରଭୂମୀ) ବିଭକ୍ତ ହୋଇଥିଲା। ବିନ୍ଧ୍ୟାଞ୍ଚଳଠାରୁ ମହାନଦୀ ଓ ଝାଡ଼ଖଣ୍ଡଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ଅଞ୍ଚଳ ଶବର ଭୂମୀ ନାମରେ ପରିଚିତ ଥିଲା। ଏହାହିଁ ଓଡ଼ିଶା ଥିଲା। ଏଠାରେ ଦାରୁ ପୂଜା ପ୍ରାକ୍ ବୈଦିକ ଯୁଗରୁ ପ୍ରଚଳିତ ଥିଲା। ବୈଦିକ ଆର୍ଯ୍ୟମାନେ ପ୍ରଥମେ ଦାରୁପୂଜାକୁ ଅଲକ୍ଷ୍ମୀ ସୂଚକ ବୋଲି ବିବେଚନା କରିଥିଲେ। କିନ୍ତୁ ପରେ ଏହାର ପ୍ରଭାବକୁ ଉପଲବ୍ଧି କରି ଏହାକୁ ନିଜର କରିବାକୁ ଚେଷ୍ଟା କରିଥିଲେ। ଫଳସ୍ୱରୂପ ଶବର ପୂଜିତ ନୀଳମାଧବ ଅଦୃଶ୍ୟ ହୋଇଗଲେ, ସମୁଦ୍ରରେ ଭାସମାନ ଦାରୁ ରୂପରେ ପରଂବ୍ରହ୍ମଙ୍କର ଆବିର୍ଭାବ ହେଲା, ବିଶ୍ୱକର୍ମାଙ୍କ ଦ୍ୱାରା ରୁଦ୍ଧ ଗୃହ ମଧ୍ୟରେ ବିଗ୍ରହ ନିର୍ମାଣ ଓ ବୈଦିକ ସଂସ୍କାର ବିଧିରେ ମନ୍ଦିର ମଧ୍ୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବିଗ୍ରହ ପ୍ରତିଷ୍ଠା ହେଲା। ଶବର ପୂଜିତ ଦେବତା ବୈଦିକ ଦେବତାରେ ପରିଣତ ହେଲେ।

ନୀଳମାଧବ ପୁରୁଷୋତ୍ତମ କେବେ ଜଗନ୍ନାଥରେ ପରିଣତ ହେଲେ କହିବା ସହଜ ନୁହେଁ। ବେଦ ଉପନିଷେଦରେ ଜଗନ୍ନାଥ ଶବ୍ଦ ଦେଖିବାକୁ ମିଳେ ନାହିଁ। ରାମାୟଣରେ ଜଗନ୍ନାଥଙ୍କର ଉଲ୍ଲେଖ ଅଛି। ଶ୍ରୀରାମ ବିଭିଷେଣଙ୍କୁ ଇକ୍ଷାକୁ କୂଳର ଆରାଧ୍ୟ ଜଗନ୍ନାଥଙ୍କୁ ପୂଜା କରିବାକୁ କହିଛନ୍ତି

"କି ଚାନ୍ୟତ ବକ୍ତୁ ମିଚ୍ଛାମି ରାକ୍ଷସେନ୍ଦ୍ର ମହାବଳଃ

ଆରାଧାୟ ଜଗନ୍ନାଥ ମିକ୍ଷାକୁକୂଳ ଦୈବତମ୍"। (ଉତ୍ତରାକାଣ୍ଡ)

ଉଲ୍ଲେଖନୀୟ ଇନ୍ଦ୍ରଦ୍ୟୁମ୍ନ ଇକ୍ଷାକୁ କୂଳରେ ଜନ୍ମ ହୋଇଥିଲେ। ଶ୍ରୀମନ୍ଦିରରେ ବିଭିଷେଣଙ୍କ ଦ୍ୱାରା ଜଗନ୍ନାଥ ବନ୍ଦାପନା ପରମ୍ପରା ପ୍ରଚଳିତ ଅଛି।

ମହାଭାରତ ଯୁଗବେଳକୁ ପୁରୁଷୋତ୍ତମ ଜଗନ୍ନାଥ ନାରାୟଣ ଓ ଜଗନ୍ନାଥଧର୍ମ ମହାଧର୍ମ ଭାବରେ ଅଭ୍ୟୁଦୟ ହୋଇସାରିଥିଲେ।

"ଏଷୋଧର୍ମ ଜଗନ୍ନାଥାତ୍ ସାକ୍ଷାତ ନାରାୟଣାତ୍ ନୃପଃ
ଏବମେଷ ମହାଧର୍ମଃ ସତେ ପୂର୍ବେ ନୃପୋତ୍ତମଃ।"

ମହାଭାରତଯୁଗରେ ବିରଜାକ୍ଷେତ୍ର ଓ ମହେନ୍ଦ୍ରଗିରି ମଧ୍ୟରେ ଅବସ୍ଥିତ ପୁରୁଷମଣ୍ଡପ ବା ମହାବେଦୀ ଭାରତର ଏକ ପ୍ରସିଦ୍ଧ ଧର୍ମପୀଠ ଥିଲା। ଏହା ପୁରୀଠାରେ ଅବସ୍ଥିତ ଥିଲା, ସେଠାରେ ଯାଗଯଜ୍ଞ ହେଉଥିଲା ଓ ପୁରୁଷସୁକ୍ତ ପାଠ ହେଉଥିଲା।

ଅଷ୍ଟମ ଶତାବ୍ଦୀର ପ୍ରଥମ ଭାଗରେ ବଜ୍ରଯାନୀ ବୌଦ୍ଧ ଇନ୍ଦ୍ରଭୂତି ତାଙ୍କର "ଜ୍ଞାନସିଦ୍ଧି" ଗ୍ରନ୍ଥରେ ପ୍ରଥମେ ଜଗନ୍ନାଥଙ୍କୁ ପ୍ରଣାମ କରିଲେଖିଛନ୍ତି "ପ୍ରଣପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଚ୍ଚିତଂ"।

ତାପରଠାରୁ ଜୈନ, ବୌଦ୍ଧ, ଶୈବ, ଶାକ୍ତ ସମସ୍ତେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ରୁପେ ଗ୍ରହଣ କଲେ। ଅଷ୍ଟମ ଶତାବ୍ଦୀରୁ ଜଗନ୍ନାଥ ନାମ ପ୍ରସିଦ୍ଧି ଲାଭ କରିଥିଲା। କିନ୍ତୁ ପୁରୁଷୋତ୍ତମ ନାମ ସହିତ ବ୍ୟବହୃତ ହେଉଥିଲା।

ଅଷ୍ଟମ ଶତାବ୍ଦୀ ପୂର୍ବରୁ ପୁରୀରେ ପୁରୁଷୋତ୍ତମ ମନ୍ଦିର ଥିଲା। ଅଷ୍ଟମ ଶତାବ୍ଦୀର ଶେଷ ସମୟ ଆଡକୁ ରାଷ୍ଟ୍ରକୂଟ ରାଜା ତୃତୀୟ ଗୋବିନ୍ଦ (ରକ୍ତବାହୁ) ଓଡ଼ିଶା ଆକ୍ରମଣ କଲେ। ତାଙ୍କ ଭୟରେ ଭୌମକର ରାଜା ପ୍ରଥମ ଶୁଭକରଦେବ (୭୯୦-୮୦୦) ବିଗ୍ରହମାନଙ୍କୁ ନେଇ ସୋନପୁର ନିକଟରେ ପାତାଳି କରି ରଖିଲେ। ୧୪୬ ବର୍ଷ ପରେ ସୋମବଂଶୀରାଜା ପ୍ରଥମ ଯଯାତି (୯୨୨-୯୫୫) ଏକ ନୂତନ ପୁରୁଷୋତ୍ତମ ମନ୍ଦିର ନିର୍ମାଣ କରି ବିଗ୍ରହମାନଙ୍କୁ ଉଦ୍ଧାର କରି ଆଣି ପୁନଃ ପ୍ରତିଷ୍ଠା କଲେ। ଯତ୍ନ ଅଭାବରୁ ଯଯାତିଙ୍କ ଦ୍ୱାରା ନିର୍ମିତ ମନ୍ଦିର ଜରାଜୀର୍ଣ୍ଣ ହୋଇପଡିଲା। ଦ୍ୱାଦଶ ଶତାବ୍ଦୀରେ ଗଙ୍ଗରାଜା ଅନନ୍ତ ବର୍ମନ ଚୋଡଗଙ୍ଗ ଦେବ ବର୍ତ୍ତମାନର ନଭଶ୍ଚୁମ୍ବୀ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ଦ୍ୱାଦଶ ଶତାବ୍ଦୀରେ ଗଙ୍ଗରାଜତ୍ୱ ସମୟରେ ଜଗନ୍ନାଥ ସମସ୍ତଙ୍କ ଦ୍ୱାରା ଗୃହୀତ ହେଲେ। ପୁରୁଷୋତ୍ତମ ଜଗନ୍ନାଥ 'ଜଗନ୍ନାଥ'ରେ ପରିଣତ ହେଲେ।

ଜଗନ୍ନାଥ ଧର୍ମ, ସଂସ୍କୃତିରେ ସବୁଧର୍ମର ସମନ୍ୱୟ ଓ ମିଳନ ଘଟିଥିଲା। ଜୈନଧର୍ମର ସପକ୍ଷବାଦୀମାନଙ୍କ ମତରେ ଜଗନ୍ନାଥ ହେଉଛନ୍ତି ମୁଳତଃ ଏକ ଜୈନ ଅନୁଷ୍ଠାନ (ପଣ୍ଡିତ ନୀଳକଣ୍ଠ ଦାସ)। ସେ ହେଉଛନ୍ତି ଜୈନଧର୍ମର ପ୍ରତୀକ। ଜୈନମାନଙ୍କର ଜୀନନାଥ ହେଉଛନ୍ତି ଜଗନ୍ନାଥ। ଜୈନମାନଙ୍କର କେବଳି ଭାବରୁ ଜଗନ୍ନାଥଙ୍କର କୈବଲ୍ୟ ଚେତନା ଓ ଜୈନ କଳ୍ପବୃକ୍ଷ ପରମ୍ପରାରୁ ଜଗନ୍ନାଥଙ୍କର କଳ୍ପବଟ ଧାରଣାର ସୃଷ୍ଟି। ରତ୍ନସିଂହାସନରେ ଉପବିଷ୍ଟ ତିନି ବିଗ୍ରହ ହେଉଛନ୍ତି ଜୈନ ତ୍ରୀରତ୍ନର (ସମ୍ୟକ ଜ୍ଞାନ, ସମ୍ୟକ ଦର୍ଶନ, ସମ୍ୟକ କର୍ମ) ପ୍ରତୀକ।

ବୌଦ୍ଧଧର୍ମର ସମର୍ଥକମାନଙ୍କ ମତରେ ଜଗନ୍ନାଥ ହେଉଛନ୍ତି ବୁଦ୍ଧ। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ହେଉଛନ୍ତି ବୌଦ୍ଧ ତ୍ରୀରତ୍ନର (ବୁଦ୍ଧ-ପୁରୁଷ, ଧର୍ମ-ପ୍ରକୃତି/ନାରୀ ଓ ସଂଘ-ପୁରୁଷ ଓ ପ୍ରକୃତି/ଭାଇଭଉଣୀର ଅବସ୍ଥାନ) ପ୍ରତୀକ। ଜଗନ୍ନାଥ ବିଗ୍ରହରେ ସ୍ଥାପିତବ୍ରହ୍ମ, ବୁଦ୍ଧଙ୍କର ଦନ୍ତଧାତୁ ବୋଲି ମଧ୍ୟ କୁହାଯାଏ। 'ଜଗନ୍ନାଥ' ଶବ୍ଦ ପ୍ରଥମ ଥର ପାଇଁ ବଜ୍ରଯାନୀ ବୌଦ୍ଧ ସାଧକ ଇନ୍ଦ୍ରଭୂତିଙ୍କ ରଚିତ ଜ୍ଞାନସିଦ୍ଧି ଗ୍ରନ୍ଥରେ ଉଲ୍ଲେଖ ହୋଇଛି "ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନ ବରାର୍ଚିତିଂ"। ଏଣୁ ଜଗନ୍ନାଥ ଶବ୍ଦର ଉତ୍ପତ୍ତି ବୌଦ୍ଧ ଧର୍ମରୁ ହୋଇଛି ବୋଲି କୁହାଯାଏ। କିନ୍ତୁ ଜଗନ୍ନାଥ ହେଉଛନ୍ତି ପ୍ରାକ୍ ବୈଦିକ ଓ ପ୍ରାକ୍ ବୌଦ୍ଧ ଦେବତା।

ଶାକ୍ତମାନଙ୍କ ଦୃଷ୍ଟିରେ ଜଗନ୍ନାଥ ହେଉଛନ୍ତି ଶକ୍ତିତନ୍ତ୍ରର ଦେବତା। ତନ୍ତ୍ର ସାଧକମାନେ ଜଗନ୍ନାଥଙ୍କୁ ମହାକାଳୀ ଓ ମହାଭୈରବ ଭାବରେ ଉପାସନା କରୁଥିଲେ। "ଶ୍ରୀକ୍ଷେତ୍ରେ ତୁ ଜଗନ୍ନାଥଃ ସ୍ୱୟଂ ଦକ୍ଷିଣ କାଳିକାଃ" ବୋଲି ବର୍ଣ୍ଣନା କରିଥିଲେ। ତାନ୍ତ୍ରିକମାନେ ବଳଭଦ୍ରଙ୍କୁ ତାରା, ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ଓ ଜଗନ୍ନାଥଙ୍କୁ ଦକ୍ଷିଣ କାଳିକା ରୁପେ ଗ୍ରହଣ କରିଥିଲେ। ପୁରୀ ଏକ ଶକ୍ତିପୀଠ/ତନ୍ତ୍ରପୀଠ ଥିଲା। ରତ୍ନ ସିଂହାସନରେ ମାତୃବ୍ରହ୍ମ ସୁଭଦ୍ରା (ବିଷ୍ଣୁମାୟା), ଶ୍ରୀଦେବୀ (ଯୋଗମାୟା) ଓ ଭୁଦେବୀ (ମହାମାୟା) ବିରାଜମାନ କରିଛନ୍ତି। ଏଠାରେ ତାନ୍ତ୍ରିକ ପଦ୍ଧତିରେ ମହାପ୍ରସାଦ ସମର୍ପିତ ହୁଏ। ଜଗନ୍ନାଥ ଧର୍ମରେ ଶାକ୍ତ ପୂଜାପଦ୍ଧତିର ଯଥେଷ୍ଟ ପ୍ରଭାବ ଅଛି।

ଜଗନ୍ନାଥ ବୈଦିକ ବ୍ରାହ୍ମଣ ଧର୍ମର ଦେବତା ବୋଲି ବହୁ ମନିଷୀ ମତ ପ୍ରଦାନ କରନ୍ତି। ସେମାନଙ୍କ ମତରେ ଉପନିଷେଦ ବର୍ଣ୍ଣିତ ତ୍ରୀବର୍ଣ୍ଣ ଚିହ୍ନ "ଓଁ"ରୁ (ଅ+ଉ+ମ) ବୌଦ୍ଧଧର୍ମର ତ୍ରୀରତ୍ନ ଚିହ୍ନର ଉଦ୍‌ଭବ ହୋଇଛି। 'ଓଁ'କାର ହେଉଛି ତ୍ରୀରତ୍ନର ମୂଳ। ଜଗନ୍ନାଥ ଧର୍ମ ଓ ବିଗ୍ରହମାନେ ହେଉଛନ୍ତି ବ୍ରାହ୍ମଣ୍ୟ ଧର୍ମର। ଜଗନ୍ନାଥ ବୁଦ୍ଧ ନୁହଁନ୍ତି, ସେ କେବଳ ବ୍ରାହ୍ମଣ ଦେବତା।

କୃଷ୍ଣ-ବାସୁଦେବ ଉପାସନା ହେଉଛି ଜଗନ୍ନାଥ ଉପାସନାର ମୂଳ। ଶଙ୍କରାଚାର୍ଯ୍ୟ ଜଗନ୍ନାଥଙ୍କୁ ପରମବିଷ୍ଣୁ ଓ ଓଁକାର ରୁପୀ ପରମପୁରୁଷ ଯମୁନା କୂଳରେ ବଂଶୀଧାରୀ ଗୋପୀଙ୍କ ସହିତ ଲୀଳା ରଚିଥିବା କୃଷ୍ଣ, ନିରାକାର ପରଂବ୍ରହ୍ମ, ରମା, ଶମ୍ଭୁ, ବ୍ରହ୍ମା, ଦେବଗଣ ଓ ଗଣେଷଙ୍କ ଦ୍ୱାରା ପୂଜିତ, ଦୟା ଓ କୃପାର ସାଗର ବୋଲି ବର୍ଣ୍ଣନା କରିଛନ୍ତି।

ବୈଷ୍ଣବ ସାଧୁ ରାମାନୁଜଙ୍କ ମତରେ ଜଗନ୍ନାଥ ହେଉଛନ୍ତି ଭକ୍ତିବାଦର ମୂଳ ଉତ୍ସ। ତାଙ୍କ ପରେ ଆସିଥିବା ମାଧ୍ୱାଚାର୍ଯ୍ୟ ଜଗନ୍ନାଥଙ୍କୁ ସାକ୍ଷାତ ବିଷ୍ଣୁ, ନିମ୍ବାର୍କାଚାର୍ଯ୍ୟ ଜଗନ୍ନାଥଙ୍କୁ ସାକ୍ଷାତ କୃଷ୍ଣ ଓ ବଲ୍ଲଭାଚାର୍ଯ୍ୟ ଜଗନ୍ନାଥ ହିଁ କୃଷ୍ଣ ବୋଲି କହିଲେ। ପରେ ପରେ ସମସ୍ତେ

ଜଗନ୍ନାଥଙ୍କୁ ବିଷ୍ଣୁ, କୃଷ୍ଣ, ବାସୁଦେବ ଭାବରେ ଗ୍ରହଣ କଲେ। ସହଜିଆ ବୈଷ୍ଣବ ଧର୍ମର (ରାଧାକୃଷ୍ଣ ଉପାସନା) ପୁରୋଧା ଜୟଦେବ ଗୀତ ଗୋବିନ୍ଦ ରଚନା କଲେ। ପଞ୍ଚସଖାଙ୍କ ସହିତ ଅନ୍ୟ ବହୁ ଓଡ଼ିଆ ଭକ୍ତ ଓ କବି ଜଗନ୍ନାଥ ଓ କୃଷ୍ଣଙ୍କୁ ଏକ ଓ ଅଭିନ୍ନ ବୋଲି ପ୍ରଚାର କଲେ। ଜଗନ୍ନାଥଙ୍କୁ କେନ୍ଦ୍ରକରି ଭକ୍ତିବାଦର ଏକ ଅଭୂତପୂର୍ବ ବାତାବରଣ ସୃଷ୍ଟି ହେଲା। ନବ ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ଶ୍ରୀ ଚୈତନ୍ୟଙ୍କ ଆଗମନ ଓ ପ୍ରଚାର ଓଡ଼ିଶାରେ ଭକ୍ତିବାଦର ଓ ଜଗନ୍ନାଥ ତତ୍ତ୍ୱର ସ୍ରୋତ ପ୍ରବାହିତ କରିଦେଲା। ବୈଷ୍ଣବ ଲୀଳା, କୃଷ୍ଣଲୀଳା, ଇତ୍ୟାଦି ଜଗନ୍ନାଥଙ୍କ ପୂଜା, ପର୍ବପର୍ବାଣୀ ଓ ପରମ୍ପରାରେ ସଂଯୋଜିତ ହେଲା। ଜଗନ୍ନାଥ ଓଡ଼ିଶାର ରାଷ୍ଟ୍ର ଦେବତା ଭାବେ ଆବିର୍ଭାବ ହେଲେ। ଓଡ଼ିଶାର ରାଜା ତାଙ୍କର ପ୍ରଥମ ସେବକ ହେଲେ।

ଜଗନ୍ନାଥ ଧର୍ମ ସହିତ ଶୈବ ପରମ୍ପରାର ସମନ୍ୱୟ ଓ ସହାବସ୍ଥାନ ଜଗନ୍ନାଥ ପରମ୍ପରାର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ। ବହୁ ପୂର୍ବରୁ ପୁରୀ ଏକ ପ୍ରସିଦ୍ଧ ଶୈବପୀଠ ଥିଲା। ଏହା ଲୋକେଶ୍ୱର ବା ଲୋକନାଥ କ୍ଷେତ୍ର ନାମରେ ପ୍ରସିଦ୍ଧ ଥିଲା। ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଅନେକ ଶିବ ମନ୍ଦିର ଅବସ୍ଥିତ। ଜଗନ୍ନାଥ ବିରାଜିତ କ୍ଷେତ୍ର ଓ ଜଗନ୍ନାଥ ଧର୍ମ ପରମ୍ପରାରେ ବୈଷ୍ଣବ ଧର୍ମ ଓ ଶୈବ ଧର୍ମ ମଧ୍ୟରେ ନିବିଡ଼ ସମ୍ପର୍କ ଓ ସମନ୍ୱୟ ପ୍ରତିଷ୍ଠିତ।

ଜଗନ୍ନାଥ ଧର୍ମ ପରମ୍ପରାର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ ହେଲା, ଭାରତର ବିଭିନ୍ନ ଧର୍ମ ସମ୍ପ୍ରଦାୟ ଜଗନ୍ନାଥଙ୍କ ଭିତରେ ନିଜ ନିଜର ଉପାସିତ ଦେବତାଙ୍କର ଉପସ୍ଥିତି ଅନୁଭବ କରି ଜଗନ୍ନାଥଙ୍କୁ ନିଜର ବୋଲି ଗ୍ରହଣ ନେଇଛନ୍ତି। ରାମାନନ୍ଦୀ ସମ୍ପ୍ରଦାୟର ମତରେ ଜଗନ୍ନାଥ ହେଉଛନ୍ତି ଶ୍ରୀରାମ, ବଳଭଦ୍ର ହେଉଛନ୍ତି ଲକ୍ଷ୍ମଣ, ସୁଭଦ୍ରା ହେଉଛନ୍ତି ସୀତା ଓ ହନୁମାନ ହେଉଛନ୍ତି କ୍ଷେତ୍ରର ରକ୍ଷକ। ତୁଳସୀ ଦାସ ଜଗନ୍ନାଥଙ୍କୁ 'ଯୋଇରାମ ସୋଇ ଜଗଦୀଶା' ଓ କବୀର 'ଜ୍ୟୋତିର୍ମୟ ଆଦିପୁରୁଷ' ବୋଲି ବର୍ଣ୍ଣନା କରିଥିଲା ବେଳେ ନାନକପନ୍ଥୀମାନେ ତାଙ୍କୁ ଅଲଖ, ଅଗମ, ଜଗଦୀଶ ଭାବେ ଗ୍ରହଣ କରିଛନ୍ତି।

ଜଗନ୍ନାଥ ଧର୍ମ ଭାରତର ସର୍ବପୁରାତନ ଧର୍ମ ବିଶ୍ୱାସ ଓ ଧର୍ମଧାରଣାରୁ ସୃଷ୍ଟି ହୋଇ କାଳର ପ୍ରବାହରେ ବିଭିନ୍ନ ଯୁଗରେ ଦ୍ରାବିଡ, ବୈଦିକ ଆର୍ଯ୍ୟ, ବୈଦିକ ବ୍ରାହ୍ମଣ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଧର୍ମମତ ସଂସ୍ପର୍ଶରେ ଆସି ସେମାନଙ୍କୁ କିଛି ପ୍ରଦାନ କରି ଓ ସେମାନଙ୍କଠାରୁ କିଛି ଗ୍ରହଣ କରି ସବୁଧର୍ମର ସମନ୍ୱୟରେ ଏକ ମହାନ ଧର୍ମ ଓ ସଂସ୍କୃତିରେ ପରିଣତ ହୋଇଅଛି।

●●●